ନଭେମ୍ବର ୨୦୨୪



Photo by Dr. Ranjit K. Sahu, USA

ISSN NO – 2582-208X

VOLUME-11 : ISSUE NO-11/2025

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଭାଷା ମାନବର ଅମୂଲ୍ୟ ନିଧି ଅଟେ । ଭାଷା ଏକ ସାମାଜିକ ବସ୍ତୁ ଏବଂ ସାମାଜିକ ସଂପ୍ରେଷଣର ମାଧ୍ୟମ ଅଟେ । ଆଧୁନିକ ଯୁଗରେ ଭାଷା-ଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ ବିଷୟ ରୂପେ ପରିଚିତ ହୋଇସାରିଛି । କାରଣ ଆମେ ବହୁଭାଷୀ ସମାଜରେ ରହୁଛେ । ଏହି କାରଣ ଯୋଗୁ ମାତୃଭାଷା ଛାଡି ସଂପ୍ରେଷଣ ସୁବିଧା ପାଇଁ ଆମେ ଅଧିକରୁ ଅଧିକ ଭାଷା ଶିଖିବାକୁ ଆଗଭର ହୋଇ ମାଡି ଯାଉଛେ । ମାତୃଭାଷା ଏକ ବ୍ୟକ୍ତିର ବିକାଶର ପ୍ରଥମ ଚରଣ ଅଟେ । ଏହି ମାତୃଭାଷା ଦ୍ୱାରାହିଁ ବ୍ୟକ୍ତି ଜ୍ଞାନର ସଂସାରରେ ପ୍ରବେଶ କରି ଅଭିବ୍ୟକ୍ତି ସ୍ତରରେ ଅଧିକରୁ ଅଧିକ କୁଶଳତା ହାସିଲ କରିବାକୁ ସମ୍ଭବ ହୋଇ ପାରିଥାଏ ।

ଗାନ୍ଧିଜୀ ସ୍ପଷ୍ଟ ଶବ୍ଦରେ କହିଥିଲେ - ଦେଶର ପ୍ରଗତି ତାର ନିଜ ମାତୃଭାଷାରେ ଲୁଚି ରହିଛି । ମାତୃଭାଷା ପିଲାମାନଙ୍କ ଉର୍ବର ମାନସିକ ଶକ୍ତିକୁ ଗ୍ରହଣ କରିବାରେ ଏବଂ ବିକଶିତ କରିବାରେ ସହଜରୂପେ ସମର୍ଥ କରିଥାଏ । ଯେଉଁମାନେ ଅଂଗ୍ରେଜୀ ଭାଷାର ମହିମା ଗାନ କରି କରି ଥକୁ ନାହାନ୍ତି ମୁଁ ସେମାନଙ୍କୁ କହି ଦେବାକୁ ଚାହେଁ ଯେ ଏକଦା ଅଂଗ୍ରେଜୀ ଭାଷା ମଧ୍ୟ ଛୋଟ ପ୍ରଦେଶର ଭାଷା ଥିଲା । ଅନ୍ତରାଷ୍ଟ୍ରୀୟ ସ୍ଥିତି ଓ ଜ୍ଞାନ-ବିଜ୍ଞାନ ଏବଂ ନିୟମ-

ISSN NO.
2582-208X

କାନୁନ ଭାଷା କ୍ଷେତ୍ରରେ ସ୍ଥାନ ପାଇବା ପାଇଁ ଅଂଗ୍ରେଜୀ ଭାଷାକୁ ଯୁଗଯୁଗ ସଂଘର୍ଷ କରିବାକୁ ପଡିଛି । ଆମ ଆଗରେ ଜାପାନ, ଜର୍ମାନୀ, ଚୀନ ଦେଶର ଉଦାହରଣ ଦେଖନ୍ତୁ । ଏହି ରାଷ୍ଟ୍ରସବୁ ବିନା ବିଦେଶୀ ଭାଷା ସହାୟତାରେ ଅଣୁଯୁଗକୁ ନେତୃତ୍ୱ କରିବାର କ୍ଷମତା ଅର୍ଜନ କରିଛନ୍ତି ।

ଏବେ ଆମେ ଆମ ମାତୃଭାଷା ଛାଡି ଆମ ଉପନିଷଦକୁ ଇଂରେଜୀରେ ଏବଂ ଗୀତାକୁ ଅନେକ ବିଦେଶୀ ଭାଷାରେ ପଢୁଛେ । ଅର୍ଜୁନକୁ "ଆର୍ଜୁନା", କୃଷ୍ଣକୁ "କ୍ରୀଷ୍ଣା" ଏବଂ ଭଗବାନ ଶ୍ରୀ ରାମଚନ୍ଦ୍ରଙ୍କୁ "ରାମା" କହି ଆମ ସ୍ୱ-ଭାଷା ଜ୍ଞାନର ପରିଚୟ ଦେଉଛେ । ଆମ ମାନସିକ ଦାସତ୍ୱ କାରଣରୁ ଆମେ ପରାଜୟ ସ୍ୱୀକାର ସହଜରେ କରିନେଉଛେ, ଯେଉଁଠାରୁ ଆମ ପୂର୍ବଜ ମାନଙ୍କ ପ୍ରତିଭା ଏବଂ ନିପୁଣତାର ବିଜୟ ପତାକାକୁ ସହଜରେ ଉଡେଇ ପାରିଥାନ୍ତେ । ଆମେ ନା ମାତୃଭାଷାକୁ ଗ୍ରହଣ କରି ପାରୁଛେ ନା ପାଶ୍ଚାତ୍ୟ ଶିକ୍ଷାକୁ ତ୍ୟାଗ କରି ପାରୁଛେ ।

ଯଦି କୌଣସି ରାଷ୍ଟ୍ର ଏବଂ ଜାତିର ଉନ୍ନତି କରିବା ପାଇଁ ଆଗଭର, ତେବେ ଆମକୁ ସର୍ବ ପ୍ରଥମେ ନିଜ ମାତୃଭାଷାକୁ ଆଦରର ସହିତ ସ୍ୱୀକାର କରିବାକୁ ପଡିବ । ତାକୁ ରାଷ୍ଟ୍ରୀୟସ୍ତରରେ ସ୍ଥାନ ଦେବାପାଇଁ ସଂଘର୍ଷ କରିବାକୁ ପଡିବ । ସାଂସ୍କୃତିକ ଭାବନାତ୍ମକ ଏକତା ପାଇଁ ଘଟସୂତ୍ର ଯୋଡିବାକୁ ପଡିବ । ନିଜ ମାତୃଭାଷାର ଉନ୍ନତି ବିନା ରାଷ୍ଟ୍ର ଏବଂ ରାଷ୍ଟ୍ରୀୟ ଜୀବନର ଉନ୍ନତି ସମ୍ଭବ ନୁହେଁ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ଦାରୁବ୍ରହ୍ମଙ୍କର ଦେବସ୍ନାନ ପୂର୍ଣ୍ଣିମା | ଡ. ଶଶଧର ମହାପାତ୍ର | ୧୯ |
| ତୁମେ ଶୋଇ ଗଲା ପରେ | ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ | ୨୨ |
| ଦୁନିଆଁ | ଡ. ପ୍ରସନ୍ନ କୁମାର ବଳ | ୨୪ |
| ସପ୍ତପଦୀ | ଡ଼କ୍ଟର ବିଜ୍ଞାନୀ ଦାସ | ୨୭ |
| ଭିନ୍ନ ଏକ ଶରତ | ଡ. ଆଲୋକ କୁମାର ରାୟ | ୩୫ |
| ସ୍ୱୟଂସମ୍ପୂର୍ଣ୍ଣା | ସୁଲକ୍ଷଣୀ ସାହୁ | ୩୬ |
| ବାହୁଡ଼ା ଓ ଶ୍ରୀ ଜଗନ୍ନାଥ | ସୂର୍ଯ୍ୟକାନ୍ତି ବେହେରା | ୪୦ |
| ମଣିଷ ପରାଏ ବଞ୍ଚିବି | ପୁଷ୍ପାଞ୍ଜଳି ପଣ୍ଡା | ୪୨ |
| ଗୋପବନ୍ଧୁଙ୍କ କାବ୍ୟ କବିତାରେ 'ମାନବବାଦ'ର ସ୍ୱର | ଡ଼କ୍ଟର ସଂଯୁକ୍ତା ଦାସ | ୪୪ |
| ଦଶ ଦିକପାଳ, ଅଷ୍ଟ ଦିକପତି | ଇଂ. ସୁଶାନ୍ତ କିଶୋର ବଳ | ୫୬ |
| ସିଂହଭୂମି ! | ଅଜିତ କୁମାର ରାଉତ | ୫୯ |
| ବୋଇତ ବନ୍ଦାଣ ଦିଏ ବାରତା | ଡ଼ଃ ଅନୁପମା ବିଶ୍ୱାଳ | ୬୧ |
| ଲଳିତ ନିବନ୍ଧ-ମନ ପକ୍ଷୀ | ବଦ୍ରୀ ମହାନ୍ତି | ୬୩ |
| ଜାତୀୟ ପିତା ମହାତ୍ମା ଗାନ୍ଧୀ | ଜୟନ୍ତୀ ବେହେରା | ୬୬ |
| ପୂର୍ଣ୍ଣମୀ ରାତିରେ ରୂପେଲି ଜହ୍ନ | ପ୍ରଣତି ସେଠୀ | ୬୯ |
| ଭକ୍ତି ଅର୍ପଣ | ରଞ୍ଜିତ କୁମାର ସାହୁ | ୭୧ |
| ରାମାୟଣ ପରା ସଂସ୍କାର ଖଣି | ମନ୍ଦାକିନୀ ପାଢ଼ୀ | ୭୨ |
| ନା ହଉନି | ମଧୁମିତା ମିଶ୍ର | ୭୫ |
| କୁମାର ପୂର୍ଣ୍ଣିମା | ବାସନ୍ତୀ ଲତା ଜେନା | ୭୭ |
| ଚିତ୍ରଗୁପ୍ତ ଚାଟିଙ୍ଗ ଚର୍ଚ୍ଚା | ସୁଧାଂଶୁ ଶେଖର ଦ୍ୱିବେଦୀ | ୮୦ |

ISSN NO.
2582-208X


| | | |
|---|---|---|
| ମାଆ ଘଣ୍ଟେଶ୍ୱରୀ | ଡ଼. ପ୍ରିୟମ୍ବଦା ସାମଲ | ୮୩ |
| ତୁମେ.....!!!!! | ଝିଲିମିଲି ସାହୁ | ୮୫ |
| ବିଜ ନୀଳାଦ୍ରି ବିଜେ | ତ୍ରିପତି ପ୍ରଧାନ | ୮୬ |
| ପ୍ରତିବିମ୍ବ ଜଳ ସ୍ଥଳ ଆକାଶେ | ଦେବଦତ୍ତା ଦେବୀ | ୮୭ |
| ହୃଦୟର ରୁଦ୍ଧଦ୍ୱାର | ଛବି ରାଣୀ ପତି | ୯୦ |
| ପ୍ରତିଶ୍ରୁତି | ଅଧ୍ୟାପିକା ଦେବିରାଣୀ ଯେନା | ୯୨ |
| ଦୁଇ ପଟ ବାସି ରୁଟିର ଅନ୍ୱେଷଣରେ | ଭାସ୍କର ଚନ୍ଦ୍ର ଖଣ୍ଡା | ୯୪ |
| ଆମ ଗାଁ ଦୁର୍ଗାପୂଜା | ବିଜୟକେତନ ମହାନ୍ତି | ୯୬ |
| ତୋ ପାଇଁ ପଦେ | ଦୀପାଳି ଦାସ | ୧୦୧ |
| କାଶତଣ୍ଡି ଓ ଗଙ୍ଗଶିଉଳି | ଲୀଳାବତୀ ପରିଡ଼ା | ୧୦୩ |
| ସାମାଜିକ ସମସ୍ୟାରେ ମାନବୀୟ ଅନ୍ୱେଷଣା ହିଁ ମାନବର ଅନ୍ତର୍ନିର୍ଯ୍ୟାସ : ଗାଲ୍ପିକଙ୍କ ସଫଳ ଆଲୋଚନା | ସୁଷମା ପାଢୀ | ୧୦୮ |
| ସୂର୍ଯ୍ୟ ସକଳ ଶକ୍ତିର ଆଧାର | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୧୭ |
| କାଶତଣ୍ଡୀ ରେ ହସେ ମାଆ | ଜୟଶ୍ରୀ ପଟ୍ଟନାୟକ | ୧୧୯ |
| ଶେଷ ଡବା | ବିନୟ ମହାପାତ୍ର | ୧୨୧ |
| କାଠ କଣ୍ଢେଇର ସ୍ୱପ୍ନ | ଆଶୁତୋଷ ମେହେର | ୧୨୬ |
| ବାପା ମୋ ଆଦର୍ଶ | ଗୋଲୋକବିହାରୀ ବେହେରା | ୧୨୯ |
| ଘରେ କେହି ନାହାନ୍ତି.... | ଦିଲ୍ଲୀପ ଶତପଥୀ | ୧୩୦ |
| ମରିନି ମହିଷାସୁର | ବିନୋଦିନୀ ଦାଶ | ୧୩୨ |
| ମଣୀନ୍ଦ୍ର – ସତ୍ୟବ୍ରତ ଜୀବନ ପଥର ଦୁଇ ଅପରାଜିତ ପଥିକ | ହିତେଶ ବେହେରା | ୧୩୪ |
| ଆକାଶ ଦୀପ | ନଳିନୀ ଦାଶ | ୧୪୦ |
| କୁହୁକ ଜାଲ | ଅଲେଖ ମେହେର (ଯାଯାବର) | ୧୪୨ |

ISSN NO.
2582-208X


| | | |
|---|---|---|
| ଏକ ପ୍ରଶ୍ନ | ଡ. ଜ୍ଞାନେଶ୍ୱର ମିଶ୍ର | ୧୪୫ |
| ନୀଳ ଆମନ୍ତ୍ରଣ | ଡ. ଶୁଭେନ୍ଦୁ ମେହେର | ୧୪୬ |
| ଦେଶ ବିଦେଶରେ ଦୀପାବଳି | ପ୍ରତିମା ପାତ୍ର | ୧୪୭ |
| ମୃଦୁ୍ୟହତ୍ୟା | ସ୍ୱାଗତିକା ନାଏକ | ୧୫୧ |
| କାଗଜ ଡଙ୍ଗା | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୫୨ |
| ଲାଜ | ସିନ୍ଧୁ ନନ୍ଦିନୀ | ୧୫୩ |
| ବାମଣ୍ଡାର ମହାନ୍ ସାହିତ୍ୟସ୍ରଷ୍ଟା- ଜଳନ୍ଧର ଦେବ | ମନୀଷା ରାୟ | ୧୫୫ |
| ଦେବୀ ଆଗମନେ | ଅଳକା ମହାନ୍ତି | ୧୬୬ |
| କାହାକୁ କହିବା | ଯଜ୍ଞଦତ୍ତ ସାମନ୍ତରାୟ | ୧୬୭ |
| ସ୍ୱାର୍ଥ ଗଲେ ସରି, ଖେଳେ ନିନ୍ଦାର ଲହରି | ଜୟ କୁମାର ମିଶ୍ର | ୧୬୯ |
| ସ୍ନେହର ଡୋରି | ପ୍ରତିଭା ଦାଶ | ୧୭୨ |
| ମାଣ୍ଡବୀ | ଆରତୀ ସାହୁ (ଆଶା) | ୧୭୪ |
| ଅନ୍ତର୍ଦାହ | ସୁଜାତା ପାହାନ | ୧୮୧ |
| ଆଖି ଖୋଲ | ହରେରାମ ପଣ୍ଡା | ୧୮୪ |
| ଭାଗ୍ୟଦୋଷ | ବିନୟ କୁମାର ମିଶ୍ର | ୧୮୬ |
| ପ୍ରେମର ଶାଶ୍ୱତ ଉଚ୍ଚାରଣ ଓ ଭୀମ ପୃଷ୍ଟିଙ୍କ 'ଟୁରିଷ୍ଟ' | ସଞ୍ଜୟ କୁମାର ମୁଖୀ | ୧୮୮ |
| ବୋଉ | ଆକୁଳାନନ୍ଦ ପୃଷ୍ଟି | ୧୯୨ |
| ଦୂର ପର୍ବତ | ସ୍ୱର୍ଣ୍ଣ ରଥ ମହାପାତ୍ର | ୧୯୪ |
| ଝରକା ବାହାରେ ନୀଳ ଆକାଶ | ସୁନନ୍ଦା ମିଶ୍ର | ୧୯୭ |
| ବିଶ୍ୱରୂପ ଦର୍ଶନ | ସତ୍ୟବାନ ମେହେର | ୨୧୧ |
| ଅନାଇ ରହିଛି କାଶତଣ୍ଡୀ | ଦୀନବନ୍ଧୁ ପୋଇ | ୨୧୪ |

ISSN NO.
2582-208X


| | | |
|---|---|---|
| ପଲ୍ଲୀକବି ନନ୍ଦକିଶୋର | ବେଣୁଧର ସୂତାର | ୨୧୬ |
| ମେଘର ଦୁଷ୍ଟାମି | କୁଞ୍ଜବିହାରୀ ସାହୁ | ୨୧୮ |
| କାହାକୁ କହିବି ମୁହିଁ | ରଂଜିତ ନାଏକ | ୨୨୪ |
| ତୁମେ ନୁହେଁ ମୁଁ | ପୂଜାରାଣୀ ସେଠୀ | ୨୨୬ |
| ମିତ୍ରଦ୍ରୋହର ପରିଣାମ | କାଳି ପ୍ରସାଦ ମହାପାତ୍ର | ୨୨୮ |
| କାର୍ତ୍ତିକ ମାସ | ବିଭୂ ପ୍ରସାଦ ପଣ୍ଡା | ୨୩୪ |
| ଗୌରୀ ମାତା...ଏକ ଭାବ ପ୍ରଣତି | ଡ.(ଇଂ) ସଞ୍ଜୟ କୁମାର ପଣ୍ଡା | ୨୩୬ |
| ବିପର୍ଯ୍ୟସ୍ତ ମାନବବାଦ | କାର୍ତ୍ତିକେଶ୍ୱର ନାୟକ | ୨୩୮ |
| କହିଥିଲ ଆସିବାକୁ | ଅରୁଣ କୁମାର ମହାପାତ୍ର | ୨୪୧ |
| ଶୁଭ ମନାସୁଛି | କୁଞ୍ଜବିହାରୀ ରାଉତ | ୨୪୪ |
| ବଳୟ ଗ୍ରହ ଶନି | ଡକ୍ଟର କମଳାକାନ୍ତ ଜେନା | ୨୪୬ |
| ଅବଶୋଷ | ବଂଶୀଧର ସା | ୨୪୯ |
| ମାଁ ଦୂର୍ଗା | ଭଗତରାମ ଶବର | ୨୫୧ |
| ଆହୁତି | ଡାଃ. ଅନିତା ପଣ୍ଡା | ୨୫୪ |
| ପରିବର୍ତ୍ତନ | ଶିବରାମ ସାହୁ | ୨୫୮ |
| ରଜନୀଗନ୍ଧାର ମହକ | ଡଃ ବିଜ୍ଞାନ ମହାନ୍ତି | ୨୬୦ |
| ଜାଣିଛ କି ତାର ନାଁ | ଡକ୍ଟର ପ୍ରତାପ କୁମାର ପରିଡ଼ା | ୨୬୧ |
| ଗଣିତର ମଜା | ତୁଷ୍ଟିତା ଜେନା | ୨୬୩ |
| ନୀରବ ନାୟିକା | ଦିବାକର ନାୟକ | ୨୬୬ |
| ଶିଶୁ | ସୁଜିତ କୁମାର ମିଶ୍ର | ୨୬୯ |
| ନୀଳଆକାଶ କାଶତଣ୍ଡୀ ଓ ମୁଁ | ଚକ୍ରଧର ମିଶ୍ର | ୨୭୦ |
| ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ | ଲିକୁ ବେହେରା | ୨୭୩ |
| ବାତ୍ୟା ପର ଜୀବନ | ନିରୁପମା ମିଶ୍ର | ୨୮୫ |
| ଆଉ ଥରେ ନିଅ ଜନମ...... | ରାମଚନ୍ଦ୍ର ବେହେରା | ୨୮୬ |

ISSN NO.
2582-208X


| | | |
|---|---|---|
| କୋଟିବସ୍ତ୍ର | ବିରଞ୍ଚି ନାରାୟଣ ମିଶ୍ର | ୨୮୮ |
| ଇନ୍ଦ୍ର ଙ୍କର ପାପ | ସୁନିତା ଦାଶ | ୨୯୦ |
| ନମାମି ଗୋବିନ୍ଦ କମଳା ବର | ଡ. ଅର୍ଜୁନ ଚରଣ ବାରିକ୍ | ୨୯୨ |
| ବିକଳ୍ପ ବିମର୍ଶ ବନାମ ତସଲିମାଙ୍କ ନିର୍ବାଚିତ କଲାମ : ଏକ ଅସାମାନ୍ୟ ଦୃଷ୍ଟିପାତ | ମାନସ କୁମାର ସେନାପତି | ୨୯୩ |
| ମା ଆସୁଛନ୍ତି | ଅରୁଣ କୁମାର ଦାସ | ୩୦୧ |
| ବାଲିଯାତରା | ରଘୁନାଥ ତ୍ରିପାଠୀ | ୩୦୨ |
| ଇସ୍ରୋ ବୟ: ଭକ୍ତପ୍ରସାଦ | ରାମ ଚନ୍ଦ୍ର ପ୍ରଧାନ | ୩୦୪ |
| ପଞ୍ଚୁକ ବ୍ରତ | ଦୀପାଲି ବେହେରା | ୩୦୮ |
| ଜନ ଜୀବନକୁ କରେ ପୁଲକିତ | ରାଜକିଶୋର ସ୍ୱାଇଁ | ୩୧୧ |
| ବ୍ରାହ୍ମଣ ଝିଅ | ଅରୁଣ କୁମାର ତ୍ରିପାଠୀ | ୩୧୩ |
| ଟାହିଆ | ସୁନନ୍ଦା ମହାନ୍ତି | ୩୧୭ |
| କୋଳକୁ ମୋର ଦେ ସନ୍ତାନ | ବର୍ଷାରାଣୀ ପ୍ରଧାନ | ୩୨୦ |
| କୃପାମୟୀ ମାଆ | ଅର୍ପିତା ମହାପାତ୍ର | ୩୨୨ |
| "ଅନାଗତ" କନ୍ୟାଭ୍ରୁଣ ପରିଚୟ ସନ୍ଧାନ ଏକ ବିଡ଼ମ୍ବିତ ଅଧ୍ୟାୟ | ସିଦ୍ଧାର୍ଥ ସେଠୀ | ୩୨୪ |
| ସ୍ନେହ ବନାମ ମମତା | ପ୍ରସନ୍ନ କୁମାର ମେହେର | ୩୨୮ |
| ଚିର ଦୀପାବଳୀ | ସରସ୍ୱତୀ ରଥ | ୩୩୦ |
| ଚିହ୍ନା ମୁହଁର ଅଚିହ୍ନା ରୂପ | ଚିତ୍ତରଞ୍ଜନ ବେହେରା | ୩୩୨ |
| ସ୍ମୃତି | କିଶୋର କୁମାର ସାହୁ | ୩୩୪ |
| ରାବଣ ପୋଡ଼ି; ଅନୁଧ୍ୟାନର ପ୍ରଚ୍ଛଦପଟ | ସଂଘମିତ୍ରା ବେହେରା | ୩୩୫ |
| ତୁମେ ସେହି ନା | ଖଗେଶ୍ୱର ବାଗ | ୩୩୭ |

ISSN NO.
2582-208X


| | | |
|---|---|---|
| ବଇଁଶୀ ବାଜୁଛି ଡାକି | ତାରାପ୍ରସାଦ ଜେନା | ୩୩୯ |
| ନୀଳ ନାୟିକା | ଅମୃତନାରାୟଣ ଶତପଥୀ | ୩୪୧ |
| ଅନ୍ତର୍ଜାତୀୟ ବିଧବା ଦିବସ | ଶମ୍ଭୁନାଥ ଦାସ | ୩୪୫ |
| ଜୀବନର ବାଜି | ଲିପିନା ସାହୁ | ୩୪୮ |
| ଦୁର୍ଗା-ଲକ୍ଷ୍ମୀ-କାଳୀ | ଡକ୍ଟର ସତ୍ୟବ୍ରତ ଦାସ | ୩୫୦ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୩୫୨ |
| ମୁଁ କାଗେଜି ଫୁଲ | ପ୍ରଶାନ୍ତ ବ୍ରହ୍ମା | ୩୫୬ |
| ବାଜିର ବାଜି | ଅନିତା ପ୍ରଧାନ | ୩୫୭ |
| ସନ୍ଥ ତୁଳସୀ ଦାସ | ଅକ୍ଷୟ ମହାନ୍ତି (ନିର୍ମାଲ୍ୟ) | ୩୫୯ |
| ଆସ ଥରେ ବୁଲିଯିବା: ଏକ ସଂକ୍ଷିପ୍ତ ଆଲୋଚନା | ବରୁଣ କୁମାର ଦାସ | ୩୬୨ |
| ସମୟର ସାମିଆନା | ପ୍ରଫୁଲ୍ଲ ଚନ୍ଦ୍ର ବାରିକ | ୩୬୯ |
| ମୁଁ ଝିଅଟେ | ମଧୁସ୍ମିତା ପ୍ରିୟଦର୍ଶିନୀ | ୩୭୦ |
| ଆମ ସଂପର୍କ | ପଞ୍ଚାନନ ମେହେର | ୩୭୨ |
| କଥା ଥିଲା | ଧ୍ରୁବ ଚରଣ ଘିବେଲା | ୩୭୩ |
| ସହୀଦ ବାଜି ରାଉତଙ୍କ ଚରିତ୍ର ର କେତେଗୁଡିଏ ଦିଗ | ଅସିତ ମହାନ୍ତି | ୩୭୪ |
| ସମୟ | ମମତା ବଗର୍ତ୍ତୀ | ୩୮୦ |
| ମୁଁ କେବେ ବଦଳି ନାହିଁ | ଚିତରଞ୍ଜନ ବେହେରା | ୩୮୨ |
| ଶରତର ଆଗମନ | ସ୍ମିତିପ୍ରଜ୍ଞା ଷଡଙ୍ଗୀ | ୩୮୪ |
| ଉତ୍ତରାଧିକାରୀ | ଅବିନାଶ ସାହୁ | ୩୮୬ |
| ନିଃଶ୍ୱାସର ବାସ୍ନା | ଅଶ୍ୱିନୀ ସୂତାର | ୩୯୧ |
| ନିଆଁଗୁଳା ଗୁଞ୍ଜି ରଖୁଛନ୍ତି | ମୋହନ କୁମାର ସ୍ୱାଇଁ | ୩୯୩ |

ISSN NO.
2582-208X


| | | |
|---|---|---|
| ଚିତ୍ର-ଚରିତ୍ର | ମନୋରଞ୍ଜନ ସୁରୁଜାଲ | ୩୯୫ |
| ଗୁରୁତର ଗୁରୁଶଙ୍କା | ଲକ୍ଷ୍ମଣ ମହାନ୍ତି | ୩୯୭ |
| ମହାତ୍ମା ଗାନ୍ଧିଙ୍କ ତିରୋଧାନରେ | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୪୦୧ |
| ମୁକ୍ତିର ମାସ କାର୍ତ୍ତିକ | ପ୍ରତିମା ପାତ୍ର | ୪୦୩ |
| ସେଥିପାଇଁତ ଏ କବିତା | ଦୀନବନ୍ଧୁ ବେଜ | ୪୦୪ |
| ଓଡ଼ିଆ ଉପନ୍ୟାସର ପ୍ରସ୍ତୁତି ପର୍ବ | ଝୁମୁରି ବିଶ୍ୱାଳ | ୪୦୬ |
| କଏଦୀର ଚିତ୍କାର | ଆର୍ଯ୍ୟ ଦାସ | ୪୧୫ |
| ହେବାନାହିଁ ବେଇମାନ | ନରେନ୍ଦ୍ର ପ୍ରସାଦ ବେହେରା | ୪୧୬ |
| ମଶାଣି ମାଟି | ଆଶିଷ କୁମାର ସାହୁ | ୪୧୯ |
| ତୁମେ ଗଲାଦିନୁ | ସିଦ୍ଧେଶ୍ୱର ତ୍ରିପାଠୀ | ୪୨୧ |
| ରହସ୍ୟମୟ ବନ: ମାରାଙ୍ଗଗୁରୁ | ଡକ୍ଟର ପ୍ରଦୀପ କୁମାର ପଣ୍ଡା | ୪୨୨ |
| ଜୀବନକୁ ବାଜି ଲଗେଇ ଦେଇଛି | ପ୍ରଶାନ୍ତ କୁମାର ନାଥ | ୪୨୭ |
| ଲ୍ୟାଣ୍ଡ ମୋବାଇଲ୍ | ଶିଳ୍ପୀ ପରେଶ ପଟ୍ଟନାୟକ | ୪୨୯ |
| ଅମର କଥା | ସୀତାକାନ୍ତ ପ୍ରସାଦ ହୋତା | ୪୩୨ |
| ବନ୍ଦୀ ମୁଁ ତା ପ୍ରୀତି ଫାଶେ | ଜୟନ୍ତ କୁମାର ମଲ୍ଲିକ୍ | ୪୩୪ |
| ଲୋଡ଼ା ଏକ ସ୍ୱଚ୍ଛ ମନ | ବସନ୍ତ କୁମାର ପ୍ରଧାନ | ୪୩୫ |
| ଟିକିଏ ପଚାରି ଦେବ | ନିରଞ୍ଜନ ସାହୁ | ୪୩୬ |
| କର୍ମଫଳ | ବାଙ୍କା ବିହାରୀ ମହାକୁର | ୪୩୭ |
| ଲୁହରେ ଲେଖା ମୋ କପାଳରେଖା | ଜନ୍ମଜୟ ନାୟକ | ୪୩୯ |
| ଯେଉଁ ଜାଗାରେ | ଦଶରଥ ମାଝୀ | ୪୪୧ |
| ହେ ମାଆ ଲକ୍ଷ୍ମୀ | ସରସ୍ୱତୀ ମେହେର | ୪୪୨ |
| ଶୂନ୍ୟତାରେ ଶୋଷ | ବିଜୟ କୁମାର ରାଉତ | ୪୪୩ |
| ଶରତ ଆଗମନ | ଆଶିଷ କୁମାର ସାହୁ | ୪୪୫ |
| ଜୀବନରେଖା | ଶ୍ରୀକ୍ଷେତ୍ର ସୁନ୍ଦର | ୪୪୬ |

ISSN NO.
2582-208X


| | | |
|---|---|---|
| ଓଡ଼ିଆ ପତ୍ରପତ୍ରିକା: ଏକବିଂଶ ଶତାବ୍ଦୀ | ଗାୟତ୍ରୀ ମଲ୍ଲିକ | ୪୪୮ |
| ମାନବ ଓ ମାନବିକତା | ବିପଦ ଭଞ୍ଜନ ବାରିକ | ୪୫୫ |
| କନଫ୍ରେନ୍ସ ହଲ୍ | ନିତ୍ୟାନନ୍ଦ ସ୍ୱାଇଁ | ୪୫୮ |
| ସ୍ମୃତିର ଚିହ୍ନ | ଦୁଷ୍ମନ୍ତ ବେହେରା | ୪୬୨ |
| ପ୍ରେମିକାର ପ୍ରଥମ ଚିଠି | ଚିତ୍ତରଞ୍ଜନ ମେହେର | ୪୬୪ |
| ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ କିଛି ସୂଚନା | ଅଜୟ କୁମାର ରାଉତ | ୪୬୬ |
| ଅନାମିକା | ଦିନେଶ ମେହେର | ୪୬୯ |
| ଶେଷ ପୃଷ୍ଠା | ଧନିରାଜ୍ ନାଗ | ୪୭୨ |
| ସୂର୍ଯ୍ୟ | ହେମନ୍ତ କୁମାର ବରାଇ | ୪୭୪ |
| ଜେଜେ ଙ୍କ ପାଖକୁ ଚିଠି | ପ୍ରଦୀପ କୁମାର ମହାନ୍ତ | ୪୭୫ |
| ଆମ ଗଣତନ୍ତ୍ର | ପ୍ରହ୍ଲାଦ ସାହୁ | ୪୭୮ |
| ଆଜିର ଶିକ୍ଷା | ପ୍ରକାଶ ଚନ୍ଦ୍ର ପଣ୍ଡା | ୪୮୦ |
| ଶଙ୍ଖା ସିନ୍ଦୁର ହେଲା ଅଦେଇଦିନିଆ | ପ୍ରଜ୍ଞା ପରିମିତା ସାମଲ | ୪୮୨ |
| ଜଗତ ଜନନୀ ମା ଲକ୍ଷ୍ମୀ | ସୁଶାନ୍ତ କୁମାର ବେହେରା | ୪୮୪ |
| ଭଗବାନ ବିଶ୍ୱରେ କ'ଣସବୁ କରୁଛନ୍ତି ? | ମମତା ନାୟକ | ୪୮୬ |
| ମାଁ | ପ୍ରବିଣ ମାଝୀ | ୪୯୦ |
| ପ୍ରଥମ ପ୍ରେମ | ପଦ୍ମନାଭ ରଥ | ୪୯୨ |
| ତୁମେ ଆସିବ ଶେଷଲଗ୍ନରେ... | ନାରାୟଣ ରାଉତ | ୪୯୪ |
| ଭାଗବତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୪୯୬ |


## ଆଞ୍ଚଳିକ


| | | |
|---|---|---|
| ନୂଆଁଖାଇ | ସାଇପ୍ରସାଦ ସାହୁ | ୪୯୯ |

ISSN NO.
2582-208X


| | | |
|---|---|---|
| ପଶ୍ଚିମ୍ ଓଡିଶାର୍ ମଦର୍ ଟେରେସା ପାର୍ବତୀ ଗିରି | ରାକେଶ ବାଘ | ୫୦୧ |
| ସ୍ୱାଧୀନ୍ ଡର୍ | ସୁନୀଲ କୁମାର ଅଗସ୍ତି | ୫୦୩ |
| ନିଲ ରଣା ମୁଇଁ | ଗଜାନନ ମିଶ୍ର | ୫୦୪ |
| କୁକୁର ପରତି ସାବଧାନ | ଏମ୍.ବିଜୟ କୁମାର | ୫୦୫ |
| ମୋର୍ ଆଘୋର୍ ଗାଁ | ପୁରନ୍ଦର ଭୋସାଗର | ୫୦୮ |
| ତୁମେ ଯେ ମୋର | ମମିତା ମେହେର | ୫୧୨ |
| **ଶିଶୁ ବିଭାଗ** | | |
| ପାଳିବା ଆସ ଶିଶୁ ଦିବସ | ପ୍ରଦୀପ୍ତ କୁମାର ଦାସ | ୫୧୪ |
| ଆଉ ଗୋପ ଫେରିବ କି ? | କୁମୁଦିନୀ ଘି | ୫୧୬ |
| ଏକଥା ଭୁଲିବା ନାଇଁ | ନୀଳମଣି ଚାନ୍ଦ | ୫୧୯ |
| ବେଦାନ୍ତୀ – "ଅକ୍ଟୋବର" ସମୀକ୍ଷା | ଦେବଯାନୀ ସ୍ୱାଇଁ | ୫୨୧ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୨୫ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୨୬ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୪୨– ଭାସିଯାଆନ୍ତୁ ସୁମାତ୍ରାକୁ

"ଆମେ ଆବେଗରେ ଡେଇଁପଡୁଥିବା ଆକାଶକୁ । ଲାଗୁଥିବା ଯେମିତି ଆମେ ମହାକାଶକୁ ଯାତ୍ରା କରୁଛେ । ସବୁ ସମୟ ସହ ସ୍ଥିର ହୋଇଯାଇଥିବ । ସବୁ ସୁନ୍ଦର ଆଉ ଭଲ ଦିଶୁଥିବ । ଆମ ବୋଟ ଆମକୁ ଆଲୋକରେ ଗତିରେ ନେଇ ଯାଉଥିବ । ଚାରିପାଖେ ତାରାମାନ ଥିବେ । ସବୁ ଫୁଲ ଭଳି ଫୁଟିଥିବେ । କିଛି ଚିନ୍ତା ନଥିବ, କିଛି ଡର ବି ନଥିବା, କିଛି ଆଶଙ୍କା ନଥିବ । ସବୁ କିଛି ଥିବ ପ୍ରକୃତିର, କିଛି କୃତ୍ରିମ ନଥିବ । ସୁମାତ୍ରାର ପବନରେ ସୁଗନ୍ଧ ଥିବ ଅସୀମ । କୂଳରେ କେତେ କେତେ ଫୁଲ ଫୁଟିଥିବ । ଅସୀମ, ସେଇଠି କ'ଣ ଲାଲ ସାଧବ ବୋହୂ ପୋକ ଥିବେ ? ଲାଲ ଟୁକୁଟୁକୁ ରେଶମୀ ସାଧବ ବୋହୂ । ସେମାନେ କୂଳରୁ ଟିକିଏ ଦୂରରେ ଥାଆନ୍ତୁ । କୂଳ ପାଖରେ ଜୁଆର ପାଣିରେ ଭାସିଯିବେ ଯେ । ଆମକୁ କେତେ କେତେ ନୂଆ ଜିନିଷ ମିଳିଯିବ ଅସୀମ । ଭାବିପାରୁଛ ତୁମେ ।"–ଶୋଭନା ନିଜ କଳ୍ପନା ଦୁନିଆରେ କେତେ ଚିତ୍ର ଗଢି ଦେଉଥିଲେ ମୁହୂର୍ତ୍ତକରେ ।

"ଭାସିଯାଆନ୍ତୁ ଆମେ ସୁମାତ୍ରାକୁ । ପାଣିରେ ଆଶା ଖେଳି ଭାସିଯାଆନ୍ତା । ତିମିର ତିଆରି ଜଳଫୁଆରାମାନ ଆମ ବୋଟର ଚାରିପାଖେ ଦେଖାଯାଉଥାନ୍ତା । ନୀଳ ଢେଉର ଶିଖରରେ ଆଶା ଦୋଳି ଖେଳୁଥାନ୍ତା । ଭାସିଯାଉଥାନ୍ତୁ ଆମେ ଅଜଣା ଦ୍ୱୀପକୁ ।"– ପୁଣି ଅସୀମ କହୁଥିଲେ ।

ISSN NO.
2582-208X

"ଯଦି ସୁମାତ୍ରା ନ ପହୁଞ୍ଚୁ, ତେବେ ?"- ତା'ପରେ ସେ ଟିକେ ରହିଯାଇ ପଚାରିଲେ । ଏକ କିଶୋରୀରର ମନରେ ସହସ୍ର ଭାବନା ଘୁରି ବୁଲୁଥାଏ । ଏକ ତରୁଣୀକୁ ସ୍ୱପ୍ନ ଦୁନିଆକୁ ଭସାଇ ନେଇଗଲେ କେତେ ନୂଆ ରୂପକଥା ବାହାରିଆସେ । ଆଉ ସେଥିରେ ସାମାନ୍ୟ ପ୍ରଶ୍ନ ରଖିଦେଲେ ସେ ଏକ ଭଲ ଉତ୍ତର ନେଇଆସିବେ । ସେ ଉତ୍ତର ମହୁବୋଳା ହୋଇଥିବ ।

"ସୁମାତ୍ରା ପରେ ତଳେ ତ ମହାସାଗାର, ଭାରତ ମହାସାଗରର ଆଉ ତେଣିକି ଆଖି ପାଉନଥିବା ଜଳ, ତା ପୁଣି ଆଉ କେଉଁ ଦେଶକୁ ଛୁଇଁନି ।"-ଶୋଭନା ସହଜରେ କହିଲେ।

"ସେମିତି ଭାସିଯାଉଥାନ୍ତ । କ'ଣ ଖୋଜୁଥାଆନ୍ତ ତୁମେ ଶୋଭନା ?"-ଅସୀମ ପଚାରିଲେ।

"ଏକ ତାରା ।"

"ତାରାମାନେ କାଳେ ପାଣିରୁ ଉଦୟ ହୁଅନ୍ତି । ତାରାମାନେ ତ ପାଣିରେ ଅସ୍ତ ଯାଆନ୍ତି । ସେଇ ପାଣିରୁ ବାହାରୁଥିବା ତାରା ।"

"ସୂର୍ଯ୍ୟ ବି ଉଦୟ ହୁଏ ତ ପାଣିରେ । ଅସ୍ତ ଯାଏ ତ ପାଣିରେ । ଜହ୍ନ ବି ଉଠି ବୁଡିଯାଏ ପାଣିରେ । ଏଇଟା କ'ଣ କେଉଁ ଭୂମିରେ ସମ୍ଭବ ହୋଇଥାଆନ୍ତା ? କେବେ ନୁହେଁ । ଏହା କେବଳ ସମ୍ଭବ ପାଣିରେ ଭାସିଗଲେ ।"

"ଚାରିଆଡେ ପାଣି । କେଉଁଠାରେ ସାମାନ୍ୟ ଆଲୋକ ଟିକିଏ ବି ନାହିଁ । ଦିଗ କେମିତି ପାଆନ୍ତ ରାତିରେ ?"

"ଦିଗ ବୋଲି କିଛି ଅଛି କି ? ଏହା ଏକ ତିଆରି କରାଯାଇଥିବା ଶବ୍ଦ ।"

"କେବଳ ଭାସିଯାଆନ୍ତ ଆଲୋକ ଧାରକୁ । ହଜିଯାଆନ୍ତ ଅନ୍ଧାର କଡରେ । ପୁଣି ମୁଣ୍ଡ ଟେକନ୍ତ ନୂଆ ସକାଳରେ ।"

"ଆଉ ଆଗକୁ ଏକ ସୁତୀବ୍ର ନୁହେଁ ସାମାନ୍ୟ ଆଲୋକର ଧାରକୁ ବୋଟ ଆମ ଭାସିଯାଉଥାନ୍ତା ।"

ISSN NO.
2582-208X

"ସୁମାତ୍ରା ତାହେଲେ ତୁମ ଆଶା ଆଉ କଳ୍ପନାରେ ଉଦ୍‌ଭାସିତ ହୋଇଉଠୁଥିବା ଏକ ଦ୍ୱୀପ।"

"ଏକ ଦ୍ୱୀପ ଚାରିପାଖେ ସାମାନ୍ୟ ଆଲୋକ ସବୁବେଳେ ଖେଳିବୁଲୁଥାଏ ।"-ଶୋଭନା କହିଲେ ।

"ଦେଖୁନ ଆଉ ଏଇ କିଛି ବେଳରେ ସୂର୍ଯ୍ୟ ନଇଁଯିବ । କ୍ୟାମ୍ପବେଲ ବେର ଉପସାଗରର ଜେଟିର ବିପରୀତ ଦିଗର ଆକାଶର ତଳେ ଢେଉଢେଉକା ପାହାଡ ଥିବ । ସେଥିରେ ହଳଦିଆ, ଲାଲ ସୂର୍ଯ୍ୟ ଅସ୍ତ ଯାଉଥିବ । ଲାଲ କିରଣ ଢେଉ ହୋଇ ଭାସି ଆସୁଥିବ । ସୂର୍ଯ୍ୟର ତଳ ବାଦଲରେ ଗଢି ହେଉଥିବ ଛୋଟ ଛୋଟ ପାହାଡ । ତା' ତଳେ ଗଛ ଲତା ପାହାଡର ଢେଉଢେଉକା ଦିଗ୍‌ବଳୟ । ତଥାପି ଉପରେ ସୂର୍ଯ୍ୟ ନିଜର ପୀତ ପ୍ରକାଶ ଦେଇ ଚାଲିଥିବ ।"-ଅସୀମ କହୁଥିଲେ ।

"ଆକାଶ ସୁମାତ୍ରାରେ ମଧ୍ୟ ନୀଳ ଥିବ । ସେମିତି କିଛି କମଳା ରଙ୍ଗର ବାଦଲ ଭାସୁଥିବ। ସୁମାତ୍ରା ଏତେ ଯେ ପାଖରେ ।"-ଶୋଭନା କହିଲେ । ତାଙ୍କୁ ଲାଗୁଥିଲା ଆକାଶରୁ , ତାଙ୍କ ଭାସୁଥିବା ବୋଟରୁ ସୁମାତ୍ରା ଅତି ସହଜରେ ଦେଖାଯିବ ।"

"ଆଶା, କମଳା, ସୁନେଲୀ ରଙ୍ଗର ବାଦଲ ହୋଇ ଆକାଶରେ ଭାସେ ଅସୀମ ।"

"ଆକାଶରେ ଏତେ ରଙ୍ଗ ସେଇଥି ପାଇଁ ତ ଥାଏ ।"

"ସେପଟେ ଦିଗବଳୟ ପରେ ସମୁଦ୍ରରେ ସୁମାତ୍ରା ଯେ ଅଛି ଅସୀମ ।"

"ସମୁଦ୍ର କ'ଣ ସୁମାତ୍ରାକୁ ଆମ ପାଇଁ ଧରି କି ରଖିଛି ?"

"ସୁମାତ୍ରା ଏକ ପକ୍ଷୀ, ସମୁଦ୍ରରେ ଡେଣା ମେଲାଇ ଦେଇଛି । ଆମେ ନୁହେଁ, ସେ ଆମ ପାଖକୁ ଉଡିକି ଆସିବ ଆଉ ଆମ ଡଙ୍ଗା ଖୋଲିଯିବ ତା' ଡେଣା ଝଡାରେ । ସବୁଠାରୁ ବଡ ସି ଇଗଲ ପରା ସୁମାତ୍ରା । ତା'ପରେ ଆମେ ଭାସିଯିବା ।"- ଶୋଭନା ଯେମିତି ଏକ ସ୍ୱପ୍ନଗ୍ରସ୍ତା ତରୁଣୀ ଭଳି କହୁଥିଲେ ।

"ଆକାଶରେ ତେଣୁ ଏତେ ପକ୍ଷୀ ।"-ଅସୀମ କହିଲେ ।

ISSN NO.
2582-208X

"ଦେଖୁନ, ଆକାଶ ସାରା ପକ୍ଷୀମାନଙ୍କର ମେଳା ।"-ଶୋଭନା କହୁଥିଲେ ।

ଅସୀମ ଆଉ ଶୋଭନା ଦୁହେଁ ମିଶି ପକ୍ଷୀମାନଙ୍କୁ ଆକାଶରେ ଖୋଜିଲେ । ଆକାଶରେ ଅବଶ୍ୟ ଅନେକ କିଛି ପକ୍ଷୀ ଥିଲେ । ସେ ଉପରେ ସବୁଠାରୁ ଉଚ୍ଚରେ କେଉଁଠି ଉଡୁଥିଲା ଆଶାର ଇଗଲ । ଏତେ ଉପରୁ ସବୁ ଭଲକରି ଦେଖାଯାଉଥିବ । କିନ୍ତୁ ଅପରାହ୍ନର ଆକାଶ ଲାଲ ହୋଇଆସିଥିଲା । ଅପୂର୍ବ ରଙ୍ଗର ସମାହାର ।

"ପାଣି କଳା, ସୁନେଲୀ, ଲାଲ । ପାଣି ଆକାଶର ରଙ୍ଗକୁ ଧରେ ।"-ଅସୀମ କହିଲେ ।

"ସୂର୍ଯ୍ୟ ପଟକୁ ଦେଖିଲେ ପାଣିର ରଙ୍ଗ ସୁନେଲୀ ରୁହେ । ଅନ୍ୟ ପଟକୁ ଦେଖିଲେ ପାଣିର ରଙ୍ଗ ନୀଳ-କଳା । ସେଇ ପାଣି, ଏତେ ରଙ୍ଗ ଥାଏ ।"- ଶୋଭନା କହୁଥିଲେ ।

"ସନ୍ଧ୍ୟା ହୋଇଆସିଲେ ପାଣିର ରଙ୍ଗ ଘେଷେରିଆ କ'ଣ ପାଇଁ ହୋଇଯାଏ ?"- ଶୋଭନା ଟିକେ ରହି ପଚାରିଲେ ।

"ଆକାଶରେ ରଙ୍ଗ ନଥାଏ ତ ସେଇଥି ପାଇଁ ।"-ଅସୀମ କହିଲେ ।

"ମନ ଆକାଶରେ ରଙ୍ଗ ଦେବା ଦରକାର ତା'ହେଲେ ।"- ଶୋଭନା ଏକ ଭଲ ଉତ୍ତର ଖୋଜିନେଇଥିଲେ ।

"ସୂର୍ଯ୍ୟ ବୁଡିଗଲେ ମନ ଆକାଶରେ ରଙ୍ଗ ଆସିବା ଦରକାର । ଏକ ଆକାଶ ତିଆରି କରିବାକୁ ପଡେ । ସେଇଟା ବୋଧହୁଏ ଆବଶ୍ୟକ ।"

"ଆଉ ଏପଟେ ସୂର୍ଯ୍ୟ ଡୁବିଯାଉଥାଏ ।"

"ସେଇ କାରଣରୁ ମନ ଆକାଶ ପାଇଁ ଏକ ଉଠନ୍ତା ସୂର୍ଯ୍ୟର ଆବଶ୍ୟକ ଥାଏ ।"-ଶୋଭନା କହିଲେ ।

"ସୂର୍ଯ୍ୟ ଡୁବିନି, ଦିଗବଳୟର ଗଛ ବୃକ୍ଷସବୁ ରଙ୍ଗ କ'ଣ ପାଇଁ ହରାଇ ବସନ୍ତି ଅସୀମ ?"-ଶୋଭନା ଅସୀମ କିଛି କହିବା ଆଗରୁ ପଚାରିଲେ ।

"ଆକାଶ ବେଶି କମଳା, ସୁନେଲୀ ଶେଷ ଥର ପାଇଁ ହୋଇଉଠେ । ସେଇଥି ପାଇଁ ।"

ISSN NO.
2582-208X

"ଆଉ ଶେଷରେ ଆଲୋକ ଲିଭିଯାଏ ।"

"ସବୁ ଅନ୍ଧାର ହୋଇଯାଏ ।"

"ତଥାପି ଜେଟ୍ଟିର ଉପରେ ଥାଏ କୃତ୍ରିମ ସୁନେଲୀ ଆଲୋକ । ସୂର୍ଯ୍ୟ ତୁଳନାରେ ଏକ ଅଣୁ ମାତ୍ର । କିନ୍ତୁ ତଥାପି ସୁନେଲୀ ଆଲୋକ ଦିଏ ।"-ଶୋଭନାଙ୍କ ଆଖି ଜେଟ୍ଟି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା । ସନ୍ଧ୍ୟା ହୋଇଆସିଲାଣି । ତେଣୁ ଜେଟ୍ଟିରେ ଆଲୋକ ଲାଗିଲାଣି । କିନ୍ତୁ ବାହାରେ ତଥାପି ଯଥେଷ୍ଟ ଆଲୋକ ଅଛି ।

"ସୂର୍ଯ୍ୟର ଶେଷ କିରଣକୁ ଧରିନେଇଥାଏ ତ । ସେଇଥି ପାଇଁ ।"-ଅସୀମ କହିଲେ ।

"ଶେଷ କିରଣ ତାହାହେଲେ ସୁନେଲୀ ସବୁବେଳ । ସୁନେଲୀ ଅର୍ଥ ମନର ରଙ୍ଗ, ଆକାଶର ରଙ୍ଗ, ଆଶାର ରଙ୍ଗ, ସ୍ୱପ୍ନର ରଙ୍ଗ ।"- ଶୋଭନା ମନ ଭିତରକୁ ବିଶ୍ୱାସ ଆଣୁଥିଲେ ।

"ସେଇ ରଙ୍ଗକୁ ଧରିବା ଆବଶ୍ୟକ ପଡେ ଶୋଭନା ।"

ଜେଟ୍ଟିକୁ ସିଧା ଢେଉରୁ ରକ୍ଷା କରିବା ପାଇଁ ଏକ କୃତ୍ରିମ ବନ୍ଧ ବନ୍ଧା ଯାଇଛି । ସେଥିରେ ଅନେକ କୃତ୍ରିମ ପଥର ପଡିଛି । ବାହାର ପଟକୁ ପଥରର ଏକ ଛୋଟ ପାହାଡ । କେତେଟା ଗଛ । ଆଉ ସେ କୃତ୍ରିମ ବନ୍ଧର ଶେଷରେ ଏକ ଛୋଟ ଲାଇଟ ହାଉସ ଅଛି । ଲାଇଟ ହାଉସମାନ ଶେଷରେ ପଥରର ଉପସ୍ଥିତି ଜଣାନ୍ତି । ଭାସୁଥିବା ପୋତ ପାଇଁ ବିପଦର ସ୍ଥିତି ଜଣାଇଦିଏ ।

"ପୋତ ଭାସେ, ପଥର ସ୍ଥିର ରୁହେ, ସେଇଥି ପାଇଁ ଦୁହେଁ ବାଡେଇ ହେବା ଉଚିତ ନୁହେଁ। ପଥର ଭାସିବନି କି ପୋତ ପାଣିରେ ସ୍ଥିର ରହିବନି । ଦୁହେଁ ଦୁହିଁଙ୍କ ଜାଗାରେ ଥାଆନ୍ତୁ ଆଉ ସେମାନଙ୍କ ବୋଟ କେଉଁଠାରେ ନଅଟକି ସିଧା ଭାସିଯାଉ ।"-ଶୋଭନା ଅସୀମଙ୍କ ପରି ସେପଟଲୁ ଅନାଇ କହୁଥିଲେ ।

ଅସୀମ ଭାବିଲେ ସେମାନଙ୍କର ଏକ ଛୋଟ ବୋଟ ଥିଲେ ଭଲ ହୁଅନ୍ତା । ଏକ ଛୋଟ କ୍ୟାବିନ । ଆଗକୁ କିଛି ଜାଗା ଥାଆନ୍ତା । ବୋଟରେ ପତାକା ଲାଗିଥାଆନ୍ତା । କ୍ୟାବିନରେ କିଛି ଦିନର ଖାଦ୍ୟ, ପାଣି ତଥା ଇନ୍ଧନ ଥାଆନ୍ତ । ସେମାନଙ୍କ ବୋଟ ଶାନ୍ତ ପାଣିରେ

ISSN NO.
2582-208X

ନଙ୍ଗର ପକାଇଥାଆନ୍ତା । ଆକାଶରେ ଉଠନ୍ତା ସୁନ୍ଦର କମଳା ଧଳା ବାଦଲ, ତା'ର ପ୍ରତିଫଳନ ଅସୀମଙ୍କ ପର୍ଯ୍ୟନ୍ତ ଲମ୍ବିଆସନ୍ତା । ସେମାନେ ସମୁଦ୍ର ଶାନ୍ତ ଅଛି ବୋଲି ନଙ୍ଗର ଖୋଲି ଭିତର ସମୁଦ୍ରକୁ ଯାତ୍ରା କରନ୍ତେ ।

"ସୁନେଲି ବଉଦକୁ ଧରିନେବ ଅସୀମ ।"

"ରୂପା ଥାଳିଥାରେ ଜହ୍ନ ଆସି ରାତିର ଗଙ୍ଗଶିଉଳୀକୁ ଢାଳିଦେବ ସମୁଦ୍ର ପାଣିରେ ଶୋଭନା।"

"ଆଉ ।"

"ଆଉ ଆକାଶରେ ମେଘ କଳା ହୋଇଯାଆନ୍ତା । ପବନ କୂଳରୁ ସମୁଦ୍ର ଆଡକୁ ବୁହନ୍ତା ଆଉ ସେମାନଙ୍କର ବୋଟର ଇଂଜିନ ବନ୍ଦ ହୋଇଯାଆନ୍ତା ।"

"ଭାସି ଯାଆନ୍ତୁ ସୁମାତ୍ରାକୁ ।"

"ଏମିତିଆ ଏକ ସୁନ୍ଦର ବୋଟରେ ଭସିଗଲେ ଭଲ ଲାଗିବ ।"

"ଏକ ବହୁତ ବଡ ଦ୍ୱୀପରେ ପାଦ ଦେବା । ଅସଖ୍ୟ ଲୋକ ଥିବେ ।"

"ଏକ ଦ୍ୱୀପ ନୁହେଁ ଏକ ଦେଶ । ବଡ ଦ୍ୱ୍ୱୀପ ତ ଦେଶ । ତୁମ ହିସାବରେ ଯେଉଁଆଡକୁ ଚାହିଁବ ଚାଲିଯିବ ।"

"ଆଉ ଏ ଛୋଟ ଦ୍ୱୀପରେ ବାନ୍ଧି ହୋଇ ରହିବାକୁ ଇଚ୍ଛା ତ ହେଉନି । ଭାସି ଯିବାକୁ ଇଚ୍ଛା ହେଉଛି ଏକ ବହୁତ ବଡ ଦେଶକୁ । ଭାସିଯାଆନ୍ତୁ କି ସୁମାତ୍ରାକୁ ।"-ଅସୀମ କହିଲେ । ଶୋଭନା ମୁଣ୍ଡ ଟୁଙ୍ଗାରୁଥିଲେ ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୬୭୩୪୩୪୬

ISSN NO.
2582-208X

# ଦାରୁବ୍ରହ୍ମଙ୍କର ଦେବସ୍ନାନ ପୂର୍ଣ୍ଣିମା



ଡ. ଶଶଧର ମହାପାତ୍ର

ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷରେ
ପୂର୍ଣ୍ଣମୀ ତିଥୀର ଦିନ
ଶ୍ରୀ ମନ୍ଦିରରେ ତିନି ଦାରୁବ୍ରହ୍ମ
କରିଥାନ୍ତି ଦେବସ୍ନାନ
ନୀଳାଚଳ ଧାମ ଚଳ ଚଞ୍ଚଳ
ସ୍ନାନ ପୂର୍ଣ୍ଣମୀ ପାଇଁ
କିଏ କୁଆଡୁ ଜଗନ୍ନାଥ ପ୍ରେମୀ
ଆସିଥାନ୍ତି ଧାଇଁଧାଇଁ
ଲୀଳାମୟଙ୍କର ଲୀଳା ଦେଖିବାକୁ
ଭକ୍ତଙ୍କର ହୁଏ ଭିଡ
ସେ' ନୀତିକାନ୍ତି ଦେଖିଲେ ଆଖିରେ
ଜୀବ ହେଇଯାଏ ଜଡ
ମଣିଷ ପରିକା ସ୍ନାହାନ କରନ୍ତି
ସ୍ନାନ ମଠପରେ ବସି
ଶହେଆଠ ଗରା ପାଣି ଢଳାଯାଏ
(ପ୍ରଭୁ) ମୁରୁକି ଦିଅନ୍ତି ହସି
ହରିବୋଲ ଆଉ ହୁଳହୁଳି ସଙ୍ଗେ
କଂପମାନ ହୁଏ ପୃଥୀ
ଘଣ୍ଟଘଣ୍ଟା ଧ୍ୱନି ତା' ସଙ୍ଗେ ମିଶିଲେ

ISSN NO.
2582-208X

ଥରାଇ ଦିଏତ ଛାତି
ସ୍ୱର୍ଗରୁ ଓହ୍ଲାଇ ସବୁ ଦେବାଦେବୀ
ଆସିଥାନ୍ତି ଶୀରିକ୍ଷେତ୍ର
ଯଜ୍ଞ, ହୋମପାଠ ଦର୍ଶନ କରନ୍ତି
ପବିତ୍ର କରନ୍ତି ନେତ୍ର
ଧନ୍ୟ ହେଇଥାନ୍ତି ପାଇ ସ୍ନାନଜଳ
ତେତିଶ କୋଟି ଦେବତା
ଧନ୍ୟ ହୁଅନ୍ତି ସେ' ଅମୃତ ଚାଖି
ସାଧାରଣ ଏ' ଜନତା
ଗଜାନନ ବେଶେ ଦର୍ଶନ ଦିଅନ୍ତି
ତିନି ଦିଅଁ ହସି ହସି
ଭକତମାନଙ୍କୁ ଉଦ୍ଧାର କରନ୍ତି
ସବୁ ପାପ ଯାଏ ଭାସି ପାପ ଦେଇଥାନ୍ତି ନାଶି
ସେ' ଅପୂର୍ବ ବେଶ ଦେଖିବାକୁ ପରା
ପାଗଳ ହୁଅଇ ମନ
ଜଗତରନାଥ ସିଏ ଜଗନ୍ନାଥ
ସିଏ ପରା ଗଣ୍ଠିଧନ
ଗଣପତି ଭକ୍ତ ଆସିଥିଲେ ଥରେ
ତୁମ ଦରଶନପାଇଁ
ତାଙ୍କ ଇଚ୍ଛାଥିଲା ଦରଶନ ଦେବ
ଗଜାନନ ବେଶ ହୋଇ
ଗଜାନନ ଥିଲେ ଆରାଧ୍ୟା ଦେବତା
ସେ' ଥିଲେ ତାଙ୍କ ଭକତ
ଦର୍ଶନ ନପାଇ ଗଜାନନ ରୂପେ
ହେଲେ ସିଏ ବିଚଳିତ
ଫେରିଯାଉଥିଲେ ହତାଶ ମନରେ
ତୁମକୁ ସେ' ଗାଳିଦେଇ

ISSN NO.
2582-208X

ଗଜାନନ ବେଶେ ଆବିର୍ଭୁତ ହେଲ
ଭକ୍ତ ମନ ବୁଝିଦେଇ
ତାଙ୍କ ମନଜାଣି ତୁମେ ଦେଖାଦେଲ
ଗଜାନନ ବେଶ ଧରି
ଅପାର କରୁଣା ବିଛୁଡି ପଡିଲା
ଶୁଣି ଭକତ ଗୁହାରି
ସେହି ଦିନୁ ତୁମେ ଗଜାନନ ବେଶେ
ଦେଇଥାଅ ଦରଶନ
ଭକତ ପାଳନ୍ତି ଅତି ଆନନ୍ଦରେ
ତୁମର ସେ' ଜନ୍ମଦିନ
ଭାବ ଓ ଭକତି ଅଛି ଯାହାଠାରେ
(ତାକୁ) ଦର୍ଶନ ଦିଅନ୍ତି ସାଇଁ
ଭକ୍ତ ଭଗବାନ ଏକାଠି ହୁଅନ୍ତି
ଜଗତ ଉଦ୍ଧାରପାଇଁ
ଦୁଃଖ ଦିଏ ସେହି ସୁଖ ଦିଏ ସେହି
ସିଏ ପରା ହର୍ତ୍ତାକର୍ତ୍ତା
ଅଜ୍ଞାନକୁ ଜ୍ଞାନ ଦେଇଥାଏ ସିଏ
ପ୍ରାଣଦାତା, ମୁକ୍ତିଦାତା
ପ୍ରଭୁଙ୍କର ଏହି ମାନବୀୟ ଲୀଳା
ଚାଲୁଅଛି ଚାଲୁଥିବ
ଯେତେଦିନ ଧରି ଯନ୍ତାହାତୀ ପରି
ସଂସାର ଯନ୍ତାରେ ଥିବ ॥

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ତୁମେ
# ଶୋଇ ଗଲା ପରେ



ଡକ୍ଟର ଉତ୍ପଳା ଦାଶ ଷଡଙ୍ଗୀ

ମୃତ୍ୟୁର ଦ୍ୱାହି ଦେଇ
ବିଦାୟ ଦେଲ ସୂର୍ଯ୍ୟୋଦୟ କୁ,
ନୂଆ ସକାଳକୁ ନ ଦେଖି
ବୁଜିଦେଲ ଆଖି;
ଭାରି ଭଲ କାମ କଲ ?
କି ଅଭିପ୍ରାୟ ଥିଲା ତୁମର ?
ଗୋଟାଏ ଶକ୍ତ ପୁରସ୍କାର
ନେବାର ଥିଲା କି ଇଚ୍ଛା ତୁମର!!
ଏଠି ସମୟ ସରୁନି
କି ନୂଆ ଜୀବନ
ସଞ୍ଚାରି ପାରୁନି;
ଜୀବନର ଅମାବାସ୍ୟା ରାତି
ସବୁକିଛି ନୀରବ ନିଷ୍ଚଳ;
ଫିକା ପଡ଼ିଗଲାଣି
ପୂର୍ଣ୍ଣିମାର ଚାନ୍ଦ____

ଆକାଶକୁ ଅନାଇଲି
ଝରାଉଛି ଲୁହ;

ISSN NO.
2582-208X

ପବନ ବି କାନ୍ଦୁଛି
କଇଁ କଇଁ ହୋଇ ॥
ମୁଁ ବୁଝିବା ପୂର୍ବରୁ
ଟାଣି ନେଲେ ସେମାନେ
ତୁମ ଶରୀର କୁ ___
ତୁମେ ସିନା ଶୋଇଗଲ
ମୋ ଜୀବନଟା ଦୋହଲି ଯାଏ
ପଦ୍ମ ପତ୍ର ରେ ଜଳ ଜଳ ପରି;
ଛଟ ପଟ ହୁଏ _
ଆକାଶରୁ ଖସି ପଡିଥିବା
ଶର ବିଦ୍ଧ ପକ୍ଷୀ ଟିଏ ପରି ॥

ଝାଡ଼ଖଣ୍ଡ

ISSN NO.
2582-208X

# ଦୁନିଆଁ



ଡ. ପ୍ରସନ୍ନ କୁମାର ବଳ

ଦୁନିଆଁର ଅର୍ଥ ଦୁଇଟି ତ ନିଆଁ,
ଜ୍ଞାନୀ ଜଣ ଜ୍ଞାତ ହେବେ,
ଯେଉଁ ନିଆଁ ଲାଗେ ଜନମ ବେଳରେ
ତାହା ହିଁ ଲାଗେ ଶେଷରେ ।୧।
ଜନମ ବେଳର ନିଆଁର ମହତ୍ୱ
ଆଶା ହିଁ ସଞ୍ଚାର କରେ,
ନିଆଁ ଶେକ ଖାଇ ପିଲାଟିତ ପୁଣି
ବେଶ ଶକ୍ତିଶାଳୀ ହୁଏ ।୨।
ନିଆଁ ଶେକ ଦେଇ ମାଆଟି ତାହାର
ଅପୂର୍ବ ଆନନ୍ଦ ପାଏ,
ଦୁନିଆଁ ଯାକର ସୁଖ ଦେଇ ତାକୁ,
ଲାଳନ ପାଳନ କରେ ।୩।
ସେଇ ନିଆଁ ଶେକ ଖାଉ ଥିବା ବେଳେ,
କେତେ କୁଆଁ  କୁଆଁ କାନ୍ଦେ,
ଶେଷ ନିଆଁ ଯେବେ ଜୁଇ ରୂପେ ଜଳେ,
ପରିବାର ତାର କାନ୍ଦେ ।୪।
ଏଇ ଦୁଇ ନିଆଁ ମଧ୍ୟରେ ଜୀବନ,
ଏତେ ଗର୍ବ କାହିଁ ପାଇଁ ,
ଅରାଜକତାର ସୀମା ନାହିଁ ଏଠି,

ISSN NO.
2582-208X

ପାପର ତ ସୀମା ନାହିଁ ।୫।
କ୍ଷଣସ୍ଥାଇ ଏଇ ଜୀବନ ଆମର ,
କେହି ତ ନୁହଁ ଅମର,
ଭଲ କାମ କଲେ ଜନ ମାନସରେ,
ଅବଶ୍ୟ ହେବା ଅମର ।୬।
ମୃତ୍ୟୁ ପରେ ସିନା ପାର୍ଥିବ ଶରୀର,
ଅଗ୍ନିରେ ସଂଯୋଗ ହୁଏ,
ଆତ୍ମା କିନ୍ତୁ ଆମ ଅମର ସର୍ବଦା,
ଅନ୍ତ ତ କେବେ ନ ହୁଏ ।୭।
ସ୍ୱର୍ଗ, ନର୍କ ସ୍ଥାନ ମିଳଇ ଆମକୁ,
ଯେବେ ମୃତ୍ୟୁ ପୁଣି ହୁଏ,
ଇଏତ ମନର ଭ୍ରମ ହିଁତ ସାର ,
ସେପରି କିଛି ନ ଥାଏ ।୮।
ମଣିଷର କର୍ମ ବାଛିଦିଏ ରାସ୍ତା,
କର୍ମ ହିଁ ତ ସବୁ କିଛି,
ଭଲ କର୍ମ କଲେ ଜନତା ଝୁରିବେ,
ତାହା ହିଁ ତ ସ୍ୱର୍ଗବାସୀ ।୯।
ଏଇ ଜନମରେ ଭୋଗିଥାଏ ବନ୍ଧୁ,
କର୍ମ ଫଳ ନିଜ ନିଜ,
ଯେମିତି କରମ ସେମିତି ତ ଫଳ,
ମିଳଇ ତାଙ୍କୁ ଅବଶ୍ୟ ।୧୦।
କ୍ଷଣସ୍ଥାଇ ଏହି ଜୀବନ ଆମର,
ନ ଭୁଲିବା ଆମେ କେହି,
ଅନ୍ୟକୁ ସାହାର୍ଯ୍ୟ, ପର ଉପକାର,
ପାଥେୟ ହେଉ ଆମରି ।୧୧।
ଏହି କର୍ମ କଲେ ଜୁଇର ଉପରେ,

ISSN NO.
2582-208X

ଯେବେ ଶୋଇଯିବ ଜନ,
ନିଆଁ ବି କାନ୍ଦିବ, ଗର୍ବରେ ଜଳିବ,
ଖୁସି ହେବ ତାର ମନ ।୧୨।
ଆସ  ଜନେ ଆମେ ଭଲ କାମ କରି,
କଟାଇ ଦେବା ଜୀବନ,
ଏ ଦୁନିଆଁ ପୁଣି ଗର୍ବ ତ କରିବ,
ସାର୍ଥକ ହେବ ଜୀବନ ।୧୩।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ସପ୍ତପଦୀ



ଡ଼କ୍ଟର ବିଜ୍ଞାନୀ ଦାସ

୨୦୨୫ ମସିହାର ଅକ୍ଟୋବର ମାସ ୩ ତାରିଖ, ଶୁକ୍ରବାର ସନ୍ଧ୍ୟା । ପାଗ ଭଲଥାଏ । ପରିବେଶର ତାପମାତ୍ରା ବି ଭଲଥାଏ । ସେଦିନ ଗୋଟିଏ ନୂଆ ଅନୁଭବର ଭାବନା ନେଇ ଆଦିତ୍ୟ ଓ ଆରତୀ ବଡଝିଅ ଟିନାର ବାସଭବନରେ ରହିବାକୁ ଯାଇଥିଲେ । ଝିଅ ୨୦୧୯ ମସିହାରୁ ଆଲେକ୍‌ଜାଣ୍ଡ୍ରିଆ, ଭରଜିନିଆରେ ଘର କରି ରହିଲାଣି । ଆଦିତ୍ୟ ଓ ଆରତୀ ଅନେକଥର ନିଜ ଝିଅର ବାସଭବନକୁ ଯାଇଛନ୍ତି, କିନ୍ତୁ ସବୁଥର ସେମାନେ ନିଜ ଘରକୁ ଫେରିଆସନ୍ତି । ଗୋଟିଏ ଘଣ୍ଟାର ବାଟ ତ, ଯଦିଓ ଅନେକ ସମୟରେ ସେ ଗୋଟିଏ ଘଣ୍ଟା ଟ୍ରାଫିକ୍ ପାଇଁ ଦେଢଘଣ୍ଟା ଓ ଦୁଇଘଣ୍ଟା ହୋଇଯାଏ, ତେବେ ମଧ୍ୟ ସେମାନେ ନିଜଘରକୁ ଫେରିଆସନ୍ତି । ଝିଅ ଘରେ ନ ରହିବାର ଆଉ ମଧ୍ୟ ଅନେକ କାରଣ ରହିଥାଏ । ଝିଅର ସାନ ଘର । ସେଥିରେ ପୁଣି ସିଏ ଦୁଇଟି କୁକୁର ରଖିଛି । କୁକୁର ମାନଙ୍କ ଗହଣରେ, ସେମାନଙ୍କ ଭୁକାଭୁକି ପାଇଁ ଉଭୟ  ଆଦିତ୍ୟ ଓ ଆରତୀ ସେଠି ରହିବାକୁ ପସନ୍ଦ କରନ୍ତି ନାହିଁ । ହେଲେ ସେଥର କଥା ଅଲଗା ଥିଲା । ଗତ ଦୁଇ ସପ୍ତାହ ତଳେ ଝିଅ ଘରେ ଗୋଟିଏ ଛୋଟ ପାର୍ଟି ଥିଲା । ଝିଅ ପଢାଉଥିବା ବିଶ୍ୱବିଦ୍ୟାଳୟରେ ତାର ଚାକିରି ସ୍ଥାୟୀ ହୋଇଗଲା । ସେଥିପାଇଁ ନିଜ ବିଶ୍ୱବିଦ୍ୟାଳୟର କିଛି ସାଙ୍ଗସାଥୀଙ୍କୁ ଡାକି ସିଏ ଛୋଟିଆ ପାର୍ଟି ଥି ରଖିଥିଲା । ସେ ପାର୍ଟିରୁ ଫେରିବା ସମୟରେ ତିନି ବର୍ଷର ନାତି ଫିଜି ସେମାନଙ୍କୁ ଛାଡିବାକୁ ନାରାଜ । "ତୁମେ ଦୁହେଁ ଆଜି ଏଇଠି ରୁହ', ଏହି କଥାକୁ ସିଏ ଘୋଷି ହେଲା । ସେମାନେ ସେଦିନ ଫେରିବା ବେଳେ ସିଏ ବହୁତ ମନଦୁଃଖ କରି କାନ୍ଦକାନ୍ଦ ହୋଇଗଲା ।

ISSN NO.
2582-208X

ତାକୁ ପ୍ରବୋଧନା ଦେବା ପାଇଁ ସେମାନେ କହିଲେ, "ଆଜି ଆମେ ଯାଉଛୁ, ଆଉ ଗୋଟିଏ ଦିନ ଆସି ତୋ ସାଙ୍ଗରେ ଖେଳିବୁ ଓ ତମ ଘରେ ରାତିରେ ରହିବୁ ।'

ଅକ୍ଟୋବର ୪ ତାରିଖ ସକାଳେ ୱାସିଂଟନ ଡିସି ଭିତରେ ଗୋଟିଏ ବାହାଘର ଥିଲା । ଝିଅର ଘରଠାରୁ ବାହାଘର ସ୍ଥାନ ମାତ୍ର ୧୫–୨୦ ମିନିଟ୍‌ର ଡ୍ରାଇଭିଙ୍ଗ୍ ଦୂରତାରେ ଥିଲା । ତେଣୁ, ସେମାନେ ସ୍ଥିର କଲେ, ତିନି ତାରିଖ ରାତିରେ ଯାଇ ଝିଅ ଘରେ ରହିଯିବେ । ଚାରି ତାରିଖ ଦିନ ସକାଳେ ସମସ୍ତେ ମିଶି ବାହାଘରକୁ ଯିବେ । ତାଦ୍ୱାରା ବାହାଘରକୁ ବି ଭଲରେ ଯିବେ । ସକାଳୁ ତରତର ହୋଇ ନିଜ ଘରୁ ବାହାରିବାର ଆବଶ୍ୟକତା ରହିବନାହିଁ । ନାତି ପାଇଁ କରିଥିବା ଶପଥ ବି ରଖିହେବ ।

ଆଦିତ୍ୟ ଓ ଆରତୀ ଯେତେବେଳେ ଯାଇ ଅପରାହ୍ନ ୫ଟା ବେଳକୁ ଝିଅ ଘରେ ପହଞ୍ଚିଲେ, ସେତେବେଳେ ଝିଅର ଘରେ ତାର ସାଙ୍ଗ ପ୍ରୀତି ଥିଲା । ପ୍ରୀତିକୁ ଦେଖି ଭଲଲାଗିଲା । ବହୁତ ଦିନ ପରେ ତା' ସହିତ ଦେଖା । ଶେଷଥର ଦେଖା ହୋଇଥିଲା ଝିଅର ବାହାଘରରେ, ୨୦୧୯ ମସିହାରେ । ଏ ଭିତରେ ଅନେକ କିଛି ବଦଳିଗଲାଣି । କରୋନା ୨୦୨୦ରୁ–୨୦୨୩ ପର୍ଯ୍ୟନ୍ତ ଜନଜୀବନକୁ ଭୀତ, ତ୍ରସ୍ତ କରି ରଖିଲା । ତାପରେ ପୁଣି ଆଉ କିଛି ପରିବର୍ତ୍ତନ ହୋଇଗଲା । ପ୍ରୀତିର ଜୀବନରେ ବି । ତାର ସ୍ୱାମୀ ସହିତ ଛାଡପତ୍ର ହେବାର ଖବର ଝିଅ ଟିନା ଦେଇଥିଲା । ଆରତୀ ପଚାରିଥିଲା, "କାହିଁକି ?' ଟିନା କହିଥିଲା, "ତାଙ୍କର ପଡିଲାନି ।'

ଆରତୀ ଆଶ୍ଚର୍ଯ୍ୟ ହୋଇଥିଲା । ଗତ ୫ ବର୍ଷ ତଳେ ସେମାନଙ୍କର ଏତେ ଆଡମ୍ବରରେ ବିବାହ ହୋଇଥିଲା । ସେମାନେ ଭଲପାଇ ବିବାହ କରିଥିଲେ । ପୁଣି ପଡିଲାନି କେମିତି ?

ଏଇ ୬ ମାସ ତଳେ ଟିନା କହିଥିଲା, "ପ୍ରୀତିର ସ୍ୱାମୀ ଆଉଥରେ ବିବାହ କରିସାରିଲାଣି । ପ୍ରୀତି ବି ଖୋଜୁଛି ଆଉ ଏକ ଜୀବନସାଥୀ ।'

ସେଇ ପ୍ରୀତି ସେଦିନ ଟିନାର ଘରେ ଥିଲା । ବହୁତ ଗପଶପ କଲା । ନିଜ ପିତାମାତାଙ୍କ ବିଷୟରେ ବି ଗପିଲା । ପ୍ରୀତି ଏବେ ଡିସିରେ ଆପାର୍ଟମେଣ୍ଟଟିଏ କିଣି ରହୁଛି । ହେଲେ

ISSN NO.
2582-208X

ଅନେକ ସମୟରେ ବାହାର ଦେଶରେ, ବିଶେଷତଃ ୟୁରୋପର ଦେଶମାନଙ୍କରେ ଯାଇ ରହୁଛି । ତାର ଆଇ.ଟି କାମ । ତେଣୁ ଯେଉଁଠି ରହିଲେ ବି ନିଜ କାମ କରିପାରୁଛି । କହୁକହୁ କହିଲା, "ମୁଁ ଅନେକ ସମୟରେ ସ୍ପେନରେ ରହୁଛି । କାରଣ ସେଠି ମୋ ଅଣ୍ଡାକୁ ସଂରକ୍ଷଣ କରି ରଖିଛି ।'

"ସେଇଟା ତ ଆମେରିକାରେ ବି କରିହେବ ? ନା, ଆମେରିକାରେ ରଖିବାରେ କିଛି ସମସ୍ୟା ଅଛି ?'

"ଆମେରିକାରେ ବହୁତ ମହଙ୍ଗା ।'

ଏମିତି କହୁକହୁ ବହୁତ ଭାବବିହ୍ୱଳ ହୋଇ ସିଏ କହିଲା, "ମୋତେ ତ ଏବେ ୩୮ ବର୍ଷ ହେଲାଣି । ମୁଁ ୩୫ ବର୍ଷ ହେବା ପୂର୍ବରୁ ଅଠା ସଂରକ୍ଷିତ କରି ରଖିଛି । କାରଣ ଅତି ବୟସ୍କ ହେଲେ, ଅଠାର ପ୍ରଜନନ କ୍ଷମତା କମିଯାଏ ତ । ସେଥିପାଇଁ ।'

କିଏ ଜାଣେ କେବେ ପ୍ରୀତିକୁ ତା' ନୂଆ ଜୀବନସାଥୀ ମିଳିବ ? ସତରେ ସେ ଅଣ୍ଡା ବ୍ୟବହାର କରି ସିଏ ଦିନେ ମା' ହେବ । ସେଇ ସ୍ୱପ୍ନ ତାକୁ ଯେମିତି ବିହ୍ୱଳ କରି ରଖିଥିଲା। ଅଠା ସଂରକ୍ଷଣ କଥା କହିବାବେଳେ ସିଏ ବହୁତ ଭାବପ୍ରବଣ ହୋଇଗଲା । ମନରେ ଅନେକ ସମୟରେ ପ୍ରଶ୍ନ ଆସେ । ବିବାହର ପ୍ରକୃତ ଉଦ୍ଦେଶ୍ୟ କଣ ? ହିନ୍ଦୁ ଧର୍ମରେ ସୁସନ୍ତାନକୁ ଜନ୍ମ ଦେଇ ତାର ଉତ୍ତମ ଲାଳନପାଳନ କରିବା ବିବାହର ଏକ ବିଶିଷ୍ଟ ଶପଥ । ହେଲେ ଏତେ ଦିନର ବିବାହ ପରେ ପ୍ରୀତି ନା ଜନନୀ ହୋଇପାରିଲା ନା ନିଜ ବିବାହକୁ ରକ୍ଷା କରିପାରିଲା ।

ପ୍ରୀତି କହିଚାଲିଲା, "ଆଜିକାଲି ଆମେରିକାରୁ ଅନେକ ସବୁ ୟୁରୋପରେ ଅଠା ସଂରକ୍ଷଣ କରି ରଖିବାକୁ ପସନ୍ଦ କରୁଛନ୍ତି । ଏଇ ଶସ୍ତା କାରଣରୁ । ଆଜିକାଲି ପ୍ରାୟତଃ ସମସ୍ତେ ଡେରିରେ ବାହା ହେଉଛନ୍ତି । ଯିଏ ଶୀଘ୍ର ବାହାହେଉଛି ବି, ସିଏ ନିଜ ବ୍ୟବସାୟିକ କାମ ପାଇଁ ମାଆ ହେବାକୁ ଡେରି କରିବା ପସନ୍ଦ କରୁଛି । ସେତେବେଳକୁ ଅଣ୍ଡାର ପ୍ରଜନନ ଶକ୍ତି କମିଯାଉଛି । ତେଣୁ ୩୫ ବର୍ଷ ହେବା ପୂର୍ବରୁ ଅଣ୍ଡା ସଂରକ୍ଷଣ କଲେ ଭଲ ।'

ISSN NO.
2582-208X

ଆରତୀ କହିଲା, "ହଁ, ଭଲ କଥା । ଯାହାହେଉ, ଏ ଯନ୍ତ୍ର ଯୁଗରେ ଅନେକ କିଛି ସମ୍ଭବ ହୋଇପାରୁଛି । ସେଇଟା ବଡ କଥା ।'

ଆରତୀ ତା' ସହିତ ଆଗାମୀଦିନର ବିବାହ ବିଷୟରେ କଥା ହେଲା ଓ ପୂର୍ବଦିନର ମେହେନ୍ଦୀ କାର୍ଯ୍ୟକ୍ରମ ବିଷୟରେ କଥା ହୋଇ ଫଟୋ ଓ ଭିଡିଓ ଦେଖାଇଲା । ୮ ବର୍ଷ ତଳେ ପ୍ରୀତିର ଜୀବନରେ ବି ଏମିତି ରଙ୍ଗୀନ ଦିନ ସବୁ ଆସିଥିଲା । ଟିନା ସେସବୁରେ ସାମିଲ୍ ଥିଲା । କାରଣ, ଟିନା ପ୍ରୀତିର ବିବାହରେ କନ୍ୟାର ବିଶିଷ୍ଟ ସଖୀ ଅର୍ଥାତ୍ ବ୍ରାଇଡସମେଡ ଭୂମିକାରେ ରହିଥିଲା । ଏତିକି ବର୍ଷରେ ସଂପର୍କର ଏମିତି ଓଲଟପାଲଟ ହୋଇଗଲା । "ହେ, ଭଗବାନ, ଏମିତି ଆଉ କାହା ଜୀବନରେ ନହେଉ । ସମସ୍ତେ ଯିଏ ଯାହାକୁ ଜୀବନସାଥୀ ରୂପେ ବାଛିଛନ୍ତି, ସାଙ୍କ ସହିତ ମିଶି ଖୁସିରେ ରୁହନ୍ତୁ ।'

ସେମାନେ ସମସ୍ତେ ମିଶି ରାତ୍ରଭୋଜନ କଲେ । ସେ ସମୟରେ ପ୍ରୀତି ତା' ବାପା ଓ ମାଆଙ୍କ ବିଷୟରେ ଗପିଲା । ପିତାମାତା ମାନେ ଯେମିତି ନିଜ ସନ୍ତାନ ମାନଙ୍କ ବିଷୟରେ ଗପନ୍ତି, ସେମିତି ପିଲାମାନେ ବି ନିଜ ବାପା, ମାଆଙ୍କ ବିଷୟରେ ଗପନ୍ତି । ତା' ବାପାଙ୍କର ଦେହ ଭଲ ରହୁନି । ବୟସ ଜନିତ ଅସୁସ୍ଥତା । ରକ୍ତଚାପ, ମଧୁମେହ ଇତ୍ୟାଦି । ସେଥିପାଇଁ ସିଏ ଚିନ୍ତିତ ଥିଲା । ତା' ମାଆଙ୍କର ଥରେ ଷ୍ଟ୍ରୋକ ହୋଇସାରିଛି । ସେଥିପାଇଁ ସେମାନଙ୍କ ବିଷୟରେ ଅଧିକ ଚିନ୍ତାକରେ ପ୍ରୀତି । କହିଲା, "ମୁଁ ମୋ ଡାଡି ଓ ମମିଙ୍କୁ କହିଦେଇଛି, ସେମାନେ କେହି ଏକା ବାହାରଦେଶକୁ ଯାତାୟତ କରିବେନି । ଆଜିକାଲି ଏ ଆନ୍ତର୍ଜାତୀୟ ଯାତ୍ରା ସମୟରେ ଏମିତି ସବୁ ଘଟିଯାଉଛି ଯେ, ଭାବିବାବେଳକୁ ମନରେ ଡର ପଶିଯାଉଛି ।' ତାପରେ ପ୍ରୀତି ବିଦାୟ ନେଇ ତାର ଜଣେ କକାଙ୍କ ପାଖକୁ ଗଲା । ପ୍ରଥମେ ଆରତୀ ଭାବିଥିଲା ତାକୁ ଛାଡିଦେଇଆସିବାକୁ । କିନ୍ତୁ ସେତେବେଳକୁ ରାତି ଆଠଟା । ବାହାରେ ସେତେବେଳକୁ ଥଠା ପଡିଯାଇଥିଲା ଓ ଆସନ୍ତାକାଲି ସେମାନଙ୍କୁ ଶୀଘ୍ର ଉଠି ଦିନ ନଅଟା ବେଳକୁ ବିବାହ ସ୍ଥାନରେ ଉପସ୍ଥିତ ହେବାର ଥିଲା । ସେଥିପାଇଁ ପ୍ରୀତି ଉବର ଡାକି ତା' କକାଙ୍କ ପାଖକୁ ଫେରିଗଲା ।
ପ୍ରୀତି ବିଦାୟ ନେବାପରେ ସମସ୍ତେ ଶୋଇବାକୁ ପ୍ରସ୍ତୁତି କଲେ । କିନ୍ତୁ ନାତି ଫିଜିର ଖେଳିବାର ଝୁଙ୍କ ତଥାପି ରହିଥାଏ । ସିଏ ଆଦିତ୍ୟଙ୍କ ସହିତ ପଜଲ ଖେଳ ଖେଳିଲା ।

ISSN NO.
2582-208X

ଏଇଟା ଆରତୀ ଓ ଆଦିତ୍ୟଙ୍କ ପାଇଁ ତାଙ୍କ ଝିଅ ଘରେ ପ୍ରଥମ ରହଣୀ ହୋଇଥିବାରୁ ଓ ଝିଅ ଘରେ ଶୋଇବା କୋଠରି ସହିତ ଗାଧୁଆଘର ଓ ଶୌଚାଳୟ ସଂଯୁକ୍ତ ନଥିବାରୁ କେମିତି କଣ ରହିବ ସେଇ ଚିନ୍ତାରେ ସେମାନେ ଥିଲେ । ପ୍ରୀତି ଯିବାପରେ ଶୋଇବା ପୋଷାକ ପିନ୍ଧିବାକୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କୋଠରି ଭିତରେ ପ୍ରବେଶ କଲା ଆରତୀ । ପୋଷାକ ବଦଳାଇ ଦାନ୍ତ ଘଷିବାକୁ ବାହାରକୁ ଆସିବ ବୋଲି କବାଟ ଖୋଲିବାକୁ ଚେଷ୍ଟା କରି ବି ସିଏ ଖୋଲିପାରିଲାନି । ସମସ୍ତେ କଥାବାର୍ତ୍ତାରେ ମଗ୍ନ । କିନ୍ତୁ ଫିଜି ଆରତୀର ସ୍ୱର ଶୁଣିପାରିଲା । ତା ବାପାକୁ ଇଂରାଜୀରେ କହିଲା, "ଡାଡ୍, ମୋ ଆଈ କିଛି ବିପଦରେ ପଡିଛନ୍ତି, ତାଙ୍କୁ ସାହାଯ୍ୟ କର ।' ସମସ୍ତେ ହସିଲେ । ଏତେ ଛୋଟ ପିଲାର ଏମିତି ବୁଝିବା ଶକ୍ତି ସମସ୍ତଙ୍କୁ ଆମୋଦିତ କଲା । ଜୁଆଁଇ ବ୍ରାୟାନ ଆସି କବାଟ ଖୋଲିଲେ । ନାତି ଖେଳିଖେଳି କ୍ଳାନ୍ତ ହେବା ପରେ ଶୋଇବାକୁ ଗଲା ।

ତା ପରଦିନ ଅକ୍ଟୋବର ୪ ତାରିଖ । ସକାଳୁ ଆରତୀର ନିଦ ଭାଙ୍ଗିଗଲା । ସିଏ ଉଠି ନିଜର ନିତ୍ୟକର୍ମ ସାରି ଗାଧୋଇପଡିଲା । ଆଦିତ୍ୟ ବି ଗାଧୋଇପଡିଲେ । ସେଇଟା ବଡକାମ । ତାପରେ ସବୁ ଠିକ୍ ହୋଇଯିବ । ଝିଅ, ଜୁଆଁଇ ୭ଟା ବେଳେ ଉଠିଲେ । ଝିଅ ଚାହା କଲା । ସିଏ ପୂର୍ବରୁ ଚୁଡା ଉପମା ବି ତିଆରି କରିସାରିଥିଲା । ଆରତୀ କହିଲା, "ସେମାନେ ବୋଧହୁଏ ସକାଳ ଖାଇବାର ବ୍ୟବସ୍ଥା କରିଛନ୍ତି । କାରଣ, ସେମାନେ ପଠେଇଥିବା ନିର୍ଦ୍ଦେଶ ଅନୁଯାୟୀ, ୯ଟା ବେଳେ ଜଳପାନ, ତାପରେ ବିବାହ ଶୋଭାଯାତ୍ରା, ତାପରେ ବିବାହ ଓ ବିବାହ ପରେ ମଧ୍ୟାହ୍ନ ଭୋଜନ । ତେଣୁ ଘରେ କିଛି ନ ଖାଇଲେ ବି ଚଳିବ ।' ହେଲେ ସମସ୍ତେ ସେ ଚୁଡା ଉପମା କିଛିକିଛି ଖାଇଲେ ଓ ଚାହା ପିଇଲେ । ତାପରେ ସମସ୍ତେ ଭଲ ପୋଷାକ ପିନ୍ଧି ଓ ବେଶଭୂଷା ହୋଇ ପ୍ରସ୍ତୁତହେଲେ ।

ଘରୁ ବାହାରୁବାହାରୁ ୯ଟା ବାଜିଗଲା । ଟିନାର ଘରୁ ବିବାହ ସ୍ଥାନ "ପୋଟୋମାକ ଭିଉ ଟେରାସ୍' ୧୫ ମିନିଟ୍ ଲାଗିଲା । ଆରତୀ, ଆଦିତ୍ୟ, ବ୍ରାୟାନ ଓ ଫିଜିକୁ "ପୋଟୋମାକ ଭିଉ ଟେରାସ୍'' ପାଖରେ ଓହ୍ଲାଇଦେଇ ଟିନା ପାର୍କିଙ୍ଗ୍ କରିବାକୁ ଗଲା । ସେଠି ଶାଢୀ ଓ ଭାରତୀୟ ପୋଷାକ ପିନ୍ଧିଥିବା କିଛି ଲୋକ ଯିବାଆସିବା କରୁଥିଲେ । ସେମାନଙ୍କୁ ଅନୁସରଣ କରି ଆରତୀ, ଆଦିତ୍ୟ, ବ୍ରାୟାନ ଓ ଫିଜି ଜଳପାନ ନିକଟରେ ପହଞ୍ଚିଗଲେ । ସେତେବେଳକୁ ସେଠି ପ୍ରାୟତଃ ୪୦–୫୦ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ । ହାଲୁକା ବିବାହ

ISSN NO.
2582-208X

ସଂଗୀତ ବାଜୁଥିଲା । ସମସ୍ତେ ଜଳପାନ କରିବାରେ ଲାଗିଲେ । ପ୍ରାୟ ୧୧ଟା ବେଳକୁ ବିବାହ ଶୋଭାଯାତ୍ରା ଆରମ୍ଭହେଲା ଓ ତାପରେ ବିବାହ କାର୍ଯ୍ୟ । ବିବାହ ଯେଉଁଠାରେ ହେଲା, ସେଇଟା ଖୋଲାସ୍ଥାନ । ସେମାନେ ତମ୍ବୁ ପକେଇବାର ବ୍ୟବସ୍ଥା କରିନଥିଲେ । ଖରା ବି ଟାଣ ଥିଲା ଓ ଗରମ ହେଲା । କିଛିଲୋକ ଛତା ସଂଗ୍ରହ କରି ସେ ଖରାରେ କିଛି ସମୟ ବସିଲେ । ଯେଉଁମାନଙ୍କର ଛତା ନଥିଲା, ସେମାନେ ଆଉ ବସିପାରିଲେ ନାହିଁ । ସମସ୍ତେ ଚେୟାରସବୁ ନେଇ ପାର୍ଶ୍ୱରେ ଗଛତଳେ ବସିଲେ । ହେଲେ ବର, ବରର ପିତାମାତା, କନ୍ୟା ଓ ତାର ପିତାମାତା, ଏବଂ ବ୍ରାହ୍ମଣ ସମସ୍ତଙ୍କୁ ଖରାରେ ବସିବାକୁ ପଡିଲା। ସେମାନଙ୍କ କଥା ଚିନ୍ତା କରି ଆରତୀ ମଧ୍ୟ ସେ ଖରାରେ ଚେୟାର ପଡିଥିବା ସ୍ଥାନରେ ବସିଲା ।

ଯେତେବେଳେ ବର ଓ କନ୍ୟା ପବିତ୍ର ଅଗ୍ନିର ଚାରିପଟେ ସାତଥର ପରିକ୍ରମା କରି ସେମାନଙ୍କର ବୈବାହିକ ଜୀବନପାଇଁ ଶପଥ ନେଉଥିଲେ, ସେତେବେଳେ ଆରତୀର ପ୍ରୀତି କଥା ମନେ ପଡିଲା । ସତରେ ଏ ସପ୍ତପଦୀର ଅର୍ଥ ସମସ୍ତେ ହୃଦୟ ଭିତରେ ଅନୁଭବ କରି ଶପଥ ନିଅନ୍ତି ନା ଏମିତି ଏକ ନାଟକର ସଂଳାପ ଭାବି କହିଦିଅନ୍ତି । ଯଦି ଏମିତି ଶପଥ କରି ବିବାହ କରିଥିବା ବର, କନ୍ୟା ୬-୭ ବର୍ଷ ଭିତରେ ସବୁ ଭୁଲିଯାଇ ଅଲଗା ହୋଇପାରନ୍ତି ଓ ପୁଣି ଆଉ ଜଣକୁ ନିଜର କରିବାପାଇଁ ଆଗେଇ ଆସିପାରନ୍ତି, ସେ ଶପଥର ଅର୍ଥ କଣ ?

ବିଶେଷତଃ ପଞ୍ଚମ ଥରର ପରିକ୍ରମା ସମୟରେ ସେମାନନଙ୍କର ଶପଥ; ଶକ୍ତିଶାଳୀ, ସଦ୍‌ଗୁଣ ସଂପନ୍ନ ଓ ସୁଖୀ ସନ୍ତାନର ଜନକ, ଜନନୀ ହୋଇ ସୁଖମୟ ପରିବାରିକ ଜୀବନ ଗଢିବାର ଶପଥ ଆରତୀର ମନ ଚହଲେଇ ଦେଲା । "ଏମାନଙ୍କର ବିବାହ ସୁଖମୟ ହେଉ । ଏମାନେ ଏ ଶପଥ ଚିରକାଳ ପାଇଁ ରଖନ୍ତୁ । ପ୍ରୀତି ଭଳି ଏମାନଙ୍କ ଜୀବନରେ ବିଚ୍ଛେଦ ନ ଆସୁ ।"

ମନକୁ ଆସିଲା ୨୨ ବର୍ଷ ତଳେ ସେମାନେ ଯୋଗ ଦେଇଥିବା ଏକ ଆଦର୍ଶ ବିବାହର କାହାଣୀ । ରାକେଶ ଓ ରଚନାର ବିବାହ । ଉଭୟଙ୍କ ପିତାମାତା ଓଡିଶାର । ବର, କନ୍ୟା, ଉଭୟ ଡାକ୍ତର । ସେମାନଙ୍କ ପିତାମାତା ସମସ୍ତେ ପ୍ରତିଷ୍ଠିତ ଓ ଉଚ୍ଚ

ISSN NO.
2582-208X

ପଦପଦବୀରେ ଆମେରିକା ଦେଶରେ ରହିଥାନ୍ତି । ସେମାନଙ୍କର ବିବାହକୁ ଏକ ଆଦର୍ଶ ବିବାହର ଉଦାହରଣ ଦେଇ ସମସ୍ତେ ନିଜ ପିଲାମାନଙ୍କୁ ଉପଦେଶ ଦିଅନ୍ତି । "ତୁ ଓଡିଆ ପିଲା ଦେଖେ । ରାକେଶ ଓ ରଚନା ପୁଣି ନିଜନିଜକୁ ପାଇଲେ ନା ନାହିଁ ।'

ଏଇତ ମାସକ ତଳେ ଆଦିତ୍ୟ କହୁଥିଲେ, "ତୁ ଜାଣିଛୁ, ରାକେଶ ଓ ରଚନାଙ୍କର ଛାଡପତ୍ର ହୋଇଯାଇଛି ।'

"ସତରେ ନା କଣ ? ଏତେ ବର୍ଷ ପରେ ଏମିତି କେମିତି ହେଲା ? ସେମାନଙ୍କ ପିଲାମାନେ ତ ଏବେ କଲେଜ ଯିବେଣି ।"

"ହଁ, କଣ ହେଲା କିଏ ଜାଣିଛି । ଏ ଦେଶରେ ସବୁ ବଢିଛନ୍ତି ନା । ଟିକେ ମନୋମାଳିନ୍ୟ, ରାଗରୁଷା, ତାପରେ ସବୁ ସଂପର୍କ ଶେଷ ।'

ଆରତୀ କହିଲା, "ଆମେ ଏବେ ଆମ ମଝିଆଁ ଝିଅ ପାଇଁ ଜୀବନସାଥୀଟିଏ ପାଇବାପାଇଁ ଏତେ ବ୍ୟାକୁଳ ହେଉଛନ୍ତି । ଏସବୁ କଥା ଯଦି ତା' କାନରେ ପଡିବ, ତେବେ ତ ବିବାହ ପାଇଁ ତାର ଉତ୍ସାହ ସେଇଠି ମରିଯିବ ।'

ଆଦିତ୍ୟ କହିଲେ, "ସେକଥା ତ ଅଲଗା । ଏବେତ ତା' ନିଜ ସାଙ୍ଗ, ଯିଏ ୫ ବର୍ଷ ତଳେ ବାହା ହୋଇଥିଲା, ସିଏ ବି ଛାଡପତ୍ର ଦେଇ ଏବେ ଏକା ରହୁଛି ।'

"ହଁ, ସମୟ ଭଲ ନୁହେଁ । ମଣିଷର ମାନସିକତା ବୁଝିବା କଷ୍ଟକର ।'

ଆରତୀ ମନକୁ ବୁଝେଇଲା । "ଛି, ଏ ମନ ଭିତରକୁ କଣ ଆସୁଛି ଯେ ? କିଛି ବିବାହ କାମ କରୁନି ମାନେ କଣ ସବୁ ବିବାହ ସେମିତି ହେଉଛି ? ତାବୋଲି ସାରା ଦୁନିଆଁଟାକୁ କଣ ଅବିଶ୍ୱାସ କରିବା ଉଚିତ୍ ? ଏ ଶୁଭବେଳାଟାରେ ଏମିତି ଅଶୁଭ ଚିନ୍ତା କରିବା ଅନୁଚିତ୍ ।'

ISSN NO.
2582-208X

ଏହି ସମୟରେ କନ୍ୟାର ପିଉସୀ ଆସି ଡାକିଲା । କହିଲା, "ଅପା, ଏବେ ମଙ୍ଗଳସୂତ୍ର ଓ ସିନ୍ଦୂର ଦାନ ବିଧି ହେବ । ତମେ ମଣ୍ଡପ ପାଖକୁ ଆସ । ଆମେ ସମସ୍ତେ ମିଶି ହୁଳହୁଳି ପକେଇବା ।'

ମନରୁ ସବୁ ଚିନ୍ତାକୁ ବିଦାୟ ଦେଇ ଆରତୀ ମଠପ ନିକଟକୁ ଗଲା ଓ ବିବାହର ବିଶେଷ ରୀତିନୀତି "ମଙ୍ଗଳସୂତ୍ର ଓ ସିନ୍ଦୂର ଦାନ ବିଧି' ସହିତ ସଂପୃକ୍ତ ହୋଇଗଲା ।

ମନେମନେ ଈଶ୍ୱରଙ୍କୁ ପ୍ରାର୍ଥନା କଲା, "ଏମାନଙ୍କର ବିବାହ ସୁଖପ୍ରଦ ହେଉ । ଖୁବ୍ ଶୀଘ୍ର ଏମାନେ ସପ୍ତପଦୀର ପଞ୍ଚମ ଶପଥ ରକ୍ଷାକରି ସୁସନ୍ତାନର ପିତାମାତା ହୁଅନ୍ତୁ ଓ ସପ୍ତପଦୀର ଅନ୍ୟ ସବୁ ଶପଥ ହୃଦୟ ଭିତରେ ସ୍ମରଣ କରି ଚିରକାଳ ଜୀବନସାଥୀ ହୋଇ ରୁହନ୍ତୁ ।'

-୦-

୪୫୨୫ ରଦରଫୋର୍ଡ ୱେ
ଡେଟନ୍, ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
Contact Email: bigyanidas.osa@gmail.com

ISSN NO.
2582-208X

# ଭିନ୍ନ ଏକ ଶରତ



ଡ. ଆଲୋକ କୁମାର ରାୟ

କାହିଁ ଆକାଶ ଯାଉନି ଦେଖା ନୀଳ ହେଲେ ହେଁ ସ୍ୱଚ୍ଛ
କାହିଁ ପୋଖରୀ ପାଣି ସେମିତି ରହିଛି ଗୋଳିଆ, ଦେଖିବାକୁ ତୁଚ୍ଛ ।
ଆକାଶରେ ଭାସୁଛି ଦେଖ କଳାହାଣ୍ଡିଆ ବଉଦ କେତେ ମାଳକୁ ମାଳ
ଅକସ୍ମାତ ବାଦଲ ଫଟା ବର୍ଷାରେ ଘରେ ପାଣି, ଭାସୁଛି ଥାଳ ।
ପୂଜା ପର୍ବାଣୀ ପାଣିଖିଆ, ଏଣୁ ଆନନ୍ଦ ଉତ୍ସବ ଏବେ ପାଣିଚିଆ
କେଉଁଠି ଘରୁ ବାହାରି ନପାରି ମନମାରି ବସିଛି ଦେଖ ରସିକିଆ ।
ପ୍ରକୃତି ଦାଉ ସାଧୁଛି ଜାଣି ଜହ୍ନି- କାକୁଡି ଫୁଲ ମନ ଉଦାସିଆ
ଦେଖିବାକୁ ଜହ୍ନ କଇଁ କାହିଁ ଯେ, ସଚରାଚର ଏବେ ଅମାନିଆ ।
କାହିଁ ଦଳଦଳ ପକ୍ଷୀଙ୍କ ଦିଶୁନାହିଁ ଆକାଶେ ଯିବା ପଥ ସର୍ପିଳ
ମୁଣ୍ଡେ ହାତ ଦେଇ ଜମିକୁ ଅନାଇ ଚାଷୀ ମଣୁଛି ଦୁର୍ବଳ ।
ବରଷା ବତାସ ଲାଗି ରହିଛି, ଘରେଘରେ ଲୋକ ଭୋଗନ୍ତି ରୋଗ
ଯାନୀଯାତ୍ରା ଯିବାକୁ କିଏ ସେ ପଚାରେ, ସୁଖ ଏଠି ମହରଗ ।
ଗୋଡ଼ରେ ମାରି କୁରାଢି ଦେଖ ମଣିଷ ନିନ୍ଦୁଛି ଭାଗ୍ୟ ସୁମରି
ପରିବେଶ ସ୍ୱାସ୍ଥ୍ୟ ରହିଲେ ଉତ୍ତମ ସିନା ଅବସ୍ଥା ଯିବ ସୁଧୁରି ।
ପୁରୁଣା ସ୍ମୃତିକୁ ଧରି ଯାବୁଡ଼ି କାନ୍ଦିଲେ ଯମ କି ଛାଡେ
ନହେଉ ଆମ ପ୍ରକୃତି, ଗୋଦରୀ କୋଡେ ଯେତେ ସେତେ ମାଡେ ।

କେନ୍ଦ୍ରାପଡ଼ା
ମୋ:୯୪୩୭୦୬୮୦୦୩

ISSN NO.
2582-208X

# ସ୍ୱୟଂସମ୍ପୂର୍ଣ୍ଣା



ସୁଲକ୍ଷଣୀ ସାହୁ

ତୁମ ହାଣ୍ଡିରେ ଚାଉଳ ପକେଇଛି ବୋଲି ତ
ମୋ ହାତ ରେଖା, କପାଳ ଲେଖା
ତୁମରି ପାଖେ ଧରାଦେଲେ
ଲଗାମସବୁ ତୁମ ହାତେ ପାଇଗଲ
କାଠ କଣ୍ଢେଇର ଆଗମନୀ ବାଦ୍ୟ,ନୃତ୍ୟ, ସଙ୍ଗୀତରେ,
କ୍ରୀଡାର ମଞ୍ଚ ପ୍ରସ୍ତୁତ କଲ।

କେଉଁ ଏକ ଡୋରରେ ଦୁହେଁ ଛନ୍ଦିତ ଥିଲେ ଯେ
ମାଇଲ ମାଇଲ ଦୁରତା ପରେ ବି
ମୋ ନୀଡ଼ ତୁମ ସହ ବନ୍ଧା
ମୋ ନିୟତିର ମାଲିକ ହୋଇଗଲ,
ଇସାରା ମାତ୍ରେ ମନୋରଞ୍ଜନର ସାଧନ ସାଜିବି ବୋଲି ଷଡ଼ଯନ୍ତ୍ର ବହିଲ।

ଏରୁଣ୍ଡିବନ୍ଧ ପର୍ଯ୍ୟନ୍ତ ସାଥିରେ ଆସି
ନିଜ ଆକାଶେ ମଣ୍ଡିଗଲ ହଜିଗଲ
ଦରଜା ଭିତରେ ପାଦ ଥୋଇ

ISSN NO.
2582-208X

ନିଜ ଠିକଣା ପର୍ଚିଟି
କାନ୍ଥ ବାଡ଼ରେ, ଚାରି କୋଣରେ, ମୋ ଶାଢ଼ୀ ସାଇତା ବାକ୍ସରେ,
ନୂଆ ନୂଆ ଚିହ୍ନା ଅଚିହ୍ନା ମୁଖରେ ଦରାଣ୍ଡୁ ଦରାଣ୍ଡୁ
ନୂଆ ସମ୍ପର୍କର ବେଢଣରେ
ଟିକେ ହତବାକ୍ ମୁଁ,
ଭ୍ରାନ୍ତ ମନରେ ଆଶ୍ୱାସନା
'ସବୁ ଠିକ୍ ହେଇଯିବ'ର।।

ଯାବତୀୟ ଜଞ୍ଜାଳରେ
ସମ୍ପର୍କଗୁଡ଼ିକର ନୂତନତ୍ୱକୁ ଆପଣେଇ
ସମୟ ଉପରେ ଛାଡିଦେଲି ଜୀବନ
ହାଣ୍ଡିଶାଳେ ସିଝିଲି, ଘାଣ୍ଟି ହେଲି,ଭାଜିହେଲି,
ପୋଡ଼ି ହେଲି, ଚୁରିହେଲି ପେଷିହେଲି,
ଗରମ୍ ଗରମ୍ ମୁଁ ଥାଳିରେ ପରଷିହେଲି
ଥରକୁ ଥର ନୂଆ ପ୍ରକାରେ, ନୂଆ ଆକୃତିରେ,
ଅଲଗା ଅଲଗା ସମୟେ ଇଚ୍ଛାରେ ଅନିଚ୍ଛାରେ
ଅଲଣା, ଲୁଣିଆ, ଅସୁଆଦିଆ, ମସଲାର କଞ୍ଚା ପଣ,
ଆକ୍ଷେପ ଆହୁରି କେତେ କଣ।

ନାହିଁ ଧାର ମଞ୍ଜୁଳ ନାସିକା, ନୁହଁ ତ ଗଢଣ ସୁଢଳ, ସାବର୍ଣ୍ଣା ମୁଁ
ସେମାନେ କୁଆଡେ ରଜା ରାଜୁଡାଙ୍କ ଭଳି ସୁନ୍ଦର;
ରୂପ, ରଙ୍ଗ, ଗୁଣ ସବୁରେ ଊଣା କାଳେ ମୋର,
ଦିନ ରାତି ଖୁଣ ଖୋଜା ଆଖି କେତୋଟି:
ଓଃ ଅଣନିଃଶ୍ୱାସୀ ମୁଁ

ISSN NO.
2582-208X

ସନ୍ତୁଷ୍ଟିର ବେଢାଣରେ ଘୋଡ଼େଇ ପାରିଲିନି କାହାକୁ
ଏରୁଣ୍ଡିବନ୍ଧର ନରମ୍ ପାଆପୋଛ ସମାନ ହୀନିମାନ,
ଅତି ସଂସ୍କାରୀ ଓ ସାମାଜିକ ମୂଲ୍ୟବୋଧକୁ ସମ୍ମାନର ଫଳ ଏ।

ସରଳ, କଅଁଳ ବଚନ, ସ୍ୱରରେ ତା'ଶତ ଆକଟ
ବିପ୍ଳବୀ ଚିନ୍ତାଧାରା କ୍ଷୟିତ
ହାତରେ କାହା ଦମ୍ଭିଲା ସ୍ପର୍ଶର ନାହିଁ ଉତ୍ସାହ
ନିଜ ନିଜ ବଡ଼ ପଣିଆ ଜାହିର୍ ବେଳାରେ ମିଛେଇ, କପଟି, ଠକ, ବ୍ୟଭିଚାରିଣୀ
ନତୁବା ଦାସୀର ମୂକ ମୁଖା ପିନ୍ଧେଇବାକୁ ସମସ୍ତେ ତୟାର ଏଠି।

ସତୀତ୍ୱ ବିକ୍ ବଜାରରେ ଆଜି ଅବଶ
ସୀତା, ଦ୍ରୌପଦୀ ପରି ନିର୍ବାକ ମୁଁ ,
ଏକୁଟିଆ..ଧର୍ମ ଅଧର୍ମର ଛକାପଞ୍ଝା ଖେଳ
ହେ କୃଷ୍ଣ! ହେ ମାଧବ! ହେ ଅନାଥର ନାଥ ରକ୍ଷାକର!!
ହତାହତ ମୁଁ ମର୍ମାହତ ଖିନଭିନ ମୁଁ ଭିତରେ ବାହାରେ
କଣ ଜଳିବି ଆଜି ମୁଁ ସତିତ୍ୱର ଅଗ୍ନିରେ ?
କି ଜଳିବ ଏ ଅହଂକାରର ବିଶ୍ୱ ସତୀତ୍ୱ ଅଗ୍ନିରେ ?

ହଠାତ୍ ଶେଷ ଚେଷ୍ଟାର ବିକଟାଳ ଚିତ୍କାର... ସ୍ୱୟଂସମ୍ପୂର୍ଣ୍ଣା ମୁଁ
କ'ଣ ପେଟ ଚାଖଣ୍ଡେ ପୋଷିବାକୁ ଅକ୍ଷମ
ଗର୍ଜନରେ ଝୁଣି ଖାଇବାକୁ ପ୍ରସ୍ତୁତ ବିଲୁଆତକ
ଯେ ଝା ଗାତରେ ପ୍ରବେଶିଲେ
ଦୀର୍ଘ ଶୂନ୍ୟତାରେ ଘଣ୍ଟ ଘଣ୍ଟିର ପ୍ରଘୋଷ
କୁଙ୍କୁମ ଚନ୍ଦନର ମହକ
ଦେବୀଙ୍କ ଆବିର୍ଭାବ ଏ

ISSN NO.
2582-208X

ହଁ ଦେବୀଙ୍କ ଆବିର୍ଭାବ
ତ୍ରାହି ତ୍ରାହି ନିବେଦିତା କ୍ଷିତି।

ହୁସିଆର ନହେଲେ
ଏଠି ସତୀ ହୁଏ ବ୍ୟଭିଚାରିଣୀ
ଅନ୍ୟକୁ ଦଳି ସ୍ୱାର୍ଥଜଡ଼ିତ ମଣିଷ ଖ୍ୟାତିସମ୍ପନ୍ନ ମଣେ,
ମମତାମୟୀ ମାଁ ନିଜ ସମ୍ମାନ ହେତୁ ରକ୍ତମୂଖାଦେବୀ ସାଜେ
ଆଉ କିଛି ଲୋକ,ଶାଇପଡ଼ିଶା,ବନ୍ଧୁବାନ୍ଧଙ୍କ
ଟୁପୁରୁ ଟାପୁରୁ ତା'କୁ ଦୁଷ୍ଟ ଖଳିବି ନାମିତ କରେ।।

ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ,
ଖରିଆର ରୋଡ, ନୂଆପଡା,୯୯୩୭୮୯୨୦୨୯

ISSN NO.
2582-208X

# ବାହୁଡ଼ା ଓ ଶ୍ରୀ ଜଗନ୍ନାଥ



ସୂର୍ଯ୍ୟକାନ୍ତ ବେହେରା

ବାହୁଡ଼ି ଆସ ହେ କଳା କହ୍ନେଇ
ଜଗତଜନଙ୍କ ଦୁଃଖ ହରେଇ ।।୧।।

ସଙ୍ଗେ ଧରି ଆସ ଭାଇ ଭଉଣୀଙ୍କୁ,
ଫେରି ଆସ ନିଜ କର୍ମ ବେଦୀକୁ ।।୨।।

ମା' ସାଆନ୍ତାଣୀ ଏଠି ଏକା ଅଛନ୍ତି,
ଅନୁରାଗେ ସିଏ କଷ୍ଟ ପାଆନ୍ତି ।।୩।।

ଦର୍ଶନ ପାଇଲେ ପତିତଜନ,
ଏବେ ନିଜ ଗୃହ କର ଗମନ ।।୪।।

ସୃଷ୍ଟିକୁ ତୁମର ଦେଖିବା ପାଇଁ,
ରତ୍ନସିଂହାସନୁ ଆସି ଅଛ ଓହ୍ଲାଇ ।।୫।।

ଭକତ ତୁମକୁ ଦେଖିବା ମିଛ,
ତୁମେ ଭକ୍ତଙ୍କ ପାଇଁ ଦାଣ୍ଡେ ଛିଡ଼ା ହେଇଚ ।।୬।।

ISSN NO.
2582-208X

କେତେ ତରି ଗଲେ ସ୍ୱର୍ଗ ଦ୍ୱାରକୁ,
କେତେ ଫେରି ଗଲେ ନିଜ ଗ୍ରାମକୁ ।।୭।।

କେତେ ଅଛନ୍ତି ବାହୁଡ଼େଇବା ପାଇଁ,
ଆଖିକୁ ତାଙ୍କର ନିଦ ଯେ ନାହିଁ ।।୮।।

ଆଡ଼ପରୁ ଆଣି ଶ୍ରୀମନ୍ଦିରକୁ,
ଲକ୍ଷ୍ମୀ ଠାକୁରାଣୀଙ୍କୁ ଅର୍ପି ଦେବାକୁ ।।୯।।

ପରିବାର ପୁଣି ଏକାଠି ହେବ,
ଜଗତବାସୀଙ୍କ ଦୁଃଖ ହରିବ ।।୧୦।।

ଅମାରଗଡ଼ିଆ, ଖଇର୍, ବାଲେଶ୍ୱର
ଦୂରଭାଷ - ୮୦୯୩୬୪୦୫୫୪

ISSN NO.
2582-208X

# ମଣିଷ ପରାଏ ବଞ୍ଚିବି



ପୁଷ୍ପାଞ୍ଜଳି ପଣ୍ଡା

ଦେବୀ ର ଆଖ୍ୟା ମୁଁ ଲୋଡେନି
କେହି ପୂଜା କରୁ , କେହି ବଡ଼ କହୁ
କେହି ଅଳି ବାଢୁ ଜମା ଚାହେଁନି
ଚାହେଁ
ଦେବୀ ମୁଁ ନହୋଇ
ମାନବୀ ଟେ  ହେଇ
ମଣିଷ ସାଥୀରେ ରହିବି
ମଣିଷ ପଣିଆ ବାଢିବି ।।

କାହା  ଅଳି ଅର୍ଦ୍ଦଳି ପଛେ ନଶୁଣେ
ନିଜ ଅଳିନେଇ
ହାତ ଟେକିଦେଇ କହିବି
ନିରାଶ୍ରୟ ମୁଁ
ତବ ଚରଣରେ ଶରଣ ଦିଅହେ
ଶହେ ଦଣ୍ଡବତ ହୋଇବି
ମଣିଷ ପରାଏ ବଞ୍ଚିବି ।।

ISSN NO.
2582-208X

ସଂସାର ଜାକର ଜଞ୍ଜାଳ
ବଞ୍ଚିବାର ଆଶା
ଭରସା ର ଡଙ୍ଗା
ବିଶ୍ୱାସ ରେ ସବୁ ସରଳ
ଯାତନା ବେଦନା କଷଣ
ଆୟୁରେଖା କମେ ତତ୍ କ୍ଷଣ
ଶେଷ ବଇଁଶୀ ର ସୁରରେ
ଆଖି ମୁଦି ହୋଇ ଆସେ ରେ
ଆଲୋକର ପଥେ ଉଡିବି
ଦେବତା ନହୋଇ ମଣିଷ ହୋଇବି
ସଂସାର ରେ ଜିଇଁ ରହିବି
ମଣିଷ ପରାଏ ବଞ୍ଚିବି ।।

@@@@@@@@

କେନ୍ଦ୍ରାପଡ଼ା
୯୮୬୧୪୫୭୫୬୩

ISSN NO.
2582-208X

# ଗୋପବନ୍ଧୁଙ୍କ କାବ୍ୟ କବିତାରେ 'ମାନବବାଦ'ର ସ୍ୱର



ଡ଼କ୍ଟର ସଂଯୁକ୍ତା ଦାସ

କ୍ରମ ବିବର୍ତ୍ତନଶୀଳ ସମାଜ ଓ ବ୍ୟକ୍ତି ସ୍ୱାତନ୍ତ୍ରବୋଧ କୁ ଆଧାର କରି ଯେଉଁ କେତେ ଗୁଡିଏ ମତବାଦ ମନୁଷ୍ୟ ଜୀବନରେ ଗଭୀର ପ୍ରଭାବ ବିସ୍ତାର କରିଛି ତନ ମଧ୍ୟରେ "ମାନବବାଦ" ଅନ୍ୟତମ । ମାନବବାଦ ଏକ ମହତ୍ତର ଜୀବନ ଦୃଷ୍ଟି ତଥା ଉଚ୍ଚ ଚିନ୍ତାଧାରା ସମ୍ପନ୍ନ ସମାଜଦର୍ଶନ । ପ୍ରଚଳିତ ସମାଜରେ ହେତୁବାଦ, ସଂଶୟବାଦ, ନିରୀଶ୍ୱରବାଦ, ପ୍ରତ୍ୟକ୍ଷବାଦ, ଅସ୍ତିତ୍ୱବାଦ ଆଦି ଦାର୍ଶନିକ ମତବାଦ ମଧ୍ୟରେ ମାନବବାଦ କୁ ସର୍ବୋତ୍ତମ ଜୀବନଦୃଷ୍ଟି ଭାବରେ ଗ୍ରହଣ କରାଯାଏ । ମାନବ ହିଁ ସବୁର ମାନଦଣ୍ଡ । ସକଳ ନୀତି, ଆଦର୍ଶ, ମୂଲ୍ୟବୋଧ, ଜୀବନଶୈଳୀ ମନୁଷ୍ୟ ହିଁ ନିଜର ସାମାଜିକ ବିକାଶଧାରାରେ ସୃଷ୍ଟିକରିଛି । ସଭ୍ୟତା ର ସମସ୍ତ ବିକାଶ ଓ ପ୍ରଗତି, ମନୁଷ୍ୟର ଉତ୍ସାହ, ଉଦ୍ଦୀପନା, ବୁଦ୍ଧି, ବିଚାରଶୀଳତା ଯୋଗୁ ସମ୍ଭବପର ହୋଇ ଏକ ବିକଶିତ ସମାଜ ଦର୍ଶନର ଭିତ୍ତି ପଡିଛି । ମାନବିକ ଅଧିକାର, ବ୍ୟକ୍ତି ମର୍ଯ୍ୟାଦା ବୋଧ, ସମତା ଆଧାରିତ ସାମାଜିକ ଭାବନା ସଭ୍ୟ ଜୀବନଧାରାର ଅବିଚ୍ଛେଦ୍ୟ ଅଙ୍ଗ ହୋଇପଡିଛି । (୧) ଏହା ମାନବବାଦ ର ପ୍ରତିଷ୍ଠା ପାଇଁ ବିଶେଷ ସହାୟକ ହୋଇଥିବା ଜଣାଯାଏ ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜ ଜୀବନ ସହ ଅନ୍ତରଙ୍ଗ ଭାବେ ଜଡିତ । ସମାଜରେ ହେଉଥିବା ପରିବର୍ତ୍ତନ, ନୂତନତ୍ୱ ଓ ବିକାଶ କ୍ରମଧାରାରେ ମାନବର ଦାନ ଅତୁଳନୀୟ । ମନୁଷ୍ୟ ନିଜର ବୁଦ୍ଧି, ବିଚାରଶୀଳତା ଓ ବିବେକରେ ମହନୀୟତା ପ୍ରତିପାଦନ କରି ବିଶ୍ୱର ସମସ୍ତ ଜୀବମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସ୍ନେହ, ପ୍ରେମ, ଦୟା, କ୍ଷମା

ISSN NO.
2582-208X

ଆଦି ସଦଗୁଣର ପରିପ୍ରକାଶ କରି ସମଗ୍ର ଜଗତର କଲ୍ୟାଣ ସାଧନ କରୁଛି । ଏଇ ଉତ୍ତମ ଭାବ ସମ୍ପନ୍ନ ମାନବୀୟ ପ୍ରବୃତ୍ତି ହିଁ 'ମାନବବାଦ ।

ମଣିଷର ଶ୍ରେଷ୍ଠ ବରଦାନ ହେଉଛି ତାର ଭାଷା । ବାକଶକ୍ତି ଯାହାଦ୍ୱାରା ମଣିଷ କେବଳ କଥା କହି ନିଜର ହୃଦୟର ଭାବକୁ ବ୍ୟକ୍ତ କରେନାହିଁ ବରଂ ଅନ୍ତର ର ଭାବକୁ ପ୍ରକାଶ କରେ ବିଭିନ୍ନ କଳା ଓ ସାହିତ୍ୟ ମାଧମରେ । ସାହିତ୍ୟ ଏକ ମହତ୍ୱପୂର୍ଣ୍ଣ ମାର୍ଗ । ସାହିତ୍ୟ ମାଧ୍ୟମରେ ବ୍ୟକ୍ତି ନିଜର ଅନ୍ତରର ଭାବ ଓ ଚିନ୍ତା ଚେତନାକୁ ବ୍ୟକ୍ତ କରିବାକୁ ସମର୍ଥ ହୁଏ । ସମାଜକୁ ସୁମାର୍ଗରେ ପରିଚାଳିତ କରିବାପାଇଁ ପ୍ରେରଣା ପ୍ରଦାନ କରେ । "କଳା ସାହିତ୍ୟ ସହ ମନୁଷ୍ୟ ଯେଉଁ ପରିମାଣରେ ଭାବ ସଂଯୋଗ କରିପାରେ ସେଇ ପରିମାଣରେ ସେ ଉନ୍ନତ ଓ ସମୃଦ୍ଧ ହୁଏ । ଏହା ଯେତେ ନିବିଡ଼ ହୁଏ ଓ ଯେତେ ଘନିଷ୍ଠ ହୁଏ ସେତେ ପରିମାଣରେ କାବ୍ୟ କବିତା ହୁଏ ଶାଶ୍ୱତ ଓ ଚିରନ୍ତନ "।(୨) ସତ୍ୟ, ମିଥ୍ୟା, ହିଂସା, ଅହିଂସା, ମୈତ୍ରୀ, ଶତ୍ରୁତା ଏହିପରି ବିବିଧ ମାନବିକ ବିଚାର ସାହିତ୍ୟରେ ଯେତେବେଳେ ସ୍ଥାନପାଏ ଏବଂ ସର୍ବଜନ ଉପଭୋଗ୍ୟ ବ୍ୟବସ୍ଥାଟି ଯେତେବେଳେ ସାହିତ୍ୟକାର ତାର ନିଜସ୍ୱ ସୃଷ୍ଟି ମାଧ୍ୟମରେ ପ୍ରତିଫଳିତ କରେ ସେତେବେଳେ ମାନବବାଦର ସୃଷ୍ଟି ହୁଏ"।(୩)

ଯୁଗେ ଯୁଗେ ମାନବବାଦୀ ଚିନ୍ତାଧାରା କବି ଓ କଳାକାରଙ୍କୁ ପ୍ରେରଣା ପ୍ରଦାନ କରିଛି ଉଚ୍ଚତର ସାହିତ୍ୟ ସୃଷ୍ଟି କରିବାକୁ । ସାଧାରଣ ମାନବ ଅପେକ୍ଷା କବି ଓ କଳାକାର ମଣିଷ ର ଦୁଃଖରେ ମ୍ରିୟମାଣ ହୋଇପଡନ୍ତି ପ୍ରଥମେ । ମଣିଷର ଯନ୍ତ୍ରଣା, ଦୁଃଖ, ଦୈନ୍ୟ କବିର ହୃଦୟରେ ସୃଷ୍ଟି କରେ ଗଭୀର ଆଲୋଡନ । ତେଣୁ ଏକ ସାର୍ବଜନୀନ ଉଦାର ମାନବିକ ଦୃଷ୍ଟିକୋଣ ନେଇ କବି ପ୍ରକାଶ କରେ ତାର ଅନ୍ତର ର ବେଦନବୋଧ କୁ ଏବଂ ଯେତେବେଳେ ସେ ତାର ବ୍ୟକ୍ତି -ବିଶ୍ୱ ଚେତନା କୁ ପ୍ରକାଶ କରେ ସେତେବେଳେ ତାହା ବିଶ୍ୱ ବ୍ୟକ୍ତି ଚେତନାରେ ରୂପାନ୍ତରିତ ହୋଇ ଅଗଣିତ ଜନତାର ହୃଦୟର ଭାବକୁ ମର୍ମାରିତ କରେ । (୪)

ସତ୍ୟବାଦୀ କାବ୍ୟଧାରର ଜଣେ ଅଗ୍ରଣୀ ମାନବବାଦୀ କବି ଭାବରେ ଗୋପବନ୍ଧୁ ଦାସ ଅନ୍ୟତମ । "ତାଙ୍କର ଜୀବନ ତ୍ୟାଗ ପ୍ରେମ ଓ କରୁଣାର ମହାକାବ୍ୟ । ଦୟା, ପ୍ରେମ ଓ ଅନୁକମ୍ପା ର ସେ ମୂର୍ତ୍ତିମନ୍ତ ବିଗ୍ରହ । ମାନବିକତା ର ମହାଦ୍ୟୁତି । ହୃଦୟ ତାଙ୍କର ନବନୀତ କୋମଳ । ଆର୍ତ୍ତୀ ଓ ଦୁଃଖୀ ର ଦୁଃଖ ରେ ସେହି ହୃଦୟ ବିଗଳିତ। ଅତ୍ୟାଚାର -ଶୋଷଣ -କଷଣ -ଅନ୍ୟାୟ ଅବିଚାର ବିରୋଧରେ ତାହା ବଜ୍ର -କଠୋର । "(୫) ଗୋପବନ୍ଧୁ ଥିଲେ

ISSN NO.
2582-208X

ଏକାଧାରରେ ଓଡିଶା ର ଦୁଃଖୀ, ଦରିଦ୍ର ମାନଙ୍କର ସମବେଦନା ଅନୁଭବୀ ବନ୍ଧୁ । ଅବହେଳିତ ପଲ୍ଲୀ ର କର୍ଣ୍ଣଧାର । ପରାଧୀନ ଜାତିର ମୁକ୍ତିସଂଗ୍ରାମର ସେନାପତି ତଥା ଆବେଗ ଅନୁଭୂତି ସମ୍ପନ୍ନ ସ୍ୱଭାବସିଦ୍ଧ ସରଳ ନିଷ୍କପଟ ପ୍ରାଣ । ସାଧାରଣ ତାଙ୍କର ବ୍ୟକ୍ତିତ୍ୱ । ତାଙ୍କ ନେତୃତ୍ୱରେ ଓଡିଶାର ଜାତୀୟ ଆନ୍ଦୋଳନ ଯେପରି ଅଗ୍ରଗତି ଲାଭ କରିଛି ସେହିପରି ଭାବରେ ତାଙ୍କର ଲେଖନୀ ମଧ୍ୟ ମାନବିକତାର ନୂତନ ସ୍ପନ୍ଦନ ସୃଷ୍ଟି କରିଛି ।

ଗୋପବନ୍ଧୁ ଯେଉଁ ସବୁ କାବ୍ୟ କବିତା ରଚନା କରି ଓଡ଼ିଆ ଭାଷା ସାହିତ୍ୟ କୁ ଗୌରବାନ୍ୱିତ କରିଛନ୍ତି ସେଗୁଡିକ ମଧ୍ୟରେ- 'ଅବକାଶ ଚିନ୍ତା'(୧୮୯୯),'ବନ୍ଦୀର ଆତ୍ମକଥା'(୧୯୨୩), "ଧର୍ମପଦ "(୧୯୨୪),"କାରାକବିତା"(୧୯୨୮)'ଗୋ'ମହାତ୍ମ୍ୟ "ଓ "ନଚିକେତା ଉପାଖ୍ୟାନ "ଅନ୍ୟତମ । ତାଙ୍କ କାବ୍ୟ କବିତା ରେ ବିଶେଷ କରି ମାନବବାଦୀ ଚିନ୍ତାଧାରା, ଉଗ୍ର ଜାତୀୟତାବାଦ, ଆଧ୍ୟାତ୍ମିକତା, ଗାନ୍ଧୀବାଦୀ ଆଦର୍ଶ, ଶୁଦ୍ଧ ସଂଯମ ପ୍ରେମ ଅନୁଚିନ୍ତା, ନାରୀଜାତିପ୍ରତି ସମ୍ମାନ, ଓ ପଲ୍ଲୀମୟତା କୁ ଲକ୍ଷ୍ୟ କରାଯାଏ ।

ଗୋପବନ୍ଧୁ ଙ୍କ କାବ୍ୟ କବିତା କୁ ପର୍ଯ୍ୟାଲୋଚନ କଲେ ଜଣାଯାଏ ଯେ ଗୋପବନ୍ଧୁ ଥିଲେ ଉଦାର ହୃଦୟନିଷ୍ଠ, ସ୍ୱଚ୍ଛ ବ୍ୟକ୍ତିତ୍ୱ ଧାରୀ ଜଣେ ମାନବବାଦୀ କବି । ତାଙ୍କ କାବ୍ୟ କବିତାରେ ସର୍ବଦା ସେ ମାନବକୁ ଗୁରୁତ୍ୱ ଦେଇଛନ୍ତି ଓ ମାନବୀୟ ସମସ୍ୟାକୁ ଲୋକ ଲୋଚନ କୁ ଆଣିଛନ୍ତି । ମାନବ ହୃଦୟରୁ ହିଂସା, ଦ୍ୱେଷ, ମିଥ୍ୟା, ଅହଂକାର, ପାଶବିକତା, ଆଦି ମାନବ ବିରୋଧୀ ଗୁଣ ଗୁଡିକୁ ଦୂର କରି ସ୍ନେହ, ଶ୍ରଦ୍ଧା, ମମତା, ଦୟା, କ୍ଷମା, ଶାନ୍ତି, ପ୍ରୀତି, ଓ ସମତା ଆଦି ସଦଗୁଣ ର ବିକାଶ ପାଇଁ ଅନବରତ ସେ ଚେଷ୍ଟା କରିଛନ୍ତି ନିଜ କାବ୍ୟ କବିତା ମାଧ୍ୟମରେ ।

ମାନବିକ ସାହାଯ୍ୟ ଓ ସହାନୁଭୂତି- ଗୋପବନ୍ଧୁ ଙ୍କ ମତରେ "ମାନବକୁ ସ୍ନେହ କରି ନଶିଖିଲେ, ମାନବପ୍ରତି ପ୍ରାଣରେ ସହାନୁଭୂତି ନଆସିଲେ, ଜୀବନର ବିକାଶ ହେବନାହିଁ "। (୭)ତାଙ୍କ କାବ୍ୟ କବିତାରେ ଗରିବ ପ୍ରଜାକୁଳ ର ସମସ୍ୟା ହିଁ ପ୍ରତିଫଳିତ । ବାସ୍ତବତା ତାର ଧର୍ମ, ବିଦ୍ରୋହ ତାର ସହାନୁଭୂତି, ଆତ୍ମତ୍ୟାଗ ହେଉଛି ତାର ମୁକ୍ତିର ଉତ୍ସ ।( ୭) ଗୋପବନ୍ଧୁ ଙ୍କ କାରାକବିତା, ବନ୍ଦୀର ଆତ୍ମକଥା, ଧର୍ମପଦ, ଓ ଅବକାଶ ଚିନ୍ତା ଆଦି ସଂକଳନ ରେ ମାନବୀୟ ସାହାଯ୍ୟ ଓ ସହାନୁଭୂତି ର ନିଚ୍ଛକ ପ୍ରତିଛବି ମିଳେ । ପ୍ରଜାକୁଳ ର ଶୋଷଣ ଦୟନୀୟ ସ୍ଥିତି ପ୍ରତି ସମବେଦନା ପ୍ରକାଶ କରି ଗୋପବନ୍ଧୁ ଲେଖିଛନ୍ତି -

ISSN NO.
2582-208X

"କେହି ରାଜା ଜଣେ     ବିଚାରେ କି କ୍ଷଣେ
     ପରଯାଏ ମୋର ପୁଅ ସମାନ
  ପରଜାଙ୍କ ହିତ         ମୋ ଜୀବନ ବ୍ରତ
     ପରଜା ସୁଖେ ମୋ ସୁଖ ସମ୍ମାନ "।
  (କାରା କବିତା -ଗୋପବନ୍ଧୁ ଗ୍ରନ୍ଥାବଳୀ -ପୃ ୨୮୦)

ଗୋପବନ୍ଧୁ ଙ୍କର ଉତ୍କଳର ନରନାରୀ, କନ୍ୟା ମାନଙ୍କ ପ୍ରତି ଗଭୀର ସମବେଦନା, ଅନୁଶୋଚନା, ଅତ୍ମୀୟତା ତଥା ସହାନୁଭୂତି ଥିଲା । ଯେଉଁଠି ସେ ଦୁଃଖ, ଅତ୍ୟାଚାର, ଅନୀତି ଦେଖିଛନ୍ତି ତାଙ୍କ ପୁଣ୍ୟାତ୍ମା କାନ୍ଦି ଉଠିଛି । କବିଙ୍କ ଭାଷାରେ -

"ଉତ୍କଳର ଯେତେ କନ୍ୟା ନାରଖାର
ନ କରନ୍ତି ପେଟ ପୁରାଇ ଆହାର
ଲଜ୍ୟା ଢାଙ୍କିବାକୁ ନ ପାନ୍ତି ବସନ
ଫୁଟେ ନାହିଁ କେଭେ ଅଙ୍ଗେ ଯଉବନ
ଚିକିତ୍ସା ନପାଇ ଘରକଣେ ପଡି
ରୋଗ ଅନାହାରେ କେବା ମରେ ପଡି । "
  (ବନ୍ଦୀର ଆତ୍ମକଥା, ଗ୍ରନ୍ଥାବଳୀ -ପୃ ୧୨୩)

ଅବିଶ୍ୱାସ ଓ ଅହମିକା ର କରୁଣ ପରିଣତି - ସ୍ୱାର୍ଥ ହାସଲ ପାଇଁ ମନୁଷ୍ୟ ଅନ୍ୟ ମନୁଷ୍ୟ ମାନଙ୍କ ପ୍ରତି ଅବିଶ୍ୱାସ, ଗର୍ବ ଅହଂକାର ପ୍ରଦର୍ଶନ କରେ । ଫଳତଃ, ସମାଜରେ ଅସହିଷ୍ଣୁ ବୃଦ୍ଧି ହେବା ସହ ସମାଜ ଏକ ବିପର୍ଯ୍ୟସ୍ତ ପରିସ୍ଥିତି କୁ ଚାଲିଆସେ । କବି ସମାଜ ସହ ଅନ୍ତରଙ୍ଗ ଭାବେ ଜଡିତ । ସମାଜରୁ ରସ ସଂଗ୍ରହ କରି ନିଜ ରଚନାରେ ତାକୁ କଳାତ୍ମକ ରୂପ ଦିଏ । ମନୁଷ୍ୟ ମନର ଅବିଶ୍ୱାସ ଓ ଅହଂକାର କୁ ବର୍ଣ୍ଣନା କରିବା ସଂଗେ ସଂଗେ ଏହାର ନିରାକରଣ ପାଇଁ ମଙ୍ଗଳବାର୍ତ୍ତା ପ୍ରଦାନ କରେ । ମନୁଷ୍ୟ କଠୋର ହୃଦୟରେ ସତ୍ୟ ଶିବ ସୁନ୍ଦର ସ୍ଥାପନା କରେ ।

ସତ୍ୟବାଦୀ କାବ୍ୟ କବିତା ରେ ଗଭୀର ମାନବିକତା ପ୍ରକାଶ ପାଇଛି । ସ୍ନେହ, ପ୍ରେମ, ଦୟା, କ୍ଷମା, ଶ୍ରଦ୍ଧା, ଓ ସୋହାଗ ଦ୍ୱାରା ଏଇ କାବ୍ୟ ହୋଇ ଉଠିଛି ରାସାପ୍ଲୁତ, ବେଦନାବୋଧ ଓ ଅଶ୍ରୁସିକ୍ତ । ସତ୍ୟବାଦୀ କବି  ମନୁଷ୍ୟକୁ ହିଁ ବଡକରି ଦେଖିଛନ୍ତି । ଦୁଖୀ,

ISSN NO.
2582-208X

ରଙ୍କି, ଭୋକି, ଶୋଷି, ମୁଲିଆ ଓ ବନ୍ୟାପୀଡିତ ଙ୍କ ଜୀବନଚିତ୍ର ଏବଂ ସେମାନଙ୍କର ଅତ୍ୟାଚାରିତ ଜୀବନର କରୁଣ କାହାଣୀ କୁ ବର୍ଣ୍ଣନା କରିଛନ୍ତି । ଏଇ ମାନବିକ ସମ୍ବେଦନଶୀଳ ଅନୁଚିନ୍ତା ହିଁ ସତ୍ୟବାଦୀ କାବ୍ୟ କବିତାକୁ କରିଛି ବଳିଷ୍ଠ ଓ ଗଣାଭିମୁଖୀ ।

ଗୋପବନ୍ଧୁ ଙ୍କ କାରାକବିତା, ବନ୍ଦୀର ଆତ୍ମକଥା ଓ ଅବକାଶଚିନ୍ତା ଆଦି କବିତା ସଂକଳନ ରେ ଗର୍ବ, ଅହଂକାର, ଶୋଷଣ ଓ ଅତ୍ୟାଚାର ର ଚିତ୍ର ମିଳେ । ଗାଁ ରେ ଥିବା ଚାଷୀଟିର ଦୁଃଖ ଦୁର୍ଦ୍ଦଶା କୁ ବର୍ଣ୍ଣନା କରିବାକୁ ଯାଇ ଗୋପବନ୍ଧୁ ଲେଖିଛନ୍ତି -

"କେତେ କେତେ ଚାଷୀ ଭଲ ଭଲ ଲୋକ
ନ ପାଆନ୍ତି ଦିବେଳା ପେଟପୁରା ଢ଼ୋକ ।
ଥିଲେ ଯେଉଁ ମଲ୍ଲ ଉତ୍କଳ ସୈନିକ
ପାଇକ-ପ୍ରଧାନ ମାଗୁଛନ୍ତି ଭିକ ।

\+ + + +

ପ୍ରଜା ରକ୍ତ ଶୋଷି କେତେ ଜମିଦାର
ହରନ୍ତି ସର୍ବସ୍ୱ ବଜାଇ ପାହାର" ।
(ବନ୍ଦୀର ଆତ୍ମକଥା -ପୃଷ୍ଠା ୧୨୨/୧୨୩)

ଗୋପବନ୍ଧୁ ଙ୍କ ମତରେ ଗର୍ବ ଅହଂକାର ପ୍ରୀତିର ମାଧୁରିମା କୁ ମଧ୍ୟ କଳୁଷିତ କରିଦିଏ । କବିଙ୍କ ଭାଷାରେ -

"ଗର୍ବ ଅହଂକାର ଯାର ପୀରତି ପିହିତ
ଆବିଳ ପ୍ରାଣେ ଯେ ଗାଏ ପୁଣ୍ୟ ପ୍ରେମ ଗୀତ
ବହିଯାଏ ଦୂରେ ଯାର ବିଶ୍ୱ ପ୍ରେମିକତା
ଇର୍ଷା ନଳେ ଜଳେ ଆଦ୍ୟ ନିକଟ ମମତା ।"
(ପ୍ରେମର କି ଏହି ପରିଣାମ -ଗ୍ରନ୍ଥାବଳୀ, ପୃ ୨୯୧)

ଗର୍ବ ଅହଂକାର ସମାଜ ରେ ଚିରସ୍ଥାୟୀ ନୁହେଁ । ତାର କରୁଣ ପରିଣତିମଧ୍ୟ ଭୟଙ୍କର । କବି ଙ୍କ ଭାଷା ରେ -

ISSN NO.
2582-208X

"ଇତର ଜନର କଥା କିବା ଛାର
କେତେ ଜାତି କେତେ ବ୍ୟକ୍ତି ବଳିୟାର
ନିଜ କର୍ମ ଦୋଷେ ଯାଇଛନ୍ତି ନାଶ
ପ୍ରମାଣ ତହିଁର ଶାସ୍ତ୍ର ଇତିହାସ । "

(ବନ୍ଦୀର ଆତ୍ମକଥା -ପୃଷ୍ଠା ୧୩୧)

ମାନବୀୟ ନୀତି କୁ ଗୁରୁତ୍ୱ - ଭାରତୀୟ ସମାଜ ସଂସ୍କୃତି ଓ ପରମ୍ପରା ସର୍ବଦା ମାନବୀୟ ନୀତିକୁ ଗୁରୁତ୍ୱ ପ୍ରଦାନ କରିଛି । ପ୍ରାଚୀନ ଭାରତୀୟ ଇତିହାସ ଓ ସାହିତ୍ୟ ରେ ଏହାର ପ୍ରମାଣ ମିଳେ । ସମୟାନୁକ୍ରମେ ପରିବର୍ତ୍ତିତ ଜୀବନ ଜିଜ୍ଞାସା କୁ ଭିତ୍ତିକରି ସମାଜରେ ଗର୍ବ, ଅହଂକାର ସ୍ୱାର୍ଥ, ଇର୍ଷା, ହିଂସା, ଅଶାନ୍ତି ଓ ଧନଲିପ୍ସା ଭାବନା ଜାଗ୍ରତ ହୋଇଛି । ମାନବୀୟ ନୀତି ଓ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଗୋପବନ୍ଧୁ ତାଙ୍କ କାବ୍ୟ କବିତାରେ ସର୍ବଦା ମାନବୀୟ ନୀତି ଓ ଆଦର୍ଶ କୁ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ମତରେ ନୀତି ଓ ଆଦର୍ଶ ସଠିକ ରହିଲେ ମନରୁ ଗର୍ବ ଅହଂକାର ଲୋପ ପାଇ ଯାଇଥାଏ । ମାନବୀୟ ନୀତି ରେ ସର୍ବଦା ମାନବ ପ୍ରୀତି ରହିବା ବାଞ୍ଛନିୟ । କବିଙ୍କ ଭାଷାରେ -

"ଜାତୀୟ ମମତା ବିଶ୍ୱ ଜନ ପ୍ରୀତି
ଉତ୍କଳ ବାସୀର ହେଉ ଏହା ନୀତି । "

(ବନ୍ଦୀର ଆତ୍ମକଥା -ପୃ -୧୧୭)

ନାରୀ ଜାତି ପ୍ରତି ସମ୍ମାନ - ନାରୀ ଜାତି ପ୍ରତି ସମ୍ମାନ ପ୍ରଦର୍ଶନ କରିବା ମାନବର ଏକ ଶ୍ରେଷ୍ଠ ଗୁଣ ତଥା ଉନ୍ନତ ଚିନ୍ତାଧାରା । ପ୍ରଚଳିତ ସମାଜରେ ଲିଙ୍ଗଗତ ବୈଷମ୍ୟ ଓ ସାମାଜିକ ନୀତି ନିୟମ ଦ୍ୱାରା ନାରୀ ଅବହେଳିତ ହୁଏ । ସତୀଦାହ ପ୍ରଥା, କନ୍ୟାସୁନା, ବାଲ୍ୟ ବିବାହ, ବିଧବା ମାନଙ୍କ ପ୍ରତି ରୀତିନୀତି, ଚାଲିଚଳଣ ଆଦି କେତେକ କଳୁଷିତ ପ୍ରଥା ଦ୍ୱାରା ନାରୀ ମାନେ ନିର୍ଯାତିତ ହୁଅନ୍ତି । ନାରୀ ମାନଙ୍କ ପ୍ରତି ହେଉଥିବା ଶୋଷଣ, ଅତ୍ୟାଚାର, ଅମାନବିକତାକୁ କବି ନିଜ କାବ୍ୟ କବିତା ରେ ସ୍ଥାନ ଦେଇଛନ୍ତି । ନାରୀ ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ବଳିଷ୍ଠ ଯୁକ୍ତି ଉପସ୍ଥାପନା କରିଛନ୍ତି 'ମୋ ନାନୀ ' କବିତାରେ ନାରୀ ଧର୍ମ ସମ୍ପର୍କ ରେ କବି କହିଛନ୍ତି -

ISSN NO.
2582-208X

"ସଦାଶୟା, ସ୍ନେହମୟୀ, ପରମ ପାବନୀ
ଜୀବନ ମହତ ଲକ୍ଷ୍ୟ ସାଦୁଛ ଗୁପତେ
ତୁମ ରୀତି ଆଚରିଲେ ସକଳ କାମିନୀ
ଓଲ୍ଲାଇ ଆସନ୍ତା ସୋର୍ଗ ଏ ମର୍ତ୍ୟ ଭୁବନେ "

(ମୋ ନାନୀ – ଅବକାଶ ଚିନ୍ତା, ପୃ ୫୬ )

ଗୋପବନ୍ଧୁ ଙ୍କ ମତରେ ନାରୀ ଯଦି ମଙ୍ଗଳମୟ ଆଚରଣ କରିବ ତେବେ ସମାଜରେ ଶାନ୍ତି ବିରାଜ ମାନ ହେବ । ସେଥିପାଇଁ ମହାତ୍ମା ଗାନ୍ଧୀ ଆର୍ଯ୍ୟ ନାରୀ ମାନଙ୍କୁ ନାରୀ ଧର୍ମ ପାଳନ କରିବା ପାଇଁ ଉପଦେଶ ଦେଇଛନ୍ତି । ଗୋପବନ୍ଧୁ ଙ୍କ ଭାଷାରେ –

"ହେଲେ ବେଶ୍ୟା ଯେତେ ଶସ୍ତା ଚତୁରୀ ସୁନ୍ଦରୀ
ହେବ କି ସେ ଧର୍ମପତ୍ନୀ କୁଳବଧୂ ସରି ।
ଏତେ କାଳ ଘଟିଅଛି ଆମ୍ଭ ଧର୍ମ ହାନି
ଏଣିକି ଚଳହେ ଗାନ୍ଧୀ ଉପଦେଶ ମାନି "।

(ଅନ୍ୟାନ କବିତା – ଗ୍ରନ୍ଥାବଳୀ ପୃ ୩୫୩)

ମାନବୀୟ ପ୍ରେମ – ପ୍ରେମ ପ୍ରଣୟ ମାନବୀୟ ଚିନ୍ତା ଚେତନା ର ଅନ୍ୟତମ ସୁ ପ୍ରବୃତି । ପ୍ରେମପୂର୍ଣ୍ଣ ଜୀବନ ସ୍ଵର୍ଗ ତୁଲ୍ୟ । ଏହା ମନରୁ କଳୁଷିତ ଭାବନା କୁ ଦୂର କରିଦିଏ । ଜୀବନ ପ୍ରୀତିପୂର୍ଣ୍ଣ ଲାଗେ । ପ୍ରେମ ବିହୀନ ଜୀବନ କଣ୍ଟକ ସଦୃଶ । ପ୍ରେମ କୁ ନିଷ୍ଠା ର ସହିତ ପାଳନ କରିବା କଷ୍ଟ ସାଧ୍ୟ । ପ୍ରେମରେ ଇର୍ଷା, ହିଂସା, କପଟତା ନ ଥାଏ । ଏହା ଏକ ଶୋର୍ଗୀୟ ଅନୁଭୂତି । ମାନବ ଜୀବନ ସହ ପ୍ରେମ ଭାବନା ଘନିଷ୍ଠ ଭାବରେ ଜଡିତ ।

ଗୋପବନ୍ଧୁ ଙ୍କ ପ୍ରେମ ଭାବନା ତ୍ୟାଗପୂର୍ଣ୍ଣ । ତାଙ୍କ ପ୍ରେମାନୁଭୁତିରେ ପ୍ରେମ ଏକ ଦୁଃସାଧ୍ୟ୍ୟ ବ୍ରତ । ପ୍ରେମର ଇତି ନ ଥାଏ,ଏହା ଚିର ଅମର । ପର ଲୋକରେ ମଧ୍ୟ ଏହା ଉର୍ଯ୍ୟସ୍ୱଳ । କବି ଙ୍କ ଭାଷାରେ –

"ଏ ଜୀବନେ ପ୍ରେମ ନୁହେଁ ଅବସାନ
ଅନ୍ୟ ସ୍ଥାନେ ପୁଣି ହେବ ତ ଦେଖା
ଶୁଦ୍ଧ ନେତ୍ରେ ତହିଁ ଦେଖିବ ମୋ ହୃଦେ

ISSN NO.
2582-208X

ପ୍ରେମ ରସାଣିତ ଅମୃତ ଲେଖା । "

(ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ -ଗ୍ରନ୍ଥାବଳୀ, ପୃ ୨୪୯)

ସ୍ନେହ ଓ ସମ୍ପର୍କ - ସ୍ନେହ, ଶ୍ରଦ୍ଧା, କରୁଣା ଆଦି ମାନବୀୟ ଗୁଣ ମଣିଷ ଜୀବନ ପାଇଁ ଅପରିହାର୍ଯ୍ୟ । ଏହାଦ୍ୱାରା ମାନବ -ମାନବ ମଧ୍ୟରେ ମୈତ୍ରୀ ଓ ପ୍ରୀତି ଭାବ ଜାଗ୍ରତ ହୁଏ। ବିଶ୍ୱ ଭ୍ରାତୃତ୍ୱ ପାଇଁ ରାସ୍ତା ଉନ୍ମୁକ୍ତ ହୁଏ । ଗୋପବନ୍ଧୁ ତାଙ୍କ କାବ୍ୟ କବିତା ରେ ସର୍ବଦା ମାନବୀୟ ପ୍ରେମ ମାଧ୍ୟମ ରେ ଦେଶବାସୀ ମାନଙ୍କ ପାଇଁ ସ୍ନେହ ଓ ସମ୍ପର୍କ ଯୋଡ଼ିଛନ୍ତି । ଗୋପବନ୍ଧୁ ଙ୍କ 'ଧର୍ମପଦ 'କାବ୍ୟରେ ମାତା ପୁତ୍ର, ପିତା ପୁତ୍ର, ମଧ୍ୟରେ ସ୍ନେହ ଓ ସମ୍ପର୍କ ର ନିବିଡ଼ତା କୁ ଲକ୍ଷ୍ୟ କରାଯାଏ । କବିଙ୍କ ଭାଷାରେ -

"ମରିଯାଏ ମୁଁ ଲୋ    କି ବିକଳେ ଲୁହ
ପୋଛି ଦିଅଇ ମୋ ଧନ
ଏଇ ଭରସାରେ    ବାର ବର୍ଷ ହେଲା
ରହିଛି ଧରି ଜୀବନ । "

(ଧର୍ମପଦ -ଗ୍ରନ୍ଥାବଳୀ, ପୃ ୧୫୪ )

କବି 'ବନ୍ଦୀର ଆତ୍ମକଥା' ଦୀର୍ଘ କବିତାରେ ଦେଶବାସୀ ଙ୍କୁ ସ୍ନେହ ମମତା ର ଡୋରରେ ବାନ୍ଧି ହୋଇ ରହିବା ପାଇଁ ଚେଷ୍ଟା କରିଛନ୍ତି ।

କବିଙ୍କ ଭାଷାରେ -

"ଚଳାଅ ଅରଟ ଛାଡି ମନୁ ଭୀତି
ତେଜି ଉଚ୍ଚନୀଚ ଘୃଣା ଭେଦ ନୀତି ।"

(ବନ୍ଦୀର ଆତ୍ମକଥା -ପୃ ୧୩୩,)

ଆଧ୍ୟାତ୍ମିକତା - ମଣିଷ ଜୀବନକୁ ଶୃଙ୍ଖଳିତ, ନୀତିନିଷ୍ଠ, ଓ ସଂଯମତା ପ୍ରଦାନ କରେ ଆଧ୍ୟାତ୍ମିକତା । ବହୁ ପ୍ରାଚୀନ କାଳରୁ ଆଧ୍ୟାତ୍ମିକତା ସହ ମାନବ ଘନିଷ୍ଠ ଭାବରେ ଜଡିତ । ଭାରତୀୟ ସାମାଜିକ ଓ ସାଂସ୍କୃତିକ ଜୀବନଧାରା ରେ ଆଧ୍ୟାତ୍ମିକ ଅନୁଚିନ୍ତା ର ପ୍ରଭାବ ସ୍ପଷ୍ଟ । ସମାଜକୁ ଏକତା ସୂତ୍ରରେ ବାନ୍ଧିବାକୁ ସକ୍ଷମ । ମାନବବାଦୀ ଚିନ୍ତନାୟକ ଗଣ

ISSN NO.
2582-208X

ପାପପୁଣ୍ୟ, ସୋର୍ଗନର୍କ, ପୂଜାବିଧି ଓ କର୍ମକାଣ୍ଡ ପ୍ରଭୃତି ଅହେତୁକ ଭାବନା ସଂଯମତା ରକ୍ଷା କରି ଏକ ମାନବ ସୁଲଭ ଆଦର୍ଶ ଜୀବନଧର୍ମୀ ଧାର୍ମିକ ଭାବଧାରା ପ୍ରତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସତ୍ୟବାଦୀ ସାଧକ ଗୋପବନ୍ଧୁ ଙ୍କ ହୃଦୟରେ ଗଭୀର ଭକ୍ତି ଭାବ ଥିଲା । 'ବନ୍ଦୀର ଆତ୍ମକଥା' କବିତାରେ କବି ସ୍ପଷ୍ଟ ଭାବରେ କହିଛନ୍ତି ଭାରତୀୟ ସମାଜରେ ଯେଉଁ ମୁକ୍ତି ଆନ୍ଦୋଳନ ଚାଲିଛି ତାହାର ଆଧ୍ୟାତ୍ମିକ ବଳ ମାଧ୍ୟମରେ ହିଁ ଜୟ ହେବ । ପଶୁବଳ କୁ ପ୍ରତିହତ କରିବା ପାଇଁ କେବଳ ଭଗବତ ଶକ୍ତି ହିଁ ଯଥେଷ୍ଟ । ଧର୍ମ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ଉଦାରନିଷ୍ଠ ବ୍ୟକ୍ତିତ୍ୱ । ବିଶ୍ୱର ପ୍ରତେକ ଧର୍ମକୁ ସେ ସମ୍ମାନ କରୁଥିଲେ ମାତ୍ର ଗୋଟିଏ ଧର୍ମକୁ ସର୍ବୋଚ୍ଚ ଆସନ ଦେଉଥିଲେ ତାହା ହେଉଛି– ମାନବଧର୍ମ । ତାଙ୍କ ମତରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ, ଶିଖ ସମସ୍ତେ ଗୋଟିଏ ମାତାର ସନ୍ତାନ । କବିଙ୍କ ଭାଷାରେ –

"ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଶିଖ, ଜୈନ ଯେତେ ଭାରତ ସନ୍ତାନ
ଯେତେ ଧର୍ମ, ଯେତେ ବର୍ଣ୍ଣ ଜାତିକୁଳ
ଭାରତ ଜନନୀ ସମସ୍ତଙ୍କ ମୂଳ । "

(ବନ୍ଦୀର ଆତ୍ମକଥା -ପୃ -୧୩୪)

ସେବା ଓ ତ୍ୟାଗ – ମାନବସେବା ଭାରତୀୟ ସଂସ୍କୃତି ଓ ପରମ୍ପରା ର ମୂଳ ଆଧାର । ଭାରତବର୍ଷର ଇତିହାସ ସତ୍ୟ, ନିଷ୍ଠା, ଓ ତ୍ୟାଗ ଦ୍ୱାରା ମହିମାନ୍ୱିତ । ଗୋପବନ୍ଧୁ ଥିଲେ ସେବା ଓ ତ୍ୟାଗ ର ପ୍ରତୀକ । ମାନବସେବା, ତ୍ୟାଗ ଓ ଦେଶ ସେବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ତାଙ୍କ କାବ୍ୟ କବିତାରେ ସେବା ଓ ତ୍ୟାଗ ର ଯଥାର୍ଥ ନିଦର୍ଶନ ମିଳେ । ତାଙ୍କ ମତରେ ହିନ୍ଦୁର ଜନ୍ମ ସୁଖ ଲାଗି ନୁହେଁ ବରଂ ବିଶ୍ୱ ହିତ ପାଇଁ ଉଦ୍ଦିଷ୍ଟ । କବିଙ୍କ ଭାଷାରେ –

ISSN NO.
2582-208X

"ନିଜସୁଖ ଲାଗି ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।"

(ବ୍ରାହ୍ମଣ ସମିତି ଛାତ୍ରାବାସରେ ସମବେତ ଛାତ୍ର ଙ୍କ ପ୍ରତି –ପୃ (୯୬)

ଉତ୍କଳ ଜନତା ଙ୍କ ପାଇଁ ତାଙ୍କର ଅତୁଟ ଭଲପାଇବା ଥିଲା । କର୍ମ ରେ ସେ ଏହାକୁ ପ୍ରତିପାଦନ କରିଥିଲେ । କବିଙ୍କ ଭାଷାରେ –

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶ ବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ
ପୂରୁ ପଡି ତହିଁ ମୋର ମାଂସ ହାଡ଼ । "

(ବନ୍ଦୀର ଆତ୍ମକଥା –ପୃ –୧୧୫ )

ଦେଶ ପାଇଁ ଦଶ ପାଇଁ 'ଧର୍ମପଦ' ନିଜ ଜୀବନ କୁ ଉତ୍ସର୍ଗ କରି ଦେଇଥିଲେ । ଧର୍ମପଦ ର ତ୍ୟାଗପୂତ ଜୀବନ ବାରଶହ ବଢ଼େଇ ଙ୍କ ଜୀବନ ରକ୍ଷା କରିଥିଲା । କବିଙ୍କ ଭାଷାରେ –

"ଏ ଜଗତେ କାହା ପୁଅ ବା କାହାର
ସମସ୍ତ ମାୟା ଭିଆଣ
ସାର୍ଥକ ଜନମ ତାର ଏକା ସିନା
ପର ହିତେ ଯାର ପ୍ରାଣ । "

(ଧର୍ମପଦ –ପୃ –୧୭୪ )

ମାନବେତର ଜୀବ ମାନଙ୍କ ପ୍ରତି ସହାନୁଭୂତି – ମାନବ ସହିତ ମାନବେତର ଜୀବ ମାନଙ୍କର ପ୍ରତ୍ୟକ୍ଷ ତଥା ପରୋକ୍ଷ ସମ୍ପର୍କ ଥାଏ । କବି ସେମାନଙ୍କୁ ନିଜ କାବ୍ୟ କବିତାରେ ସ୍ଥାନ ଦିଅନ୍ତି ତ ସେମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଅନୁକମ୍ପା ପ୍ରଦର୍ଶନ କରି ମାନବିକତାର ପରିଚୟ ଦିଅନ୍ତି । ସତ୍ୟବାଦୀ କବିମାନେ ମାନବେତର ଜୀବ ମାନଙ୍କପ୍ରତି ଶ୍ରଦ୍ଧା, ସମବେଦନା, ହୃଦୟାନୁଭୂତି ପ୍ରଦର୍ଶନ କରିଛନ୍ତି । ଗୋପବନ୍ଧୁ ଦାସ ଙ୍କ 'କୋକିଳ 'କବିତାଟି

ISSN NO.
2582-208X

ମାନବିକତା ର ସାର୍ଥକ ନିଦର୍ଶନ । କୋକିଳ ଦେଖିବାକୁ କଳା ହେଲେ ହେଁ ତାର ଦିବ୍ୟ ନାଦରେ 'ତୁଟେ ନର ହୃଦ ଅବସାଦ '। କବିଙ୍କ ଭାଷାରେ –

"କେଡେ କ୍ଷୁଦ୍ର ଦେହେ  କେଡେ ଗୁରୁତ୍ୱର ଭାବ
ଲାଗଇ ଆଶ୍ଚର୍ଯ୍ୟ ମୋତେ ଦେଖି ତୋ ପ୍ରଭାବ
ଆରେ ପ୍ରବୀଣ ବିହଙ୍ଗ
ଲଭିବାକୁ ମୋର ଇଛା ତୋର ସାଧୁ –ସଙ୍ଗ "।

(କୋକିଳ –ଗ୍ରନ୍ଥାବଳୀ, ପୃ –୬୦)

'ଧର୍ମପଦ 'କାବ୍ୟ ରେ କାଶୀ ନରପତି ବିଶି ଛଞ୍ଚାଣ ମୁଖରୁ କପୋତ କୁ ରକ୍ଷା କରିବା ପାଇଁ ନିଜ ଦେହରୁ ମାଂସ କାଟି ଦେଇଛନ୍ତି । 'ଗୋ –ମହାତ୍ମ୍ୟ 'କାବ୍ୟରେ 'ଗାଇ 'ଜାତି ପ୍ରତି ଉଦାର ଓ ସହାନୁଭୂତି ମନୋଭାବ କବି ପ୍ରଦର୍ଶନ କରିଛନ୍ତି ।

ଓଡ଼ିଆ ସାହିତ୍ୟର ଇତିହାସରେ ସତ୍ୟବାଦୀଯୁଗ ଏକାନ୍ତ ସ୍ମରଣୀୟ । ସତ୍ୟବାଦୀ ସାହିତ୍ୟିକ ଗୋଷ୍ଠୀ ମାନଙ୍କ ମଧ୍ୟରେ ଗୋପବନ୍ଧୁ ଥିଲେ ସଫଳ, ଆଗ୍ରଗଣ୍ୟ ତଥା ସାର୍ଥକ କବି ଯାହାଙ୍କ କର୍ମ ଓ ସାହିତ୍ୟ ଏକ ଏବଂ ଅଭିନ୍ନ । ତାଙ୍କର ସ୍ୱଳ୍ପ ସୃଷ୍ଟି ମଧ୍ୟରେ ଦୀପ୍ତି ଅସୀମ । ତାଙ୍କ କାବ୍ୟ କବିତାରେ 'ମାନବବାଦ 'ପ୍ରଭାବ ମଧ୍ୟ ସ୍ୱଷ୍ଟ । ଜାତିପ୍ରଣରୁ ହୀନମନ୍ୟତା, ଦୃବଳତା, ଓ ଗୌଣ ମନୋଭାବ ଦୂର କରି ବ୍ୟକ୍ତିସତ୍ତା କୁ ଜାତୀୟ ସତ୍ତା ପ୍ରତି ଉଜ୍ଜୀବିତ କରିବା ଗୋପବନ୍ଧୁଙ୍କର ଲକ୍ଷ୍ୟ ଥିଲା । ବ୍ୟକ୍ତି ପ୍ରାଣରେ ସତ୍ୟ ଓ ସାହସ ଭରିଦେବା, ମଣିଷ ମନରେ 'ମାନବିକତା 'ଓ ଦେବତ୍ୱ ର ଭାବ କୁ ଉଜ୍ଜୀବିତ କରିବା ତଥା, ଜାତି କୁ ଏକ କଳଙ୍କିତ ଦୃବଳ ମୁହୂର୍ତ ରୁ ମୁକ୍ତ କରି ଓଡ଼ିଆ ପ୍ରାଣରେ ବିଶ୍ୱଭାବ ସୃଷ୍ଟି କରିବାକୁ ଗୋପବନ୍ଧୁ  ସର୍ବଦା ଚାଁହୁଥିଲେ । ସାହିତ୍ୟ ହିଁ ଥିଲା ସେ ସମୟରେ ନିଜ ଚିନ୍ତା ଚେତନା କୁ ପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ । ଗୋପବନ୍ଧୁ ଙ୍କର ସାହିତ୍ୟ ତଥା ତାଙ୍କ କାବ୍ୟ କବିତାକୁ ଗଭୀରତାର ସହ ଅନୁଧ୍ୟାନ କଲେ ମାନବବାଦ ର ସ୍ୱର ପ୍ରତ୍ୟକ୍ଷ ମିଳେ । ।।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ

--------------

(୧) mohit walia -Humanism and Elthic p-1

(୨) ଡ଼. ହରେକୃଷ୍ଣ ମହତାବ - "ଝଙ୍କାର"ସମ୍ପାଦକୀୟ ୨୧ ବର୍ଷ ବିଷୁବ ସଂଖ୍ୟା

(୩) ଡ଼. ଗୋପାଳ ଚନ୍ଦ୍ର ମିଶ୍ର -ମୋ ଦୃଷ୍ଟି ରେ ସାମ୍ପ୍ରତିକ ସାହିତ୍ୟରେ ମାନବିକତା -ମୋ ଦୃଷ୍ଟିରେ ସାମ୍ପ୍ରତିକ ସାହିତ୍ୟ ପୃ - ୧୪୭ (ସମ୍ପାଦନା -ପରୀକ୍ଷିତ ନନ୍ଦ )

(୪) ଡ଼. ବୈଷ୍ଣବ ଚରଣ ସାମଲ -ମୋ ଦୃଷ୍ଟିରେ ସାମ୍ପ୍ରତିକ ଓଡ଼ିଆ କବିତାରେ ମାନବବାଦୀ ଚିନ୍ତାଧାରା -ମୋ ଦୃଷ୍ଟିରେ ସାମ୍ପ୍ରତିକ ସାହିତ୍ୟ, ପୃ ୪୫୭ (ସମ୍ପାଦନା -ପରୀକ୍ଷିତ ନନ୍ଦ )

(୫) ଡ଼. ବୈଷ୍ଣବ ଚରଣ ସାମଲ -ଓଡ଼ିଆ ସାହିତ୍ୟ ରେ ରାଧାନାଥ ଓ ସତ୍ୟବାଦୀ ଯୁଗ. ପୃ - ୧୨୧

(୬) ଶ୍ରୀ ଚିନ୍ତାମଣି ଦାଶ -କବି ଗୋପବନ୍ଧୁ ପୃ -୧୯୦)

(୭) ଡ଼. ଗୋପାଳ ଚନ୍ଦ୍ର ମିଶ୍ର -ଗୋପବନ୍ଧୁ ସାହିତ୍ୟ ଓ ଜୀବନ ଦର୍ଶନ ପୃଷ୍ଠା -୫୩.

*ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥାବଳୀ -(୨୦୧୦) ଗ୍ରନ୍ଥମନ୍ଦିର, କଟକ

ଅଧ୍ୟାପିକା (ଓଡ଼ିଆ ଭାଷା ସାହିତ୍ୟ ବିଭାଗ)
ରଘୁନାଥ ସମବାୟ ମହାବିଦ୍ୟାଳୟ
ଓଡଗାଁ, ନୟାଗଡ, ଫୋନ -୮୨୪୯୦୧୪୩୭୯

ISSN NO.
2582-208X

# ଦଶ ଦିକପାଳ,
# ଅଷ୍ଟ ଦିକପତି



ଇଂ. ସୁଶାନ୍ତ କଶୋର ବଳ

ଏ ପୃଥୁ ବିଶ୍ୱବ୍ରହ୍ମାଣ୍ଡ ଚାଲିଛି କିପରି
ଏହାଯଦି ଆମ ସଭିଁକ ଚିନ୍ତନ;
ଏତେ ସାରା ଦାୟିତ୍ୱ କିପରି ହୋଇଛି
ବଣ୍ଟନ; କେ' କରେ ତାର ପରିଚ଼ାଳନ;
କିପରି ରହିଛି ତାଂକ ନିଜମଧ୍ୟେ ସମନ୍ୱୟ;
ନାହିଁକି କିଛି ନିଜନିଜ ମଧ୍ୟେ ଅନଃକଳହ,
ଅନ୍ତର୍ଯୁଧ୍ୟ, ସଂଘର୍ଷ, ମତାନ୍ତର, ମନାନ୍ତର
ଯଦି ହେଉଥାଏ ଏପରିବି କିଛି, ତେବେ
କେ କରେ ତାର ଶାନ୍ତିପୂର୍ବକ ସମାଧାନ ?
ସମୟେ ସୂର୍ଯ୍ୟୋଦୟ ହୁଏ, ସୂର୍ଯ୍ୟାସ୍ତ ହୁଏ .
ଦିବସ ଅନ୍ତେ ଢଳିଯାଏ ଦିବାକର,
ଛାଏ ଗୋଧୂଳୀ, ଜଳେ ସଂଧ୍ୟାବତୀ
ତୁଳସୀ ଚଉଂରାମୂଳେ; ବିରାଜେ ବିଭାବରୀ ରାତ୍ରୀକୁ ସାଥେ ନେଇ
ତମିଶ୍ର ରାତ୍ରୀରେ ଚଂଦ୍ର ହୁଏ ଉଦୟ,
ଅଗଣ ମିଟିମିଟିକା ତାରକାଂକୁ ନେଇ.
କୁଆତାରା ଆସେ, ରାତ୍ରୀ ଆସନ୍ତେ ସରି,
ଆସେ ଉଷାକାଳ ନବରବିଂକୁ ନେଇ !
ମାନବେ ହୁଅନ୍ତି ଜାଗରିତ, ନୀଦ୍ରା ପରିହାରି;

ISSN NO.
2582-208X

ଭବ୍ୟ ପ୍ରଭାତକୁ କରି ବେନିହସ୍ତେ ସ୍ୱାଗତ;
ହୋଇ ଉଠନ୍ତି ଚଳଚଂଚଳ;
ସାରି ନିତ୍ୟକର୍ମ ବାହାରି ପଡନ୍ତି ସର୍ବେ ନିଜନିଜ କର୍ମାଭିମୁଖେ;

ଆସେ ରୌଦ୍ର ପ୍ରଖର ତାପ ନେଇ;
ଧିରେ ନଇଂଆସେ ଅଂଶୁମାନ;
ପଡିଯାଏ ତା' ପ୍ରଖରତା ମ୍ଳାନ, ମଳିନ.

ଘୋର ପ୍ରାବୃଟେ ଢାଳଇ ବାରିଧ,
ଜଳାର୍ଣବ ହୁଏ ନଦୀ, ନାଳ, ହ୍ରଦ !
ବିଲବାଡିରେ ଭରେ ଆଂଠୁଏ ପାଣି,
ଚାଷୀଭାଇ ମନୁ ଦୂରେ ଭାଳେଣୀ .
ତରଂଗିଣୀ ବକ୍ଷ୍ୟେ ତରେ ତରଣୀ ,*
ମତ୍ସ୍ୟଶୀକାର କରନ୍ତି କେଉଟ,କ୍ଵେଉଟୁଣୀ.
ଶରତ୍ ଋତୁର ଚାଁଦିନୀ ଆକାଶ,
ମନେ ଭରିଦିଏ ଖୁସି, ହରଷ.

ହେମନ୍ତର ହଳଦିବନର ସୋରିଷଫୁଲ
ବସନ୍ତର ଫୁଲସମ୍ଭାର ଆଣେ ଶିହୀରଣ .
ନବକିଶଳୟ ଆଣେ ଉନ୍ମାଦ ହଜାର .
ପାହାଡ,ପରବତେ ସବୁଜ ଗାଲିଚ୍‌ା,
ଲାଗେ ସତେକି ହରିତ୍ ବଗିଚ୍‌ା .

ହେଲେ ଏ ଅଲୌକିକ ଘଟଣା ହୁଏ
କିପରି, କେ ଅଛିତାର ମଂଗଧାର ?
ସୁଚାରୁ ରୂପେ ହୁଏ ସେସବୁ ପରିଚାଳନ,
କେହି ଦୈବିଶକ୍ତିର ଅଛିକି ତାପଛେ ହସ୍ତ?

ISSN NO.
2582-208X

ଅଛି ନୁହେଁ ଖାଲି, ନୀଶ୍ଚୟ ଅଛି .
ସେ ହେଲେ କିଛି ନୈସର୍ଗୀକ ପରିଚାଳକ,
ତତ୍ୱାବଧାରକ, ଖେତ୍ରରଖ୍ୟକ, ଦିଗରଖ୍ୟକ, ତଟରଖ୍ୟକ
ତାଂକେ ହେଲେ ଦଶଦିଗ ରଖ୍ୟକ ଦିକପାଳ, ଦେବଗଣ :
ଇଂଦ୍ର, ଅଗ୍ନି, ଯମ ,ନୈରୁତ,ବରୁଣ,ବାୟୁ ,
କୁବେର, ମହାଦେବ, ବ୍ରହ୍ମା ଓ ଅନନ୍ତ ;
ଅଷ୍ଟଦିକପାଳ : ସୂର୍ଯ୍ୟ, ମଂଗଳ, ଶୁକ୍ର, ରାହୁ, ଶନି, ସୋମ, ବୁଧ, ବୃହସ୍ପତି !
ଦେଇଥାନ୍ତି ତାଂକେ ଦଶା, ଦିଗ, ଦଶା .
ଆଣିବି ଦେଇଥାନ୍ତି କୋଟି ଦୂର୍ଦିନ, ଦୂର୍ଦଶା.
ତାଂକ ସମଖ୍ୟେ କି ଦେଖାଇବା ଔଧତ୍ୱ ,
ଆତ୍ମବଡି, ଅହଂ, ଅସ୍ମୀତା,'ଅଜିତ ଅକ୍ରାନ୍ତ'?

ନୀୟମାନୁବର୍ତିତା, ଧୈର୍ଯ୍ୟଶୀଳତା,
ଅନସୂୟତା,ସଂଜମତା,ଐଶ୍ୱରିକତା, ସହନଶୀଳତାର ଅସ୍ତ୍ରେହୋଇ ସଜ୍ଜିତ,
କରିବା ଚାଳନ ଜୀବନତରଣୀ ଦୁନିଆ ତରଂଗିଣୀ ବଖ୍ୟେ, ଅକପଟତାର ଜଳେ !
ପାର ହୋଇଯିବା ସୁରୁଖୁରେ ଜୀବନ
ବିନା ଜଂଜାଳେ, ବିନା ହଳାହଳେ !
କରୁଥାନ୍ତୁ ଦିଗପାଳ, ଦିଗପତି ତାଂକ କର୍ତବ୍ୟ ପାଳନ; ନାଂ ଆମେ କରିପାରିବା କିଛି,
ସେହି ନୈସର୍ଗୀକ ଶକ୍ତିଂକୁ ଆୟତ,କରାୟତ,ପରିଚାଳିତ.
ବରଂ ନତମସ୍ତକେ ଚାଲନ୍ତୁ ଯୋଗଦେବା ସେହି
ଅଲୌକିକ ବ୍ରହ୍ମାଣ୍ଡ ଯାତ୍ରେ, ମଥାପାତି ନୀରବେ ନୀର୍ବୀକାରେ ବହି ହୃଦେ
ଭାବ ଆସ୍ତିକତା, ଇଶ୍ୱରବିଶ୍ୱାସେ .
ମିଳିଯିବ ମନର ଶାନ୍ତି, ନ ରହିବ
କିଛିବି କିଛିବି ସଂଦେହ ବା ଭ୍ରାନ୍ତି !
ଜୀବନ କଟିବ ସୁରୁଖୁରେ, ନୀରାମୟେ .

କଟକ

ISSN NO.
2582-208X

# ସିଂହଭୂମି !



ଅଜିତ କୁମାର ରାଉତ

ରୋଦନର ଆର୍ତ୍ତ କରେ ଉଚ୍ଛନ୍ନ
ଚତୁର୍ଦ୍ଦିଗ ଶୁଭୁଛି ଦୁଃଖର ସ୍ୱନ
ଶକ୍ତି ପରାକ୍ରମ ଭୂଇଁର ଶୂନ୍ୟ
କାପୁରୁଷତାରେ କଟୁଛି ଦିନ !

ପୂର୍ବ ପୁରୁଷଙ୍କ କୀର୍ତ୍ତି ଅପାର
ଖ୍ୟାତି ରହି ଅଛି ସ୍ମୃତି ଯାହାର
ତାଙ୍କରି ଔରସେ ଆମ୍ଭରି ଜନ୍ମ
ତୋଷାମଦି କିମ୍ପା କରୁଛୁ କର୍ମ ?

ଭୃତ୍ୟ ଭାବ ଧରି ଗୋଡ଼ ଚାଟୁଛୁ
ମାତୃଭାଷା ଛାଡି ଅନ୍ୟ ଧରିଛୁ ?
ଅଇଁଠା ପତରେ ଧ୍ୟାନ ରଖିଛୁ
ପୂର୍ବତନ ସ୍ମୃତି କିମ୍ପା ଭୁଲୁଛୁ ?

ବିଚ୍ଛିନ୍ନର ଭୂଇଁ, ଏ ଉତ୍କଳର
ରାଇଜ ନଜର ନାହିଁ ଆମ୍ଭର
ମାତୃଭାଷା ଶିକ୍ଷା ନାହିଁ ଯାହାର ?
ଭବିଷ୍ୟ ଦିଶୁଛି ଅତି ଅନ୍ଧାର !

ISSN NO.
2582-208X

ବିହାରେ ଥିଲରେ, ବିଚ୍ଛିନ୍ନ ହୋଇ
ଝାଡ଼ଖଣ୍ଡ ରାଜ୍ୟେ, ଏବେରେ ଭାଇ
ସ୍କୁଲରେ ନାହାଁନ୍ତି ଭାଷା ଶିକ୍ଷକ
ଓଡ଼ିଆ ପଢ଼ିବେ କାହିଁ ବାଳକ ?

ଛାଡ଼ି ତୋଷମଦ, ହୋଇ ତତ୍ପର
ସ୍ୱାର୍ଥ ଛାଡ଼ି ହୁଅ, ଆତ୍ମନିର୍ଭର
ଅଧିକାର ପାଇଁ ତୁ ଆନ୍ଦୋଳିତ
ମାତୃଭାଷା ରକ୍ଷା ହେବ ନିଶ୍ଚିତ !

ମାତୃଭାଷା ଆମ୍ଭ ଅସ୍ମିତା ପରା
ପଢ଼ିବେ ସନ୍ତାନେ ପ୍ରୀତିରେ ସାରା
ନୂଆ ଶିକ୍ଷା ନୀତି ହୋଇଛି ଅସ୍ତ୍ର
ସମ୍ବିଧାନ ଦେଲା ଶିକ୍ଷାର ଶସ୍ତ୍ର !

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ: – ୬୨୦୫୩୪୩୫୬୯

ISSN NO.
2582-208X

# ବୋଇତ ବନ୍ଦାଣ ଦିଏ ବାରତା



ଡ଼ଃ ଅନୁପମା ବିଶ୍ୱାଳ

ସଂସ୍କୃତି ସମ୍ପନ୍ନ ଅଟେ ଉତ୍କଳ
ପର୍ବ ପର୍ବାଣୀରେ ଦିଶେ ଉଜ୍ଜ୍ୱଳ ।

କାର୍ତ୍ତିକ ଅଟଇ ଧରମ ମାସ
ପୂଜାପାଠେ ରହେ ମନ ଅଶେଷ ।

ଏ ପବିତ୍ର ମାସେ ଉତ୍କଳ ସୁତ
ବାଣିଜ୍ୟ ପାଇଁ ସେ ହୁଏ ପ୍ରସ୍ତୁତ ।

ଶୁଭ ଲଗନରେ ଧରି ବୋଇତ
ଆନନ୍ଦରେ କରେ ବିଦେଶ ଗସ୍ତ ।

ବିଦେଶକୁ ନିଏ ଦେଶ ଦରବ
ବୋହି ଆଣେ ଦେଶ ପାଇଁ ବିଭବ ।

ଅର୍ଥନୀତି କଥା ରଖି ମନରେ
ଆଗେଇ ଯାଏ ସେ ପୂର୍ଣ୍ଣ ଦମ୍ଭରେ ।

ISSN NO.
2582-208X

ମଙ୍ଗଳ ମନାସି ସାଧବ ରାଣୀ
ବନ୍ଦାଣ ଥାଳିରେ ବନ୍ଦାଏ ପୁଣି ।

ଶୁଭ ପ୍ରଦୀପଟି ଦିଅଇ ଜାଳି
ଭଲରେ ତା ସ୍ୱାମୀ ଫେରନ୍ତୁ ବୋଲି ।

କାର୍ତ୍ତିକରେ ଯାଇ ସାଧବ ସୁତ
ଆଷାଢ ମାସରେ ହୁଏ ଆଗତ ।

ବଦଳିଯାଇଛି ଥିଲାତ ଯାହା
ସ୍ମୃତିରେ ରହିଛି କେବଳ ତାହା

ବୋଇତ ବନ୍ଦାଣ ଦିଏ ବାରତା
କହେ ଉତ୍କଳର ବାଣିଜ୍ୟ ଗାଥା ।

ସମ୍ବଲପୁର
୭୯୭୮୫୭୮୩୨୨

ISSN NO.
2582-208X

# ଲଳିତ ନବନ୍ଧ–
# ମନ ପକ୍ଷୀ



ବଦ୍ରୀ ମହାନ୍ତ

ଯାହାର କେହି ପ୍ରଭୁ ନାହାନ୍ତି, ଯିଏ ନୀତି ନିୟମ ଶୃଙ୍ଖଳ ବା ଆଇନ କାନୁନରେ ବନ୍ଧା ପଡେନା, ଯାହାର ଗତି ପ୍ରଗତି ଆକାର ବିକାରକୁ କେହି ଅବରୋଧ କରି ପାରନ୍ତି ନାହିଁ, ସେ ଚର୍ଚ୍ଚିତ ଅସ୍ତିତ୍ୱଟି ହେଉଛି ମନ। ଏହା ଏକ ସୂକ୍ଷ୍ମତମ ଶକ୍ତି, ଭୌତିକ ଶରୀରର ଅଂଶ ନୁହେଁ, ମାତ୍ର ଭୌତିକ ବସ୍ତୁର ଅଧୀନ। ମସ୍ତିଷ୍କ ସହିତ ସମ୍ପୃକ୍ତ ରହିଥିବାରୁ ସଂପୂର୍ଣ୍ଣ ଶରୀରରେ ଅନୁଭବ କରିହୁଏ ମନକୁ। ତାର ଉପସ୍ଥିତି ଯୋଗୁଁ ଚେତନା ଓ ବିଚାର ଉତ୍ପନ୍ନ ହୁଏ ମସ୍ତିଷ୍କ ଭିତରେ। ମନର କାମ – ବିଚାର କରିବା, ଅନୁଭବ କରିବା, ଇଚ୍ଛା ପ୍ରକଟ, ଯୋଜନା ପ୍ରସ୍ତୁତ କରିବା, ଶିଖିବା, ମନେ ରଖିବା, କଳ୍ପନା କରିବା ଏବଂ ଭାବନା ପ୍ରକଟ କରିବା। ଏହା ହିଁ ଦାର୍ଶନିକ ଓ ଆଧ୍ୟାତ୍ମିକ ଦୃଷ୍ଟିକୋଣ। ମଣିଷର ଜୀବନ ଯାତ୍ରାରେ ଏହାର ଭୂମିକା ସଶକ୍ତ ଥିବାରୁ ଏହାକୁ କୌଣସି ସମୟରେ ଗୁରୁତ୍ୱ ନଥିବା କୁହାଯାଇ ପାରିବ ନାହିଁ। ମାତ୍ର ସଙ୍କଟ ଉତ୍ପନ୍ନ ହୁଏ ସେତେବେଳେ, ଯେଉଁଠି ମନ ବିସ୍ତାର କରେ ନିଜର ପ୍ରଭୁତ୍ୱ ଏବଂ ଅନ୍ୟ ଅସ୍ତିତ୍ୱ ସବୁ ହୋଇ ଉଠନ୍ତି ଗୌଣ।

ଚେତନ ଓ ଅବଚେତନ ସବୁଠି ମନର ଥାଏ ଅଚଞ୍ଚଳ ଗତି। ଏହାର ଗତି ଏତେ ଦ୍ରୁତ ଯେ ଗୋଟାଏ ସ୍ତରରୁ ଅନ୍ୟ ଏକ ସ୍ତରକୁ ସହଜରେ ଗତି କରିଥାଏ କିଛି ନା କିଛି ଫଳାଫଳ ହାତରେ ଧରାଇବା ପାଇଁ। ଅନେକ ସମୟରେ ବିବେଚନା କରାଯାଏ ମନ ପକ୍ଷୀ ନିଜର ସଶକ୍ତ ଡେଣାର ଉପଯୋଗ କରି କୌଣସି ସ୍ଥାନକୁ ସହଜରେ ଉଡ଼ି ଯାଇପାରେ। ସ୍ୱପ୍ନରେ ବା କଳ୍ପନାର ଇଲାକାରେ ପହଞ୍ଚି ମନ କଣ ଦେଖେ, ଶୁଣେ କଣ ଏବଂ ଅନୁଭବ କରେ କଣ? ତାହା ଇଚ୍ଛାର ଅନୁରୂପ ଅଥବା କଳ୍ପନାର ପରିପୂରକ ସ୍ଥିର ନକରି ମସ୍ତିଷ୍କ ଦ୍ୱାର ଦେଶରେ ପହଞ୍ଚାଇ ଦିଏ। ସେତେବେଳେ ସକ୍ରିୟ ହୋଇ ଉଠେ ବିଚାର ଭାବନା। ସେଇ ଅନୁସାରେ ନିର୍ଦ୍ଦିଷ୍ଟ ହୋଇଯାଏ କର୍ମ କରଣୀ କ୍ରିୟା ପ୍ରତିକ୍ରିୟା। ଆତ୍ମ ଚିନ୍ତନ, ବୁଦ୍ଧି,

ISSN NO.
2582-208X

ବିବେକ, ଜ୍ଞାନ ଇତ୍ୟାଦିର ଭୂମିକା ସତ୍ତ୍ୱେ ମନ ଯାହା ପ୍ରକାଶ କରେ ତାହା ସବୁ ସମୟରେ ସବୁ କ୍ଷେତ୍ରରେ ବାସ୍ତବ ରୂପ ନେଇ ପାରେନା। ମନର ଆଇନାରେ ପ୍ରତିଫଳିତ ହେଉଥିବା ବିଷୟ ଭାବନା ଅନେକ ସ୍ତର ଦେଇ ଗତି କରୁଥିବାରୁ ସରଳ ନଥାଏ ତାର ଗତିପଥ।

ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ସମସ୍ତ ତଥ୍ୟ ସଂଗ୍ରହ କରି ମନ ତା'ର ବୈଚାରିକ ବିଶ୍ଳେଷଣ କରେ ଏବଂ କାର୍ଯ୍ୟ କରିବା ନିମନ୍ତେ ଆଦେଶ ଦିଏ ଶରୀରର ବିଭିନ୍ନ ଅଂଶକୁ। ତେଣୁ ସକ୍ରିୟ ଇନ୍ଦ୍ରିୟ ସହିତ ଶରୀରର ସୁସ୍ଥ ଅଙ୍ଗ ମନର ଭାବନାକୁ ରୂପାୟିତ କରନ୍ତି। ତାହା ହିଁ ସୁଖ ଦୁଃଖର କେନ୍ଦ୍ର ରୂପେ ବିବେଚିତ ହୋଇଥାଏ ଏବଂ ସମସ୍ତ ଅନୁଭବକୁ ବିଚାର କରି ପ୍ରତିକ୍ରିୟା ପ୍ରକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ଇଚ୍ଛାଶକ୍ତି, ବ୍ୟାକୁଳତା, ଆକ୍ରମଣ, ପ୍ରତି ଆକ୍ରମଣ, ପରଦ୍ରବ୍ୟ ହରଣ, ନିଜସ୍ୱ ଭାବନା ଆଦି ଗୁଣର ଜନକ ରୂପେ ଅନେକ ମନକୁ ଗ୍ରହଣ କରିଥାନ୍ତି। ଏହା ବ୍ୟତୀତ ସୁଖଦ ପରିଣତି ଓ ଆନନ୍ଦର ଉତ୍ସ ରୂପେ ଏହା ଅପେକ୍ଷା କରେ ଉପଯୁକ୍ତ ସମୟକୁ। ବିଶ୍ୱାସ, ଇଚ୍ଛା, ଭାବନା, ଉଦ୍ଦେଶ୍ୟ, ଚେତନା ଓ ବିଶ୍ଳେଷଣ ମନର ଦର୍ଶନ ସତ, ମାତ୍ର ଏହାର ନିରଙ୍କୁଶ ଗତି ହିଁ ପ୍ରଭାବିତ କରେ ଅନ୍ତିମ ପରିଣତି ।

ମାନବ ଓ ମାନସିକତା – ମନର ପର୍ଯ୍ୟାୟବାଚୀ ରୂପେ ଉପଯୋଗ ହୋଇଥାଏ ସତ, ମାତ୍ର ଆତ୍ମା,ଭାବନା, ଅନୁଭୂତି, ବୁଦ୍ଧି, ବୁଦ୍ଧିମତା ଓ ମସ୍ତିଷ୍କ ସହିତ ସାଧାରଣରେ ନିୟୋଜିତ ହେଉଥିବା ପରେ ସୁଦ୍ଧା ଏହାର ଅର୍ଥ ଆଦୌ ସମାନ ନୁହେଁ। ମାନସିକତାର ପରିବର୍ତ୍ତନ ପରିବେଶ ଓ ପରିସ୍ଥିତି ଦ୍ୱାରା ସ୍ଥିର ହେଉଥିବାରୁ ଜନ୍ମନିଏ ବିକାର। ଏହା ଏକ ଅସହାୟ ଅବସ୍ଥାର ପ୍ରତିବେଦନ। ମାନସିକ ଅବସ୍ଥା ସହିତ ଜଡିତ ମନର ପ୍ରକୃତି ଓ ସିଦ୍ଧାନ୍ତ,ଶାରୀରିକ ସମସ୍ୟା ଅଥବା ପଦାର୍ଥ ସହିତ ସମ୍ବନ୍ଧ ଯୋଗୁଁ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକଶିତ ହୁଏ। ଉନ୍ମୁକ୍ତ ହୁଏ ସମ୍ପର୍କର ଦ୍ୱାର ।

ଅନେକ ମନେ କରନ୍ତି ଇଚ୍ଛା କଲେ ମନ ଦେଇ ହୁଏ, ମନ ନେଇ ହୁଏ ଏବଂ ମନ କିଣା ଯାଇପାରେ। ମନ ସତତ ଗତିଶୀଳ ସତ୍ୟ ମାତ୍ର ଏହା ନିଜର କର୍ମ ଶେଷ ହେବା ପରେ କୌଣସି ଠାରେ ସ୍ଥିର ନରହି ପୁନଶ୍ଚ ମୂଳ ସ୍ଥାନ ନିକଟକୁ ପ୍ରତ୍ୟାବର୍ତ୍ତନ କରେ। ମଣିଷ ଜନ୍ମ ହେବା ପରଠାରୁ ମୁଖ୍ୟତଃ ଶୈଶବ, ତାରୁଣ୍ୟ, ବୟସ୍କ ଓ ପ୍ରୌଢ଼ ରୂପେ ଚାରୋଟି ପର୍ଯ୍ୟାୟ ଦେଇ ଗତି କରିଥାଏ। ଅତଏବ ବୟସ ବୃଦ୍ଧି, ଶାରୀରିକ ବିକାଶ ଓ ଚାରିପାଖରେ ଖଞ୍ଜା ହୋଇଥିବା ବ୍ୟବସ୍ଥା ସହିତ ସମାନ୍ତରାଳ ଭାବରେ ଗତିଶୀଳ ହୁଏ

ISSN NO.
2582-208X

ମନ। ଜୀବନର ସମସ୍ତ ସ୍ୱପ୍ନ ଓ ସମ୍ଭାବନା ସେଇ ଅନୁସାରେ ସ୍ଥିର ହୋଇଯାଏ। ଅବୋଧ ଚପଳ ଶିଶୁର ମନରେ ଉଙ୍କିମାରୁ ଥିବା ଅସୁମାରି ପ୍ରଶ୍ନ, ସଂଶୟ, ଜିଜ୍ଞାସା ଆଦି ଜ୍ଞାନର ପରିସୀମା ବଢିବା ସହିତ ସ୍ୱରୂପ ଓ ଆକାର ବଦଳି ଯାଏ ତାରୁଣ୍ୟ ପ୍ରବେଶ କରିବା ସହିତ। ବସ୍ତୁତଃ ଯୁବ ମନର ବିସ୍ତୃତ ଚାଦର ଉପରେ ଅଙ୍କିତ ଚିତ୍ର ସମୂହ ଦିଗନ୍ତ ପ୍ରସାରୀ। ଅନେକ ବୁଝି ହୁଏନା ଏବଂ ବୁଝା କଥାକୁ ଠିକଣା ରାସ୍ତା ଦେଖାଇ ହୁଏନା। ଏଇଠି ସ୍ୱପ୍ନ ହୋଇଯାଏ ମନ, ଆଉ ମନ ହୁଏ ସ୍ୱପ୍ନ ପ୍ରବଣ। ପ୍ରତିଟି ଆସନ୍ତାକାଲିର ସଂଭାବନା ତାକୁ ବ୍ୟଥିତ କରେ, ଆଗକୁ ଲମ୍ବିଥିବା ରାସ୍ତା ଅତିକ୍ରମ କରିବାକୁ ସମସ୍ତ ଶକ୍ତି ନିୟୋଜିତ କରିବା ପାଇଁ ଅନୁପ୍ରେରିତ କରେ। ଗୋଟାଏ ପାଖରେ ବୁନିୟାଦି ସଂପର୍କ ସ୍ନେହ ପ୍ରେମ ଭାବ ଭାବନା ଥିବା ବେଳେ ଅନ୍ୟ ପାଖରେ ଥାଏ ନିଜକୁ ସୁସଂଯୋଜିତ କରି ପ୍ରତିଷ୍ଠିତ ହେବାର ଆକାଂକ୍ଷା। ମନକୁ ଲଗାମ ଦେବା ସମ୍ଭବ ହୁଏନା ଏ ସମୟ ସାରଣୀରେ। ମନର ଉଡାଣ ଭିତରେ ପ୍ରସ୍ତୁତ ହୋଇଯାଏ ଜୀବନ ପାଇଁ ଖସଡ଼ା। ତେଣୁ ଏ ଅବସ୍ଥାରେ ମନର ସ୍ଥିରତା ସବୁଠୁ ବେଶି ଆବଶ୍ୟକ ।

ବୟସ ବୃଦ୍ଧି ସହିତ ପ୍ରାପ୍ତି ଅପ୍ରାପ୍ତି ସଫଳତା ବିଫଳତା ବିଜୟ ପରାଜୟର ଛକରେ ଛିଡ଼ାହୋଇ ମଣିଷର ମନଟି ଧୀରେ ଧୀରେ ମରି ମରି ଆସେ, ସରି ସରି ଆସେ ପ୍ରତିପକ୍ଷଙ୍କୁ ସାମ୍ନା କରିବା, ବିଦ୍ରୋହ କରିବା, ସଂଗ୍ରାମ କରିବା ଅଥବା ବର୍ତ୍ତମାନର ନିଷ୍ଠୁର ବାସ୍ତବତାକୁ ସ୍ୱୀକାର କରିନେବା। ଯୁବାବସ୍ଥାରେ ସର୍ବୋଚ୍ଚ ଶିଖରରେ ଥିବା ଉଜ୍ଜ୍ୱଳ ମନଟି ଜୀବନର ଶେଷ ପର୍ଯ୍ୟାୟରେ ତାହା ସର୍ବ ନିମ୍ନ ସ୍ତରକୁ ଖସି ଆସିଥାଏ। ମନ ସତେଜ ସକ୍ରିୟ ଓ ସ୍ୱଚ୍ଛ ଥିବା ସତ୍ତ୍ୱେ ବାସ୍ତବରେ କର୍ମକ୍ଷେତ୍ରରେ ତାହା ପ୍ରତିଫଳିତ ହୁଏନାହିଁ ଶାରୀରିକ ବିବସତା ଓ କ୍ଷୟିଷ୍ଣୁ ଚିନ୍ତନ ଯୋଗୁଁ। କୌଣସି ସମୟରେ କୌଣସି ସ୍ଥିତିରେ ମନ ନିଃଶେଷ ହୁଏନା, ମାତ୍ର ଅସହାୟତା ନିର୍ବେଦଗ୍ରସ୍ତ କରେ ମନକୁ। ଅତଏବ ବାଇ ମହାନ୍ତି କହନ୍ତି, "ମନପକ୍ଷୀର ଡେଣାରେ ନିଜର ସ୍ୱଚ୍ଛ ବିଚାର ଓ ସୁସ୍ଥ ଚିନ୍ତନ ନିର୍ମଳ ଆକାଶକୁ ଛାଡ଼ିଦିଅ, ବେଳ କାଳ ବୟସ ଦେଖି ସେ ଚେତନାର ଗଭୀରତମ ପ୍ରଦେଶରେ ପହଞ୍ଚି ଯେଉଁ ଆଲୋଡନ ସୃଷ୍ଟି କରିବ, ତାହା ତୁମ ପାଇଁ ହେବ ବରଦାନ, ନଚେତ ଜୀବଦ୍ଦଶାରେ ମନ କେତେ ଯେ ଅକୁହା ଘଟଣାର ସାମ୍ନା କରାଇବ ତାର ଇୟତ୍ତା ନାହିଁ।"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଜାତୀୟ ପିତା ମହାତ୍ମା ଗାନ୍ଧୀ



ଜୟନ୍ତୀ ବେହେରା

ଜୀବନ ନାଟକରେ ତୁମେ ବୀର କଳାକାର
ଇତିହାସ ପୃଷ୍ଠା କହେ ଆଜି ମାନବ ଜାତିର!
ମହାନତା ତୁମ କାମ ଦେଶ ଜାତିର ଜନକ
ତୁମ କାର୍ଯ୍ୟ ଦେଖି ମାଟିମା' ବାସ୍ନାରେ ପୁଲକ।

ବିଂଶ ଶତାବ୍ଦୀର ତୁମେଯେ ମହାତ୍ମା ପୁରୁଷ
ଜାତିର ଜନକ ନାମରେ ହୋଇଛ ବିଦିତ!
ସୁଲକ୍ଷଣୀ ସହଧର୍ମିଣୀ କସ୍ତୁରବାଙ୍କ ସଙ୍ଗେ
ତେର ବରଷରେ ବାପୁଜୀ ବିବାହିତ ଅଙ୍ଗେ।

ଚାରି ଗୋଟି ପୁତ୍ରମଣି ହୋଇଥିଲେହେ ଜାତ
ହରିଲାଲ, ମଲ୍ଲୀଲାଲ ଅବା ସେ ରାମ ଦାସ!
ଶେଷ ପୁତ୍ର ଟିର ନାମଟି ହେଲା ଦେବଦାସ
ଆନନ୍ଦିତ ଥିଲା ମନଟି ବାପୁ ହେଲେ ହରଷ।

ବାରିଷ୍ଟର ହେବାପାଇଁକି ଲଣ୍ଡନକୁ ଚଳିଲେ
ଲକ୍ଷ୍ମୀଦାସ ବଡ଼ ଭାଇଟି ସମର୍ଥନ କରିଲେ!

ISSN NO.
2582-208X

ଓକିଲାତି ବିଧିଶାସ୍ତ୍ରରେ ହେଲେ ମହାବିଦ୍ୱାନ
ପ୍ରଥମରେ ଓକିଲାତିରେ କୋଏଲ ସନମାନ ।

ଜାତିଗତ ଭେଦ ଭାବକୁ ମନରେ ନ ବୁଝନ୍ତି
ସରବେ ହୃଦୟେ ସେନେହ ଆଦର କରନ୍ତି!
ଦେଶ ହେଉ କିବା ଜାତିର ପଡିଗଲେ ବିପଦ
ଜୀବନକୁ ବାଜି ଲଗେଇ ଗଣୁ ଥାନ୍ତି ପ୍ରମାଦ।

ଯୋଗଜନ୍ମା ମହାପୁରୁଷ ଜନ୍ମ ହୋଇଥାଆନ୍ତି
ଶତ୍ରୁକୁ ବିନାଶ କରିଣ ଦେଶେ ଶାନ୍ତି ଲଭନ୍ତି!
ଦୁଃଖୀ ଗରିବର ବନ୍ଧୁ ହେ ସଂଗଠକ ଦୃଢ଼ତା
ଅହିଂସାର ଅସ୍ତ୍ର ଧରିଲେ ସର୍ବେ କରି ଏକତା।

ସେ ମହାପୁରୁଷ କାହାଣୀ ମୂଳ ନୀତି ଅଟଇ
ଅହିଂସା, ସତ୍ୟ, ସ୍ୱରାଜ ,ସ୍ୱଦେଶୀ ସରୋଦୟୀ!
କେମିତି କହିବି ବୁଝାଇ, ଯାହା ମୁହିଁ ଜାଣଇ
ସେ ଅଟନ୍ତି ମହା ମହିମ ରାଷ୍ଟ୍ର ପିତା ଅଟଇ।

ଆନ୍ଦୋଳନ ଅଛି ଅନେକ ଯାହା ପୋଥି କହଇ
ଇଂରେଜ ମାନଙ୍କ ସହିତ ଅସହଯୋଗ ଦେଇ!
ନାଗରିକଙ୍କର ମନରେ ଆନ୍ଦୋଳନ ଅମାନ୍ୟ
ଶେଷରେ ଗର୍ଜିଲେ ମହାତ୍ମା ଛାଡ଼ ଭାରତ ଆମ।

ଡରି ପଳାଇଲେ ମୁଲକ ଗୋରାବେପାରୀ ମାନେ
ସ୍ୱାଧୀନ ହୋଇଲା ଭାରତ ଗାଅ ସରବ ଜନେ!
ଭାରତ ମାଆର ପାଦକୁ ଧୋଇ କନ୍ୟା କୁମାରୀ
କେଡେ ପବିତ୍ର ମୋ ଦେଶଟି ଲହରୀ ଅସୁମାରୀ।

ISSN NO.
2582-208X

ସରଳ ହୃଦୟ ଅଟନ୍ତି ଆମ ଜାତିର ପିତା
ଗୁଳିପାଖେ ମଥା ପାତିଲେ ହେଲେ ଜଗତଜିତା!
ଆକାଶରେ ସତେ ସେଧ୍ରୁବ ଯାହା ଆମେ ଜାଣନ୍ତି
ମୁକ୍ତ ଆଜି ଆମ ସମାଜ କେତେ ସୁଖ ଲଭନ୍ତି ।

ଶୁଭଦିନ ଆଜି ଅଟଇ ଅକ୍ଟୋବର ଦୁଇଟି
ପାଳୁଅଛି ସାରା ଜଗତ ସ୍ୱଚ୍ଛ ଭାରତ ଏଠି!
ଭକତିର ଦୀପ ଲଗାଇ ସୁମରଣା କରିବା
ଶ୍ରଦ୍ଧାଞ୍ଜଳି ହାତେ ସମର୍ପି ଜନ୍ମଦିନ ପାଳିବା।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ପୂର୍ଣ୍ଣମୀ ରାତିରେ ରୂପେଲି ଜହ୍ନ



ପ୍ରଣତି ସେଠୀ

ପୂର୍ଣ୍ଣମୀ ରାତିରେ ଝରକା ଫାଙ୍କରେ
ଲେଖିବି ତୁମରି ସ୍ମୃତିକୁ ବସି ଭାବି,
ପ୍ରଣୟର ମୁଗ୍ଧ ମୋ ମନ ଗହଣରେ
ମୋ ବହିର ପୃଷ୍ଠାରେ ତୁମକୁ ବର୍ଣ୍ଣିତ କରିବି।।

ଯେବେ ଦିଶ ଜହ୍ନର ସୁନେଲି କିରଣ ପରି
ଦେଖୁଥାଏ ମୁହିଁ ତୁମକୁ ଆଖି ପଲକ ନପକାଇ,
ଢାଳିଦିଅ ଯେବେ ମଧୁଝରା ପ୍ରୀତିଗୁଡ଼ିକୁ ସାଉଁଟି
ଥକି ଯାଏନି ତୁମକୁ ବର୍ଣ୍ଣନା କରିବାକୁ ଲେଖନୀଟି।।

ତୁମକୁ ଯେବେ ପୂର୍ଣ୍ଣମୀ ରୂପେ ଚିତ୍ରିତ କରିବି
ଶ୍ୱେତ କୁମୁଦ ରୂପେ ମୁହିଁ ତୁମ ଆଗେ ଉଭା ହେବି,
ବହି ପୃଷ୍ଠାରେ ତୁମକୁ ସୂର୍ଯ୍ୟ ଭାବି ବର୍ଣ୍ଣନା କରିବି
କ୍ଷୁଦ୍ର ତାରକା ରୂପେ ନିଜକୁ ସେଥିରେ ରଚିବି।।

ତୁମ ଛାୟା ପଡେ ଯେବେ ସମୁଦ୍ର ଗର୍ଭେ
ଲହରୀ ଖେଳିଯାଏ ମୋର ଅନ୍ତର ଗର୍ଭେ,

ISSN NO.
2582-208X

ଝର ଝର ଖସେ ପ୍ରେମ ରସାଳ ଓଠର ଭାଗେ
ନବ କବିତା ଦିଗନ୍ତ ହୁଏ ମୋ ହୃଦୟ ସ୍ୱନ୍ଦେ। ।

କୋଟି ଜନମନ ତୁମକୁ ପୁଣି ଝୁରନ୍ତି ଭାରି
ଢାଳିଦିଅ ତୁମେ ଜ୍ୟୋତ୍ସ୍ନା ପୀୟୂଷ ବାରି,
ଆକଣ୍ଠ ପାନରେ ଜନ ହୃଦୟ ଭରି
ତାହା ଦେଖିଣ ମୁହିଁ ଚିତ୍ରିତ କରିବି ଆହୁରି। ।

ରମ୍ଭା, ଗଞ୍ଜାମ
ମୋ - ୮୯୮୪୯୮୩୭୬୨

ISSN NO.
2582-208X

# ଭକ୍ତ ଅର୍ପଣ



ରଞ୍ଜିତ କୁମାର ସାହୁ

କିଛି ମାଗୁନାହିଁ ବ୍ରହ୍ମାଣ୍ଡର ସ୍ୱାମୀ
ସତ୍ୟ ପଥେ ହୁଅ ତୁମ୍ଭେ ପଥଗାମୀ ।
ଏତିକି ମାଗୁଣି ଜଗତର ନାଥ
କରିବନି ମୋତେ କେବେବି ଅନାଥ ॥

ଧନ ଜନ ସବୁ ହେବ ମାଟି ଦିନେ
ତନୁର ବିନାଶ ବିଧାନେ ଲେଖିଛ ।
ତେଣୁ କରି ତୁମ୍ଭ ନାମ ଥାଉ ମନେ
ଆତ୍ମାର ଉଦ୍ଧାର ତୁମ୍ଭେହିଁ କରିଛ ॥

ବଡ ଦାଣ୍ଡ ଧୂଳି ମୁଣ୍ଡରେ ମୁଁ ମାଖି
କରୁଥିବି ନିତି ତୁମ୍ଭର ଦର୍ଶନ ।
ନୀଳଚକ୍ର ବାନା ରହିଥିବ ସାକ୍ଷୀ
ଭୁଲିବି ଯମର ଫାଶର କର୍ଷଣ !

ଏହି ନିବେଦନ ତୁମ୍ଭ ଚରଣରେ
ଭାବଗ୍ରାହୀ ତୁମେ ବୁଝ ଭକ୍ତ ଭାବ ।
ରଖି ଥିବ ଯଦି ତୁମ୍ଭ ଶରଣରେ
ହୋଇବନି କେବେ ସୁଖର ଅଭାବ ॥

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ରାମାୟଣ ପର ସଂସ୍କାର ଖଣି

(ବିଶ୍ଳେଷଣାତ୍ମକ ଲିଖନ)



ମନ୍ଦାକିନୀ ପାଢ଼ୀ

ସଂସ୍କାର ମାନେ ସମ୍ୟକ୍ କରା ଅନୁଶୀଳନ ଓ ସଂସ୍କୃତି, ସେଥିରେ ଅନ୍ତର୍ନିହିତ ସମ୍ଭାବ୍ୟତା ବାସ୍ତବରେ ପ୍ରସ୍ଫୁଟିତ ହୁଏ। ଯାହାକି ରାମାୟଣର ପ୍ରତ୍ୟେକ ସୋପାନରେ ଆମକୁ ଶିକ୍ଷା ମିଳିଥାଏ। କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇଟି ବର ମାଗିଲେ ଯେ ରାମ ଚଉଦ ବର୍ଷ ବନବାସ ଯିବେ ଓ ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ସଂପୂର୍ଣ୍ଣ ଭାବରେ ପ୍ରତିଫଳିତ ହେଉଛି କି ସତ୍ୟବଚନକୁ ପୂରଣ କରିବା ମଣିଷର ଧର୍ମ, ସେ ଯେଉଁ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁନା କାହିଁକି। ରାମ କିନ୍ତୁ ଧିର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତେ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ଏହା ପିତୃ ସତ୍ୟ ତଥା ଜଣେ ଆଦର୍ଶ ପୁଅର ସୁଗୁଣକୁ ପରିପ୍ରକାଶ କରିଛି । ରାମଙ୍କ ଶତ ବାରଣ ସତ୍ୱେ, ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣ ର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡ଼ିବ ତାହା ମୋ ପାଇଁ ହେବ ଅଯୋଧ୍ୟା ଆଉ ଆପଣଙ୍କର ବିନା ଅଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଜଣେ ଆଦର୍ଶ ଗୃହିଣୀ ତଥା ଉତ୍ତମ ପତିବ୍ରତା ସ୍ତ୍ରୀଙ୍କ ରୂପକୁ ଏଠାରେ ଦେଖିବାକୁ ମିଳେ । ସ୍ୱାମୀଙ୍କ ଦୁଃଖରେ ଦୁଃଖୀ ସ୍ୱାମୀଙ୍କ ସୁଖରେ ସୁଖୀ ହେବା ଜଣେ ଆଦର୍ଶ ହିନ୍ଦୁନାରୀର ଲକ୍ଷଣ। ଯାହା ଆମକୁ ରାମାୟଣର ସୀତା ଚରିତ୍ର ଶିକ୍ଷା ଦିଏ ।

ISSN NO.
2582-208X

ଲକ୍ଷ୍ମଣ ରାମଙ୍କ ସହ ବନକୁ ଯିବା ଏକ ବିରଳ ଭାତୃଭକ୍ତିର ଉଦାହରଣ। ଇତି ମଧ୍ୟରେ ଭରତ, ଯିଏକି ମାତୁଳଙ୍କ ଗୃହକୁ ବୁଲି ଯାଇଥିଲେ, ଏ ଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ଏଠାରେ ଭାତୃତ୍ୱଭାବର ନିଚ୍ଛକ ଚିତ୍ର ପ୍ରତିପାଦିତ କରୁଛି, ଭରତ ଭ୍ରାତା ରାମଙ୍କ କଠଉ ଯୋଡ଼ିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ । ରାମଙ୍କ ପରି ଜଣେ ଉତ୍ତମ ପୁତ୍ରର ପରିଚୟ ଦେଉଅଛି କି ଚଉଦ ବର୍ଷ ପୂରଣ ନ'ହେଲେ ସେ ରାଜ୍ୟକୁ ଫେରିବେ ନାହିଁ ପିତୃସତ୍ୟ ପାଳନର ମହତ୍ୱ ପ୍ରତିପାଦିତ କରୁଛି। ପ୍ରିୟପୁତ୍ର ରାମଙ୍କର ବନବାସ ଜନିତ ବିଚ୍ଛେଦ ଦୁଃଖ ସହ୍ୟ କରି ନପାରି ରାଜା ଦଶରଥ ଅଚିରେ ପ୍ରାଣତ୍ୟାଗ କରନ୍ତି । ବାପା ପୁଅଙ୍କ ଯେଉଁ ଅନାବିଳ ସ୍ନେହ ଶ୍ରଦ୍ଧା ସମନ୍ୱୟର ଖେଳରେ ବାନ୍ଧି ହୋଇଯାଏ ତାହା ରାମାୟଣର ଅରଣ୍ୟ କାଣ୍ଡରେ ଦେଖିବାକୁ ମିଳେ।

ସୁଗ୍ରୀବଙ୍କ ସହ ରାମଙ୍କ ବନ୍ଧୁତାର ମୂଲ୍ୟ ରାମାୟଣ ଶେଷ ପାହାଚ ପର୍ଯ୍ୟନ୍ତ ବନ୍ଧୁତାର ନିଦର୍ଶନ ଶ୍ରେଷ୍ଠତ୍ୱ ସମ୍ମାନ ଜଣାଉଛି। ପଥରେ ରାମ ଶବରୀର ଭକ୍ତିପୂର୍ଣ୍ଣ ଆତିଥ୍ୟ ଗ୍ରହଣ ପ୍ରତିପାଦିତ କରୁଛି କି ଭକ୍ତିରେ ଭଗବାନ ମିଳନ୍ତି। ରାମାୟଣରେ ହନୁମାନଙ୍କ ଚରିତ୍ରରେ ମଧ୍ୟ ଆମେ ପ୍ରକୃତ ଭକ୍ତର ପରିଚୟ ପାଇଥାଉ । ସୁନା ହରିଣୀକୁ ଆଣିବା ପାଇଁ ସୀତାଙ୍କ ଇଚ୍ଛାକୁ ପତି ଭାବରେ ସମ୍ମାନ ଦେଇ ପ୍ରଭୁ ରାମଚନ୍ଦ୍ର ଯାଇଥିଲେ ସୁନା ହରିଣୀ ପଛରେ । ସୀତା ଲକ୍ଷ୍ମଣଙ୍କୁ ରାମଙ୍କ ସହାୟତା ନିମନ୍ତେ ଯିବାକୁ କହିଲେ କିନ୍ତୁ ମାତା ସୀତାଙ୍କୁ ଏକାକିନୀ ଛାଡି ଯିବାକୁ ମନାକଲେ। ହେଲେ ଦେବୀ ସୀତାଙ୍କ ଆଦେଶ କ୍ରମେ ଲକ୍ଷ୍ମଣ ଅନୋନ୍ୟପାୟ ହୋଇ ସୀତାଙ୍କୁ ଏକାକିନୀ ଛାଡ଼ି ରାମଙ୍କ ସନ୍ଧାନରେ ଚାଲିଗଲେ। ହେଲେ ଯିବା ଆଗରୁ କୁଟୀର ସମ୍ମୁଖରେ ତିନିଟି ଗାର ଟାଣି କୌଣସି ପରିସ୍ଥିତିରେ ମଧ୍ୟ ସେହି ତିନିଗାର ନ ଡେଇଁବାକୁ ପରାମର୍ଶ ଦେଇଗଲେ । ଏଥିରୁ ଏହି ଶିକ୍ଷା ମିଳିଲା କି ଘରର ଗୃହଲକ୍ଷ୍ମୀଙ୍କୁ ସମ୍ମାନ ଦେଇ ତାଙ୍କ ସୁରକ୍ଷା କରିବା । ରାମାୟଣରୁ ଏହି ଶିକ୍ଷା ମିଳିଥାଏ

ISSN NO.
2582-208X

ସମସ୍ତଙ୍କୁ ସମ୍ମାନ ଦେଇ ସହନଶୀଳା ହେବା ଏବଂ ରାଜା ରାଜ୍ୟର ରକ୍ଷା କରି ପ୍ରଜାବତ୍ସଳ ହେବା। ଏଥିପାଇଁ ସତୀସୀତା ମାଁଙ୍କୁ ମଧ୍ୟ ଅଗ୍ନିପରୀକ୍ଷା ଦେବାକୁ ପଡ଼ିଥିଲା। ଧିର ଶାନ୍ତ ଚିତ୍ତରେ ପ୍ରତ୍ୟେକ ନିଷ୍ପତ୍ତି ନେବା ରାମାୟଣରୁ ଶିକ୍ଷା ମିଳେ । ପ୍ରାଣ ଯାଏ ପରନ୍ତୁ ବଚନ ନ 'ଯାଏ ଏହି ନୀତି ରଘୁକୁଳର ଥିଲା । ସତ୍ୟ, ନ୍ୟାୟ, ଧର୍ମର ରକ୍ଷା ରାମାୟଣର କଥାବସ୍ତୁ ଅଟେ। ପ୍ରକୃତ ପକ୍ଷେ ରାମାୟଣ ସଂସ୍କାରର ଖଣି ଅଟେ ।

ଅଧ୍ୟାପିକା
ରାଜନୀତି ବିଜ୍ଞାନ ବିଭାଗ
ପଦ୍ମପୁର, ବରଗଡ଼

ISSN NO.
2582-208X

# ନା ହଉନି



ମଧୁମିତା ମିଶ୍ର

ନା
ଆଉ ହଉନି
ସେଇ କବିତା ଲେଖା...
ଦେଖୁନ
ଲୁହ ଲେଖିଲେ
କୋହ ରହୁନି
କୋହ ଲେଖିଲେ
ମୋହ ରହୁନି
ମୋହ ଲେଖିଲେ
ଦେହ ରହୁନି
ଦେହ ଲେଖିଲେ
ମୁହଁ ରହୁନି
ମୁହଁ ଲେଖିଲେ
ସ୍ନେହ ରହୁନି
ସ୍ନେହ ଲେଖିଲେ
ଆଉ ଲୁହ ରହୁନି
ସତରେ
ଆଉ ସେଇ କବିତା ଲେଖା ହଉନି

ISSN NO.
2582-208X

ଯାହା ଲେଖିଲେ
ଜୀବନ କାହାଣୀଟିଏ ଗାଇ ହେଇଯାଏ
ସୁର ଲୟ ତାଳ
ଶବ୍ଦ ଭାବ ବୋଧ
ସବୁ ବୋଧେ
ଶୁଷ୍କରୂପ ନେଇଛି
ତେଣୁ ଆଉ କବିତା ହିଁ ହଉନି

ଭୁବନେଶ୍ୱର / ୯୪୩୮୪୭୦୮୦୭

ISSN NO.
2582-208X

# କୁମାର ପୂର୍ଣ୍ଣିମା



ବାସନ୍ତୀ ଲତା ଜେନା

ଶରତ ଋତୁର ନିର୍ମଳ ଆକାଶ
ମନ ଲୋଭା ପରିବେଶ
ଅଶ୍ୱିନ ମାସରେ ପୂର୍ଣ୍ଣିମା ତିଥିରେ
କୁମାରୀ ମନ ହରଷ ।୧।
ଇନ୍ଦୁ ପୂର୍ଣ୍ଣିମାରୁ କୁମାର ପୂର୍ଣ୍ଣିମା
ଜହ୍ନି ଉଷା କରି ଥାନ୍ତି
କୁମାର ପୂର୍ଣ୍ଣିମା ବ୍ରତ ଉଦ୍ ଯାପନ
କୁମାରୀ ଗଣ କରନ୍ତି ।୨।
କୁମାରୀ ମନେ ଯେ ବଡି ଭୋରୁ ଉଠି
ସ୍ନାନାଦି କର୍ମ ସାରନ୍ତି
ସ୍ୱଚ୍ଛ ବସ୍ତ୍ର ପିନ୍ଧି ସଜାଇ ହୁଅନ୍ତି
ସୂର୍ଯ୍ୟ କୁ ଅର୍ଘ୍ୟ ଦିଅନ୍ତି । ।୩।
ସପ୍ତ ଫଳ ଖଇ ଅଞ୍ଜଳି ଟେକନ୍ତି
ଶ୍ରଦ୍ଧାର ସୁମନ ଦେଇ
ମନୋବାଞ୍ଛା ପୂର୍ଣ୍ଣ ଆଶା ରଖି ଥାନ୍ତି
ସୁନ୍ଦର ବରଟେ ପାଇଁ ।୪।
କାର୍ତ୍ତିକେୟ ଆଉ ଚନ୍ଦ୍ରମାଙ୍କ ପରି
ଉତ୍ତମ ବରରେ ଆଶା।

ISSN NO.
2582-208X

ମନୋବାଞ୍ଛା ପୂର୍ଣ୍ଣ କରିବ ଦେବହେ
ଏହି ଆମ ଅଭିଳାଷା ।୫।
ବଳକା ଖଇରେ ସନ୍ଧ୍ୟା ପୂଜନରେ
ତୁଳସୀ ମୂଳେ ଲଗାନ୍ତି
ଚଉଁରାକୁ ସଫା ସୁତରା କରିଣ
ତାକୁ ସଜାଇଣ ଥାନ୍ତି ।୬।
କୁମାର ପୂର୍ଣ୍ଣିମା କୁମାରୀ ଗଣଙ୍କ
ଆନନ୍ଦ ଉଲ୍ଲାସ ଦିନ
ଉପବାସ କରି ସଜେଇ ହୁଅନ୍ତି
ନବ ବସ୍ତ୍ର ପରିଧାନ ।୭।
ଚଉଁରା ଆଗରେ ପୂର୍ଣ୍ଣ କୁମ୍ଭ ରଖି
ନାରୀକେଳ ରଖି ଥାନ୍ତି
ଦୁବ ଆମ୍ବ ଡାଳ ବର କୋଳି ପତ୍ର
ପୁଷ୍ପ ଚନ୍ଦନ ଦିଅନ୍ତି ।୮।
ତୁଳସୀ ବୃକ୍ଷରେ ନାଲି ଶଙ୍ଖା ଶାଢ଼ୀ
ସିନ୍ଦୂର ଟିକା ଲଗାନ୍ତି
କଇଁ ଫୁଲ ଦେଇ ସଜାଇଣ ଥାନ୍ତି
ଚନ୍ଦ୍ରଙ୍କୁ ପୂଜା କରନ୍ତି ।୯।
ଭୋଗ ପାଇଁ ଖଇ ନଡ଼ିଆ କଦଳୀ
ଆଖୁ ଛେନା ଦହି କ୍ଷୀର
କାକୁଡି ଓ ସେଓ ଗଜାମୁଗ ଚିନି
ମହୁର ଥାଏ ଆଦର ।୧୦।
ଏହାକୁ ମିଶାଇ ଚକଟା ହୁଅଇ
ଚାନ୍ଦ ଚକଟା କହନ୍ତି
ମଣ୍ଡା ପିଠା କ୍ଷୀରି ଚାନ୍ଦ ଚକଟା କୁ
ତୁଳସୀ ଚାନ୍ଦ ଅର୍ପନ୍ତି ।୧୧।

ISSN NO.
2582-208X

ତୁଳସୀ ବନ୍ଦନା ପ୍ରଥମରେ ହୁଏ
ତା' ପରେ ଚାନ୍ଦ ବନ୍ଦନ
ଶଙ୍ଖ ହୁଳହୁଳି ଉଚ୍ଛୁଳି ଉଠଇ
ଗାଁ ଦାଣ୍ଡ ଶୋଭାବନ ।୧୨।
ପୂଜା ସରିଗଲେ ଭୋଗ ଖାଇ ଥାନ୍ତି
ଉପବାସ ଭାଙ୍ଗି ଥାନ୍ତି
କୁଆଁର ପୁନେଇଁ ଗୀତ ବୋଲି ଥାନ୍ତି
ପୁଚି ଖେଳରେ ମାତନ୍ତି ।୧୩।
ଆଜିର ଦିନରେ ଗଜ ଲକ୍ଷ୍ମୀ ପୂଜା
ହୋଇ ଥାଏ ମଣ୍ଡପରେ
ଧନ ସମ୍ପଦର ଆରାଧ୍ୟ ଦେବୀ ସେ
ମହାଲକ୍ଷ୍ମୀ କୃପା ଝରେ ।୧୪।

ଶିକ୍ଷୟିତ୍ରୀ, ଗାନ୍ଧୀନଗର,
ନବରଙ୍ଗପୁର

ISSN NO.
2582-208X

# ଚନ୍ଦ୍ରଗୁପ୍ତ ଗୃଟିଙ୍ଗ ଚର୍ଚ୍ଚା



ସୁଧାଂଶୁ ଶେଖର ଦ୍ୱିବେଦୀ

ଯମରାଜା ସାଥୀରେ ଆଣିଥିବା ଆତ୍ମାକୁ ସ୍ୱର୍ଗର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଜମା କରିଦେଲେ। ନିଜର ଟି.ଏ,ଡି. ଏ ବିଲ୍ ଚିତ୍ରଗୁପ୍ତଙ୍କୁ ୱାଟ୍ସଏପ୍ ମେସେଜ୍ ରେ ପଠାଇଦେଲେ। ଚିତ୍ରଗୁପ୍ତ ମେସେଜ୍ ଦେଖି ୱାଟ୍ସଏପ୍ କଲେ-ହେ ଆତ୍ମା ହରଣ ଯମଶ୍ରେଷ୍ଠ! ଏବେ ମର୍ତ୍ତ୍ୟ ମଣ୍ଡଳରେ ସବୁଠି ବନମହୋତ୍ସବ ଖୁବ୍ ସରଗରମ ହେଉଛି। ଧରା-ଅଧରା, ଟାଙ୍ଗରା-ଅଟାଙ୍ଗରା, କାଦ-ପଙ୍କ ଏପରିକି ନାଳ-ନର୍ଦ୍ଦମାରେ ବୃକ୍ଷ ରୋପଣର ନାଟକ ଚାଲିଛି। ଚାଲନ୍ତୁ ଏହି ଅବସରକୁ ହାତଛଡା ନକରି ସ୍ୱର୍ଗରାଜ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିବା। ମୁଁ ଇନ୍ଦ୍ରଦେବଙ୍କ ସହିତ ବାର୍ତ୍ତା ହେଇଥିଲି ସେ ଆପଣଙ୍କୁ ନୋଡାଲ ଅଧିକାରୀ କାର୍ଯ୍ୟ ସମର୍ପଣ କରିଛନ୍ତି। ମହାରାଜ! ଆପଣ ତୁରନ୍ତ ସମୀପରେ ଅବସ୍ଥିତ ଆତ୍ମା ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ନିକଟରେ ଏକ ନିମ୍ବ ଗଛର ଚାରା ରୋପଣ କରିବା ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରନ୍ତୁ। ରୋପଣ ହେଉଥିବା ନିମ୍ବ ଚାରାର ଫୋଟ ଉଠେଇ ମିଡିଆ ମାଧ୍ୟମରେ ପ୍ରଚାରିତ କରିବା ସର୍ବମାନ୍ୟ ହେବ। ଏହି ଫୋଟକୁ କେନ୍ଦ୍ରୀୟ କାର୍ଯ୍ୟାଳୟର ପୋର୍ଟଲରେ ଅପଲୋଡ୍ କରିବାକୁ ହେବ। ଯାହାଦ୍ୱାରା ଏସବୁ କାର୍ଯ୍ୟକ୍ରମର ବିବରଣୀ ନମ୍ବର ଦିଆଯାଇ ପାରିବ। ତଥା ଚାରା ଲଗେଇବାରେ ଆମର ଏହି କାର୍ଯ୍ୟକ୍ରମ ୟୁନିଭର୍ସ କଂପିଟିସନର ଏକ ଅଂଶୀଦାର ହୋଇପାରିବ।

ଚିତ୍ରଗୁପ୍ତଙ୍କ ଲମ୍ବା ମେସେଜ୍ ପାଠ କରି ଯମରାଜା ତୁରନ୍ତ ନିଜ ବାହାନ ଅରଣା ମଇଁଷିକୁ ନୋ-ପାର୍କିଂଗ ବୋର୍ଡ ଲାଗିଥିବା ଖମ୍ବରେ ବାନ୍ଧିଦେଲେ। ପୁଣି ମନେ ମନେ ବଡ଼ବଡ଼

ISSN NO.
2582-208X

ହେଲେ–ଧରିତ୍ରୀ ଓ ଆକାଶରେ କେତେ କେତେ ଚାରା ରୋପଣ କାଗଜ କଲମ ମାଧ୍ୟମରେ ହେଇଗଲା। ଡିଜିଟାଲ ଦୁନିଆରେ କୋଟି କୋଟି ବୃକ୍ଷ ରୋପଣ ହେଇଗଲା। କାଗଜ ଓ ଡିଜିଟାଲରେ ବୃକ୍ଷ ରୋପଣ କୌଶଳ ଆମେମାନେ ଆର୍ଯ୍ୟବ୍ରତ ଭାରତ ଖଣ୍ଡରୁ ଅବଗତ ହୋଇଛୁ। ଗୋଟେପଟେ ଆଷାଢ଼–ଶ୍ରାବଣ ମାସରେ ବର୍ଷାର ଟପ୍ ଟାପ୍ ଧ୍ୱନି ଚିତ୍କାର କରୁଥାଏ ଅନ୍ୟପଟେ ପ୍ରଶାସନ କାଗଜ ମାଧ୍ୟମରେ ଚାରା ରୋପଣର ଜୋରଶୋର ପକାନ୍ତି। କାଗଜର ଚାରା, କାଗଜର ବୃକ୍ଷ, କାଗଜର ଜଙ୍ଗଲ ସୃଷ୍ଟି ଜାରି ଦିଅନ୍ତି। ଇଂଷ୍ଟାଗ୍ରାମ, ହ୍ୱାଟ୍ସଏପ୍ ଏବଂ ଫେସ୍ ବୁକରେ ଲାଗୁଥିବା ଚାରାର ସବୁଜିମା ଦେଖି ଲାଗୁଛି ଧରିତ୍ରୀ ପୃଷ୍ଠରେ ସମସ୍ତ ଜନତା ଅତି ଆନନ୍ଦରେ ଅଛନ୍ତି। ଧରିତ୍ରୀର ସମସ୍ତ ଜୀବ ସର୍ବସୁଖ ପାଉଥିବେ। ଭାବନା ମଧ୍ୟରେ ବୁଡିରହି କାଗଜ କାର୍ଯ୍ୟକ୍ରମରୁ ଯମରାଜା ସୁଷେଣ ବୈଦ୍ୟଠାରୁ ଶୀତୋଷ୍ଣ ଜ୍ୱରରେ ପୀଡିତ ହେବାର ପ୍ରମାଣ ପତ୍ର ନେବା ସମ୍ପର୍କରେ ଚାଟିଂ କଲେ।

ଚତୁର ଚିତ୍ରଗୁପ୍ତ ଚତୁରତାରେ ମେସେଜ୍ ଦେଲେ–ମହାରାଜ! ଗତ କାଲି ମୁଁ ଆପଣଙ୍କୁ ଶୀତୋଷ୍ଣ ଜ୍ୱର ନିମନ୍ତେ ଏକ ଆୟୁର୍ବେଦ ଫର୍ମୁଲା ହ୍ୱାଟ୍ସଏପ୍ କରିଥିଲି। ଫର୍ମୁଲାଟି ଆପଣଙ୍କୁ କେମିତି ଲାଗିଲା?

ଯମ ମହାପ୍ରଭୁ କହିଲେ–ତୁମେ ପଠାଇଛ ମାନେ ଖାସ୍ ହେଇଥିବ। କିନ୍ତୁ ଉକ୍ତ ମେସେଜ୍ କୁ ମୁଁ ଦେବତାଙ୍କ ହ୍ୱାଟ୍ସଏପ୍ ଗ୍ରୁପକୁ ଫରୱାର୍ଡ କରି ଦେଇଥିଲି। ଅନେକ ଲାଇକ୍ ଆସିଛି। ପୁଣିଥରେ ସେଇ ମେସେଜ୍ କୁ ମୋ ପାଖକୁ ପଠାଇଛ। ଆରେ ମୋହରି ମେସେଜ୍ ରେ ମୋତେ ମିଆଁଉ କଲେ କଥା ବଡ଼ ଅଡୁଆ ହେଇଯିବ।

ଚିତ୍ରଗୁପ୍ତ କାନରୁ ଇୟରଫୋନ୍ ବାହାର କରି ତୀବ୍ର ଗତିରେ ଚାଟିଂ ଆରମ୍ଭ କଲେ–ଆପଣ ଯାହା କହୁଛନ୍ତି ଠିକ୍ ମହାରାଜ! କଥା କଣ କି ମେସେଜ୍ ଗୁଡିକର ଗତି ଦୁର୍ଗତି ବେଳେ ବେଳେ ଏମିତି ହୋଇଥାଏ। ପରନ୍ତୁ ଆପଣ ସେ ଫର୍ମୁଲା ମୁତାବକ ଆୟୁର୍ବେଦ ମେଡ଼ିସିନ୍ ୟୁଜ୍ କଲେ କି ନାହିଁ?

ଯମରାଜା ଦ୍ୱୟ ଗ୍ରୀନ ରାଇଟ ଚିହ୍ନ ଦେଖି ମେସେଜ୍ କଲେ–ନା– ମୋତେ ସେ ଫର୍ମୁଲା ଫଲୋ କରିବାକୁ ଟାଇମ୍ କୋଉଠି ମିଳୁଛି! ପୂରା ସମୟ ତ ଦେବ, ଦାନବ, ଯକ୍ଷ, କିନ୍ନର, ନର, ଭୂତ, ପ୍ରେତ, ଡାଆଣୀ, ଚିରକୁଣୀ ମାନଙ୍କୁ ଫରୱାର୍ଡ କରିବାରେ ବ୍ୟସ୍ତ ରହିଲି। ତା'

ISSN NO.
2582-208X

ସହିତ ଇଂଷ୍ଟାଗ୍ରାମ, ଫେସ୍ ବୁକ ଆଦି ଡିଜିଟାଲ ଜମିରେ ଚାରା ଲଗେଇବାର ଫଟୋ ମଧ୍ୟ ଅପଲୋଡ୍ କଲି।

ଚିତ୍ରଗୁପ୍ତ ପୁଣିଥରେ ଚାଟିଂ କଲେ-ସତକଥା କହିଛନ୍ତି ମହାରାଜ! ଚାଟ୍ ଜିପିଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଡିଜିଟାଲ୍ ଚାରା ଲଗେଇବା ପରା ସବୁପ୍ରକାର କର୍ମ-ଅକର୍ମ-କୁକର୍ମ-ମହାକର୍ମ ଏଇଥିରେ ମହଜୁଦ।

ଏଥୁଅନ୍ତେ ଶ୍ରୀ ଚିତ୍ରଗୁପ୍ତ ମହାଶୟ ମେସେଜ ଫରୱାର୍ଡ ପ୍ରାଇଭେଟ୍ କମ୍ପାନୀର ସିଇଓ ରୂପ ଧାରଣ କରି ମେସେଜ୍ କୁ ଅତ୍ୟଧିକ ଗ୍ରୁପକୁ ଧଡାଧଡ୍ ଫରୱାର୍ଡ କରିବାରେ ଲାଗିପଡିଲେ।

""""""""""""""""""""""""""""""""""""""""

ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ISSN NO.
2582-208X

# ମାଆ ଘଣ୍ଟେଶ୍ୱରୀ



ଡ଼. ପ୍ରିୟମ୍ବଦା ସାମଲ

ଜଗତ ଜନନୀ କଲ୍ୟାଣ ଦାୟିନୀ
ବିପଦ ତାରିଣୀ ମାଆ
ବିଭିନ୍ନ ରୂପରେ ବିବିଧ ସ୍ଥାନରେ
ଭକତର ହୁଅ ସାହା।
ସମ୍ବଲପୁରର ଚିପିଲିମା ଠାରେ
ମହାନଦୀ ଉପକୂଳେ
ହୀରାକୁଦ ଜଳ ଭଣ୍ଡାର ତଟରେ
ମନୋରମ ଦୃଶ୍ୟ କୋଳେ ।
ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ
ପାହାଡ଼ ଘନ ଅରଣ୍ୟେ
ଦେବୀ ଘଣ୍ଟେଶ୍ୱରୀ ପୂଜା ପାଉଛନ୍ତି
ଭକତ ଦୁଃଖ ମୋଚନେ।
କିମ୍ବଦନ୍ତୀ କହେ ବହୁ ବର୍ଷ ପୂର୍ବେ
ମୃଗୟା କରିବା ପାଇଁ
ନାଗପୁର ଓ ସମ୍ବଲପୁର ରାଜା
ଜଙ୍ଗଲେ ଭ୍ରମନ୍ତି ଯାଇଁ।
ଆଗକୁ ନ ଯିବା ପାଇଁ ପଥରୋଧ
ବାଳକ ବାଳିକା ଦୁଇ
ବିପଦ ଆଗମନ ଆସନ୍ନ ପ୍ରାୟ
ଫେରିଯାଅ ରାଜା ଦୁଇ।

ISSN NO.
2582-208X

କୋମଳମତି ଶିଶୁର କଥା ମାନି
ଫେରି ଗଲେ ଦୁଇ ରାଜା
ବିସ୍ମୟ ଚକିତେ ଜଙ୍ଗଲ ମଧ୍ୟରେ
କେଉଁଠୁ ଆସିଲ ବାବା ।
ପରିଚୟ ଜିଜ୍ଞାସନ୍ତେ ଦୁଇ ଶିଶୁ
ଜଙ୍ଗଲକୁ ଧାଇଁ ଗଲେ
ରାତ୍ରିର ଶେଷ ପ୍ରହର ସପନରେ
ହର ପାର୍ବତୀ ଆସିଲେ ।
ବ୍ରାହ୍ମ ମୁହୂର୍ତ୍ତରେ ସୈନ୍ୟ ଧରି ସାଥେ
ପହଞ୍ଚିଲେ ଯଥା ସ୍ଥାନେ
ପ୍ରସ୍ତର ମୂରତି ଶୋଭା ପାଉଥାନ୍ତି
ଦେଖିଲେ ଘନ ଅରଣ୍ୟେ ।
ସେହି ଦିନଠାରୁ ମହାନଦୀ କୂଳେ
ପାହାଡ଼ ପାଦ ଦେଶରେ
ହର ପାର୍ବତୀ ମା' ପୂଜା ପାଉଛନ୍ତି
ବନବାସୀ ପଦ୍ଧତିରେ ।
ରାଜାଙ୍କୁ ବିପଦର ସୂଚନା ଦେଇ
ସତର୍କ ଘଣ୍ଟି ବଜାଇ
ଭକତ ଜନଙ୍କୁ ବିପଦରୁ ଘଣ୍ଟ
ରଖିଥାନ୍ତି ସେ ଘୋଡାଇ ।
ବିରାଟ ବୃକ୍ଷର ଶୀତଳ ଛାୟାରେ
ଘଣ୍ଟିରେ ଶୋଭିତ ଶାଖା
ମାତା ଘଣ୍ଟେଶ୍ୱରୀ ନିବାସନ୍ତି ତହିଁ
ଭକତେ ଦେଇ ସୁରକ୍ଷା ।
ବିପଦ ତାରିଣୀ ମାଆ ଘଣ୍ଟେଶ୍ୱରୀ
ହେଉଥାଅ ସଦା ସାହା
ଦର୍ଶନଭିଳାଷ ହୋଇଅଛି ପୂର୍ଣ୍ଣ
ଦୟା ରଖ ମହାମାୟା ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ତୁମେ.....!!!!!



ଝିଲିମିଲି ସାହୁ

ତୁମେ ଲାଜ, ତୁମେ ଶୌର୍ଯ୍ୟ
ପଞ୍ଚସ୍ୱରର ମଧୁର ମୂର୍ଚ୍ଛନା
ତବ ଦରଶନେ ହସେ ଦିନ
ତୁମ ବିନା ଏ ଜୀବନ ଶୂନ୍ୟ।

ତୁମେ ଶକ୍ତି, ତୁମେ ଭକ୍ତି
ସଂସାର ରଥର ସାରଥୀ
ତୁମ ପ୍ରେରଣା ଖୁସିର ଠିକଣା
ଶ୍ରଦ୍ଧା, ପ୍ରେମର ଅପାର କରୁଣା।।

ତୁମେ ସ୍ମୃତି, ତୁମେ କ୍ରାନ୍ତି
ଆକାଂକ୍ଷାର ସ୍ୱର୍ଣ୍ଣ କିରଣ
ଆଶା, ଭରଷାର ସ୍ପନ୍ଦନ
ତୁମ ସାଥେ ହିଁ ଭବିଷ୍ୟ ସଂପନ୍ନ।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ବିଜ ନୀଳାଦ୍ରି ବିଜେ



ତ୍ରିପତି ପ୍ରଧାନ

ଶ୍ରୀମନ୍ଦିର ଫେରେ ଦେଖ
କଳା ସାଆନ୍ତ
କବାଟ କିଳି ଅଛନ୍ତି
ଜଗତ ମାତ (1)

ଭାଇ ଭଗିନୀ ଧରି
ଯାତରା କଲେ
ଅର୍ଦ୍ଧାଙ୍ଗିନୀ ସତେ ତାଙ୍କ
ପରହୋଇଲେ (2)

ଅଭିମାନୀ ସିନ୍ଧୁ ସୁତା
ମୁହଁ ଫୁଲାଇ
ଦ୍ୱାର ମୁହେଁ ବସିଛନ୍ତି
ଜଗାକୁ ଚାହିଁ (3)

ସିଏତ ପ୍ରେମ ନାଗର
କଳା କହ୍ନାଇ
ଗୋପେ କେତେ ବେଶୀ ଥିଲେ
ରାଧିକା ପାଇଁ (4)

ହାଟୁଆ ନାଟୁଆ ନଟ
ନାଗର ସାଇଁ
ନାଚି ଗାଇ କଥା କହି
ପାରେ ଭୁଲେଇ (5)

ପ୍ରଭୁ ପ୍ରେମେ ପାଗଳିନୀ
ସେ ରମା ଦେଇ
ଫୁସୁଲା ଫୁସୁଲି ତାଙ୍କୁ
ଦେବେ ଭଣ୍ଡେଇ (6)

ପତି ପତ୍ନୀ ପ୍ରେମ ପରା
ଜନ୍ମ ଜନ୍ମର
କିଛି ଅର୍ଥ ମୁ କାରରେ
ନୁହଁ ଟି ପର (7)

ଦେବତା ହୋଇ ଏ କଥା
ଚଳଣି ନର
ଶିଖାଇ ଦିଅନ୍ତି ପଦ୍ମା,
ରଙ୍ଗ ଅଧର (୮)

ସଂସ୍କୃତ ଶିକ୍ଷକ, ଚକଟି, ଗଞ୍ଜାମ

ISSN NO.
2582-208X

# ପ୍ରତିବିମ୍ବ ଜଳ ସ୍ଥଳ ଆକାଶେ



ଦେବଦତ୍ତା ଦେବୀ

ବୟସ ର ଅପରାହ୍ନ ରେ ପୁଅ ବୋହୁ ଙ୍କ ପଖରେ ରହି ମା ଜଗତ ଜନନୀ ଙ୍କ ର ବହୁ ଆଡମ୍ବର ରେ କଲିକତା ରେ ପ୍ରସିଦ୍ଧ ଦୁର୍ଗାପୂଜା ଦେଖିବାର ସୁଯୋଗ ମିଳିଲା । କିନ୍ତୁ ଏ କଣ, ଜଗତ ଜନନୀ ଙ୍କର ନିଲାମ ହେଉଛି ଯେ, ବଡ ଅଦ୍ଭୁତ ଆଜିକାଲି ଲୋକମାନଙ୍କର କାର୍ଯ୍ୟକଳାପ ।

ପିଲାବେଳୁ କଲିକତା ପୂଜା ଦେଖିବାର ମନ ଥିଲା ସଂଯୁକ୍ତା ଦେବୀ ଙ୍କର, କିନ୍ତୁ ପିଲାଦିନ ତା ବାପା ବୋଉ ଙ୍କର କଟକଣା ଭିତରେ ଖାଲି ପାଠରେ ମନ ଆଉ କିଛି ଅଧିକ ଦେଖିବାର କି କରିବାର ସୁଯୋଗ ନ ଥିଲା। ଅବଶ୍ୟ ବାପା ଙ୍କର ସ୍ୱଳ୍ପ ଦରମା ରେ ବାପା, ବୋଉ, ଦୁଇ ପୁଅ, ଝିଅ ସଂଯୁକ୍ତା, ଜେଜେ, ଜେଜିମା ତା ଛଡା ପ୍ରାୟତଃ ବନ୍ଧୁ ବାନ୍ଧବ ଙ୍କ ଆଗମନ ଓ ପୂଜା ପାର୍ବଣ ସେଇ ରୋଜଗାର ରୁ ବୋଉ କୁ କରିବାକୁ ପଡୁଥିଲା। ସେଇଥିରେ ଆଉ କଲିକତା ବୁଲି ଯିବା ସମ୍ଭବ ନ ଥିଲା । ବାହାଘର ପରେ ଯଦିଓ ସମ୍ବଳ ରେ ଅଭାବ ନ ଥିଲା ତଥାପି ସ୍ୱାମୀ ଙ୍କର ଏତେ ଆଗ୍ରହ ନ ଥିଲା ସ୍ତ୍ରୀ କୁ କଲିକତା ବୁଲେଇ ନବା ପାଇଁ। ଏବେ ପୁଅ ବୋହୂ ଙ୍କର ପୋଷ୍ଟିଙ୍ଗ୍ କଲିକତା ରେ, ପୁଣି ଦୁଇ ଜଣ ଯାକ ବ୍ୟାଙ୍କ କର୍ମଚାରୀ, ତେଣୁ ବ୍ୟାଙ୍କ ର କ୍ୱାଟର ମିଳିଛି। ବୋଉ ର ଇଚ୍ଛା କୁ ସମ୍ମାନ ଦେଇ ପୁଅ ତା ସାଙ୍ଗରେ ବାପା ବୋଉ ଙ୍କୁ ସାଙ୍ଗରେ ଆଣିଛନ୍ତି କଲିକତା ପୂଜା ଦେଖିବା ପାଇଁ । ଯେଉଁଠି ପିଲାମାନେ ରହୁଛନ୍ତି ସେଇ କଲୋନୀ ରେ ବହୁତ ସୁନ୍ଦର ମୃଣ୍ମୟୀ ପ୍ରତିମୂର୍ତ୍ତୀ ପ୍ରତିଷ୍ଠା କରାଯାଇଛି। ସନ୍ଧ୍ୟା ବେଳେ କଲୋନୀ ଯାକର ମହିଳା ଅତି ସୁନ୍ଦର ସାଜି ହେଇ ଦୁର୍ଗା ମଣ୍ଡପ ଉପରେ ଏକ ସାଙ୍ଗରେ ହାତରେ ଝୁଣା ର ଝୁଣା ଦସ୍ତାନି ପ୍ରଜ୍ୱଳିତ କରି ଏକ ସାଙ୍ଗରେ ନୃତ୍ୟ କରି ମାଆ ର ବନ୍ଦନା କରନ୍ତି। ମନ ତାକୁ ଦେଖି ଆନନ୍ଦିତ ହୋଇଉଠେ। କେଡ଼େ ସୁନ୍ଦର ଗୀତ ର ତାଳେ ତାଳେ ଝୁମି ଝୁମି ବଙ୍ଗାଳି ଢାଞ୍ଚାରେ ପିନ୍ଧି ଥିବା ଶାଢୀ କାନି ର ଲାଲ ବର୍ଡର ଟା

ISSN NO.
2582-208X

ହଲାଇ ହଲାଇ ପରିବେଶ କୁ ପୂରା ଉତଫୁଲ୍ଲିତ କରିଦିଅନ୍ତି । କିନ୍ତୁ ପଂଚମୀ ଠାରୁ ଆରମ୍ଭ ହେଇ ଦଶହରା ପର୍ଯ୍ୟନ୍ତ ଛ ଦିନ ର ପୂଜା ରେ ପ୍ରଥମ ଦୁଇ ଦିନ ପୂରା ଖୁସି ରେ ଚାଲିଗଲା । ତା ପରଠାରୁ ଆରମ୍ଭ ହେଇଗଲା ଗୋଟେ ଗୋଟେ ଗ୍ରୁପ ଭିତରେ ଟଣାଓଟରା । ତେଲୁଗୁ ଗ୍ରୁପ ବେଙ୍ଗଲୀ ଗ୍ରୁପ, ବିହାରୀ ଗ୍ରୁପ, ମରାଠୀ, ଗୁଜୁରାଟୀ ଯେ ଯେଝା ର ଗ୍ରୁପ କରି ଅନ୍ୟ ଗ୍ରୁପ କୁ ଅଣଦେଖା କରିବାକୁ ଲାଗିଲେ । ସମସ୍ତେ ଭୁଲିଗଲେ ସମସ୍ତେ ସେଇ ଦେବି ମାଆ ଙ୍କର ସନ୍ତାନ, ମାଆ ର କୃପା ବାରି ସମସ୍ତ ଭକ୍ତ ଙ୍କ ଉପରେ ଅଛି । ତା ପାଖରେ ଭାଷା, ଜାତି କିମ୍ବା ସ୍ଥାନ ର ଭେଦ ଭାବ ନଥାଏ । ପରେ ପରେ ଆରମ୍ଭ ହେଇଗଲା ସେଇ ଗହଣା ଶାଢ଼ି ର ପ୍ରଦର୍ଶନ । ସବୁଠାରୁ ଦେଖିବାର ଜିନିଷ ଥିଲା ଜଣେ ଜଣେ କୁ ଆଡେଇ ଆରତି କରି ଫଟୋ ଉଠା ବେଳେ ଆଗକୁ ଆସି ଦୁଇ ଜଣଙ୍କୁ ପଛ କୁ ପେଲି ସୁସଜ୍ଜିତ ମୁହଁ ଓ ଗଳା ର ହାର କୁ ପ୍ରଦର୍ଶିତ କରିବାର କି ଦୁର୍ବାର ଅଭିଳାଷା । ପୁଣି ତାକୁ ଗ୍ରୁପ ରେ ପୋଷ୍ଟ କରି ନିଜର ସୁନ୍ଦରତା ଓ ବେଶ ପରିପାଟୀ କୁ ପ୍ରଦର୍ଶନ କରିବାକୁ ପଛାଇନଥିଲେ । ଏମିତି କି ମାଆ ଙ୍କୁ ପଛ କରି ସେଲ୍ଫି ନେବା ରେ ବ୍ୟସ୍ତ । ତାପରେ ପୁଣି ଖିଆ ପିଆ ବେଳେ ଲାଇନ୍ କରି ଥାଳି ଧରି ସତରେ ସବୁ ଆଇଟମ୍ ଆଗରେ ଦେଖେଇ ଦେଖେଇ ଆଣିଲା ବେଳେ ଲାଗେ ସତରେ ଯେମିତି ଭିକ୍ଷା ମଗା ହେଉଛି ମା ଗଣ୍ଡେ ମୋ ଥାଳିରେ ଦିଅନ୍ତୁ । କିଏ କହୁଥିବ ଆଉ ଦିଟା ପନୀର ଏକାଠି ଦେଇଦିଅ, ଆଉ କିଏ କହୁଥିବ ଏକାଠି ଟିକିଏ ଭାତ ଦିଅନ୍ତୁ, ଏମିତି । ପୁଣି ଧାଡ଼ି ଭାଙ୍ଗି କିଏ ଧସେଇ ପଶିଲା ତ କିଏ ମେଞ୍ଚାଏ ଷ୍ଟାଟର, ପୁଣି ଏକାଠି ପାଞ୍ଚଟି ଆଇସ୍ କ୍ରିମ ଧରିଲାଣି, ସେଥିରେ ପୁଣି କେବେ ଖାଇନାହାନ୍ତି ସେମିତି ଧସ୍ତାଧସ୍ତି ବାଡ଼ିଆପିଟା । ସତରେ ଯେମିତି ମାଆ ଙ୍କ ଭକ୍ତ ଙ୍କର ପରିଚୟ ଠାରୁ ଗୁଣ୍ଡା ହେବା ଟା ବେଶୀ ଶ୍ରେୟ ମାନୁ ଛନ୍ତି । ଏ ସବୁ ଦେଖି ମନ ଟା ଟିକିଏ ଫିକା ପଡିଯାଉଥିଲା ସଂଯୁକ୍ତା ଦେବୀ ଙ୍କର ।

ଯାହାବି ହେଉ ସନ୍ଧ୍ୟା ବେଳେ କଲଚରାଲ ପ୍ରୋଗ୍ରାମ ରେ ହାଜର ହେଲେ ସଂଯୁକ୍ତା ଦେବୀ । ସେଠି ବି ମୁଁ, ମୋର, ମୋ ପିଲା ର ପ୍ରଦର୍ଶନ, ଠାକୁରାଣୀ ଭଜନ ଆଳ ରେ ନିଜ ନିଜ ପିଲା ଙ୍କୁ ପ୍ରଦର୍ଶନ କରିବାରେ ପ୍ରତିଯୋଗୀତା । ମୁଁ ସବୁଠୁ ଶ୍ରେଷ୍ଠ ଓ ମୋର ପିଲା ସବୁଠୁ ଯୋଗ୍ୟ ଯିଏ ଏ ସୃଷ୍ଟି ର ରକ୍ଷାକର୍ତ୍ତା ସେଇ ମାଆ ଆଗରେ ନିଜର ଅହମିକା କୁ ପ୍ରଦର୍ଶନ କରିବାରେ କେହି ବି ପଛାଉ ନାହାଁନ୍ତି । ସବୁ ଅହମିକା ର ଶେଷ ପ୍ରଦର୍ଶନ ରାତିରେ ଯେତେବେଳେ ମାଙ୍କ ଖେଚେଡ଼ି ପ୍ରସାଦ ର ବୋଲି ଲଗିଲା ଓ ନିଲାମ କରାଗଲା, ସଂଯୁକ୍ତା ଙ୍କୁ ଲଗିଲା ସତରେ ଏମାନେ କେତେ ମୂର୍ଖ । ଜଗତ ଜନନୀ ମାଆ ଙ୍କୁ କିଣିବାର ପ୍ରୟାସ

ISSN NO.
2582-208X

କରୁଛନ୍ତି, କି ଲଜ୍ଜା ହୀନ ପ୍ରୟାସ । ଜଳ ସ୍ଥଳ ଆକାଶ ଯେଉଁଠି ମାଆ ର ପରାକାଷ୍ଠା ସେଠି ଏ ତୁଚ୍ଛ ର ନିଜର ଅହମିକା କୁ ପ୍ରଦର୍ଶନ କରିବା ଟା ହୁଏତ ଏ ଯୁଗର ର ଲକ୍ଷଣ ।

ଏ ଭିତରପ୍ରସାଦ ନିଲାମ ସରିଗଲା । ଜଣେ ନିଲାମ ରେ ଜିତିଥିବା ମାଆ ସଂଯୁକ୍ତା ଦେବୀ ଙ୍କ ହାତ କୁ ଟିକିଏ ପ୍ରସାଦ ବଢେଇ ଦେଇ ମା ଜି, ପ୍ରସାଦ ଟିକିଏ ନିଅନ୍ତୁ ମୁଁ କିଣିଛି ୟାକୁ ପଚିଶ ହଜାର ରେ । ସଂଯୁକ୍ତା ଙ୍କୁ ଲଗିଲା ପ୍ରସାଦ ଦେବା କୁ ଯେତେ ଆଗ୍ରହୀ ନୁହଁନ୍ତି, ସେ ପଚିଶ ହଜାର ଦେଇ କିଣିଛନ୍ତି କହିବାକୁ ବେଶୀ ଆଗ୍ରହୀ । ତାଙ୍କ ମୁହଁ କୁ ଟିକିଏ ବଲ ବଲ ହେଇ ଚାହିଁ ପ୍ରସାଦ ଆଣି ତୁଣ୍ଡରେ ମାରି ମନେ ମନେ ଡାକିଲେ ମାଆ ଏମାନଙ୍କୁ ସଦ୍ ବୁଦ୍ଧି ଦିଅ । ଏତେ ଆତ୍ମ ବଡ଼ିମା ରୁ ନିବୃତ୍ତ ରୁହନ୍ତୁ । ଆଜି ଦଶହରା ସବୁ ଶେଷ ରେ ଖିଆ ପିଆ ର ଆୟୋଜନ ବି ଅଛି । କିନ୍ତୁ ସେଇ ଖିଆ ପିଆ ବେଳେ ବି ନିଲାମ ର ଚର୍ଚ୍ଚା । ସତରେ କଣ ମାଆ ର କେଉଁ ଉପାୟ ରେ ବି ନିଲାମ କରିହେବ । ଏ ତୁଚ୍ଛ ମଣିଷ ଠାକୁର ଙ୍କ ନାମ ରେ କେତେ ବ୍ୟବସାୟ କରୁଛି କେଜାଣି କିନ୍ତୁ ତାର ପରିଣାମ ବିଷୟ ରେ ଅବଗତ ରହିବାକୁ ତିଳେ ମାତ୍ର ଚେଷ୍ଟା କରୁନାହିଁ ।

କିନ୍ତ ଏ କଣ, ପୁଣି ସର୍ବଶେଷରେ ଲାଗି ପଡିଲେ ସମସ୍ତେ ଢୋଲ ବଜାଇ ସଙ୍ଗୀତ ର ତାଳେ ତାଳେ ଅବିର ବୋଳା ବୋଳି ହେଇ ମାଆ ଙ୍କ ଭସାଣୀ ଉତ୍ସବ ରେ ନାଚି ନାଚି ମାଙ୍କୁ ବିଦାୟ ଦେବାର ପ୍ରସ୍ତୁତି । ସଂଯୁକ୍ତା ଦେବୀ ଲକ୍ଷ୍ୟ କଲେ ଭସାଣୀ ସାରି ଆସିଲା ବେଳକୁ ସମସ୍ତ ଙ୍କ ଚକ୍ଷୁ ଲୋତକ ପ୍ଲାବୁତ, ସମସ୍ତେ ଏକ ମନରେ ଆଗାମୀ ବର୍ଷ ପାଇଁ ଅପେକ୍ଷା କରୁଛନ୍ତି । ପ୍ରକୃତରେ ମାନବ ଦେହ ଧରି ଏ ଅହଙ୍କାର, ଲୋଭର ମୋହ ରୁ ନିବୃତ୍ତ ରହିବା କଣ ଏତେ ସହଜ । କହିବା ଟା ଯେତେ ସହଜ କରିବା ଟା ସେତେ କଷ୍ଟ । ସଂଯୁକ୍ତା ଆଉ ଅଧିକ ଭାବିବାକୁ ଇଚ୍ଛା କଲେନାହିଁ । ସେଇ ଜଗତଜନନୀ ଙ୍କ ଉଦ୍ଦେଶ୍ୟରେ ହାତ ଯୋଡି ପ୍ରଣାମ କଲେ ସମସ୍ତ ଙ୍କୁ ଖୁସିରେ ରଖ ବୋଲି ମନେ ମନେ ମାନସୀଲେ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ,
ପ୍ଲଟ ନମ୍ବର – ୩ ଡି, ୧୧୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ହୃଦୟର ରୁଦ୍ଧଦ୍ୱାର


ଛବି ରାଣୀ ପତି

ଆଜି ଖୁବ୍ ମନେପଡେ
ସେଦିନରେ ତୁମ ପ୍ରଶ୍ନବାଣ ...

ଗୋଟେ କଥା ପଚାରିବି
ସତ କହିବୁ ?
ପ୍ରକୃତରେ କଣ ତୁ ଏତେ ବ୍ୟସ୍ତ ଯେ
ଥରେ ହେଲେ ମୋ କଥା ତୋର ମନେପଡୁନି !
ତୁ ବ୍ୟସ୍ତ ନା ଦୂରେଇ ରହିବାର ବାହାନା ?

ତୁମ ପ୍ରଶ୍ନର କିନ୍ତୁ ମୋ ପାଖରେ
ସେଦିନ କୌଣସି ଉତ୍ତର ନଥିଲା
କାରଣ ମୁଁ ଜାଣିଥିଲି
ମୋର ପ୍ରତ୍ୟେକ ଉତ୍ତର
ତୁମକୁ ଅଭିନୟ ଲାଗିପାରେ,
ମୋ ଅସହାୟତା
ତୁମକୁ ଅଟହାସ୍ୟ କରିପାରେ ।

ISSN NO.
2582-208X

ତୁମ ସନ୍ଦିଗ୍ଧ ପ୍ରଶ୍ନ ଆଉ
ମୋ ଗାଢ଼ ନୀରବତା କେଇକ୍ଷଣ ପରେ
ତୁମ ବ୍ୟାକୁଳତାର ଫି କିନା
ସେ ରୀତିମତ ଠସିଲି ହସ କିନ୍ତୁ
ମୋତେ ଖୁବ୍ ବାଧେ
ହେଲେ,, ତା ବି ମୁହଁ ଖୋଲି କହିପାରେନା
କାଳେ ତୁମକୁ ବାଧିଯିବ ବୋଲି ।

ସେଦିନ ଠୁଁ କାନ୍ଦୁଛି ଯେ କାନ୍ଦୁଛି
କାନ୍ଦୁରିଟା ବୋଲି ଜାଣିଥିଲେ
ଚାଲିଯିବା ଆଗରୁବି ତୁମେ ...
ବୋଧେ କେବେବି ଆସିନଥାନ୍ତ
ତୁମକୁ ଲୁହ ଯେ ପସନ୍ଦ ନୁହେଁ
ହେଲେ ତୁମେ କୁହ ତ ...
ଉଜୁଡ଼ା ଯୌବନର ଅମରାବତୀ,
ଜ୍ୱାଳାମୁଖୀରେ ପଲ୍ଲବିତ ଜୀବନର ଫର୍ଦ୍ଦ,,
ଅବାଧ ମନ, ହୃଦୟର ରୁଦ୍ଧ ଦ୍ୱାର
ଏସବୁ ଅକୁହା ବେଦନାକୁ ଛାତିରେ ଜାକି
ମୁଁ ଅଧିକ କଣ ବା କରିପାରିଥାନ୍ତି... ? ? ?

ମଧୁଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ –୯୩୩୭୯୬୦୦୬୦

ISSN NO.
2582-208X

# ପ୍ରତିଶ୍ରୁତି

ଅଧ୍ୟାପିକା ଦେବିରାଣୀ ଯେନା

ପ୍ରତିଶ୍ରୁତି, ଶୁଣିଛି ଏ ଶବ୍ଦ ଭିତରେ କେତେ
ମିଛ ଆଶା, ଛଳନା, ପ୍ରତାରଣା, ଆକାଂକ୍ଷା ର
ମାୟାଜାଲ ଗୁନ୍ଥା ହୋଇଛି।
ଯାହାର ପ୍ରମାଣ ମଧ୍ୟ ଯୁଗ ଯୁଗାନ୍ତ କାଳରୁ ରହିଛି,
ତ୍ରେତୟାରେ ପ୍ରତିଶ୍ରୁତି ପାଇଥିଲେ ସୀତା,
ଦ୍ୱାପର ରେ ପ୍ରତିଶ୍ରୁତି ପାଇଥିଲେ ରାଧା,
ତାର ପରିଣାମ କଣ ହୋଇଥିଲା କିଏ ଭୋଗ କରିଥିଲା
ସେ ପ୍ରତିଶ୍ରୁତି ର ମିଠା ଜହର କୁ ?
ଆଜି ପୁନଃ ପ୍ରତିଶ୍ରୁତି ମିଳିଛି ମତେ
ନା ନା ରାମ କି କୃଷ୍ଣଙ୍କ ଠାରୁ ନୁହଁ
ମୁଁ ନିଜର ମଣୁ ଥିବା ମଣିଷ ଠାରୁ ।
ହାତରେ ହାତ ଧରି ଚାଲିବାର,
ସବୁ ଦୁଃଖକୁ ସୁଖରେ ପରିଣତ କରିବାର,
ସବୁ ବିଫଳତାକୁ ସଫଳତାରେ ପରିଣତ କରିବାର,
ମୋ ପ୍ରଚ୍ଛଦପଟ ରେ ରହି ମୋ ତମାମ୍ କାହାଣୀର
ନାୟକ ସାଜିବାର ।
ପୁରାଣ ର କୋଉ ଦେବୀ ନୁହଁ ମୁଁ
ମୋ ପାଇଁ କେଉଁ ଋଷି ଆଶ୍ରମର ଦ୍ୱାର ଖୋଲା ହେବ
ନା କେବେ
ଧରିତ୍ରୀ ମୋ ଦୁଃଖରେ ଦୁଇଫାଳ ହେବ ।

ISSN NO.
2582-208X

ନା କେବେ
ଆଖିର ଲୁହ କୁ ଧୋଇବା ପାଇଁ ଯମୁନା ର ପାଣି ଥିବ।
ତୁମ ଏ ପ୍ରତିଶ୍ରୁତି କେବେ ବଜ୍ର ହେଇ ମତେ
ବୋଦ୍ଧ କରିଦେବ ନାହିଁ ତ ?

ଅଧ୍ଯାପିକା,
ସିମୁଳଆ ମହାବିଦ୍ୟାଳୟ,
ମାର୍କୋଣା, ବାଲେଶ୍ୱର
ମୋ: ୯୭୯୨୮୪୭୭୦

ISSN NO.
2582-208X

# ଦୁଇ ପଟ ବାସି ରୁଟିର ଅନ୍ୱେଷଣରେ



ଭାସ୍କର ଚନ୍ଦ୍ର ଖଣ୍ଡା

ହେଲେ ବି ପୁରୁଣା ତା'ର ଗୁରୁତ୍ୱ ଅଛି
ସେଥିପାଇଁ ତ କଥାରେ ଅଛି ଓଲ୍ଡ ଇଜ୍ ଗୋଲ୍ଡ
ଝୁରି ମରନ୍ତି ଅନେକ ପୁରୁଣାକୁ
ମନେ ପକାନ୍ତି ଅତୀତରେ ଗଢିଥିବା
ସ୍ୱପ୍ନର ତାଜମହଲକୁ
କାହା ପାଇଁ ହୋଇଥାଏ ସାକାର
ଚିର ଶାଶ୍ୱତ, ଧ୍ରୁବ ତାରା ସଦୃଶ
କାହା ପାଇଁ ଉଲକା ହୋଇ
ମିଳେଇ ଯାଇ ଥାଏ ନିମିଷକ ମଧ୍ୟରେ ।୧।

ସଫେଦ୍ ଶାଢି ପିନ୍ଧାଇ
ଅପ୍ରାପ୍ତ ବୟସ୍କ ରେ
ବିଧିର ବିଧାନ ଦେଇଥାଏ
ଆଖ୍ୟା ତାକୁ 'ବିଧବା' ।୨।

ହରେଇ ବସିଥାଏ
ନିଜର ଅସ୍ତିତ୍ୱ
କଷ୍ଟ ଲାଗେ ବହୁତ

ISSN NO.
2582-208X

ସହି ଥାଏ କେତେ ଯନ୍ତ୍ରଣା ବିଚରା ଚିନି
ସରବତ୍ ହେବା ପୂର୍ବରୁ
ଘଣ୍ଟା ଚକଟା ମାଡ ଖାଇ
ହରାଇ ଦେଇଥାଏ ନିଜର ଅସ୍ତିତ୍ୱ ।୩।

ଓଦା କପଡା ବିଛାଥିବା
ଉଦର ବି ତ ଥାଏ
ଜୀବନ ସଂଗ୍ରାମରେ ଯାଇଛି ହାରି ବୋଲି
ଲୁଟିଛନ୍ତି ସମସ୍ତେ ତାକୁ
ପର ଘରେ ବାସନ ମାଜି
ଦୁଇ ବେଳା ଖାଇବାକୁ
କରୁଛି ସିଏ କେତେ ସଂଗ୍ରାମ
ଥିଲେ ବି ତା'ର ଦିନେ ସ୍ୱାମୀ
ଗଢିଥିଲା ଦିନେ ସ୍ୱପ୍ନର ତାଜମହଲ
ହେଲେ ଆଜି
କୁନି ଝିଅର ଆଖିକୁ ଦେଖି
ବଂଚିଛି ସିଏ ।୪।

ଆସିଛନ୍ତି ଅନେକ ଭ୍ରମର ତା ପାଖକୁ
ବିଚରା ଫୁଲ ଟିଏ
ଉଡି ତ ଯାଇ ପାରୁନି
ଏଇ ଦୁର୍ବଳତାର ସୁଯୋଗ ନେଇ
ରାତ୍ରିର ଅନ୍ଧକାର ଭିତରେ
ସହିଛି କେତେ ଦଳା ଚକଟା
ପାଲଟି ଯାଇଛି ଏକ ସ୍ଥାଣୁ ପଥର
ବାସି ଫୁଲ ପରି
ଉଡି ଯାଇଛି ସବୁ ବାସନା ତାହାର

ISSN NO.
2582-208X

ଦଳିତା ନିଷ୍ପେଷିତା ଅଲୋଡା ସିଏ
ଘାରି ଯାଉଛି ମରମ ବେଦନା
ଦୁଇ ପଟ ବାସି ରୁଟି
ଆଣି ଦେଉଛି ଶତ ସିଂହର ବଳ
ଅସ୍ତିତ୍ୱ ହରା ଚିନିରେ
ଗିଳି ପକାଇ ତାକୁ
ହୋଇ ସଜ ବାଜ ବଡି ଭୋରରୁ
ଯାଉଛି ବାହାରି ନିଇତି ସିଏ
ଦୁଇ ପଟ ବାସି ରୁଟିର ଅନ୍ୱେଷଣରେ ।୫।

ଫ୍ଲାଟ୍ ନଂ ବି/୩୦୧, ଗୌରିଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଆମ ଗାଁ ଦୁର୍ଗାପୂଜା



ବିଜୟକେତନ ମହାନ୍ତି

୨୦୨୨ ମସିହାରେ ଆମ ଗାଁ ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରା ଯାଇଥିଲା । ପ୍ରତିବର୍ଷ ବିଧିବଦ୍ଧ ଭାବେ ଦୁର୍ଗାପୂଜା ପାଳିତ ହୁଏ । ବିବାହିତା ଭଉଣୀମାନେ ଓ ତାଙ୍କ ପିଲାମାନେ ମଧ୍ୟ ଆମର ଏହି ପୂଜାରେ ଯୋଗ ଦେଇଥାଆନ୍ତି । କିଛି ଭଣଜା, ଭାଣିଜୀ ମାନେ ବିଦେଶରେ ରହୁଛନ୍ତି । ସେମାନେ ମଧ୍ୟ ସେଠାରୁ ଚାନ୍ଦା ପଠାଇ ଥାଆନ୍ତି । ପ୍ରାୟ ସମସ୍ତେ ଏହି ସମୟରେ ଗାଁରେ ଆସି ପହଞ୍ଚି ଯାଇ ଥାଆନ୍ତି । ପୂରା ଗାଁ ଉତ୍ସବ ମୁଖର ହୋଇ ଉଠେ । ଏହି ସମୟରେ ପ୍ରାୟ ସମସ୍ତଙ୍କ ଘରେ କୁଣିଆ ଭର୍ତ୍ତି ।

ଛୋଟ ଥିଲା ବେଳେ ଆମେ ସମସ୍ତେ ଅପେକ୍ଷା କରିଥାଉ ଦୁର୍ଗା ପୂଜା କେବେ ଆସିବ । ନୂଆ ପ୍ୟାଣ୍ଟ ସାର୍ଟ ମିଳିବା ସହ ସ୍କୁଲ ଛୁଟି ହେଇଯାଏ । ଦୁର୍ଗାପୂଜା ପାଇଁ କିଛି ଦିନ ପଢା ପଢି ବନ୍ଦ । ସମସ୍ତେ ମିଶି ମସ୍ତି କରୁ । ଷଷ୍ଠୀ ଠାରୁ ଦଶହରା ପର୍ଯ୍ୟନ୍ତ ବୈଠକି ବାଜାବାଲାଙ୍କ ବ୍ୟବସ୍ଥା କରାଯାଇଥାଏ । ମା'ଙ୍କ ପୂଜାରେ ଯେତେବେଳେ ଦରକାର ପଡେ, ସେମାନେ ବାଜା ବଜାଇ ଥାଆନ୍ତି । ବଡ଼ିଭୋରୁ ଉଠି, ଘୁମ ଓ ତାର ସାଥି, କିଛି ସିନେମା ଗୀତର ଧୁନ ମଧ୍ୟ ବଜାଇ ଥାଆନ୍ତି । ଘୁମର ଯୋଡି ମହୁରୀ ସାଙ୍ଗକୁ ଅଲିଆ ଓ ଭାବର ଯୋଡି ନାଗରାର ଯୁଗଳ ବନ୍ଦୀ, ବହୁତ୍ ଭଲ ଲାଗେ ଶୁଣିବାକୁ । ଘୁମ ତା ଯୋଡି ମହୁରୀ ବଜାଇବା ଆଗରୁ ଯେଉଁ ପେଁ ..ଏଁ, ପେଁ ..ଏଁ କରେ, ସେହି ସମୟ ମଧ୍ୟରେ ଅଲିଆ ତା ନାଗରା କୁ ଟିକେ ନିଆଁରେ ସେକି ଦେଇଥାଏ । ଘୁମର ମହୁରୀ ପେଁ ..ଏଁ, ପେଁ..ଏଁ ଶୁଣି ଆମେ ଧଡ଼ପଡ଼ ହେଇ ଉଠୁ । ଏଇଟା ଆମ ପାଇଁ, ଏକ ପ୍ରକାର ଆଲାରାମ୍ ଭଳି କାମ କରେ । ପୂର୍ବ ରାତ୍ରିର ସବୁ ଅଳସକୁ ଦୂରେଇ ଦିଏ ଘୁମର 'ପେଁ ..ଏଁ' । ବଡ ଆଗ୍ରହ ଉତ୍ସାହରେ ଆମେ ଉଠିପଡୁ।

ISSN NO.
2582-208X

ମା'ଙ୍କ ପୂଜା ପାଇଁ 'ସମୟ ନିର୍ଘଣ୍ଟ' ତିଆରି ହୁଏ । ସେଥିରେ ଲେଖା ଯାଇଥାଏ "ଦେବୀ ଗଜ ବାହନେ ଆଗମନଂ", "ଦେବୀ ନୌକାୟାଂ ଆଗମନଂ" ଓ "ଦେବୀ ଅଶ୍ୱ ବାହନେ ଆଗମନଂ" । ଆମେ ଖାଲି ଏତିକି ବୁଝୁଥିଲୁ କି – "ଗଜ ବାହନେ" ମାନେ ବର୍ଷା ହେବାର ଅଛି, "ଅଶ୍ୱ ବାହନେ" ମାନେ ଖରା ହେବ । ଆଗରୁ ବର୍ଷା ହେଲେ ଗାଁ ଦାଣ୍ଡରେ କାଦୁଅ ହେଇଯାଏ । ଗାଇ ଗୋରୁ ଯିବା ପରେ, ଦାଣ୍ଡର ଅବସ୍ଥା ଆହୁରି ସାଙ୍ଘାତିକ ହେଇଯାଏ । ତଥାପି ଉତ୍ସାହରେ କାହାର ତିଳେ ମାତ୍ର କମି ଆସେନି ।

ପ୍ରଥମେ ସୁନିଆଁ ଦିନ ମାଟି ଉଠା ଯାଉଥିଲା । ରଙ୍ଗ କରିବା ପୂର୍ବରୁ, ମୂର୍ତ୍ତି ଭଲକି ଶୁଖିଥିବା ଦରକାର । ଅସୁବିଧା ହେବାରୁ, ପରେ ପରେ, ନନ୍ଦ ଉତ୍ସବ ଦିନ ମାଟି ଉଠାଗଲା । କର୍ତ୍ତାଙ୍କ ସହ ନନା ଓ ବାରିକ ଯାଆନ୍ତି ମାଟି ଉଠାଇବାକୁ । ସେଠି ପୂଜା ହେଲା ପରେ, ମାଟି ଉଠାଯାଏ । ଢୋଲ ତାଳରେ ଆମେ ଘଣ୍ଟ ବଜାଇ ବଜାଇ ସାଙ୍ଗରେ ଯାଉ । ନଡ଼ାରେ ପିତୁଳା ବନ୍ଧା ଯାଏ । ପ୍ରଥମେ 'ଏକ ମାଟିଆ' ପାଇଁ, ଚିକିଟା ମାଟିକୁ ଚକଟି ନଡ଼ା ଉପରେ ବୋଲିକି ଢାଞ୍ଚା ତିଆରି କରା ଯାଏ । ମୂର୍ତ୍ତି ଟିକେ ହାଲୁକା ହେବା ପାଇଁ, ମାଟିରେ ଅଗାଡି ମିଶାଇ, ଚକଟା ଯାଏ । ତା ପରେ କିଛି ଦିନ ଛାଡି ଦିଆ ଯାଏ ମୂର୍ତ୍ତି ଗୁଡିକ ଶୁଖିବା ପାଇଁ । ପ୍ରତିମା ମାନଙ୍କର ଶେଷ ରୂପରେଖ ଦେବା ପାଇଁ, ଦ୍ୱିତୀୟ ପର୍ଯ୍ୟାୟରେ ହୁଙ୍କା ମାଟିର ଚକଟା ବ୍ୟବହାର କରାଯାଏ । ପ୍ରତିମା ସବୁ 'ଦୋ ମାଟିଆ' ହେଲେ ବୋଲି କୁହାଯାଏ । ହୁଙ୍କା ମାଟି ଦେଲାପରେ, ମୂର୍ତ୍ତି ଫାଟିବାର ସମ୍ଭାବନା ଥାଏ । ତେଣୁ ଚିକିଟା ମାଟିର ଘୋଳକୁ ଭଲକି ଛଣା ଯାଏ । ସେହି ଘୋଳରେ ପୁରୁଣା ଧୋତିର ଛୋଟ ଛୋଟ ଖଣ୍ଡକୁ ସବୁ ବୁଡେଇ, ମୂର୍ତ୍ତି ଉପରେ ପକାଯାଏ । ପୁଣି କିଛି ଦିନ ମୂର୍ତ୍ତି ଗୁଡିକୁ ଶୁଖିବା ପାଇଁ ଛାଡି ଦିଆ ଯାଏ । ଟିକେ ଶୁଖିଗଲା ପରେ, ବାଉଁଶ ପାତିଆ ସାହାଯ୍ୟରେ ପାଲିସ କରାଯାଏ । ଆମକୁ କାରିଗର ପାଲିସ କରିବାରେ ଲଗେଇ ଦିଅନ୍ତି । ସେତେବେଳେ, ଆମେ ଗୋଟିଏ ବଡ କାମ ଟିଏ କରୁଛୁ ବୋଲି, ଟିକେ ଦେଖେଇ ହେଉ ।

ମହାଳୟା ଅମାବାସ୍ୟା ଦିନ ସବୁ ଠାକୁରଙ୍କୁ ଖଡ଼ି ଚଢ଼ାଯାଏ ଓ ପରେ କାରିଗର ରଙ୍ଗ ଦେଇଥାଆନ୍ତି । ଯେବେଠୁଁ ରଙ୍ଗ ଦେବା ଆରମ୍ଭ ହୁଏ, ଆମର ସେହି ଦିନଠୁ ଦୁର୍ଗା ପୂଜା ଆରମ୍ଭ ହେଇଯାଏ । କାରିଗର ସେତେବେଳେ ବିଭିନ୍ନ ରଙ୍ଗ ରଖିବା ପାଇଁ ଷଢେଇର ବ୍ୟବହାର କରୁଥିଲେ । ଷଢେଇ ଭିତର ଭଲକି ସଫା କରି, ସେଥିରେ ରଙ୍ଗ ରଖୁଥିଲେ ।

ISSN NO.
2582-208X

ଛଣପଟକୁ କଳା ରଙ୍ଗରେ ରଙ୍ଗେଇ ଠାକୁର/ଠାକୁରାଣୀଙ୍କ କେଶ ସବୁ ଲଗା ଯାଏ । ଶେଷରେ ଠାକୁର/ଠାକୁରାଣୀଙ୍କୁ ମୁକୁଟ ଓ ଗହଣା ସବୁ ପିନ୍ଧାଯାଏ । ବିଧିବଦ୍ଧ ଭାବେ ପାଞ୍ଜି ଦେଖି 'ସମୟ ନୀର୍ଘଣ୍ଟ' ତିଆରି ହୁଏ । ସେହି ଅନୁସାରେ ନନା ମାନେ ପୂଜାପାଠ କରନ୍ତି । ମାଙ୍କ ପୂଜାରେ ଟିକେ ବି ଏପଟ ସେପଟ ହୁଏନି । ବିଲ୍ୱାଧିବାସ, ଚକ୍ଷୁଦାନ, ସନ୍ଧିପୂଜା, ଇଷ୍ଟପୂଜା, ଚଣ୍ଡୀପାଠ, ବ୍ରତପୂଜା, ହୋମ, ବଳିଦାନ ହେଉ ପଣା ହାଣ୍ଡି ପୂଜା, ସବୁ 'ସମୟ ନିର୍ଘଣ୍ଟ' ଅନୁସାରେ ହିଁ ହୁଏ । ସନ୍ଧ୍ୟାବେଳେ ଆଳତି ସମୟରେ ଢୋଲ, ମହୁରୀ ତାଳରେ ଘଣ୍ଟ ବଜା ଗୋଟେ କମ୍ପିଟିସନ ଭଳିଆ ହୁଏ । ତା' ସାଙ୍ଗକୁ ତାଳମୁଳି । ଘଣ୍ଟ, ଘଣ୍ଟା ଓ ଢୋଲର ଧ୍ୱନିରେ ଆଖ ପାଖ ପ୍ରକମ୍ପିତ ହୁଏ । ଅନ୍ୟ ଫୁଲ ସହ, କଇଁ ଫୁଲ ତୋଳା ହେଇକି ଆସେ । ସେଗୁଡିକୁ ବାହାରେ ସଜାଇବାରେ କାମରେ ଆସେ । ଆଗେ ପଞ୍ଚରଙ୍ଗି କାଗଜକୁ କାଟି, ଅଟାର ତିଆରି ଅଠାରେ, ବନ୍ଧା ହେଇଥିବା ରସିରେ ଲଗାଯାଏ । ମଝିରେ ମଝିରେ ଆମ୍ବ ପତ୍ରକୁ ଲଟକାଇ ଦିଆ ଯାଉଥିଲା । ସବୁ କିଛିର ଦେଶୀ ବ୍ୟବସ୍ଥା । ଏବେ ପରି, ଚାଇନିଜ୍ ଆଇଟମ୍ ଉପରେ ନିର୍ଭର କରିବାକୁ ପଡୁ ନଥିଲା । ସେତେବେଳେ ଗାଁରେ ବିଜୁଳି ସରବରାହ ନଥିବା ଯୋଗୁଁ, ସନ୍ଧ୍ୟାରେ ପେଟ୍ରୋମାକ୍ସ ଲାଇଟ୍ ଲଗା ଯାଉଥିଲା । ଯେଉଁ ଦିନ ମାଙ୍କ ସନ୍ଧ୍ୟା ଆଳତୀ ପରେ କିଛି ପୂଜାର୍ଚ୍ଚନା ନଥାଏ, ସେ ଦିନ ସନ୍ଧ୍ୟାରେ ପାଲା କିମ୍ବା ଦାସକାଠିଆର ବ୍ୟବସ୍ଥା କରାଯାଇଥାଏ । ଆମେ ଛୋଟ ଥିଲାବେଳେ, ଆମକୁ 'ମହିଷାମର୍ଦ୍ଦିନୀ' ଗୀତିନାଟ୍ୟ ମଞ୍ଚସ୍ଥ କରିବାର ସୌଭାଗ୍ୟ ମିଳିଥିଲା । ମୋତେ ଶୁମ୍ଭ ଓ ବାବୁଲା ମାମୁଁକୁ ନିଶୁମ୍ଭ ପାର୍ଟ ମିଳିଥିଲା । ବିନିକୁ ଦୁର୍ଗା ଓ ପୁସାକୁ ଶ୍ରୀକୃଷ୍ଣ ଓ ରମେଶ ଦାଦାକୁ ମହିଷାସୁର ରୋଲ ମିଳିଥିଲା । ସନ୍ଧ୍ୟାରେ ସାଁହାଳପୁର ଗାଁ'ର ବାବାଜୀ ଦାଦା ଡାଇରେକ୍ଟର ହିସାବରେ ଆମକୁ ରିହାରଶଲ କରାଉଥିଲେ । ଦିବାଡପା ଆମକୁ ହାର୍ମୋନିଅମ ରେ ପ୍ରଥମେ ସା ରେ ଗା ମା ..... ଅଭ୍ୟାସ କରାଉଥିଲେ, ପରେ ଜଣ ଜଣକୁ ଡାକି ନିଜ ନିଜର ରୋଲ ଅନୁସାରେ ଗୀତ ଅଭ୍ୟାସ କରାଉଥିଲେ । ବାରମ୍ବାର ଶିଖାଇଲା ପରେ, ଯାହାର ଟିକେ ଭୁଲ ହେଉଥିଲା, ବଡବାପା ଟିକେ ରାଗି ଯାଉଥିଲେ, ଖାଲି ଏତିକି କହୁଥିଲେ – "ଆଉ, ଆଉ ତୋ ମନକୁ, ସେଃ.. ଖାଲି ସରୁ ଚଟକଣୀ । ମିଶା, ଏଠି ସା, ସା," ।

ଯେମିତି ଉତ୍ତର ଭାରତରେ ଦୀପାବଳି ସବୁଠାରୁ ବଡ ପର୍ବ, ସେମିତି ପୂର୍ବ ଭାରତରେ ଦୁର୍ଗା ପୂଜା । ସମସ୍ତେ ନୂଆ ପିନ୍ଧନ୍ତି । ପିଠା ପଣାରେ ସମସ୍ତଙ୍କ ଘର ମହକୁ ଥାଏ । ସ୍କୁଲ କଲେଜ

ISSN NO.
2582-208X

ଓ ସରକାରୀ ଅଫିସ ସେହି ସମୟରେ ଛୁଟି ହୋଇଯାଏ । ସେତେବେଳେ ଗାଁରେ ଯେଉଁମାନେ କୌଳିକ ବୃତ୍ତି କରୁଥିଲେ, ସେମାନେ ସବୁ ଭେଟି ନେଇ ଆସନ୍ତି । ତା ବଦଳରେ ସେମାନଙ୍କୁ ଉପହାର ମିଳେ । ସେମାନେ ଉପହାରରେ ସନ୍ତୁଷ୍ଟ ନହେଲେ, ବେଳେ ବେଳେ ଅଳି କରିଥାନ୍ତି । ଆମ ଗାଁରେ ଦୁର୍ଗା ପୂଜା ଆରମ୍ଭ ହେବା ଆଗରୁ, ଦଶହରା ପାଇଁ ଗାଁରେ ଖଣ୍ଡା, ଲେଖନୀ ସବୁ ବସୁଥିଲା । ପୂଜା ପାଠ ସେହିପରି ହେଉଥିଲା, କିନ୍ତୁ କେବଳ ପ୍ରତିମା ପୂଜା ହେଉ ନଥିଲା । ଦଶହରା ଦିନ ପ୍ରଥମେ କଳସ ବିସର୍ଜନ ହୁଏ । ବିସର୍ଜନ ଶୋଭାଯାତ୍ରାରେ ଖଣ୍ଡା ଖେଳ ସହ ବାଡି ଖେଳ ବି ହୁଏ । ଏବେ ବି ଏ ସବୁ ହେଉଛି । କଳସ ବିସର୍ଜନ ଉପର ବେଳା ହୁଏ । ପରେ, ମା ଦୁର୍ଗାଙ୍କ ବିସର୍ଜନ ସନ୍ଧ୍ୟାରେ ହୁଏ । ତାଳମୂଳି, ବାଜା ଓ ବାଣ ସହ ରୋଷଣିର ଆୟୋଜନ କରାଯାଏ ।

ପ୍ରବଳ ବର୍ଷା ପରେ ନିର୍ମଳ ଶରତ ଋତୁ ଆସେ । ଦିଗ ନିର୍ମଳ ଦିଶେ। କାସତଣ୍ଡି ଫୁଲ ହସେ । ଦଶହରା ଉତ୍ସବ ଆସେ । ଆନନ୍ଦ ଉଲ୍ଲାସରେ ଗାଁ ହେଉ କି ସହର, ମାତି ଉଠେ ଜନମାନସ । ଦଶହରା ଉତ୍ସବ ଭକ୍ତମାନଙ୍କ ମଧ୍ୟରେ ଆନନ୍ଦ, ଭକ୍ତି ଏବଂ ଏକତାର ଭାବନା ସୃଷ୍ଟି କରେ। ଦୂର ଚାକିରିଆ ଛୁଟିରେ ଗାଆଁକୁ ଆସନ୍ତି । ପରିବାରର ପୁନର୍ମିଳନ, ସାମାଜିକ ସମାବେଶ ଏବଂ ଭୋଜିଭାତ ଭକ୍ତ ମାନଙ୍କୁ ଆନନ୍ଦ ଦେଇଥାଏ । ମା' ଦୁର୍ଗାଙ୍କ ପ୍ରତିମାଗୁଡ଼ିକୁ ଜଳାଶୟରେ ବିସର୍ଜନ ହୁଏ। ସଂସ୍କୃତି ଅନୁରୋଧରେ ବା ପରମ୍ପରାରେ, ପାର୍ବଣର ଏହି ମହୋତ୍ସବ ଶେଷ ହୁଏ । ଦେବୀ ମଣ୍ଡପ ଖାଲି ଦେଖି, ଟିକେ କେମିତି ମନ ଘାରି ହୁଏ । ଦେବୀଙ୍କ ଆବାହନ ଗଜ, ଅଶ୍ୱ ବା ନୌକା ବାହନରେ ହେବା ଆମେ ଜାଣୁ, କିନ୍ତୁ କେଉଁ ବାହନରେ ଫେରନ୍ତି ଆମେ ସିନା ଜାଣୁ ନା, ହେଲେ ବରଷ ଟିଏ ଅପେକ୍ଷା କରିବାକୁ ଜମା ବି ଭୁଲୁନା । ଜୟ ମା' ଦୁର୍ଗା, ଦୁର୍ଗତି ନାଶିନୀ ।

****

ଜନକପୁରୀ, ଦିଲ୍ଲୀ
ମୋ: ୯୮୭୧୯୯୭୪୪୯
Email: mohantybijay65@gmail.com

ISSN NO.
2582-208X

# ତୋ ପାଇଁ ପଦେ



ଦୀପାଳି ଦାସ

ତୁ ଆସିନୁ ଯେ,
ମୋତେ ଲାଗୁଛି...
ଯେମିତିକି ସେଇ ରାତିର
ଚିହ୍ନା ତାରା ମାନଙ୍କରୁ
ଉଲକା ଖଣ୍ଡେ ଖସୁଛି...
ଆଉ ସେଇ କ୍ଷଣକୁ ପଲକରେ
ମୁଁ ଯେମିତି ଲୁଚେଇ ରଖିଛି...

ସତରେ କେବେ ତୋତେ ଦେଖିଥିଲି
ନା ଦେଖିବା ଭିତରେ ଅଣଦେଖା
କରି ଦେଇଥିଲି... ମନେ ନାହିଁ ଆଉ
ହଜେଇ ଦେଇଛି କୋଉଠି ସବୁ
ଜାଣି ଜାଣି - ଖାଲି
ଆଗକୁ ଚାଲିବାଟା ଉତ୍ସାସିଆ
ହେବାକୁ... ମୋ ପାଇଁ ବୋଲି
ତୋ କଥା ଭାବିନି... ହେଲେ
ସେ ସବୁ ବୋଝ ରହିଲେ
ମଝି ମଝିରେ କଷ୍ଟ ଦେବେ ଖାଲି...
ଦବା ନେବାର ହିସାବ ବୋଧେ
ଆଉ ଆମର ଏଠି ନାହିଁ -

ISSN NO.
2582-208X

ନା ତୋ ଠାରୁ କିଛି ଆଶା ରଖିଛି
ନା ତୋତେ ଦେବାକୁ କିଛି ଅଛି..!!
ହୁଏତ ସେଇଥିପାଇଁ ସମ୍ପର୍କର
ଚେରଟା ଘନେଇ ଯାଇଛି –
ଲାଗେ ସତେ ଯେମିତି ତୁ
ଠିଆ ହୋଇଛୁ ମୋ ଆଗେ
ଆଇନା ଟେ ଧରି...
ବାର ବାର ଚେତେଇ ଦେବାକୁ
କି ଭିତରେ ମୁଁ ଅଛି
ଆଉ ପଛରେ ଅଛୁ ତୁ...
ଆଉ କେହି ଥାନ୍ତୁ ବା ନଥାନ୍ତୁ,
ଖାଲି ଟିକେ କଥାରେ
ହାଲକା କରିଦେବାର ଢଙ୍ଗ...
କିଛି ଝାଡି ଝୁଡ଼ି
ବାଦ୍ ଦେଇ ଦେବାର ବେଳ..
କେଜାଣି କେତେବେଳେ
ଖସିଯିବ ହାତ...!!
ମୁଁ ଥିବି କି ନଥିବି
ଆଉ ତୁ –
ମୋତେ ଏମିତି ମନେ
ପକେଇବୁ କି ନାହିଁ...??
ଚାଲ...ଏଣିକି ..ଯେତିକି ମିଳୁଛି
ହାତ ମୁଠାରେ ଗୋଟେଇ ନେବା...
ତାକୁ ସାଇତି କରି
କିଛି ଏକ ସଂପର୍କ ଗଢ଼ିନେବା...।।

ଏନ୍. ଆର୍. ଆଇ. କମ୍ପ୍ଲେକ୍ସ,
ନାଭି ମୁମ୍ବାଇ, ମହାରାଷ୍ଟ୍ର
ମୋ –୭୦୪୪୨୦୭୩୫୭/୯୧୩୬୪୨୪୭୫୫

ISSN NO.
2582-208X

# କାଶତଣ୍ଡି ଓ ଗଙ୍ଗଶିଉଳ



ଲୀଳାବତୀ ପରିଡ଼ା

ଶରତ ଋତୁଟି ଆସିଲେ ହସଇ କାଶ ଫୁଲ
ମନେ ମନେ କରେ ବିଚାର କିଏ ହେବ ମୋ ତୁଲ।
ମୋ ପାଇଁ ଧବଳ ବରଣ ଦିଶେ ଏ ସାରା ମହୀ
ଅତି ଆଦରରେ ମୋତେ ଯେ ତିଆରିଛନ୍ତି ବିହି।
ମୁଁ ଆସିଲେ ବିଞ୍ଚେ ଚାମର ମାଆ ହୁଅନ୍ତି ଖୁସି
ଦେବୀ ଦଶଭୁଜା ମରତେ ବିରାଜିଥାନ୍ତି ହସି।
ଶୁଣି କହେ ଗଙ୍ଗଶିଉଳି ଗଛ ଡାଳରେ ଥାଇ
ରୂପ ପାଇଁ ହେଉ ଫୁଲେଇ ତୋର ବାସନା କାହିଁ।
ଲାଗୁ ଅବା କେଉଁ ପୂଜାରେ ଯାହା ଅଳିଆ କରୁ
ହେଲେ ଝଡ ଅବା ବତାସି ତୁହି ଅକାଳେ ଝରୁ।
ରୂପ ପାଇଁ ହେଉ ଫୁଲେଇ କା ଉପକାରରେ ଆସୁ
ଆସୁ କେଉଁ ଜଗତ ହିତେ କେଉଁ ରୋଗ ବା ନାଶୁ।
ରାତିର ରାଣୀ ମୁଁ ଶେଫାଳି ଗଙ୍ଗ ଶିଉଳି ଫୁଟେ
ପାଶେ ଅବା ଦୂର କାନନେ ବାସ ବିତରି ଛୁଟେ।
ହେଉ ମ୍ୟାଲେରିଆ ଜ୍ୱର ବା ମୁଣ୍ଡ ବ୍ୟଥା ଯେ କାଶ
ମୋ ପତ୍ର ସେବନ କରିଲେ ପୀଡ଼ା ହୁଅଇ ନାଶ।
ଦୁର୍ଗ୍ଗା ଅଳତା ଲାଲ ରଙ୍ଗରେ ମୋହର ଶୋଭା କାନ୍ତି
ଦେଖି ଜନ ମନ ହରଇ ସର୍ବେ ହୁଅନ୍ତି ଶାନ୍ତି।

ISSN NO.
2582-208X

ଶୁଣି କାଶତଣ୍ଡି କହଇ କିସ ଲାଭ ଏ ଗୁଣେ
ଅଳପ ଆୟୁଷ ତୋହର ତୁ କି ଫୁଲରେ ଜଣେ ।
ରାତିକ ପାଇଁ ତୁ କୁଣିଆଁ ସକାଳୁ ଯାଉ ଝଡି
କାହିଁ ହେଉ ଏତେ ଫୁଲେଇ ଗରବେ କରୁ ରଡି ।
ଦୁହିଁଙ୍କର କଥା ଶୁଣି କି କହେ ଟଗର ହସି
କାହିଁ କର ଦୁହେଁ ଝଗଡ଼ା ଟିକେ ହୁଅରେ ଖୁସି ।
ଈଶ୍ୱରଙ୍କ ଏହି ସୃଷ୍ଟିରେ ସବୁ ଅମୂଲ ମୂଲ
ନିଜ ଗୁଣେ ନିଜେ ଉତ୍ତମ ଆନ ନ ହେବ ତୁଲ ।

କୁଟୁଣିଆଁ, ହିନ୍ଦୋଳ , ଢେଙ୍କାନାଳ
ମୋ ନଂ 9861945626

ISSN NO.
2582-208X

# ସାନ୍ଧ....

## (ଲାଇବ୍ରେରୀରେ ଥିବା ଗୋଟିଏ ବହିର ଆତ୍ମକାହାଣୀ)



ରେଣୁବାଳା ମହାପାତ୍ର

ଲାଇବ୍ରେରୀର ଅସଂଖ୍ୟ ବହି ମଧ୍ୟରୁ,
ଅସଜଡା ଭାଗ୍ୟ ଗୋଟେ ମୋର,
କାହିଁ କେତେ ଧୂଳି, ମଳିରେ
ଆଚ୍ଛାଦିତ ଶରୀର ମୋହର,
ସେଇଥିପାଇଁ ମୁଁ ଅପ୍ରିୟ ସଭିଙ୍କର.....

ସେଲ୍ଫର ଗୋଟିଏ ଅନ୍ଧାର କୋଣରେ ମୋ ଘର,
ସଭିଏଁ ଆସନ୍ତି, କିନ୍ତୁ
ହୋଇପାରିଲିନି କାହାରି ପସନ୍ଦର,
ଅଲୋଡ଼ା ବୋଲି
ପଡେନି କାହାରି ନଜର।

ହଠାତ୍ ଦିନେ ଆଶ୍ଚର୍ଯ୍ୟ ହେଲି,
ଦେଖି ଶୀତଳ ଛାଇଟେ ମୋ ଉପର,
ସନ୍ନ୍ୟାସୀ ଜଣେ ଆସି ଝାଡିଦେଲେ,
ଯେତେ ଧୂଳି ମୋର।
ସସ୍ନେହେ, ଜତନେ ଆଉଁସି ଦେଲେ
ମୋ ସମ୍ପୂର୍ଣ୍ଣ ଶରୀର।

ISSN NO.
2582-208X

ଏତେ ବର୍ଷ ଧୂଳି ଲାଗି ମଳିନ ପଡିଯାଇଥାଏ
ଆଖି ମୋର,
ନଥିଲା ଅସ୍ଥା କି
କିଏ ଛୁଇଁବ ପୃଷ୍ଠାକୁ ମୋର,
ନଥିଲା ବିଶ୍ୱାସ
କିଏ ପଢ଼ିବ ହୃଦୟ ମୋର,
ତଥାପି ନିରିଖି ଦେଖିବାକୁ ଚାହିଁଲି,
କିଏ ସେ ଇଶ୍ୱର ?

ନିର୍ଜୀବ ବସ୍ତୁଟେ ପ୍ରାଣ ପାଇଗଲା ,
ସ୍ନେହ ବୋଳା ସ୍ପର୍ଶରେ ତାର,
ମୁଁ ବି ଭାବିଲି ...
ଯାହାକୁ ସମସ୍ତେ କଲେ ଅନାଦର,
ତାକୁ ଛୁଇଁ କିଏ ହେଲା ଏତେ ବିଭୋର ?

ମନେ ପଡିଗଲା ସବୁ ସ୍ମୃତି
ଆଉ ସେ ସ୍ମୃତିରେ ଅନୁଭୂତି ମୋର,
ଆଞ୍ଜୁଳାଏ ସ୍ୱପ୍ନ, ଅସରନ୍ତି ପ୍ରେମର
ଗନ୍ତାଘର ଥିଲା ସବୁ ପୃଷ୍ଠା ମୋର,
ସ୍ୱଚ୍ଛ ହୋଇଗଲା ଆଇନା ଯେତେବେଳେ

ଗାମୁଛାରେ ପୋଛି ଦେଲେ ମଲାଟ ମୋର,
କିଏ ସେ ମାନବ ରୂପୀ ଇଶ୍ୱର ?

ISSN NO.
2582-208X

ମିଳିଗଲା ସାନିଧ୍ୟ ମୋତେ ଜନ୍ମ ଜନ୍ମର,
ମିଳିଗଲା ମୋତେ ମୋ ସୂଚୀପତ୍ରର ଶୀର୍ଷକ,
ଧାର ଧାର ଅଶ୍ରୁର ବର୍ଷାରେ,
ସତେ ଧୋଇ ନେଲା ସବୁ ମଳିନ ମୋର,
ମୁଁ ପାଷାଣରୁ ପାଲଟିଲି ଅହଲ୍ୟା ଅରଣ୍ୟର,
ତପସ୍ୟାର ହେଲା ଅନ୍ତ,
ସାନିଧ୍ୟ ପାଇଗଲି ରାମଚନ୍ଦ୍ରଙ୍କର।

ଅନୁଗୋଳ

ISSN NO.
2582-208X

# ସାମାଜିକ ସମସ୍ୟାରେ ମାନବୀୟ ଅନ୍ୱେଷଣା ହିଁ ମାନବର ଅନ୍ତର୍ନିର୍ଯ୍ୟାସ : ଗାଳ୍ପିକଙ୍କ ସଫଳ ଆଲୋଚନା



ସୁଷମା ପାଢ଼ୀ

ବ୍ରିଟିଶ ଶାସନ ଓ ଶିକ୍ଷା ପଦ୍ଧତି ଫଳରେ ଯେଉଁ ସାମାଜିକ ଜୀବନ ଓଡ଼ିଶାରେ ଗଢ଼ିଉଠିଥିଲା ତାହାର ପରିବର୍ତ୍ତନ ଦେଖାଦେଲା ବିଂଶ ଶତାବ୍ଦୀର ଆରମ୍ଭରୁ । ସାଧାରଣତଃ ଊନବିଂଶ ଶତାବ୍ଦୀରେ ସାମାଜିକ ଜୀବନଧାରା ଦେଖିବାକୁ ମିଳିଥିଲା ଗତାନୁଗତିକ ଭାବେ। ସେ ସମୟରେ ସମାଜରେ ଦେଖାଦେଇଥିବା ଅନ୍ଧବିଶ୍ୱାସ ଓ ପରଂପରା ସମାଜକୁ ବହୁ ଭାବରେ ପ୍ରଭାବିତ କରିବା ସହିତ ଶିକ୍ଷା ଓ ରୁଚିରେ ପରିବର୍ତ୍ତନ ହେବାରୁ ବିଂଶ ଶତାବ୍ଦୀର ଆରମ୍ଭରୁ ବଦଳି ଲାଗିଲା । ଅତୀତର ପଲ୍ଲୀକେନ୍ଦ୍ରିକ ସମାଜ ଯଦିବା ଏ ସମୟରେ ଦେଖିବାକୁ ମିଳିଥିଲା ତଥାପି ଚାକିରୀ ଓ ଶିଳ୍ପ ବ୍ୟବସାୟ ଇତ୍ୟାଦିକୁ ନେଇ ଏହା କ୍ରମେ ନଗରକେନ୍ଦ୍ରିକ ସମାଜରେ ପରିଣତ ହେଲା । ଧର୍ମ ଓ ନୈତିକତା କ୍ଷେତ୍ରରେ ପାରମ୍ପାରିକ ଦୃଷ୍ଟିକୋଣର ପରିବର୍ତ୍ତନ, ରାଜନୀତିକ ଚିତ୍ତସଂଘର୍ଷ ବିଜ୍ଞାନର କ୍ରମ ନୂତନ ନୂତନ ଉଦ୍ ଭାବନ, ବସ୍ତୁବାଦ ପ୍ରତି କ୍ରମମୋହ ଓ ଆକର୍ଷଣ, ରାଜତନ୍ତ୍ର ଓ ଭୋଗବାଦୀ ସମାଜ ବିରୋଧରେ ପ୍ରତିକ୍ରିୟା, ବିଶ୍ୱଚିନ୍ତାଧାରାର କ୍ରମ ନୈକଟ୍ୟ, ସମାଜବାଦୀ ଆଭିମୁଖ୍ୟର ବିକାଶ ଇତ୍ୟାଦି ନାନା କାରଣରୁ ସାମାଜିକ ପରିବେଶକୁ ନେଇ ଜୀବନରେ ଯେଉଁ ପରିସ୍ଥିତି ସୃଷ୍ଟି ହେଲା ତାହାକୁ ନେଇ ବିଭିନ୍ନ ଗାଳ୍ପିକ ଭିନ୍ନ ଭିନ୍ନ ରୂପରେ ଗଳ୍ପ ରଚନା କଲେ ।

ଫକୀରମୋହନଙ୍କ ଠାରୁ ଆରମ୍ଭ କରି ଆଜିର ଯୁବଗାଳ୍ପିକ ପର୍ଯ୍ୟନ୍ତ ସମସ୍ତେ ତାଙ୍କର ଏହି ସୃଷ୍ଟିରେ ସମସାମୟିକ ସାମାଜିକ ସମସ୍ୟାକୁ ବିଶେଷ ରୂପେ ରୂପ ଦେଇଥିବାର ଦେଖିବାକୁ ମିଳେ । ଓଡ଼ିଶାର ସାଂସ୍କୃତିକ, ଧାର୍ମୀୟ ଓ ସାମାଜିକ ଜୀବନଧାରାକୁ ହିଁ ନେଇ ଗଢ଼ିଉଠିଥିଲା ଏହି ସମୟର କ୍ଷୁଦ୍ରଗଳ୍ପ । ଅତୀତର ପଲ୍ଲୀଜୀବନ, ସୁସଂଯତ ପରିବାର,

ISSN NO.
2582-208X

ଆଦର୍ଶ ମାତୃତ୍ୱ, ପବିତ୍ର ଦାମ୍ପତ୍ୟ ପ୍ରେମ ସବୁ କ୍ରମଶଃ ବଦଳିବାକୁ ଲାଗିଲା । ତେଣୁ ଏ ସମ୍ପର୍କରେ ଡ଼. ବୈଷ୍ଣବ ଚରଣ ସାମଲ କୁହନ୍ତି, "ଇଂରେଜମାନେ ଆମର ଥିଲେ ଶାସକ, ତେଣୁ ଆମେ ତାଙ୍କର ଭାଷା, ଚଳଣି ଓ ସଂସ୍କୃତିକୁ ଗ୍ରହଣ କରିବାକୁ ଉଦଗ୍ରୀବ । ଋଷିଆ ଆମର ଶାସକଠାରୁ ମଧ୍ୟ ବଡ – ଋଷିଆର ଆଦର୍ଶ ଆମର ଏକାନ୍ତ ଅନୁଧ୍ୟେୟ । ତେଣୁ ଆମେ ରୁଷିଆନ୍ ସାଜିବାକୁ ଚେଷ୍ଟିତ । ଆମେରିକା ଆମର ଅର୍ଥନୀତି ସହିତ ସମ୍ପୃକ୍ତ । ତେଣୁ ଆମେ ଆମେରିକାନ୍ ସାମାଜିକକୁ ଆଗ୍ରାହ୍ୟ ବା ଲାଳାୟିତ । ପୁଣି କେତେବେଳେ ଆମେ ଚୀନୀୟ ହେବାପାଇଁ ମଧ୍ୟ ଉତ୍କଣ୍ଠିତ । ଆମମାନଙ୍କ ଭିତରୁ କିଏ ରେଡିକାଲ୍, କିଏ ସୋସାଲିଷ୍ଟ, କିଏ ପୂର୍ଣ୍ଣ ରୂପେ କମ୍ୟୁନିଷ୍ଟ, କିଏ ଏ ସମସ୍ତ ଭାବର ଏକ ସମନ୍ୱିତ ବିକଳ ବିଗ୍ରହ । ଆମେ ସବୁ କିଛି ହେବାକୁ ଚାହୁଁଛୁ ଅଥଚ ହୋଇପାରୁନାହୁଁ । ଆମେ ସେହି ମୟୂର ପୁଚ୍ଛଧାରୀ ଗୋଟିଏ ଗୋଟିଏ ଡାମରାକାଉ। ଆମର ଅଛି ଅନ୍ତଃସାର ଶୂନ୍ୟ ଆନ୍ତର୍ଜାତିକତାର ମୋହ, ପରାଙ୍ଗପୁଷ୍ଟ ଉଦ୍ଭିଦର ସ୍ଥିତି ।" ତେଣୁ ଆଜିର ସାହିତ୍ୟରେ ସାମାଜିକ ଜୀବନ ଆଉ ଗୋଷ୍ଠୀଗତ ଜୀବନ ହୋଇନାହିଁ, ବରଂ ବ୍ୟକ୍ତିକୈନ୍ଦ୍ରିକ ନିଃସଙ୍ଗ ସାମାଜିକ ଜୀବନ ଭାବେ ଦେଖାଦେଇଛି । ସ୍ୱାଧିନତା ପରବର୍ତ୍ତୀ କାଳର ସାମାଜିକ ଜୀବନକୁ ନେଇ ମନୋଜ ଦାସ, ସୁରେନ୍ଦ୍ର ମହାନ୍ତି, ଗୋପୀନାଥ ମହାନ୍ତି, କିଶୋରୀଚରଣ ଦାସ, ବାମାଚରଣ ମିତ୍ର, ଅଖିଳମୋହନ ପଟ୍ଟନାୟକ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ଅଚ୍ୟୁତାନନ୍ଦ ପତି, ଚନ୍ଦ୍ରଶେଖର ରଥ ପ୍ରଭୃତି କ୍ଷୁଦ୍ରଗଳ୍ପମାନ ରଚନା କରିଛନ୍ତି ।

ସାମାଜିକ ସମସ୍ୟାର ସ୍ୱୟଂ ସମୃଦ୍ଧ ରୂପ ହେଉଛି ସାହିତ୍ୟ । ଏକ ବୃହତ୍ତର ସାମାଜିକ ପରିଧିରେ ଜୀବାନୁଭବ କରିବାର ପ୍ରେରଣାକୁ ନେଇ ରଚିତ ମନୋଜ ଦାସଙ୍କ କ୍ଷୁଦ୍ରଗଳ୍ପ 'ଜାଆଁଳାଘାଇର କୂର୍ମ' କ୍ଷୁଦ୍ରଗଳ୍ପରେ ଦେଖିବାକୁ ମିଳେ ମାନବିକ ତ୍ୟାଗ ଓ ସଂପ୍ରୀତିର ଏକ ବଳିଷ୍ଠ ଚିତ୍ର । ଜାଆଁଳାଘାଇ ଅଞ୍ଚଳରେ ବନ୍ୟାର ତାଣ୍ଡବଲୀଳା ସମୟରେ କୂର୍ମ ବୁଢାର ଆତ୍ମବଳିର କାହାଣୀ ଏହି କ୍ଷୁଦ୍ରଗଳ୍ପରେ ଦେଖିବାକୁ ମିଳେ । ଏହି ବଳୀଦାନର କୌଣସି ହିସାବ ନାହିଁ, ପ୍ରତିଦାନର ପ୍ରତ୍ୟାଶା ନାହିଁ; ମାଟି ଓ ମଣିଷକୁ ଭଲ ପାଇବାର ଯେଉଁ ମାନବିକତା ତାହା ହିଁ ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶ ଘଟିଛି ।

ସେହିପରି ତାଙ୍କର ଆଉ ଦୁଇଟି କ୍ଷୁଦ୍ରଗଳ୍ପ 'ଏକ ଚୋରିର ବୃତ୍ତାନ୍ତ' ଏବଂ 'ଆବିଷ୍କାର' ରେ ସମକାଳୀନ ଦୁର୍ଭିକ୍ଷର ପୃଷ୍ଠଭୂମି ଉପରେ ଗ୍ରାମୀଣ ସାମାଜିକ ଜୀବନର କଳାତ୍ମକ ରୂପ । କୃଷିଜୀବୀ ଜୀବନଧାରାରେ ପରିପୁଷ୍ଟ ପଲ୍ଲୀ । ପ୍ରକୃତିର କରାଳ ଗ୍ରାସରେ କବଳିତ

ISSN NO.
2582-208X

ହୋଇଥାଏ । କ୍ଷୁଧା ଆଉ ମାନବୀୟ ମମତା ଅପର ଅର୍ଥରେ ବାସ୍ତବତା ଆଉ ବିବେକବୋଧର ସଂଘର୍ଷରେ ସନ୍ତୁଳିତ ମଣିଷର ଚେହେରାକୁ ବେଶ୍ ନିଖୁଣ ଭାବରେ ଗାଳ୍ପିକ ଚିତ୍ରଣ କରିଛନ୍ତି । କ୍ଷୁଧା ଓ ବାସ୍ତବତାର ଜିତାପଟ ସତ୍ତ୍ୱେ ମାନବୀୟ କରୁଣ ତଥାପି ବଂଚି ରହିଛି । 'ଏକ ଚୋରିର ବୃତ୍ତାନ୍ତ' କ୍ଷୁଦ୍ରଗଳ୍ପରେ ଦୁର୍ଭିକ୍ଷର ନିଷ୍ଠୁର ପଟ୍ଟଭୂମିରେ ବିବାହିତ କନ୍ୟା ଅନ୍ନପୂର୍ଣ୍ଣା ପିତାଙ୍କ ଗୃହକୁ ଚାଉଳ ଚୋରି କରି ଆହତ ଅବସ୍ଥାରେ ପିତାଙ୍କ ସମ୍ମୁଖୀନ ହେବା ବଡ ମର୍ମନ୍ତୁଦ । ସେହିଭଳି 'ଆବିଷ୍କାର' କ୍ଷୁଦ୍ରଗଳ୍ପରେ ପିତା ଓ ପୁତ୍ର କ୍ଷୁଧା ସେଠି ମାନବୀୟ ମମତାକୁ ଅତିକ୍ରମ କରିଯାଇଛି । ପିତା ଓ ପୁତ୍ର ମଧ୍ୟରେ ହିଂସା ଦେଖାଯାଇଛି ।

ସେହପରି ମନୋଜ ଦାସଙ୍କ ସାମାଜିକ ବିଶ୍ୱାସବୋଧ ଉପରେ ରଚିତ କ୍ଷୁଦ୍ରଗଳ୍ପଟି ହେଉଛି 'ଶୁଖିଲା ପତ୍ର' । ଏହି କ୍ଷୁଦ୍ରଗଳ୍ପରେ ପେଚା ହେଉଛି ଅଶୁଭର ପ୍ରତୀକ । ଗ୍ରାମ୍ୟ ମନ୍ଦିରରେ ପେଚା ଐଶ୍ୟ ସତ୍ତାର ସୂଚକ । ବାରମ୍ବାର ପେଚାର ମୃତ୍ୟୁ ଓ ଆବିର୍ଭାବକୁ ଅସ୍ୱୀକାର କରି ସେ ଯେପରି ଯୁଗ ଯୁଗ ଧରି ରହିଆସିଥିବା ଏକମାତ୍ର ପେଚା । କ୍ଷୁଦ୍ରଗଳ୍ପର ଉପସ୍ଥାପନା ଦୃଷ୍ଟିରୁ ମନେହୁଏ ପେଚା ହେଉଛି କାଳର ପ୍ରତୀକ । ସେ ପେଚାକୁ କୌଣସି ପ୍ରକାର ଅସମ୍ମାନ କରିବା ଅର୍ଥ ହେଉଛି ନିଜର ଅମଙ୍ଗଳ ସୃଷ୍ଟି କରିବା – ଏ ବିଶ୍ୱାସ ଲୋକ ସମାଜରେ ରହିଛି । କୌଣସି କାରଣରୁ ସ୍କୁଲ ମାଷ୍ଟରଙ୍କ ପୁଅ ଅନ୍ତର୍ଦ୍ଧାନ ହୋଇଯିବାରୁ ଗ୍ରାମ୍ୟ ବିଶ୍ୱାସରେ ତାହା ପେଚାକୁ ଖତେଇ ହୋଇଥିବା ଯୋଗୁଁ ହୋଇଛି । ଏଣୁ ଜମିଦାରଙ୍କ ପୁଅ ପେଚାକୁ ବନ୍ଧୁକ ଦ୍ୱାରା ମାରିବା ଅର୍ଥ ନିଜର ଅଶୁଭକୁ ଡାକି ଆଣିବା ବୋଲି ଗାଁ ଲୋକ ବିଶ୍ୱାସ କରିନେଇଛନ୍ତି । ଏ ମୃତ୍ୟୁ ଅନିର୍ବାର୍ଯ୍ୟ ବୋଲି ସଭିଏଁ ଗ୍ରହଣ କରିନେଇଛନ୍ତି । କିନ୍ତୁ ମନ୍ଦିର ପରିସରରେ ପେଚାର ଭାବ ପୂର୍ବପରି ଶୁଣାଯାଏ । ଏହି କ୍ଷୁଦ୍ରଗଳ୍ପଟିରେ ଅବକ୍ଷୟମୁଖୀ ସମାଜ ଉପରେ ବିଶ୍ୱାସବୋଧର ଏକ ବଳିଷ୍ଠ ପ୍ରତୀକ ଅଟେ ।

ସେହିଭଳି ମନୋଜ ଦାସଙ୍କ ଅନ୍ୟ ଏକ କ୍ଷୁଦ୍ରଗଳ୍ପ 'ଚୁପ୍ ସଇତାନ' ରେ ଅନ୍ଧବିଶ୍ୱାସ ଓ ସୁସଂସ୍କାରର ଚିତ୍ର ଦେଖିବାକୁ ମିଳେ । ଗଳ୍ପର ନାୟକ ବିଶୁ ଦାସ ଦେଖିବାକୁ ଶାରୀରିକ ଗଠନ ଦୃଷ୍ଟିରୁ ଥିଲା କଦାକାର । ତା'ର କଦାକାର ରୂପକୁ ଦେଖି ଗ୍ରାମର କିଛି ଲୋକ ପ୍ରଚାର କରିଦେଇଥିଲେ ଯେ ସେ ଗୁଣିଗାରେଡି ଜାଣେ । ତେଣୁ କାହାର ଗାଇ କ୍ଷୀର ଦେଉନାହିଁ, କାହାକୁ ରୋଗ ଛାଡୁନାହିଁ, କାହାର ଇଟାଭାଟିରେ ନିଆଁ ଲାଗୁନାହିଁ ଇତ୍ୟାଦି ପାଇଁ ଲୋକମାନେ ତାକୁ ଦୋଷ ଦିଅନ୍ତି ଓ ଗାଳିଗୁଲଜ କରନ୍ତି, ସେ ସବୁ ସହିଯାଏ ଓ ଚୁପ୍

ISSN NO.
2582-208X

ରୁହେ । ଲୋକମାନେ ତାକୁ 'ଚୁପ୍ ସଇତାନ' ବୋଲି ସମ୍ବୋଧନ କରି ଘୃଣାମିଶା ଭୟ କରନ୍ତି ଓ ତା' ଠାରୁ ଦୂରେଇ ରହନ୍ତି । ବିଶୁ ସ୍ତ୍ରୀର ସନ୍ତାନ ପ୍ରସାବ ସମୟରେ ସେ ଯେତେ ଅନୁନୟ କଲେ ମଧ୍ୟ ଗାଁର ବୁଢୀ ଧାଇ ମଧ୍ୟ ଯାଇନଥିଲା । ଫଳରେ ତା' ସ୍ତ୍ରୀ ପ୍ରସବ ଯନ୍ତ୍ରଣା ସହିନପାରି ମୃତ୍ୟୁ ବରଣ କଲା । ଏହିଭଳି ଅନାଦର ଓ ଅପମାନ ଭିତରେ ତା'ର ମଧ୍ୟ ମୃତ୍ୟୁ ହୋଇଛି । ଗାଁର ଲୋକମାନେ ତା'ର ମୃତ୍ୟୁ ପରେ ଖୋଜିଛନ୍ତି ଗୁଣିଗାରେଡିର ବହି ଓ କାଉଁରୀ ହାଡ । ତା' ଘରୁ ସେସବୁ କିଛି ମିଳିନଥିଲା । ଏହାପରେ ଲୋକମାନେ ବୁଝିଲେ ଯେ ବିଶୁ ଏସବୁ କିଛି ଜାଣିନଥିଲା । ଅନ୍ଧବିଶ୍ୱାସ ତଥା ଅଜ୍ଞତାର ମାୟାଜାଲରେ ସରଳ, ନିରୀହ ବିଶୁ ଦାସ ଓ ତା'ର ପତ୍ନୀଙ୍କର ଜୀବନର ମୂଲ୍ୟ ନାହିଁ । ଏଠାରେ ବିଶୁ ଦାସ ଚରିତ୍ରଟି ପାଠକ ମନରେ ସମବେଦନା ଉଦ୍ରେକ କରାଏ ।

ଅଖିଳମୋହନ ପଟ୍ଟନାୟକଙ୍କ କ୍ଷୁଦ୍ରଗଳ୍ପ 'କେତୋଟି ମୁହୂର୍ତ୍ତ' ରେ କ୍ଷମତାଦୃପ୍ତ ମଦ୍ୟପ ଜାତିର କ୍ରିୟାକଳାପ ବିଷୟରେ ଉଲ୍ଲେଖ କରିଛନ୍ତି । ତାଙ୍କ ମତରେ ଆଜିର ଛଳନାପ୍ରିୟ ମଣିଷର ବ୍ୟବହାର ଏକ କୀଟ ବା ପଶୁ ସାଦୃଶ୍ୟ ହୋଇଛି । ଏହାକୁ ସେ କେତୋଟି ମୁହୂର୍ତ୍ତ କ୍ଷୁଦ୍ରଗଳ୍ପରେ ଏହାର ଭାବଧାରାକୁ ଅତି ବାସ୍ତବ ଭାବରେ ଚିତ୍ରଣ କରିଛନ୍ତି । ସେହିପରି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ କ୍ଷୁଦ୍ରଗଳ୍ପ ସହରୀ ଜୀବନର ଅସହାୟତା ଭାବସାତଟାକୁ ଉପଲବ୍ଧି କରି ତା'ର ଅସହାୟ ସାମାଜିକ ଚେତନାକୁ ରୂପ ଦେଇଛନ୍ତି ତାଙ୍କର ବିଭିନ୍ନ ଗଳ୍ପରେ । ପୁନଶ୍ଚ ସେ ପଲ୍ଲୀର ସଭ୍ୟତା ସହିତ ସହରୀ ସଭ୍ୟତାର ଏକ ତୁଳନାତ୍ମକ ବିଚାର କରିଛନ୍ତି । ତାଙ୍କ ରଚିତ 'ଏଇ ଶେଷ ପଦଟି', 'ଦୁର୍ବାର', 'ମନ ମର୍ମର', 'ଅଦିନ ବଉଳ' ଇତ୍ୟାଦି ଗଳ୍ପରେ ଆମେ ଏହି ସତ୍ୟତାକୁ ଦେଖିବାକୁ ପାଉ । ଦ୍

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଦୁର୍ବାର' କ୍ଷୁଦ୍ରଗଳ୍ପ ସଂକଳନ ସହରୀ ଜୀବନର ଅସହାୟତା ଭାବସତ୍ତାକୁ ଉପଲବଧି କରି ତା'ର ଅସହାୟ ସାମାଜିକ ଚେତନାକୁ ରୂପ ଦେଇଛନ୍ତି । ତାଙ୍କର ବିଭିନ୍ନ ଗଳ୍ପରେ ପୁନଶ୍ଚ ସେ ପଲ୍ଲୀର ସଭ୍ୟତା ସହିତ ସହରୀ ସଭ୍ୟତାର ଏକ ତୁଳନାତ୍ମକ ବିଚାର କରିଛନ୍ତି । ତାଙ୍କ ରଚିତ 'ଏଇ ଶେଷ ପଦଟି', 'ଦୁର୍ବାର', 'ମନ ମର୍ମର', 'ଅଦିନ ବଉଳ' ଇତ୍ୟାଦି ଗଳ୍ପରେ ଆମେ ଏହି ସତ୍ୟତାକୁ ଦେଖିବାକୁପାଉ । ତାଙ୍କର 'ଦୁର୍ବାର' କ୍ଷୁଦ୍ରଗଳ୍ପ ସଂକଳନଟି ଅନ୍ତର୍ଭାରତୀୟ ପୁସ୍ତକମେଳାରେ ସ୍ଥାନିତ ହୋଇଥିବା ଏକ ସାର୍ଥକ ଗଳ୍ପ । ଏହି ଗଳ୍ପରେ ପ୍ରଦତ୍ତ ମୂଷା ରୂପକଳ୍ପଟି ଦୁର୍ନିତିର ପ୍ରତୀକ। ଧୀରୁନବଜାଗ୍ରତ ଯୁବଶକ୍ତିର ପ୍ରତୀକ । ଯୁବଶକ୍ତିର ଆକ୍ରମଣରୁ ରକ୍ଷା ପାଇବାପାଇଁ ଦୁର୍ବାର

ISSN NO.
2582-208X

ମୂଷାଟି ଗାନ୍ଧିଜୀଙ୍କ ଫଟୋ ପଛପଟେ ଆଶ୍ରୟ ଖୋଜିଛି । ଏହା ଯେତିକି ବ୍ୟଙ୍ଗାତ୍ମକ ସେତିକି ସୂଚନାତ୍ମକ ମଧ୍ୟ । ମୂଷା ଓ ଦୁର୍ବିନୀତ ନେତାମାନଙ୍କର ଚରିତ୍ର ଓ ପ୍ରବୃତ୍ତି ମଧ୍ୟରେ କୌଣସି ବୈଶ୍ୟାଦୃଶ୍ୟ ଖୋଜି ପାଇନାହାନ୍ତି ଗାଳ୍ପିକ । ଉଭୟ ଦୁର୍ବାର ଓ ଦୁର୍ବିନୀତ ଢଙ୍ଗରେ ସମାଜରେ ଦୁର୍ନୀତି ଘଟାଇଛନ୍ତି ଏବଂ ଏଥିରୁ ରକ୍ଷା ପାଇବାପାଇଁ ଗାନ୍ଧିଜୀଙ୍କ ଫଟୋ ପଛପାଖେ ଆଶ୍ରୟ ନେଇଛନ୍ତି । ମହାପୁରୁଷମାନଙ୍କର ମୁଖା ପରିଧାନ କରି ସେମାନଙ୍କର ଆଦର୍ଶର ଅନ୍ତରାଳରେ ଥିବା ଅଧୁନା ନେତୃବର୍ଗଙ୍କ ଦୁର୍ନୀତିର ଧୂସର ଚିତ୍ରକୁ ଗାଳ୍ପିକ ଠିକ୍ ଲକ୍ଷ୍ୟ କରିପାରିଛନ୍ତି । 'ହରିଜନ' ଗଳ୍ପରେ ଚଇତନ ପାଣ କ୍ଷମତାସୀନ ରାଜନୀତିକ ନେତାମାନଙ୍କଠାରୁ ଟଙ୍କା ନେଇ ନିରୀହ ଜନସାଧାରଣମାନଙ୍କୁ ଅପମାନ ଦେଇଛି । ରାଜନୀତିରେ ଅସବର୍ଣ୍ଣଙ୍କର ପ୍ରଭାବ ଓ ତଜ୍ଜନିତ ସାମାଜିକ ସମସ୍ୟାର ବାସ୍ତବ ଚିତ୍ରଟିଏ ହେଉଛି ଏହି ଗଳ୍ପ ।

ସେହିପରି ସୁରେନ୍ଦ୍ର ମହାନ୍ତିଙ୍କ 'ଘନିଆର ଗଣେଶ ଚତୁର୍ଥୀ' କ୍ଷୁଦ୍ରଗଳ୍ପରେ ଆଛବ ଘନିଆର ଶୈଶବକାଳୀନ ସ୍ମୃତିର ବର୍ଣ୍ଣନା ଦେଖିବାକୁ ମିଳେ । ଅସ୍ପୃଶ୍ୟ ସଂପ୍ରଦାୟ ହେତୁ ଚାଟଶାଳୀରେ ଅନୁଷ୍ଠିତ ଗଣେଶ ପୂଜାରୁ ଘନିଆ ବଞ୍ଚିତ ହୋଇ ସମାଜର ଜାତିପ୍ରଥା ବିରୋଧରେ ବିଦ୍ରୋହୀ ହୋଇଉଠିଛି । ଏଠାରେ ଗାଳ୍ପିକଙ୍କ ସଂସ୍କାରବାଦୀ ମନ ଅସ୍ପୃଶ୍ୟତା ଜନିତ ପୀଡ଼ିତ ପ୍ରାଣର ମୁକ୍ତି ସ୍ୱପ୍ନକୁ ପ୍ରତିପନ୍ନ କରିବାରେ ପ୍ରୟାସୀ ହୋଇଛି । ଏହି ବିଷୟରେ ଆଲୋଚକ କୁହନ୍ତି – "ବାଉରୀ ପିଲାର ଅନ୍ତ ଭିତରେ ବୈଶମ୍ୟ ପୀଡ଼ିତ ବିଶ୍ୱମାନବତାର ବିଳାପ ଶୁଣିବାକୁ ମିଳେ । ପୁରପଲ୍ଲୀର ଜାତିଭେଦ ପ୍ରଥାରେ ଯେଉଁ ତିକ୍ତ କୁସଂସ୍କାର ଲାଗିରହିଛି ଗଳ୍ପଟି ତା ବିରୋଧରେ ଏକ ଅଶ୍ଳୀଳ ପ୍ରତିବାଦ ।" ଏହି ଗଳ୍ପରେ ସାମାଜିକ ସମସ୍ୟାରେ ସଂସ୍କାର ଚେତନାକୁ ଗାଳ୍ପିକ ଦେଖାଇବାକୁ ଚେଷ୍ଟା କରିଛନ୍ତି ।

ଗାଳ୍ପିକଙ୍କ 'ମେଣ୍ଢାଖାଇ' ଓ 'ବରାଜୁଷେଣ୍ଡଘାଇ' ଗଳ୍ପ ଦୁଇଟି ୧୯୫୫ ମସିହାରେ ଓଡ଼ିଶାରେ ଦେଖାଦେଇଥିବା ଦଳେଇଘାଇ ଭାଙ୍ଗିବା ସ୍ମୃତି ଉପରେ ଆଧାରିତ । ସିନ୍ଧୁ ଖୁଣ୍ଟିଆ ଓ ବରଜୁ ଚରିତ୍ର ଭିତରେ ଫକୀରମୋହନଙ୍କ ରାମଚନ୍ଦ୍ର ମଙ୍ଗରାଜ ଓ ରାଣ୍ଡିପୁଅ ଅନନ୍ତା ଚରିତ୍ରକୁ ଅନୁଭବ କରିବା ସତ୍ୟ ଓ ସ୍ୱାଭାବିକ ମନେ ହୁଏ । 'ସାତଭଉଣୀ' ଗଳ୍ପରେ ରହିଛି ସମାଜର ଅନ୍ଧବିଶ୍ୱାସ ଓ ଅଶିକ୍ଷା ବିରୋଧରେ ନିରବ ପ୍ରତିବାଦ ଓ ପ୍ରତିକ୍ରିୟା ମନେହୋଇଥାଏ । 'ମେଣ୍ଢାଖାଇ' ରେ ଥିବା ବନ୍ୟାର ଚିତ୍ର ପରବର୍ତ୍ତୀ 'ସାତଭଉଣୀ' ରେ ଉତ୍ କୀର୍ଣ୍ଣ । ଏକ ବ୍ୟାପକ ବନ୍ୟାର ପଟ୍ଟଭୂମିରେ କୋଚିଲାଖାଇ, ବିମଳାଇ, ଜାଗୁଳାଇ,

ISSN NO.
2582-208X

ମଙ୍ଗଳା, କାନ୍ତାନି ଇତ୍ୟାଦି ସାତଭଉଣୀଙ୍କର ଆବିର୍ଭାବ ଓ ତଜ୍ଜନିତ ମହାମାରୀର ପ୍ରାଦୁର୍ଭାବ ସମ୍ପର୍କରେ ସୂଚନା ପ୍ରଦତ୍ତ । ମହାମାରୀ ବ୍ୟାପିଥିବା ଟମକପୁର ଗାଁରେ ସାତଭଉଣୀଙ୍କ ମାଜଣା ଦେବାକୁ ପଡ଼ିବ, ପଣାପାଣି ଦେଇ ଦେବୀଙ୍କୁ ସନ୍ତୁଷ୍ଟ କରିବାକୁ ହେବ, ହରି ଖୁଣ୍ଟିଆଙ୍କୁ କାଳିଶି ଲାଗି ଦେବୀଙ୍କ ମହାତ୍ମ୍ୟ ପ୍ରଚାରିତ ହେବ । ଏହି ସବୁ ଗ୍ରାମୀଣ ପରିବେଶ ମଧ୍ୟରେ ଅନୁସୃତ ଅନ୍ଧବିଶ୍ୱାସର ଗୋଟିଏ ଗୋଟିଏ ଅଂଶ କହିଲେ ଅତ୍ୟୁକ୍ତି ହେବନାହିଁ ।

ସେହିଭଳି ଅନ୍ୟ ଏକ ଗଳ୍ପ 'ବରଜୁଷେଣ୍ଡଘାଇ' ରେ ରହିଛି ଓଡ଼ିଶାରେ ଦଳେଇଘାଇ ଭାଙ୍ଗିବାକାଳୀନ ବନ୍ୟାର ବିଭୀଷିକା ଓ ବରୁଜଷେଣ୍ଡଙ୍କ ଆତ୍ମତ୍ୟାଗର ଚିତ୍ର । ଶ୍ରାବଣ ଅମାବାସ୍ୟାର ଅନ୍ଧକାର ରାତ୍ରିରେ ବର୍ଷା, ତୋଫାନ ମାଡ଼ିଆସି କରାଳୀରେ ସୃଷ୍ଟି କରିଛି ଅଭୂତପୂର୍ବ ବନ୍ୟା । ବରଜୁଷେଣ୍ଡ ଓ ତାର ସାଥୀମାନେ ବନ୍ଧକୁ କରାଳୀ ବନ୍ୟାରୁ ରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି । ସମସ୍ତ ସତର୍କତା ସତ୍ତ୍ୱେ ବନ୍ଧରେ ଘଳିଆ ଫିଟିଛି ଏବଂ ବରଜୁଷେଣ୍ଡ ଘଳିଆ ମୁହଁରେ ଶୋଇରହି ବନ୍ଧକୁ ରକ୍ଷା କରିଛନ୍ତି । ଅଥଚ ସମୟ ଅତିକ୍ରାନ୍ତ ପରେ ବରଜୁର ଆଉ ସନ୍ଧାନ ମିଳିନାହିଁ । ସେ ସବୁଦିନ ପାଇଁ ଘଳିଆ ମୁହଁରେ ମୃତ୍ୟୁବରଣ କରିଛି । ନଦୀବନ୍ଧ ନିର୍ମାଣରେ ନରବଳି ପ୍ରଦାନ ଆମ ସାମାଜିକତାର ବଦ୍ଧମୂଳ ବିଶ୍ୱାସ । ତେଣୁ ବରଜୁର ଆତ୍ମବଳି ଦାନରେ ଜନସମାଜ ଆଶ୍ୱସ୍ତି ଲାଭ କରିଛନ୍ତି, ସତେ ଯେପରି ସେମାନେ ଅନୁଭବ କରିଛନ୍ତି ନୂତନ ବନ୍ଧର ପ୍ରତିଷ୍ଠା ।

କିଶୋରୀଚରଣ ଦାସଙ୍କ କ୍ଷୁଦ୍ରଗଳ୍ପ 'ବଡଲୋକି' ଗଳ୍ପରେ ବଡଲୋକମାନଙ୍କର ଛଳନାକୁ ଜୀବନ୍ତ ଭାବରେ ବର୍ଣ୍ଣନା କରିଛନ୍ତି । ଦରିଦ୍ର ଜନତାର ଦୁଃଖଦ ଜୀବନ ପ୍ରତି ବଡଲୋକ ଯେଉଁ କରୁଣା ପ୍ରକାଶ କରେ, ତାହା ପଛରେ ଥିବା ତା'ର ଅହଂକାର ତଥା ଦେଖାଇ ହେବାର ଚେଷ୍ଟା ରହିଥାଏ ତାହାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସେ କୁହନ୍ତି, "ଯେତେବେଳେ ତୁମେମାନେ ବିଳାସପୂର୍ଣ୍ଣ କୋଠାରେ ରୁହ ଆମ ସଙ୍ଗରେ ମିଶିବାକୁ ଚେଷ୍ଟାକର, ଆମର ଦାରିଦ୍ର୍ୟକୁ ରୋମାଣ୍ଟିକ ଛାପଦେବାକୁ ଚେଷ୍ଟାକର – କୋଠା ଘରେ ରହି କୁହେ ଯେ ଗଛ ତଳର ଛାଇ କି ସୁନ୍ଦର । ଆମକୁ ଘୃଣା କରନ୍ତି – ଦୂରରେ ରହନ୍ତୁ – ଆମେ ଜାଣୁନା ଯେ ତୁମେ ଓ ଆମେ ଅଲଗା, କିନ୍ତୁ ଯେତେବେଳେ ତୁମେମାନେ ସହାନୁଭୂତିର ଦୁହା ଦେଇ ଆମ ମଇଳା, ନିକୁଛିଆ ସଂସାରକୁ ଭଲ ବୋଲି କୁହ ଓ ଦେଖେଇ ହୁଅ ଯେ ତୁମେ ତା' ଭିତରୁ ଜଣେ – ସେଇ ଛଳନାଟି ସବୁଠୁ କଷ୍ଟ ଦିଏ ।"

ISSN NO.
2582-208X

ବଡଲୋକି ଏଥିରେ କିଶୋରୀଚରଣ ସାମାଜିକ ମଣିଷର ଛଳନାମୟ ଜୀବନକୁ ଘୃଣା କରିଅଛନ୍ତି ଓ ପ୍ରକୃତ ମଣିଷର ସ୍ୱରୂପ କ'ଣ ଏଥିରେ ତାହାକୁ ସୂଚାଇ ଦେଇଅଛନ୍ତି । ଆଜିର ଏହି ସାମାଜିକ ମଣିଷର ମାପଚୁପ ଧରାବନ୍ଧା ଜୀବନକୁ ସେ 'ସୁଖର ସଂସାର' କ୍ଷୁଦ୍ରଗଳ୍ପରେ ବର୍ଣ୍ଣନା କରିଛନ୍ତି । ମଣିଷକୁ ଜୀବନର ବିଭିନ୍ନ ଅବସ୍ଥାରେ ବଞ୍ଚିବା ପାଇଁ ଭିନ୍ନ ଭିନ୍ନ ଭାବରେ ଆବଶ୍ୟକତା ହୋଇଥାଏ । ଚାକିରି ଜୀବନ ପାଇଁ ଗୋଟିଏ ଫ୍ରେମ ପେଟ ପୋଷିବାକୁ ହେବ । ବିବାହିତ ଜୀବନ ପାଇଁ ମଧ୍ୟ ଏହି ଫ୍ରେମ – ସ୍ତ୍ରୀ ସବୁଦିନର ସାଥି । ସାମାଜିକ ଜୀବନ ପାଇଁ ଆଉ ଗୋଟିଏ ଜୀବନଶୈଳୀ – ସମସ୍ତେ ବନ୍ଧୁ କେହି ନିଜର ନୁହଁନ୍ତି । ସାଧାରଣତଃ ସମଗ୍ର ଜୀବନ ପାଇଁ ଗୋଟିଏ ସର୍ବବ୍ୟାପୀ ଜୀବନଶୈଳୀ – ବଞ୍ଚିବାକୁ ହେବ । ସୁତରାଂ ମଣିଷ ତା'ର ସାମାଜିକ ଜୀବନରେ କିପରି ଭିନ୍ନ ଭିନ୍ନ ଭାବରେ ଭିନ୍ନ ଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇଛି, ତାହାହିଁ ଏଥିରେ ବର୍ଣ୍ଣନା ରହିଛି । ମଣିଷ ଜାଣେ ତା'ର ଜୀବନ ହେଉଛି ସମସ୍ୟା ପୀଡ଼ିତ । ତଥାପି ସେ ଜୀବନକୁ ସ୍ୱୀକାର କରେ । ଏହି ସମାଜରେ ସେ ପଡିଉଠି ଆଗେଇବାକୁ ଚେଷ୍ଟା କରେ । କିଶୋରୀଚରଣ ଏହି ପଡିଉଠି ଆଗେଇବାର ଅବସ୍ଥାକୁ ତାଙ୍କ କ୍ଷୁଦ୍ରଗଳ୍ପରେ ବେଶ୍ ଚମତ୍କାରପୂର୍ଣ୍ଣ ଭଙ୍ଗୀରେ ଦେଖାଇଛନ୍ତି । ସେ କୁହନ୍ତି, "ଆମର ବ୍ୟକ୍ତି ଚେତନା ଓ ସମାଜ ଚେତନା ଲହୁ ଲୁହାଣ ହୋଇ ପଡିଉଠି ଆଗେଇବାକୁ ଚାହେଁ, ପ୍ରକୃତି ଓ ସମାଜର ତାଡନାକୁ ଭ୍ରୁକ୍ଷେପ ନକରି ମହାନନ୍ଦ ଲଭିବାକୁ ଚାହେଁ, ସକଳ ଅଶାନ୍ତି ମଧ୍ୟଦେଇ ଆଜି ଧର୍ମ ସତ୍ୟ ଆଦି ଜନନୀର କୋଳରେ ଶୋଇବାକୁ ଚାହେଁ । କିଶୋରୀଚରଣ ତାଙ୍କ କ୍ଷୁଦ୍ରଗଳ୍ପରେ ସମାଜ ଜୀବନର ଓ ବ୍ୟକ୍ତି ଜୀବନର ରୁକ୍ଷ ବାସ୍ତବତାକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି ।

ଗାଳ୍ପିକ ଅଚ୍ୟୁତାନନ୍ଦ ପତି ତାଙ୍କ 'ସଭ୍ୟତାର ସ୍ୱପ୍ନ' କ୍ଷୁଦ୍ରଗଳ୍ପରେ ଆଦିବାସୀ ମଣିଷମାନଙ୍କର ସରଳତା ସହିତ ସାମାଜିକ ଜୀବନରେ ଅସହାୟତାର ଚିତ୍ରକୁ ପ୍ରତିପାଦନ କରିଛନ୍ତି । ଏହି ଗାଳ୍ପିକ ତାଙ୍କ ରଚନାର ସାମଗ୍ରୀକତା ସର୍ବହରା ଚେତନା ପ୍ରତି ନିବେଦିତ କରିଛନ୍ତି । ସାଧାରଣ ମଣିଷର ସାଧାରଣ ଜୀବନ ଭିତରୁ ମାନବିକତାର ଦୀପ୍ତି, ତ୍ୟାଗର ମହିମା ଓ କ୍ଷମାର ସ୍ନିଗ୍ଧତା ତାଙ୍କ ଗଳ୍ପ ଅନ୍ୱେଷଣ କରିଥାଏ । ସହରୀ ସଭ୍ୟତା ସଂସ୍ପର୍ଶରେ ଆସି ଆଦିବାସୀର ଜୀବନଚର୍ଯ୍ୟା କିପରି ବଦଳିଯାଏ ଓ ସେ କିପରି ମନଖୋଲି ହସିପାରେ ନାହିଁ, ତାହାର ବର୍ଣ୍ଣନା ଏହି ଗଳ୍ପରେ ଦେଖିବାକୁ ମିଳେ । ସେହିପରି 'ଅଶୁଭ ପୁତ୍ରର କାହାଣୀ', 'ସ୍ନାୟୁ ଓ ସନ୍ନ୍ୟାସୀ', 'ନିଆଁ ଜଳୁଛି', 'ଅନ୍ୟ ଶିବିର' ଆଦି ଗଳ୍ପରେ ଆଧୁନିକ ସାମାଜିକ ଜୀବନର ସମସ୍ୟା ଓ ଯନ୍ତ୍ରଣାକୁ ପ୍ରକାଶ କରିଥାଏ ।

ISSN NO.
2582-208X

ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପଗୁଡିକରେ ଓଡିଆ ସମାଜର ଚିତ୍ର ବହନ କରିଥାଏ । ତାଙ୍କ ଗଳ୍ପରେ ଜାତୀୟତାର ପ୍ରାଣସ୍ପନ୍ଦନ ଅଛି ସତ ! ମାତ୍ର ସ୍ୱାଧିନତା ପୂର୍ବରୁ ଓଡ଼ିଶାର ଅଶ୍ଳୀଳ ସାମାଜିକ ଜୀବନର ଭାବବେଗକୁ ନେଇ ତାଙ୍କ ଗଳ୍ପଗୁଡିକ ସମୃଦ୍ଧ । ତାଙ୍କ ଗଳ୍ପ 'ନୀଳମାଷ୍ଟ୍ରାଣୀ', 'ମାଗୁଣିର ଶଗଡ' ଇତ୍ୟାଦି ଗଳ୍ପଗୁଡିକରେ ସ୍ୱାଧିନତା ପରବର୍ତ୍ତୀ ସାମାଜିକ ଜୀବନର ଦୁର୍ଦ୍ଦଶା, ରାଜନୀତିକ ପ୍ରବଞ୍ଚନା, ଆର୍ଥନୀତିକ ସଙ୍କଟ, ସାମାଜିକ ସମସ୍ୟା ଇତ୍ୟାଦିକୁ ନେଇ ରଚିତ ହୋଇଛି । 'ନୀଳମାଷ୍ଟ୍ରାଣୀ' ସମାଜ ସଂସ୍କାର ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରାଯାଉଥିଲେ ବି ଏଥିରେ ଅଛି ନାରୀର ଯୌନାବେଗର ଉଦ୍ଦାମ ଆକର୍ଷଣ । ସେହିପରି ଅନ୍ୟ ଏକ ଗଳ୍ପ 'ମାଗୁଣିର ଶଗଡ' ଗତାୟୁ ଯୁଗର ଏକ ଆର୍ତ୍ତଚିତ୍କାର କହିଲେ ଅତ୍ୟୁକ୍ତି ହେବନାହିଁ । ଗାନ୍ଧିଜୀଙ୍କର କୁଟୀରଶିଳ୍ପ ପ୍ରସାରକାଳୀନ ଆନ୍ଦୋଳନ ପରିପ୍ରେକ୍ଷୀରେ ଏହି ଗଳ୍ପର ସୃଷ୍ଟି । ଯାହାକି ଯନ୍ତ୍ରଶିଳ୍ପର ବିକାଶ ଓ ପ୍ରସାର ଫଳରେ ମାଗୁଣି ଭଳି କେତେ ବ୍ୟକ୍ତିଙ୍କର ଜୀବନ ଅସହାୟ ହୋଇପଡିଛି । ସେହି ଚରିତ୍ରଗୁଡିକୁ ନେଇହିଁ ଗୋଦାବରୀଶଙ୍କ ଗଳ୍ପଗୁଡିକ ଋଦ୍ଧିମନ୍ତ ହୋଇଛି ।

ଉପସଂହାର :

ସ୍ୱାଧିନତା ପରବର୍ତ୍ତୀ ଓଡିଆ କ୍ଷୁଦ୍ରଗାଳ୍ପିକଙ୍କର ସାମାଜିକ ସମସ୍ୟା ହେଉଛି କ୍ଷୀଣସ୍ୱର । ସମସ୍ୟା ପୁଣି ପ୍ରକାଶ ପାଇଛି ସ୍ଥୂଳ ସାମାଜିକ, ଆର୍ଥନୀତିକ, ବସ୍ତୁଗତ ସଂସ୍କାର ମନୋଭାବ ବାହାରେ ମଣିଷର ଚେତନା ସ୍ତରରେ ବିକଳତା ଓ ଅବକ୍ଷୟକୁ ସଂସ୍କାର କରିବା କ୍ଷେତ୍ରରେ । ନାନା ପ୍ରତିକୂଳତା ସତ୍ତ୍ୱେ ସେହି ସ୍ୱର ନିଷ୍ଟନ୍ଦ୍ ହୋଇନଯାଇ କ୍ଷୀଣ ହେଲେ ସୁଦ୍ଧା ଯେ ତିଷ୍ଠି ରହିଛି ତାହାହିଁ ସାହିତ୍ୟରେ ସାମାଜିକ ଦାୟବଦ୍ଧତାର ଔଚିତ୍ୟ ପ୍ରମାଣ କରେ । ଜୀବନ ଜୀଇବା ଓ ଜୀବନକୁ ଭଲପାଇବା ହେବ ଗଳ୍ପର ଅନ୍ତର୍ବାଣୀ । ଜୀବନପ୍ରତି ମମତା ହିଁ ଗଳ୍ପକୁ ଦେଉଛି ନୂତନ ଦିଗ୍ ଦର୍ଶନ । ଏହାକୁ ମାଧ୍ୟମକରି ଗାଳ୍ପିକମାନେ ବିଭିନ୍ନ ରକମର ସାମାଜିକ ଗଳ୍ପ ରଚନା କରିଛନ୍ତି ଯାହାକି ନୂତନ ପିଢୀମାନଙ୍କୁ ଆଲୋକ ସାଦୃଶ୍ୟ ହେବ ।

ସହାୟକ ଗ୍ରନ୍ଥସୂଚୀ :

୧. ଦାସ, କିଶୋରୀଚରଣ: ତିରିଶ ବର୍ଷର ଗଳ୍ପ ଓ ଆଳାପ-୧, ୨, ୩ ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୮୮, ୧୯୯୧, ୧୯୯୨ ।

ISSN NO.
2582-208X

୨. ପତି, ଅଚ୍ୟୁତାନନ୍ଦ: ଅଚ୍ୟୁତାନନ୍ଦ ପତିଙ୍କ ନିର୍ବାଚିତ ଗଳ୍ପ, ଚିତ୍ରୋତ୍ପଳା ପବ୍ଲିକେଶନ୍ସ, ବଟେଶ୍ୱର, ସାଲେପୁର, କଟକ – ୭୫୪୨୦୨, ପ୍ରଥମ ସଂସ୍କରଣ, ନୂଆବର୍ଷ ୨୦୦୧।

୩.ପାଣ୍ଡବ, ଡ. ଶତ୍ରୁଘ୍ନ: କଥାଶିଳ୍ପୀ ମନୋଜ ଦାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୯୪ ।

୪. ମହାରଣା .ଡ , ସୁରେନ୍ଦ୍ର କୁମାର :ଓଡିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୦୫ ।

୫. ମେହେର, ଡ. ମଣୀନ୍ଦ୍ର କୁମାର : ମନୋଜ ଦାସଙ୍କ ଗଳ୍ପରେ ମାନବ ଜୀବନ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୯୯

୦

ଗବେଷିକା, ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜ ବିହାର
ଦୂରାଭାଷ – 9438449120

ISSN NO.
2582-208X

# ସୂର୍ଯ୍ୟ ସକଳ ଶକ୍ତୁର ଆଧାର



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ହେ ସୂର୍ଯ୍ୟଦେବ
ତୁମେ ସକଳ ଶକ୍ତିର ଆଧାର
ତୁମେ ଏ ବିଶ୍ୱର ମୂଳାଧାର
ତୁମରି ଆଶିଷେ ଜୀବନର ସତ୍ତା ହୁଏ
ଉଦ୍ଭାସିତ ଏ ଧରା କୋଳରେ
ଗଗନ ର ସୁନୀଳ ବକ୍ଷରେ ତୁମେ ଚିର
ଯାଜୁଲ୍ୟମାନ   ବିତରି ସହସ୍ର ଆଭା
ଶୂନ୍ୟେ ମହା ଶୂନ୍ୟେ ଆନନ୍ଦିତ ମନେ ।

ହେ ସହସ୍ରାଅଂଶୁ
ତୁମେ ପିତା ପାଳନ କର୍ତ୍ତା ସକଳ ବିଶ୍ୱର
ଅଣୁ ରେଣୁ ଜଡ଼ ଜୀବ  ବୃକ୍ଷ ଲତା ପଶୁ ପକ୍ଷୀ
ନର କିନ୍ନର ସମସ୍ତସୃଷ୍ଟି ରେ ଝରିଯାଏ ତୁମ
ଅମୃତର ଧାରା  କେଡେ ସରାଗରେ
ଖେଳି ଯାଏ ହସର ଲହରୀ ସବୁରି ପରାଣେ
ତୁମରି କୋମଳ ସ୍ପର୍ଶରେ ।

ହେ ଦିନମଣି
ତୁମେ ଯେବେ ପୂର୍ବାକାଶେ ହୁଅ ଉଦ୍ଭାସିତ
ଊଷା କାଳେ
ତୁମର ପହିଲି ସ୍ପର୍ଶରେ ଅନ୍ଧକାର ଦୂରେ ଯାଏ

ISSN NO.
2582-208X

ଖେଳିଯାଏ ଆଶାର ଆଲୋକ ନବୀନ ଚେତନା
ନବ ଉନ୍ମାଦନା ପରାଣେ ପରାଣେ
ବହେ ମୃଦୁ ସମୀରଣ ଶୁଭିଯାଏ ପକ୍ଷୀର ସୁମଧୁର
ଗାନ ଭ୍ରମରର ଗୁଣୁ ଗୁଞ୍ଜନ କର୍ଣ୍ଣ ପଟହରେ
ବନେ ଉପବନେ ପୁଷ୍ପ ପ୍ରସ୍ଫୁଟିତ
ସୁଗନ୍ଧରେ ସୁଗନ୍ଧିତ ହୃଦୟର କୋଣ ଅନୁକୋଣ ।

ହେ ଭାସ୍କର ସୂର୍ଯ୍ୟ ନାରାୟଣ
ତୁମରି ଆକର୍ଷଣେ ଘୁରୁଛି ପୃଥିବୀ ମାତା
ତୁମ ଚଉ ପାଶ, ତୁମ ପାଇଁ ଦିବା ରାତ୍ର
ବର୍ଷ ମାସ ଦିନ ଦଣ୍ଡ
ଋତୁ ଚକ୍ର ପରାଗ ଗ୍ରହଣ
ପୂର୍ଣ୍ଣମୀ ଅମାବାସ୍ୟା ସଙ୍କରାନ୍ତି
ପ୍ରତିପଦ ବିରାଜନ୍ତି ସମୟ ବକ୍ଷରେ
ତୁମପାଇଁ ମେଘମାଳା ଭାସଇ ଆକାଶେ
ବର୍ଷାର ବାରିଧାରା ସ୍ପର୍ଶ କରେ ମାଟିର ମଟାଳ ଛାତି
ବହିଯାଏ ତଟିନୀ କୁଳୁ କୁଳୁ ନାଦେ
ଶସ୍ୟ ଶ୍ୟାମଳରେ ଭରା ଧରା ଆହା କି ସୁନ୍ଦର ।

ହେ ଆଦିତ୍ୟ କ୍ଷମାକର
ସକଳଦୋଷା ଦୋଷ
ଚରଣେ ଶରଣ ଦିଅ
ତୁମ ଆଶିର୍ବାଦେ ଭରିଯାଉ ଏ ଧରଣୀ
ଜୀବନର ସାତ ରଙ୍ଗେ
ପୁରିଯାଉ ଚଳ ଚଞ୍ଚଳ ପାଦରେ
ଅକ୍ଷୟ ଶକ୍ତିର ଭଣ୍ଡାର ହୋଇ ଏମିତି
ଶୋଭା ପାଉଥାଅ ସୁନୀଲ ଆକାଶ ବକ୍ଷ ରେ ।

କେନ୍ଦ୍ରାପଡା

ISSN NO.
2582-208X

# କାଶତଣ୍ଡୀ ରେ ହସେ ମାଆ



ଜୟଶ୍ରୀ ପଟ୍ଟନାୟକ

କାଶତଣ୍ଡୀ ଆସି କାନେ କହିଲାଣି ଆସିଛି ଶରତ ଦେଖ
ସଫା ଆକାଶ କାଚକେନ୍ଦୁ ପାଣି ସବୁଜ କ୍ଷେତକୁ ଦେଖ
ମଧୁ ମିଳନର ସୀମାରେଖା ଟାଣି ବରଷା ଯାଉଛି ଫେରି
ଦେବୀ ଦଶ ଭୂଜା ସଜ ହୋଇଲେଣି ଚଢ଼ି ସିଂହ ସବାରୀ

ନଦୀ ପଠାରେ ପବନ ଦୋଳିରେ ଲୋଟଣି ଖେଳଇ କାଶ
ଆଉ ଦିଶୁନାହିଁ ବରଷାର ସେହି ଘନ କୃଷ୍ଣାଭ ବେଶ
ରାତି ଅଧଟାରୁ ଶେଫାଳି ମହକେ କାକରେ ଭିଜାଇ ଦେହ
ଶିଶିର ବିନ୍ଦୁର ସଂକେତ ପାଇ କମଳ ଝରାଏ ଲୁହ

ଋତୁ ଆସୁଥାଏ ଦିନଲିପି ଲେଖି ପୁଣି ଯାଉଥାଏ ବାହୁଡ଼ି
ସେହି ସ୍ମୃତି ପୁଣି ଆସନ୍ତା ବରଷେ ଆଖିରେ ମାରେ ଲହଡି
ପ୍ରକୃତି ସବୁବେଳେ ସାଥେ ଥାଏ ଅନୁରାଗେ ବନ୍ଧା ହୋଇ
ପ୍ରେମର ବାରତା ବୁଣି ଦେଇଯାଏ ସାଥିଟେ ଋତୁର ହୋଇ

ଚଇତେ ମଙ୍ଗଳା ଆଶ୍ୱିନରେ ଦୁର୍ଗା ରୂପେ ପୂଜା ହୁଏ ଦେବୀ
ଅଷ୍ଟ ପୀଠରେ ଷୋହଳ ପୂଜାରେ ହସୁଥାଏ ପୀଠ ଦେବୀ

ISSN NO.
2582-208X

ବାଙ୍କିରେ ଚର୍ଚ୍ଚିକା ଯାଜପୁରେ ବିରଜା ତାଳଚେର ହିଙ୍ଗୁଳାଇ
କାକଟପୁରେ ମଙ୍ଗଳା, ଝଙ୍କଡ଼େ ସାରଳା ସମ୍ବଲପୁରେ ସମଲାଇ

ମୃଣ୍ମୟୀ ପ୍ରତିମା ଗଢ଼ା ହୁଏ ପୁଣି ମଣ୍ଡପରେ ପୂଜା ପାଇଁ
ଦଶ ଭୂଜା ହୋଇ ମାଆ ଆସୁଥାଏ ଦୁଷ୍ଟ ବିନାଶ ପାଇଁ
ନବରାତ୍ରୀ ପୂଜା ନଅ ଅବତାରେ ଦଶହରାରେ ଦୁର୍ଗା ମାଆ
ଦଶ ଦୋଷ ଆମ କ୍ଷମା କରିଦେଇ ହୋଇଥାଅ ବାରେ ସାହା।

ଗଙ୍ଗନଗର, ଭୁବନେଶ୍ୱର
7978110474

ISSN NO.
2582-208X

# ଶେଷ ଡବା



ବିନୟ ମହାପାତ୍ର

ମୁଁ ଜାଣି ନାହିଁ,
ଅବା ମୋର ମନେ ନାହିଁ,
ଏଇଟା ମୋର ପ୍ରଥମ,
ଅବା ଶେଷ ଯାତ୍ରା ବୋଲି !
ବୋଧ ହୁଏ,
ତୁମକୁ ଛାଡି, ମୁଁ ପ୍ରଥମ ଥର,
ଏକାକୀ ଯାତ୍ରା କରୁଛି,
ଜୀବନ ଯାତ୍ରାରେ ମୁଁ ଏକା,
କୋଳାହଳମୟ ଏ ଷ୍ଟେସନରେ,
ଅଚିହ୍ନା ଲୋକ ଗହଳିରେ,
ମୁଁ ଯେ ଏକା, ନିସ୍ୱ, ଦୁର୍ବଳ,
ସାଥିରେ ନାହିଁ କେହି ସଖା,
ନିଜକୁ ବଡ ଅସହାୟ ମଣୁଛି ।
ବିଦାୟ ବେଳାରେ,
ତୁମେ ମୋ ପିଠି ଥାପୁଡ଼ାଇ,
କେବଳ ସାନ୍ତ୍ୱନା ଦେଲ,
ଗନ୍ତବ୍ୟର ଠିକଣା ବି କହିଲନି
ଶରଧାର ଆଶ୍ୱାସନ ଦେଇ,
କେବଳ ଏତିକି କହିଲ ।

ISSN NO.
2582-208X

'ଡରିବାର କିଛି ନାହିଁ,
ମୁଁ ତୋତେ ଶ୍ରେଷ୍ଠ ମସ୍ତିଷ୍କ,
ମନ ଆଉ ବିବେକ ଦେଇଛି,
ସଂସାରକୁ ପରଖି ନେବୁ,
ନିଜ ପଥ ଓ ଗନ୍ତବ୍ୟ,
ନିଜେହିଁ ବାଛିବୁ,
ତୋ ପାରିବାପଣରେ
ମୋର ଅଗାଧ ଆସ୍ଥା,
ତୋ ଆସ୍ଥାରେ, ବିଶ୍ୱାସ ମୋ ଅଛି' ।
ପକେଟରେ ମୋର ଚିଠିଟିଏ ରଖି ଦେଲ,
କାନରେ ମୋ ଚୁପ୍ ଚୁପ୍ କହିଲ,
'କେବେ ନିଜ ଉପରେ ବିଶ୍ୱାସ ହାରିବୁନି,
ଯେତେ ଝଡ ଝଞ୍ଜା ଆସୁ,
କେବେ ବି ଡରି ଯିବୁନି ।
ଏତିକି ମନେ ରଖି ଥିବୁ,
ଦୁନିଆଁରେ ସବୁ କିଛି ଜିତି ପାରିବୁନି,
ସେତେ ବେଳେ,
ମଥା ନୋଇଁ ସବୁ ସହି ଯିବୁ ।
ଯେବେ ପଥହରା ହୋଇ,
କିଛି କୂଳ କିନାରା ନପାଇବୁ,
ଶେଷ ଚେଷ୍ଟା ହାରି ଗଲା ପରେ,
ନିଜ ପକେଟ, ଅଣ୍ଡାଳି ଦେଖିବୁ,
ସେତେ ବେଳେ ମୋର ଏଇ ଚିଠି
ଖୋଲି ଥରେ ପଢି ନେବୁ' ।
ବସି ଗଲି ସଂସାରର
ଛୁକ୍ ଛୁକ୍ ରେଳରେ,
ବସି ଗଲି ଅଜଣା ଯାତ୍ରୀଙ୍କ ମେଳରେ,

ISSN NO.
2582-208X

କିଛି ଚିହ୍ନା ଜଣା ହେଲେ,
କିଛି ମୁହଁ ମୋଡି, ଚାଲି ଗଲେ,
କିଛି ପାଖରେ ବସିଲେ,
ଆଉ କିଛି, ଦୂରେ ଘୁଞ୍ଚି ଗଲେ ।
କେବେ ଚାରି ପାଖେ ଶ୍ବାସରୁଦ୍ଧ ଭିଡ,
ଆଉ କେବେ ଶୁନଶାନ୍ ଡବା,
ଏକାକୀ ଯାତ୍ରୀ,
ଜଣା ନାହିଁ ଯାତ୍ରାର ଅବଧି,
ଯାତ୍ରୀ ମୁଁ, ଗନ୍ତବ୍ୟ ଅଜଣା,
ବେଳେ ବେଳେ ଡରି ଯାଏ,
ସତେ ଅବା ଭୂଲି ଗଲି,
ଯାତ୍ରାର ଠିକଣା (?)
ହିସାବ ମିଳେନି,
କେତେ ଦୂର ଯାତ୍ରା ସରିଲାଣି,
ଆଉ କେତେ ବାକି ଅଛି,
କେତେ ବିଜୁଳି ଖୁଣ୍ଟ
ପଛେ ଚାଲି ଗଲେ,
ଆଉ କେତେ ଆଗକୁ ରହିଛି ।
କେତେ ଯେ ଷ୍ଟେସନ ଆସିଲା,
କେତେ ସହଯାତ୍ରୀ ଓହ୍ଲାଇ ଗଲେ,
କିଛି ଯାତ୍ରୀ ନୂଆ ବି ଆସିଲେ,
କିଛି ବନ୍ଧୁ ହେଲେ ଆଉ କେତେ
ଅଚିହ୍ନା ଅଚିହ୍ନା ରହିଲେ ।
ଯାତ୍ରାର ଗତି କେବେ ପ୍ରଖର,
କେବେ ମନ୍ଥର,
ଜୀବନରେ କିଛି ନାହିଁ ସ୍ଥିର,
ମାୟାର ପରଳ,

ISSN NO.
2582-208X

ଆଖିରୁ ହଟି ଗଲା ପରେ,
ଦୁନିଆର ନଗ୍ନ ରୂପ ଦିଶେ ଜଳ ଜଳ ।
ବନ୍ଧୁ ପରିଜନ ଘେରିଛନ୍ତି ଚଉଦିଗେ,
ଅନ୍ତରରେ ପ୍ରେମ ନାହିଁ
ନାହିଁ ମାୟାର ବନ୍ଧନ,
କେବଳ ସ୍ୱାର୍ଥର ଆବେଗେ ।
ମିଥ୍ୟାର ସଂସାର, ମାୟାର କୁହୁଡି,
ଧିରେ ଧିରେ ହଟି ଗଲା ପରେ,
ତୁମ କଥା ବେଶି ବେଶି ମନେ ପଡେ,
ଯାତ୍ରାର ଆନନ୍ଦରେ,
ତୁମ କଥା ଭୂଲି ଗଲି ସିନା,
ଏବେ କିନ୍ତୁ ତୁମକୁ ଖୋଜୁଛି,
କାଳର ବିକଟାଳ ରୂପ ଦେଖି,
ଡରି ଯାଏ ମନ,
ତୁମ ସଙ୍ଗ ପାଇଁ ଆତ୍ମା ମୋ ଉଚ୍ଛନ୍ନ ।
ମନେ ପଡିଗଲା,
ପକେଟରେ ରଖା, ତୁମ ଚିଠି କଥା
ଖୋଲି ନେଇ ଦେଖେ ଯେବେ,
ତୁମ ହାତ ଲେଖା,
ଲେଖା ଥିଲା ଛୋଟ ବାକ୍ୟଟିଏ,
“ଯାତ୍ରା ଏ ଦୁର୍ଗମ, ଡରିଯିବୁ ନାହିଁ,
ମୁଁ ବି ତୋ ସାଥିରେ ଅଛି,
ତୋ ସଙ୍ଗେ ସଙ୍ଗେ ଚାଲିଛି
ଏ ରେଳର,
‘ଶେଷ ଡବା’ରେ ମୁଁ ବି ବସିଛି”।

ISSN NO.
2582-208X

ଯାତ୍ରାର ଆନନ୍ଦରେ
ତୁ ମୋତେ ଭୂଲି ଗଲୁ,
ସେଥି ପାଇଁ,
ମାୟା ବନ୍ଧନରେ ପଡି,
କାଳ କବଳରେ ଛଟପଟ୍ ହେଲୁ,
କିଛି ଦୂରର, ବଳକା ଏ ଯାତ୍ରା,
ହାତ ମୋର ଧରି ନେବୁ,
ଯାତ୍ରା ସମାପ୍ତିରେ
ମୋ ସାଥେ ଘରକୁ ବାହୁଡି ଯିବୁ ।

***0***

ପଟିଆ, ଭୂବନେଶ୍ୱର

ISSN NO.
2582-208X


# କାଠ କଣ୍ଢେଇର ସ୍ୱପ୍ନ



ଆଶୁତୋଷ ମେହେର

ଗାଁ ର ଶେଷ ମୁଣ୍ଡ ରେ ଥିବା ଛୋଟ କୁଡ଼ିଆରେ ରହୁଥିଲା ମାଖନୁ। ଗାଁରେ ସେ ବେଶ ଜଣାଶୁଣା ବଢେଇ ତଥା ଦକ୍ଷ କାଠମିସ୍ତ୍ରୀ । ତା’ର ହାତ କାମରେ, ସାମାନ୍ୟ ଶୁଖିଲା କାଠ ମଧ ଜୀବନ୍ତ ହୋଇ ଉଠୁଥିଲା।।

ସେ ସପ୍ତାହ ରେ ହାତରେ କିଛି କାମ ନ ଥିଲା, ତେଣୁ ଆଗକୁ ଥିବା ସାପ୍ତାହିକ ହାଟରେ ବିକିବା ପାଇଁ ସେ ଏକ ସୁନ୍ଦର କାଠ କଣ୍ଢେଇ ତିଆରି କଲା। ଦିନରାତି ଲାଗି କଣ୍ଢେଇ କୁ ଘସିମାଜି ପ୍ରସ୍ତୁତ କରି, ବେଶ୍ ରାତି ବେଳାକୁ ଶୋଇବାକୁ ଯାଇ ଭାବିଲା ଆସନ୍ତା କାଲି ହାଟରେ ନିଶ୍ଚିତ କଣ୍ଢେଇ ବିକି ବେଶ୍ ଦୁଇପଇସା ରୋଜଗାର କରିବ । ଭୋର୍ ର ସହଳ ଉଠି ମାଖନୁ ସେ କଣ୍ଢେଇ ର ମନମୋହକ ଚେହେରା ଦେଖି ମୁଗ୍ଧ ହୋଇଗଲା । ତାକୁ ଲାଗିଲା କଣ୍ଢେଇ ଟି ଜୀବନ୍ତ ଓ ତା' ଆଖି ଦୁଇଟି ଯେମିତି କିଛି କହିବାକୁ ଚାହୁଁଛି। ମାଖନୁ ମନେ ମନେ ଚିନ୍ତା କଲା ଏମିତି ସୁନ୍ଦର କଣ୍ଢେଇ କୁ ବଜାରର ବିକିଲେ ଲାଭ ଅପେକ୍ଷା କ୍ଷତି ହେବ । ମନେ ମନେ ସେ କଳ୍ପନା କଲା, ଯଦି ଏ କଣ୍ଢେଇ ତା ଝିଅ ହୁଅନ୍ତା କେମିତି ହୁଅନ୍ତା। ଖୁସିରେ ମାଖନୁ ସେ ଜୀବନ୍ତ କଣ୍ଢେଇ ର ନାଁ ରଖିଲା ନନ୍ଦିନୀ । ମାଖନୁ ସେ ପାଳି ହାଟକୁ ଆଉ ଗଲାନି ।

ସେ ଦିନ ରାତିରେ, ଯେତେବେଳେ ଚନ୍ଦ୍ରମା ଆକାଶରେ ଝଲସୁଥିଲା, ମାଖନୁ ତା ନନ୍ଦିନୀକୁ ଧରି ଦାଣ୍ଡ ପିଣ୍ଡାରେ ବସିଥିଲା । ଜହ୍ନ ଆଲୁଅରେ ତା ଝିଅ ଆହୁରି ଚମକଦାର ଦିଶୁଥିଲା ତାକୁ । ଶୋଇବା ଆଗରୁ ମାଖନୁ କଣ୍ଢେଇ ନନ୍ଦିନୀ କୁ କହିଲା, “ଝିଅ, ତୁ ଯଦି ମଣିଷ

ISSN NO.
2582-208X

ଜୀବନ ପାଆନ୍ତୁ, କେତେ ବଢିଆ ହୁଅନ୍ତା!! ତୋତେ କୋଳରେ ଧରି ସାଙ୍ଗ ହୋଇ ଗାଁ ଦାଣ୍ଡରେ ବୁଲନ୍ତେ। ବହୁତ ମଜା କରନ୍ତେ" ।

ଭାବୁଭାବୁ କେତେ ବେଳକୁ ତା ଆଖିକୁ ନିଦ ଆସିଗଲା ସେ ଜାଣି ପାରିଲା ନାହିଁ । ମାଖନୁ ସ୍ୱପ୍ନ ଦେଖିଲା, ଜଣେ ଦେବଦୂତ ତା' ଆଗରେ ଠିଆ ହୋଇ କହୁଛନ୍ତି "ମାଖନୁ, ଜୀବନ ଦେଇ ତୁ ନନ୍ଦିନୀ କୁ ଭଲ ପାଉଛୁ । ତୁ ତା' ହୃଦୟରେ ସ୍ନେହ ଶ୍ରଦ୍ଧା ଓ ପ୍ରେମ ଭରିଦେ। ଦେଖିବୁ ସେ ତୋର ଝିଅ ହୋଇଯିବ।" ମାଖନୁ ହଠାତ୍ ଚମକି ଉଠିପଡିଲା। ସେ ବିଚିତ୍ର ସ୍ୱପ୍ନ କଥା ଭାବି ମନେ ମନେ ବଡ ଆଶ୍ଚର୍ଯ୍ୟ ହେଲା। ଭାବିଲା ସେ ସ୍ୱପ୍ନକୁ ସତ କରି ଦେଖାଇବ ।

ସେ ଦିନଠୁଁ ମାଖନୁ କଣ୍ଢେଇ ନନ୍ଦିନୀ କୁ ନେଇ ଗାଁ ଦାଣ୍ଡ ରେ ବୁଲିବାକୁ ଲାଗିଲା। ସେ ନନ୍ଦିନୀକୁ ପିଲାମାନଙ୍କ ସାଙ୍ଗରେ ଖେଳାଇବାକୁ ଦେଲା, ଗାଁର ବୟସ୍କମାନଙ୍କୁ ନନ୍ଦିନୀ ବିଷୟରେ କହିଲା। ପିଲାମାନେ ନନ୍ଦିନୀକୁ ଭଲପାଇବାକୁ ଲାଗିଲେ, ଆଉ ଗାଁରେ ନନ୍ଦିନୀ ସମସ୍ତଙ୍କ ଭଉଣୀ ଭାବରେ ଆନନ୍ଦର ପ୍ରତୀକ ହୋଇଗଲା। ଗୋପାଳ ମନେ ମନେ ଭାବିଲା, "ମୋ କାଠ କଣ୍ଢେଇ ନନ୍ଦିନୀ ଏକ ମୋ ଝିଅ, ଗାଁ ର ସବୁ ପିଲାମାନଙ୍କ ଭିତରେ ଜଣେ, ସମସ୍ତଙ୍କ ହୃଦୟ ଭିତରେ।"

ସେ ବର୍ଷ ପ୍ରତିବର୍ଷ ପରି ଗାଁରେ ଶ୍ରାବଣ ମେଳା ଲାଗିଲା। ମାଖନୁ, ନନ୍ଦିନୀକୁ ନେଇ ମେଳାକୁ ଗଲା ତାକୁ ଅନ୍ୟ ପିଲାମାନଙ୍କ ସହ ବୁଲେବାକୁ । ମେଳାରେ ଜଣେ ସାଧୁ ନନ୍ଦାନୀକୁ ଦେଖିଲେ ଓ ମାଖନୁକୁ ପାଖକୁ ଡାକିଲେ। ନନ୍ଦିନୀ ଉପରେ ଆଶୀର୍ବାଦ ର ହାତ ମାରି କହିଲେ, "ଏ କଣ୍ଢେଇ କେବଳ କାଠର ନୁହେଁ, ଏ ତ ଜୀବନ୍ତ । ତା ଭିତରେ ତୁମର ପ୍ରେମ ଶ୍ରଦ୍ଧା ଓ ସତ୍ୟ ଭରିରହିଛି। ଏତ କାଠ କଣ୍ଢେଇ ଜୀବନ୍ୟାସ ପାଇବା ଆବଶ୍ୟକ ନାହିଁ, ତେବେ ଏ ତୁମର ହୃଦୟ ଭିତରେରେ ସଦା ଶତତ ଜୀବନ୍ତ ଶୋଇ ରହିବ।"

ମାଖନୁର ଆଖିରେ ଲୁହ ଆସିଗଲା। ସେ ବୁଝିଲା ନନ୍ଦନୀ କେବଳ ତା ହାତତିଆରି କାଠର କଣ୍ଢେଇ ନୁହେଁ, ତା'ର ହୃଦୟ ଭିତର ପ୍ରେମଭରା ଅନନ୍ୟ ଜୀବନ୍ତ ସୃଷ୍ଟି ଟି'ଏ, ତା ଝିଅ।!!

ISSN NO.
2582-208X

ସେଦିନଠାରୁ ମାଖନୁ ନନ୍ଦିନୀକୁ ଆଉ ଗୋଟାଏ କାଠ କଣ୍ଢେଇ ଭାବେ ନ ଦେଖି ତା'ର ନିଜର ଝିଅ ଭାବେ ଦେଖିଲା।

କିଛି ଦିନ ପରେ ଗାଁ ଲୋକେ ଦେଖିଲେ ମାଖନୁର କୁଡିଆ ଆଗରେ ଗୋଟାଏ କାଠପଟା ଉପରେ ଖୋଦେଇ ହୋଇ ଲେଖା ହୋଇଛି "ନନ୍ଦିନୀର କୁଡିଆ କୁ ଆପଣ ମାନଙ୍କୁ ସ୍ୱାଗତ" ।

******

54 ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର 751024
ଦୂରଭାଷ 9437085396

ISSN NO.
2582-208X

# ବାପା ମୋ ଆଦର୍ଶ



ଗୋଲୋକବିହାରୀ ବେହେରା

ମୋ ପାଇଁ ତୁମେ ଭଗବାନ ବାପା
ମୋ ପାଇଁ ଆନ୍ତର୍ଯ୍ୟାମୀ,
ମୋ ମନ କଥା ଜାଣିପାର ତୁମେ
କେତେ ଦ୍ରବ୍ୟ ଦିଅ ଆଣି ।
ମୋତେ ଜ୍ୱରହେଲେ ସାରାରାତି ତୁମେ
ମୋ ଶେଜ ପାଖରେ ବସି,
ମୁହଁ ପୋଛିଦେଇ ଔଷଧ ଖୁଆଇ
ଦେଇଛ ମୋତେ ଆଉଁଷି ।
ନିଜ କାମ ଛାଡ଼ି ପଢ଼ାଇ ଦେଇଛ
ରାତି ଉଜାଗର ହୋଇ,
ପରୀକ୍ଷା ଦିଏ ମୁଁ, ତୁମ ପରିଶ୍ରମ
ମୋ ଠାରୁ ଯାଏ ବଳେଇ।
ଯା ଦେଇ ପାରିବ ସବୁ ତ ଦେଇଛ
ଗାଇଛ ଜୀବନ ଗୀତ,
ଦୂରରେ ଥିଲେ ବି ତୁମେ ମନେପଡ଼
ତୁମେ ମୋ ଆଦର୍ଶ ସତ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬

ISSN NO.
2582-208X

# ଘରେ କେହି ନାହାନ୍ତି....



ଦିଲ୍ଲୀପ ଶତପଥୀ

ଜୟ ଜଗନ୍ନାଥ ।

ପାର୍ବଣ ର ଋତୁ ଆରମ୍ଭ ହୋଇଛି, ଆମ ସାହି ପୂଜା ପ୍ରସ୍ତୁତି ଆରମ୍ଭ । ସବୁରି ମୂଳରେ ପଇସା/ଚାନ୍ଦା, ଆଦାୟ ଚାଲିଛି ଘର ଘର ବୁଲା ଚାଲିଛି ହେଲେ ଘରେ ରହୁଛି କିଏ । ଜଣେ ବନ୍ଧୁ ଚାନ୍ଦା ଆଦାୟ ବେଳେ ଘରୁ ଛୋଟ ପିଲାଟିଏ ବାହାରି ଯେଉଁ ଉତ୍ତର ରଖିଲା ତାକୁ ନେଇ ମୋ କବିତା । ଭଲ ଲାଗିଲେ ଜଣେଇବେ, ଘର ଘର ର କଥା.....

=============

ବାପା ମୋର ଅଫିସର,
ଗଲେଣି ଧରି ସ୍କୁଟର,
ଦିନସାରା ବୁଲି ଅଫିସ ଗାଡ଼ିରେ
ରାତିରେ ଫେରନ୍ତି ଘର ।

ବୋଉ ମୋ ଯାଇଛି ସ୍କୁଲ,
ସାଙ୍ଗରେ ନେଇଛି ଉଲ,
ବାପା ପାଇଁ ବୁଣେ ହାପ ସୁଇଟର
ମୋ ପାଇଁ ବୁଣୁଛି ଫୁଲ ।

ଜେଜେ ମୋ ମାମଲକାରି,
ଯାଆନ୍ତି କୋର୍ଟ କଚିରୀ,
ଯେତେ ଅନ୍ଦିକନ୍ଦି ମାମଲାରେ ଛନ୍ଦି
ଘରକୁ ଫେରିବା ଡେରି ।

ISSN NO.
2582-208X

ଜେଜୀମା ଭାରି ଉଦାର,
ବୁଲେ ସେ ବାର ଦୁଆର,
ଏ ଘର ମାଉସୀ ସେ ଘର ପିଉସୀ
ଫେରିବା ତାର ଉଛୁର ।

ଭାଇ ମୋର କୁମ୍ଭକର୍ଣ୍ଣ,
ଉଠିବ ବାରଟା ଦିନ,
ଖାଇବା ଉତ୍ତାରୁ ସାଙ୍ଗ ଡାକିଦେଲେ
ଫେରିବାଟା ରାତି ତିନ ।

ନାନୀ ମୋ ଭାରି ସିଆଣି,
ନେଟୱ୍ୱର୍କ ତାର ଧରେନି,
ଛାତ ଉପରେ ତା ମୋବାଇଲ ନାଟ
ଘରେ ସେ ଜମା ରୁହେନି ।

ପଶିଯିବ କାଳେ ଚୋର,
ଘର ଜଗିଛି କୁକୁର,
ସର୍ବେ ନିଜ ନିଜ କୀର୍ତନ କରନ୍ତି
ନାଇଁ ଖୋଳ କରତାଳ ।

ଠାକୁର ଘର ଟା ଖୋଲା,
ଦେଖନ୍ତି ସେ ସବୁ ପାଲା,
ପ୍ରଭୁ ଚକାଡୋଳା ବୁଡ଼ିଲାଣି ଭେଳା
ଦେଖା ଟିକେ ତୁମ ଲୀଳା ।

ମାତୃ ପିତୃ କୃପା, 508 ନୂଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751001
ଫୋନ 9437175764

ISSN NO.
2582-208X

# ମରିନ ମହିଷାସୁର



ବିନୋଦିନୀ ଦାଶ

ମାନବ ଦାନବ ଦେବ ଭାଇ ଭାଇ
ପୁରାଣ ଦିଏ ବାରତା
ସରବେ ମହର୍ଷି କଶ୍ୟପଙ୍କ ସୁତ
ଜାଣେ ମରତ ଏକଥା
କେତେ ଯେ କାହାଣୀ ଗାଥା
ଦେବାସୁରଙ୍କର ଶତ୍ରୁତାକୁ ନେଇ
ସାଇତିଛି ନର ମଥା ।

ମହିଷା ତାଡ଼ନା ଅସହ୍ୟରୁ ସିନା
ଦେବେ ଆବାହନ ଦୁର୍ଗା
ଦନୁଜକୁ ବଧି ଦେବଙ୍କୁ ଆଶ୍ୱାସି
କରିଲେ ମାତା ସୁଭାଗା
ହେଲେ ଏ ମରତପୁର
ବିନା ବାଧାବିଘ୍ନେ ଘୂରି ବୁଲୁଛନ୍ତି
ସହସ୍ରାଧିକ ଅସୁର ।

ଧନ ଗର୍ବେ ମତ୍ତ ହୋଇଣ ଉନ୍ମତ୍ତ
କେ କରଇ ବ୍ୟଭିଚାର
କେ ଧନ ପିପାସା ମେଣ୍ଟାଇବା ଆଶା
ଭୁଲେ ସମ୍ପର୍କ ମଧୁର

ISSN NO.
2582-208X

ସମ୍ପଦରେ ରଖି ମତି
ପିତା ମାତା ଭାଇ ଭଉଣୀର ସ୍ନେହେ
ପଦାଘାତ କରିଥାନ୍ତି ।

ଧର୍ଷଣ କଷଣ ଲୁଣ୍ଠନ ଶୋଷଣ
ସମାଜେ ବଢାଏ ଖ୍ୟାତି
ନ୍ୟାୟପାଳିକାଟି ସତ ଖୋଜିଖୋଜି
ହରାଏ ନିଜର ଜ୍ୟୋତି
ଦୋଷୀ ଧରା ନ ପଡ଼ଇ
ଶୋଷିତର ଲୁହ ମରଇ ଆଖିରେ
ଆହାକୁ ବି ସାହା ନାହିଁ ।

ମନ୍ଦମତି ଛଳୀ ବାଜିମାତ୍ ମାରି
ପଦାନତ ନିର୍ବଳୁଆ
ସମାଜ ଶୃଙ୍ଖଳ ଆଜି ହୀନ ବଳ
ଭୟରେ ଥରଇ ହିଆ
ନାହିଁ ଶୋଷଣର ଶେଷ
ତୁଣ୍ଡିଟା ମୁଖରେ ଗୁଞ୍ଜଇ ବାଧ୍ୟରେ
ଦିନ କାଟି ଅବସୋସ ।

ଷଡ଼ ରିପୁ ବଶ ହୋଇ ଏ ମଣିଷ
ଲିପ୍ତ ଯେତେ ଅପକର୍ମେ
ଅସୁର ପ୍ରକୃତିଠାରୁ ନୁହେଁ ଊଣା
ସିଏ ବି ନିଜର କର୍ମେ
ନାହିଁ ଧର୍ମର ବିଚାର
ଭାବିବାକୁ ହେବ ସ୍ୱଭାବ ଗୁଣରେ
ମରିନି ମହିଷାସୁର ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ମଣୀନ୍ଦ୍ର – ସତ୍ୟବ୍ରତ ଜୀବନ ପଥର ଦୁଇ ଅପରାଜିତ ପଥିକ



ହିତେଶ ବେହେରା

ସାହିତ୍ୟର ଅନନ୍ୟ ବିଭବ ରୂପେ ନାଟକ ସବୁ କାଳରେ ନିଜର ସ୍ୱତନ୍ତ୍ରତା ଜାହିର କରିଆସିଛି । ମଣିଷର ଅଭିଜ୍ଞତା ଭିତରୁ ନାଟକ ସୃଷ୍ଟି ହୋଇ ଶ୍ରୋତା, ପାଠକ ଓ ଦର୍ଶକ ମନରେ ଉତ୍କଣ୍ଠା, କୌତୁହଳ, ଦ୍ୱନ୍ଦ୍ୱ, ଆନନ୍ଦ ଆଦି ଜାତ କରିବାରେ ସକ୍ଷମ ହୋଇଥାଏ । ଏହିପରି ନିଜ ଅଭିଜ୍ଞତାକୁ ଦର୍ଶକଙ୍କ ମନରେ ଉତ୍ତେଜନା ସୃଷ୍ଟି କରୁଥିବା ତଥା ଜାଗ୍ରତ କରୁଥିବା ନାଟ୍ୟକାର ହେଉଛନ୍ତି ପ୍ରଫେସର ମଣୀନ୍ଦ୍ର କୁମାର ମେହେର । ନାଟ୍ୟକାର ମଣୀନ୍ଦ୍ର ମେହେରଙ୍କ ଦ୍ୱାରା ରଚିତ ହୋଇଥିବା 'ଅପରାଜିତ' ନାଟକ ୧୯୯୧ ମସିହା ଫେବୃଆରୀ ୧୫ ତାରିଖରେ ବରପାଲି ମହାବିଦ୍ୟାଳୟ ନାଟ୍ୟ ସଂସଦର ବାର୍ଷିକ ଉତ୍ସବରେ ପ୍ରଥମେ ଅଭିନୀତ ହୋଇ ଶ୍ରୋତାଙ୍କ ହୃଦୟରୁ ବିପୁଳ ପ୍ରଶଂସା ସାଉଁଟିଛି । ସାଂପ୍ରତିକ ସମୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ହେଉଥିବା ଛାତ୍ର ନିର୍ବାଚନର ସଂପୂର୍ଣ୍ଣ ଖୋଲା ଚିତ୍ର ପ୍ରଦର୍ଶିତ ।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ହେଉଥିବା ଛାତ୍ର ନିର୍ବାଚନ ନବଯୁବକମାନଙ୍କ ଭିତରେ ଜାଗରଣ ଆଣିବାର ଗୋଟିଏ ସୁବ୍ୟବସ୍ଥା । ଏଇ ତୃଣମୂଳ ସ୍ତରରୁ ଛାତ୍ରମାନେ ଅର୍ଥାତ ଆଗାମୀ କାଲିର ନାଗରିକମାନେ ନିର୍ବାଚନରେ ଶୃଙ୍ଖଳିତ ଭାବରେ ସମାଜ ପାଇଁ ତଥା ରାଷ୍ଟ୍ର ପାଇଁ କିପରି ଯୋଗ୍ୟ ପ୍ରାର୍ଥୀଟିଏ ଚୟନ କରିବେ ତାହା ଜାଣିପାରିବେ । ଏଇ ଛାତ୍ର ନିର୍ବାଚନ ଦ୍ୱାରା ପିଲାମାନେ ସହଜରେ ନିର୍ବାଚନ ଓ ନିର୍ବାଚନ ସମ୍ପର୍କିତ ବିଷୟ ଉପରେ ଅବଗତ ହୋଇପାରିବେ ଯାହା ଆଗାମୀ କାଳରେ ରାଷ୍ଟ୍ର ମଙ୍ଗଳ ପାଇଁ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପିତ କରିଦେବା ଭଳି ଉତ୍ତମ ନେତାଟିଏ ପାଇବାରେ ସହାୟକ ହେବ । କିନ୍ତୁ ଏଇ ଛାତ୍ର ନିର୍ବାଚନ କରିବା ଆଳରେ ଶିକ୍ଷାନୁଷ୍ଠାନ ଭଳି ଶାନ୍ତ ପରିବେଶରେ ଅଶାନ୍ତର

ISSN NO.
2582-208X

ବାତାବରଣଟିଏ ସୃଷ୍ଟି କରନ୍ତି । ଏଥିରେ ସଭାପତି ଓ ଉପସଭାପତି ପଦ ପାଇଁ ଛିଡ଼ା ହୋଇଥିବା ପ୍ରାର୍ଥୀମାନେ ଅନୁଷ୍ଠାନ ମଧ୍ୟରେ ଯେଉଁ ବିଶୃଙ୍ଖଳା ସୃଷ୍ଟି କରନ୍ତି ତାହା ନାଟକରେ ପ୍ରତିଫଳିତ ହୋଇଛି । ଛାତ୍ର ନିର୍ବାଚନରେ ଭୋଟ ଆଦାୟ କରିବା, ପିଲାମାନଙ୍କୁ ଭୟଭୀତ କରାଇବା, ପ୍ରତିଦ୍ୱନ୍ଦ୍ୱୀଙ୍କ ବିଷୟରେ ଅପପ୍ରଚାର କରି ତାଙ୍କ ପ୍ରତି ଥିବା ପିଲାଙ୍କ ଆସ୍ଥା, ବିଶ୍ୱାସ ଓ ଶ୍ରଦ୍ଧାକୁ କ୍ଷୀଣ କରିବା ଏବଂ ତା ପ୍ରତି ମନ ଭିତରେ ଘୃଣା ଭାବ ସୃଷ୍ଟିକରିବା । ଏହା ବ୍ୟତୀତ ପିଲାମାନଙ୍କୁ ନେଇ କଲେଜ ହତା ଭିତରେ ଦଙ୍ଗାକରିବା କିମ୍ବା ଷ୍ଟ୍ରାଇକ କରିବା ଭଳି ଯେଉଁ ଘଟଣାମାନ ଦେଖାଯାଏ ତାହା ଏ ପ୍ରତିପାଦିତ । ନାଟକଟିରେ ଦୁଇଗୋଟି ଭାଗ ରହିଛି ଗୋଟିଏ ନିର୍ବାଚନ ପୂର୍ବର ଘଟଣା ଏବଂ ଅନ୍ୟଟି ନିର୍ବାଚନ ପରର ଘଟଣା । ନାଟକରେ ସଭାପତି ପଦ ପାଇଁ ଦୁଇଜଣ ପ୍ରାର୍ଥୀ ଛିଡ଼ା ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଦୀନବନ୍ଧୁନାମକ ଯେଉଁ ଛାତ୍ରଜଣକ ଛିଡ଼ା ହୋଇଛନ୍ତି ସେ ଅତି ବିଶୃଙ୍ଖଳିତ ଛାତ୍ର । କଲେଜ ଭିତରେ ଦଙ୍ଗା ଫିସାଦ କରିବା, ମାରପିଟ କରି ପିଲାମାନଙ୍କୁ ଭୟଭୀତ କରାଇବା ଆଦି ତାଙ୍କର ପ୍ରକୃତି । ମାଧବ ଓ ରାଜୁ ଏଇ ଦୁଇଜଣ ଛାତ୍ର ଦୀନବନ୍ଧୁଙ୍କ ପ୍ରଧାନ ଓ ମୁଖ୍ୟ ଅନୁଚର । ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବାରେ ଦୀନବନ୍ଧୁଙ୍କୁ ପୂର୍ଣ୍ଣରୂପରେ ସାହାଯ୍ୟ କରନ୍ତି । ରବିନାମକ ଛାତ୍ର ଯେତେବେଳେ ପିଲାମାନଙ୍କ ଆଗରେ ଖୋଲିଦେଇଛନ୍ତି ତାଙ୍କର ପ୍ରକୃତ ଚେହେରାକୁ ସେତେବେଳେ ଏଇ ଦୁଇ ଅନୁଚର ଦ୍ୱାରା ସେ ମାଡ଼ ମଧ୍ୟ ଖାଇଛନ୍ତି । ଛାତ୍ର ନିର୍ବାଚନର ଆଉ ଏକ ମୁଖ୍ୟ ଘଟଣା ହେଉଛି ରାଜନେତାମାନଙ୍କର ପ୍ରତ୍ୟକ୍ଷ ଭାବରେ ଅନୁପ୍ରବେଶ । ରାଜନେତାମାନେ ପିଲାମାନଙ୍କୁ କିପରି ଶୃଙ୍ଖଳିତ ଭାବରେ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରି ଜିତିପାରିବେ ସେ ସମ୍ପର୍କରେ ସଚେତନ କରାଇବା ସହ ମତାମତ ଦେବା କଥା । ମାତ୍ର ତାହା ନକରି ରାଜନେତାମାନେ ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରବର୍ତ୍ତାଇଥାନ୍ତି ଏବଂ କୁଉପାୟରେ ଯେପରି ଭାବରେ ହେଉ ନିର୍ବାଚନ ଲଢ଼ି ଜୟ ହେବାର ପରାମର୍ଶ ଦିଅନ୍ତି । ସେଇଭଳି ସମାନ ଭାବରେ ଛାତ୍ରମାନେ ମଧ୍ୟ ରାଜନେତାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ସକାରାତ୍ମକ ବିଚାର ଧାରାକୁ ଗ୍ରହଣ କରି ସନ୍ମାର୍ଗରେ ଚାଲିବା କଥା । କିନ୍ତୁ ପାଠପଢ଼ା ଛାଡ଼ି ଏଇ ରାଜନେତାମାନଙ୍କ ସହ ସଂଶ୍ଳିଷ୍ଟ ହୋଇ ଆନ୍ଦୋଳନ, କୋଳାହଳ ତଥା ମାରପିଟରେ ଲିପ୍ତ ରହିଥାନ୍ତି । ଯାହା ଫଳରେ ତାଙ୍କର ଗୋଟିଏ ସୁନେଲି ଭବିଷ୍ୟତ ଅଚିରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ । ଏ ନାଟକରେ ମଧ୍ୟ ଦୀନବନ୍ଧୁ, ମାଧବ ଓ ରାଜୁ ଜଣେ ରାଜନେତାଙ୍କ ଆଶ୍ରୟ ନେଇଛନ୍ତି ଏବଂ ତାଙ୍କରି ପରାମର୍ଶ ଅନୁସାରେ କାର୍ଯ୍ୟ କରିଛନ୍ତି । କି

ISSN NO.
2582-208X

ଆଶ୍ଚର୍ଯ୍ୟର କଥା ଯେ ରାଜନେତା ସେମାନଙ୍କୁ ସହର୍ଷ ଚିତ୍ତରେ ପରାମର୍ଶ ଦିଅନ୍ତି ଯେ ପ୍ରତିଦ୍ୱନ୍ଦ୍ୱୀ ପିଲାଙ୍କ ବିଷୟରେ ଅପପ୍ରଚାର କରିବାକୁ । ଯାହା କରିବା ଫଳରେ ଉକ୍ତ ଛାତ୍ର ପ୍ରତି ପିଲାମାନଙ୍କ ମନ ଭିତରେ ଗୋଟିଏ ଘୃଣାଭାବ ସୃଷ୍ଟିକରାଇ ଦୀନବନ୍ଧୁଙ୍କୁ ନିର୍ବାଚନରେ ଜିତିବାକୁ ସହଜ ହୋଇପାରିବ । ସେ କହୁଛନ୍ତି – "ଆଚ୍ଛା ହଁ, ଆଉ ଗୋଟିଏ କାମକର ... କୌଣସି ଝିଅ ନାଁ ସହ ଯୋଡ଼ି ଗୋଟିଏ ପ୍ରଚାର କରିଦିଅ ... ହେଃ .. ହେଃ କଲେଜମାନଙ୍କରେ ତ ଏଭଳି ହୁଏ ... ସିଧା ଚରିତ୍ର ସଂହାର କରିଦିଅ । ଆଉ ମୋଟେ ଭୋଟ ପାଇବାର ସମ୍ଭାବନା ଯେମିତି ନ ରହେ ।" (ପୃ – ୬୪)

ଦୀନବନ୍ଧୁଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ହିସାବରେ ଯେଉଁ ଛାତ୍ରଜଣକ ଛିଡ଼ା ହୋଇଛନ୍ତି ସେ ଦୀନବନ୍ଧୁଙ୍କ ଠିକ ବିପରୀତଧର୍ମୀ ଚରିତ୍ର । ତାଙ୍କ ଭିତରେ ଉକୁଟି ଉଠିଥିବା ଗୁଣଟି ଦୀନବନ୍ଧୁଙ୍କ ଗୁଣାବଳୀର ସଂପୂର୍ଣ୍ଣ ଓଲଟା । ନାଁ ତାଙ୍କର ସତ୍ୟବ୍ରତ, ନାମ ଭଳି ସେ ସେପରି ସତ୍ୟସନ୍ଧ ଏବଂ ତାଙ୍କର ଜୀବନ ମଧ୍ୟ ସେପରି ସତ୍ୟ ଉପରେ ପୂର୍ଣ୍ଣ ରୂପରେ ଅଧିଷ୍ଠିତ । ସତ୍ୟବ୍ରତ ଗାନ୍ଧୀ, ଗୋପବନ୍ଧୁ ରବୀନ୍ଦ୍ରନାଥ ଓ ସକ୍ରେଟିସ ଆଦିଙ୍କ ପରି ମହୀୟାନ ବ୍ୟକ୍ତିତ୍ୱଙ୍କ ଆଦର୍ଶ ହେଉଛି ତାଙ୍କ ଯାତ୍ରାର ଶୁଭ୍ରାଲୋକ । ସେ ସଭାପତି ପଦପାଇଁ ଛିଡ଼ା ହୋଇ ଭୋଟପାଇଁ ଯେତେବେଳେ ତାଙ୍କ ବନ୍ଧୁ ଆଲୋକ ଛାତ୍ରମାନଙ୍କୁ ସତ୍ୟଙ୍କୁ ଭୋଟ ଦେବାପାଇଁ କହିବାକୁ ଯାଇଛନ୍ତି ସେତେବେଳେ ସତ୍ୟବ୍ରତ ତାଙ୍କୁ ଗାନ୍ଧୀ, ଗୋପବନ୍ଧୁଙ୍କ ଅମରବାଣୀ ଶୁଣାଇବେ ବୋଲି କହିଛନ୍ତି । ଆହୁରି ମଧ୍ୟ କହିଛନ୍ତି ଭୋଟ ଦେବାଲାଗି କହିବା ବେଳେ କଥନଭଙ୍ଗୀ ଅତ୍ୟନ୍ତ ବିନମ୍ରଯୁକ୍ତ ହୋଇ ଅନୁରୋଧ କରିବା ଆବଶ୍ୟକ । ସେ ଏହା ମଧ୍ୟ କହିବାକୁ ଭୁଲିନାହାନ୍ତି ଯେ ନିର୍ବାଚନରେ ଜିତି ପ୍ରେସିଡେଣ୍ଟ ହେବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ, ତାଙ୍କର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ଭିତରେ ଭୋଟ ପ୍ରତି ଏକ ସଚେତନ ଭାବ ସୃଷ୍ଟି କରିବା । ତାଙ୍କର ଏ ଆଦର୍ଶପଣିଆକୁ କେହି ଗ୍ରହଣ କରିବେ ନାହିଁ ବୋଲି ଆଲୋକ ଯେତେବେଳେ ଯୁକ୍ତି ବାଢ଼ିଛନ୍ତି ସତ୍ୟବ୍ରତ ସେତେବେଳେ ନିର୍ଭୀକ ଭାବରେ ଦୃଢ଼ୋକ୍ତି ପ୍ରକାଶ କରି କହୁଛନ୍ତି – "ହଜାର ହଜାର ଲୋକଙ୍କ ସମର୍ଥନ ପାଇ ସତ୍ୟ କେବେ ବିଜିତ ହୁଏନା । ବରଂ କୁହ ହଜାର ହଜାର ଲୋକଙ୍କ ବିରୁଦ୍ଧରେ ଲଢ଼ି ସତ୍ୟ ଜୟଯୁକ୍ତ ହୁଏ ।" ( ପୃ – ୬୧ ) । ବାସ୍ତବରେ ସତ୍ୟ କେବଳ ଶତ ଶତ ଲୋକଙ୍କ ବିରୁଦ୍ଧରେ ଲଢ଼େଇ କରି ବିଜିତ ହୁଏ । ତାଙ୍କ ପାଇଁ ଏତେ ଲୋକଙ୍କ ସମର୍ଥନର ଆବଶ୍ୟକତା ହିଁ ନାହିଁ କାରଣ ଯିଏ ସତ୍ୟକୁ ନିଜ ପାଖରେ

ISSN NO.
2582-208X

ବାନ୍ଧିରଖିପାରିଛନ୍ତି ତାଙ୍କ ଭିତରେ ତ ଶହ ଶହ ସିଂହର ପରାକ୍ରମ ଓ ସାହସ ସଞ୍ଚିତ ହୋଇରହିଛି । ତେଣୁ କାହାରି ସମର୍ଥନକୁ ସେ ଅପେକ୍ଷା ନକରି ନିଜ କର୍ମରେ ଅଚଳ ଓ ଅଟଳ ରହିଥାନ୍ତି । ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଦୀନବନ୍ଧୁ ଯେତେବେଳେ ଯାଇଛନ୍ତି ଜଣେ ରାଜନେତାଙ୍କ ନିକଟକୁ ନିର୍ବାଚନରେ ଖର୍ଚ୍ଚ କରିବାକୁ କିଛି ପଇସା ଆଣିବା ପାଇଁ ସେତେବେଳେ ସତ୍ୟବ୍ରତ  ଯାଇଛନ୍ତି ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଘରକୁ ଯିଏ ଭାରତକୁ ପରାଧୀନତାରୁ ମୁକ୍ତ କରିବା ପାଇଁ ବ୍ରିଟିଶମାନଙ୍କ ବିରୋଧରେ ତତ୍ପରତା ପୂର୍ବକ ସଂଗ୍ରାମ କରିଥିଲେ । ସେ ସତ୍ୟବ୍ରତଙ୍କୁ ଗାନ୍ଧୀ ଗୋପବନ୍ଧୁଙ୍କ ମାର୍ଗକୁ ନିଜ ଜୀବନର ଧ୍ୟେୟ କରିବାକୁ ପରାମର୍ଶ ଦେବା ସହ ସେଇ ମହାପୁରୁଷମାନଙ୍କୁ ନୂତନ ରୂପେ ଆବିଷ୍କାର କରିବାକୁ କହିଛନ୍ତି । ନିର୍ବାଚନ ପୂର୍ବଦିନ ମୁଁ କାହିଁକି ଛିଡ଼ାହୋଇଛି ଏଇ ଉପଲକ୍ଷେ ଏକ ସଭାର ଆୟୋଜନ କରି ଦୁଇ ପ୍ରାର୍ଥୀଙ୍କୁ କହିବାକୁ କୁହାଯାଇଛି । ପ୍ରତିଦ୍ୱନ୍ଦ୍ୱୀ ଦୀନବନ୍ଧୁ କହିସାରିବା ପରେ ସତ୍ୟବ୍ରତ କହିବାକୁ ପୋଡ଼ିୟମ ପାଖକୁ ଯାଆନ୍ତି । ସେତେବେଳେ ତାଙ୍କୁ ପିଲାମାନେ ଅନେକ ପ୍ରଶ୍ନ ପଚାରନ୍ତି ତୁମେ ବିଦ୍ୟାଳୟରେ କେତେ ଷ୍ଟ୍ରାଇକ କରିପାରିବ, କପି ହେବକି ନାହିଁ ପରୀକ୍ଷାରେ ଇତ୍ୟାଦି । ସେ ପିଲାମାନଙ୍କ ଉତ୍ତରରେ ସତ୍ୟବ୍ରତ କୁହନ୍ତି – "ଆମେମାନେ କପିକରି, ନିଶାଖାଇ ଉଚ୍ଛୃଙ୍ଖଳ ହୋଇ ଏ ଦେଶର କେବେ କିଛି କରିପାରିବା ନାହିଁ । ଆମେ କଦାପି ଆଲୋକ ଜାଳିପାରିବା ନାହିଁ । ଏଥିପାଇଁ ଆପଣମାନଙ୍କୁ ସଚେତନ କରିଦେବା ପାଇଁ ମୁଁ ଠିଆ ହୋଇଛି ।" ( ପୃ– ୭୫ ) ।

ନିର୍ବାଚନ ହୋଇଛି ଏବଂ ସତ୍ୟବ୍ରତ ସେଥିରେ ଜୟଯୁକ୍ତ ହୋଇଛନ୍ତି । କିନ୍ତୁ ନିର୍ବାଚନରେ ଜିତିବା ପରେ ଯେଉଁ ବନ୍ଧୁମାନେ ସତ୍ୟବ୍ରତଙ୍କ ସପକ୍ଷରେ ରହି ପ୍ରଚାର କରୁଥିଲେ ଗାନ୍ଧୀ ଗୋପବନ୍ଧୁଙ୍କ ଅମର କଥା, ନିଶା ନିବାରଣ କରିବାର କଥା ଏବଂ ଗୋଟିଏ ଶୃଙ୍ଖଳିତ ଜୀବନ ବଞ୍ଚିବାର କଥା କହୁଛନ୍ତି ସେମାନେ ନିର୍ବାଚନର ପରବର୍ତ୍ତୀ ପର୍ଯ୍ୟାୟରେ ଜିତିବା ପରେ ସତ୍ୟବ୍ରତଙ୍କୁ କହୁଛନ୍ତି ଭୋଜିଭାତ କରି ଖାଇବାକୁ, ମଦଭାଟି ଯାଇ ଚାନ୍ଦା ଆଦାୟ କରିବାକୁ, ଏବଂ ମଦ ପିଇ ନିଶାସକ୍ତ ହେବାକୁ । ମାତ୍ର ସତ୍ୟବ୍ରତ ସେମାନଙ୍କର ଏ ପ୍ରସ୍ତାବକୁ ରୋକଠୋକ ମନା କରିଦେଇଛନ୍ତି । ସେ କହିଛନ୍ତି ଯେ ମୁଁ ନିର୍ବାଚନରେ ଜିତିବା ପରେ ନିଶାସକ୍ତ ହେବାକୁ କିମ୍ବା କରାଇବାକୁ ଛିଡ଼ା ହୋଇ ନଥିଲି, ମୁଁ ଛିଡ଼ା ହୋଇଥିଲି ନିଶା ସେବନ ସଂପୂର୍ଣ୍ଣ ବନ୍ଦ କରିବାକୁ ଛିଡ଼ା ହୋଇଥିଲି ଏବଂ ହୋଇଛି ମଧ୍ୟ । ନିଶାସେବନ କଲେ କିମ୍ବା କାହା ଠାରୁ ଜୋର ଜବରଦୋସ୍ତି ଚାନ୍ଦା ଆଦାୟ କଲେ

ISSN NO.
2582-208X

ଅନୁଷ୍ଠାନର କୌଣସି ଲାଭ ହୋଇପାରିବ ନାହିଁ । ଆମ ଲକ୍ଷ୍ୟ ଯେହେତୁ ଏକ ଶୃଙ୍ଖଳିତ ସମାଜ ଗଠନ କରିବା ଏବଂ କଲେଜର ସୁନାମକୁ ଆଗକୁ ନେବା ତେବେ ଏ ସବୁକୁ ଆମ ସମସ୍ତଙ୍କୁ ଆଡ଼େଇ ଦେବାକୁ ହେବ ବୋଲି କହିଛନ୍ତି । କୁହାଯାଏ ସତ୍ୟ ପଥର ଯିଏ ଯାତ୍ରୀ ହୁଅନ୍ତି ତାଙ୍କୁ ଅନେକ ବାଧା ବନ୍ଧନ ଦେଇ ଗତି କରିବାକୁ ପଡ଼େ । ଅନେକ କଷ୍ଟ, ଅପମାନ ଓ ବ୍ୟଙ୍ଗର ଶରବ୍ୟ ହେବାକୁ ହୁଏ । ସତ୍ୟବ୍ରତଙ୍କ ଜୀବନ ମଧ୍ୟ ଏଇ ପଥ ଦେଇ ଗତିଶୀଳ । ତେଣୁ ସଭାପତି ପଦରେ ଅଭିଷିକ୍ତ ହେବାପରେ ମଧ୍ୟ ତାଙ୍କୁ ସାମନା କରିବାକୁ ପଡ଼ିଛି ଅନେକ ପ୍ରତିରୋଧ ତଥାପି ସେ ସେମିତି ଅବିଚଳିତ ରହିଛନ୍ତି । ଦୀନବନ୍ଧୁଙ୍କ ପରି ଦୁଷ୍ଟ ସ୍ୱଭାବର ଛାତ୍ରଙ୍କ କୂଟ ଚକ୍ରାନ୍ତରେ କଲେଜ ଭିତରେ ବିନା କାରଣରେ ଷ୍ଟ୍ରାଇକ ହୋଇଛି ଏବଂ ସେଇ ଷ୍ଟ୍ରାଇକକୁ ରୋକିବାକୁ ଯାଇ ମାଡ଼ ମଧ୍ୟ ଖାଇଛନ୍ତି; ମାତ୍ର ସତ୍ୟବ୍ରତ କ୍ଳାନ୍ତ ହୋଇନାହାନ୍ତି ସେ ସାହସର ସହିତ ସ୍ଥିର, ଅବିଚଳିତ ଓ ଅପରାଜିତ ରହିଛନ୍ତି ।

ସତ୍ୟ ଆଡ଼କୁ ଯେଉଁ ବ୍ୟକ୍ତି ହୃଦୟର ଗବାକ୍ଷକୁ ଉନ୍ମୁକ୍ତ କରିଦେଇଥାନ୍ତି ସେ କେବେହେଲେ ପରାଜୟବରଣ କରନ୍ତି ନାହିଁ । ତାଙ୍କ ପାଇଁ ଜୀବନର ମାର୍ଗ ଶାନ୍ତି ନୁହେଁ ଜୀବନର ମାର୍ଗ ହେଉଛି ସତ୍ୟ । ସତ୍ୟ ପଥର ପଥିକ ହୋଇ ଝଡ଼ ଝଞ୍ଜା ଆସୁ ପଛେ ସେ ସେଥିରୁ ତିଳେ ମାତ୍ର ବିରତ ରହିପାରନ୍ତି ନାହିଁ । ସତ୍ୟବ୍ରତ ହେଉଛନ୍ତି ସେଇ ଆଲୋକ ପଥର ଯାତ୍ରୀ ଯେଉଁ ପଥରେ କେବଳ କଣ୍ଟା ପରିପୂର୍ଣ୍ଣ । କିନ୍ତୁ ସେଇ କଣ୍ଟକିତ ପଥକୁ ଅତିକ୍ରମ କରି ସେ ଜାଳନ୍ତି ନୂତନ ପ୍ରଦୀପ ଯାହା ସମଗ୍ର ଛାତ୍ର ସମାଜ ଓ ମଣିଷ ପାଇଁ ଗୋଟିଏ ଜାଜ୍ୱଲ୍ୟମାନ ହୀରାଖଣ୍ଡ । ଲେଖକଙ୍କର ଆଦର୍ଶ, ଚରିତ୍ର, ସରଳ ହୃଦୟବତ୍ତା, ଗୁଣ, ନିଷ୍କପଟ ନିର୍ମଳ ଭାବନା ଆଦି ଚରିତ୍ର ମଧ୍ୟରେ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ପ୍ରତିଫଳିତ ହେବା ସ୍ୱାଭାବିକ ଘଟଣା । ସମଭାବରେ ଏଥିରେ ନାଟ୍ୟକାର ମେହେର ପ୍ରତ୍ୟକ୍ଷ ଭାବରେ ସତ୍ୟବ୍ରତ ଚରିତ୍ର ଭିତରେ ପ୍ରବେଶ କରିଛନ୍ତି । ତାଙ୍କ ହୃଦୟର ବିଶାଳତା, ସତ୍ୟ ପ୍ରତି ସଶ୍ରଦ୍ଧ ପ୍ରେମମୟତା, ମଣିଷ ପ୍ରତି ଗଭୀର ଅନୁରାଗ ଏବଂ ଆଲୋକ ଜାଳିଦେବାର ଯେଉଁ ପ୍ରବଳ ଉଦ୍ୱିଗ୍ନତା ତାହା ସତ୍ୟବ୍ରତଙ୍କ ନିକଟରେ ପ୍ରକଟିତ । ଯେହେତୁ ସ୍ୱୟଂ ଲେଖକ ଜଣେ ସତ୍ୟ ପଥର ଯାତ୍ରୀ ତାଙ୍କ ଚରିତ୍ର ଅବା କିପରି ଅସତ୍ ପଥର ଯାତ୍ରୀ ହୋଇପାରନ୍ତେ ? ନାଟ୍ୟକାର ଯେହେତୁ ଗାନ୍ଧୀ, ସକ୍ରେଟିସ୍, ରବୀନ୍ଦ୍ରନାଥ ଓ ଅରବିନ୍ଦ ଆଦି ମହାମନୀଷୀଙ୍କ ଶ୍ରେଷ୍ଠ ଭକ୍ତ ଓ ଉପାସକ । ସେଇ ମହାପୁରୁଷଙ୍କର ଆଦର୍ଶ, ତାଙ୍କର

ISSN NO.
2582-208X

ଗୁଣାବଳୀ ସବୁ ଲେଖକଙ୍କ ପ୍ରତିଟି ରକ୍ତ ବିନ୍ଦୁରେ ଅନୁକ୍ଷଣ ପ୍ରବାହିତ । ତେଣୁ ତାହା ସତ୍ୟବ୍ରତଙ୍କ ଶରୀରରେ ମଧ୍ୟ ଅବିରତ ପ୍ରବାହିତ ହୋଇଛି । ନାଟକର ଶେଷ ଦୃଶ୍ୟରେ ସମସ୍ତେ ଯେତେବେଳେ ସତ୍ୟବ୍ରତଙ୍କୁ ନିରାଶାପୂର୍ଣ୍ଣ ବାକ୍ୟ ଉଚ୍ଚାରଣ କରି ସେଥିରୁ ଓହରାଇବାର ପ୍ରଚେଷ୍ଟା କରିଛନ୍ତି ସେତେବେଳେ ସେ ଛୋଟ ଦୀପଟିଏ ଜାଳିବାରୁ ତାଙ୍କୁ ସମସ୍ତେ ଉପହାସ କରି କହିଛନ୍ତି ଏଇ ଛୋଟ ଦୀପ କ'ଣ ଅନ୍ଧକାରକୁ ଦୂରେଇ ଦେଇ ପାରିବ ? ସତ୍ୟବ୍ରତ ତାହାର ଉତ୍ତରରେ ଏକ ସୁନ୍ଦର ଉତ୍ତର ରଖି କହୁଛନ୍ତି – "ଜାଣେନା । କିନ୍ତୁ ଆଲୋକ ଜାଳିଦେବା ହିଁ ମୋର ଧର୍ମ x x x ଲିଭିଯାଉ ଦୀପ ଥରକୁ ଥର । ମୁଁ ପୁଣି ଜଳାଇଦେବି ଦୀପ । ଜାଳି ଦେଉଥିବି ଏମିତି କାଳ କାଳ ଧରି । ଜାଳି ଦେଉଥିବି ଏମିତି ଯୁଗ ଯୁଗ ଧରି ।" ( ପୃ- ୯୧ ) । ଆଲୁଅ ଜାଳିଦେବା କଥା ସତ୍ୟବ୍ରତ ଯାହା ପ୍ରକାଶ କରିଛନ୍ତି ସେଇ ଶୁଭ୍ରାଲୋକ ଜାଳିଦେବାର ଭାବନା ନିରନ୍ତର ନାଟ୍ୟକାରଙ୍କ ମାନସପଟରେ ବି ବିଦ୍ୟମାନ । ପୁସ୍ତକ ରୂପୀ ଯେଉଁ ଉଜ୍ଜ୍ୱଳ ପ୍ରଦୀପ ସେ ନିତ୍ୟ ଜାଳି ଚାଲିଛନ୍ତି ତାହା ଅଜ୍ଞାନ, ନିରାଶ ଓ ଅଶାନ୍ତ ରୂପୀ ଅନ୍ଧକାରକୁ ଦୂରୀଭୂତ କରିଦେଉଛି ଏବଂ ଆଗକୁ କରିଦେଉଥିବ ମଧ୍ୟ । ପୁସ୍ତକ ଠାରୁ ଯେ ଦୁନିଆରେ ଆଉ କିଛି ଶ୍ରେଷ୍ଠ ପ୍ରଦୀପ ରହିଛି ସେକଥା କାହିଁ ମୋର ହୃଦବୋଧ ହୁଏ ନାହିଁ । ଲେଖକ ଏଇ ଆଲୋକ ଜାଳିଦେବାରେ କେବେହେଲେ କୁଣ୍ଠାବୋଧ କରିନାହାନ୍ତି କି କେବେ ଥକିପଡ଼ିନାହାନ୍ତି । ବରଂ କେବଳ ଆଲୋକ ଜାଳିବା ହିଁ କେବଳ ଧର୍ମ ହୋଇଛି । ମଣିଷର ମନ ଭିତରଟା ଯେଉଁ ଅନ୍ଧକାରରେ ଆଚ୍ଛନ୍ନ ହୋଇ ଭରିରହିଛି ତାକୁ ଦୂରେଇବା ହିଁ ହୋଇଛି ତାଙ୍କର ପରମ କର୍ତ୍ତବ୍ୟ । ଏଇ ଭାବନା ହିଁ ସତ୍ୟବ୍ରତଙ୍କ ହୃଦୟରେ ସର୍ବଦା ଅନୁରଣିତ । ଯିଏ ସତ୍ୟସନ୍ଧାନୀ, ସତ୍ୟର ପଥରେ ଯିଏ ଆଲୋକ ଜାଳିବାକୁ ସଦା ଯିଏ ପ୍ରୟାସରତ, ଯିଏ ଦୁର୍ଗନ୍ଧରେ ସୁଗନ୍ଧ ଭରିବାକୁ ସବୁବେଳେ ଚଳଚଞ୍ଚଳ ସେ ସବୁକାଳରେ ରହିଥିବେ ଅପରାଜିତ ହୋଇ । ସତ୍ୟର ଅର୍ଥ ହିଁ ବିଜୟ । ତେଣୁ ଉଭୟ ମଣୀନ୍ଦ୍ର ଓ ସତ୍ୟବ୍ରତ ସତ୍ୟ ପଥର ଅମର ଯାତ୍ରୀ ହୋଇଥିବା ହେତୁ ସେମାନେ କେବେ ପରାଜିତ ନୁହଁନ୍ତି ସେମାନେ ଚିର ଅପରାଜିତ ।

ଗବେଷକ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
ମୋ – ୬୨୦୭୮୨୯୩୮୪

ISSN NO.
2582-208X

# ଆକାଶ ଦୀପ



ନଳନୀ ଦାଶ

ମହା କାର୍ତ୍ତିକର ବକ ପଞ୍ଚମୀରେ
ଜଳୁଛି ଆକାଶ ଦୀପ
ଧରମ କରମେ ଲାଗି ଯାଉ ମନ
ନାଶ ହେଇଯାଉ ପାପ ।
ଭକ୍ତଙ୍କ ଗହଳି ଲାଗିଛି ମନ୍ଦିରେ
ସାଧୁ ସନ୍ଥ କଲେ ଜପ
ମନୁ ହିଂସା ଭୟ ଦୂର ହୋଇଯାଇ
ଅହଙ୍କାର ହେଉ ଲୋପ ।
ଧରମ ମାସରେ ଆକାଶେ ଆଲୋକ
ଦେଇ ଜଳିଥାଏ ଦୀପ
ବାଉଁଶରେ ବନ୍ଧା ମାଟି ଦୀପ ଜଳେ
ନାଆଁ ଆକାଶ ପ୍ରଦୀପ ।
ଭୀଷ୍ମ ପଞ୍ଚକରେ ମନ୍ଦିର ବେଢ଼ାରେ
ପ୍ରଦୀପ କାର୍ତ୍ତିକ ତପ
ଆଲୋକ ଖେଳାଏ ଧରଣୀ ବୁକୁରେ
ପୁଣ୍ୟ ଏ ଆକାଶ ଦୀପ ।
ପ୍ରଦୀପରେ ଘୃତ ସଳିତାକୁ ଖଞ୍ଜି
ପ୍ରକାଶ ଆକାଶ ଦୀପ
ଜ୍ୱଳନରେ କ୍ଷୟ ହୋଇଯାଇ ଥାଏ

ISSN NO.
2582-208X

ମୁଣ୍ଡେ ବୋହିଥିବା ପାପ ।
ଧର୍ମ କର୍ମ କରି ବିତୁ ଏ ପଞ୍ଚକ
ନାଶ ହେଉ କ୍ରୋଧ କୋପ
ଜାତ ହେଉ ମନେ ଧର୍ମୀୟ ଚେତନା
ଦର୍ଶନେ ଆକାଶ ଦୀପ ।
ବାରମାସ ମଧ୍ୟେ ସାର ଏ କାର୍ତ୍ତିକ
ସର୍ବେ କର ଜପ ତପ
ବରଷ ଜାକର ପାପ କ୍ଷୟ କରେ
ମହାନ ଏ ମହାଦୀପ ।
ପ୍ରଭୁ ଶିବଙ୍କର ପ୍ରିୟ ଏହି ମାସ
ଭକ୍ତିରେ ଜାଳିବା ଦୀପ
ଜୀବନରେ ସୁଖ ଶାନ୍ତି ଭରିଦେବ
ପଞ୍ଚକେ ଆକାଶ ଦୀପ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୯୬୬୪୯

ISSN NO.
2582-208X

# କୁହୁକ ଜାଲ



ଅଲେଖ ମେହେର (ଯାଯାବର)

ବରବର୍ଣ୍ଣନୀର ଉରରେ ଗଚ୍ଛିତ
ପରଭୃତ ଜିଣା ବାଣୀ,
ପାଶରେ ପଡିଲେ ପିଶିତ ସଜେଇ
ଭକ୍ଷିଯିବ ନିଷ୍ଠେ ହାଣି।
ମଞ୍ଜୁଳ ଗରବ ଅଶନୀରୁ ବଳି
ଉରଦେଶେ ତାର ଭରା,
ବିଚାରେ ଆପଣେ ପଦତଳେ ଠୁଳ
ଅଇଶ୍ୱର୍ଯ୍ୟ ସସାଗରା।
ବନିଶୀରେ ଥୋପ ଲଗାଇ ମୃଗାକ୍ଷୀ
ଜୀବନୁ ନିଅଇ କାଢି,
ପୃଥୁରୋମା ଦସା ଅଯାଚିତେ ଦେଇ
ଶହେ ଯୁକ୍ତି ଦିଏ ବାଢ଼ି ।
ଜୀବନ ସମରେ ପାର୍ଥ ସମ ଯୋଦ୍ଧା
ଅସ୍ତ୍ର ହୀନ ହୋଇ ମରେ,
କୁହୁକ ଜାଳର ଶକ୍ତ ରଜ୍ଜୁ ତକ
ଲୁହ ହୋଇ ଆଖି ଝରେ।
ହୃଦୟ ଯାହାର ସୁଦ୍ଧ ମନ୍ଦାକିନୀ
ଶୟଳ ଦିଏନା ଭାବ,
ଖେଦ ଗ୍ଳାନୀ ଭରା ଭବାର୍ଣ୍ଣବେ ଯିଏ
ଅକ୍ଳେଶେ ବାହିବ ନାବ।

ISSN NO.
2582-208X

ଅତି ମଧୁରରେ ଲାଗିଯାଏ କୀଟ
ହୁଅ ନାହିଁ ପଥ ବଣା,
ବିଚାରି ଭରସା ବଢାଇଲେ ସିନା
ବିଜ୍ଞ ରୂପେ ହେବ ଗଣା।
ସଂସାର ହାଟରେ ଚରିତ୍ର ମିଳଇ
ଧନ ବଦଳରେ କିଣା,
ନିଶିରେ ଆଚରେ ଅନୀତି ପ୍ରଣୟ
ବାସରେ ବଚରେ ଜିଣା।
କାଳକୂଟ ଭୟେ ଗର୍ତ୍ତ ରେ ପଶିବ
ବିଲୋକିଲେ ପକ୍ଷ୍ମଲାକ୍ଷୀ,
ରାଣ ଯେତେ ସବୁ ଈଶ୍ୱରଙ୍କୁ ଜଣା
ଯେଣୁ ସେ ହୁଅନ୍ତି ସାକ୍ଷି।

ବରପଦର, ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫

ISSN NO.
2582-208X

# ଏକ ପ୍ରଶ୍ନ



ଡ. ଜ୍ଞାନେଶ୍ୱର ମିଶ୍ର

ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ହରିହର ଦାସ
ପୁଅ (ଯୁକ୍ତ ୨)ରେ ଦୁଇଥର ଫେଲ
ପାଠ ପଢାରେ ଧ୍ୟାନ ଦିଏ ନାହିଁ କେବେ
ଏ ଦୁଃଖ କାହାକୁ କହିବେ ?

କ୍ୟାନ୍ସର ବିଶେଷଜ୍ଞ ଡକ୍ଟର ମହାନ୍ତି
ରୋଗୀ ଦେଖିବାରେ ହେଳା ନକରନ୍ତି କେବେ
ନିଜେ କ୍ୟାନ୍ସର ପୀଡିତ
ନିଜେ ନିଜର ଚିକିତ୍ସା କରିବେ
ଏ ଦୁଃଖ କାହାକୁକହିବେ ?

ଦୀନବନ୍ଧୁ ମିଶ୍ର ଗାଡି ବାଡି, ବହୁଧନର ମାଲିକ
ଦୁଇଟି ପତ୍ନୀ ଗ୍ରହଣ ପରେ ବି ଆଶା ମଉଳିଲା
କନ୍ୟା କିମ୍ବା ପୁତ୍ରର ପିତା ହେବେ
ଏ ଦୁଃଖ କାହାକୁ କହିବେ ?

ଇଂଜିନିୟର ଦାସ ମହାପାତ୍ର ପୋଲ କଣ୍ଟ୍ରାକ୍ଟର
ମନ୍ତ୍ରୀ ଉଦଘାଟନ ସମୟରେ ପୋଲ ଭୁଷୁଡି ପଡିଲା
ସେ ଜୋରିମାନା ଦେବେ ଓ ଜେଲ ଭୋଗିବେ
ଏ ଦୁଃଖ କାହାକୁ କହିବେ ?

ISSN NO.
2582-208X

ଅଂଶୁମାନ ରାୟ ଏକ ମିଛ ଚିଟ୍ ଫଣ୍ଡ ଖୋଲି
ଶହଶହ ଗରିବଙ୍କ ଟଙ୍କା ଫେରି ପାଇବେ
ଏ ଦୁଃଖ କାହାକୁ କହିବେ ?

ଶ୍ରୀଧର ନାୟକ, ନାମକରା ଜ୍ୟୋତିଷ
ହାତ ଓ ଜାତକ ଦେଖି ଭବିଷ୍ୟତ କହିପାରନ୍ତି
ନିଜ ଝିଅ ଚାକର ସହ ଲୁଚି ଚାଲିଗଲା
ସେ ଜାତକ କିଏ କରିଥିଲା
କେତେ ଛି ଛାକର ଶୁଣିବେ
ଏ ଦୁଃଖ କାହାକୁ କହିବେ ?

ଏମାନଙ୍କ ଦୁଃଖ ଜଗତର ନାଥ ଜଗନ୍ନାଥ
ନା ଯମରାଜା କିଏସେ ଶୁଣିବେ ?

୪୯/୫/ଏଚ୍-୫୫, କାର୍ଲମାର୍କ୍ସ ସରଣୀ
କୋଲକାତା ୭୦୦୦୨୩
ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ନୀଳ ଆମନ୍ତ୍ରଣ



ଡ. ଶୁଭେନ୍ଦୁ ମେହେର

ଯୁଗଯୁଗ ଧରି ଅପେକ୍ଷାରେ ଥିଲି ନୀଳ ପ୍ରେମ ଆମନ୍ତ୍ରଣ
ବୀରହ ବିଧୁରେ ବଞ୍ଚୁଥିଲି ସଖି ମୁହିଁ ନିର୍ବାସିତ ପ୍ରାଣ ।
କୁହୁଡ଼ି ଘେରା ମୋ' କ୍ଳାନ୍ତ ଜୀବନେ ଯେତେଯେତେ ଥିଲା ଦୁଃଖ
ନୀଳ ଆମନ୍ତ୍ରଣେ ଉଦ୍ଭାସିତ ହେଲା ପାଇଲି ଅସୀମ ସୁଖ ।।

ମୁଲାୟମ ଦେହ ଉଷୁମ ପରଶ ଗୋଲାପ ପାଖୁଡ଼ାପରି
ସ୍ନିଗ୍ଧ ଶୀତଳ କୋମଳ ତନୁରେ ପ୍ରେମେ ମତୁଆଲା କରି ।
ଶୀତ ସକାଳର ପହିଲି କାକର ଓଦା କରିଦେଲା ମନ
ଶିଶିର ବିନ୍ଦୁରେ ମୁକ୍ତା ସଦୃଶ ଉତ୍ତାଳ ତରଙ୍ଗମାନ ।।

ଓଠ ମଧୁମିତା ଅତି କୋମଳତା ମଧୁରୁ ମଧୁରତର
ମୁଖଦେଶେ ତା'ର ଚୂର୍ଣ୍ଣ କୁନ୍ତଳ ସର୍ପିଳ ଶୋଭା ସମ୍ଭାର ।
ମୃଦୁ ଆଲିଙ୍ଗନେ ନେଲା ଅଙ୍ଗନେ ଛାତିରେ ମିଶାଇ ଛାତି
ଆଖିଠାର ସାଥେ କଜ୍ଜଳର ଗାର ଭ୍ରମିତ  କଜଳପାତି ।।

ଦେହ ପୁଲକିତ ଭୁଲି ସେ' ସଙ୍ଗୀତ ଫୁଟାଇଲା ପାରିଜାତ
ମିଠା ଚୁମ୍ବନେ ବାହୁ ବନ୍ଧନେ କଲା ସେ' ଅଭିମନ୍ତ୍ରିତ ।।

ଯାଲେ୍ଏ, ସୁବର୍ଣ୍ଣପୁର

ISSN NO.
2582-208X

# ଦେଶ ବିଦେଶରେ ଦୀପାବଳି



ପ୍ରତିମା ପାତ୍ର

ଦୀପାବଳି ଏକ ଆଲୋକର ପର୍ବ ଅଟେ । ଯେକୌଣସି ପର୍ବ ସଂସ୍କୃତି ସମୃଦ୍ଧି, ମାନବ ଏକତା, ପ୍ରକୃତି ସଂରକ୍ଷଣ ଏବଂ ଜୀବନରେ ଆନନ୍ଦ ପାଇବା ନିମନ୍ତେ କରାଯାଇଥାଏ । ଭାତରବାସୀ ଅନେକ ପର୍ବ ପାଳନ କରୁଥିବା ବେଳେ ସେହି ପର୍ବ ଗୁଡିକ ମଧ୍ୟରେ ମୁଖ୍ୟ ପର୍ବ ଗୁଡିକ ହେଉଛି ହୋଲି, ରାକ୍ଷୀ ପୂର୍ଣ୍ଣିମା, ଦଶହରା, ଦୀପାବଳି । ଏହି ପର୍ବ ଗୁଡିକ ମଧ୍ୟରେ ଦୀପାବଳି ପର୍ବଟି ଅତ୍ୟନ୍ତ ଶ୍ରେଷ୍ଠ କାରଣ ଏହାକୁ କେବଳ ଭାରତରେ ପାଳନ ନକରି ସାରା ବିଶ୍ୱରେ ପାଳିତ ହୋଇଥାଏ । ତେଣୁ ଦୀପାବଳିକୁ କେବଳ ଆଲୋକର ପର୍ବ କହିବା କଦାପି ଉଚିତ୍ ହେବ ନାହିଁ । ଏହା ଅନ୍ଧକାରକୁ ଦୂର କରିବା ସହିତ ଭାଇଚାରାକୁ ବୃଦ୍ଧି କରିଥାଏ । ଅନ୍ୟାୟ ଉପରେ ଧର୍ମର ବିଜୟ ରୂପରେ ଏହି ପର୍ବକୁ ଭାତରେ ପାଳନ କରନ୍ତି । ଆସନ୍ତୁ ଜାଣିବା ବିଦଶରେ କିପରି ଦୀପାବଳି ପାଳନ କରାଯାଏ ।

ଫ୍ରାନ୍ସ ----- ଫ୍ରାନ୍ସ ସହରରେ ପାଳନ ହେଉଥିବା ଆଲୋକ ପର୍ବକୁ 'ଲା ଫେଟେ ଡେସ୍ ଲୁମିଏରେସ୍' କୁହାଯାଏ । ଏହି ପର୍ବ ଫ୍ରାନ୍ସର ଲ୍ୟୋନ୍ ସହରରେ ପାଳନ ହୋଇଥାଏ । ଏହାକୁ ପ୍ରତ୍ୟେକ ବର୍ଷ ଡିସେମ୍ବର ଆଠ ତାରିଖରେ ଆଖ ପାଖରେ ପାଳନ କରାଯାଏ । ଏହି ଉତ୍ସବ ୧୬୪୩ ମସିହାରେ ଯୀଶୁଙ୍କ ମାତା ମେରୀଙ୍କୁ କୃତଜ୍ଞତା ଏବଂ ପ୍ଲେଗ୍ ରୋଗରେ ଆକ୍ରାନ୍ତ ହୋଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ରୂପରେ ପାଳନ ହୋଇଥିଲା । ସେହି ଦିନଠାରୁ ଫ୍ରାନ୍ସ୍ ବାସୀ ଏହି ଉତ୍ସବକୁ ବହୁତ ଉତ୍ସାହର ସହିତ ପାଳନ କରନ୍ତି । ଏହି ଉତ୍ସବ ଚାରିଦିନ ପର୍ଯ୍ୟନ୍ତ ପାଳନ ହୋଇଥାଏ । ଏହି ସମୟରେ ପୂରା ସହରଟି ରଙ୍ଗୀନ ଆଲୋକ ମାଳାରେ ଝଲସିଯାଏ । ଏହାକୁ ଦେଖିବାକୁ ଦେଶ ବିଦେଶର ଲୋକ ଏକତ୍ରିତ ହୁଅନ୍ତି ।

ISSN NO.
2582-208X

ଅଷ୍ଟ୍ରେଲିଆ:---ଅଷ୍ଟ୍ରେଲିଆର ରାଜାଧାନୀ ସିଡନୀରେ ଆଲୋକର ପର୍ବ ତେଇଶି ଦିନ ପର୍ଯ୍ୟନ୍ତ ପାଳନ କରାଯାଏ । ୨୦୦୯ ମସିହାରୁ ସିଡନୀ ବାସୀ ଆଲୋକ ପର୍ବକୁ ପାଳନ କରି ଆସୁଛନ୍ତି । ଏହାର ମୁଖ୍ୟ ଆକର୍ଷଣ ହେଉଛି ବିଶାଳ କୋଠା ଗୁଡିକରେ ଆଲୋକ ପ୍ରୋଜେକ୍ସନ୍, ସ୍ଥାନୀୟ ଓ ଅନ୍ତର୍ଜାତୀୟ ଗାୟକଙ୍କ ଦ୍ଵାରା ସଂଗୀତ କାର୍ଯ୍ୟକ୍ରମ, ନୂତନ ଚିନ୍ତା ଚେତନାକୁ ଆଲୋଚନା ଓ ବିସ୍ତାର କରିବା । ଏହାକୁ ଭିଭିଡ୍ ସିଡନୀ କୁହାଯାଏ । ଏଠାର ଲୋକମାନେ ପ୍ରକୃତିକୁ ସଂରକ୍ଷିତ କରିବା ନିମନ୍ତେ ପ୍ରାକୃତିକ ବସ୍ତୁରେ ନିର୍ମିତ ଆଲୋକ ବ୍ୟବହାର କରନ୍ତି । ଏହା ବିଶ୍ଵର ସବୁଠାରୁ ବଡ ଆଲୋକ ପର୍ବ ରୂପରେ ଲୋକଙ୍କ ଠାରୁ ଅଧିକ ଶ୍ରଦ୍ଧା ପାଇ ପାରିଛି ।

ବ୍ରାଜିଲ୍--ବ୍ରାଜିଲର ରାଜଧାନୀ ରିୟୋ ଡି ଜେନେରିୟୋ ରେ ଆଲୋକର ପର୍ବକୁ ଫ୍ରୀଟାସ ଲେଗୁନା ରୂପରେ ପାଳନ କରନ୍ତି । ଏହି ଉତ୍ସବ ବେଳେ ଏକ ବିଶାଳ ଧାତୁରେ ନିର୍ମିତ କୃତ୍ରିମ କ୍ରିସମସ ବୃକ୍ଷ ସ୍ଥାପନ କରାଯାଏ । ଯାହାର ଉଚ୍ଚତା ୮୫ ମିଟର(୨୭୮ ଫୁଟ) । ଏହାକୁ ତିରିଶି ଲକ୍ଷରୁ ଅଧିକ ବିଭିନ୍ନ ଆଲୋକ ବତୀରେ ସଜ୍ଜିତ କରି ସେଥିରେ ଆତସବାଜି କରାଯାଏ । ଅଧିକ ମନୋରଞ୍ଜନ ନିମନ୍ତେ ଲୋକମାନେ ନାଚ ଗୀତ ମେଳା ଓ ବିଭିନ୍ନ ଖାଦ୍ୟ ଉପଭୋଗ କରନ୍ତି । ଏହି କୃତ୍ରିମ ବୃକ୍ଷ ଗିନିସ୍ ୱାଲ୍ଡ ରିକାର୍ଡରେ ସ୍ଥାନ ପାଇଛି ।

ନେପାଳ-- ନେପାଳରେ ଦୀପାବଳି ପାଞ୍ଚଦିନ ପର୍ଯ୍ୟନ୍ତ ପାଳନ କରାଯାଏ । ପ୍ରଥମ ଦିନ କାଉ କୁ ପୂଜା କରନ୍ତି, ଦ୍ଵିତୀୟ ଦିନ କୁକୁର, ତୃତୀୟ ଦିନ ଗାଇ, ଚତୁର୍ଥ ଦିନ ମାଆ ଲକ୍ଷ୍ମୀ ଏବଂ ଶେଷ ଦିନ ଭାଇ ମାନଙ୍କ ଦୀର୍ଘ ଜୀବନ କୁଶଳ କାମନା କରି ଭଉଣୀ ମାନେ ପୂଜା କରନ୍ତି ଯାହାକୁ ଭାଇଟୀକା କୁହାଯାଏ । ଏହି ସମୟରେ ଗୃହ ଏବଂ ସହରର ପ୍ରତ୍ୟେକ ସ୍ଥାନକୁ ଆଲୋକରେ ସୁସଜ୍ଜିତ କରାଯାଏ । ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଶୁ ପକ୍ଷୀ ମାନଙ୍କୁ ଖାଦ୍ୟ ପ୍ରଦାନ କରି ସେମାନଙ୍କୁ ସଂରକ୍ଷଣ କରିବା ଯାହା ଦ୍ଵାରା ଆମ ପ୍ରକୃତି ସନ୍ତୁଳିତ ହୋଇ ରହିବ । ପ୍ରକୃତି ସନ୍ତୁଳିତ ହେଲେ ମାନବ ସମାଜ ସମୃଦ୍ଧି ଲାଭ କରିବ ।

ସିଙ୍ଗାପୁର ଓ ମାଲେସିଆ---ବିଭିନ୍ନ ଜାତି ଏବଂ ସଂସ୍କୃତିର ମିଳିତ ସ୍ଥାନ ହେଉଛି ମାଲେସିଆ। ଏଠାରେ ହିନ୍ଦୁମାନେ ଅଧିକ ନିବାସ କରୁଥିବା ଯୋଗୁଁ ଭରାତ ସମାନ

ISSN NO.
2582-208X

ମାଲେସିଆରେ ମଧ୍ୟ ଦୀପାବଳି ଉତ୍ସବ ବହୁତ ଉଲ୍ଲାସର ସହିତ ପାଳିତ ହୁଏ । ଆସନ୍ତୁ ଜାଣିବା ମାଲେସିଆରେ ପାଳିତ ଦୀପାବଳିକୁ କାହିଁକି 'ହରି ଦୀପାବଳି' କୁହାଯାଏ । ହରି ର ହିନ୍ଦୀ ଅର୍ଥ ହେଉଛି ସବୁଜ ଯାହା ପ୍ରକୃତିର ରଙ୍ଗ । ହରି ଦୀପାବଳୀ ଅର୍ଥ ସବୁଜ ଦୀପାବଳି । ଦୀପାବଳିରେ ଲୋକମାନେ ଆତସବାଜି ବହୁଳ ଭାବରେ ବ୍ୟବହାର କରନ୍ତି କିନ୍ତୁ ମାଲେସିଆରେ ଆତସବାଜି କରିବା ବାରଣ କରାଯାଇଥିବା ଯୋଗୁଁ, ଲୋକେ କେବଳ ଦୀପ ବିଭିନ୍ନ ବିଦ୍ୟୁତ୍ ବଲ୍ ରେ ସାରା ସହରକୁ ଆଲୋକିତ କରନ୍ତି । ଆତସବାଜିରୁ ନିର୍ଗତ ଧୂଆଁ ପ୍ରକୃତି ନିମନ୍ତେ କ୍ଷତିକାରକ ହୋଇଥିବା ବେଳେ, ମାଲେସିଆ ଏହା ବାରଣ କରି ପ୍ରକୃତିକୁ ରକ୍ଷା କରୁଛି । ତେଣୁ ସେଠାକାର ଦୀପାବଳିକୁ' ହରି ଦୀପାବଳି' କୁହାଯାଏ ।

ଶ୍ରୀଲଙ୍କା--ଆମ ପଡୋଶୀ ଦେଶ ଶ୍ରୀଲଙ୍କା ଯେଉଁଠି ରାବଣ ବହୁ ପୂର୍ବରେ ରାଜୁତି କରୁଥିଲା ସେହି ଦେଶରେ କିପରି ଦୀପାବଳି ପାଳନ ହୁଏ ଆସନ୍ତୁ ଜାଣିବା । ଭାରତ ସମାନ ଶ୍ରୀଲଙ୍କାର ହିନ୍ଦୁ ସମୁଦାୟ ଲୋକମାନେ ଦୀପାବଳି ଦିନକୁ ବହୁତ ଉତ୍ସାହର ସହିତ ପାଳନ କରନ୍ତି । ସକାଳୁ ଉଠି ତେଲରେ ସେମାନେ ସ୍ନାନ କରି ନୂତନ ବସନ ପରିଧାନ କରିବା ପରେ ଗୃହର ମୁଖ୍ୟ ଦ୍ୱାରରେ ଚାଉଳ ଅଟାରେ ଝୋଟି ତିଆରି କରି ଗୃହରେ ପୂଜା ଅର୍ଚ୍ଚନା କରନ୍ତି । ବନ୍ଧୁ ବାନ୍ଧବ ମାନଙ୍କୁ ଆମନ୍ତ୍ରଣ କରି ଖାଦ୍ୟ ପେୟ ପ୍ରଦାନ କରି ଅତିଥି ସତ୍କାର କରନ୍ତି । ସନ୍ଧ୍ୟା ବେଳେ କଦଳୀପତ୍ରରେ ନିର୍ମିତ ଦୀପ ପ୍ରଜ୍ଜ୍ୱଳନ କରିବା ପରେ ଲଣ୍ଠନ ଭିତରେ ମହମ ବତୀ, ଟଙ୍କାଟିଏ ଏବଂ ଧୂପ ରଖି ନଦୀରେ ପ୍ରବାହିତ କରନ୍ତି । ଶ୍ରୀଲଙ୍କାର ରାଜଧାନୀ କଲୋମ୍ବୋ ସହରରେ ସନ୍ଧ୍ୟା ସମୟରେ ସବୁ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ପ୍ରାଚୀନ ଶିବ ମନ୍ଦିର ପୋନ୍ନମ୍ବଲବନେଶ୍ୱରରେ ପୂଜା ଅର୍ଚ୍ଚନା କରନ୍ତି । ମନ୍ଦିର ଚତୁର୍ପାଶ୍ୱକୁ ଦୀପରେ ସୁସଜ୍ଜିତ କରନ୍ତି ।

ନେଦରଲ୍ୟାଣ୍ଡ---ନେଦରଲ୍ୟାଣ୍ଡରେ ଛଅଟି ଆଲୋକ ପର୍ବ ପାଳିତ ହୁଏ । ସେହି ମଧ୍ୟରୁ ଆମଷ୍ଟରଡାମ ଆଲୋକ ଉତ୍ସବ ଅଧିକ ଦିନ ତକ ପାଳନ କରାଯାଏ । ନେଭେମ୍ବର ମାସରୁ ଆରମ୍ଭ ହୋଇ ଜାନୁଆରୀ ପର୍ଯ୍ୟନ୍ତ ୫୩ ଦିନ ତକ ଚାଲୁରଖେ । ବିଭିନ୍ନ ଆଲୋକ କଳାକୃତିରେ ଡଚ୍ କେନାଲ୍ ଉପକୂଳ ଅଞ୍ଚଳକୁ ସଜ୍ଜିତ କରାଯାଏ । ପାଖା- ପାଖି କୋଡିଏରୁ ଅଧିକ ଆଶ୍ଚର୍ଯ୍ୟ ଜନକ କଳାକୃତି ଦେଖିବାକୁ ମିଳେ । ପର୍ଯ୍ୟଟକ ମାନେ ଡଙ୍ଗ୍ ସାହାଯ୍ୟରେ ବିହାର କରି ଏହି ଅଦ୍ଭୁତ ଦୃଶ୍ୟ ଉପଭୋଗ କରନ୍ତି ।

ISSN NO.
2582-208X

ଜାପାନ-- ଜାପାନର ଦୀପାବଳିକୁ ମିଳନ ଉତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଜାପାନୀ ଏବଂ ଭାରତୀୟ ଲୋକମାନେ ଏକତ୍ରିତ ହୋଇ ଦୀପାବଳି ପାଳନ କରିଥାନ୍ତି । ୟୋକୋହାମା ସହର ଦୀପାବଳି ଉତ୍ସବ ପ୍ରତିବର୍ଷ ଆୟୋଜନ କରିଥାଏ । ଏହି ଉତ୍ସବ ଜାପାନର ସବୁଠାରୁ ପ୍ରତୀକ୍ଷିତ ଉତ୍ସବ ମଧ୍ୟରୁ ଗୋଟିଏ । ଏଥିରେ ଜାପାନୀ ନାଗରିକ ଏବଂ ଦେଶଗାରା ଭାରତୀୟ ବାସିନ୍ଦା ଏକତ୍ରିତ ହୋଇ ସାଂସ୍କୃତିକ ଆଦାନ ପ୍ରଦାନ ଦ୍ୱାରା ପ୍ରସ୍ୱାହନ କରନ୍ତି । ଜାପାନୀ କଳାକାର ମାନେ ଭାରତୀୟ ଶାସ୍ତ୍ରୀୟ ଓ ବଲିଉଡ୍ ନୃତ୍ୟ ପ୍ରଦର୍ଶନ କରି ଲୋକଙ୍କ ମନୋରଞ୍ଜନ କରନ୍ତି । ଏହି ଉତ୍ସବ ସମୟରେ ନୃତ୍ୟ ଗୀତ, ରଙ୍ଗୋଲି ଏବଂ ଲଣ୍ଠନ ତିଆରି ପ୍ରତିଯୋଗିତା ରଖାଯାଇଥାଏ । ଶେଷରେ ଭାରତୀୟ ପାରମ୍ପରିକ ଖାଦ୍ୟ ସମସ୍ତଙ୍କୁ ପରଷା ଯାଇଥାଏ । ତେଣୁ ଏହାକୁ ଦୁଇଟି ଦେଶର ମିଳନ ଉତ୍ସବ ରୂପରେ ଦେଖାଯାଏ ।

ଇଂଲଣ୍ଡ-- ଇଂଲଣ୍ଡରେ 'ଗାର୍ଡ ଫାଗ୍ସ ଡେ' ନାମକ ଦୀପାବଳି ସମ ଏକ ପର୍ବ ପାଳନ କରାଯାଏ । ଏହି ଦିନ ଲୋକମାନେ ଆତସବାଜି କରି ମୌଜ ମସ୍ତି କରନ୍ତି । ଚନ୍ଦନ କାଠ ଗୁଡିକୁ ଜଳାଇ ଆଲୋକିତ କରି ଯୁବକ ଯୁବତୀ ମାନେ ତାହାର ପରିକ୍ରମା କରି ନୃତ୍ୟ ଗୀତ କରି ସମୟ ବିତାନ୍ତି ।

ଥାଇଲାଣ୍ଡ-- ଥାଇଲାଣ୍ଡ ରେ ପାଳନ ହେଉଥିବା ଆଲୋକର ପର୍ବକୁ 'ଲାଭ କ୍ରାୟୋଗ' କୁହାଯାଏ । ଏହି ଦିନ ଥାଇଲାଣ୍ଡର ଲୋକମାନେ ନଦୀରେ ଦୀପ ପ୍ରବାହିତ କରିଥାନ୍ତି । ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ନଦୀରେ ଦୀପ ପ୍ରବାହିତ କରିବା ଦ୍ୱାରା ଲୋକଙ୍କ ଭିତରେ ରହିଥିବା ପାପ ଦୂର ହୋଇଥାଏ । ଥାଇଲାଣ୍ଡରେ ଦୀପାବଳିକୁ ଆଲୋକ, ବିଶ୍ୱାସ, ସଂସ୍କୃତି ଏବଂ ବନ୍ଧୁତାର ଉତ୍ସବ ରୂପରେ ପାଳନ କରାଯାଏ ।

ଶେଷରେ ଏତିକି କହିବାକୁ ଚାହୁଁଛି ପରଂପରା ରୀତି ନୀତି ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ପ୍ରତ୍ୟେକ ଉତ୍ସବ ପଛରେ ଗୋଟିଏ ଉଦ୍ଦେଶ୍ୟ ହେଉଛି ମାନବ ଭିତରେ ଏକତାର ଭାବ ସୁଦୃଢ଼ କରିବା ପ୍ରକୃତିକୁ ସୁରକ୍ଷିତ ରଖିବା ଏବଂ ମାନବତ୍ୱକୁ ସ୍ଥିର କରି ଅଜ୍ଞାନ ରୂପକ ଅନ୍ଧକାର ଦୂର କରିବା ।

ବରଗଡ

ISSN NO.
2582-208X

# ମୃଦ୍ୟୁହତ୍ୟା

ସ୍ୱାଗତିକା ନାଏକ

ତୁମେ ତୁମକୁଖୋଜ ନିଜକୁ ନିଜେ
ମୋ ମନ ଭାବନାରେ,
ମୋ ଶରୀରର ଶିରା ପ୍ରଶିରାରେ
ମୋ ହୃଦୟର ସ୍ପନ୍ଦନରେ,
ମୋନୀବନର ପ୍ରତିଟି କ୍ଷଣରେ
ଯେମିତି ମୋ ଜନ୍ମ ସମର୍ପିତ ତୁମରି ଜନ୍ମରେ।
ହେଲେ ମୁଁ ଯେବେ ଖୋଜେ ନିଜକୁ ମୁଁ
ତୁମର ଆଖିର ପଲକରେ,
ତୁମର ଓଠର ହସରେ,
ତୁମେ ଖୋଜୁଥିବା ମଣିଷ ଭିତରେ,
ମୁଁ ହୁଏ ଶିକାର ତୁମ ପ୍ରବଞ୍ଚନାରେ କାହିଁକି ଏ ମୃଦ୍ୟୁ ହତ୍ୟା ?
ଏକ ସମର୍ପିତ ହୃଦୟର ତୁମରି ଜ୍ଞାତରେ ।

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# କାଗଜ ଡଙ୍ଗା



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ହାଲୁକା ଫୁଲୁକା କାଗଜ ଡଙ୍ଗାର, ବରଷା ବଦଳ ପାଣି
ସଙ୍ଗେ ଥାଏ ତାଳ-ମେଳ" ଯେହ୍ନଥାଏ ଜୀବନ ସହିତ ପ୍ରାଣୀ
କାଗଜରେ ଗଢେ ସୁକୁମାର ଶିଶୁ ବିଧାତା ଯେହ୍ନେ ଜୀବନ
ଗଢି ସମାଜରେ ଚେତନା ଦିଅଇ ହେବାକୁ ଚଳତ୍‌ମାନ ।।

ବରଷା ଆସିଲେ ମନେପଡେ ସେଇ କାଗଜ ଡଙ୍ଗାର କଥା
ଗଢି, ଗାଆଁ ଦାଣ୍ଡ ବଦଳ ପାଣିରେ ଭସାଇବା ମାଦକତା
ଆନନ୍ଦ ଉତ୍ତାଳ ସମୟର ତାଳେ ସପନ ଯାଇଛି ହୋଇ
ଆଗଭଳି ଆଉ କାଗଜ ର ଡଙ୍ଗା ଗାଆଁ ଦାଣ୍ଡେ ଭାସୁନାହିଁ ।।

କ୍ଷଣିକ ଆନନ୍ଦ କାଗଜ ଡଙ୍ଗାକୁ ଗଢି ଭସାଇବା ଦିଏ,
ସେମିତି "ଜୀବର" ଜୀବନ କ୍ଷଣିକ ଆନନ୍ଦରେ କଟିଥାଏ
ଶେଷେ ସେହି ଡଙ୍ଗା ସ୍ରୋତ ଧାରେ ପଡି ପାଣିରେ ମିଳାଇ ଯାଏ
ତେମନ୍ତେ ଜୀବନ ସଂସାର ଜଞ୍ଜାଳ ସ୍ରୋତେ କ୍ଷଣେ ଲୀନ ହୁଏ ।।

ଜୀବ ଜଗତ ର ଶ୍ରେଷ୍ଠ ପ୍ରାଣୀ ନର ମାନବିକତାର ଗୁଣ
କହଇ ପ୍ରଫୁଲ୍ଲ ରଖ ତୁ, ନହୋଇ କାଗଜ ଡଙ୍ଗା ସମାନ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା
ମୋ: ୮୨୪୯୨୩୪୧୪୩

ISSN NO.
2582-208X

# ଲାଜ



ସିନ୍ଧୁ ନନ୍ଦିନୀ

ଲାଜ ଅଟଇ ନାରୀର ଗହଣା
ନାରୀର ଲାଜ ଭୂଷଣ
ଲାଜର ସଣ୍ଡଣା ଅମୂଲ୍ୟ ଗହଣା
ନାରୀର ବଢ଼ଇ ମାନ

ଓଢ଼ଣା ତଳେ ଲାଜ ଲୁଚିଥାଏ
ଲାଜ ଅଟେ ଅଳଙ୍କାର
ଲାଜ ହୃଦୟର ଆଲୋକ ରୋଷଣୀ
ସ୍ୱର୍ଗୀୟ ଅନୁଭବର

ସବୁବେଳେ ଲାଜ ସମ୍ମାନର ଯୋଗ୍ୟ
ଯୁଗେ ଯୁଗେ ପାଏ ଶ୍ରଦ୍ଧା
ଲାଜେ ଖେଳି ଯାଏ ସୁଖର ଲହରି
ମନେ ଭରି ଶୀତଳତା

କୂଳବଧୂ ହାତେ ଓଢ଼ଣା ପକାଇ
ଲାଜେ ଗାଏ ମଧୁ ଗୀତି

ISSN NO.
2582-208X

ରହିଥାଏ ଚାହିଁ ଚାନ୍ଦ ଜୋସ୍ନା କୁ
ଲାଜରେ ବଢ଼ଇ ପ୍ରୀତି

କୁଆଁରୀ ଝିଅଙ୍କ ଆଖିରେ ଆଖିଏ
ଲାଜ ଭରା ସପନ
ହଜିଗଲାଣି ସେଇ ପିଲା ଦିନ
କୁଆଁର ପୁନେଇଁ ଜହ୍ନ

ପ୍ରେୟସୀ ର ଲାଜ ଓଢ଼ଣୀ ତଳେ
ଫଗୁଣ ବାସଇ ମନ
ଶୀତଳତା ଭାବ ମନେ ଭରିଯାଏ
ପାଉଁଜି କରେ ଗାୟନ

ଆଧୁନିକତା ସମାଜ କୁ ଆଜି
କରିଅଛି କବଳିତ
ଲାଜ ସରମ ସବୁ ଭୁଲିଗଲେଣି
ପରମ୍ପରା ପ୍ରଦୂଷିତ

ଭୁବନେଶ୍ୱର

ISSN NO.
2582-208X

# ବାମଣ୍ଡାର ମହାନ୍ ସାହିତ୍ୟସ୍ରଷ୍ଟା- ଜଳନ୍ଧର ଦେବ



ମନୀଷା ରାୟ

ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟକୁ ଯେଉଁ କେତେଜଣ ସୁସାହିତ୍ୟିକ ପ୍ରତ୍ୟକ୍ଷ ଭାବେ ସମୃଦ୍ଧ କରୁଥିଲେ, ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ସର୍ବାଧିକ ଲୋକପ୍ରିୟ ସାହିତ୍ୟକାର ଜଳନ୍ଧର ଦେବ । କେବଳ ସେ ବାମଣ୍ଡା ଗଡ଼ଜାତ ରାଜବଂଶର ସଦସ୍ୟ ଭାବେ ପ୍ରସିଦ୍ଧି ହାସଲ କରିନଥିଲେ । ତାଙ୍କ ସମୟରେ ଅନେକ ରାଜବଂଶ ଥିଲା ଏବଂ ଅନେକ ରାଜବଂଶୀୟ ପୁରୁଷ ସାହିତ୍ୟ ସାଧନାରେ ବ୍ରତୀ ଥିଲେ ସୁଦ୍ଧା ଜଣେ ସଚ୍ଚୋଟ ସାହିତ୍ୟ ସାଧକ ଭାବେ ଜଳନ୍ଧର ଦେବ ଯେପରି ଜନପ୍ରିୟତା ହାସଲ କରିଥିଲେ, ତାଙ୍କ ପରି ଅନ୍ୟ କେହି ରାଜା ଓ ଯୁବରାଜ ଏତେଟା ଖାସ୍ କୃତିତ୍ୱ ଉପଲବ୍ଧ କରିପାରିନଥିଲେ ।

ବାମଣ୍ଡାର ଏଇ ବରେଣ୍ୟ ସାହିତ୍ୟ ସାଧକ ଜଳନ୍ଧର ଦେବଙ୍କ ଜନ୍ମ ୧୫ ଅକ୍ଟୋବର ୧୮୭୦ ମସିହାରେ ହୋଇଥିଲା । ସମ୍ପର୍କରେ ସେ ଥିଲେ ବାମଣ୍ଡା-ଗଙ୍ଗବଂଶର ରାଜା ମହାରାଜ ସାରବାସୁଦେବ ସୁଢ଼ଳ ଦେବଙ୍କ ସମ୍ପର୍କୀୟ ଭାଇ । ଖୁବ୍ ଛୋଟ ବେଳୁ ନିଜ ମାତାଙ୍କୁ ହରାଇଥିଲେ ଜଳନ୍ଧର ଦେବ । ମାତୃହୀନ ହୋଇ ଖୁବ୍ ଦୁଃଖ କଷ୍ଟ ଓ ଯନ୍ତ୍ରଣାର ଶିକାର ହୋଇଥିଲେ ସେ । ଯଦ୍ୟପି ରାଜମାତାଙ୍କ ସ୍ନେହ, ଆଦର, ଲାଳନ ପାଳନରେ ତାଙ୍କ ବାଲ୍ୟବସ୍ଥା କଟିଥିଲେ ମଧ୍ୟ ତଥାପି କେଉଁଠି ନା କେଉଁଠି ସେ ମାତୃସୁଖର ଅଭାବବୋଧକୁ ଆତ୍ମିକ ଭାବେ ହୃଦୟଙ୍ଗମ କରୁଥିଲେ । ମହାରାଜ ସାର୍ ବାସୁଦେବ ସୁଢ଼ଳ ଦେବଙ୍କ ପୁତ୍ର ସଚ୍ଚିଦାନନ୍ଦ ଦେବ ଥିଲେ ତାଙ୍କ ବାଲ୍ୟସାଥୀ ଓ ବାଲ୍ୟ ସହପାଠୀ । ଦୁହେଁ ଗୋଟିଏ ବିଦ୍ୟାଳୟରେ ପାଠ ପଢ଼ୁଥିଲେ । ବିଦ୍ୟାଳୟରେ ପଢ଼ୁଥିବାବେଳେ 'ବାମଣ୍ଡା ଛାତ୍ର ସମ୍ମିଳନୀ'ର ସମ୍ପାଦକ ଭାବେ କାର୍ଯ୍ୟଭାର ଜଳନ୍ଧର ଦେବ ତୁଲାଉଥିବାବେଳେ ସଭାପତି ଥିଲେ ସଚ୍ଚିଦାନନ୍ଦ ଦେବ ।

ISSN NO.
2582-208X

ବାମଣ୍ଡାର ରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ଦେହାନ୍ତ ପରେ ସାଲ ୧୯୦୩ରେ ସଚ୍ଚିଦାନନ୍ଦ ଦେବ ସିଂହାସନ ଆରୋହଣ କରିଥିଲେ । ଶଂସିତ ସମୟରେ ସେ ନିଜ କକା ଅର୍ଥାତ ଜଳନ୍ଧର ଦେବଙ୍କୁ ବାମଣ୍ଡାର ଦେୱାନ୍ ପଦ ଅର୍ପଣ କରିଥିଲେ । ଏହି ରାଜକୀୟ ପଦକୁ ଜଳନ୍ଧର ଦେବ ଅତି ସମ୍ମାନର ସହ ଗ୍ରହଣ କରିଥିଲେ । ପରେ ଏହି ପ୍ରଶାସନିକ ଗୁରୁ ଦାୟିତ୍ୱକୁ ସେ ଅତି ଚତୁରତା ଓ ଦକ୍ଷତାର ସହ ସମ୍ପାଦନ କରି ବେଶ୍ ଚର୍ଚ୍ଚିତ ଦେୱାନ୍ ଭାବେ ପ୍ରସିଦ୍ଧି ହାସଲ କରିଥିଲେ । ତଥାପି ଏତେ ବ୍ୟସ୍ତବହୁଳ ରାଜକାର୍ଯ୍ୟକୁ ଦକ୍ଷତାର ସହ ତୁଲାଇବା ସମୟରେ ସେ କେବେ ବି ନିଜ ମାନସ ସନ୍ତାନ ସାହିତ୍ୟ ସର୍ଜନାରୁ ଓହରିଯାଇନଥିଲେ । କାର୍ଯ୍ୟଚାପରେ ଏହାକୁ ହତାଦର କରିବାର ଭାବନା ତାଙ୍କ ମସ୍ତିଷ୍କରେ ଉଙ୍କି ମାରିନଥିଲା । ଉଭୟ ଗୁରୁଦାୟିତ୍ୱକୁ ସମାନ ମର୍ଯ୍ୟାଦା ଦେଉଥିଲେ ମଧ୍ୟ ସେ ପ୍ରାୟତଃ ସାହିତ୍ୟ ସାଧନ ପ୍ରତି ଅଧିକ ସମ୍ବେଦନଶୀଳ ।

ପ୍ରାୟତଃ ମାତୃହୀନ ହୋଇଥିବାରୁ ତାଙ୍କ ଜୀବନ ଦୁଃଖ ଯନ୍ତ୍ରଣାସିକ୍ତ ଥିଲା । ସେହେତୁ ଏସବୁର ପ୍ରଶମନ ନିମିତ୍ତ ସେ ଅଧିକ ସମୟରେ ସାହିତ୍ୟ ସର୍ଜନାରେ ନିମଗ୍ନ ରହୁଥିଲେ । ପରନ୍ତୁ ଏହା ସତ୍ୱେ ବି ସେ ବାଲ୍ୟକାଳରୁ ମାତୃସ୍ନେହ ପ୍ରତି ଗଭୀର ଭାବେ ଆସକ୍ତି ଥିଲେ । ନିୟମିତ ଭାବେ ସେ କିଛି ନା କିଛି ରଚନାତ୍ମକ ଅଭ୍ୟାସରେ ନିଜକୁ ଲିପ୍ତ ରଖୁଥିଲେ । ବିଭିନ୍ନ ପତ୍ରପତ୍ରିକାରେ ସେ ନିଜ ରଚିତ କବିତା, ପ୍ରବନ୍ଧ, ଗଳ୍ପ, ଭ୍ରମଣ କାହାଣୀ ମାନ ପ୍ରକାଶ କରୁଥିଲେ ।

ସେ " ସମ୍ବଲପୁର ହିତୈଷିଣୀ" 'ଆଲୋଚନା', 'ଉତ୍କଳ ମଧୁପ', 'ଶଙ୍ଖ' ପତ୍ରିକା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ । ଏତଦ୍ ବ୍ୟତୀତ ସମ୍ପାଦକ ଭାବେ ଜଳନ୍ଧର ଦେବ 'ଉତ୍କଳ ମଧୁପ' ଓ 'ଶଙ୍ଖ'ର ସମ୍ପାଦକୀୟ କାର୍ଯ୍ୟ ଅତ୍ୟନ୍ତ ସୁରୁଖୁରୁରେ ସମ୍ପାଦିତ କରିବାରେ କେବେ ବି ଅବହେଳା କରୁନଥିଲେ । ତାଙ୍କ ଷାଠିଏ ବର୍ଷର ସାହିତ୍ୟ ସାଧନା ଭିତରେ ସେ ତିରିଶି ଗୋଟି ପ୍ରବନ୍ଧର ରଚୟିତା ଥିଲେ । ଯାହା ଥିଲା ସେ ସମୟରେ ଏକ ବିରଳ ଦୃଷ୍ଟାନ୍ତ । ଏହାଛଡ଼ା ତାଙ୍କ ଦ୍ୱାରା ଲିଖିତ ହୋଇଥିଲା ୧୨ଟି ଗଳ୍ପ, ଗୋଟିଏ ନାଟକ, ଦୁଇଟି ଏକାଙ୍କିକା, କିଛି ମନଜିଣା କବିତା ଓ ଭ୍ରମଣକାହାଣୀ । ତାଙ୍କ ଗଳ୍ପ ବିଭାଗର ତର୍ଜମା କଲେ ଜଣାଯାଏ ଯେ, ଯେଉଁ କେତେ ଗଳ୍ପ ସେ ରଚନା କରିଥିଲେ ତାହା ଥିଲା ଶଂସିତ ସମୟର ପ୍ରସିଦ୍ଧ ଗଳ୍ପ ସମ୍ଭାର । ଶ୍ରେଷ୍ଠତା ହିସାବରେ ଦେଖାଗଲେ, ଗୌରୀ ଓ କାହ୍ନୁ, 'ଅତିଥି ସତ୍କାର', 'ଅଶ୍ରୁଧାରା', 'ବିବାହ ଭୋଜି' ଗଳ୍ପ ଥିଲା ଅନ୍ୟତମ ।

ISSN NO.
2582-208X

ପ୍ରକୃତିର ଉପାସକ ଥିଲେ ଜଳନ୍ଧର ଦେବ । ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆଧାର କରି ଅନେକ ସାହିତ୍ୟକୃତି ସେ ସୃଷ୍ଟି କରିଥିଲେ । ତାଙ୍କ ମତରେ 'ସୁଜଳା-ସୁଫଳା, ଶସ୍ୟ ଶ୍ୟାମଳା ଭାରତବର୍ଷ କେବଳ ଏକ ଧର୍ମଭୂମି, ତପୋଭୂମି କିମ୍ବା ଦେବଭୂମି ନୁହେଁ । ଏହାର ପ୍ରାକୃତିକ ସମ୍ବଳର ମଧ୍ୟ ପଟାନ୍ତର ନାହିଁ । ବିଶ୍ୱ ମାନଚିତ୍ରରେ ପବିତ୍ର ଭାରତବର୍ଷର ଭୌଗୋଳିକ ଅବସ୍ଥିତି ହିଁ ଭାରତୀୟ ସଂସ୍କୃତିର ଆଧାରଶୀଳା । କାରଣ । ଭାରତବର୍ଷର ମାଟି, ପାଣି, ପବନରେ ପ୍ରଦର୍ଶିତ ହୁଏ ହିମଚ୍ଛାଦିତ ହିମାଳୟ । ଯେଉଁଠାରେ ବିଦ୍ୟମାନ ବୈଦିକ ଯୁଗରୁ ଦେବାଧିଦେବ ମହାଦେବଙ୍କ କୈଳାସ ପର୍ବତ, ପବିତ୍ର ନଦନଦୀ, ଆଗ୍ନେୟଗିରି, ଜଳପ୍ରପାତ, ପବିତ୍ର ତୀର୍ଥସ୍ଥଳୀ ଇତ୍ୟାଦି ଇତ୍ୟାଦି । ଅରଣ୍ୟ ସମ୍ପଦଭରା ଭାରତର ନୈସ୍ୱର୍ଗୀକ ସୌନ୍ଦର୍ଯ୍ୟ ଜଳନ୍ଧର ଦେବଙ୍କୁ ଆକର୍ଷିତ କରୁଥିଲା ପ୍ରବଳ ଭାବେ । ଯେଉଁଥିପାଇଁ ସେ ମଝିରେ ଏହିସବୁ ପ୍ରାକୃତିକ ବିଭବର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଭ୍ରମଣରେ ଯାଉଥିଲେ ।

କେବଳ ଏତିକିରେ ସୀମିତ ନଥିଲା ତାଙ୍କ ସାହିତ୍ୟ ସର୍ଜନାର ସ୍ରୋତସ୍ୱିନୀ । ଯୁଗାଭିତ୍ତିକ ଭାବେ ସେ ପ୍ରାଚୀନ ଭାରତବର୍ଷର ସବୁ ଯୁଗକୁ ନିରୀକ୍ଷଣ କରି ସାହିତ୍ୟ ସୃଷ୍ଟି କରିବାରେ ନିପୁଣ ଥିଲେ । ଉଦାହରଣ ସ୍ୱରୂପ ବୈଦିକ ଯୁଗ ଓ  ବୈଦିକ ସଭ୍ୟତାକୁ ଲକ୍ଷ୍ୟ ରଖି ସେ ଅନେକ ଗୁଡ଼ିଏ ଆଧ୍ୟାତ୍ମିକ ପ୍ରସଙ୍ଗକୁ ନିଜ ସାହିତ୍ୟରେ ନିଦର୍ଶନ ରୂପେ ଉପସ୍ଥାପନା ବେଶ୍ ଚର୍ଚ୍ଚିତ ହୋଇଥିଲେ । ଏପରିକି ଉପନିଷଦଯୁଗ, ବୁଦ୍ଧଯୁଗ, ପୁରାଣ ଯୁଗ ମଧ୍ୟ ଏଥିରୁ ବାଦ୍ ପଡ଼ିନଥିଲା । ଯଦି ଐତିହାସିକ ଯୁଗ ବାଖ୍ୟା କରାଯାଏ ତେବେ ତାଙ୍କ ସାହିତ୍ୟ ସର୍ଜନାର ଛତ୍ରେ ଛତ୍ରେ ଫୁଟି ଉଠୁଥିଲା ଐତିହାସିକ ଯୁଗର କିମ୍ବଦନ୍ତୀ, ଦୃଷ୍ଟାନ୍ତ, ସ୍ମାରକର ପ୍ରତିଛବି ଓ ପରିଭାଷା । ସାହିତ୍ୟର ସବୁ ବିଭାଗରେ ଧୂରୀଣ ଏହି କାଳଜୟୀ ସାହିତ୍ୟ ସ୍ରଷ୍ଟାଙ୍କର ପ୍ରତ୍ୟେକ ସୃଷ୍ଟିରେ କେବଳ ଭାରତୀୟ ସଂସ୍କୃତିର ରୂପରେଖର ଛିଟା ଦୃଶ୍ୟମାନ ହେଉଛି ।

ବାମଣ୍ଡା ରାଜବଂଶର କର୍ଣ୍ଣଧାର ଥିଲେ ଜଳନ୍ଧର ଦେବ । ଓଡ଼ିଆ ସାହିତ୍ୟାକାଶର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବିରଳ ସାରସ୍ୱତ ସାଧକ । ତାଙ୍କର କବି ପ୍ରତିଭା ଗୁଣ ଊନବିଂଶ ଶତାବ୍ଦୀରୁ ଏଯାବତ୍ ବିଂଶ ଶତାବ୍ଦୀରେ ମଧ୍ୟ ଅମ୍ଳାନ ଓ ଅକ୍ଷୟ ଏଇ ବରେଣ୍ୟ ସାରସ୍ୱତ ସାଧକଙ୍କ ସାହିତ୍ୟିକ ଜୀବନ ଓଡ଼ିଆ ସାହିତ୍ୟ ଇତିହାସର ଛତ୍ରେ ଛତ୍ରେ ବିଦ୍ୟମାନ ଓ ଋଦ୍ଧିମନ୍ତ ହୋଇ ରହିଅଛି । ଏପରି ବାଖ୍ୟା କରିବାର କାରଣ ହେଲା, ଏହି ଅମ୍ଳାନ ପ୍ରତିଭାଧାରୀ ଜଳନ୍ଧର ଦେବ ପ୍ରକୃତରେ ଜଣେ ସାଧାରଣ ବ୍ୟକ୍ତିବିଶେଷ ନଥିଲେ । ସେ ଏକାଧାରରେ

ISSN NO.
2582-208X

ଥିଲେ ସାହିତ୍ୟର ବିଭିନ୍ନ ବିଭାଗରେ ପାରଦର୍ଶିତା ଲାଭ କରିଥିବା ଏକ ଜାତୀୟ ଅନୁଷ୍ଠାନ ଅର୍ଥାତ୍ ଜଣେ ସୁସାହିତ୍ୟିକ ଭାବେ ସେ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଅକ୍ଲେଶରେ ଲେଖନୀ ଚାଳନା କରିବାରେ ସିଦ୍ଧହସ୍ତ ।

ଏପରି କହିବା ହୋଇପାରେ ବାହୁଲ୍ୟ ମାତ୍ର । ପରନ୍ତୁ ସେ ସମୟରେ ତାଙ୍କ ଦ୍ୱାରା ରଚିତ ବିଭିନ୍ନ ପ୍ରକାର ସାହିତ୍ୟକୃତିରେ ସାହିତ୍ୟର ବିଭିନ୍ନ ଯୁଗର ଚିନ୍ତନ ଓ ଚେତନାର କିଛି ନା କିଛି ଛିଟା ଥିବାର ପରିଲକ୍ଷିତ ହେଉଥିଲା । ସୁତରାଂ ବିଶିଷ୍ଟ ସାହିତ୍ୟ ସ୍ରଷ୍ଟା ଜଳନ୍ଧର ଦେବଙ୍କ ସାହିତ୍ୟିକ ଜୀବନ ଦର୍ଶନ  ଓଡ଼ିଆ ସାହିତ୍ୟର ବିଭିନ୍ନ ଯୁଗ ସହ ସମାନ୍ତରାଳ ଭାବେ ଗତି କରିଆସୁଥିଲା । ତେଣୁ ଅତୀର ଜଣେ ବିଜ୍ଞ ସାହିତ୍ୟିକ ରୂପେ ସାହିତ୍ୟରେ ଥିବା ଔଚିତ୍ୟ ଅପେକ୍ଷା ଏହାର ଉଦାର ଅନ୍ତଃକରଣ ନୀତି ସମ୍ବେଦନଶୀଳତା ଉପରେ ଜଳନ୍ଧର ଦେବ ଅଧିକ ଗୁରୁତ୍ୱ ଦେଉଥିଲେ । ତେଣୁ ସେ ସାହିତ୍ୟର ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ ଅଧିକ ଜୋର ଦେଉଥିଲେ । କାରଣ ଜଣେ ଶାଶ୍ୱତ ସାହିତ୍ୟ ସ୍ରଷ୍ଟା ଭାବେ ତାଙ୍କ ଅନୁଭବୀ ମନ ଜାଣିଥିଲା ଯେ, ସାମାଜିକ ଜୀବନଶୈଳୀକୁ ହିଁ ସାହିତ୍ୟ ଦ୍ୱାରା ପ୍ରଭାବିତ କରାଯାଇପାରିବ । କାରଣ ଏଥିରେ ବ୍ୟକ୍ତିଗତ ଅନୁଭବ ଅପେକ୍ଷା ସାମୂହିକ ଅନୁଭବ ଅଧିକ ପ୍ରତିକ୍ରିୟାଶୀଳ ହୋଇଥାଏ । ଅତଃ ତାଙ୍କ ଅଭିମତ ହେଲା, "ସାହିତ୍ୟ ଏକ ସୂକ୍ଷ୍ମ ଅନ୍ତର୍ନିହିତ ଭାବନା ଓ ଜୀବନଦର୍ଶନ । ଯାହାର ତତ୍ୱ ଭିତ୍ତିଶକ୍ତିର ପ୍ରଭାବକୁ କେବଳ ଅନୁଭବ କରିହୁଏ, କିନ୍ତୁ କେବେ ବି ଦେଖିହୁଏ ନାହିଁ ।

ଯଦି ଆମେ ଆମ ଓଡ଼ିଆର ବିଭିନ୍ନ ଯୁଗର ଅବସ୍ଥିତିକୁ ଅବଲୋକନ କରିବା, ତାହାହେଲେ ଅନୁମେୟ ହୁଏ ଯେ, ମଧ୍ୟଯୁଗୀୟ ସାହିତ୍ୟର ଅନ୍ତିମ ପର୍ଯ୍ୟାୟ ପରଠୁ ଏଇ ବରେଣ୍ୟ ସାହିତ୍ୟିକଙ୍କର ଆବିର୍ଭାବ ହୋଇଥିଲା, ଏବଂ ସେ ରାଧାନାଥ ରାୟ ବା ଫକୀରମୋହନ ସେନାପତି ଯୁଗର ସମସାମୟିକ ଥିଲେ । ପ୍ରକାରାନ୍ତରେ କହିଲେ (୧୮୮୦-୧୯୦୯)ହେଉଛି  ପ୍ରଥମ ଯୁଗ ଫକୀରମୋହନ ଯୁଗ । ଏହି ଶଂସିତ କାଳରେ ସେ ବିଭିନ୍ନ ଯୁଗ ସହ ତାଳ ଦେଇ ଓ ତାଳମେଳ ରଖି ଅସଂଖ୍ୟ କୃତି ସମ୍ପଦର ଅଧିକାରୀ ହୋଇଥିଲେ। ଯଦିଓ (୧୯୦୯-୧୯୩୦) ଓଡ଼ିଆ ସାହିତ୍ୟର ସତ୍ୟଯୁଗ ଥିଲା । ପରେ ସବୁଜ ଯୁଗ (୧୯୨୧-୧୯୫୦) ମସିହା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ଅନ୍ୟପକ୍ଷରେ କହିଲେ, ଜଳନ୍ଧର ଦେବଙ୍କ ସାହିତ୍ୟିକ ଯାତ୍ରା (୧୮୮୦-୧୯୦୮) ମସିହା ପର୍ଯ୍ୟନ୍ତ ପରିମିତ ଥିଲେ ସୁଦ୍ଧା ଏହାର ପରିସର ସୀମାତୀତ ଥିଲା । ଆନୁମାନିକ ଭାବେ

ISSN NO.
2582-208X

ଇତିହାସକାରଙ୍କ ମନ୍ତବ୍ୟ ହେଲା, ସମ୍ଭବତଃ ସେ ୧୯୧୯ ମସିହା ପର୍ଯ୍ୟନ୍ତ ସାହିତ୍ୟ ସର୍ଜନାରେ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ ।

ଅଧିକନ୍ତୁ ସେ କେବଳ ଜଣେ ସାଧାରଣ ସାହିତ୍ୟିକ ନଥିଲେ, ଜଣେ ସ୍ୱାଧୀନଚେତା ସାହିତ୍ୟିକ ହିସାବରେ ତାଙ୍କର ପ୍ରତିଟି ସାହିତ୍ୟ କୃତିରେ ଫୁଟିଉଠୁଥିଲା । ନିଜତ୍ୱ ମତବ୍ୟକ୍ତ କରିବାର ସ୍ୱତନ୍ତ୍ର କଳା ଓ ଆସ୍ପର୍ଦ୍ଧା । ସେ ଥିଲେ ଆଜନ୍ମ ସ୍ୱତନ୍ତ୍ର ସ୍ୱଭାବର ଅଧିକାରୀ । ଫଳତଃ ସ୍ୱାଧିନ ମନ୍ତବ୍ୟ ପ୍ରଦାନ କରିବା ଥିଲା ତାଙ୍କର ସହଜାତ ପ୍ରବୃତ୍ତି । ପ୍ରକାରାନ୍ତରେ କହିବାକୁ ଗଲେ, ସେଥିଲେ ଜଣେ ନିରପେକ୍ଷ ସାହିତ୍ୟିକ ଏବଂ କୌଣସି କଥାବସ୍ତୁକୁ ଲେଖନୀ ମୂନରେ ଆଶ୍ରୟ ଦେବା ପୂର୍ବରୁ ଏହାର ସତ୍ୟତାକୁ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଲେଷଣ କରିବାକୁ ସେ ଉଚିତ ମଣୁନଥିଲେ । ସ୍ଥୁଳତଃ ତାଙ୍କର ପ୍ରଥମ ଓ ପ୍ରଧାନ ଆଭିମୂଖ୍ୟ ଥିଲା ଯେ, "ବିନା ଗଭୀର ବିଶ୍ଲେଷଣ ଓ ଖୋଳତାଡ଼ ପୂର୍ବକ ନିଜସ୍ୱ ମତ ପ୍ରଦାନ କରି ଦୃଷ୍ଟି ଆକର୍ଷଣ କରିବା । ଅତଃ ସେ ଅନ୍ୟ କାହାଦ୍ୱାରା ବା ପରାମର୍ଶ ବା ମତକୁ ଅନାୟାସରେ ଗ୍ରହଣ କରି ମତ ବ୍ୟକ୍ତ କରିବାରେ ଆଗ୍ରହୀ ଥିଲେ । ଅର୍ଥାତ୍ ତାଙ୍କ ପ୍ରକୃତି ବା ସ୍ୱଭାବ ପକ୍ଷପାତୀତାର ଘୋର ବିରୋଧି ଥିଲା । ଅନ୍ୟ ଅର୍ଥରେ କହିଲେ, ସେ ଆଦୌ ପକ୍ଷପାତୀ ବା ସ୍ୱେଚ୍ଛାଚାରୀ ଥିଲେ ।

ଏଇ ବରେଣ୍ୟ ସାହିତ୍ୟିକଙ୍କର ଅନ୍ୟ ଏକ ପ୍ରଧାନ ଲକ୍ଷ ଥିଲା, "ମାନବ ସେବା ହିଁ ମାଧବ ସେବା ।" ତେଣୁ ସେ ଥିଲେ ଜଣେ ମହାନ୍ ସମାଜ ସଂସ୍କାରକ । ଶଂସିତ କାଳରେ ସେ ବଞ୍ଚିଥିବା ପର୍ଯ୍ୟନ୍ତ ସମାଜ ହିତାୟ ମନୋବୃତ୍ତିକୁ ଆପଣାଇ ନେଇ ଅନେକ ଗୁଡ଼ିଏ ସମାଜ କଲ୍ୟାଣକାରକ କାର୍ଯ୍ୟ କରିଥିଲେ । ପ୍ରାୟତଃ ସେ ସମାଜରେ ଅବହେଳିତ ନାରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଢ଼ ପରିକରବଦ୍ଧ ଥିଲେ । ତେଣୁ ସେ ନାରୀ ଶିକ୍ଷାର ଉନ୍ନତି ବାଲ୍ୟବିବାହର କୁପରିଣାମକୁ ହୃଦୟଙ୍ଗମ କରି ଏହାର ଦୃଢ଼ ପ୍ରତିରୋଧ କରିଥିଲେ ।

ପ୍ରକୃତରେ ଜଳନ୍ଧର ଦେବଙ୍କ ମୂଖ୍ୟ ଅଭିପ୍ରାୟ ଥିଲା, ସମାଜରେ ରହିଥିବା ଏହିସବୁ ଧାରଣାର କୁସଂସ୍କାର ଜନିତ ପ୍ରାର୍ଦୁଭାବକୁ ପ୍ରତିରୋଧ କରି ନାରୀମାନଙ୍କର ବିଧବା ବିବାହର ଦୁଃଖ, ଯନ୍ତ୍ରଣା ହରଣ କରିବା-ନାରୀମାନଙ୍କୁ ଶିକ୍ଷିତ କରି ଆତ୍ମନିର୍ଭରଶୀଳ ହେବାର ସିଢ଼ି ଚଢ଼ାଇବା, ସମାଜରେ ଦେଖା ଦେଇଥିବା ଜାତିଆଣ ଭେଦଭାବକୁ ଦୂର କରି ପ୍ରକୃତ ହିନ୍ଦୁର ସଂଜ୍ଞା ପ୍ରଦାନ କରିବା । ବୈଷ୍ଣବ ଯୁଗର ବା ବୈଦିକ ଯୁଗର ପ୍ରଚଳିତ ହୋଇ ଆସୁଥିବା ପରମ୍ପରାକୁ ସମ୍ମାନ ଜଣାଇ ଆଧ୍ୟାତ୍ମିକ ଭାବଧାରାର ଗୁରୁତ୍ୱ ଓ ମହତ୍ୱକୁ ହୃଦୟଙ୍ଗମ କରିବା ।

ISSN NO.
2582-208X

ଜ୍ୟୋତିଷ ଶାସ୍ତ୍ର ଅଗାଧ ପାଣ୍ଡିତ୍ୟ ଥିବା ସତ୍ତ୍ୱେ ସାହିତ୍ୟିକ ହିସାବରେ ସେ ପ୍ରାୟତଃ ବୈଦିକ ଜ୍ୟୋତିଷ ଶାସ୍ତ୍ର ଉପରେ ଅଧିକ ଆସ୍ଥା ଓ ବିଶ୍ୱାସ ପ୍ରକଟ କରୁଥିଲେ । ଏବଂ ଗ୍ରହନକ୍ଷତ୍ରାଦିଙ୍କ ଗତାନୁଗତିକ ପ୍ରଭାବ କିପରି ମାନବ ଜଗତ ଉପରେ ରେଖାପାତ କରୁଛି, ତାକୁ ଅନୁଭବ କରିବା, ଅସ୍ପୃଶ୍ୟତା ନିବାରଣ ପାଇଁ ଜାଗରଣ ଓ ସଚେତନ ସୃଷ୍ଟି କରିବା, ହିନ୍ଦୁ ଧର୍ମଗ୍ରନ୍ଥ ରାମାୟଣ, ମହାଭାରତ ଓ ପୁରାଣମାନଙ୍କର ବାସ୍ତବତା କ'ଣ? ସେଥିପୟତି ଜନସଚେତନତା ଜାଗ୍ରତ କରିବା; ତତ୍ ସହିତ ସମାଜର ବାସ୍ତବ ସାମାଜିକ ଓ ସାଂସ୍କୃତିକ ଛବିକୁ ପରିଦୃଶ୍ୟ କରି ସାହିତ୍ୟ ସମ୍ଭାରକୁ ଋଦ୍ଧିମନ୍ତ କରିବା ଇତ୍ୟାଦି ଇତ୍ୟାଦି। ଏହିସବୁ ଊର୍ଦ୍ଧ୍ୱମୁଖୀ ଆଭିମୁଖ୍ୟ ବା ଚିନ୍ତନ ଓ ଚେତନ ଥିଲା ତାଙ୍କ ଲେଖନୀ ଚାଳନାକୁ ପ୍ରକୃତ ସମର୍ଥ ଓ ସାମର୍ଥ୍ୟ ଯୋଗାଇବାର ଅମୋଘ ଅସ୍ତ୍ର ।

ଏତଦ୍‌ଭିନ୍ନ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ଏବଂ ଏଥିରେ ସଂଶ୍ଳିଷ୍ଟ ଥିବା ସାହିତିୟକ ମାନଙ୍କର ଶ୍ରେଷ୍ଠ କର୍ତ୍ତବ୍ୟ କ'ଣ? ସେଥିପ୍ରତି ସେ ବିଶେଷ ଭାବେ ସଚେତନ ଥିଲେ । ସେ ଆଦ୍ୟରୁ ଜାଣିଥିଲେ ଯେ, "ସାହିତ୍ୟର ବିକାଶ କେବଳ ପତ୍ର ପତ୍ରିକାର ସମ୍ପାଦନ ବା ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇଥିବା ଦ୍ୱାରା ସମ୍ଭବ ନୁହେଁ । ପ୍ରକୃତ ସାହିତ୍ୟର ଉନ୍ନତି ନିମିତ୍ତ ଏକନିଷ୍ଠା ସାଧନା ଓ ଅଧ୍ୟବସାୟର ଅତ୍ୟନ୍ତ ଆବଶ୍ୟକତା ତତ୍‌ସହିତ ଶ୍ରେୟ ନିରପେକ୍ଷ ସମାଲୋଚନା । କାରଣ ବିନା ସମାଲୋଚନା ବା ତର୍କ ଆଲୋଚନାରେ କେବେବି ସାହିତ୍ୟ ସୃଷ୍ଟି ପରିପକ୍ୱ ହୋଇପାରେନି? ଜୀବନଧର୍ମୀ ସାହିତ୍ୟ ବା ବାସ୍ତବବାଦୀ ସାହିତ୍ୟ ରଚନାରେ ସେ ଥିଲେ ସିଦ୍ଧହସ୍ତ । ପ୍ରାୟତଃ ତାଙ୍କ ସାହିତ୍ୟ ସୃଷ୍ଟିରେ ଫୁଟିଉଠେ ସାମାଜିକ ଜୀବନ ଦର୍ଶନର ନିଛକ ଛବି । ଯେଉଁଥିରେ ଭରପୂର ହୋଇ ରହିଥାଏ କେବଳ ବାସ୍ତବତା ଆଦୌ କଳ୍ପନାତ୍ମକ ଭାବନାର ପରିସ୍ଫୁଟ ହୁଏ ନାହିଁ ।"

ପୁନଶ୍ଚ ନିଜ ସାହିତ୍ୟ ସର୍ଜନାକୁ ବାସ୍ତବ ରୂପରେଖ ଦେବା ନିମିତ୍ତ ସେ ପ୍ରଖର ପ୍ରୟାସ କରୁଥିଲେ । ତେଣୁ ତାଙ୍କର ପ୍ରତିଟି ସାହିତ୍ୟ ସୃଷ୍ଟି ସମାଜ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲା । ପ୍ରାୟତଃ ସେ ବିଭିନ୍ନ ପ୍ରକାର ସାମାଜିକ ପ୍ରାସଙ୍ଗିକତାକୁ ହୃଦୟର ସହ ଉପଲବ୍ଧି କରି ଲେଖନୀ ଚାଳନା କରୁଥିଲେ । ଯଦ୍ୱାରା ସେ ଜଣେ ସଫଳ ସାହିତ୍ୟକାର ଭାବେ ନିଜକୁ ପ୍ରତିପାଦନ କରିପାରିଥିଲେ । ଆଉ ଏପରି ବିରଳ ପାରଦର୍ଶିତା ଲାଭ କରିବାକୁ ତାଙ୍କୁ ଦୀର୍ଘ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ସାହିତ୍ୟ ସାଧନା କରିବାକୁ ପଡ଼ିଥିଲା । ଫଳତଃ ଜଣେ ପ୍ରବୀଣ ସାହିତ୍ୟିକ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଇତିହାସ ପ୍ରସିଦ୍ଧ ହୋଇପାରିଥିଲେ ।

ISSN NO.
2582-208X

କହିବା ବାହୁଲ୍ୟ ଯେ, ସେ କେବଳ ଜଣେ ବିଶିଷ୍ଟ ସାହିତ୍ୟିକ ବା ସାହିତ୍ୟକାର ନଥିଲେ । ତାଙ୍କର ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଓ ତତ୍ୱ ଉପରେ ଥିଲା ଅଗାଧ ପାଣ୍ଡିତ୍ୟ । ସେ ଅନେକ ଗବେଷଣାଧର୍ମୀ ବୈଜ୍ଞାନିକ ତଥ୍ୟ ଓ ତତ୍ୱ ଆଧାରିତ ପ୍ରସଙ୍ଗମାନ ନିଜ ସାହିତ୍ୟକୃତିରେ ଉଲ୍ଲେଖ କରିଥିଲେ । ଏହିସବୁ ଗବେଷଣାଲବ୍ଧ ବିଜ୍ଞାନ ଭିତ୍ତିକ ତଥ୍ୟ ପ୍ରାୟତଃ ଅନୁସନ୍ଧାନାତ୍ମକ ଓ ଅନୁଶୀଳନତ୍ମକ ଥିଲା । ଯେଉଁଥିରେ ଜଳନ୍ଧର ଦେବଙ୍କ ବୈଜ୍ଞାନିକ ମନୋବୃତ୍ତିର ଗଭୀରତା କେତେ ସୂକ୍ଷ୍ମ ତାହା ପରିପ୍ରକାଶ ପାଉଥିଲା । ତାଙ୍କର 'ଜିରାରୁ ଶିରା କାଢ଼ିବା' ନୀତି ହିଁ ତାଙ୍କୁ ଜଣେ ସୁସାହିତ୍ୟିକାରର ଆସନରେ ଆସୀନ କରାଇବାରେ ସହାୟତା ପ୍ରଦାନ କରିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଯେହେତୁ ସେ ଏକ ରାଜକୀୟ ପରିବାର ସହ ସଂଶ୍ଳିଷ୍ଟ ଥିଲେ ତେଣୁ ସାହିତ୍ୟ କ୍ଷେତ୍ରରେ ପାଦ ଥାପିବାରେ ତାଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନଥିଲା । ଅଧିକନ୍ତୁ ଏପରି ପରିସ୍ଥିତିରେ ପ୍ରାୟତଃ ତାଙ୍କ ଜୀବନ ଯାପନ ଶୈଳୀ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ମୋଟ ଉପରେ କହିଲେ ସମ୍ପୂର୍ଣ୍ଣ ଭିନ୍ନରେ ଭିନ୍ନ ଥିବା ତାଙ୍କ ଜୀବନଚର୍ଯ୍ୟା ଭିତରେ ସାହିତ୍ୟ ସାଧନା କରିବା ଅବିଶ୍ୱାସନୀୟ ହେଲେ ହେଁ, ସେ କିନ୍ତୁ ଥିଲେ 'କୋଟିଏରେ ଗୋଟିଏ' । ଏହି ବିରଳ ପ୍ରତିଭାର ଅଧିକାରୀ । ସୁତରାଂ ତାଙ୍କ ବହୁମୁଖୀ ପ୍ରତିଭାର ପରିସ୍ଫୁଟନ ନିଶ୍ଚିତ ରୂପେ ସମସ୍ତଙ୍କ ନିକଟରେ ଥିଲା ଅତ୍ୟନ୍ତ ପ୍ରେରଣାଦାୟୀ । ଅତଏବ ଜଳନ୍ଧର ଦେବ ପକ୍ଷେ ଏତିକି କୁହାଯାଇପାରେ ଯେ, ସେ ରାଜକୀୟ ଭୋଗବିଳାସରୁ ନିଜକୁ ଯଥାସମ୍ଭବ ଦୂରେଇ ରଖି ନିଜ ଜୀବନର ପ୍ରକୃତ ଅଭିଳାଷ ଓ ଆକାଂକ୍ଷା ଓ ବାସ୍ତବତା କ'ଣ ହୃଦୟଙ୍ଗମ କରି ସେ ନିଜକୁ ସାହିତ୍ୟ ଜଗତରେ ଲିପ୍ତ ରଖିଥିଲେ ।

ଯାହା ପରବର୍ତ୍ତି ସମୟରେ ତାଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ବିପୁଳ ସହଯୋଗ ପ୍ରଦାନ କରିଥିଲା । ପ୍ରାୟତଃ ତାଙ୍କ ସାହିତ୍ୟ କୃତିରେ ନୀରିହ, ସରଳ ଆଦିବାସୀ ବନବାସୀ ଅଧ୍ୟୁଷିତ ଇଲାକାର ଲୋକ ଚଳଣୀ, ନିମ୍ନତମ ଶ୍ରେଣୀର ଲୋକମାନଙ୍କର ଦୁଃଖ ଯନ୍ତ୍ରଣା ବିଜଡ଼ିତ ଜୀବନକୁ ଅତି ପ୍ରାଞ୍ଜଳ ଭାବେ ନିଜ ଲେଖନୀ ମୁନରେ ଉତାରି ପାରିବାରେ ସେ ପ୍ରବୀଣ ଥିଲେ । ଏହି ସବୁ ବାସ୍ତବ କଥାବସ୍ତୁକୁ ଲେଖନୀ ମୁନରେ ରୂପରେଖ ଦେବାରେ ସେ ବେଶ୍ ଆଗ୍ରହୀ ଥିଲେ ।

ଯଦିଓ ତାଙ୍କର କୌଳିକ ବୃତ୍ତି ରାଜଧର୍ମ ଥିଲା ପରନ୍ତୁ ସେ ଜୀବନ ଜୀବିକା ଓ ମାନ ପ୍ରତିଷ୍ଠା ପ୍ରଧାନ୍ୟତାକୁ ଆଖି ଆଗରେ ରଖି ନିଜ ଜୀବନର ଶ୍ରେଷ୍ଠ ନିର୍ଣ୍ଣୟ ଭାବେ ପ୍ରଥମ ଶ୍ରେଣୀ ବିଚାରପତି ଆସନକୁ ଗ୍ରହଣ କରିଥିଲେ । ଏହା ଥିଲା ତାଙ୍କ ନିମିତ୍ତ ସବୁଠାରୁ

ISSN NO.
2582-208X

ଉଚ୍ଚପଦବୀ । ଏତେ ବଡ଼ ଉଚ୍ଚପଦାଧିଷ୍ଠିତ ହୋଇ ସୁଦ୍ଧା ତାଙ୍କ ମନରେ କେବେ ଗର୍ବ ଅହଙ୍କାର, ମାନ ଅଭିମାନ ପ୍ରକଟ ହେବାର ଦିନେ ହେଲେ କେହି ଦେଖି ନଥିଲେ । ବ୍ୟସ୍ତବହୁଳ ଜୀବନ କାଳ ମଧ୍ୟରେ ସମୟ ସୁବିଧା ଦେଖି ସେ ନିଜ ରାଜ୍ୟର ଦାରିଦ୍ର୍ୟ କଷାଘାତ ଦିନ ମଜୁରିଆ ଓ କୃଷକମାନଙ୍କର ଭଲ ମନ୍ଦ ବୁଝି ସମୟ ମଧ୍ୟ ଅତିବାହିତ କରିପାରୁଥିଲେ । ଯା'ଠାରୁ ବଳି ଆଉ ବଡ଼ ସେବା କାର୍ଯ୍ୟ କ'ଣ ହୋଇପାରେ ?

ସତରେ ଏହି ମହାନ୍ ସାହିତ୍ୟକାରଙ୍କ ଜୀବନଚର୍ଯ୍ୟା ଥିଲା ଅଦ୍ଭୁତ ଓ ନିଆରା । ଆଉ ଏହି ନିଆରା ପଣର ଗଭୀର ସନ୍ଦେଶ ତାଙ୍କ ଦ୍ୱାରା ଲିଖିତ ଗଳ୍ପ ଓ କାହାଣୀ ମାନଙ୍କରେ ଦେଖିବାକୁ ମିଳେ । ଯାହା କେବଳ ଆଦିବାସୀ ଓ ଚାଷୀ ମୂଲିଆମାନଙ୍କ ଜୀବନ ଧାରଣ ଉପରେ ହିଁ ପର୍ଯ୍ୟବସିତ ଓ ଆଧାରିତ ଥିଲା । ସତ କହିବାକୁ ଗଲେ ତାଙ୍କ କବି ପ୍ରାଣ ସର୍ବଦା ଦଳିତ ଓ ଅବହେଳିତ ଓ ନିଷ୍ପେସିତ ପ୍ରଜା, ଆଦିବାସୀ ତଥା କୃଷକ ସମ୍ପ୍ରଦାୟର ଜନସାଧାରଣଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲା । କାହାର ଦୁଃଖ ଦୁର୍ଦ୍ଦଶା ଦେଖିଲେ ତାଙ୍କ ଅନ୍ତରାତ୍ମା କାନ୍ଦିଉଠୁଥିଲେ ।

ତେଣୁ ଏମାନଙ୍କ ପ୍ରତି ସର୍ବଦା ତାଙ୍କ ହୃଦୟରେ ଜାଗି ଉଠୁଥିଲା ଆନ୍ତରିକତାପୂର୍ଣ୍ଣ ସ୍ପନ୍ଦିତ ଉଦ୍‌ବେଗ ଓ ଉତ୍କଣ୍ଠା । ଯଦ୍ୱାରା ବ୍ୟାକୁଳ ହୋଇଉଠୁଥିଲା ମନ ଓ ପ୍ରାଣ । ଅତିଶୟ ଭାବାବେଗରେ ସେମାନଙ୍କ ଉଚ୍ଚାରଣ ଓ ଆଚରଣକୁ ବାସ୍ତବ ରୂପ ଦେବାରେ ନିମଗ୍ନ ଥିଲେ ସେ । ସୁତରାଂ ଫଳସ୍ୱରୂପ ଏଇମାନଙ୍କ ଜୀବନ ଯାପନ ପ୍ରଣାଳୀ ନେଇ ସେ ସୃଷ୍ଟି କରୁଥିଲେ ବାସ୍ତବ ସାହିତ୍ୟ । ତେଣୁ ଜଣେ ସାହିତ୍ୟସ୍ରଷ୍ଟା ଭାବେ ତାଙ୍କ ଲେଖନୀ ନିସୃତ କବିତା ଓ ଗଳ୍ପଗୁଡ଼ିକ ଥିଲା ଅତ୍ୟନ୍ତ ମର୍ମସ୍ପର୍ଶୀ, ହୃଦୟଗ୍ରାହୀ ଓ ଭାବୋଦ୍ଦୀପକ । ଜଳନ୍ଧର ଦେବଙ୍କ ସମୟରେ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ବାମଣ୍ଡା ରାଜବଂଶର ଦେୱାନ୍ ଥିବା ସତ୍ତ୍ୱେ, ଶଂସିତ ସମୟରେ ଗଙ୍ଗବଂଶୀୟ ରାଜା ବାସୁଦେବ ଜଳନ୍ଧର ଦେବଙ୍କୁ ଦେୱାନ୍ ପଦରେ ଅଭିଷିକ୍ତ କରିଥିଲେ । ଏହି ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ସହ ଶାସନ କ୍ଷେତ୍ରରେ ମନନିବେଶ କରି ସେ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ଯେହେତୁ ରାଜଦରବାରରେ ତାଙ୍କ ଉପସ୍ଥିତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଯାଇଥିଲା ଯାହା ତାଙ୍କର ବହୁଧା ସଫଳତାର ମାପକାଠି ଥିଲା ଏବଂ ତାଙ୍କ ଅପ୍ରମେୟ ମେଧାଶକ୍ତିର ପରିଚାୟକ ଥିଲା ମଧ୍ୟ ।

କେବଳ ସାହିତ୍ୟଚର୍ଚ୍ଚା ଓ ରାଜଶାସନ ଚର୍ଚ୍ଚାରେ ସେ ନିଜକୁ ଆବଦ୍ଧ ରଖିନଥିଲେ, ବହୁମୁଖୀ ପ୍ରତିଭାର ଅଧିକାରୀ ସାହିତ୍ୟକାର ଜଳନ୍ଧର ଦେବ ବହୁ ଧର୍ମଶାସ୍ତ୍ର ମଧ୍ୟ

ISSN NO.
2582-208X

ଅଧ୍ୟୟନ କରି ପାଣ୍ଡିତ୍ୟ ଲାଭ କରିଥିଲେ । ନିଜକୁ ଜଣେ ମହାନ ବିଦ୍ୱାନ, ଜ୍ଞାନୀ, ଗୁଣୀ, ମାନୀ ତଥା କୃତବିଦ୍ୟ ମନିଷୀ ରୂପେ ନିଜକୁ ପ୍ରତିପାଦିତ କରି ସେ ବହୁ ଯଶ, ଖ୍ୟାତି ଓ ସୁନାମର ଅଧିକାରୀ ହୋଇଥିଲେ । ବେଶ୍ ଭ୍ରମଣପ୍ରିୟ ବ୍ୟକ୍ତିବିଶେଶ ଥିଲେ ସାହିତ୍ୟିକ ଜଳନ୍ଧର ଦେବ । ନିଜ ଜୀବନ କାଳ ମଧ୍ୟରେ ସେ ବହୁ ପ୍ରସିଦ୍ଧ ସ୍ଥାନମାନ ପରିଭ୍ରମଣ କରି ବହୁ ବାହ୍ୟ ଜ୍ଞାନ ଆହରଣ କରିଥିଲେ ।

ଫଳରେ ପରବର୍ତ୍ତୀ ସମୟରେ ଏହାର ସଦୁପଯୋଗ କରି ସେ ଅନେକ ଭ୍ରମଣ କାହାଣୀମାନ ରଚନା କରି କାହାଣୀକାର ପାଲଟିଯାଇଥିଲେ । ଯାହାକୁ ସର୍ବସମ୍ମତିକ୍ରମେ ସର୍ବ ସମ୍ମୁଖରେ  ପ୍ରକାଶ କରି ବିଶେଷ ଜନପ୍ରିୟତା ହାସଲ କରିଥିଲେ । ଏତଦ୍‌ବାଦ୍ ଭାରତୀୟ ତଥା ଉତ୍କଳୀୟ ସଂସ୍କୃତି, ପରମ୍ପରା, କଳା ସ୍ଥାପତ୍ୟ ତଥା ଐତିହ୍ୟକୁ ବିଶ୍ୱ ଦରବାରମୁଖୀ କରି ଉଭୟ ସଂସ୍କୃତିକୁ ସ୍ୱତନ୍ତ୍ର  ପରିଚୟ ଦେଇଥିଲେ । ଅତଏବ୍ ଏସବୁର ଲୋକପ୍ରିୟତା ବୃଦ୍ଧି କରିବା ନିମିତ୍ତ ସେ ଅନବରତ ପ୍ରୟାସ ଜାରି ରଖିଥିଲେ ଏବଂ ଏଥିରେ କେତେକାଂଶରେ ସେ ସଫଳ ମଧ୍ୟ ହୋଇଥିଲେ ।

ଜଳନ୍ଧର ଦେବଙ୍କ ଦ୍ୱାରା ରଚିତ ଏକ ପ୍ରବନ୍ଧ ୧୯୩୮ ମସିହାରେ 'ସହକାର' ପତ୍ରିକାରେ ପ୍ରକାଶ ପାଇଥିଲା । ଏହାର ଶୀର୍ଷକ ଥିଲା 'ଆକୃତି ଅନାଦି କାଳରୁ ଅଛି କି? ଏହି ପ୍ରବନ୍ଧଟି ବୈଦିକ ଯୁଗର କେତେଗୁଡ଼ିଏ ପଶୁପକ୍ଷୀଙ୍କ ଉପରେ ଆଧାରିତ ଥିଲା । ଏଥିରେ ସେ ସୃଷ୍ଟିର ଆୟମାରମ୍ଭ ଅବସ୍ଥାରେ ନୀରିହ ଜୀବର ଜନ୍ମ ଓ ସେମାନଙ୍କର କ୍ରମବିକାଶ ଧାରା ସମ୍ବନ୍ଧରେ ସାମାନ୍ୟ ଆଲୋକପାତ କରିଥିଲେ । ଠିକ୍ ସେହି ବର୍ଷ ତାଙ୍କର ଦ୍ୱିତୀୟ ପ୍ରବନ୍ଧ 'ମୂଢ଼ ଧାର୍ମିକତା' , 'ଭଞ୍ଜ ପ୍ରଦୀପ'ରେ ପ୍ରକାଶିତ ହୋଇଥିଲା । ଏଥିରେ ସେ 'ମୂଢ଼ ଧାର୍ମିକତାର' ପ୍ରକୃତ ସଂଜ୍ଞା କ'ଣ ପ୍ରକାଶ କରି ବେଶ୍ ଚର୍ଚ୍ଚିତ ହୋଇଥିଲେ ।

'ମୂଢ଼ ଧାର୍ମିକତା'ର କୁପ୍ରଭାବକୁ ବିସ୍ତାର ଭାବେ ବର୍ଣ୍ଣନା କରି ସେ ଲେଖିଥିଲେ, "ହିନ୍ଦୁମାନଙ୍କ ଜୀବନଦର୍ଶନ, ଆର୍ଥିକ ସ୍ଥିତି ଓ ସାମାଜିକ ନୈତିକତାର ଘୋର ଅଭାବ ହିଁ ସମାଜର ଅବନତିର ବଡ଼ କାରଣ ଏବଂ ଯାହାର ସମସ୍ତ ଶ୍ରେୟ 'ମୂଢ଼ ଧାର୍ମିକତା' ଉପରେ ନ୍ୟସ୍ତ । ଅନ୍ୟ ଏକ ପ୍ରବନ୍ଧ 'ଆର୍ଯ୍ୟ ସଂସ୍କୃତିର କି ଏହି ପରିଣତି' ସେହି ୧୯୩୮ ମସିହାରେ 'ସହକାର' ପତ୍ରିକାରେ ପ୍ରକାଶ ପାଇଥିଲା । ଏହି ପ୍ରବନ୍ଧରେ ସେ ପବିତ୍ର ଭାରତବର୍ଷର ପ୍ରାକୃତିକ ସୌନ୍ଦର୍ଯ୍ୟକୁ । ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଥିଲେ । ଅସରନ୍ତି ନୈସ୍ୱର୍ଗିକ ପ୍ରାକୃତିକ ବୈଭବରେ ପରିପୂର୍ଣ୍ଣ ଭାରତବର୍ଷର ଯଶ ଓ ଗୌରବ ହିଁ ଭାରତୀୟ ସଂସ୍କୃତିର ମୂଳାଧାର ବୋଲି ସେ ମତବ୍ୟକ୍ତ କରିଥିଲେ ।

ISSN NO.
2582-208X

ଭାରତର ସର୍ବପୁରାତନ ବୈଦିକ ଯୁଗ ଓ ସଭ୍ୟତାର ଚରମ ନିଦର୍ଶନ ହେଉଛି ଭାରତର ସଂସ୍କୃତି । ଯେଉଁ ସଂସ୍କୃତିର ପ୍ରକୃତ ସମ୍ପଦ ହେଉଛି ଉପନିଷଦ ଯୁଗରେ ଉପନିଷଦ, ବୁଦ୍ଧ ଯୁଗରେ ଭଗବାନ ବୁଦ୍ଧ, ପୁରାଣ ଯୁଗରେ ରଚିତ ପୌରାଣିକ ଧର୍ମଗ୍ରନ୍ଥ ଏବଂ ଐତିହାସିକ ଯୁଗରେ ସୃଷ୍ଟି ହୋଇଥିବା କଳା ସ୍ଥାପତ୍ୟ ଓ ଐତିହ୍ୟମାନ ସବୁ । ଜଳନ୍ଧର ଦେବଙ୍କ ତୃତୀୟ ପ୍ରବନ୍ଧର ଶୀର୍ଷକ ଥିଲା 'ଆର୍ଯ୍ୟ ସଂସ୍କୃତିର କି ଏହି ପରିଣତି' । ୧୯୩୮ ମସିହାରେ 'ସହକାର' ପତ୍ରିକାରେ ଏହା ପ୍ରକାଶ ପାଇଥିଲା । ଉକ୍ତ ପ୍ରବନ୍ଧରେ ସେ ଭାରତୀୟ ସଂସ୍କୃତିର ସମର୍ଥକ୍ଳୁ ଅତି ନିରପେକ୍ଷ ତଥ୍ୟ ପ୍ରଦାନ କରି ପରିପ୍ରକାଶ କରିଥିଲେ। ପ୍ରାୟତଃ ସେ ଏହି ପ୍ରବନ୍ଧରେ ତୁଳନାତ୍ମକ ଜ୍ଞାନ ପ୍ରୟୋଗ କରି ନିଜ ବିଜ୍ଞତାର ପରିଚୟ ଦେଇଥିଲେ । କାରଣ ସେ ଜଣେ ମହାନ୍ ଜ୍ଞାନୀ, ବିବେକବାନ୍ ପୁରୁଷ ଥିଲେ ।

୧୯୩୯ ମସିହାରେ ତାଙ୍କର ପରବର୍ତ୍ତୀ ପ୍ରବନ୍ଧ ପ୍ରକାଶ ପାଇଥିଲା । ତ୍ରୈମାସିକ ପତ୍ରିକା 'ଉପହାର'ରେ ପ୍ରକାଶ ପାଇଥିଲା ଏହି ପ୍ରବନ୍ଧଟି । ଶୀର୍ଷକ ଥିଲା 'ସତ୍ୟ ପରଂ ଧର୍ମ ହିଁ' । ଅନ୍ୟ ଏକ ପ୍ରବନ୍ଧ 'ବୁଦ୍ଧ' ମଧ୍ୟ ସେହି ବର୍ଷ ବାମଣ୍ଡାରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଉପହାର'ରେ ପ୍ରକାଶ ପାଇଲା । ଉକ୍ତ ପ୍ରବନ୍ଧଟି କେବଳ ଧର୍ମଭିତ୍ତିକ ଥିଲା ଏବଂ ବୌଦ୍ଧଧର୍ମ ଓ ବୈଷ୍ଣବ ଧର୍ମ ଆଧାରିତ ଥିଲା । ସମ୍ବଲପୁରରୁ ପ୍ରକାଶିତ ହିତୈଷିଣୀ ପୁସ୍ତକରୁ ଜଣାଯାଏ ଯେ, ବାମଣ୍ଡାରେ ଅନୁଷ୍ଠିତ ଆଲୋଚନା ସଭାରେ ରାଜକବି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓ ସମ୍ପାଦକ ଜଳନ୍ଧର ଦେବ ଏହି ଆଲୋଚନା ସଭାରେ ଉପସ୍ଥିତ ଥିଲେ ।

ଉନବିଂଶ ଶତାବ୍ଦୀର ଶେଷ ଆଡ଼କୁ ବାମଣ୍ଡା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଯାହା ଶିକ୍ଷାର ବିକାଶରେ ଚରମ ବାଧକ ସୃଷ୍ଟି କରିଥିଲା ସେ ସମୟରେ । ଏହାର ପ୍ରମୁଖ କାରଣ ଥିଲା, ହିଂସ୍ର ଜୀବଜନ୍ତୁଙ୍କ ପ୍ରାଦୁର୍ଭାବ । ଫଳତଃ ଜଙ୍ଗଲ ପ୍ରବେଶ କରିବାକୁ ସେତେବେଳେ ସମସ୍ତେ ଭୟ କରୁଥିଲେ । ଜଣେ ହେଲେ ବି କାହାର ଯ୍ୟା' ଭିତରେ ପ୍ରବେଶ କରିବାକୁ ସତ୍‌ସାହସ ନଥିଲା ଏବଂ ଯାତାୟତ କରିବା ପାଇଁ ସୁଗମ ପଥର ସୁବିଧା ମଧ୍ୟ ନଥିଲା । ତଥାପି ଏତେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ୧୮୭୨ ମସିହାରେ ପ୍ରଥମ ଥର ପାଇଁ ଏକ ଭିନ୍ନ ସ୍ୱାଦର ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିଥିଲା । ଅବଶ୍ୟ ଏହି ବିଦ୍ୟାଳୟ ପ୍ରତିଷ୍ଠା ପୂର୍ବରୁ ଏକ ପ୍ରାଚୀନ ବିଦ୍ୟାଳୟ ବାମଣ୍ଡାରେ ଥିଲା । ପରେ ପରେ ବିଶିଷ୍ଟ ସମାଜ ସଂସ୍କାରକ ଜଳନ୍ଧର ଦେବଙ୍କ ପ୍ରଚେଷ୍ଟାରେ ଲଗାତାର ୧୮ଗୋଟି ବିଦ୍ୟାଳୟ ୧୯୯୪ ମସିହାରେ ପ୍ରତିଷ୍ଠା ହୋଇଗଲା । ଯଦିଓ ବହୁ ବର୍ଷ ପୂର୍ବରୁ ପିତା ରାଜା ବାସୁଦେବ ନିଜ ସନ୍ତାନମାନଙ୍କର କିପରି ଉଚ୍ଚମାନଶିକ୍ଷା ପ୍ରାପ୍ତ ହୋଇପାରିବ ସେଥିଲାଗି ସେ ଚିନ୍ତିତ ହୋଇ ଏକ ବିଦ୍ୟାଳୟ

ISSN NO.
2582-208X

ପ୍ରତିଷ୍ଠା କରିଥିଲେ । ନାମ ଥିଲା ତା'ର 'ରାଜକୁମାର ଉଚ୍ଚ ଇଂରାଜୀ ବିଦ୍ୟାଳୟ' । ୧୮୯୨ ସାଲ୍ ପର୍ଯ୍ୟନ୍ତ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ କଲିକତା ବିଶ୍ୱବିଦ୍ୟାଳୟ ଅଧିନରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଉଥିଲେ । କିଛି ବର୍ଷ ପରେ ବାମଣ୍ଡା ରାଜ୍ୟର ଶିକ୍ଷା ବିଭାଗ ସମ୍ବଲପୁର ଶିକ୍ଷା ବିଭାଗର ଅନ୍ତର୍ଭୁକ୍ତ ହୋଇଥିଲା । ଫଳରେ ଛାତ୍ରଛାତ୍ରୀମାନେ ସମ୍ବଲପୁର ଶିକ୍ଷା ବିଭାଗ ଅଧିନରେ ପରିଚାଳିତ ବିଦ୍ୟାଳୟରେ ପରୀକ୍ଷା ଦେଉଥିଲେ । ଏହି ଘଟଣା ଥିଲା ୧୮୯୨ ମସିହାର ।

ପ୍ରାୟତଃ ସେ ଜଣେ ଲେଖକ ହିସାବରେ ଅନେକ ହିନ୍ଦୁ ଧର୍ମଗ୍ରନ୍ଥକୁ ଅଧ୍ୟୟନ କରିବା ସହ ଏହାର ମର୍ମାର୍ଥକୁ ଅତି ମନନଶୀଳ ଭାବେ ଉପସ୍ଥାପନ କରୁଥିଲେ । ବେଦ, ବେଦାନ୍ତ, ଉପନିଷଦ, ଅବତାରବାଦ ସମ୍ବନ୍ଧୀୟ ଧର୍ମଗ୍ରନ୍ଥ ଉପରେ ତାଙ୍କର ଥିଲା ପ୍ରଗାଢ଼ ଜ୍ଞାନ । ସେ ଅତ୍ୟନ୍ତ ସାମ୍ୟକ ସାଦୃଶ୍ୟ ପ୍ରଦାନ କରି ଏହା ଉପରେ ବୃହତ ଉପାଖ୍ୟାନ ପ୍ରସ୍ତୁତ କରିବାରେ ଧୂରୀଣ ଥିଲେ । ଉଦାହରଣ ସ୍ୱରୂପ ପୁରାଣ ଓ ହିନ୍ଦୁଧର୍ମଗ୍ରନ୍ଥରୁ ଅବତାରଣା କରିଥିବା ଚରିତ୍ରଗୁଡ଼ିକ ଯଥା- '.... ଆଦର୍ଶ ପୁରୁଷ ରାମଚନ୍ଦ୍ର' ପ୍ରେମଲୀଳା ବିହାରୀ କୃଷ୍ଣଙ୍କୁ ମହାପୁରୁଷ ରୂପେ ଚିତ୍ରଣ କରି ବେଶ୍ ବିଶେଷ ବାଖ୍ୟା ପ୍ରଦାନ କରି ବେଶ୍ ସୁନାମ ଅର୍ଜନ କରିଥିଲେ । ସୁତରାଂ ଏତେ ସବୁ ଧର୍ମଗ୍ରନ୍ଥକୁ ଅଧ୍ୟୟନ କଲାପରେ ସେ ଏହାର ମାର୍ମିକ ଅର୍ଥ ମତବ୍ୟକ୍ତ କରି କହିଥିଲେ, "ସଂସାରରେ ଗୋଟିଏ ମାତ୍ର ସତ୍ୟ ଅଛି, ଯାହା ସମସ୍ତଙ୍କୁ ଚେତାଇ ଦିଏ ଯେ, "ଏ ସୃଷ୍ଟି ନଶ୍ୱର, ସମସ୍ତେ ମରଣଶୀଳ," ଅର୍ଥାତ ମହାନ୍ ଧର୍ମଗ୍ରନ୍ଥ ଭାଗବତର ଦିବ୍ୟବାଣୀ, "ମର୍ତ୍ତ୍ୟ ମଣ୍ଡଳେ ଦେହବହି, ଦେବତା ହେଲେ ହେଁ ମରଇ"କୁ ସେ ଚିରଶାଶ୍ୱତ ଓ ସତ୍ୟ ବୋଲି ବିବେଚନା କରୁଥିଲେ ।

ଶେଖବଜାର (ନୀଉକଲୋନୀ)
କଟକ-୮, ମୋ- ୮୮୯୫୫୯୩୮୭୫

ISSN NO.
2582-208X

# ଦେବୀ ଆଗମନେ



ଅଳକା ମହାନ୍ତ

ଶରତ ଋତୁର ପବିତ୍ର ବେଳାରେ
ଦେବୀଙ୍କର ଆଗମନେ,
ସ୍ୱାଗତ କରୁଛି କାଶତଣ୍ଡି ନିଚେ
ମେଘମାଳା ଯେ ଗଗନେ।

ନବ ରାତ୍ରେ ନବ ରୁପ ଧରି ମାଆ
କରେ ଶାନ୍ତି ର ସ୍ଥାପନା
ବିନାଶି ଦାନବ ମୁକ୍ତ କରେ ଧରା
ବୁଝେ ଭକ୍ତ ର ଭାବନା।

ପାର୍ବଣ ର ବାସ୍ନା ମୋହିତ କରୁଛି
ଘରେ ଘରେ ମଉସ୍ତବ,
ଧରଣୀ ନାଇଛି ହୀରାର ମୁକୁଟ
କହୁଛି ମୋହର ପର୍ବ ।

ଭସା ବାଦଲ ବି ଦେଉଛି ସଭିଙ୍କୁ
ଦେବୀ ଆଗମନୀ ବାର୍ତ୍ତା,
ଗଗନେ ଚନ୍ଦ୍ରମା ଲୁଚକାଳି ଖେଳେ
କୁମୁଦ ଖୋଜେ ତା ପତ୍ତା।

ଘଣ୍ଟ ଘଣ୍ଟା ମଧେ ଶୁଭେ ଶଙ୍ଖ ନାଦ
ଦୁର୍ଗା ମନ୍ତ୍ର ଉଚ୍ଚାରଣ,
ଧୂପ ଦୀପ ତଥା ନୈବେଦ୍ୟର ସାଥେ
ମୁଖରିତ ଏ ପାର୍ବଣ ।

ଅଧ୍ୟକ୍ଷା,
ଗୁରୁ ନାନକ ଇଂରାଜୀ ମାଧ୍ୟମ ସ୍କୁଲ
ଭୁବନେଶ୍ୱର

ISSN NO.
2582-208X

# କାହାକୁ କହିବା



ଯଜ୍ଞଦତ୍ତ ସାମନ୍ତରାୟ

ଗାଆଁର ରୂପଟି ବଦଳି ଯାଇକି
ପାଲଟି ଗଲାଣି ସହର,
କୋଠାଘର ସବୁ ମାଳ ମାଳ ହେଲା
ହଜିଲା ଛପର ଘର ।
ଗାଆଁରେ କେହି ବି ମୂରୁଖ ହେଲେନି
ସଭିଏଁ ହୋଇଲେ ପଢୁଆ,
ପଢୁଆ ନାଆଁରେ ଅଡୁଆ କରିକି
କହିଲେଟି ବଡ ବଡୁଆ ।
ବଡ ସାନ ମାନ ରହିଲାନି କିଛି
ଏକକୁ ଆରକେ ବଳକା,
ମାରି ନେଉଛନ୍ତି ମହାପାତ୍ରେ ସବୁ
ଚାହିଁଛନ୍ତି ଖାଲି ଜଳକା ।
ଯେତେ ରାଜନୀତି ଛକାପଞ୍ଝା ପରା
ନିତି ହୁଏ ଏଠି ଗାଆଁରେ,
ଯୋଜନା ସବୁ ତ ଫସର ଫାଟଇ
ମିଳେ ନାହିଁ ଜମା ରାହାରେ ।
ଚାଷ ଜମିର ରୂପ ବଦଳିଲା
ପାଲଟି ଗଲାଟି ପଳଟ,

ISSN NO.
2582-208X

ଖାଇବାକୁ ଦାନା ମିଳିବା ମୁସ୍କିଲ
ଚାଲେ ଖାଲି ହଟଚମଟ ।
ଘରେ ଘରେଟି ମୋବାଇଲ ବାଇକ୍
କେହି ନୁହେଁ ଆଉ ଗରିବ,
ଗରିବ ନାଆଁରେ ଯୋଜନା ହୁଅଇ
ଲୁଟିଆ ଲୁଟନ୍ତି ଦରବ ।
ଅସଲ ଗରିବ ନିଜ ବାଟେ ଥାଏ
ତାକୁ ପଚାରନ୍ତିନି କେହି,
ସରକାରୀ ଭତ୍ତା ମିଳେ ନାହିଁ ତାକୁ
ଟାଉଟର ଯାଆନ୍ତି ଖାଇ ।
ଗାଆଁ ରାଜନୀତି କହିଲେଟି ଭାଇ
ସରିବନି ଜମା କଥା,
କାହାକୁ କହିବା ଅନ୍ଧ ସରକାର
ଘୂରିଯାଏ ଦେଖି ମଥା ।

ସଂପାଦକ, ଅନୁରାଗର ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ
ମୋ:-୯୩୩୭୪୪୪୯୨୪

ISSN NO.
2582-208X

# ସ୍ୱାର୍ଥ ଗଲେ ସରି, ଖେଳେ ନିନ୍ଦାର ଲହରି



ଜୟ କୁମାର ମିଶ୍ର

ସ୍ୱାର୍ଥ ଯେଉଁଠି, ସରି, ମରି ଯାଏ
ଆସେ ଅପନିନ୍ଦା ଭାଷା
ହୋଇ ମନଗଢ଼ା, କଳ୍ପନାର ଘୋଡା
ଚଢ଼ି, ଘୁରିବୁଲେ ରାସ୍ତା ॥
କାଲି ଥିଲା ଭଲ, ଉତ୍ତମର ମୂଳ
ସମାଜରେ ଶ୍ରେଷ୍ଠ ଜନ,
ବିପଦେ, ଆପଦେ, ଜନ ଭଜି, ବନ୍ଦେ
ଆମ ପାଇଁ ଭଗବାନ ॥
ହୋଇବେ ନେହୁରା, ହାତ, ଓଠ ଧରା
ଆସିବେଟି ନିରନ୍ତର,
କେତେ ଯେ' ସରାଗ, କେତେ ଅନୁରାଗ
ମଧୁର ବଚନ ସ୍ୱର ॥
କାଢ଼ି ଗୋତଗାତ, ହୋଇବେ ଏକତ୍ର
ଘରକୁ ଲାଗିବ ଧାଡ଼ି,
ମୁଖରେ ପ୍ରଶଂସା, ସ୍ତୁତି, ସ୍ତବ ଘୋଷା
ଆପେ ହୋଉବ ଅଜାଡି ॥
ତୁହି ପାରିବାର, ତୋ' ରୂପ ସୁନ୍ଦର
ଏକା ଆହା, ସାହା ତୁହି,
ବିପଦ ଗଣ୍ଡରୁ, ଉଦ୍ଧରି ତୁ ଧରୁ

ISSN NO.
2582-208X

ତୋର ଭଳି ନାହିଁ କେହି ॥
ତୁହି ପାରିବାର, ତୁହି ଆମ ହିରୋ
କୂଳର ପୂର୍ଣମୀ ଶଶୀ,
ସେବାର ଚନ୍ଦ୍ରିକା, ତୋର ଠାରେ ଦେଖା
ହଟାଉ ଅନ୍ଧାର ନିଶି ॥
ଖୁଆଇ ଦେବେନି, ଶୁଆଇ ଦେବେନି
ଖୋଜା ଲୋଡ଼ା ବାର ବାର,
ସମୟକୁ ଦେଖି, ସଂପର୍କକୁ ଯୋଖି
ହେବେ ଯାଆଆସ ନର ॥
ମଧୁର ବଚନ, ପ୍ରୀତି ସମ୍ବୋଧନ
ଗଣ୍ଡା ଗଣ୍ଡା, କୁଢ଼ କୁଢ଼,
ବୃଥା ନାଟକରେ, ଆଖି ଓଦା ବାରେ
ଅଭିନୟ କଳା ବଡ଼ ॥
କରି ଭୋଜିଭାତ, କେତେ ଆପ୍ୟାୟିତ,
ସାଙ୍ଗ, ସାଥି ବନ୍ଧୁ, ମିତ,
ରାଣ,ପରମାଣ ,ଓଠ ନିମନ୍ତ୍ରଣ,
ପିଠି ଥାପୁଡ଼ିବ ହାତ ॥
ସ୍ୱାର୍ଥ ଗଲେ ସରି, ନିନ୍ଦାର ଲହରୀ
ଖେଳି ବୁଲେ, ରୀତିମତ
କଳ୍ପିତ କାହାଣୀ, ନିଷ୍ଠୁରତା ବାଣୀ
ଏଠି, ସେଠି ଅଭିମତ ॥
କାନ ପାଶେ ଓଠ, ରଖି ଫୁଟୁ ଫାଟ
ଫୁସୁରୁ, ଫାସର ହେବେ,
ଶୁଭ, ଅଶୁଭରେ, ମଠ, ମନ୍ଦିରରେ
ଗପି ଗପି ବାହୁନିବେ ॥
ହେଉ ତୀର୍ଥ କ୍ଷେତ ,ଯାତ୍ରା କାଳ ପଥ
ମିଳିତ, ମିଳନ କୋଠି,

ISSN NO.
2582-208X

ଏକା ରୋଗ ଆସେ, ମନଜ୍ଞାନ ଗ୍ରାସେ
କରି ହସଖୁସି ପାଟି ॥
ଦୁଇ ମୁଣ୍ଡିଆର, ଏହି କାରବାର
ନାହିଁ ତୁଣ୍ଡେ ଲଘାପଘା,
ଅନୁଭବ ହୀନ, ଶସ୍ତାର ବଚନ
ଘୁରି ବୁଲେ ଜାଗା ଜାଗା ॥
ଦମ୍ବକଳ ଘଣ୍ଟି, ସରି ବାଜି ଉଠି
ହେଉ ଥିବେ ବକ ବକ,
ସତମିଛ କଥା, ନକରି କେ'ଚନ୍ତା
କଥାରେ ନଥାର ବାକ୍ୟ ॥
ଗୋଟିଏ ବିଲୁଆ, କଲେ ହୁକେ ହାଆ
ଅନ୍ୟ ବିଲୁଆଏ ପାଳି,
ରଡି ଛାଡି ଛାଡି,ବିତାଇବେ ଘଡି
(ଦେଇ) ନିନ୍ଦା ଅପନିନ୍ଦା ଗାଳି ॥

ବୁଦୁର୍‌,ଗୋରିବନ୍ଧା, ଗଜପତି
ଓଡିଶା, 761206/ 6372127449

ISSN NO.
2582-208X

# ସ୍ନେହର ଡୋରି



ପ୍ରତିଭା ଦାଶ

ମା' ପୁଅର ସମ୍ପର୍କ ଅତି ନିବିଡ଼
ସ୍ନେହ ଓ ମମତାର ଡ଼ୋରିରେ ବନ୍ଧା
ଟିକିଏ ମାତ୍ର ବି ସନ୍ଦେହ ନାହିଁ
ମା'ର ଅନାବିଳ ମାତୃତ୍ୱର
ଜାବୁଡି ଧରେ ବକ୍ଷରେ ତାକୁ
ଉପଭୋଗ କରିବାକୁ ପୁତ୍ରର ସ୍ନେହ ।
ନ ଥାଏ ମନେ ଟିକିଏ ରାଗ ଅଭିମାନ
ସବୁ ଦୋଷକୁ କ୍ଷମା କରିବାର
ରହିଛି ଅନେକ ସାହସ ଓ ସାମର୍ଥ୍ୟ
ସଠିକ୍ ରାସ୍ତା ଦେଖାଇବାକୁ
ଲାଗି ପଡ଼େ ଦିନରାତି ।
ମନରେ ବେଳେବେଳେ ପ୍ରଶ୍ନ ଉଠେ
ଠିକ୍ ରାସ୍ତାରେ ଯାଉଛି ତ ?
କୁସଙ୍ଗରେ ପଡ଼ି ନାହିଁ ତ ?
ଯାବତୀୟ ପ୍ରଶ୍ନରେ
ଆଲୋଡ଼ନ ସୃଷ୍ଟି ହୁଏ ମନେ ।
ଆଶା ଆଶଙ୍କା ମଧ୍ୟରେ ଶିଶୁଟି ଦିନେ
ବଡ଼ ହୁଏ
ନିଜ କର୍ମ କ୍ଷେତ୍ରରେ ବ୍ୟସ୍ତ ରହି

ISSN NO.
2582-208X

ତା'ର ପରିବାର ପ୍ରତି କାର୍ଯ୍ୟଭାର
ତା'ର ମୁଣ୍ଡ ଉପରେ ନ୍ୟସ୍ତ ରହେ
ତାକୁ ସମ୍ଭାଳୁ ସମ୍ଭାଳୁ
ଭୁଲିଯାଏ ତା' ପୁରୁଣା ସମ୍ପର୍କ
ଅତି ଆପଣାର ମା' ଓ ତା'ର ସ୍ନେହକୁ ।
ଭୁଲିଯାଏ ସେ ମା' ଉଠାଇ ଥିବା ବୋଝ
ଭୁଲିଯାଏ ମା' ପ୍ରତି ଥିବା କର୍ତ୍ତବ୍ୟ
ନିଜ ଜୀବନକୁ ଉତ୍ସର୍ଗ କରି ଗଢିଥିବା ମା'
ଟିକିଏ ବି ବିରକ୍ତ ପ୍ରକାଶ ନ କରି
ସହିଯାଏ ପୁଅର ସବୁ ପ୍ରତାରଣା ।
ଆଜି ମଧ୍ୟ ସିଏ ତା' ପୁଅର ଭଲମନ୍ଦ
ବୁଝିବାର ସୁଯୋଗକୁ ହାତ ଛଡ଼ା କରେନା
ଭଗବନାଙ୍କ ପାଖେ ତା'ର ଶୁଭ ମନାସୀ
ନିତି କରେ ସେ ଗୁହାରି
ଜଗିଛି ପୁଅର ହଜି ଯାଇଥିବା ସ୍ନେହ
ଟିକକ ଫେରି ପାଇବା ପାଇଁ ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି,
ନୂଆପଡ଼ା

ISSN NO.
2582-208X

# ମାଣ୍ଡବୀ



ଆରତୀ ସାହୁ (ଆଶା)

( ଭାଗ - ୩ )

ସବୁ ରାଜା ଆଉ ରାଜକୁମାର ଅସଫଳ ହେଇ ମୁହଁରେ ଚୂନକଳା ନେସିହେଲା ପରି ତଳମୁହାଁ ହେଇ ବସିଥିଲେ। ବଡ଼ବାପା ବିଷର୍ଣ୍ଣ ହେଇ ବଡ଼ ମନସ୍ତାପରେ ମଞ୍ଚ ଉପରେ ଠିଆ ହେଲେ, ତାଙ୍କର ହାବଭାବରୁ ଗୋଟିଏ ଥକିଲା ହାରିଲା ବାପାର ବିବଶତା ଝଲକି ଉଠୁଥାଏ। ଯୁଗେ ଯୁଗେ ବାପାମାନେ ସନ୍ତାନ ନିମନ୍ତେ ହାରି ଆସୁଛନ୍ତି, ଆଉ ଆଗକୁ ମଧ୍ୟ ହାରିବେ। ଇଚ୍ଛା ହେଉଥିଲା ଧାଇଁ ଯାଇ ତାଙ୍କ ବେକରେ ଝୁଲିପଡ଼ି ଗେଲହେଇ ତାଙ୍କୁ ହସେଇ ଦିଅନ୍ତି। ମୁଁ ଓ ଶ୍ରୁତି ସବୁବେଳେ ଗେଲନକଲ ହେଇ ଘରଟାକୁ ହସେଇ ଉଲୁସେଇ ରଖିଥାଉଁ। ଦୁଃଖ ଆମକୁ ଦେଖି ଛୁ ହେଇଯାଏ ବୋଲି ବଡ଼ବାପା କୁହନ୍ତି।

- ଏଇ ମାଣ୍ଡବୀଟା ବାହାହେଇ ଗଲେ ଘରଟା ନିଶୂନ ନିର୍ଜୀବ ହେଇଯିବ। ନାଇଁ ସୁନୟନା?

ବଡ଼ମାଆ ମୋତେ କୋଳେଇ ନେଇ ମୁଣ୍ଡ ହଲାଏ।

ଲମ୍ବା ଦୀର୍ଘଶ୍ୱାସଟିଏ ପକେଇ ବଡ଼ ଉଦାସ କଣ୍ଠସ୍ୱର ଆଉ ଗଭୀର ନିରାଶାର ସହିତ ସଭାକୁ ସମ୍ବୋଧନ କଲେ ବଡ଼ବାପା,

ISSN NO.
2582-208X

– ହେ ମୋର ଅଗ୍ରପୂଜ୍ୟ ମୁନିଋଷି ଗଣ, ମୋର ଆଦରଣୀୟ ଅତିଥି ଓ ପ୍ରଜାଗଣ, ମୋତେ ଅତ୍ୟନ୍ତ ବିଷାଦର ସହିତ ଏହା କହିବାକୁ ପଡୁଛି ଯେ ଏଇ ସସାଗରା ଧରାଧାମ ଆଜି ବୀରଶୂନ୍ୟ ମନେହେଉଛି। ମୈଥିଳୀ ବୋଧହୁଏ ଅବିବାହିତା ରହିଯିବେ। ଯାହା ତାଙ୍କ ଭାଗ୍ୟରେ ଅଛି, କଣ କରାଯିବ ?

ମୁନିଋଷି ଓ ସନ୍ୟାସୀଙ୍କ ଦୀର୍ଘାରୁ ଅଚାନକ୍ ଏକ ଅତ୍ୟଧିକ ଉଦ୍ଧତ ଓ ତୀବ୍ର ସ୍ୱର ଶୁଣାଗଲା। ଆମେ ସମସ୍ତେ ଚମକି ପଡ଼ି ସିଆଡେ ଦେଖିଲୁ । ଅତ୍ୟନ୍ତ ସୁନ୍ଦର ସୁଠାମ ଗୌରବର୍ଣ୍ଣୀ ଯୁବକ ଜଣେ ଗଳାଫାଡ଼ି ଚିତ୍କାର କରୁଥାନ୍ତି । କ୍ରୋଧରେ ତାଙ୍କ ଆଖିରୁ ନିଆଁ ବାହାରୁଥାଏ। ମୁହଁରୁ ବି ସତେ କି ଗରଳ ଉଦ୍ଗାରୁ ଥାନ୍ତି।

– ହେ ରାଜର୍ଷି ମିଥିଳେଶ୍ୱର ଜନକ, ପାଟିରେ ଲଗାମ ଦିଅନ୍ତୁ ।ସୂର୍ଯ୍ୟବଂଶୀ ଦଶରଥ ନନ୍ଦନ ବୀରଶ୍ରେଷ୍ଠ ଶ୍ରୀରାମ ସଭାରେ ଉପସ୍ଥିତ ଥାଉ ଥାଉ ଆପଣ ଏମିତି ଅନ୍ୟାୟ କଥା କେମିତି କହି ପାରୁଛନ୍ତି ? ଏଇ ରସି ଯାଇଥିବା ସାତପୁରୁଣା ଧନୁ ତ ଛୋଟ କଥାଟାଏ, ଗୁରୁଙ୍କ ଆଜ୍ଞା ପାଇଲେ ଏଇନା ସେ ପୃଥିବୀଟାକୁ ଧରି ପେଣ୍ଡୁ ପରି ଫୋପାଡ଼ି ଦେବାର ସାମର୍ଥ୍ୟ ରଖନ୍ତି।

ନାନୀର ମୁହଁଟା ହଠାତ ଉଜ୍ଜ୍ୱଳି ଉଠିଲା, ଓଠ କୋଣରେ ସାନ ହସଟିଏ ଖେଳି ଲୁଚିଗଲା , ଆଖିର ତାରା ଦୁଇଟା ଚିକମିକ କରି ଉଠିଲା।

କାଦମ୍ବିନୀ ମୋତେ ଗୋଟାଏ ଖମ୍ବ ପଛକୁ ଟାଣିନେଇ ମୋ କାନରେ ଫୁସଫୁସେଇ କହିଲା,

– ମଝିଆଁ ଜେମା, ଦେଖିଲ ? ଇଏ ହେଉଛନ୍ତି ଲକ୍ଷ୍ମଣ। ତାଙ୍କ ପାଖରେ ସେଇ ଯେଉଁ ଶ୍ୟାମଳ ହେଇ ବସିଛନ୍ତି ସିଏ ହେଉଛନ୍ତି ତାଙ୍କର ବଡ଼ଭାଇ ଶ୍ରୀରାମ।

– ପୋଡ଼ାମୁହିଁ, ତୋର ଶାଗୁଣା ଆଖି ନା ଚିଲ ଆଖି କିଲୋ ? ଏତେ ଦୂରରୁ କୋଉଠି ଭଲକରି ଦିଶୁଛି ଯେ ? କିନ୍ତୁ ଯାହାକହ, ସେଇ ଲକ୍ଷ୍ମଣ ଯାହାକୁ କହୁଛୁ ସେଇଟା ପକ୍କା

ISSN NO.
2582-208X

ଚିଡୁଆଟେ ଜଣା ପଡୁଛି। କି ଉଗ୍ର ମୂର୍ତ୍ତି ରେ ବାବା ? ଜାଳିପୋଡ଼ି ଦେବ କି ଦୁନିଆଟାକୁ ବିଷବହ୍ନୀରେ ?

କାଦମ୍ବିନୀ ଉତ୍ତର ଦିଏ, - ବିଷ ଉଦ୍ଗିରଣ ହେବ ନାଇଁ ଜେମା ? ଲୋକେ ପା କୁହାକୁହି ହେଉଛନ୍ତି ଏଇ କୁମାର ଜଣକ କୁଆଡ଼େ ଶେଷନାଗଙ୍କ ଅବତାର ବୋଲି।

- ହୁଃ, କଣ କଣ ଯେ ବେକାରିଆ କଥା ସବୁ ତୋର ମୁଣ୍ଡଟାରେ ଠାକେ....

ଶ୍ରୁତି ଆସି ଗୁମକିନା ମୋ ପିଠିକୁ ମାରି କୁହେ - ତୁମେ ଦିଟା ଇଆଡେ ଆସି ଖୁସୁର୍ ଫୁସୁର୍ ହେଉଥାଅ, ସେଣେ ଦେଖିବ ଯା, କଣ କଣ ହେଲାଣି। ଅଯୋଧ୍ୟା ରାଜକୁମାର ଶ୍ରୀରାମଚନ୍ଦ୍ର କୁଆଡ଼େ ଧନୁରେ ପ୍ରତ୍ୟଞ୍ଚା ଚଢେଇବେ। ଋଷି ବିଶ୍ୱାମିତ୍ର ଘୋଷଣା କରି ସାରିଲେଣି।

- ସତରେ ନା କଣ ? ହେ ମା ଜଗଦମ୍ବା । ଆମ ବଡ଼ଜେମା ତାଙ୍କରି ଗଳାରେ ବରଣମାଳା ପକାନ୍ତୁ।

ସେଇଠି ଢପ୍ ଢପ୍ କରି ମୁଣ୍ଡିଆ ମାରି ପକାଉଥିଲା କାଦମ୍ବିନୀ। ମୋତେ ଶ୍ରୁତି ଟାଣି ନେଇ ଆସିଲା।

ଏ କଣ? ଇଏ କନ୍ଦର୍ପ ନା ସ୍ୱର୍ଗର ଦେବତା? ନୀଳମେଘ ପରି ଶ୍ୟାମଳ ଶରୀରକାନ୍ତି। "କଞ୍ଜ ଲୋଚନ, କଞ୍ଜ ମୂଖ, କର କଞ୍ଜ, ପଦ କଞ୍ଜାରୁଣ"। ଆହା, କି ରୂପ ? ମୋର ଭିତରଟା ଗୋଳେଇ ମୋଳେଇ ହେଇ ଯାଉଥିଲା। ମନ୍ଥି ହେଇ ଯାଉଥିଲା ହୃଦୟ। କିଶୋରୀ ମନଟାରେ ଟିପେ ଈର୍ଷ୍ୟା ବି ମୁଣ୍ଡ ଟେକୁଥିଲା। ଛିଃ! କି ଛୋଟଲୋକଟାଏ ଯେ ମୁଁ? ମୋ ନାନୀଟାକୁ ମୁଁ ଈର୍ଷ୍ୟା କରୁଛି? ତା ରୂପ ଗୁଣ ପାଇଁ ଈର୍ଷ୍ୟା ପୁଣି ତା ବର ପାଇଁ ବି ଈର୍ଷ୍ୟା? ଛିଛିଃ!

ବାଁ ହାତରେ ମୁଣ୍ଡକୁ ଚାପୁଡ଼ା ମାରିଲି।

ISSN NO.
2582-208X

ମୋତେ କ୍ଷମା କରିଦେବ ଠାକୁର, ମୋର ନାନୀକୁ ମୁଁ ବହୁତ ଭଲ ପାଏ । ଆଙ୍କୁ ହିଁ ଏକା ମୋର ଭିଣେଇ କରିବ, କିନ୍ତୁ ମୁଁ ଗୋଟିଏ ଅନୁରୋଧ ଚୁପକିନା କରୁଛି, ଏମିତି କିଛି ଚୁପକିନା କରିବ ଯେ, ଯେମିତି ଆଙ୍କରି ଛାଇ ପରି ବର ମୋତେ ବି ମିଳିଯିବ, ହେଲା ?

କେଜାଣି କୋଉଠି ତଥାସ୍ତୁଟିଏ ଘୁରି ବୁଲୁଥିଲା ମୋ ପାଇଁ, ସେଇଥିପାଇଁ ତ ଭର....., ନାଇଁ ନାଇଁ ବର୍ତ୍ତମାନ ଜମା କହିବିନି। ନହେଲେ କୌତୁହଳ ରହିବ ନାଇଁ ଯେ।

ମୋର କଳ୍ପନା ରାଜ୍ୟରେ ମୁଁ ଘୁରି ବୁଲୁଥିଲା ବେଳେ ହଠାତ୍ ବଜ୍ରପାତ ହେଲା ପରି ପ୍ରଚଣ୍ଡ ଶବ୍ଦଟେ ହେଲା। ମୋର ମୁଣ୍ଡ ଘାଇଁ ଘାଇଁ ବୁଲେଇଦେଲା ନା ସତରେ ପୃଥିବୀଟା ହଲୁଥିଲା ଭୂମିକମ୍ପ ହେଲାପରି, କେଜାଣି ? ପ୍ରବଳ ବେଗରେ ପବନ ବହିବାରୁ ବଡ଼ ବଡ଼ ଫୁଲଗଛ ସବୁ ଝାଙ୍କି ହେଇଗଲା। ସଭା ସାରା ବିଞ୍ଚି ହେଇଗଲା ଅଗଣିତ ଫୁଲ। ସୂର୍ଯ୍ୟ ଥାଉଁ ଥାଉଁ ବିଜୁଳି ଖେଳିଗଲା, ଦୁନ୍ଦୁଭି ବାଜିଲାପରି ଶୁଖିଲା ମେଘରୁ ବଜ୍ରପାତ ହେଲା। ସତରେ କିନ୍ତୁ ସମସ୍ତଙ୍କ ଆସନ ହଲୁଥିଲା ଯେ। ମୁଁ ଓ ଉର୍ମି ପରସ୍ପରକୁ ଧରି ପକେଇଥିଲୁ, ନହେଲେ ପଡ଼ି ଯାଇଥାନ୍ତୁ। ସମସ୍ତଙ୍କ ଅବସ୍ଥା ତଦ୍ରୁପ ଥିଲା।

ସାମନା ବେଦିକାରେ ବିରାଟ ଶିବଧନୁଟା ଦିଖଣ୍ଡ ହେଇ ପଡ଼ିଥିଲା। ମୋ ଭିଣେଇ, ନାଇଁ ନାଇଁ ଆଜିଠାରୁ ସେ ମୋର ବଡ଼ଭାଇ, ଶ୍ରୀରାମଚନ୍ଦ୍ର ନିର୍ବିକାର ମୁଦ୍ରାରେ ଠିଆ ହେଇଥିଲେ, ଯେମିତି କିଛି ବି ହେଇନାହିଁ। ଆଶ୍ଚର୍ଯ୍ୟ ଲୋକଟାଏ ତ ? ଏଡ଼େବଡ଼ କାମଟାଏ କରିସାରି ବି ପଦ୍ମପତ୍ରମିବାମ୍ଭସା ? ଆଉ କିଏ ହେଇଥିଲେ ଏଉଁ ଛାତି ଫୁଲେଇ ବାହାସ୍ଫୋଟ ମାରୁଥାନ୍ତା। ସଭାସ୍ଥଳୀ ଦର୍ଶକଙ୍କ ତାଳି ମାଡ଼, ଢୋଲ ମୃଦଙ୍ଗ, ତୂରୀ ଶବ୍ଦରେ କମ୍ପି ଯାଉଥିଲା। ବଡ଼ବାପାଙ୍କ ଦାଢ଼ି ନିଶ ଭିତରୁ କମନୀୟ ସନ୍ତୁଷ୍ଟ ହସଟାଏ ପ୍ରସାରିତ ହେଇ ଆମକୁ ସବୁ ଛୁଇଁ ଯାଉଥିଲା। ହାଲକା ହେଇ ଯାଉଥିଲେ ସିଏ। ନାନୀ ନିଜର ଖୁସିକୁ ଲୁଚାଉଥିଲା କି କଣ, ଭୂଇଁକୁ ଅନେଇ ବୁଢ଼ା ଆଙ୍ଗୁଠିରେ ନଖଗାର କାଟୁଥିଲା। ମୁଁ ତାକୁ ଚିମୁଟି ଦେଲି,

- ଯାଉନୁ ଲୋ ବରଣମାଳା ନେଇକି, ମିଳିଗଲେ ପରା ତୋର ଚିତ୍ତଚୋର। ଏଇଟା ତୋ ପ୍ରେମର କରାମତି, ବୁଝିଲୁ ? ମୁଁ ଟିକକରେ ବଞ୍ଚିଗଲି ଲୋ ମା । ଯାହାହେଉ, ସେ ବଡ଼

ISSN NO.
2582-208X

ମୁଣ୍ଡିଆ ରାବଣଟା ତୋତେ ପୁଷ୍ପ ବାଟିକାରେ ଦେଖି ନଥିଲା ଯାହା, ନହେଲେ ବର୍ତ୍ତମାନ ତାକୁ ଭିଣେଇ ଡାକିବାକୁ ପଡ଼ିଥାନ୍ତା। ଆକ୍।

– ଯାଃ , ଏମିତି ହ ନା ଜମା। ସ୍ଥାନ କାଳ ପାତ୍ରର ବିଚାର ନାଇଁ, ସବୁବେଳେ ଗୋଟେ ମଜାକ୍ ଲାଗିଛି।

ବଡ଼ବାପା ଆମ ମଞ୍ଚ ଆଡ଼କୁ ଚାହିଁ କଣ ସଙ୍କେତ ଦେଉଥିଲେ କି, ଫାଟକ ଆଡୁ ମହାଋଷି ଭୃଗୁଙ୍କର ପ୍ରପୌତ୍ର ଜାମଦଗ୍ନ୍ୟ ପରଶୁରାମ ପ୍ରବେଶ କରୁଥିଲେ। ଆତ୍ମବିଶ୍ୱାସରେ ଭରପୁର, ବ୍ରହ୍ମଚର୍ଯ୍ୟର ତେଜରେ ଦୀପ୍ତିମାନ୍ ତାଙ୍କର ମୁଖମଣ୍ଡଳ ସୂର୍ଯ୍ୟଙ୍କର ଆଭା ନେଇ ଝଲଝଲ ହେଉଥିଲା। ତାଙ୍କର ଦୃଢ଼ ଓ କ୍ଷୀପ୍ର ଚାଲି ଅନାୟାସରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ପିତା ଜମଦଗ୍ନିଙ୍କର ହତ୍ୟାର ପ୍ରତିଶୋଧ ନିମନ୍ତେ ଏକୋଇଶ ଥର ହୈହୟବଂଶର କ୍ଷତ୍ରିୟମାନଙ୍କୁ ନିପାତ କରିଥିଲେ ସେ। ଶିବ ପ୍ରଦତ୍ତ ପରଶୁ ଧାରଣ କରୁଥିବାରୁ ସେ ପରଶୁରାମ ନାମରେ ପ୍ରସିଦ୍ଧ ଥିଲେ।

ଘଡ଼ଘଡ଼ି ପରି ଗୁରୁଗମ୍ଭୀର ତାଙ୍କର କଣ୍ଠସ୍ୱରରେ ସଭାସ୍ଥଳୀରେ ହୁଲସ୍ଥୁଲ୍ ହେଇଗଲା।

– କିଏ, କିଏ ସେହି ପାଷାଣ୍ଡ ଯିଏ ପ୍ରାଚୀନ ଓ ପବିତ୍ର ଶିବଧନୁକୁ ଭାଙ୍ଗିଲା ମୋର ବିନାନୁମତିରେ? କିଏ ସେ ପାପିଷ୍ଠ? ସମ୍ମୁଖକୁ ଆସ। ନଚେତ୍ ଛାରଖାର କରିଦେବି ଏଇ ଧରାକୁ। ଖଣ୍ଡପ୍ରଳୟ ମାଡ଼ି ଆସିବ, ହାହାକାର ହେଇଯିବ ଏଇ ପୃଥିବୀରେ । କାହାର ଏତେ ସାହସ ହେଲା? ଶୀଘ୍ର ସମ୍ମୁଖକୁ ଆସି ଠିଆ ହୁଅ।

ବିନୟର ପ୍ରତିମୂର୍ତ୍ତି ଶ୍ରୀରାମ ତାଙ୍କର ଚରଣସ୍ପର୍ଶ ପୂର୍ବକ ଅତ୍ୟନ୍ତ କୋମଳ ସ୍ୱରରେ କହିଲେ, – ମୋତେ ଦଣ୍ଡ ଦିଅନ୍ତୁ ମୁନିବର, ଏହା ଏହି ଅଧମର ଅପରାଧ। ଆପଣଙ୍କର ଦାସାନୁଦାସ ମୁଁ। ଧନୁ ଭାଙ୍ଗିବାର ଧୃଷ୍ଟତା ମୁଁ ହିଁ କରିଛି।

ରାମ ସିନା ମାନିଗଲେ ହେଲେ ସେ ଚିଡୁଆ ଲକ୍ଷ୍ମଣର ତ ପାଟି ଖଲଖଲ ହେଲା ଖାଲି । ସେ ସାମନାକୁ ଆସି ଅତ୍ୟନ୍ତ ତାସ୍ଛଲ୍ୟ ଭାବରେ ବିରକ୍ତିର ସହିତ କହିଲେ,

ISSN NO.
2582-208X

- ଆହା, କି ରାଗ ? ପୁଣି ଏଇ ସାଧାରଣ ଧନୁଟେ ପାଇଁ ? କୋଉ କାଳର ପୁରୁଣା ଧନୁ, ରସି ଯାଇଥିଲା । ଭାଙ୍ଗିଗଲା ତ ଭାଙ୍ଗିଗଲା। କଣ ଭାସିଗଲା ସେଇଠୁ ? ଆଉ ସେଇ ଧନୁଟା କଣ ଆପଣଙ୍କର ସମ୍ପତ୍ତି ଥିଲା କି ?

- ଆରେରେ ମୂଢ଼, ଭାରି ବଢ଼ି ବଢ଼ି କଥା କହୁଛୁ ତ ? ମୋ ଆଖି ସାମନାରୁ ଦୂର ହେଇଯା କହୁଛି । ନହେଲେ ଏଇ ପରଶୁକୁ ଦେଖୁଛୁ ଟି, କାଟି ଦିଗଡ଼ କରିଦେବି ଏଇନା। ଜାଣିଛୁ ନା ମୁଁ କିଏ ? କ୍ଷତ୍ରିୟମାନଙ୍କୁ ଏକୋଇଶ ଥର ସମୂଳେ ନିପାତ କରି ସାରିଛି ମୁଁ, ଏକଥା କଣ ଜାଣି ନାହୁଁ କିରେ, ମୂର୍ଖ। ଯାଃ ପଳା, ମୁଁ ତୋତେ ଆଦୌ ଦେଖିବାକୁ ଚାହେଁ ନାହିଁ।

- ଆହାଃ, ଯଦି ମୋତେ ଦେଖି ନପାରୁଛନ୍ତି ତେବେ ଆଖି ବୁଜି ଦିଅନ୍ତୁ ନା। ଆଉ ଆପଣଙ୍କ ବିଷୟରେ ପୁଣି ମୁଁ କଣ କହିବି । ନିଜ ମୁହଁରେ ନିଜକୁ ତ ଢେର୍ ପ୍ରଶଂସା କରି ସାରିଲେଣି। ଆତ୍ମ ବଡ଼ିମା କଣ ଶୋଭା ଦେଉଛି ଆପଣଙ୍କୁ ?

- ହଇରେ ଅଜ୍ଞାନ ବାଚାଳ ବାଳକ ? କାହିଁକି ଅକାଳରେ କାଳକୁ ଆବାହନ କରୁଛୁ ? ହେ ରାମ, ଅଟକା ଆକୁ, ନହେଲେ ଏଇନା ମୋର ପରଶୁ ରକ୍ତମୁଖା ହେବାକୁ ପଛେଇବ ନାଇଁ।

ଆମକୁ ଭାରି ହସ ଲାଗୁଥାଏ । ମୁଁ ଆଉ ଶ୍ରୁତି ପାଟିରେ ପୁଳାଏ ପୁଳାଏ କପଡ଼ା ଠୁସି ହସ ଚପାଉଥାଉ । ଦୁଇ ଚିଡୁଆଙ୍କ ଭିତରେ ବାକ୍ ବିତଣ୍ଡା, ଯୁକ୍ତି ତର୍କ ଭାରି ମଜା ଲାଗୁଥାଏ। ଆମେ ନଖ ଘଷୁଥାଉ ସମସ୍ତଙ୍କୁ ଲୁଚେଇ। ହେଲେ ନାନୀଠାରୁ କଣ କିଛି ଲୁଚେଇ ହେବ ନା ? ସେ ଆମକୁ ନାଲି ଆଖି ତରାଟି ଆକଟ କରୁଥିଲା ।

ସେ ଯାହାହେଉ, ଋଷି ବିଶ୍ୱାମିତ୍ର, ବଡ଼ବାପା ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କର ମଧ୍ୟସ୍ଥିରେ ଝଗଡ଼ା ବନ୍ଦ ତ ହେଲା। କିନ୍ତୁ ଜମଦଗ୍ନିପୁତ୍ର ନିଜର ପରଶୁ ରାମଙ୍କୁ ଟେକିବାକୁ କହି ପରୀକ୍ଷା ନେଲେ ଓ କ୍ଷାନ୍ତ ହେଲେ ଶ୍ରୀରାମଙ୍କ ପରିଚୟ ପାଇ ତଥା ତାଙ୍କର ପ୍ରତାପ ଜାଣି।

ISSN NO.
2582-208X

ନାନୀର ଛାତି ଧଡ଼ ଧଡ଼ ହେଉ ଥିଲା ଏ ପର୍ଯ୍ୟନ୍ତ। କେତେ ମାନସିକ କରି ପକେଇଥିବ ଏଯାଏଁ?

ବଡ଼ବାପାଙ୍କ ସଙ୍କେତ ପାଇ ସେ ସଖି ମାନଙ୍କ ଗହଣରେ ଆସ୍ତେ ଆସ୍ତେ ଯାଇ ଶ୍ରୀରାମଙ୍କ ଗଳାରେ ବରଣମାଳା ଲମ୍ବେଇ ଦେଲା। ରାମସୀତାଙ୍କ ଅଭିନବ ଯୁଗଳମୂର୍ତ୍ତି ଦର୍ଶନରେ ଆମେ ସବୁ ଅଭିଭୂତ ହେଉଥିଲୁ। ବଡ଼ବାପା ଓ ବଡ଼ମାଆଙ୍କ ଆଖିରେ ଲୁହ ଢଳଢଳ ହେଉଥିଲା। କନ୍ୟାଦାନରୁ ବଡ଼ ପୁଣ୍ୟ ନାହିଁ କି କନ୍ୟାଦାନରୁ ବଡ଼ ଦୁଃଖ ବି ନାହିଁ।

ଆମେ ତିନି ଭଉଣୀ ବ୍ୟାକୁଳ ହେଇ ପଡୁଥିଲୁ, ନାନୀ ଆମର ଆମକୁ ଛାଡ଼ି ପରଗୋତ୍ରୀ ହେଇ ଚାଲିଯିବ ବୋଲି। କିନ୍ତୁ  ବିଧି ତ ଆମକୁ ଗୋଟିଏ ପରିବାରରେ ଠେସିଦେବା ନାଗି ସବୁ ସରଞ୍ଜାମ ସଜିଲ କରି ରଖିଥିଲା।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଅନ୍ତର୍ଦାହ



ସୁଜାତା ପାହାନ

ଶବ୍ଦର ଛୁରୀରେ ଆଘାତ କଲେ
ରକ୍ତାକ୍ତ ହେବାର ହୁଏତ ସମ୍ଭାବନା ନାହିଁ
କିନ୍ତୁ ହୃଦୟରେ ଗଭୀର କ୍ଷେତ ସୃଷ୍ଟି କରେ ।

ନା ତାକୁ ଦେଖି ହୁଏ ନା ଦେଖେଇହୁଏ
ତାହା କେବଳ ଅନ୍ତରକୁ ପ୍ରତି ମୁହୂର୍ତ୍ତରେ
ବାରମ୍ବାର କରୁଥାଏ ଶବ୍ଦ ରୂପକ କଟୁରୀରେ
ଆଘାତ ଉପରେ ଆଘାତ ଯନ୍ତ୍ରଣା ଉପରେ ଯନ୍ତ୍ରଣା ।

ଯାହାକୁ ଜୀବନର ଅମୂଲ୍ୟ ସମ୍ପତ୍ତି ଭାବି
ସାଇତି ଥିଲି କେତେ ଯତନରେ କେତେ
ଶ୍ରମ ଦେଇ ଗଢିଥିଲି ଦୁର୍ଗ ଏକ ଅମାପ ସମ୍ପର୍କର
ସ୍ନେହ, ପ୍ରେମ, ଶ୍ରଦ୍ଧା, ସମୟ, ଅର୍ଥ
ରୂପକ ଦଉଲତକୁ ଏକାଠି କରି
ଗଢିଥିଲି ଏକ ସମ୍ପର୍କର ବିରାଟ ସୌଧ
କାହିଁ କେତେ ଯେ ରାତି ଅନିଦ୍ରାରେ କଟିଛି ତା'ରି ଚିନ୍ତାରେ
ତା'ରି ବାଟକୁ ଅପେକ୍ଷା କରି କରି
କିନ୍ତୁ ଆଜି ସେ ଅପମାନିତ, ପ୍ରତାରିତ କରେ
ମୋତେ ମୋ ନିଜ ପାଖରେ ପ୍ରତି ମୁହୂର୍ତ୍ତରେ ।
ସର୍ବସ୍ୱ ସମର୍ପଣର ନା ଅଛି ତା ପାଖେ କିଛି

ISSN NO.
2582-208X

ମୂଲ୍ୟ ମୋ ପ୍ରେମର ନା ଅଛି କିଛି ପ୍ରତିଦାନ ଅବା
ସାନ୍ତ୍ୱନା ନା ପଶ୍ଚାତାପ ନା କିଛି ସମବେଦନା।

ଅନ୍ତରାତ୍ମା ମୋର ପ୍ରତି ମୁହୂର୍ତ୍ତରେ ପ୍ରଶ୍ନ କରେ
କଣ ବା ପାଇଛୁ ତୋ ସମର୍ପଣର
ପ୍ରତିବଦଳରେ ? କଣ ବା ରଖିଛୁ ସନ୍ତକ ?
ତୋ ସ୍ନେହ, ପ୍ରେମ, ଭଲପାଇବାର।

ପାଇଛୁ ବୋଧେ ଏତିକି ତୋ ଜୀବନରେ
କିଛି ସାଧାରଣ ଶବ୍ଦ ରୂପକ ଧାରୁଆ
ଆଘାତ ମଧ୍ୟ୍ୟରେ ମୃତ୍ୟୁକୁ ଭେଟିବାର
ଅତି ସହଜ ପୁରସ୍କାର ତୋ ଜୀବନର।

କିଏ ବା ତୋତେ ଖୋଜେ ତା ଜୀବନରେ
ରଙ୍ଗ ମାଖିବାକୁ ତୁ କେବଳ ଏକ ଜରୁରୀ
ସାମଗ୍ରୀ ସେଇ ମୁହୂର୍ତ୍ତର ଯାହାକୁ ଖୋଜା
ହୁଏ ପୁଣି ସେ ହଜିଯାଏ ବ୍ୟସ୍ତ ବହୁଳ
ଜୀବନ ଚର୍ଯ୍ୟା ମଧ୍ୟରେ ଅତି ସହଜରେ।

ତୋ ପାଇଁ ନା କାହାର ଚିନ୍ତା ଥାଏ
ନା ତୋ ପାଇଁ କାହାର ସମୟ।
ତୁ କେବଳ ଗୋଟେ ଚାବି ଦିଆ
କଣ୍ଢେଇ ବୋଲି ବୋଧେ ଧରିନେଇଛନ୍ତି
କିଛି ସ୍ୱାର୍ଥପର ବିବେକହୀନ
ଲମ୍ପଟ ପ୍ରକୃତିର ମଣିଷ।

ISSN NO.
2582-208X

ଦହିକ କାମନାରେ ସୁଖ ଖୋଜୁଥିବା
ପୁରୁଷ କି ଜାଣେ ପ୍ରେମର ଗଭୀରତା ?
ମନ ଆଉ ହୃଦୟର ନିବିଡ଼ ସମ୍ପର୍କକୁ
କାହାର ଅନ୍ତରକୁ ବିନା ପ୍ରେମରେ
କିଏ କଣ କେବେ ବୁଝି ପାରେ ?
ଏହା କଣ ସମ୍ଭବ ସମସ୍ତଙ୍କ ପକ୍ଷେ ?
ରାତି ରାତି ତାରି ଫେରିବା ବାଟକୁ
ଚାହିଁ ରହିଥିବା ବ୍ୟକ୍ତିତ୍ୱର କଣ ବା
ଅଛି ଫାଇଦା ? କି ସୁଖର ଆଶା କରି ?
ତାକୁ ଅନେଇ ବସିଥାଉ ଏକାକୀ
ନିର୍ଜନତା ଭିତରେ ଅନ୍ଧକାରର ଘନଘଟା ମଧ୍ୟରେ
ସ୍ୱତଃ ପ୍ରଶ୍ନ ବାଚୀ ସୃଷ୍ଟି କରେ ମନରେ ?
କି ପୁରସ୍କାର ଅବା ଅଛି ଆଉ ବାକି ?
ତୋ ନିସ୍ୱାର୍ଥ ପ୍ରେମର ?

ଅଧ୍ୟାପିକା
ଓଡ଼ିଆ ଭଷା ସାହିତ୍ୟ ବିଭଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ଆଖି ଖୋଲ



ହରେରାମ ପଣ୍ଡା

ଆଖି ଖୋଲ, ଚାହିଁ ଦେଖ ଥରେ,
ବାସ୍ତବ ଦୁନିଆଁକୁ ଫେରି ଆସ
ତୁମର ସେ କଳ୍ପନାର ଚିତ୍ରପଟ
ସବୁ କେମିତି ହେଲାଣି ବିକୃତ ।
ମେହେନତି ମଣିଷର ପିଠିରେ
କୋରଡାର ମାଡ଼,
ରକ୍ତମୁଖା ପିଶାଚର
ଲୋଲୁପ ଦୃଷ୍ଟିରେ
ଆକ୍ରା ମାକ୍ରା ମଣିଷ।
ବିଶ୍ୱାସ ଭରସା ଆଣ୍ଠେଇଛନ୍ତି
ଖାଲି ଅଭିଧାନର ଶବ୍ଦ ହୋଇ।
ଅପହଞ୍ଚ ଟିକେ ଶ୍ରଦ୍ଧା, ଟିକେ ସହାୟତା,
ନାରୀ ସୁରକ୍ଷା ବାଟବଣା ଏଠି,
ଲୋକ ଦେଖାଣିଆ
ଯେତେ ସାନ୍ତ୍ୱନା ଆଉ ଆଶ୍ୱାସନା।
କାହାଠୁଁ ରକ୍ତ ନିଗାଡି
କିଏ ହୁଏ ମାଲାମାଲ ,
କାହାଠୁଁ ଭୋକ ଛଡେଇ
କିଏ ଜିତେ ଗଡ଼,

ISSN NO.
2582-208X

ଢୋକିଦିଏ କେତେ କ'ଣ।
ନିର୍ମଳ ଭାବମୂର୍ତ୍ତି ଉହାଡ଼ରେ
ଚଞ୍ଚକତା ଖାଲି ଚଞ୍ଚକତା
ଅବା କାହାକୁ ଅଜଣା ?
ଖୋଲିଦିଅ ଅନ୍ଧପୁଟୁଳି ଆଖିରୁ
ଦେଖ ଚଉପାଶକୁ,
ଛାତିକୁ ଶକ୍ତ କର
ପ୍ରତିବାଦ କରିବାକୁ ଶିଖ,
ନତୁବା ଅଘୋଷିତ ସୁନାମି ମାଡ଼ରେ
ବିବାକ ହଜିଯିବ ଠିକଣା ତୁମର
କାହାକୁ ବା ଜଣା ?

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା
କାଟିଆଛକ,ଯାଜପୁର
ଦୂରଭାଷ : ୯୪୩୮୦୬୫୧୯୫

ISSN NO.
2582-208X

# ଭାଗ୍ୟଦୋଷ



ବିନୟ କୁମାର ମିଶ୍ର

ଆଜିର ମଣିଷ ନିଜେ ନିଜ ହାତେ ମାପୁନାହିଁ ଆଉ ନିଜକୁ,
ଅନ୍ୟର ଆଡକୁ ଆଖି ପକାଇ ସେ
ଭୁଲେ ନିଜ ଭଲ ମନ୍ଦକୁ ।

ଭଗବାନ ବୋଲି କେହି ଜଣେ ଅଛି କେବଳ ଖରାପ କରେ,
ଯେତେ ଭଲ କାମ ମଣିଷ କରଇ ନିଜର ନିଷ୍ପତି ଫଳେ ।

ଯେତେ ଭଲ କାମ ମଣିଷ କୁହଇ
ମୋ ଦ୍ୱାରା ହେଲା ବୋଲି,
ଖରାପ ଯେତେକ
ଭାଗ୍ୟ ଭଗବାନ
ଆଡକୁ ଦିଅଇ ପେଲି ।

ଏଇ ସେ ଯଥେଷ୍ଟ
ବୁଦ୍ଧି ମନୁଷ୍ୟର
ଅଦୃଷ୍ଟ ବିଶ୍ୱାସ ଯାହା,
କର୍ମ ଅନୁସାରେ

ISSN NO.
2582-208X

ଫଳ ଭୁଞ୍ଜୁ ଥାଏ
ଛାତି ପେଟ ପିଟି ବାହା।

ଯେଉଁଠି ଦେଉଛି
ଅନ୍ୟକୁ ସେ ଦୋଷ ହତ୍ୟା ଅତ୍ୟାଚାର ବଢ଼େ,
ଭାଗ୍ୟ ଭଗବାନ
ଯେହେତୁ ଅଦୃଶ୍ୟ
ଦୋଷ ଦେଇ ଦେଲେ ଚଳେ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା

ISSN NO.
2582-208X

# ପ୍ରେମର ଶାଶ୍ୱତ ଉଚ୍ଚାରଣ ଓ ଭୀମ ପୃଷ୍ଟିଙ୍କ 'ଟୁରିଷ୍ଟ୍'

ସଞ୍ଜୟ କୁମାର ମୁଖୀ

ପ୍ରେମକୁ ନେଇ ଜୀବନ ଗତିଶୀଳ । ଜଣେ ଜଣକର ଅପେକ୍ଷାରେ ଥାଇ ଆପଣାର ସୁନ୍ଦର ଭବିଷ୍ୟତକୁ ଲକ୍ଷ୍ୟ କରିପାରେ । ବେଳେବେଳେ ଏମିତି ହୁଏ ଆମେ ଭବିଷ୍ୟତରେ କ'ଣ ହେବ ନହେବ ତାହା ବିଚାର ନକରି ବର୍ତ୍ତମାନର ଜୀବନ ପଛରେ ଧାଇଁ ଚାଲୁ ସାମାନ୍ୟ ଖୁସି ଓ ଶାନ୍ତି ପାଇଁ । କଥାଶିଳ୍ପୀ ଭୀମ ପୃଷ୍ଟି ପ୍ରେମ ଯେଉଁ ନୂତନ ସଂଜ୍ଞା ଟୁରିଷ୍ଟ୍ ଗଳ୍ପରେ ଦର୍ଶାଇ ଦେଇଛନ୍ତି ତାହା ଆଧୁନିକ ଜନଜୀବନରେ ଲକ୍ଷ୍ୟ କରାଯାଉଥିବା ତଥା ବର୍ତ୍ତମାନ ସମୟ ଦୈହିକ ଆକର୍ଷଣ ପ୍ରତି ଲୋଭାସକ୍ତ ପ୍ରେମିକ-ପ୍ରେମିକାମାନଙ୍କ ପାଇଁ ଏକ ଶାଶ୍ୱତ ଉଦାହରଣ । ଭୀମ ପୃଷ୍ଟି ଏହି ଗଳ୍ପ ଜରିଆରେ ପାଠକମାନଙ୍କ ଚେତନା ମଧ୍ୟରେ ପ୍ରେମ ଯେଉଁ ନୂତନ ପରିଭାଷା ସ୍ୱଷ୍ଟ କରାଇଛନ୍ତି, ତାହା ବାସ୍ତବିକ ଅନନ୍ୟ ।

'ଟୁରିଷ୍ଟ୍' ଗଳ୍ପରେ ଆମେ ଲକ୍ଷ୍ୟକରୁ ଜଣେ ଶଙ୍ଖ ବିକାଳୀ ପିଲାଟିର ଆବେଗଗତ ଉଚ୍ଚାରଣ। ଯେହେତୁ ଭୀମ ପୃଷ୍ଟି କଥାଶିଳ୍ପୀ ଭାବେ ପ୍ରତିଟି ସ୍ତରରୁ ତଥା ବିଭିନ୍ନ ପରିବେଶ ଓ ପରିସ୍ଥିତିରୁ କାହାଣୀ ସଂଗ୍ରହ କରନ୍ତି ସେ ଦୃଷ୍ଟିରୁ ଏହି ଗଳ୍ପଟି ମଧ୍ୟ ତାଙ୍କ ସ୍ୱତନ୍ତ୍ର ଦୃଷ୍ଟିକୋଣର ପରିଚୟ ପ୍ରଦାନକରେ । ସାଧାରଣତଃ ଉପକୂଳବର୍ତ୍ତୀ ଜନ-ଜୀବନ ତଥା ଉପକୂଳ ଅଞ୍ଚଳ ମଣିଷର ମନସ୍ତତ୍ୱକୁ ବୁଝିବା ପାଇଁ କଥାଶିଳ୍ପୀ ଭୀମ ପୃଷ୍ଟି ସବୁବେଳେ ତତ୍ପର । ଯାହାର ସ୍ୱର୍ଶ ଆମେ ଦେଖିପାରୁ ତାଙ୍କର ଉଭୟ ଗଳ୍ପ ଓ ଉପନ୍ୟାସ ।

'ଟୁରିଷ୍ଟ୍' ଗଳ୍ପଟି ସେହିପରି ପୁରୀ ଭଳି ଏକ ପର୍ଯ୍ୟଟନ ସ୍ଥଳର ଉପକୂଳବର୍ତ୍ତୀ ମଣିଷ ଜୀବନର ସଫଳ ରୂପାୟନ ।ଗଳ୍ପଟିର ଶେଷରେ ଭୀମ ପୃଷ୍ଟିଙ୍କ ଉପସ୍ଥିତି ଗଳ୍ପଟିକୁ ଅଧିକ ପରିମାଜିତ ଓ ଆକର୍ଷଣୀୟ କରିଦେଇଛି । ଗୋଟେ ସାଧାରଣ ଶଙ୍ଖ ବିକାଳୀ ପିଲାଟିର

ISSN NO.
2582-208X

ପ୍ରେମ ଓ ଆବେଗ ଯେଉଁ ଚିତ୍ର ଲେଖକ ଏଥିରେ ପ୍ରଦାନ କରିଛନ୍ତି, ତାହା ସାଧାରଣ ପାଠକଙ୍କୁ ଆଚାର୍ଯ୍ୟ କରିଦେଲେବି ମନୁଷ୍ୟତ୍ୱର ଆବଶ୍ୟକତା ଦୃଷ୍ଟିରୁ ବା ଗୁଣ ଦୃଷ୍ଟିରୁ ଏହାକୁ ସମର୍ଥନ କରିବେ ନିଶ୍ଚିତ ଭାବରେ ।

ପିଲାଟି ସମୁଦ୍ରକୂଳରେ ଶଙ୍ଖ ବିକେ, ଅପେକ୍ଷା କରେ ଦି'ପଇସା ପାଇବା ପରେ ଆପଣାର ପରିବାରକୁ ଫେରିଯିବା ପାଇଁ । ଅପେକ୍ଷାରତ ମା ପିଲାଟିର ରୋଜଗାର ଉପରେ ନିର୍ଭରଶୀଳ ହୋଇ ଯେଉଁ ବାକ୍ୟ ଉଚ୍ଚାରଣକରେ, ତାହା ପ୍ରତିଟି ଉପକୂଳବର୍ତ୍ତୀ ନିମ୍ନ ବର୍ଗର ଲୋକଙ୍କ ଜୀବନର ଚିତ୍ର । ଏହି ଟୁରିଷ୍ଟ୍ ଗଳ୍ପରେ ପିଲାଟିର ଯେଉଁ ଆବେଗଗତ ବିକାଶ ଆମେ ଲକ୍ଷ୍ୟ କରୁ ତାହା ହେଉଛି ଏକ ଚିଠି । ଜଣେ ବଙ୍ଗାଳୀ ଝିଅ ସୋନାଲି ପୁରୀ ସମୁଦ୍ରକୂଳକୁ ଶଙ୍ଖ କିଣିବାକୁ ଆସି ଯେଉଁ କାଗଜ ଖଣ୍ଡିକ ଲେଖି ବଢାଇ ଦେଇଥିଲା ପିଲାଟିର ହାତକୁ, ତାହାହିଁ ଗଳ୍ପର ମୂଳ କେନ୍ଦ୍ର । ପିଲାଟି ଏହାକୁ ପ୍ରେମପତ୍ର ବୋଲି ଭାବିନେବା ସହ ମନେକରିଛି ଏଥିରେ ଲେଖାଥିବ ଝିଅଟିର ଠିକଣା । କିନ୍ତୁ ପିଲାଟି ଭିତରେ ସୋନାଲିକୁ ନେଇ ପରବର୍ତ୍ତୀ ସମୟରେ ଯେଉଁ ପ୍ରେମର ଭାବନା ତୀବ୍ରତର ହୋଇ ଉଠିଛି । ସେତେବେଳେ ପିଲାଟିର ମନରେ ସୁନେଲି ଭବିଷ୍ୟତ ହଠାତ୍ ଉଙ୍କିମାରିଛି । ନିଜ ମା'କୁ ବି ଜଣାଇ ଦେଇଛି ସେ କଲିକତା ଚାଲିଯିବ ସେଠାରେ ପିରିଚିତି ଝିଅଟିର ଠିକଣା ସେ ପାଇଛି । କିନ୍ତୁ ତାହା ଯେ ଲେଖକଙ୍କ ଦ୍ୱାରା ବିରହର ସ୍ୱାଦ ପ୍ରଦାନ କରିବ ଏକଥା ପିଲାଟି କେବେ ଭାବି ନଥିଲା । କାଗଜଟିରେ ଠିକଣା ବଦଳରେ ଲେଖାଥିଲା କବିତାଟିଏ ।

'ତୋମାର୍ ଶଙ୍ଖେର ଶବ୍ଦ
ଯେଖାନେ ଭାସିୟା ଏସେ
ସେଇଖାନେ ଆମାର୍ ଉପସ୍ଥିତି ।
ଯତ ଦିନ ସମୁଦ୍ର ଥାକ୍ ବେ ଏଖାନେ
ତତୋଦିନ ତୁମାକେ ଆମାର୍ ଭାଲୋବାସା ' ।

ଯେଉଁ ଠାରେ ଜୀବନର ଶ୍ରେଷ୍ଠ ଖୁସି ଦିନେ ପିଲାଟି ଅନୁଭବ କରୁଥିଲା, ତାହା ଯେ

ISSN NO.
2582-208X

କିଛିକ୍ଷଣ ମଧ୍ୟରେ ସାମାନ୍ୟ କାଗଜ ଖଣ୍ଡେ ହୋଇଯିବ ଏକଥା ସେ ଆଦୌ ବୁଝିପାରିନଥିଲା।

ସେତେବେଳେ ପିଲାଟି କାଗଜରେ ଲେଖାଥିବା ସୋନାଲିର ଠିକଣାକୁ ଜାଣିବା ପାଇଁ ଲେଖକଙ୍କର ସହାୟତା ନେଇଥିଲା ସେତେବେଳେ ଲେଖକ ଯେଉଁ ପ୍ରତି-ଉତ୍ତର ପ୍ରଦାନ କରିଥିଲେ, ତାହା ଯେ ଗୋଟେ ଅପେକ୍ଷାରତ ପ୍ରେମିକ ହୃଦୟକୁ ଭାଙ୍ଗିଦେଇ ପାରେ କ୍ଷଣକରେ ତାହା ଅଧ୍ୟୟନକରି ପାଠକମାନେ ଆନନ୍ଦିତ ଓ ବିସ୍ମିତ ହେବେ ନିଶ୍ଚିତ ।

ଗଳ୍ପଟି ପଢ଼ିବାବେଳେ ପାଠକମାନେ ଅନୁଭବ କରିପାରନ୍ତି ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପର ଆବେଗକୁ । ଜେଜେମା' ଯେଉଁ ପରି ଜୀବନର ଶେଷ ମୁହୂର୍ତ୍ତରେ ରେବତୀକୁ ଆଶ୍ରା କରିଥିଲା, ଏଠାରେବି ପିଲାଟିର ମା' ପିଲାଟି ଉପରେ ନିର୍ଭରଶୀଳ । ପୁନଶ୍ଚ ଆବଶ୍ୟକ ସ୍ଥଳେ ରେବତୀର ଜେଜେମା ପରି ଉଚ୍ଚାରଣ କରୁଥିଲା ମନମୁଖୀ ଶବ୍ଦ ଓ ଭାଷା । ଏହା ବ୍ୟତୀତ ଆମେ ରେବତୀ ଗଳ୍ପରେ ଯେଉଁ ପ୍ରେମର ଅତୃପ୍ତିକୁ ଲକ୍ଷ୍ୟ କରୁ, ତାହା ମଧ୍ୟ ଏହି 'ଟୁରିଷ୍ଟ୍' ଗଳ୍ପରେ ସ୍ପଷ୍ଟ ପ୍ରତିଫଳିତ ।

ଭୀମ ପୃଷ୍ଟିଙ୍କ ଗଳ୍ପ ଗଢଣରେ ରହିଛି ଚମତ୍କାରିତା । ଶବ୍ଦଗୁଡିକୁ ସେ ଯେମିତି ପ୍ରତୀକାତ୍ମକ ଭାବେ ଉପସ୍ଥାପିତ କରନ୍ତି, ତାହା ପାଠକକୁ କିଛିକ୍ଷଣ ପାଇଁ ମନ୍ତ୍ରମୁଗ୍ଧ କରାଇଦିଏ । ଯେତେବେଳେ ଶଙ୍ଖ ବିକାଳୀ ପିଲାଟିର ବ୍ୟକ୍ତିଗତ ବୈଶିଷ୍ଟ୍ୟକୁ ସେ ବର୍ଣ୍ଣନା କରୁଛନ୍ତି, ସେତେବେଳେ ଯେଉଁ ଧାଡିଟି ଲେଖିଛନ୍ତି ତାହା ଏଠାରେ ଲକ୍ଷ୍ୟ କରାଯାଉ ' ବେଳେବେଳେ ଶଙ୍ଖ ମୁହଁରେ ଦେଇ ବଜାଏ ନାହିଁ; ନିଜେ ବାଜି ଉଠେ' । ଏଥିରେ ପିଲାଟିର ଜୀବନଶୈଳୀ ଏବଂ ବଞ୍ଚିବାର ଯେଉଁ ସଂଘର୍ଷ ତାହା କିଛି ଶବ୍ଦ ମଧ୍ୟରେ ଶ୍ରୀଯୁକ୍ତ ପୃଷ୍ଟି ଦର୍ଶାଇ ଦେଇଛନ୍ତି । ଏଥିସହ ଉପକୂଳବର୍ତ୍ତୀ ଜନଜୀବନ କେତେ ଅସହାୟ କେତେ ସଂଘର୍ଷମୟ ତାହାକୁ ସଫଳତାର ସହ ଉପସ୍ଥାପନା କରିପାରିଛନ୍ତି । ଦ୍ୱିତୀୟତଃ ତାଙ୍କ ଗଳ୍ପରେ ଦର୍ଶନର ପ୍ରଭାବ । ସାଧାରଣତଃ ଭୀମ ପୃଷ୍ଟିଙ୍କ ଗଳ୍ପ ଅଧିକ ଆକର୍ଷଣୀୟ ଆଣିବାରେ ମୂଳରେ ରହିଛି ତାଙ୍କର ଦାର୍ଶନିକ ସୁଲଭ ଦୃଷ୍ଟିଭଙ୍ଗୀ । ଜୀବନର ବହୁବିଧ ପ୍ରସଙ୍ଗକୁ ନେଇ ସେ ଯେପରି କ୍ରିୟାଶୀଳ, ତାହା ପ୍ରତିଟି ଗଳ୍ପ ସୂଚାଇ ଦିଏ । ଟୁରିଷ୍ଟ୍ ଗଳ୍ପରେ ମଧ୍ୟ ଦର୍ଶନର ସ୍ପର୍ଶ ଦେଇ ଶବ୍ଦସହ ବିଳାସ କରିଛନ୍ତି ଭୀମ ପୃଷ୍ଟି । ଗୋଟିଏ

ISSN NO.
2582-208X

ଧାଡିକୁ ଲକ୍ଷ୍ୟ କରାଯାଉ 'ଦଳେ ନିର୍ବୋଧ କେବଳ ସମୁଦ୍ରକୂଳରେ ଚାଲ୍ ଫୁଲ୍ କରନ୍ତି । ଦଳେ ପାଗଳ ହେବାକୁ ସମୁଦ୍ରକୂଳକୁ ଆସନ୍ତି ' । ଶେଷରେ ଏତିକି କୁହାଯାଇପାରେ ଭୀମ ପୃଷ୍ଟିଙ୍କ ଟୁରିଷ୍ଟ୍ ଗଳ୍ପଟି ଆଧୁନିକ ପ୍ରେମୀ-ମଣିଷମାନଙ୍କ ପାଇଁ ଏକ ଦିଗବାରେଣୀ ସଦୃଶ ସଫଳ ଗଳ୍ପ ସୃଜନ ।

---

ଗବେଷକ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ଫୋନ୍ ନମ୍ବର -୮୭୫୮୧୦୩୮୪୭

ISSN NO.
2582-208X

# ବୋଉ



ଆକୁଳାନନ୍ଦ ପୃଷ୍ଟି

କିଏ ଡାକେ ମାମା କିଏ ଡାକେ ମା
ଆଉ କିଏ ଡାକେ ବୋଉ
ସବୁ ସମ୍ପର୍କର ଊର୍ଦ୍ଧ୍ୱରେ ସିଏ
କେଉଁଠି ବି ନାହିଁ
ବୋଉ ର ବିକଳ୍ପ ଆଉ ।

ପେଟ ପୁରିଯାଏ ମନ ହଜି ଯାଏ
ଡାକି ଦେଲେ ବୋଉ ବୋଉ
ଆଖିର ଲୁହ ସେ ଅମୃତ ଧାର ସେ
ଶିରା ପ୍ରଶିରା ରେ ଲହୁ
ଗଙ୍ଗା ଜଳ ପରି ପାପ ନାଶିନୀ ସେ
ଆମ ପାଇଁ ପଞ୍ଚାମୃତ
ଲବଣାକ୍ତ ଜଳ ମହୁ ହୋଇ ଯାଏ
ଛୁଇଁ ଦେଲେ ବୋଉ ହାତ ।
ମଧୁର କଥାରେ ହୃଦତ୍ତାପ ହରେ
ପହିଲି ବରଷା ପରି
ପଣତ ହଲିଲେ ମଳୟ ପବନ
ବହିଥାଏ ଥିରି ଥିରି ।

ISSN NO.
2582-208X

ବାପ ଥିବା ପୁଅ ସଭାରେ ହାରେନି
କହିଥାନ୍ତି ଗୁରୁଜନ
ବୋଉ ଥିବା ପୁଅ ଉପାସ ରହେନି
ସନ୍ତାନ ତା ଗଣ୍ଠିଧନ ।
ଚଳନ୍ତି ପ୍ରତିମା ଦେବୀଟିଏ ବୋଉ
ଦେଇ ଦେଇ ସିଏ ଦେବୀ
ଏପରି ଦେବୀଟେ କେହି ଦେଖିଛ କି
କୁହରେ ମଣିଷ ଭାବି ।
କଲ୍ୟାଣମୟୀ ଦେବୀ
ସଦା ଉଜ୍ଜ୍ୱଳ ସବୁଠୁ ନିର୍ମଳ
ସେଇ ଦେବୀଟିର ଛବି ।
କଲ୍ୟାଣମୟୀ ଦେବୀ

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ
ମୋ – ୯୪୩୭୮୬୪୫୬୨

ISSN NO.
2582-208X

# ଦୂର ପର୍ବତ



ସ୍ୱର୍ଣ୍ଣ ରଥ ମହାପାତ୍ର

କିଛି ନୂଆ ହେବାର ତ ନ ଥିଲା
ମେଘ ଆକାଶରେ ତାରା ତ ଫୁଟିବାର ନ ଥିଲା
ସକାଳୁ ସକାଳୁ ଶୁଭ ସକାଳ ବ୍ୟତୀତ
କିଛି ଶୁଭ ବାର୍ତ୍ତା ତ ଆସିବାର ନ ଥିଲା
ସେଇ ଡାଲମା ଶାଗ ନହେଲେ ବେସର ରାଇତା
କିଛି ମସଲାଦାର ତ ବନିବାର ନ ଥିଲା
ଜୀବନଟା ସନ୍ତୁଳା ବନି ଗଲେଣି କେତେ ଦିନୁ
କୁଆଡେ ଗଲା ସବୁ ତେଲ ମସଲାରେ
ଜୁଡୁବୁଡୁ ଘର ମହକୁଥିବା ପ୍ରେମ ?
ସିଝା ପରିବାର ଛୁଙ୍କରେ
ଘର ତ ମହକିବାର ନ ଥିଲା
କୁଆଡେ ଗଲା ସବୁ ମହ ମହ ବାସୁଥିବା
ସପନର ମଧୁର ବ୍ୟଞ୍ଜନ ?
ଏ ତ ନୁହେଁ ଆଉ ବୟସର ଅଲଣା ସ୍ୱାଦ
ନା ଆଖିର ପାଣିଚିଆ ନଜର !
ସକାଳର ଲାଲି ଚା ସୁଡୁକରେ
କିଛି ଅପେକ୍ଷାର ବାମ୍ଫ

ISSN NO.
2582-208X

ଶେଫାଳୀର ଭୁରୁ ଭୁରୁ ମହକରେ
ପ୍ରତ୍ୟାଶାର ଦଲକାଏ ପବନ
କାହାର ଆସିବାର ତ ନ ଥିଲା
କାହାକୁ ଅପେକ୍ଷା ?
ବାଡି ପଟ ଗାଡ଼ିଆରେ
ପଦ୍ମ ତ ଫୁଟିବାର ନ ଥିଲା
ତୁମର ଉଇ ହୁଙ୍କା ପରି ମୁହଁରେ
ହସ ଛତୁ ଫୁଟିବାର ତ ନ ଥିଲା
ତେବେ ପ୍ରତ୍ୟାଶାର କଁଅଳ ଖରା
ବାରଣ୍ଡାରେ ଯା ଆସ କାହିଁ କରୁଥିଲା ?
ମନ୍ଦିରରୁ ଚେତନାକୁ ଶାଶ୍ୱତପ୍ରେମ ଝାମ୍ପଦେଲା ପରି
ଦେହରୁ ମନକୁ ବେମାରୀ ଡେଇଁଲା କି ଆଉ !
ଫେରାଦି ଅଭିଯୋଗ ବାଦ ବିବାଦରେ
ଶର ନିକ୍ଷେପ ନିତି ଉଭୟ ଦିଗରୁ
ତୁମର ତୀର ସିଧା ଜତୁଗୃହେ ଯାଏ
ଭ୍ରୁ ଟେକି ଟେକି କୁହ....
"ତୁମେ ହରା ଭରା ହାଟରୁ
ମହାନଗରୀର ମଲ୍ ବନିଯାଇଛ
ପ୍ରେମ ତୁମର ନଈ ହେଇ କଳକଳ ବହୁଥିଲା
ଏବେ କୂଅର ସ୍ଥିର ପାଣି ବନିଛି
ଆଚ୍ଛା ତୁମେ କୁହ , ତୁମେ କୋଉ
ଛନଛନିଆ ଲାଉ ଡଙ୍କ ହେଇ
ମୋ ଚାଳରେ ଲଟେଇଛ
ଡେଙ୍ଗ ଗୁଆ ଗଛ ପରି ଦୂରକୁ ଯାଉଛ

ISSN NO.
2582-208X

କାକରିଆ ଜହ୍ନି ଫୁଲିଆ ହସ ତୁମର
ନିଦାଘର ଝାଞ୍ଜି ହେଇ ବୋହୁଛି
ମହୁ ଶିଶିରୁ ପିତା ଔଷଧ ଡବା ବନିଛ
କୁଆଡେ ଗଲା ସବୁ ବଉଦଭସା ପ୍ରୀତି ?
ଏତେ ଛକା ପଞ୍ଝା କାହିଁ ପାଇଁ କୁହ
ତୁମେ ଦିପାହୁଣ୍ଡ ପଛକୁ ଚାଲିଆସ
ମୁଁ ବି ଦିପାଦ ପଛକୁ ଆସିବି
ନିଜ ନିଜକୁ ପାଇଯିବା ହାତ ପାଆନ୍ତାରେ
ଦୂର ପର୍ବତ ସୁନ୍ଦର କହି କହି
କେତେଦିନ ଆଉ ମନକୁ ବୁଝୋଉଥିବା
ମୁଁହ ସଂଜଟାରେ ।

ବିଜୟା ଗାର୍ଡେନ,
ଜାମସେଦପୁର

ISSN NO.
2582-208X

# ଝରକା ବାହାରେ ନୀଳ ଆକାଶ



ସୁନନ୍ଦା ମିଶ୍ର

ସକାଳର ସୂର୍ଯ୍ୟକିରଣର ଝିନ୍ନ ପରଦା ଦେଇ ଧୀରେ ଧୀରେ ଛାଣି ହୋଇ ଝରକା ବାଟେ ଡ୍ରଇଂ ରୁମ ରେ ପଡୁ ଥିଲା । ସେହି ଆଲୋକର ମଝିରେ ପାଞ୍ଚ ବର୍ଷୀୟ ଅବିର ବସିଥିଲା, ସାବଧାନତାର ସହିତ ତା'ର ଖେଳଣା କାରଗୁଡ଼ିକୁ ଏକ ସରଳ ରେଖାରେ ସଜାଉଥିଲା। ତା'ର ଆଙ୍ଗୁଠିଗୁଡ଼ିକ ସଠିକ ଭାବରେ ଗତି କରୁଥିଲା – ଲାଲ, ନୀଳ, ସବୁଜ, ହଳଦିଆ – କେବେ ବି ଧାରା ଭାଙ୍ଗି ନଥିଲା।

ରୋଷେଇ ଘରର ଦ୍ୱାର ପାଖରୁ, ରିଆ ତାକୁ ଦେଖୁଥିଲେ, ତାଙ୍କ ଛାତିରୁ ଏକ ମୃଦୁ ଯନ୍ତ୍ରଣା ଉଠିଥିଲା। ବାହ୍ୟ ଜଗତ ପାଇଁ, ଅବିରର ଏହି ଖେଳ ଏକ ସାଧାରଣ କାମ ଥିଲା । କିନ୍ତୁ ତାଙ୍କ ପାଇଁ ଅସ୍ୱସ୍ତିକର ଥିଲା । ଯେତେବେଳେ ପର୍ଯ୍ୟନ୍ତ ଅବିର ର ରେଖାଗୁଡ଼ିକ ସଠିକ ଥିଲା, ତା'ର ଦୁନିଆ ଶାନ୍ତ ରହିଲା। ଏବଂ ଯେତେବେଳେ ଅବିରର ଦୁନିଆ ଶାନ୍ତ ଥିଲା, ରିଆ ଙ୍କ ମନରେ ଏକ ଅଦ୍ଭୁତ ପୂର୍ବକ ଶାନ୍ତି ଥିଲା। I ।

"ଜଳଖିଆ ସମୟ ହେଇଗଲା ଅବିର!," ସେ ପାଖକୁ ଆସି କହିଲେ । କୌଣସି ପ୍ରତିକ୍ରିୟା ନାହିଁ। ଅବିର ର ଆଖି ହଳଦିଆ କାର ଉପରେ ସ୍ଥିର ରହିଲା, ତା'ର ଓଠ ନୀରବରେ ହଲି ଚାଲୁଥିଲା, ଏକ ତାଳକୁ ପୁନରାବୃତ୍ତି କରୁଥିଲା ସେ, ଯାହା କେବଳ ସେ ନିଜେହିଁ ଶୁଣିପାରୁଥିଲା। ରିଆ ତାଙ୍କ ପାଖରେ ଆଣ୍ଠୁ ମାଡ଼ି ବସିଲେ। "ଅବିର, ମା'କୁ ଦେଖ।" କିଛି ସମୟ ପାଇଁଅବିର ଆଖି ଟେକି ତାଙ୍କୁ ଚାହିଁଲା – ତା'ପରେ, ପୁଣି ଗାଡ଼ିଗୁଡ଼ିକ ଆଡ଼କୁ

ISSN NO.
2582-208X

ଅନେଇ ରହିଲା। ସେ ତଥାପି ହସିଲେ। ମୁଣ୍ଡ ରେ ହାତଟା ମାରି ଦେଇ କହିଲେ,"ମୋ ସୁନା ପୁଅ"।"

ରୋଗ ନିର୍ଣ୍ଣୟ

ଯେତେବେଳେ ଅବିର ଦୁଇ ବର୍ଷର ଥିଲା, ସେ ତା ନା' ଶୁଣି ରେସପଣ୍ଡ କରିବା ବନ୍ଦ କରିଦେଲା। "ଏହା କେବଳ ଏକ ପର୍ଯ୍ୟାୟ," ସମସ୍ତେ କହିଥିଲେ। ଅବିର ପାଟିରୁ ମା' ଡାକ ଶୁଣିବାକୁ ଚାହିଁ ରହିଥିଲେ ରିଆ। "ପୁଅମାନେ ଡେରିରେ କଥା ହୁଅନ୍ତି... କହିଥିଲେ ତାଙ୍କ ପରିବାର ଲୋକେ, ସାଙ୍ଗ- ସାଥି ମାନେ। ପୁଅକୁ ତିନି ବର୍ଷ ପୁରି ଯାଇଥିଲେ ବି, ତା ପାଖରେ କୌଣସି ଶବ୍ଦ ନଥିଲା, କୌଣସି ନାଟକୀୟ ଖେଳ ନଥିଲା, କିମ୍ବା କୌଣସି ବନ୍ଧୁ ନଥିଲେ। କିନ୍ତୁ ବହୁ ଆବେଗର ସହ ବେଳେ ବେଳେ ସେ ଦେଖୁ ଥିଲା ନିଜ ସାର୍ଟ ର ବଟନ ଗୁଡିକୁ, ଉପରେ ବୁଲୁ ଥିବା ସିଲିଂ ଫ୍ୟାନକୁ। ରିଆ ଏବଂ ଦୀପକ ଡିସାଇଡ କଲେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କ ଆଡ଼ଭାଇସ ନେବାପାଇଁ । ଡାକ୍ତରଙ୍କ ଅପେକ୍ଷା ଗୃହଟି କାର୍ଟୁନ୍ ଏବଂ ଉଜ୍ଜ୍ୱଳ ବର୍ଣ୍ଣମାଳା ରେ ରଙ୍ଗ କରାଯାଇଥିଲା, ରୁମ ଟି ଖୁବ ଆକର୍ଷଣୀୟ ଥିଲା । କିନ୍ତୁ... ରିଆ ନିଜ ଭିତରେ ଏପରି ଅନ୍ଧକାର ଅନୁଭବ କରୁଥିଲେ ଯେମିତି ସେ ଆଗରୁ କେବେବି ଅନୁଭବ କରି ନ ଥିଲେ ।

ଯେତେବେଳେ ଶିଶୁରୋଗ ବିଶେଷଜ୍ଞ ତଥା ମନସ୍ତତ୍ୱବିତ୍ ଅବିରର କିଛିଟା ପରୀକ୍ଷା କରି ସାରି ଶେଷରେ କହିଲେ, "ଆପଣଙ୍କ ପିଲାର ଅଟିଜିମ୍ ସ୍ପେକ୍ଟ୍ରମ୍ ଡିସଅର୍ଡର ଅଛି,"ତାଙ୍କର ସ୍ୱର ବହୁତ ନରମ ତଥା ପ୍ରଫେସନାଲ ଥିଲା। ଶବ୍ଦଗୁଡ଼ିକର ଅର୍ଥ ତୁରନ୍ତ ରିଆ ଏବଂ ଦୀପକ ଙ୍କୁ ବୁଝା ପଡ଼ିଲା ନାହିଁ। ରିଆ ଅବିରର ହେଲ୍ଥ-ଚାର୍ଟ, ରଙ୍ଗୀନ ମସ୍ତିଷ୍କ-ସ୍କାନବହୁତ ଧ୍ୟାନ ରେ ଦେଖିଥିଲେ। ଏହା ସବୁ ସ୍ୱପ୍ନ ପରି ଲାଗୁଥିଲା।ଦୀପକ ପଚାରିଲେ, "ଏହାର କିଛି ଚିକିତ୍ସା ଅଛି କି? କିଛି ଔଷଧ- ପତ୍ର ...?"

ଡାକ୍ତର ନିଶ୍ୱାସ ମାରିଲେ। "ଏହାର ସମ୍ପୂର୍ଣ୍ଣ ଉପଚାର ତ ନାହିଁ । କିନ୍ତୁ ଆପଣ ମାନଙ୍କ ପାଇଁ ବହୁତ ଜିନିଷ ଶିଖିବାର ଏବଂ ବୁଝିବାର ଅଛି।" ସେହି ରାତିରେ, ରିଆ ନିଦରୁ ଉଠି ସିଲିଂ ଫ୍ୟାନ୍‌କୁ ଚାହିଁ ରହିଥିଲେ। ଏହାର ବ୍ଲେଡ୍‌ଗୁଡ଼ିକ ତାଳବଦ୍ଧ ଭାବରେ ବୁଲି ନୀରବତାକୁ କାଟି ଦେଉଥିଲା। ଅବିର ତାଙ୍କ ପାଖରେ ଶୋଇଥିଲା, ତାଙ୍କ ହାତ କୁ ଜାବୁଡି ଧରି। ରିଆଙ୍କ

ISSN NO.
2582-208X

କାନରେ ଖାଲି 'ସ୍ପେକଟ୍ରମ' ଶବ୍ଦ ଟି ପ୍ରତିଧ୍ୱନିତ ହେଉଥିଲା-ଯାହାର ଅର୍ଥ ଥିଲା - ରଙ୍ଗର ବିସ୍ତାର - କିନ୍ତୁ ସେ...ସେ କେବଳ ଧୂସର ରଙ୍ଗ ହିଁ ଦେଖି ପାରୁଥିଲେ।

## ସର୍ପିଳ ରାସ୍ତା

ରିଆ ଏବଂ ଦୀପକ ଙ୍କ ଜୀବନ ଟା ଧୀରେ ଧୀରେ  ଚିକିତ୍ସା ଏବଂ ଚାକିରୀ ମଧ୍ୟରେ ବାନ୍ଧି ହେଇ ଯାଇଥିଲା ଥିଲା। ଡାକ୍ତର ଙ୍କ ପରାମର୍ଶରେ  ସେମାନେ ସ୍ପେସାଇଲିଷ୍ଟ ମାନଙ୍କୁ ଦେଖା କରିଥିଲେ। ସୋମବାରରେ ସ୍ପିଚ ଥେରାପି, ବୁଧବାର ଦିନ ଅକ୍ୟୁପେସ୍‌ନାଲ ଥେରାପି, ସପ୍ତାହରେ ଦୁଇଥର ଆଚରଣ ପରିବର୍ତ୍ତନ ଚିକିତ୍ସା ଯେମିତି ତାଙ୍କ ଜୀବନର ଏକ ରୁଟିନ ପାଲଟି ଯାଇଥିଲା। ଜୀବନଟା ଯେମିତି ଆଶା ଏବଂ କ୍ଳାନ୍ତିର ଯୁଦ୍ଧକ୍ଷେତ୍ର ରେ ପରିଣତ ହେଇ ଯାଇଥିଲା। ଦୀପକ ଅଫିସ କାମରେ ଅଧିକ ସମୟ ରହିବାକୁ ଲାଗିଲେ। ଯେତେବେଳେ ସେ ଘରକୁ ଫେରିଲେ, ସେ କମ୍ କଥା ହେଉଥିଲେ, ଅଧିକ ସମୟ ମୋବଇଲ ରେ ଲାଗି ରହୁଥିଲେ ।

ସମ୍ପର୍କୀୟ ତଥା ସାଙ୍ଗ-ସାଥି ମାନେ ଯେତେବେଳେ ବି ଘରକୁ ଆସୁଥିଲେ, ସହାନୁଭୂତିରେ ଦେଖାଉଥିଲେ ଏବଂ ଅବାଞ୍ଛିତ ପରାମର୍ଶ ଦେଉଥିଲେ। "ହୋମିଓପାଥି ଚେଷ୍ଟା କରନ୍ତୁ, ମୁଁ ଶୁଣିଛି ଏହା କାମ ଦିଏ।" "ତୁମେ ତାଙ୍କ ରାଶିଫଳ ଜ୍ୟୋତିଷ ଙ୍କୁ ଦେଖେଇଚ ?" "ହୁଏତ ବହୁତ ସ୍କ୍ରିନ୍ ସମୟ ଏଥି ପାଇଁ ଦାୟୀ ?" ସେମାନଙ୍କର ପ୍ରତ୍ୟେକ ଶବ୍ଦ ରିଆ ଙ୍କ ହୃଦୟକୁ ତୀର ମାରିଲା ଭଳି ଲାଗୁଥିଲା।

କେତେବେଳେ କେମିତି ରିଆ ଅବିରଙ୍କୁ ନେଇ ପାର୍କ ଯାଉଥିଲେ । ସେଠି ତାଙ୍କ  ଘର ଆଖ -ପାଖ ର ସ୍ତ୍ରୀ ଲୋକ ମାନେ ନିଜ ପିଲା ମାନଙ୍କର ପ୍ରଥମ ଶବ୍ଦ କହିବା, ଚାଲିବା , ସ୍କୁଲ ର ପ୍ରଥମ ଦିନ, ପ୍ରଥମ ଥର ଷ୍ଟେଜ ରେ ରାଇମ୍ସ ବୋଲିବା ବିଷୟରେ କଥାବାର୍ତା ହୁଅନ୍ତି । ରିଆ ସେ ସବୁ ଶୁଣି ଖାଲି ଟିକେ ହସି ଦିଅନ୍ତି, ତାପରେ ସେଠାରୁ କୋହ ଭରା ଛାତି ନେଇ ଶୀଘ୍ର ଶୀଘ୍ର ଚାଲିଆସନ୍ତି ଘରକୁ । ଅବିରକୁ ଏନଗେଜ ରଖିବା ପାଇଁ ଭିନ୍ନ ଭିନ୍ନ ଉପାୟ ଖୋଜନ୍ତି । । ସେ ଅନୁଭବ କରନ୍ତି ଯେମିତି ତାଙ୍କ ଦୁନିଆ ଟା ଧୀରେ ଧୀରେ  ସଂକୁଚିତ ହେଇ ଯାଉଛି ।

ISSN NO.
2582-208X

ଅବିର ର ପ୍ୟାନିକ ଆଟାକ ସମୟରେ ଯେତେବେଳେ ସେ ଚିତ୍କାର କରି ତଳେ ମୁଣ୍ଡ ବାଡେଇ କାନ୍ଦେ..., ତାଙ୍କ ଛାତି ଥରି ଉଠେ । କିନ୍ତୁ ନିଜକୁ ସମ୍ଭାଳି ନେଇ ଅବିରଙ୍କୁ କୋଳେଇ ନିଅନ୍ତି ଆଉ ତା ମୁଣ୍ଡ କୁ ଥାପୁଡ଼ୁ ଥାପୁଡ଼ୁ କୋହ ଭରା ସ୍ୱର ରେ ଫୁସଫୁସକରି କୁହନ୍ତି, "ବ୍ୟସ୍ତ ହୁଅନା ଧନ, ମୁଁ ତୋ ପାଖରେ ଅଛି...।" କିନ୍ତୁ ରାତିର ଅନ୍ଧାରରେ, ଯେତେବେଳେ ଅବିର ଶେଷରେ ଶୋଇପଡୁଥିଲା, ସେ ନିଜ ମୁହଁକୁ ଏକ ତକିଆରେ ମାଡି ଦେଇ କଇଁ କଇଁ ହେଇ କାନ୍ଦୁଥିଲେ – ନୀରବରେ... ଯାହା କେହି ଶୁଣିପାରିବେ ନାହିଁ।

ବିଶ୍ୱାସର ତୀର୍ଥଯାତ୍ରା

ଯେତେବେଳେ କୌଣସି ଔଷଧରେ ଅବିରର ହାବ-ଭାବ ରେ କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ, ଭକ୍ତି ଏବଂ ବିଶ୍ୱାସ ପରବର୍ତ୍ତୀ ଉପଚାର ଭାବରେ ଦେଖିବା ପାଇଁ ପ୍ରୟାସ କରିବାକୁ ପରିବାର ର ଲୋକ ମାନେ ବୁଝାଇ ଥିଲେ । ରିୟାର ମାଆ ଜିଦ୍ ଧରି କହିଲେ, "ଚାଲ ତିରୁପତି ଯିବା। ପରମେଶ୍ୱର ପିଲାଟିକୁ ଆଶୀର୍ବାଦ କରିବେ। ବିଶ୍ୱାସ ରଖ। ମା' ଙ୍କ କଥା ଭାଙ୍ଗି ନ ପାରି ରିଆ, ମା' ଏବଂ ଅବିର ଙ୍କୁ ନେଇ ତିରୁପତି ଅଭିମୁଖେ ଚାଲିଥିଲେ। ସେଠିକା ର ବାୟୁ ମଣ୍ଡଳ ରେ ସେ କର୍ପୂର, ଲୋକଙ୍କ ଝାଳ ଏବଂ ତାଙ୍କ ଆଶା ଏବଂ ଆକାଂକ୍ଷାର ଏକ ମିଶ୍ରିତ ଗନ୍ଧ ଅନୁଭବ କରିଥିଲେ। ଦର୍ଶନାର୍ଥୀ ମାନଙ୍କର ଧାଡ଼ିଗୁଡ଼ିକ ଅସୀମ ଭାବରେ ଲମ୍ବି ଯାଇଥିଲା, ଲୋକମାନେ ଜପ କରୁଥିଲେ, ଘଣ୍ଟି ବାଜୁଥିଲା, ଢୋଲ ବାଜୁଥିଲା। ଚାରି ପଟର ଶବ୍ଦ ଶୁଣି କୁନି ଅବିର ବିଚଳିତ ହେଇ ଉଠୁଥିଲା..ଅବିରତାର ଛୋଟ ଛୋଟହାତ ତା'ନିଜ କାନରେ ଚାପି ଧରିଥିଲା। ହଠାତ ସେ ହାତ -ଗୋଡ଼ ଛାଟି ଚିତ୍କାର କରିବାକୁ ଲାଗିଲା।

"ଆପଣ ମାନେ ଦୟାକରି, ଅନ୍ୟ ଏକ ସ୍ଥାନ କୁ ଯାଇପାରିବେ କି ?" ରିୟା ହାତ ଯୋଡି ଲୋକ ମାନଙ୍କୁ ଅନୁରୋଧ କଲେ । କିନ୍ତୁ ଲୋକ ମାନଙ୍କର ଭିଡ଼ କେବଳ ତାଙ୍କୁ ଥରେ ଚାହିଁଲା ଏବଂ ତାପରେ ମୁହଁ ଫେରେଇ ନେଲା - କିଛି ଲୋକ ଦୟାରେ, କିଛି ବିରକ୍ତିରେ। ଜଣେ ବ୍ୟକ୍ତି ବିରକ୍ତିରେ କହିଲେ, "ବିକୃତ ପିଲାଟା...ପାଗଳ ଟା ନା କଣ...! "ଆଉ ଜଣେ ଫୁସ୍‌ଫୁସ୍ କରି କହିଲେ, "ବାପା- ମା ସଦାଚାର ଶିଖେଇ ନାହାନ୍ତି ବୋଧେ"; "ଏପରି ପିତାମାତା ସେମାନଙ୍କ ପିଲାମାନଙ୍କୁ ନିୟନ୍ତ୍ରଣ କରନ୍ତି ନାହିଁ କି ସଂସ୍କାର ଶିଖାନ୍ତି ନାହିଁ," ଆଉ ଜଣେ ବ୍ୟକ୍ତି ଙ୍କର ମନ୍ତବ୍ୟ ଥିଲା । ରିଆ ଅବିର କୁ ନିଜ ପାଖକୁ ଟାଣି ଆଣିଲେ ଆଉ

ISSN NO.
2582-208X

ପାଖରେ ଥିବା ଏକ ସ୍ତମ୍ଭ ପାଖରେ ଆଉଜି ଗଲେ । ଆଖିରୁ ବୋହି ଯାଉଥିଲା ଧାର ଧାର ଲୁହ ।

ସେ ତାକୁ ଜୋରରେ ଜାବୁଡି ଧରିଥିଲେ, ଏବଂ ଫୁସ୍‌ଫୁସ୍ କରି କହିଥିଲେ, ସ.... ମାମା ତୋ ପାଖରେ ଅଛି... ସବୁବେଳେ ତୋ ପାଖରେ ଅଛି ଆଉ ରହିବ...।"ସେହି ରାତିରେ, ସେଛୋଟ ଲଜ୍‌ରେ, ଅବିରତାର ନୀଳ କାରଟି ଧରି ଶୋଇଥିଲା। ସେମାନଙ୍କ ଉପରେ ସିଲିଂ ଫ୍ୟାନ୍ ବୁଲୁ ଥିଲା। ରିଆ ଖାଲି ଚାହିଁ ରହିଥିଲେ। ସେ ପ୍ରାର୍ଥନା କରୁଥିଲେ ? ନା କେବଳ ଭିକ୍ଷା ମାଗୁଥିଲେ ? ସେ ନିଜେ ବି ଜାଣି ପାରୁ ନ ଥିଲେ ।

ଧୈର୍ଯ୍ୟର ସୀମା

ସହର ଜୀବନ୍ତ ହୋଇଉଠିଥିଲା ଲୋକ ମାନଙ୍କର କୋଳାହଳ ରେ, ରାସ୍ତା ର ଲମ୍ବା-ଲମ୍ବା ଆଲୋକ ମାଳରେ, ଚଳ -ଚଞ୍ଚଳ ଲୋକ ଏବଂ ଖୁବ ଉଚ୍ଚ ସ୍ୱର ରେ ବାଜୁଥିବା ସଂଗୀତ ରେ । କିନ୍ତୁ, ସପ୍ତମ ମହଲାରେ ଥିବା ଦୀପକ-ରିଆ ଙ୍କର ଆପାର୍ଟମେଣ୍ଟ ଭିତରେ, ନୀରବତା ରାଜତ୍ୱ କରୁଥିଲା। କେବଳ ରେଫ୍ରିଜରେଟର ମୃଦୁ ଗୁଞ୍ଜରଣ ଏଇ ନିସ୍ତବ୍ଧତାକୁ ଭାଙ୍ଗି ଦେଉଥିଲା । ରିଆ ଡରି ଗଲେ... ଏକ ଅଜଣା ଡର ରେ ତାଙ୍କ ହୃଦଗତି ବଢି ଯାଇଥିଲା । ଅବିର ଝରକା ପାଖରେ ବସି କାଚ ଉପରେ ତା'ର ଆଙ୍ଗୁଠି ରଖିଥିଲା; ଯେଉଁଠାରେ ଶୀତ ରାତିର କୁହୁଡି ପଡି କାଚ ଝରକାଟି ଧୂଆଁ ଧୂଆଁ ଦିଶୁଥିଲା । ଅବିର ଝରକା କାଚ ଉପରେ ହାତ ବୁଲେଇ କଣ ଗୋଟାଏ ଆକୃତି ବନାଉ ଥିଲେ। ପୁଅ ର ଏଇ ଅନନ୍ୟ କଳା ଦେଖି ରିଆଙ୍କ ମୁହଁ ଟି ଖୁସି ରେ ଝଲକି ଉଠିଲା। ଅନ୍ୟ ସମସ୍ତଙ୍କ ପାଇଁ, ଏହା ଅଜବ ଥାଇପାରେ ...କିନ୍ତୁ ତାଙ୍କ ପାଇଁ ଏଇଟା ନୋବେଲ ପ୍ରାଇଜ ଠାରୁ କମ ନ ଥିଲା ।

"ଦୀପକ!," ସେ ଦିନେ ସନ୍ଧ୍ୟାରେ କହିଲେ, ତାଙ୍କ ସ୍ୱର ଥରି ଉଠିଲା, "ସ୍କୁଲ ପୁଣି ଅବିର ର ଆଡ଼ମିସନ ଫର୍ମ ଟି ପ୍ରତ୍ୟାଖ୍ୟାନ କଲା।" ଦୀପକ ତାଙ୍କ ଫୋନ୍ ରୁ ମୁଣ୍ଡ ଉଠାଇ ଉପରକୁ ଚାହିଁଲେ ନାହିଁ। "ସେମାନେ କହିଲେକି କାହିଁକି ରିଜେକ୍ଟ କଲେ ?" ରିଆ ଉତ୍ତର ଦେଲେ, "ସେମାନେ କହିଲେ ଯେ ସେମାନେ 'ବିଶେଷ କ୍ଷମତା' ପିଲାମାନଙ୍କ ପାଇଁ ପ୍ରସ୍ତୁତ ନୁହଁନ୍ତି। ସେମାନେ ଏ ଭଳି ପିଲାଙ୍କ ପାଇଁ ଏକ ପୃଥକ କେନ୍ଦ୍ର ର ପ୍ରସ୍ତାବ ଦେଇଥିଲେ।"

ISSN NO.
2582-208X

ଦୀପକ ଦୀର୍ଘ ନିଶ୍ୱାସ ମାରିଲେ। "ହୁଏତ ଏହା ଅବିର ପାଇଁ ଭଲ। ସେ ସେଠାରେ ତାଲିମପ୍ରାପ୍ତ ଲୋକ ମାନଙ୍କଠାରୁ ଶିକ୍ଷା ପାଇବ।" "କିନ୍ତୁ ଅନ୍ତର୍ନିବେଶୀ ଶିକ୍ଷାକଣ ଏଇଆ କହୁଚି ?" ଧୀରେ ପଚାରିଲେ ରିଆ। "ଅବିର କେବଳ ଏକଛୋଟ ପିଲା, ଏକ କେସ୍ ଫାଇଲ୍ ନୁହେଁ।" ଦୀପକଙ୍କ ମୁହଁରେ ବିରକ୍ତି ର ଆଭାସ ଥିଲା । "ରିଆ, ଆମେ ପ୍ରତିଦିନ ସିଷ୍ଟମ ସହିତ ଲଢ଼ିପାରିବୁ ନାହିଁ। ଆମକୁ ବ୍ୟବହାରିକ ହେବାକୁ ପଡିବ, ସମସ୍ତଙ୍କ ସହ ମିଶି ଚାଲିବାକୁ ପଡିବ । "'ସମସ୍ତଙ୍କ ସହ ମିଶି'! ଶବ୍ଦଟି ଏକ ଚାପୁଡ଼ା ପରି ଲାଗିଲା ରିଆଙ୍କୁ । ଜଣେ ମାଆ ଯିଏ ତାଙ୍କ ପୁଅକୁ କୌଣସି ଜନ୍ମଦିନ ପାର୍ଟିକୁ ନେଇ ପାରୁନଥିଲେ, ବା ପାର୍କ ରେ ଖେଳିବାକୁ ଅଥବା ସମୟ ବିତେଇବାକୁ ନେଇପାରୁ ନ ଥିଲେ ... ସେତେବେଳେ ଏ ତଥାକଥିତ 'ସମସ୍ତେ' କୁଆଡେ ଯାଇଥିଲେ ? କେବଳ ଖରାପ ବ୍ୟବହାର ଦେଖିଥିବା ଅପରିଚିତ ଲୋକଙ୍କୁ ନିଜ ଦୁଃଖ ବୁଝାଇବା ପାଇଁ ସଦୈବ ଚେଷ୍ଟା କରିବା କ'ଣ ଖାଲି 'ବ୍ୟବହାରିକ' ଥିଲା?ସେଦିନ ରାତି ରେ ବେଡ଼ରୁମ ର ଜିରୋ ପାୱାର ଲାଇଟ ତଳେ ରିଆ ଅବିର ଙ୍କ ବିଛଣା ପାଖରେ ବସି ଧୀରେ ଧୀରେ କହିଲେ, "ତୁ ଜାଣିଛୁ, ଧନ? ତୁ ତୋ ମାମାଙ୍କୁ ପ୍ରତିଦିନ ଶକ୍ତିଶାଳୀ ହେବାକୁ ଶିଖାଉଛୁ। କିନ୍ତୁ ମୁଁ ଜାଣିନାହିଁ ମୋତେ ଏସବୁ ଶିଖିବା ପାଇଁ ଆଉ କେତେ ସମୟ ଲାଗିଯିବ।"

ପଡ଼ୋଶୀମାନେ

ବିଲ୍ଡିଂ ହ୍ୱାଟ୍ସଆପ୍ ଗ୍ରୁପ୍ ରେ ଗପର ପୁଟୁଳି ଖୋଲିଥିଲା ସେ ଦିନ । କେଉଁଠୁ କେଜାଣି ଅଦିନିଆ ମେଘ ଟା ମାଡିଆସିଥିଲା । ବିଜୁଳି-ଘଡଘଡି ର ଶବ୍ଦ ଶୁଣି ଅବିର ଚିଲେଇବାକୁ ଲାଗିଥିଲା ...ଜୋର ଜୋରରେ ପାଟି କରି ।ସେଇତିକି ବେଳେ ଗ୍ରୁପ ରେ କେହି ଜଣେ ଲେଖିଲେ : "କ'ଣ ପିତାମାତା ଦୟାକରି ସେମାନଙ୍କ ପିଲାକୁ ନିୟନ୍ତ୍ରଣ କରିପାରିବେ ? ଏହା ସମସ୍ତଙ୍କୁ ଡିଷ୍ଟର୍ବକରୁଛି।" ଯେତେବେଳେ ରିଆ ପରିସ୍ଥିତି ବୁଝାଇବାକୁ ଚେଷ୍ଟା କଲେ, ବଦଳରେ ତାଙ୍କୁ ମିଳିଲା ଏକ ଅଜବ ନୀରବତା - ଏପରି ଏକ ନୀରବତା ଯାହା ଯେକୌଣସି କଟୁ ଶବ୍ଦ ଅପେକ୍ଷା ଅଧିକ କଷ୍ଟ ଦାୟକ। ପରଦିନ ସେ ମାର୍କେଟ ବାହାରିଲା ବେଳକୁ, ଚୌକିଦାର ତାଙ୍କୁ ଧୀରେ ଅଟକାଇଲେ।" ମ୍ୟାଡାମ୍, କିଛି ବାସିନ୍ଦା ଅଭିଯୋଗ କରୁଛନ୍ତି ଯେ ଆପଣଙ୍କ ପୁଅ ବାଲକୋନିରୁ ଜିନିଷ ଫିଙ୍ଗି ଦେଉଛି ?"

ସେ ତଟସ୍ଥ ହୋଇଗଲେ। "ସେ କେବଳ କାଗଜ ର ଉଡ଼ାଜାହାଜ ଫୋପାଡ଼େ ।"ଲୋକଟି ଟିକେ ଅସ୍ୱସ୍ତି ଭାବରେ ମୁଣ୍ଡ ହଲାଇଲା। "ସେମାନେ କହୁଛନ୍ତି...ଏହା ବିପଦପୂର୍ଣ୍ଣ

ISSN NO.
2582-208X

ହେଇପାରେ ।" ସେହି ସନ୍ଧ୍ୟାରେ, ଅବିର ତିଆରି କରିଥିବା  କାଗଜ ର ଉଡ଼ାଜାହାଜ ଗୁଡ଼ିକୁ ଚୁପଚାପ୍ ଚିରିଦେଲେ ସେ। ଅବିର ତାଙ୍କୁ ଜଳ-ଜଳ ହୋଇ ଚାହିଁ ରହିଥିଲା – କ୍ରୋଧ ରେ ନୁହେଁ, ବା ଦୁଃଖରେ  ନୁହେଁ – କେବଳ ଦ୍ୱନ୍ଦ୍ୱରେ...। ସେ ନିରୀହ ଚାହାଣି ରିଆ ଙ୍କମନ କୁ ଭାଙ୍ଗି ଚୁରମାର କରିଦେଇଥିଲା।

## ଡାକ୍ତରଙ୍କ ଗସ୍ତ

ସେମାନଙ୍କର ପରବର୍ତ୍ତୀ ପରାମର୍ଶ ଥିଲା ଜଣେ ବିକାଶଶୀଳ ଶିଶୁରୋଗ ବିଶେଷଜ୍ଞଙ୍କ ସହ ଯିଏ ତାଙ୍କ ସହାନୁଭୂତିଏବଂ ଚିକିତ୍ସା ଜ୍ଞାନ  ପାଇଁ ଖୁବ ଜଣାଶୁଣାଥିଲେ । ତାଙ୍କ କ୍ଲିନିକ୍ ର କାନ୍ଥ ଗୁଡିକ ପିଲାଙ୍କ ଖେଳଣା ଏବଂ ହାତରେ ଅଙ୍କା ପୋଷ୍ଟରରେ ପରିପୂର୍ଣ୍ଣ ଥିଲା, ଯେଉଁଥିରେ ଲେଖାଥିଲା, ଆମେ ଭିନ୍ନ,କିନ୍ତୁ ଅନ୍ୟ ଠାରୁ କମ୍ ନୁହେଁ। ଡାକ୍ତର ପଟେଲ ସେମାନଙ୍କୁ ଆଦର ସହ  ସ୍ୱାଗତ କରିଥିଲେ। "ଅବିର କିପରି ଅଛି ?" "ରିଆ ମୁହଁ ତଳକୁ କରି କହିଲେ, ଏବେ ବି ସେ କଥା-ବାର୍ତ୍ତା  କରୁନି; "କିନ୍ତୁ ବେଳେବେଳେ ଗୀତ ଗାଇଲା ଭଳି ଗୁଣଗୁଣ ହେଉଛି । କେତେବେଳେ କେମିତି ସେ ମଧ୍ୟରୁ  କିଛି ଶବ୍ଦ ପୁନରାବୃତ୍ତି କରୁଚି ।" "ଏହାହିଁ  ହେଉଛି ପ୍ରଗତି," ଡାକ୍ତର ହସି ହସି କହିଲେ। "ଅବିର ର ଏହି ଛୋଟ ଛୋଟ ପ୍ରଗତି କୁ ଉପଭୋଗ କରନ୍ତୁ ଆପଣ ମାନେ I । 'ଅଟିଜିମ୍'ଗୋଟେ ପ୍ରୋବ୍ଲେମ ନୁହେଁ ଯାହାର ସମାଧାନ ଆମେ ଖୋଜିବା... ଏହା ଏକ ଭାଷା ଯାହାକୁ ଆମେ ଶିଖିବାକୁ ଚେଷ୍ଟା କରିବା କଥା ।"

ରିୟାର ଆଖି ଲୁହରେ ଭରିଗଲା। "କିନ୍ତୁ ସାର, ମୁଁ ଦିନକୁ ଦିନ ଧର୍ଯ୍ୟହରା ହେଇଯାଉଛି, ଭାଙ୍ଗି ପଡୁଚି ... । ମୁଁ ଛୋଟ ଛୋଟ କଥାରେ ତା ଉପରେ ରାଗି ଯାଉଛି ...ଆଉ ତା'ପରେ ନିଜକୁ ଘୃଣା କରିବାକୁ ଲାଗିପଡୁଛି।" ଡକ୍ଟର ପଟେଲ ଆଗକୁ ଝୁଙ୍କି ପଡ଼ିଲେ। "ତୁମ ପରି ମାଆମାନେ କାନ୍ଧରେ ଦୁନିଆ ସାରା ର ଦୁଃଖ ବୋହିବାର କ୍ଷମତା ରଖନ୍ତି । କିନ୍ତୁ ମନେରଖ – ଅବିର କୁ ଦକ୍ଷତାର ଆବଶ୍ୟକତା ନାହିଁ। ତାକୁ ଶାନ୍ତିର ଆବଶ୍ୟକତା ଅଛି;ଏବଂ ସେହି ଶାନ୍ତି ସେ ତୁମ ଠାରୁ ପାଏ ।"

## ଝଡ଼ର ଆରମ୍ଭ

ପରବର୍ତ୍ତୀ ମାସରେ, ଦୀପକଙ୍କ କମ୍ପାନୀ ତାଙ୍କୁ ବାଙ୍ଗାଲୋରକୁ ସ୍ଥାନାନ୍ତର କରିଥିଲା। ସେ କଥା ଦେଇଥିଲେ ଯେ ସେ ମାସରେ ଦୁଇଥର ଘରକୁ ଆସିବେ। ପୁଅ କୁ ଧରି ଏକୁଟିଆ

ISSN NO.
2582-208X

ରହିଗଲେ ରିଆ...ତା ସହ ତାଙ୍କ ସାଙ୍ଗରେ ଥିଲା ଥେରାପି ସେସନ୍, ଘରୋଇ କାର୍ଯ୍ୟ, ଅଗଣିତ ନିଦ୍ରାହୀନ ଅନନ୍ତ ରାତିଗୁଡିକ ।

ଏମିତି ଦିନ ପରେ ଦିନ ବିତି ଯାଇଛି ରିଆ ଖାଇବା-ପିଇବା ଭି ଭୁଲି ଯାଇଛନ୍ତି । ବିଳମ୍ବିତ ରାତିରେ ଯେତେବେଳେ ସେ ଝରକା ପାଖରେ ଆସି ବସୁଥିଲେ, ସହରର ଆଲୋକଗୁଡ଼ିକ ଉଦାସୀନ ତାରା ପରି ଦେଖାଯାଉଥିଲା ତାଙ୍କୁ । ଦିନେ ସନ୍ଧ୍ୟାରେ, ଅବିର ଗୋଟିଏ ଘଣ୍ଟା ପାଇଁ ଚିତ୍କାର କରିକାନ୍ଦିଥିଲା କାରଣ ତା ଖେଳଣା କାରର ଚକ ଭାଙ୍ଗି ଯାଇଥିଲା – ରିଆ ତାକୁ  ବୁଝାଇ ବୁଝାଇ ଶେଷ କୁ ହାରି ଯାଇଥିଲେ ।

ସେ ବାଥରୁମ୍ ର ଗୋଟେ କୋଣରେ ବସି ଆଣ୍ଠୁରେ ମୁହଁ  ମାଡି ଖୁବ କାନ୍ଦିଥିଲେ, ଯେପର୍ଯ୍ୟନ୍ତ ତାଙ୍କ ଶରୀର ନିସ୍ତେଜ ହୋଇ ଯାଇ ନଥିଲା ସେପର୍ଯ୍ୟନ୍ତ । କିନ୍ତୁ ସେ ଜୀବନ ଶେଷ କରିବା କଥା ଚିନ୍ତା କରୁନଥିଲେ। ସେ ଏହାକୁ କିଛି ସମୟ ପାଇଁ ରେଷ୍ଟ ଦେବାକୁ ଭାବୁଥିଲେ -ହୁଏତ ଗୋଟିଏ ଦିନ ପାଇଁ, ଗୋଟିଏ ଘଣ୍ଟା ପାଇଁ ମଧ୍ୟ – କେବଳ ପୁଣିଆଉ ଥରେ  ନିଶ୍ୱାସ ନେଇ ନିଜ ଭିତରେ କିଛି ଊର୍ଜା ଭରିବା ପାଇଁ ଏଭଳି ଏକ ନିରୋଳା । ଆଉ ଠିକ ସେତିକି ବେଳେ ... ବାଥରୁମ କବାଟ ପାଖରୁ କିଛି ଶବ୍ଦ ଶୁଭିଲା ତାଙ୍କୁ । ଦ୍ୱାର ଦେଇ ଅବିରର ମୃଦୁ ସ୍ୱର: "ମାମା... ଗାଡ଼ି... ।"

ସେ ଯେମିତି କାଠ ହେଇଗଲେ। ଏହା ଅବିରର ପ୍ରଥମ ଅସମ୍ପୂର୍ଣ୍ଣ ବାକ୍ୟ ଖଣ୍ଡ ଥିଲା, ଯାହା ସେ ତାଙ୍କ କଣ୍ଠ ରୁ ପ୍ରଥମ ଥର ପାଇଁ ଶୁଣିଥିଲେ । ତାଙ୍କ ଲୁହ ବୋହିବା ଅଚାନକ ବନ୍ଦ ହୋଇ ଯାଇଥିଲା । ସେ ଦ୍ୱାର ଖୋଲିଲେ, ତଟସ୍ଥ ଆଖି, ମୁହଁରେ ମୃଦୁ ହସ ଏବଂ ଧୃତହୃଦ-ସ୍ପନ୍ଦନ ସହ । ଅବିର ସେଠାରେ ହୋଇଥିଲା, ଭଙ୍ଗା ଗାଡ଼ିଟିକୁ ଧରି, ଆଖିରେ ତାର ଭରି ରହିଥିଲା ଅସୁମାରୀ ଆଶା । ରିଆ ତଳେ ବସିପଡି ଅବିରକୁ ଜୋରରେ କୁଣ୍ଢେଇ ପକାଇଲେ, ଲୁହ ଭିତରେ ଫିସ୍‌ଫିସ୍ କରି କହିଲେ, "ହଁ, ଧନ । ମାମା ଏହାକୁ ଠିକ୍ କରିଦେବେ। ମାମା ସବୁ ଠିକ୍ କରିଦେବେ।"

<u>ଅନୁସନ୍ଧାନ</u>

ସେହି ରାତିରେ ବହୁତ କିଛି ବଦଳି ଯାଇଥିଲା । କ୍ଲାନ୍ତିରେ ଏବଂ ଦୁଃଖ ରେ ବୁଡ଼ି ରହିବା ପରିବର୍ତ୍ତେ, ସେ ଖୋଜିବା ଆରମ୍ଭ କଲେ – ଚିକିତ୍ସା ଉଦ୍ଦେଶ୍ୟରେ ନୁହେଁ, ବରଂ କିଛି ସଂଯୋଗ ପାଇଁ। ଖୋଜୁ ଖୋଜୁ ସେ 'ଅଟିଷ୍ଟିକ୍' ପିଲାମାନଙ୍କ ପିତାମାତାଙ୍କ ପାଇଁ ଏକ

ISSN NO.
2582-208X

ଅନଲାଇନ୍ ସହାୟତା ଗୋଷ୍ଠୀ (କମ୍ୟୁନିଟି) ପାଇଲେ। ଗୋଷ୍ଠୀରେ, ସେ ତାଙ୍କ ପରି ଅନେକ ମାତା ଏବଂ ପିତାଙ୍କ କାହାଣୀ ପଢିଲେ - ଯାହା ଥିଲା ସତ୍ୟ, ଯନ୍ତ୍ରଣାଦାୟକ କିନ୍ତୁ ଆଶାବାଦୀ। ସେ ସଂକୋଚପୂର୍ଣ୍ଣ ଭାବରେ ଏକ ବାର୍ତ୍ତା ଟାଇପ୍ କଲେ: "ମୋ ପୁଅ ପାଞ୍ଚ ବର୍ଷର। ସେ ଅଧିକ କଥା କହେ ନାହିଁ କିମ୍ବା ଆଖିରେ ଆଖି ମିଳାଏ ନାହିଁ.... ସେ ତା ନିଜ ର ଏକ ଭିନ୍ନ ଦୁନିଆ ରେ ବଞ୍ଚି ରହେ। ମୁଁ ବହୁତ ଚେଷ୍ଟା କରି ସାରିଲିଣି... ଏବେ ଲାଗୁଚି ମୁଁ ଯେମିତି ହାରିଯାଉଛି। "କିଛି ମିନିଟ୍ ମଧ୍ୟରେ, ଉତ୍ତରଗୁଡ଼ିକ ରେ ତାଙ୍କର ହ୍ୱାଟ୍ସଅପ ଭରି ଯାଇଥିଲା: ତୁମେ ଏକା ନୁହଁ। ଆମେ ସମସ୍ତେ ସେହି ପରିସ୍ଥିତି ରେ ଥିଲୁ ବା ଅଛୁ । । ଆମେ ମାନେ ଗୋଟେ ପରେ ଗୋଟେ ସୋପାନ ଧୀରେ ଧୀରେ ପାର କରିବାକୁ ଚେଷ୍ଟା କରୁଚୁ। ଜୀବନରେ ପ୍ରଥମ ଥର ପାଇଁ ସେ ନିଜକୁ ଏକାକୀ ଭାବୁନ ଥିଲେ ।

## ଶୁଭାରମ୍ଭ

ଧୀରେ ଧୀରେ, ସେ ଏକ ବ୍ଲଗରେ ଅବିର ର ଆଜି ପର୍ଯ୍ୟନ୍ତ ର ଯାତ୍ରାକୁ ଡକ୍ୟୁମେଣ୍ଟେସନ୍ କରିବା ଆରମ୍ଭ କଲେ...ତା ନାଁ ଦେଲେ 'ଝରକା ବାହାର ର ନୀଳ ଆକାଶ'। ସେଥିରେ ସେ ଲେଖିଲେ ଥେରାପି ର ସେ ବ୍ୟସ୍ତ ଦିନ ଗୁଡିକ ବିଷୟରେ, ସମାଜର ଘୃଣାରେ ଦେଖୁଥିବା ସେ ଚକ୍ଷୁଗୁଡିକ ବିଷୟରେ..., ତାଙ୍କ ଅସହାୟତା ଏବଂ ଧର୍ଯ୍ୟହରା ହୋଇ ପଡୁଥିବା ଦିନ ଗୁଡିକ ସମ୍ବନ୍ଧରେ । ସେ ଲେଖିଲେ ତାଙ୍କର ନୀରବ ଆନନ୍ଦ ବିଷୟରେ ମଧ୍ୟ ... -ସେ ପ୍ରଥମ ବର୍ଷାର ଛିଟା ଯେତେବେଳେ ଅବିରର ମୁଁହ ରେ ପଡିଥିଲା, ସେହି ନିରମୋହିଁ ହସ ବିଷୟରେ ଲେଖିଲେ ରିଆ । କୁନି ଅବିର କିପରି ସିଲିଂ ଫ୍ୟାନ୍ ର ତାଳ ସହ ତାଳ ମିଳାଇ ଗୁଣଗୁଣ ହେଉଥିଲେ, ସେ ବିଷୟରେ ଲେଖିଲା ବେଳେ ଖୁସିରେ ତାଙ୍କର ଛାତି କୁଣ୍ଡେ ମୋଟ ହେଇଯାଉଥିଲା । ଧୀରେ ଧୀରେ ସେ ଲକ୍ଷ କଲେ ଦିନକୁ ଦିନ ତାଙ୍କ ବ୍ଲଗ ପୋଷ୍ଟ ର ଭିଉ ଏବଂ ଫୋଲୋଇଙ୍ଗ ବଢି ବଢି ଚାଲିଛି । ଲୋକମାନେ ପଢିବା ଆରମ୍ଭ କରିଥିଲେ ଏବଂ ପସନ୍ଦ ବି କରୁଥିଲେ ତାଙ୍କ ବ୍ଲଗସ ଗୁଡିକୁ... ଶିକ୍ଷକ, ଡାକ୍ତର, ଅନ୍ୟ ପିତାମାତା। କେତେକ ଉତ୍ତରରେ ଲେଖିଲେ, "ତୁମର କଥା ମୋତେ ମୋର ଛାତ୍ରଙ୍କୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କଲା।" "ପରିବାର ପାଇଁ ଏହି ଯାତ୍ରା କେତେ କଷ୍ଟକର ତାହା ମୁଁ ଆଗରୁ କେବେ ବୁଝିପାରିଲି ନଥିଲି।" ଏହା ଜଣାଇ ଥିବାରୁ ଆପଣ ଙ୍କୁ ଅନେକ ଅନେକ ଧନ୍ୟବାଦ । ତାଙ୍କୁ ତାଙ୍କରଯନ୍ତ୍ରଣା ବାଣ୍ଟିବାର ଗୋଟେ ରାସ୍ତା ମିଳି ଯାଇଥିଲା । ଏପରିକି ଦୀପକ, ଏକ ସପ୍ତାହାନ୍ତ ଗସ୍ତ ସମୟରେ, ଗୋଟିଏ ସନ୍ଧ୍ୟାରେ ତାଙ୍କ ପାଖରେ ବସି ବ୍ଲଗ୍

ISSN NO.
2582-208X

ସ୍କ୍ରୋଲ୍ କରୁଥିଲେ। "ତୁମେ ସୁନ୍ଦର ଭାବରେ ଲେଖିଛ," ସେ ଧୀରେ ଧୀରେ କହିଲେ। "ହୁଏତ... ହୁଏତ ଆମେ ଏହି ଫୋରମ କୁ କିଛି ବଡ଼ କରିପାରିବା।"

ରିଆ ଆଖି ଉଠେଇ ତାଙ୍କୁ ଚାହିଁଲେ ...ଦୀପକ ଙ୍କ ଆଖିରେ ଆଗ ପରି ଭୟ ବା ଘୃଣା ଦେଖାଯାଉ ନଥିଲା; ବରଂ ଲାଗୁଥିଲା ଯେମିତି ସେମାନଙ୍କର ମଧ୍ୟରେ ସମ୍ପର୍କ ଟା ଆଉ ଟିକେ ନିବିଡ଼ ହେବାକୁ ଲାଗିଥିଲା । ସେମାନଙ୍କ ମଧ୍ୟରେ ମାସ ମାସର ଦୂରତା କମ ହେଇ ଚାଲୁ ଥିଲା । "ହୁଏତ ଆମେ ପାରିବା," ସେ ଧୀର ଏବଂ ଦୃଢ ସ୍ୱରରେ କହିଲେ।

ପରିବର୍ତ୍ତନ

ସେହି ବର୍ଷ ମୌସୁମୀ ନୀରବରେ ଆସିଥିଲା। ସାଧାରଣତଃ କଠୋର ଏବଂ ଦ୍ରୁତଗତିରେ ବଢ଼ିଉଠୁଥିବା ସହରଟି ରୂପେଲି ବର୍ଷା ରେ ଭିଜି ନରମ ହେଇଯାଇଥିଲା । ରିୟା ଝରକା ପାଖରେ ଠିଆ ହୋଇ କାଚ ଉପରେ ବୁନ୍ଦା ବୁନ୍ଦାବର୍ଷା ପାଣି ପଡୁଥିବା ଦେଖୁଥିଲେ । ଅବିର, ବର୍ତ୍ତମାନ ଛଅ ବର୍ଷ ବୟସର ହେଲାଣି, ସେଇ ଝରକାର କାଚ ଉପରେ ବର୍ଷା ର ପାଣି ଧାର କୁ ଉପରୁ ତଳ ଯାଏଁ ଅନୁସରଣ କରି ଧୀର ସ୍ୱର ରେ କହୁଥିଲା, ଯା...ଯା......"

ଏହା ରିଆ ଏବଂ ଅବିରଙ୍କର ଏକ ରୁଟିନ ହୋଇଯାଇଥିଲା – ଝରକା ଭିତରୁ ବାହାର ଦୁନିଆଁ ଦେଖିବାତାଙ୍କର ପ୍ରତିଦିନର ଅଭ୍ୟାସ ହେଇଯାଇଥିଲା। ଯାହା କେବେ ରଆଙ୍କ ପାଇଁ ଏକ ଲକ୍ଷ୍ମଣ ଗାର ଥିଲା; ତାହା ଏବେ  ସେହି ଝରକା ବାହାରେଧୀରେ ଧୀରେ ପୁଣି ବିସ୍ତାରିତ ହେଉଥିଲା।

ପ୍ରଥମ ପଦକ୍ଷେପ

ତାଙ୍କର ବ୍ଲଗ୍ ଧ୍ୟାନ ଆକର୍ଷଣ କରିବା ଆରମ୍ଭ କରିଥିଲା। ଏକ ଅନଲାଇନ୍ ପ୍ୟାରେଣ୍ଟିଂ ପତ୍ରିକାର ଜଣେ ସାମ୍ବାଦିକ ତାଙ୍କୁ ଲେଖିଥିଲେ: "ତୁମର କାହାଣୀ ଏତେ ପାଠକଙ୍କୁ ଆକର୍ଷିତ କରିଛି। ତୁମେ କ'ଣ ଆମକୁ ତୁମର ଯାତ୍ରା ପ୍ରକାଶ କରିବାକୁ ଅନୁମତି ଦେବ?" ରିଆ ପ୍ରଥମେ ସଂକୋଚ କରିଥିଲେ। "ମୁଁ ଜଣେ ବିଶେଷଜ୍ଞ ନୁହେଁ," ସେ ସେହି ରାତିରେ ଦୀପକଙ୍କୁ କହିଥିଲେ। "ମୁଁ କେବଳ ଜଣେ ମାଆ ହେବାର ଭୂମିକା ନିଭାଇବାକୁ ଚେଷ୍ଟା କରୁଛି।"

ISSN NO.
2582-208X

ଦୀପକ ଧୀରେ ହସିଲେ। "ଲୋକମାନେ ଠିକ ସେଇଆ ହିଁ ଜାଣିବାକୁ ଚାହାନ୍ତି...ସିଏ ପୁଣି ଏମିତି ଜଣଙ୍କ ଠାରୁ ଯିଏ ଏ ସବୁ ନିଜେ ଅଙ୍ଗେ ନିଭେଇଛି ।"ଝରକା ବାହାର ର ନୀଳ ଆକାଶ : "ଅଟିଜିମ୍ ମାଧ୍ୟମରେ ଜଣେ ମାଆଙ୍କ ଯାତ୍ରା" ଶୀର୍ଷକ ଲେଖାଟି କିଛି ଦିନ ମଧ୍ୟରେ ଭାଇରାଲ୍ ହୋଇଗଲା। ବାପା-ମା, ଶିକ୍ଷକ, ଚିକିତ୍ସକ, ଏପରିକି ମନସ୍ତତ୍ୱ ଅଧ୍ୟୟନ କରୁଥିବା କଲେଜ ଛାତ୍ରମାନଙ୍କଠାରୁ ମଧ୍ୟ ବାର୍ତ୍ତା ଆସିଲା। ଗୋଟିଏ ଇମେଲ୍ ବହୁତ ଆକର୍ଷଣୀୟ ଥିଲା:

ପ୍ରିୟ ରିଆ,

ମୁଁ ଏକ ମୁଖ୍ୟଧାରାର ସ୍କୁଲରେ ଜଣେ ଶିକ୍ଷୟିତ୍ରୀ। ଆମର ସ୍କୁଲରେ ବି ଅବିର ପରି ଗୋଟିଏ ପିଲା ଅଛି। ତୁମର ଲେଖା ପଢ଼ିବା ପରେ ମୁଁ ଅନୁଭବ କଲି ଯେ ଆଜି ପର୍ଯ୍ୟନ୍ତ ଆମେ ତାକୁ ଜଣେ ମଣିଷ ଭଳି ନୁହେଁ, ଏକ ସମସ୍ୟା ଭାବରେ ବ୍ୟବହାର ଦେଖାଉଥିଲୁ । ମୋ ଆଖି ଖୋଲି ଦେବା ପାଇଁ ତୁମକୁ ଅଶେଷ ଧନ୍ୟବାଦ।

'ଅଞ୍ଜଳି'

ରିଆ ଏହାକୁ ପଢ଼ି କାନ୍ଦି ପକାଇଲେ। ଏହା ଏକ ଛୋଟ ପରିବର୍ତ୍ତନ ଥିଲା - କିନ୍ତୁ ତଥାପି ପରିବର୍ତ୍ତନଥିଲା।

<u>ସଭା</u>

କିଛି ମାସ ପରେ, ତାଙ୍କୁ ଏକ ସ୍ଥାନୀୟ ଏନଜିଓ ଦ୍ୱାରା ଆୟୋଜିତ ଅନ୍ତର୍ନିବେଶୀ ଶିକ୍ଷା ଏବଂ ସ୍ନାୟୁ ବିବିଧତା ସଚେତନତା ଉପରେ ଏକ କର୍ମଶାଳାରେ ଭାଷଣ ଦେବାକୁ ନିମନ୍ତ୍ରଣ କରାଯାଇଥିଲା। ସେ ପୂର୍ବରୁ କେବେ ସାର୍ବଜନୀନ ଭାବରେ ଭାଷଣ ଦେଇ ନଥିଲେ, କିନ୍ତୁ ସେ ଯାଇଥିଲେ - ଥରି ଥରି, ଅଭ୍ୟାସ କରୁଥିଲେଭାଷଣ ରେ କଣ କହିବେ ବୋଲି ।

ପଚାଶ ଜଣ ଶିକ୍ଷକଙ୍କ ସମ୍ମୁଖରେ ମଞ୍ଚ ଉପରେ ଠିଆ ହୋଇ ସେ ଧୀରେ ଧୀରେ ଆରମ୍ଭ କଲେ: "ମୋ ନାମ ରିଆ, ଏବଂ ମୁଁ ଅବିର ନାମକ ଏକ ସୁନ୍ଦର ପିଲାର ମାଆ। ସେ ଭଲ ଭାବରେ କଥା କହିପାରନ୍ତି ନାହିଁ - କିନ୍ତୁ ସେ ମୋତେ ପ୍ରତିଦିନ ଏକ ନୂତନ ଭାଷା ଶିଖାନ୍ତି। ଧୈର୍ଯ୍ୟ, ଏକାଗ୍ରତା ଏବଂ ନିରପେକ୍ଷ ପ୍ରେମର ଭାଷା।" ସଭା କକ୍ଷ ଟି ସମ୍ପୂର୍ଣ ଭାବେ ନିରବ ଥିଲା ।

ISSN NO.
2582-208X

ସେ ସ୍କୁଲଗୁଡ଼ିକରେ ପ୍ରବେଶ ମନା କରିବା ବିଷୟରେ, ନିଜ ଦୋଦୂଲ୍ୟମାନ ନିଷ୍ପତ୍ତି ବିଷୟରେ, ସଚେତନତାର ଅଭାବ ପରିବାରଗୁଡ଼ିକୁ କିପରି ସମାଜରୁ ବହିଷ୍କୃତ କରିଦିଏ ସେ ବିଷୟରେ କହିଥିଲେ। ସେ ଦୀର୍ଘ ସମୟ ଧରି ନିଜର ଅନୁଭବ, ସଂଘର୍ଷ ଏବଂ ଛୋଟ ଛୋଟ ସଫଳତା ବିଷୟରେ କହିବା ପରେ ନିଜ ଭାଷଣ ଶେଷ କରିଥିଲେକିଛି ଏମିତି କହି: "ଅଟିଜିମ୍ ଏକ କାନ୍ଥ ନୁହେଁ - ଏହା ଏକ ଭିନ୍ନ ଝରକା। ଏବଂ ପ୍ରତ୍ୟେକ ପିଲାଙ୍କର ଏହି ଝରକା ବାହାର ର ନୀଳ ଆକାଶ ଦେଖେଇବାକୁ ଇଚ୍ଛୁକ ବ୍ୟକ୍ତିଙ୍କର ସାନିଧ୍ୟ ପାଇବା ଏକ ଜନ୍ମସିଦ୍ଧ ଅଧିକାର ହେବା କଥା ।"

ଦର୍ଶକମାନେ ଠିଆ ହୋଇ କରତାଳି ଦେଲେ।

ପରେ ଅନେକ ଶିକ୍ଷକ ତାଙ୍କ ପାଖକୁ ଆସିଲେ, ଶ୍ରେଣୀ ଗୃହଗୁଡ଼ିକୁ କିପରି ଅଧିକ ଅନ୍ତର୍ଭୁକ୍ତ କରାଯାଇପାରିବ ସେ ବିଷୟରେ ମାର୍ଗଦର୍ଶନ ମାଗିଲେ। ଏହା ପ୍ରଥମ ଥର ଥିଲା ଯେତେବେଳେ ରିଆ ଅନୁଭବ କଲେ ଯେ ତାଙ୍କ ଯନ୍ତ୍ରଣା, ଶେଷରେ ଏକରାସ୍ତା ପାଇଗଲା। ଲୋକ ମାନଙ୍କ ର ପ୍ରତିକ୍ରିୟାରେ ଉତ୍ସାହିତ ହୋଇ, ସେ ତାଙ୍କ ସହରରେ ଏକ ଛୋଟ ସମର୍ଥନ ଗୋଷ୍ଠୀ ଆରମ୍ଭ କଲେ –'ସନ୍ଧ୍ୟା', – ଆଲୋକ ଏବଂ ଅନ୍ଧାରର ସାକ୍ଷାତ ସମୟ।

ପ୍ରତି ରବିବାର, ପିତାମାତାମାନେ ତାଙ୍କ ବାସଗୃହରେ ଏକାଠି ହେଉଥିଲେ। ସେମାନେ ନିଜ ଜୀବନର କାହାଣୀ କହୁଥିଲେ, ଚିକିତ୍ସାର ଚିନ୍ତାଧାରା ଆଦାନପ୍ରଦାନ କରୁଥିଲେ, କାନ୍ଦୁ ଥିଲେ, ହସୁଥିଲେ ଏବଂ ଏକାଠି ଶାନ୍ତ ବି ହେଉଥିଲେ। ଶୀଘ୍ର, ଗୋଷ୍ଠୀଟି ଗୋଟିଏ ଶିକ୍ଷକ ମାନଙ୍କ ସଂସ୍ଥା ସହ ସମ୍ମିଳିତ ପଡ଼ୋଶୀ ସ୍କୁଲଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ପୋଷ୍ଟରଗୁଡ଼ିକ ଦର୍ଶାଉଥିଲା : "ଅନ୍ତର୍ଭୁକ୍ତ କରିବା ଦୟା ନୁହେଁ, ଏହା ନ୍ୟାୟ।" "ଭିନ୍ନ, କିନ୍ତୁ କମ୍ ନୁହେଁ।"ଏହି ସଂସ୍ଥା ସ୍କୁଲ ଶିକ୍ଷକ-ଶିକ୍ଷୟତ୍ରି ମାନଙ୍କୁ ତଥା ପିଲାମାନଙ୍କୁ ସରଳ ଏବଂ ବ୍ୟବହାରିକ କଥା ଶିଖାଯାଉଥିଲା - କିପରି ଧର୍ଯ୍ୟବାନ ହେବେ, ପ୍ରତିକ୍ରିୟା ପାଇଁ କିପରି ଅପେକ୍ଷା କରିବେ, ହାତ ହଲାଇବା କିମ୍ବା ଆଖି ସଂସ୍ପର୍ଶକୁ ଏଡ଼ାଉଥିବା ପିଲାଙ୍କ ମଧ୍ୟରେ କିପରି ଜଣେ ବନ୍ଧୁଙ୍କୁ ଦେଖିବେ...।ଏ ପରିବର୍ତନ ର ଲହରୀ ଛୋଟ ଥିଲା, କିନ୍ତୁ ଥିଲା ବାସ୍ତବ ।

ISSN NO.
2582-208X

## ସ୍ୱସ୍ୱୀକୃତି

ଦିନେ ସକାଳେ, ରିଆ ରାଜ୍ୟ ଶିକ୍ଷା ବିଭାଗରୁ ଏକ ଚିଠି ପାଇଲେ। ତାଙ୍କର ବ୍ଲଗ୍ ଏବଂ ପଦକ୍ଷେପଗୁଡ଼ିକୁ ସରକାରଙ୍କ ନଜର କୁ ଆସିଥିଲା। ସେମାନେ ତାଙ୍କୁ ଅନ୍ତର୍ଭୁକ୍ତ ଶ୍ରେଣୀଗୃହ ପାଇଁ ନିର୍ଦ୍ଦେଶାବଳୀ ବିକଶିତ କରିବା ପାଇଁ ଏକ କମିଟିରେ ରଖିବାକୁ ଚାହୁଁଥିଲେ।ସେ ଚିଠିଟି ଦୁଇଥର ପଢ଼ିଲେ, ଅବିଶ୍ୱାସ ଧୀରେ ଧୀରେ ନୀରବ ଆନନ୍ଦରେ ପରିଣତ ହେଲା। ଯେତେବେଳେ ସେ ଅବିର ପାଖକୁ ଗଲେ ଏବଂ ତା ମୁଣ୍ଡ ଆଉଁସି ଦେଇ କହିଲେ, ତୁ ଦିନେ ନିଶ୍ଚୟେ ସ୍କୁଲ ଯିବୁ ... ସେଠି ପଢ଼ିବୁ... ଖେଳିବୁ ସାଙ୍ଗ ମାନଙ୍କ ସହିତ... ଆଉ ମୁଁ ଏ କଥା ସୁନିଶ୍ଚିତ କରିବି...ଦୃଢ ସ୍ୱରରେ କହିଲେସେ ।"

ଅବିର ଉପରକୁ ଚାହିଁଲା, ହାଲୁକା ହସିଲା ଏବଂ କହିଲା, "ମାମା.... ଖୁସି।" ଦୁଇଟି ଶବ୍ଦ...ଦୁଇଟି ଅମୂଲ୍ୟ ଶବ୍ଦ। ଘରକୁ ଫେରିବାର ମାସେ ପରେ, ସେ ପୁଣି ସେହି ଝରକା ପାଖରେ ଠିଆ ହୋଇଥିଲେ ଯେଉଁଠାରୁ ତାଙ୍କ କାହାଣୀ ଆରମ୍ଭ ହୋଇଥିଲା। ବାହାରେ, ସହରର ଆକାଶରେଖା ସନ୍ଧ୍ୟା ସମୟ ର ରୂପେଲି କିରଣ ରେ ଝଲସୁଥିଲା। ଭିତରେ, ଘରଟି ଅବିରଙ୍କ ଦ୍ୱାରା ତିଆରି ଚିତ୍ରରେ ପରିପୂର୍ଣ୍ଣ ଥିଲା - ବିଭିନ୍ନ ଆକୃତିର ଚିତ୍ର,ଯାହା ନିଜସ୍ୱ ନୀରବ କବିତାରେ କଥା ହେଉଥିଲା। ଦୀପକ ଦୁଇ କପ୍ ଚା ନେଇ ପ୍ରବେଶ କରିଥିଲେ। ସେ ନିଜ ପରିବାର ସହିତ ପୂର୍ଣ୍ଣକାଳୀନ ରହିବା ପାଇଁ ଦିଲ୍ଲୀକୁ ସ୍ଥାନାନ୍ତର ନେଇଥିଲେ।

"ତୁମେ ବହୁତ ବଦଳି ଯାଇଚ," ସେ ଧୀରେ ରିଆଙ୍କୁ କହିଲେ- "ତୁମେ ଜୀବନର ଏତେ ବଡ଼ କଷ୍ଟ କୁ ଖୁସିର ଆଲୋକ ଦେଖେଇ ପାରିଚ ।" ରିଆ ହସିଲେ। "ହୁଏତ ଆଲୋକ ସବୁବେଳେ ଥିଲା। ଏହାକୁ ଦେଖିବା ପାଇଁ ମୋତେ ଅନ୍ଧାର ସହିତ ଲଢ଼ିବାଟା ବନ୍ଦ କରିବାକୁ ପଡିଲା।" ସେମାନେ ନୀରବରେ ଏକାଠି ଠିଆ ହୋଇଥିଲେ, ଅବିରଙ୍କୁ ଗୁଣୁଗୁଣୁ ହେଉଥିବା ଦେଖୁଥିଲେ - ଆଖିରେ ତାଙ୍କର ଶାନ୍ତି ଥିଲା ଏବଂ ମୁହଁ ରେ ସନ୍ତୁଷ୍ଟି ଫୁଟି ଉଠୁଥିଲା ।

## ବାର୍ତ୍ତା

କିଛି ବର୍ଷ ପରେ, 'ଝରକା ବାହାର ର ନୀଳ ଆକାଶ' କେବଳ ଏକ ବ୍ଲଗ ନ ଥିଲା - ଏହା ଏକ ଫାଉଣ୍ଡେସନ୍ ରେ ପରିଣତ ହୋଇଥିଲା, ଯାହା ଶିକ୍ଷକମାନଙ୍କୁ ତାଲିମ ଦେଉଥିଲା,

ISSN NO.
2582-208X

ପିତାମାତାଙ୍କ ସାହାରା ହେଇ ଥିଲା ଏବଂ ଅନ୍ତର୍ଭୁକ୍ତିମୂଳକ ବିଦ୍ୟାଳୟ ପାଇଁ ସମର୍ଥନ କରିଥିଲା। ଏକ ଶିକ୍ଷା ସମ୍ମିଳନୀରେ, ରିଆ ନୀତିନିର୍ମାତା ଏବଂ ଶିକ୍ଷକମାନଙ୍କରେ ପରିପୂର୍ଣ୍ଣ ଏକ ହଲ୍ କୁ ସମ୍ବୋଧିତ କରିଥିଲେ।ତାଙ୍କର ସ୍ୱର ସ୍ଥିର, ଉଷ୍ମ, ଉଜ୍ଜ୍ୱଳ ଥିଲା: "ଅଟିଜିମ୍ ଏକ ଦୁଃଖଦ ଘଟଣା ନୁହେଁ।କିନ୍ତୁ ଏ ବିଷୟରେ ଆମ ମାନଙ୍କର ଅଜ୍ଞତା ହେଉଛି ଏକ ଅଭିଶାପ ।

ଆମପରି ପରିବାରର ଯାତ୍ରା ଏକ ପିଲାକୁ ସୁସ୍ଥ କରିବା ବିଷୟରେ ନୁହେଁ - ଏମାନଙ୍କୁ ପ୍ରକୃତରେ ଆମ ସମାଜରେ ସାମିଲ କରିବା ହିଁ ଆମ ସମସ୍ତଙ୍କ ପାଇଁ ଗୋଟେ ବଡ଼ ଦାୟିତ୍ୱ ।ଅନ୍ତର୍ଭୁକ୍ତତା ଏକ ଅନୁଗ୍ରହ ନୁହେଁ। ଏହା ଏକ ଅଧିକାର। ପ୍ରତ୍ୟେକ ପିଲା ତା ଜୀବନ ଆକାଶରେ ଗୋଟେ ଉଜ୍ଜ୍ୱଳ ତାରକା - ହୁଏତ କିଛି ନୀରବରେ ଝଲସୁଛି, କିଛି ଉଜ୍ଜ୍ୱଳ ଭାବରେ, କିନ୍ତୁ ସମସ୍ତେ ସମାନଭାବେ ଆକାଶକୁ ଆଲୋକିତ କରନ୍ତି।"

ଦର୍ଶକମାନେ ନୀରବ ପ୍ରଶଂସାରେ ଠିଆ ହୋଇଥିଲେ। କିଛିଲୋକଙ୍କ ଆଖିରେ ଲୁହ ଥିଲା। ଯେତେବେଳେ ରିଆ ମଞ୍ଚରୁ ଓହ୍ଲାଇଲେ, ସେ ଆଗ ଧାଡିରେ ବସିଥିବା ଅବିରଙ୍କୁ ଦେଖିଲେ, ଏବେ ପର୍ଯ୍ୟନ୍ତ ଧୀରେ ତାଳି ବଜାଉଥିଲେ, ଅବିରଙ୍କ ଆଖି ତାଙ୍କ ଉପରେ ସ୍ଥିର ଥିଲା। ସେ ତାଙ୍କ ହାତ ଉଠାଇ ସିଲିଂରେ ଲାଗିଥିବା ଲାଇଟ୍ ଆଡକୁ ଇଙ୍ଗିତ କଲେ ଏବଂ କହିଲେ, "ତାରା,"! ରିଆ ଙ୍କ ଆଖି ଲୁହରେ ଭାରି ଯାଇଥିଲା। ଆଜି ସେ ଥିଲା ଖୁସି ର ଲୁହ...ସେ ହସିଲେ ଏବଂ କହିଲେ, "ହଁ, ମୋ ଧନ, ତୁ ପରା ମୋର ସେଇ ତାରା ।"

ହଲ୍ ଟି କରତାଳିରେ ଫାଟି ପଡ଼ିଲା ଏବଂ ସେହି ମୁହୂର୍ତ୍ତରେ, ଝରକା ବାହାରର ଆକାଶରେ ଝିଲମିଲ କରୁଥିବା ତାରା ମାନେ ମଧ୍ୟ ତାଙ୍କସହ ଖୁସିରେ ସାମିଲ ହେବା ପାଇଁ ସତେ ଯେମିତି ମିଟମିଟ କରି ଅନୁରୋଧ କରୁଥିଲେ ।

ଗାଜିଆବାଦ

ISSN NO.
2582-208X

# ବିଶ୍ୱରୂପ ଦର୍ଶନ



ସତ୍ୟବାନ ମେହେର

ବିନାଯୁଦ୍ଧେ ସୁଚ୍ୟଗ୍ର --
ମେଦିନୀ ନଦେବି
ପାଣ୍ଡବେ ଶୁଣହେ ମଧ୍ୟସ୍ଥି କେଶବ
ଆଗକୁ ବିପଦ ପ୍ରମାଦ ଗଣିବ,
ଅନ୍ୟଥା ବନ୍ଧାହୋଇ
ନିଷ୍ଟେ ଏଠାରୁ ଯିବ ।

ଅହଂକାରେ ବସ ହୋଇ ଅନ୍ଧ ସୁତ
ଆଦେଶିଲା ପ୍ରହରି ତତକ୍ଷଣେ
ମୃଦୁ ହସି କହିଲେ ବାନ୍ଧତୁ ବାବୁରେ
କେତେ ଶକ୍ତି ଅଛି ରେ ଦୁର୍ଯ୍ୟୋଧନ ।

କୁରୁସଭା ମଧ୍ୟେ ବୁଲାଇଲେ ଚକ୍ର
ବିସ୍ତାରିଲେ ବିଶ୍ୱରୂପ ତାଙ୍କର
ସମ୍ଭାଳି ନପାରି ଚକ୍ରର ତେଜକୁ
ଚକ୍ଷୁ ବୁଜିଗଲା ସର୍ବ ସଭାସଦର ।

କହିଲେ ଶ୍ରୀକୃଷ୍ଣ ଶାନ୍ତିର ପ୍ରସ୍ତାବ ନେଇ
ଆସିଅଛି ମୁହିଁ ରେ ଦୁର୍ଯ୍ୟୋଧନ

ISSN NO.
2582-208X

ଏଥିରେ ତୋହର ମଙ୍ଗଳଯେ ଅଛି
ନହୁଅ ବାବୁରେ ବିମନା ଆନ ।

ଏଥିରେ କୁରୁବଂଶର ମଙ୍ଗଳ ଅଛି
ଶୁଣ ଆହେ ଅହଂକାରି ଦୁର୍ଯ୍ୟୋଧନ
ଯେଉଁ ଆଡ଼େ ମୁହିଁ ବୁଲାଇବି ନୟନ
ସେହି ପାଲଟି ଯିବରେ ହୋଇ ଶ୍ମଶାନ ।

ମତେ ଚିହ୍ନିବାକୁ ଚେଷ୍ଟା କର ବାବୁରେ
ଅହଂକାର ତୋର ଯେ ଦୁର କରିଣ
ବିପରିତ କାଳେ ବୁଦ୍ଧି ହୁଏ ଭ୍ରଷ୍ଟ
କୁରୁ ବଂଶକୁତୋ ନକର ଶ୍ମଶାନ ।

ମୋର ମୁଖେ ସାରା ବ୍ରହ୍ମାଣ୍ଡକୁ ଦେଖ
ଭୂଲୋକ, ଆଲୋକ, ପାତାଳ ଦେଖ
ତିନି ବ୍ରହ୍ମାଣ୍ଡ ର ବିଶ୍ୱରୂପ ଛବି
ଗଗନ, ପବନ, ନକ୍ଷତ୍ର ଦେଖ ।

ସଚରାଚର ଜୀବ କ୍ଷର ଓ ଅକ୍ଷର
ନାଶ୍ୱର ରୂପ, ସୁରଜାତି, ଅମର
ଶତକୋଟି ତପନ ଶତକୋଟି ଚାନ୍ଦ
ଶତକୋଟି ସରିତ ଶତକୋଟି ସାଗର ।

ଶତକୋଟି ସିନ୍ଧୁ ଶତକୋଟି ମନ୍ଦର
ଦେଖରେ ଦୁର୍ଯ୍ୟୋଧନ ମୁଖରେ ମୋହର
ଉଦ୍ୟାଞ୍ଚଳ, ବିନ୍ଧାଞ୍ଚଳ ଦେହରେ ମୋହର
ମୈନାକ ପର୍ବତ ଜାନୁରେ ମୋହର ।

ISSN NO.
2582-208X

ଶତକୋଟି ବ୍ରହ୍ମା ଶତକୋଟି ବିଷ୍ଣୁ
ଶତକୋଟି ଜଳପତି ଶତକୋଟି ମହେଶ
ଶତକୋଟି ରୁଦ୍ର ଶତକୋଟି ମହାକାଳ
ସର୍ବେମୋ ବକ୍ଷରେ ଆବର ଗଣେଶ

ଶତକୋଟି ଦଣ୍ଡଧର ଶତକୋଟି ଲୋକପାଳ
ମୁଠିରେ ମୋହର ତିନି ଗୋଟିକାଳ
କୁରୁବଂଶ ମାଂସକୁ ଅପେକ୍ଷାରେ ଅଛନ୍ତି
ଭକ୍ଷଣ ନିମିତ୍ତ କୋଟିକୋଟି ଶୃଗାଳ

ମୋତେ ଯଦି ବାନ୍ଧିବୁ ଆରେ ଦୁର୍ଯ୍ୟୋଧନ
ବାନ୍ଧତୁ ପ୍ରଥମେ ଅନନ୍ତ ଗଗନ
ବାନ୍ଧିବୁ ଯଦି ମୋତେ ଭାବ ଓ ଭକ୍ତିରେ
ବାନ୍ଧିତୁ ପାରିବୁ ମୋ ଛନ୍ଦା ଚରଣ ।

କେବଳ ଦେଖିଲେ ସେ ଅନନ୍ତ ରୂପକୁ
ଭୀଷ୍ମ ଓ ବିଦୁର ଗଲେ ଶରଣ
ବାକି ସର୍ବ ଚକ୍ଷୁ ଅହଂକାର ଢାଙ୍କିଲା
ନୋହିଲେ ସକ୍ଷମ ନଦେଖିଲା ନୟନ ।

ଅନ୍ଧ ଧୃତରାଷ୍ଟ୍ର ସରବେତ ଅନ୍ଧ
ସେକାହୁଂ ଦେଖିବ ରୂପ ଅନନ୍ତ
ଶହେପୁତ୍ର ପାଇଁ ମୋହ ଢାଙ୍କିଅଛି
ସେପରା ଖାଲି ପୁତ୍ର ମୋହରେ ଅନ୍ଧ ॥

ରାୟପୁର

ISSN NO.
2582-208X

# ଅନାଇ ରହିଛି କାଶତଣ୍ଡୀ



ଦୀନବନ୍ଧୁ ପୋଇ

ଦୁର୍ଗତି ନାଶିନୀ ମା' ସିଂହ ବାହିନୀ
ଆସିବେ ବୋଲି ଏ ଧରାକୁ
ଅନାଇ ରହିଛି କାଶତଣ୍ଡୀ ଫୁଲ
ନ ଡରି ଭୋଦୁଅ ଖରାକୁ ।
ନିରବରେ ସିଏ କେଦାରେ କେଦାରେ
ମିନତି କରୁଛି ମାଆଙ୍କୁ
ପାପ ନାଶ ପାଇଁ ତୁମ ବିନା ମାଆ
କହିବୁ ଆଉ ଯେ କାହାକୁ ।
ପାପ ଭାର ଆଉ ସମ୍ଭାଳି ନହୁଏ
ସାଧୁ ଡରିଲେଣି ପାପୀଙ୍କୁ
ପାପୀ ନାଶିବାକୁ ଆସିଥିଲ ଦିନେ
ଲେଖା ଅଛି ଯୁଗ ଯୁଗକୁ ।
ଆସିଲେ ଶରତ ଆସିବେ ମରତ
ମାଆ ବିଜେ ପୂଜା ବେଦୀକୁ
ଜାଣି କାଶତଣ୍ଡୀ ଖୁସିରେ ନାଚୁଛି
ଶାନ୍ତି ମାଆ ଦେବେ ଆମକୁ ।
ପ୍ରକୃତି ରାଣୀ ଯେ ସଜେଇ ହୋଇଛି
ପିନ୍ଧି ତା ସବୁଜ ଶାଢ଼ିକୁ
ସରସୀ ଜଳରେ କମଳ କୁମୁଦ

ISSN NO.
2582-208X

ଫୁଟିଲେଣି ଲାଗି ହେବାକୁ ।
କାଶତଣ୍ଡୀ ତୁହି ସାମାନ୍ୟ ନୁହଁଇ
ଜାଣିପାରୁ ମାଆ ମନକୁ
ଆସିବାର ବେଳ ତୁହି ଜାଣିପାରି
ଆଗୁଆ ଆସୁ ଏ ମହୀକୁ ।
ଧନ୍ୟ କାଶତଣ୍ଡୀ ମାଆ ଆସିବାକୁ
ଦିନରାତି ତୁହି ଚାହିଁଛୁ
ତୋ ସରି ହେବାକୁ ଅଛି କେ କହଲୋ
ମାଆ ଆଗମନୀ ଜାଣିଛୁ ।

ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ, ଦୂରଭାଷ - ୯୯
୩୮୮୦୨୪୧୨

ISSN NO.
2582-208X

# ପଲ୍ଲୀକବି ନନ୍ଦକିଶୋର



ବେଣୁଧର ସୂତାର

ଆହେ କବିତୁମେ ବିଶ୍ୱବନ୍ଦନୀୟ
ସାହିତ୍ୟ ଆକାଶ ଜ୍ୟୋତି
ତୁମରି କୃତିର ସ୍ୱର୍ଣ୍ଣମୟ ଦୀପ୍ତି
ଅମର ଗୌରବ ଖ୍ୟାତି ।।

ଭାବନାରେ ତୁମ ପ୍ରକୃତି ବିଭାର
ଷଡଋତୁ କୋଳାହଳେ
ରଚିଯାଇଅଛ କାବ୍ୟର କୋଣାର୍କ
ଏ ମାଟି ପଣତ କୋଳେ ।।

ମର୍ମଭେଦୀ ତୁମ କାବ୍ୟିକ କଳାର
ରସ ଅମୃତର ଝର
ଗୋଧୂଳି ଲଗ୍ନର ମହାର୍ଘ ସନ୍ଧ୍ୟାର
ନୀଳମେଘ ପଟୁଆର ।।

ଲେଖନୀର ଧାରେ ଆଙ୍କିଛ ଯତନେ
ତ୍ରିପୁର ଚମକ କଳା
ଚିରଭାସ୍ୱର ସେ ବାସ୍ତବ ଭାବନା
ଛୁଇଁ ଥିଲା ମେଘ ମାଳା ।।

ISSN NO.
2582-208X

ପଲ୍ଲୀ ପ୍ରକୃତିର ଚାରୁ ରୂପକାର
ହେ ଦିବ୍ୟ ପ୍ରଥିତଯଶା
ସରଳ ତରଳ ବାଣୀ ସୁମଞ୍ଜୁଳ
ଲେଖନୀର ପରିଭାଷା ।।

ମର୍ମଭେଦୀ ତୁମ ଶବ୍ଦ ଚାତୁରୀର
ମାଧୁର୍ଯ୍ୟର ବିରଚନ
ଚିର ଜାଜ୍ଜ୍ୱଲ୍ୟସେ ଚାରୁ ରୂପକଳ୍ପ
ସୃଷ୍ଟି ଶ୍ରେଷ୍ଠ ଉପାଦାନ ।।

ଲେଖନୀ ତୁମର ପ୍ରଜ୍ଞା ପାରାବାର
ବାଣୀର ବନ୍ଦନା ଗାଏ
ସାରସ୍ୱତ ତୀରେ ପୀରତି ଅର୍ଘ୍ୟରେ
ଭୂମି ଠାରୁ ଭୂମା ଯାଏ ।।

ଜାତି ଅସ୍ମିତାର ତୁମେ ଅନ୍ତଃସ୍ୱର
ନିଖିଳର ଅଭିଳାଷ
ରଚି ଯାଇଅଛ ଏମାଟି ବୁକୁରେ
ଶତାବ୍ଦୀର ଇତିହାସ ।।

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

ISSN NO.
2582-208X

# ମେଘର ଦୁଷ୍ଟାମି



କୁଞ୍ଜବିହାରୀ ସାହୁ

ଆଶ୍ୱିନ ମାସର ମେଘର ଠିକଣା ଜାଣିବା କଷ୍ଟକର ହୋଇପଡ଼ିଲା ସୋନି ପାଇଁ। ବେଳେବେଳେ ଛାତ ଉପରେ ଶାଢ଼ି କିମ୍ବା ଡ୍ରେସ ଶୁଖେଇ ଘରକୁ ଆସିଲାବେଳକୁ ଅମାନିଆ କଳାହାଣ୍ଡିଆ ମେଘଟା ଗାଳିପକଉଛି ଗାଈ ପିସା କଲା ପରି । ଲୁଗା ତ ଶୁଖିପାରୁନି ବରଂ ତରବରରେ ଝୁଣ୍ଟିପଡୁଛି ଅନେକ ଥର । ତରବରରେ ଝୁଣ୍ଟିପଡ଼ିବା ସ୍ୱାଭାବିକ । ହଁ ଏମିତି ବି ଅନ୍ୟମନସ୍କତା ହେତୁ ଦୁଆର କବାଟରେ ବାଡ଼େଇ ହେଇଛି ତା ଗୋଡ଼। ଗାଳି ଶୁଣିଛି ବାରମ୍ବାର ତା' ବୋଉଠୁ । ଯେଉଁଦିନଠୁ ଛାତ ଉପରେ ବୁଲିଲାବେଳେ ପଛଘର ଖିଡ଼ିକିରେ ଦେବେଶର ଆଖିକୁ ଦେଖିଦେଇଛି, ସେଇଦିନଠୁ ଅଧିକ ପରିମାଣରେ ଅନ୍ୟମନସ୍କ ହୋଇଯାଇଛି ସୋନି । ଦେବେଶର ଖୋଜିଲା ଆଖି ଚାହାଁଣିକୁ ଚୁମ୍ବକରେ ଟାଣି ଆଣିଲାପରେ ଥୟ ଧରି ଘଣ୍ଟାଏ ବି ରହିପାରୁନି ସେ । ବାହାନା କରି ତତଲା ପାଗରେ ବି ଛାତ ଉପରକୁ ଉଠିଯାଉଛି ଡ୍ରେସ୍ ଶୁଖେଇବା ବାହାନାରେ । କେତେବେଳେ ଦେବେଶର ଅଧା ଫୁଙ୍ଗୁଳା ଦେହଟିକୁ ଦେଖି ଶିହରିତ ହୋଇଯାଉଛି ତ କେତେବେଳେ ଅଳ୍ପରେ ଆଳାପ କରି ଖୁସି ହେଇଯାଉଛି ଆପଣାଛାଏଁ ।

ସତରେ ଦେବେଶ କଅଣ ମନଲାଖି ପୁଅଟିଏ ସୋନି ପାଇଁ !!

ଟିକେ ଖରା ଟିକେ ଛାଇରେ ରବିବାସରୀୟ ସକାଳଟା ଚମକୁଥିଲା । ସୋନି ଗାଧୁଆ ସାରି ପଖାଳିଥିବା ଡ୍ରେସକୁ ଛାତ ଉପରେ ଟଣା ହୋଇଥିବା ପ୍ଲାଷ୍ଟିକ ଦୌଡ଼ିରେ ଶୁଖାଇଲା। ଡ୍ରେସରେ କ୍ଲିପ ଲଗାଉ ଲଗାଉ ଆଢୁଆଳରେ ଦେବେଶଙ୍କ ଇସାରା ଆଖି ସାମ୍ନାରେ ଝଲସିଉଠିଲା ।

ISSN NO.
2582-208X

ଇସାରାରେ ହଡ଼ବଡ଼େଇ ଗଲା ସୋନି । ଘରେ ବାପା ବୋଉ ଅଛନ୍ତି । ବଡ଼ଭାଇ ଫ୍ଲାଇଟରେ ଘରକୁ ଆସୁଛି । ଅଧଘଣ୍ଟାରେ ପହଞ୍ଚିଯିବ । ସାଥିରେ ଭାଉଜ ଆସୁଛନ୍ତି । ଇଙ୍ଗିତରେ ନାସ୍ତିବାଚକ ଶୁଣେଇଦେଲା ସୋନି ।

କିନ୍ତୁ ସୋନିର ମନ ଭିତରଟା ଛଟପଟ ହେଉଥିଲା । ସତେ ଅବା ଆବେଗ ପଣରେ ଦେବେଶ ସହ କିଛି ଆଳାପ କରିବାକୁ ବ୍ୟସ୍ତ ହୋଉପଡୁଥିଲା ମନ । ପୁଣି ଆଶା, ଆଶଙ୍କା, ଭୟ ମାଡ଼ିବସିଲା ଏକାବେଳକେ । ତେନ୍ତୁଳି ଖାଇଲା ପରି ମୁହଁଟି ଜଣାପଡ଼ିଲା ଯେମିତି ! କିଏ ଦେଖୁନି ତ ଏ ବେଳରେ !

କବାଟ ଖଡ଼ଖାଡ଼ ହେଲା ପରି ମନେହେଲା । ଛାତ ଉପରୁ ସିଡ଼ିରେ ଓହ୍ଲାଇଲା ସୋନି ଧୀରସ୍ଥିର ଗତିରେ । ଦାଣ୍ଡ ଦୁଆରକୁ ଯାଇ ଅନୁଭବ କଲା ଝଡ଼ବତାସର ସୁସୁ...ଶବ୍ଦ। ଦେଖିଦେଲା କାଠି–କୁଟା–ପତର ଉଡ଼ିବୁଲୁଛି ରାସ୍ତା ମଝିରେ । ପୁରୁଣା ଦୁଆର କବାଟ ବାଡ଼େଇ ହେଉଥିଲା । ଫାଙ୍କ ଦେଇ ପଶିଆସୁଥିଲା ପବନ । ମେଘ ବି ଦୁଷ୍ଟାମି ଆରମ୍ଭ କରିଦେଲା । ତରବରରେ ଛାତ ଉପରକୁ ଗଲା ପ୍ଲାଷ୍ଟିକ ଦଉଡ଼ିରେ ଟଣା ହୋଇଥିବା ତା ଡ୍ରେସ୍ ତୋଳିବାକୁ ।

ଖିଡ଼ିକି ଭିତର ଦେଇ ଚାହିଁବା ତ ଦେବେଶର ଏକ ପୁରୁଣା ରୋଗ । ରୋଗରୁ ମୁକ୍ତି ମିଳିନି ଯେହେତୁ ଚାହିଁବେନି କେମିତି ! ସୋନି ତ ବିରାଡ଼ି ପରି ଲୁଚି ଲୁଚି ଫାଇଦା ଉଠେଇବାରେ ମାହିର ।

କ୍ଲିପ ବାହାର କରି ପ୍ଲାଷ୍ଟିକ ଦୌଡ଼ିରୁ ଡ୍ରେସ ତୋଳିଲାବେଳକୁ ବର୍ଷାର ପ୍ରଖରତା କମି ଆସୁଥିଲା । କେବଳ କୁଣ୍ଡାଝରିଲା ପରି ବର୍ଷା ପଡୁଥିଲା । ପବନର ଗତି ବି ଥମିଗଲା ଚାହୁଁଚାହୁଁ । ଖସଖାସ୍ ଶବ୍ଦ ଶୁଣି ସୋନି ଚାହିଁଲା ଏଣେତେଣେ । ଦେଖିଲା ଦେବେଶ ଟି–ସାର୍ଟ ପିନ୍ଧିଛନ୍ତି । ଆଖିର ଇସାରାରେ କିଛି କହିବାକୁ ଚାହୁଁଛନ୍ତି । ସୋନି ପାରପିଟକୁ ଆଉଜିଗଲା ଧୀରେ ଧୀରେ । ମେଘୁଆ ପରିସ୍ଥିତିକୁ ନ ଦେଖି ଗପିଲା, ହେଲେ ଗପୁ ଗପୁ ଆସ୍ତେ ଆସ୍ତେ ଓଦା ହୋଇଗଲା ନିଜେ, ଜାଣିପାରୁନଥିଲା ।

ଘର ଭିତରୁ ଶର୍ମିଷ୍ଠାଙ୍କର ପାଟି ଶୁଭିଲା । ଝିଅ ସୋନୁ, କୁଆଡ଼େ ଗଲୁ ? ଛାତ ଉପରେ ତୋ ଡ୍ରେସ୍ ଶୁଖୁଥିଲା । ଯା ବର୍ଷା ପଡ଼ିଲାଣି । ନେଇଆସେ ।

ISSN NO.
2582-208X

ସୋନୁ ପାଖରେ ଅଛି ଯେ ଶୁଣିବ ତା ବୋଉ ଡାକ !

ଏତିକିବେଳେ କଲିଂ ବେଲ ଶୁଣି ଶର୍ମିଷ୍ଠା ଧାଇଁଗଲେ ଦାଣ୍ଡ ଦୁଆର କବାଟ ଖୋଲିବାକୁ । ଖୋଲିଲାପରେ ଦେଖିଲେ ସାମ୍ନାରେ ପୁଅ-ବୋହୂ । ଝାପସା ଝାପସା ଓଦା ହେଇଯାଇଛନ୍ତି । ସମ୍ବିତ ଓ ସୁରୁଚି ମୁଣ୍ଡିଆ ମାରିଲେ ଶର୍ମିଷ୍ଠାଙ୍କୁ । ବ୍ୟାଗ୍ ଧରି ଘର ଭିତରକୁ ପ୍ରବେଶ କଲେ। ସୋନିକୁ ଖୋଜି ପକେଇଲେ ଆତ୍ମୀୟତାରେ ।

ସେତେବେଳକୁ କିନ୍ତୁ ସୋନି ଛାତ ଉପରେ ଗପୁଥିଲା ଦେବେଶଙ୍କ ସହ । ସୋନିର ଭିଜିଲା ଦେହକୁ ଗୋଟାପଣେ ଚାହିଁରହିଛି ଦେବେଶ । ହସୁଛି ଆଉ ହସୁଛି ।

ସୋନିର ଭାଉଜ ଛାତ ଉପରକୁ ଯାଇ ଦେଖିଦେଲେ ସବୁ କିଛି । ଦେବେଶକୁ ଦେଖିପାରୁଥିଲେ ସହଜରେ । ଗେହ୍ଲା ନଣନ୍ଦ ସୋନିର ଚୋରା ଚୋରା ପ୍ରେମକୁ ଠିକ୍ ବୁଝିପାରିଲେ । ଫିକ୍ କରି ହସିଦେଲାବେଳକୁ ଦେବେଶଙ୍କ ଇସାରାରେ ସୋନି ଚମକିପଡ଼ିଲା। ଛାତିରେ ଛେପ ପକେଇଦେଲା । ଛାତ ଘର ଦୁଆର ବନ୍ଧରେ ଠିଆ ହୋଇଥିବା ଭାଉଜଙ୍କୁ ଦେଖି ଲଜ୍ଜିତ ମନେକଲା ସୋନି ।

- ସୋନି ଘରକୁ ଆସ, ତୁମେ ତ କୁଣ୍ଡାଝରା ବର୍ଷାରେ ବିଷ୍ଣୁ ଅରି ଗୋଟାପଣେ ଭିଜିଗଲଣି। କରୁଥିଲ କଅଣ ? ଓହୋ ବୁଝିଗଲି ଏ ଅଦିନିଆ ମେଘଟା ବହୁତ ଦୁଷ୍ଟ । ଓଦା କରିଦେଲା ନା । ଆସ ଘର ଭିତରକୁ । ତୁମକୁ ଦେଖିବି ବୋଲି ଘର ସାରା ଅଣ୍ଡାଳି ସାରିଲିଣି ।

- ଭାଉଜ ନମସ୍କାର, କହି ଓଦା ଡ୍ରେସରେ ପାଦ ଛୁଇଁ ମୁଣ୍ଡିଆ ମାରିଲା। ବାଆଁରେଇ କହିଲା
- କେତେବେଳୁ ଆସିଲଣି ଭାଉଜ । ମେଘ ପବନ ଯୋଗୁଁ ଛାତ ଉପରକୁ ଆସିଥିଲି। ଆସୁ ଆସୁ ମୋ ଡ୍ରେସ ସବୁ ଓଦା ହୋଇଯାଇଥିଲା ।

- ତୁମେ ତ ପାରାପିଟ୍ ପାଖରେ ଠିଆ ହୋଇ କାହା ସହ ଗପୁଥିଲ କେଜାଣି, ଓଦା ହେଇଯାଇଛ । ବୋଉ ଦେଖିଲେ ଗାଳି କରିବେ । ଆସ ଘର ଭିତରକୁ, ତୁମ ଭାଇ ତୁମପାଇଁ ସୁନ୍ଦର ଡ୍ରେସଟିଏ ଆଣି ଘରେ ଅପେକ୍ଷା କରିଛନ୍ତି ।

- ହଁ ଭାଉଜ, ଚାଲ ।

ISSN NO.
2582-208X

ସୋନି ଘର ଭିତରକୁ ଆସି ଦେଖିଲା ଭାଇ ବସିଛନ୍ତି ସୋଫା ଉପରେ । ଭାଇର ପାଦ ଛୁଇଁ ମୁଣ୍ଡିଆ ମାରିଲା ।

- ଆଲୋ ହୁଣ୍ଡୀ କୋଉଠି ଥିଲୁ କି । ଦେଖିଲୁ ଦେଖିଲୁ ତୋ ପାଇଁ ଡ୍ରେସ ଆଣିଦେଇଛି । କେତେ ସୁନ୍ଦର ସମ୍ବଲପୁରୀ ଡିଜାଇନ ହେଇଛି ।ଭଲ ଲାଗୁଛି ନା । ତୋ ଦେହକୁ ବଢ଼ିଆ ଦିଶିବ । ସତେ ଅବା ରାଜକୁମାରୀ ପରି । ସମ୍ବିଦ ଗେହ୍ଲା ସାନଭଉଣୀକୁ ଆଦର କରି ଡ୍ରେସଟିକୁ ବଢ଼େଇଦେଲେ ।

ହସିଦେଲା ସୋନି । ଭାଇ ପାଖରେ ବସିଗଲା ।

ସୋନି ଓଦା ହେଇଥିବା ଦେଖି ତା ବୋଉ ଶର୍ମିଷ୍ଠା ରାଗରେ ଜରଜର । କହିଦେଲେ - ବାହାରେ ପବନ-ବର୍ଷା ହେଉଛି । ତୁ ଛାତ ଉପରେ ଏତେ ସମୟ କଅଣ କରୁଥିଲୁ । ତୋ ଭାଇ ଭାଉଜ କେତେବେଳୁ ଆସି ଖୋଜିଲେଣି ! ତୋ ଦେହ ଓଦା ହେଇଯାଇଛି । ତୋତେ ଅଳ୍ପ ଦିନ ତଳେ ଜ୍ୱର ହେଇଥିଲା । ଟିକେ ଭଲ ହେଉ ହେଉ ପୁଣି ବର୍ଷାରେ ଓଦା ହୋଇଗଲୁ । ଏତେ ବଡ଼ ହେଲୁଣି, କେବେ ବୁଦ୍ଧିଶୁଦ୍ଧି ଆସିବ !

ସୋନି ଥଙ୍ଗଥଙ୍ଗ ହେଲା । ସୁରୁଚି ଅଳିଅଳ ନଣନ୍ଦଙ୍କର ସତ କଥା ଉପରେ ପ୍ୟାଚ୍ ପକେଇ କହିଦେଲେ - ନାହିଁ ବୋଉ, ସୋନି ଛୋଟ ଛୁଆଟା । ଟିକେ ଟିକେ ଚଗଲା ହେଇଯାଉଛନ୍ତି। ଏବେ ତ ନଖରାମି କରିବାର ବେଳ । ମୁଁ ପରା କଲେଜରେ ପଢୁଥିଲା ବେଳେ ବଦମାସୀ କରୁଥିଲି ବୋଲି ମୋ ବୋଉ ତୁମ ପୁଅ ସହ ବାହା ଦେଇଦେଲେ । ତୁମ ପୁଅ ବି ଖୋଜି ଖୋଜି ମୋତେ ପସନ୍ଦ କରିଦେଲେ । ସେଇମିତି ସୋନି ଟିକେ ଦୁଷ୍ଟ ହେଇଯାଉଛନ୍ତି । ଚଗଲା ବୟସ । ପୂରିଲା ପୂରିଲା ଦେହରେ ବାହା ପାଣି ପଡ଼ିଗଲେ ସବୁ ଠିକ୍ ହେଇଯିବ ଯେ !

- ମୁଁ ସତ କହିଲି ନା ସୋନି !

- ସତରେ ଭାଉଜ ତୁମେ ବଡ଼ ଇଏ !

ଶର୍ମିଷ୍ଠା ହସିଦେଲେ । ହଁ ହଁ ବୋହୂ, ତୁ ଠିକ୍ କହିଛୁ ।

ISSN NO.
2582-208X

ସୋନିର ବାପା ଶୁଭକାନ୍ତ କହିଲେ- ଆରେ ପୁଅ ବୋହୂ କେତେବେଳୁ ଆସିଲେଣି, କଅଣ ଖାଇଥିବେ / କେତେବେଳେ ଖାଇଥିବେ ! ଯାଅ ଶର୍ମିଷ୍ଠା, ପିଲାମାନଙ୍କର ଖାଇବା ବ୍ୟବସ୍ଥା କର । ଖିଆପିଆ ସରିଲେ ସୋନି କଥା ବୁଝାହେବ ।

ରୋଷେଇଘରେ ଶର୍ମିଷ୍ଠା ଓ ତାଙ୍କ ବୋହୂ ଜଳଖିଆ ପ୍ରସ୍ତୁତିରେ ଲାଗିପଡ଼ିଲେ ।

ଜଳଖିଆ ଖାଉ ଖାଉ ସୋନି ପଚାରିଲା- ଭାଉଜ ଏ ବର୍ଷାରେ ତୁମେ ଓଦା ହେଇନ ତ ! ଦେଖୁନ କୁଆଡ଼େଲୁଚିଥିଲା କେଜାଣି, ଲଘୁଚାପର ମେଘଟା ତା ଦୁଷ୍ଟାମି ଆରମ୍ଭ କରିଦେଲା। ବର୍ଷା ହେଉଛି ପୁଣି ଖରା ହେଉଛି । ଦେହରୁ ଝାଳ ବାହାର କରିଦେଉଛି ।

- ନା ସୋନି, ସେମିତି କିଛି ଓଦା ହେଇନି । ତୁମେ ସିନା ଛାତରେ ଓଦା ହେଇ ଡ୍ରେସ ତୋଳୁଥିଲ । ଏତେ ସମୟ ତୋଳୁଥିଲ ଯେ ପୂରାପୂରି ତିନ୍ତିଯାଇଛ। କିଛି ଜାଣିପାରୁନଥିଲ। ହଁ ଏ ବୟସରେ ଓଦା ହେଲେ ଭଲ ଲାଗେ ତ ! ଏଥରକ ତିଥି-ବାର-ଯୋଗ ଦେଖି ଘର ପାଖାପାଖି ପୁଅ ସହ ବାହା କରିଦେଲେ ଭଲ । ବେଶୀ ବାଟ ଶାଶୂଘର ଯିବାକୁ ପଡ଼ିବନି । ମନେ ପଡ଼ିଗଲେ ଘରକୁ ଆସିପାରିବ । ସେତେବେଳେ ଆଉ ଆଷାଢୁଆ ମେଘ ବି ଦୁଷ୍ଟାମି କରିବାକୁ ସାହସ କରିବନି ।

ଭାଉଜଙ୍କ କଥା ଶୁଣି ଲାଜେଇଗଲା ସୋନି ।

ସୋନି ଛାତ ଉପରକୁ ବାରବାର ଯିବାର କାରଣ ଶର୍ମିଷ୍ଠା ବୁଝିପାରିଲେ । ହଁ ଲୋ ବୋହୂ, ତୁ ଠିକ୍ କହିଛୁ । ଝିଅ ହେଉଛି ଘିଅ, ବେଶୀଦିନ ରହିଲେ ଭଲ ବାସିବନି । ତୁ ଯଦି କହୁଛୁ କାଲି ଦେବେଶ ଘରକୁ ଯାଇ କଥା ପକା । ଦେବେଶ ତ ଭଲ ପିଲା, ପାଠ ପଢ଼ିଛି। ସରକାରୀ ଚାକିରି ବି କରିଛି । ଏବେ ଆଉ ଗୋଟିଏ ବଡ଼ ଚାକିରିଟେ କରିବ ବୋଲିବ ତା ବୋଉ କହୁଥିଲେ ।

ସୋନି ଲାଜେଇ ଲାଜେଇ କହିଲା - ଦେଖିଲ ଦେଖିଲ ଭାଉଜ, ବୋଉ କେମିତି ଏଣୁତେଣୁ କଥା କହୁଛି । ମୁଁ କଅଣ ଛୋଟ ପିଲା ହେଇଛି ଯେ ନିଷ୍ପତ୍ତି ନେଇପାରିବିନି । ନା ମୋ ବାହାଘର କଥା ବୁଝିପାରିବିନି ।

- ହଉ ଠିକ୍ ଅଛି ସୋନି । ବୋଉ ତୁମ ମନକଥା ବୁଝିବେନି ତ ଆଉ କଅଣ ପଡ଼ିଶା ଘର ଲୋକେ ବୁଝିବେ । ବୋଉ ଠିକ୍ କହିଛନ୍ତି । ବାପା ବୋଉଙ୍କର ଏଇଟା ତ ମୁଖ୍ୟ କାମ ଓ

ISSN NO.
2582-208X

ଦାୟିତ୍ୱ । ଝିଅ ବଢିଲା ହେଇଗଲା ପରେ ବାପା ବୋଉଙ୍କର ଦାୟିତ୍ୱ ବଢିଯାଏ । ଝିଅର ହାତକୁ ଦି ହାତ କରିଦେଲେ ଘରେ ବସି ନିଃଶ୍ୱାସ ମାରିବେ । ଆଜିକାଲିକା ଯୁଗ ଯାହା ହେଲାଣି ! ମୁଁ ତ ମାସେ ରହିବି । ତୁମ ବାହାଘର ତିଥି ପକ୍କା କରିଦେବି ନା

ସଭିଏଁ ଫ୍ରେଶ୍ ହେଇଗଲେ । ଡାଇନିଂ ଟେବୁଲରେ ଜଳଖିଆ ପର୍ବ ଆରମ୍ଭ ହେଇଗଲା । ହସ ଖୁସି କଥାରେ ବି ଘରଟା ପୂରିଲା ପୂରିଲା ଲାଗିଲା । ଝର୍କାର ପରଦାକୁ ଟେକି ଦେଖିଲେ - ବାହାରେ ଆଶ୍ୱିନ ମେଘର ଦୁଷ୍ଟାମି କମିଯାଇଛି । ଫର୍ଚ୍ଚା ଦିଶୁଥିଲା ଆକାଶ ଓ ଦାଣ୍ଡ ଅଗଣା ।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# କାହାକୁ କହିବି ମୁହିଁ



ରଂଜିତ ନାଏକ

ତୁମେ ତ ଗଢ଼ିଛ ଶରୀରଟି ମୋର
ମୋ ଦେହେ ଭରିଛ ବଳ
ତୁମେ ଯାହାକର ତାହା ମୁଁ କରୁଛି
ତଥାପି ମୁଁ ହୁଏ କଲବଲ

ତୁମ ନିର୍ଦ୍ଦେଶରେ ଅଭିନୟ କରି
ମିଠା କଥା କେହି କହେ
ତୁମ ଆଦେଶରେ କେବେ ସେ ମୁହଁରୁ
ଗାଳି ବର୍ଷା ଖାଲି ହୁଏ

ଆଜି ଯେ ବାନ୍ଧବ ଶୁଭାକାଂକ୍ଷୀ ଭାବି
ବିଶ୍ୱାସ ତାହାଙ୍କୁ କଲି
ତୁମେ ଇର୍ଷା କରି ସେମାନଙ୍କୁ ବୋଧେ
ମୋ ପାଇଁ କଲ ବଇରୀ

ତୁମ ନିର୍ଦ୍ଦେଶରେ ମୁଁ ସବୁ କରୁଛି
ସର୍ବଦା ଭଲ ମୁଁ କରିବି
ଯଦି ଭୁଲ ହେଲା ଭାବୁଛି ମୁଁ ମନେ
ତୁମ ଆଦେଶରେ କ୍ଷୁଣ ଅଛି

ISSN NO.
2582-208X

ନିରୋଳାରେ ବସି ମୁଁ ଯେବେ ଭାବୁଛି
ମୁଁ ବୋଲି କିଛି ନାହିଁ
ମୁଁ ଭାବିଥାଏ ମୋ ନିଜ ରୂପକୁ
ସବୁବେଳେ ଶୂନ୍ୟ ଦେହି

ମୋ ବୁଦ୍ଧି ଜ୍ଞାନକୁ ବିବେକକୁ ମୋର
ତୁମେ ପରିଚାଳନା କରି
କେବେ ମିତ୍ର କରି କେବେ ଶତ୍ରୁ କରି
ସମ୍ପର୍କରେ ଟାଣିଦିଅ ଡୋରି

କାହିଁକି ଏମିତି ତୁମ ଖେଳଘର
କ'ଣ ତୁମର ଉଦ୍ଦେଶ୍ୟ
ଭାବି ଭାବି ମୁଁ ନୟାନ୍ତ ହୋଇକି
ଭାବୁଛି ତୁମେ ହିଁ ନମସ୍ୟ

8114852494

ISSN NO.
2582-208X

# ତୁମେ ନୁହେଁ ମୁଁ



ପୂଜାରାଣୀ ସେଠୀ

ତୁମ ପ୍ରେମର କଳଙ୍କିତ ନାଇକାଟେ ମୁଁ
ତୁମ ଜୀବନରେ ଅସମାପ୍ତ ଉପନ୍ୟାସ ଟେ ମୁଁ
ତୁମ କାହାଣୀରେ ଅବୁଝା ଚରିତ୍ରଟେ ମୁଁ।...

ତୁମ ଅପଲକ ନୟନରେ ନୂଆ ଚାହାଣୀ ଟିଏ ମୁଁ
ତୁମ ବାସ୍ନା ଭିଜା ରାତିରେ ଦରଭଙ୍ଗା ସ୍ୱପ୍ନ ଟିଏ ମୁଁ
ତୁମ କାନଭାସ୍ ରେ ରଙ୍ଗବେରଙ୍ଗର ଚିତ୍ର ଟିଏ ମୁଁ।...

ସେ ନୀଳ ଦରିଆରେ ଅଶାନ୍ତ ଢେଉ ଟିଏ ମୁଁ
ସେ ବେଳା ଭୂମିରେ ମରୁ ବାଲିଚର ଟିଏ ମୁଁ
ସେ ଅସଂଖ୍ୟ ଢେଉକୁ ପ୍ରଶ୍ନ କରୁଥିବା ପ୍ରଶ୍ନବାଚୀ ଟିଏ ମୁଁ ।...

ତୁମ ଅଗଣାକୁ ଅଙ୍କାବଙ୍କା ସଡ଼କ ଟିଏ ମୁଁ
ସେ ଚଲା ବାଟର ପଥିକ ଟିଏ ମୁଁ। ..

ତୁମ ଚିଠିରେ ସଂଜ୍ଞାହୀନ ବାକ୍ୟଟିଏ ମୁଁ
ତୁମ ଲଫାପାରେ ଶେଷ ଠିକଣା ଟିଏ ମୁଁ।...

ତୁମ ପୂର୍ଣ୍ଣତାରେ ଅପୂର୍ଣ୍ଣତାର କୋଣଟିଏ ମୁଁ
ସେ ନୀଳ ଆକାଶରେ ଦିଗହରା ଚଢ଼େଇ ଟିଏ ମୁଁ

ISSN NO.
2582-208X

ସେ ବର୍ଷା ଭିଜା ମାଟିର ମହକ ଟିଏ ମୁଁ
ସେ ବର୍ଷାଭିଜା ସକାଳରେ
ତୁମ ହାତରେ ଥିବା ସେ ଚାହା କପ୍ ଟିଏ ମୁଁ।....

ସେ ଅଛିଣ୍ଡା ଗଣିତର ସୂତ୍ର ଟିଏ ମୁଁ
ତୁମ ବଗିଚାରେ ନୀତି ଫୁଟି ଝଡି ଯାଇଥିବା ଗଙ୍ଗ ଶିଉଳି ଟିଏ ମୁଁ।...

ତୁମ ବିଜ୍ଞାନ ପାଇଁ ନୂଆ ପ୍ରମାଣ ଟିଏ ମୁଁ
ସେ ସାହିତ୍ୟ ପାଇଁ ନୂଆ ବିଶ୍ୱାସ ଟିଏ ମୁଁ...

ପବନକୁ ପୁଞ୍ଜି କରି ବାରମ୍ବାର ତୁମକୁ ଛୁଇଁ ଫେରି ଆସିଥିବା
ନୂଆ ଅନୁଭୂତି ଟିଏ ମୁଁ।...

ସେ ପାର୍ଥକ୍ୟ ପାଇଁ ନୂଆ କାରଣଟେ ମୁଁ
ତୁମ ପ୍ରେମ ଡ଼ାୟେରୀର ଶେଷ ପୃଷ୍ଠା ଟିଏ ମୁଁ
ସେ ନିବୁଜ ବହିର ନୀରବ ଶବ୍ଦଟିଏ ମୁଁ ...।

ତୁମ ଶେଷ ଜୀବନ ପାଇଁ ପୁଣ୍ୟ ମଶାଣିଟେ ମୁଁ ।...
ଏତେ ସବୁଠି ତୁମେ ମତେ ସଜେଇ ସାରିଲା ପରେ
କିଏ ଆଉ କାହିଁକି ର ଉତ୍ତରରେ ମୁଁ କିନ୍ତୁ ତୁମକୁ ପାଏ
କିନ୍ତୁ ତୁମେ ବାରମ୍ବାର ଇଙ୍ଗିତ କର ଯେ
ସେ ତୁମେ ନୁହେଁ ଖାଲି ମୁଁ।....

ଅନ୍ଧାରୀ, ଆବୁଲପୁରା, ଯାଜପୁର

ISSN NO.
2582-208X

# ମିତ୍ରଦ୍ରୋହର ପରିଣାମ

(ସସେମିରା କଥା)



କାଳି ପ୍ରସାଦ ମହାପାତ୍ର

ପଞ୍ଚତନ୍ତ୍ର ଓ ଇଶୋପଙ୍କ କାହାଣୀରେ ଆମେ ମିତ୍ର ଦ୍ରୋହ ଏବଂ ଏହାର ପରିଣତି ବିଷୟରେ ଅନେକ କାହାଣୀ ଶୁଣିଛନ୍ତି । ପଞ୍ଚତନ୍ତ୍ରର ଏକ କାହାଣୀରେ ଚତୁର ବିଲୁଆ , ଛଳରେ ବନ୍ଧୁତା କରି, ନିଜ ବନ୍ଧୁ ହରିଣକୁ ବନ୍ଧନରେ ପକାଇ ତା'ର ମାଂସ ଖାଇବା ଲୋଭରେ କିପରି ନିଜେହିଁ ମୃତ୍ୟୁ ବରଣ କରିଥିଲା ତାହା ସମସ୍ତେ ଜାଣନ୍ତି । କପଟ ମିତ୍ରତା ତଥା ମିତ୍ର ଦ୍ରୋହ ଏକ ଗର୍ହିତପାପ ବୋଲି ଆମ ଶାସ୍ତ୍ରମାନେ କହିଛନ୍ତି । ଦୁର୍ଜନ ସହ ମିତ୍ରତା ସର୍ବଦା ବର୍ଜନୀୟ ବୋଲି ଆମେ ଅତି ଛୋଟ ବୟସରେ ପ୍ରାଥମିକ ଶ୍ରେଣୀରେ ବର୍ଣ୍ଣବୋଧରେ ପଢ଼ିଛନ୍ତି :-

ସର୍ପ ସମାନ ଭୟଙ୍କର ।
ଦୁଃର୍ଜନ ଜନେ ପରିହର ॥
ଦୁର୍ଜନସଙ୍ଗେ କଲେ ବାସ ।
ନିଶ୍ଚେ ଘଟିବ ସର୍ବନାଶ ॥

ଏହିଭଳି ଏକ ମିତ୍ର ଦ୍ରୋହର କାହାଣୀ ମହାକବି କାଳିଦାସଙ୍କ ସମ୍ବନ୍ଧରେ ପ୍ରଚଳିତ ଥିବା ଗୋଟିଏ କିମ୍ବଦନ୍ତୀରେ ଦେଖାଯାଏ । ବହୁଦିନ ତଳର କଥା। ସେତେବେଳେ ଐତିହାସିକ ଉଜ୍ଜୟିନୀ ନଗରରେ କୀର୍ତ୍ତିମାନ ରାଜା ଥାନ୍ତି ବିକ୍ରମାଦିତ୍ୟ । ତାଙ୍କ ରାଜ ସଭା ମଣ୍ଡନ କରୁଥାଆନ୍ତି କାଳିଦାସ କର୍ତ୍ତୃକ ନଅ ଜଣ ବିଦ୍ୟାବାଗୀଶ ପଣ୍ଡିତ , ସେମାନଙ୍କୁ ନବରତ୍ନ କୁହା ଯାଉଥିଲା । ରାଜା ବିକ୍ରମାଦିତ୍ୟଙ୍କ ରାଣୀ ଭାନୁମତୀ ଖୁବ ବିଦୁଷୀ ଓ ଅପରୂପା ସୁନ୍ଦରୀ ।

ISSN NO.
2582-208X

ରାଜା ତାଙ୍କୁ ବହୁତ ଭଲପାଉଥାନ୍ତି । ଭାନୁମତିଙ୍କ ପ୍ରତି ଅତ୍ୟଧିକ ଆସକ୍ତି ହେତୁରୁ ସେ ରାଜ କାର୍ଯ୍ୟ ସୁଚାରୁ ରୂପେ କରିପାରୁ ନଥାନ୍ତି । ଏପରିକି ରାଜ ସଭାକୁ ଯିବା ପାଇଁ ମଧ୍ୟ କୁଣ୍ଠାବୋଧ କରୁ ଥାନ୍ତି । ଥରେ ରାଜ ପାରିଷଦଗଣ ମିଶି ଚିନ୍ତାକଲେ ଚାଲ ଆମେ ରାଣୀଙ୍କର ଗୋଟିଏ ସୁନ୍ଦର ପୂର୍ଣାବୟବ ପ୍ରତିମା ରାଜସଭାରେ ରଖିଦେବା ଯାହାଫଳରେ ରାଜା ରାଜ ସଭାକୁ ଆସିବେ ଓ ଶାସନ କାର୍ଯ୍ୟ ଦେଖିବେ । ଏ ପ୍ରସ୍ତାବ ରାଜାଙ୍କୁ ଦିଆଯିବାରୁ ସେ ଏଥିରେ ସମ୍ମତି ଜଣାଇଲେ । ଜଣେ କୁଶଳୀଶିଳ୍ପୀ ଆସି ରାଣୀଙ୍କର ଗୋଟିଏ ସୁନ୍ଦର ଜୀବନ୍ତ ପ୍ରତିମା ଗଢି ଦେଲେ । ପ୍ରତିମା କେମିତି ହୋଇଛି ବୋଲି ରାଜା ଜାଣିବାକୁ ଚାହିଁଲେ । ସବୁ ପଣ୍ଡିତ ମାନେ ଶିଳ୍ପୀଙ୍କ ଭୂୟସୀ ପ୍ରସଂଶା କରୁ ଥାନ୍ତି କିନ୍ତୁ ସେଠି କାଳିଦାସ କହିଲେ ନାଁ ହେଲା ନାହିଁ । ଉପସ୍ଥିତ ଥିବା ଶିଳ୍ପୀ ଜଣକ ରାଗିଯାଇ ହାତରେ ଧରିଥିବା ତୂଳୀଟିକୁ ଖୁବ ଜୋରରେ ଫିଙ୍ଗି ଦେଲେ । ଏହା ପରେ କାଳିଦାସ କହିଲେ ହଁ ଏଥର ଠିକ ହୋଇ ଗଲା । କାଳିଦାସ କ'ଣ କହୁଛନ୍ତି କେହି କିଛି ବୁଝି ପାରୁନଥାନ୍ତି । କାଳିଦାସ ବୁଝାଇ ଦେଇ କହିଲେ, ରାଣୀଙ୍କର ଜାନୁରେ ତିଳ ଚିହ୍ନଟିଏ ଅଛି ସେଇଟା ପ୍ରତିମାରେ ନଥିଲା, ଶିଳ୍ପୀ ତୂଳୀ ଫିଙ୍ଗି ଦେବାରୁ ରଙ୍ଗ ଛିଟାରେ ତାହା ଅଙ୍କିତ ହୋଇ ଚିହ୍ନଟି ଠିକ ହୋଇଗଲା ମୁଁ ଏହି କଥା କହିଲି । କାଳିଦାସଙ୍କ ପାଣ୍ଡିତ୍ୟରେ ମୁଗ୍ଧ ଥାଇ, ରାଣୀଙ୍କର ତାଙ୍କ ସହିତ ସଦ୍ଭାବ ଥିଲା । କିନ୍ତୁ ରାଣୀଙ୍କର ଜାନୁରେ ତିଳଚିହ୍ନ କଥା ଶୁଣି ରାଜାଙ୍କ ସନ୍ଦେହ ହେଲା ବୋଧ ହୁଏ ଦାସେଙ୍କ ରାଣୀଙ୍କ ସହ ପାପପ୍ରଣୟ ରହିଛି । ଏଣୁ ରାଜା ଅତୀବ କ୍ରୋଧିତ ହୋଇ କାଳିଦାସଙ୍କୁ ତାଙ୍କ ରାଜ୍ୟରୁ ବିତାଡିତ କଲେ । ଗୁଣମୁଗ୍ଧ ମନ୍ତ୍ରୀ ତାଙ୍କୁ ବିତାଡିତ ହେବାକୁ ନ ଦେଇ କୌଶଳକ୍ରମେ ନିଜ ଗୃହରେ ଗୁପ୍ତ ଭାବରେ ଆଶ୍ରୟ ଦେଲେ ।

ଏହା ଭିତରେ କିଛି ଦିନ ବିତି ଯାଇଛି । ଏକଦା ରାଜାଙ୍କର ପୁତ୍ର ସୈନ୍ୟ ସାମନ୍ତ ଧରି ପାରିଧିରେ ବଣକୁ ଗଲେ । ସେଦିନ ପ୍ରବଳ ଜୋରରେ ଝଡ଼ ବର୍ଷା ହେବାରୁ ରାଜପୁତ୍ର ପଥବଣା ହୋଇ ତାଙ୍କ ସୈନ୍ୟ ସାମନ୍ତଙ୍କ ଠାରୁ ଦୁରେଇ ଯାଇ ଅଭେଟ ହୋଇଗଲେ । କ୍ରମେ ସନ୍ଧ୍ୟା ହେବାରୁ ରାଜପୁତ୍ର ବନ୍ୟ ଜନ୍ତୁଙ୍କ ଭୟରେ ଗୋଟିଏ ବୃକ୍ଷ ଉପରେ ଆଶ୍ରୟ ନେଲେ । ସେ ବୃକ୍ଷ ଉପରେ ପୂର୍ବରୁ ଏକ ଭାଲୁ ଆଶ୍ରୟ ନେଇ ଥାଏ । ଭାଲୁଟିକୁ ଦେଖି ଭୟଭୀତ ହେବାରୁ ଭାଲୁ ରାଜ ପୁତ୍ରଙ୍କୁ ଅଭୟ ଦେଇ କହିଲା, "ଏବେ ଆମ ଦୁଇଜଣଙ୍କର ସମ ଦଶା, ଭୟଭୀତ ହୁଅନାହିଁ, ଆମେ ଦୁଇଜଣ ମିତ୍ର ହିସାବରେ ଗଛ ଉପରେ ବସି ରାତିଟି କଟାଇ ଦେବା ।" ଏମିତି ଦୁଇ ଜଣଙ୍କ ମଧ୍ୟରେ ମିତ୍ରତା ହୋଇ କଥା ରହିଲା, ରାଜ ପୁତ୍ର କ୍ଲାନ୍ତ ।

ISSN NO.
2582-208X

ତେଣୁ ରାତ୍ରିର ପ୍ରଥମପ୍ରହରରେ ସେ ଶୋଇବେ ଓ ଭାଲୁ ଜଗି ବସିବ । ଦ୍ୱିତୀୟ ପ୍ରହରରେ ଭାଲୁ ଶୋଇବ ରାଜପୁତ୍ର ଜଗି ବସିବେ ।

ଯୋଜନା ଅନୁଯାୟୀ ପ୍ରଥମ ପ୍ରହରରେ ଭାଲୁ ଗଛ ଉପରେ ଡେଇଁ କରି ବସି ରହିଲା, ରାଜପୁତ୍ର ତା' କୋଳରେ ମୁଣ୍ଡ ରଖିକରି ଶୋଇଲା । ରାତ୍ରି ମଧ୍ୟମ ପ୍ରହରରେ ଗୋଟିଏ ବାଘ ଆସି ଗଛତଳେ ପହଞ୍ଚି ଦେଖିଲା ଗଛ ଉପରେ ଭାଲୁ କୋଳରେ ମଣିଷ ଗୋଟିଏ ଶୋଇଛି । ସେ ମଣିଷ ମାଂସ ଖାଇବାର ସୁଯୋଗ ଆସିଛି ଚିନ୍ତାକରି ସେ ଭାଲୁକୁ କହିଲା ତୁମେ ଏ ଜଙ୍ଗଲର ମନ୍ତ୍ରୀ, ମଣିଷଟାକୁ କୋଳରେ କାହିଁକି ଧରିଛ ତାକୁ ପେଲି ତଳକୁ ଖସେଇ ଦିଅ ମୁଁ ଟିକିଏ ନର ମାଂସ ଖାଇ ତୃପ୍ତ ହେବି । ତହୁଁ ଭାଲୁ କହିଲା ଏ ରାଜପୁତ୍ର ମୋର ମିତ୍ର । ତାକୁ ତଳକୁ ଖସାଇ ଦେବି । ଏ ମିତ୍ରଦ୍ରୋହ କାର୍ଯ୍ୟ, ମୁଁ ଏହାକୁ କରିପାରିବି ନାହିଁ । ବାଘ ନିରାଶ ହୋଇ ସେଠାରୁ ଚାଲିଲା ଓ ଯାଉ ଯାଉ ଭାଲୁକୁ କହିଗଲା ଆରେ ତୁ ଏ ଦୁଇ ଗୋଡ଼ିଆ ମଣିଷଟାକୁ ବିଶ୍ୱାସ କରୁଛୁ ଏହାର ପରାଭବ ଭୋଗ କରିବୁ । ରାତ୍ର ଶେଷ ପ୍ରହରରେ ବାଘ ପୁଣି ଆସି ଦେଖିଲା ରାଜ ପୁତ୍ର କୋଳରେ ଭାଲୁ ଶୋଇଛି । ସେ ରାଜ ପୁତ୍ରକୁ କହିଲା ତୁ ଏ ହିଂସ୍ରଜନ୍ତୁଟାକୁ କାହିଁକି କୋଳରେ ଧରିଛୁ । ରାତି ପାହିଲେ ସେ ତୋତେ ନଖରେ ବିଦାରି ତୋ ରକ୍ତ ପାନ କରିବ । ତାକୁ ତଳକୁ ପେଲି ଦେ ମୁଁ ତାକୁ ଖାଇବି । ବାଘ କଥାକୁ ଯୁକ୍ତି ଯୁକ୍ତ ମନେକରି ରାଜପୁତ୍ର ଭାଲୁକୁ ଠେଲିଦେଲା । କିନ୍ତୁ ଭାଲୁ ଆଗରୁ ତାର ନଖକୁ ଗଛ ଡାଳରେ ଶକ୍ତଭାବେ ବିଦ୍ଧ କରି ରଖିଥିବାରୁ ତଳେ ପଡିଲା ନାହିଁ । ବାଘ ମଧ୍ୟ ନିରାଶ ହୋଇ ଫେରି ଗଲା । ଭାଲୁ ରଜାପୁଅର ଏ କାର୍ଯ୍ୟରେ କ୍ରୋଧିତ ହୋଇ କହିଲା ତୁ ଆଜି ମିତ୍ର ଦ୍ରୋହ ଭଳି ଏକ ଗର୍ହିତ ଅପରାଧରେ ଭାଗିହେଲୁ । ଭାଲୁ ସ୍ୱୟଂ ଧର୍ମ ଥିଲା । ସେ କହିଲା ମୁଁ ତତେ ଜୀବନରୁ ମାରିବିନାହିଁ କିନ୍ତୁ ତୋତେ ଅଭିଶାପଦେଉଛି ତୁ ଉନ୍ମାଦହୋଇ ଘୁରି ବୁଲିବୁ । ଭାଲୁ ଏହା କହି ରାଜ ପୁତ୍ରର ଜିଭରେ ତା' ତୀକ୍ଷ୍ଣ ନଖରେ ଚାରୋଟି ଅକ୍ଷର 'ସସେମିରା' ବୋଲି ଲେଖି ଦେଲା । ଅଭିଶାପ ଓ ଅପରାଧ ପ୍ରଭାବରେ ରାଜକୁମାର ଉନ୍ମାଦ ହୋଇ ସସେମିରା ସସେମିରା କହି ଘୁରି ବୁଲିଲେ । ରାତି ପାହିବାରୁ ସୈନ୍ୟ ସାମନ୍ତ ମାନେ ଖୋଜି ଖୋଜି ଆସି ତାଙ୍କୁ ପାଇଲେ ଓ ଧରିନେଇ ରାଜପ୍ରାସାଦରେ ଉପସ୍ଥିତ କରାଇଲେ । ରାଜା, ପୁତ୍ରର ଏତାଦୃଶ ଅବସ୍ଥା ଦେଖି ରାଜ୍ୟରେ ଘୋଷଣା କଲେ ପୁଅକୁ ଯିଏ ଭଲ କରିଦେବ ତାକୁ ବହୁତ ଧନରତ୍ନ ପୁରସ୍କାର ଦିଆଯିବ ବୋଲି ।

ISSN NO.
2582-208X

ରାଜାଙ୍କର ଏ ଘୋଷଣା କ୍ରମେ ମନ୍ତ୍ରୀଙ୍କ ଗୃହରେ ଗୁପ୍ତ ଭାବରେ ଅବସ୍ଥାନ କରୁଥିବା କାଳିଦାସଙ୍କ ପାଖରେ ପହଞ୍ଚିଲା । ସେ ମନ୍ତ୍ରୀଙ୍କୁ ଡାକି କହିଲେ ଆପଣ ଯାଇ ରାଜାଙ୍କୁ କୁହନ୍ତୁ ମୋ କନ୍ୟା ଭୋଜ ବିଦ୍ୟା ଜାଣେ ସିଏ ରାଜପୁତ୍ରଙ୍କୁ ଭଲ କରିଦେଇ ପାରିବ । ମୁଁ ଅବଗୁଣ୍ଠନବତୀ ଏକ କନ୍ୟା ଭାବେ ରାଜପୁରୀକୁ ଯିବି, ରାଜପୁତ୍ରଙ୍କ ସହିତ ଏକାନ୍ତରେ କଥା ହୋଇ ତାର ଉନ୍ମାଦତା ଦୂର କରି ଦେବି । କାଳିଦାସ ସରସ୍ୱତୀଙ୍କ ବରପୁତ୍ର । ଏଣୁ ମନ୍ତ୍ରୀଙ୍କ ଏକଥା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା । ରାଜାଙ୍କୁ ଯାଇ ସେ ଏ କଥା କହିଲେ । ଯୋଜନାନୁଯାୟୀ ଦିନେ ମନ୍ତ୍ରୀ କାଳିଦାସଙ୍କୁ ଅବଗୁଣ୍ଠନବତୀ କନ୍ୟା ବେଶରେ ନେଇ ରାଜ ଦରବାରରେ ପହଁଚିଲେ । ଛଦ୍ମବେଶୀ କାଳିଦାସ ଉନ୍ମାଦ ରାଜପୁତ୍ରଙ୍କ ସହିତ ଏକାନ୍ତରେ ବସିଲେ । ସେ ରାଜପୁତ୍ରଙ୍କୁ ଅନାଇ ସସେମିରା ଚାରି ଅକ୍ଷରରେ ଚାରୋଟି ଶ୍ଳୋକ ବୋଲିଲେ । ପ୍ରଥମ ଅକ୍ଷର 'ସ' ରେ ଶ୍ଳୋକଟିଏ ବୋଲିଲେ :-

ସଦ୍ଭାବ ପ୍ରତିପନ୍ନାନାଂ ବଂଚନେ
 କା ବିଦଗ୍ଧତା
ଅଙ୍କମାରୁହ୍ୟ ସୁପ୍ତାନାଂ ହନ୍ତୁଃ କିମ୍
 ନାମ ପୌରୁଷମ୍ ?

ଅର୍ଥାତ ଯେଉଁମାନେ ଏକାନ୍ତ ବିଶ୍ୱସ୍ତ ସେମାନଙ୍କୁ ପ୍ରତାରଣା କରିବା କି ପାଣ୍ଡିତ୍ୟ ? ଯେଉଁ ମାନେ ଅଙ୍କକୁ ଆଶ୍ରୟ କରି ଶୋଇଥାନ୍ତି ତାଙ୍କୁ ମାରିଲେ ହତ୍ୟାକାରୀର ପୌରୁଷ ପ୍ରକାଶ ପାଏ କି ?

ଏ ଶ୍ଳୋକଟି ଗାଇ ସାରିଲା ପରେ ତାଙ୍କର ପ୍ରଥମ ଅକ୍ଷରଟି କଟିଯାଇ ରାଜପୁତ୍ର କେବଳ ସେମିରା କହିବାକୁ ଲାଗିଲେ । ପୁଣି କାଳିଦାସ 'ସେ' ରେ ଶ୍ଳୋକଟିଏ ବୋଲିଲେ :-

ସେତମ୍ ଗତ୍ୱା ସମୁଦ୍ରସ୍ୟ
 ଗଙ୍ଗାସାଗର ସଙ୍ଗମମ୍ ।
ବ୍ରହ୍ମହା ମୁଚ୍ୟତେ ପାପାତ
 ମିତ୍ରଦ୍ରୋହୀ ନ ମୁଚ୍ୟତେ ॥

ISSN NO.
2582-208X

ଅର୍ଥାତ ସେତୁବନ୍ଧ ରାମେଶ୍ୱରକୁ ଗଲେ କି ଗଙ୍ଗା ସାଗରରେ ସ୍ନାନ କଲେ ବ୍ରହ୍ମ ହତ୍ୟା ଦୋଷ କରି ଥିବା ପାପୀ ମୁକ୍ତ ହୋଇପାରେ କିନ୍ତୁ ମିତ୍ରଦ୍ରୋହୀ ପାପୀ କେବେ ମୁକ୍ତ ହୋଇ ପାରେ ନାହିଁ ।

ଏ ଶ୍ଳୋକଟି ପରେ ସେ ଅକ୍ଷର କଟି ଯାଇ ରାଜ ପୁତ୍ର କେବଳ ମିରା ମିରା କହିବାକୁ ଲାଗିଲେ । ତା ପରେ କାଳିଦାସ 'ମି' ରେ ଶ୍ଳୋକ ଗୋଟିଏ ଗାଇଲେ :-

ମିତ୍ରଦ୍ରୋହୀ କୃତଘ୍ନଶ୍ଚ ଯେ ଚ
  ବିଶ୍ୱାସଘାତକଃ ।
ତେ ସର୍ବେ ନରକମ୍ ଯାନ୍ତି ଯାବତ
  ଚନ୍ଦ୍ର ଦିବାକରୌ ॥

ଅର୍ଥାତ ଯେଉଁ ମାନେ ମିତ୍ର ଦ୍ରୋହୀ, କୃତଘ୍ନ ଏବଂ ବିଶ୍ୱାସଘାତକ ସେମାନେ ଯାବତ୍ ଚନ୍ଦ୍ରାର୍କେ ନର୍କ ଗାମୀ ହୋଇଥାନ୍ତି । ଏଥିରେ 'ମି' ଅକ୍ଷରଟି କଟି ଯାଇ ରାଜପୁତ୍ର ଖାଲି ରା ରା ଉଚ୍ଚାରଣ କରିବାକୁ ଲାଗିଲେ । ସେଠୁ କାଳିଦାସ 'ରା' ରେ ଶ୍ଳୋକଟିଏ ବୋଲିଲେ :-

ରାଜନ ସ୍ତ୍ୱଂ ନିଜ ପୁତ୍ରସ୍ୟ ଯଦି
  କଲ୍ୟାଣମ୍ ଇଚ୍ଛସି ।
ଦେହୀ ଦାନମ୍ ଦ୍ୱିଜାତିଭିୟୋ
  ଦେବତାରାଧନଂ କୁରୁ ॥

ଅର୍ଥାତ ହେ ରାଜନ ! ତୁମ୍ଭେ ଯଦି ନିଜ ପୁତ୍ରର ମଙ୍ଗଳ ଇଚ୍ଛାକର ତେବେ ବ୍ରାହ୍ମଣଙ୍କୁ ଦାନ ଦିଅ ଏବଂ ଦେବ ଆରାଧନାକର ।

ଏ ଶ୍ଳୋକ ଉଚ୍ଚାରିତ ହେବା ମାତ୍ରେ "ରା" ଅକ୍ଷରଟି କଟି ଗଲା । ଭାଲୁ ଅଭିଶାପ ଓ ମିତ୍ର ଦ୍ରୋହ ଅପରାଧରୁ ରାଜପୁତ୍ରର ମୁହଁରେ ପଡ଼ିଥିବା ଚାରି ଅକ୍ଷର ରୂପକ ତାଲା ଖୋଲିଗଲା ଏବଂ ରାଜପୁତ୍ରର ଉନ୍ମାଦତା କଟି ଗଲା । ସ୍ୱାଭାବିକ ହୋଇଯିବାରୁ ଜଙ୍ଗଲରେ ଘଟି ଥିବା ସବୁ ଘଟଣାମାନ ସେ ବର୍ଣ୍ଣନା କରିଗଲେ । ରାଜା ଆଶ୍ଚର୍ଯ୍ୟ ହେଉଥାନ୍ତି, ଏ ଅବଗୁଣ୍ଠନ ବତୀ ବିସ୍ମୟ କନ୍ୟା କେମିତି ଏ ସବୁ ଘଟଣା ଜାଣିଲା । ଗୁଣଗ୍ରାହୀ ରାଜା ବିକ୍ରମାଦିତ୍ୟ ମଧ୍ୟ ବଡ଼ ବିଦ୍ୱାନ ଥିଲେ । ସେ କାଳିଦାସଙ୍କୁ ଗୋଟିଏ ଶ୍ଳୋକ ଗାଇ ପ୍ରଶ୍ନ କଲେ :-

ISSN NO.
2582-208X

ଗୃହେ ବସତି କୌମାରୀ
ଅଟବ୍ୟାମ୍ ନୈବ ଗଚ୍ଛସି ।
ରକ୍ଷବ୍ୟାଘ୍ର ମନୁସ୍ୟାନାଂ କଥଂ
ଜାନାସି ଭାଷିତଂ ॥

ଅର୍ଥାତ ହେ କୁମାରୀ ! ତୁମେ ତ ଘରେ ରହିଥାଅ ଜଙ୍ଗଲକୁ ଯାଅନାହିଁ । ତେବେ ବାଘ, ଭାଲୁ, ମଣିଷ ମଧ୍ୟରେ ହୋଇ ଥିବା କଥୋପକଥନକୁ କିପରି ଜାଣିଲ । ଛଦ୍ମ ବେଶୀ ସେହି କନ୍ୟା କାଳିଦାସ କହିଲେ :-

ଦେବଃଦ୍ୱିଜ ପ୍ରସାଦେନ
ଜିହ୍ୱାଗ୍ରେ ମେ ସରସ୍ୱତୀ ।
ତେନାହଂ ନୃପ ! ଜାନାମି
ଭାନୁମତ୍ୟାସ୍ତିଲଂ ଯଥା ॥

ଅର୍ଥାତ ଦେବ ଦ୍ୱିଜଙ୍କ ପ୍ରସାଦରୁ ମୋ ଜିହ୍ୱାଗ୍ରରେ ସରସ୍ୱତୀ ନିବାସ କରନ୍ତି । ସେଥିପାଇଁ ମୁଁ ଏକଥା ଜାଣିପାରିଲି, ଯେମିତି ଭାନୁମତିଙ୍କ ଜାନୁରେ ତିଳ ଚ଼ିହ୍ନ ଥିବା କଥା ଜାଣିପାରିଥିଲି । ରାଜାଙ୍କର ଆଉ ତିଳେମାତ୍ର ସନ୍ଦେହ ରହିଲା ନାହିଁ, ଏ ଅବଗୁଣ୍ଠନ ବତି କନ୍ୟାଟି ହେଉଛନ୍ତି ମହା କବି କାଳିଦାସ । ରାଜା ଅତୀତରେ କରିଥିବା ଭୁଲ ବୁଝିପାରିଲେ ଓ ମହାକବି କାଳିଦାସଙ୍କୁ ପୁଣି ସମ୍ମାନର ସହ ରାଜ ସଭାକୁ ଫେରାଇ ଆଣିଲେ ।

ଏ କାହାଣୀଟିରୁ ମିତ୍ର ଦ୍ରୋହ ଭଳି ଏକ ଗର୍ହିତ ପାପର ପରିଣତି ବିଷୟରେ ଶିକ୍ଷା ମିଳିଥାଏ । ସାଧାରଣ କଥାରେ କୁହାଯାଏ ସୁଖ ଦୁଃଖର ବନ୍ଧୁ ହିଁ ପ୍ରକୃତ ବନ୍ଧୁ । ଏଣୁ ଚାଣକ୍ୟ ନୀତିରେ କୁହା ଯାଇଛି :-

"ଉତ୍ସବେବ୍ୟସନେ ଚୈବ ଦୁର୍ଭିକ୍ଷେ ରାଷ୍ଟ୍ରବିପ୍ଲବେ, ରାଜଦ୍ୱାରେ ସ୍ମଶାନେଚ ଯଃ ତିଷ୍ଠତି ଶଃବାନ୍ଧବଃ"

ଶିକ୍ଷକ
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# କାର୍ତ୍ତିକ ମାସ


ବିଭୂ ପ୍ରସାଦ ପଣ୍ଡା

ମାସ ଭିତରେ କାର୍ତ୍ତିକ ମାସ
ଅଟଇ ମୁଖ୍ୟ
ଏହି ମାସରେ ମିଳିଥାଏ
ସମଗ୍ର ସୁଖ
ପାହାନ୍ତି ପହରୁ ବୃଦ୍ଧାମାନେ
ଉଠି ହୁଅନ୍ତି ମେଳି
ରାଇଦାମୋଦର ଙ୍କ ପାଖରେ
ନିଜ ଦୁଃଖକୁ ଦିଅନ୍ତି ଢାଳି
ଏହି ମାସର ପୁଣ୍ୟ ମନୁଷ୍ୟକୁ
ଥରେ ମିଳେ
ଏ ସୁଯୋଗ ଥରେ ଗଲେ
ଆଉ ନମିଳେ
ଏହି ମାସର ପ୍ରତେକ ଦିନରେ
ହୁଅଇ ପୁଣ୍ୟ
ଏକାଦଶୀ, ନବମୀ ବଡ ଓଷା
ସର୍ବାଗ୍ରେ ଗଣ୍ୟ
ଅଁଳା ନବମୀ ଠାରୁ ପୂର୍ଣ୍ଣିମୀ ଯାଏଁ
ପଞ୍ଚୁକ ଯାତ୍ରା ହୁଏ
ଏହି ଦିନ ଗୁଡିକରେ ସଭିଙ୍କ ମନ

ISSN NO.
2582-208X

ନାମ ରସରେ ବୁଡି ରୁହେ
ଏହି ମାସର ହବିଷ ଭାତ କେଡେ ମଧୁର
ଭୋଜନ କଲେ ପାପ ହୁଅଇ ଦୂର
ଏହି ମାସର ଡ଼ଙ୍ଗାଭସା କାର୍ଯ୍ୟ
ସଭିଙ୍କ ମନରେ ଦିଏ ବଳବୀର୍ଯ୍ୟ
ଆସ ଏହି ଦିନଟିକୁ ଉପଭୋଗ କରିବା
ଡ଼ଙ୍ଗା ଭସାଇ ନିଜ ଦୁଃଖକୁ ଦୁରେଇ ଦେବା।

ଚଗ୍‌ମାରୁ, ଖୋର୍ଦ୍ଧା

ISSN NO.
2582-208X

# ଗୌରୀ ମାତା...ଏକ ଭବ ପ୍ରଣତି



ଡ.(ଇଂ) ସଞ୍ଜୟ କୁମାର ପଣ୍ଡା

ରୂପ ସ୍ୱର୍ଣ୍ଣକାନ୍ତି ନୟନେ ସଂସୃତି
ସ୍ମିତ୍ୟ ହାସ୍ୟେ ମୋକ୍ଷ ପ୍ରାପ୍ତି
ଭବ ପ୍ରାଣେ ଭକ୍ତି ତ୍ୱରାନ୍ୱିତ ମୁକ୍ତି
ଅଚିରେ ହରେ ଦୁର୍ଗତି ।

ଆଶିଷ ବିଭୂତି ସୁତ ଲଭେ ନିତି
ଅପସୃତ ବୃଥା ଭୀତି
ଜଗତ ସଂପ୍ରତି ଝୁରେ ମାତା କୀର୍ତ୍ତି
ସଭକ୍ତି ଭରେ ପ୍ରଣତି ।

ତ୍ୟାଗ ଭାବ ନୀତି ମନ ହୃଦେ ଭର୍ତ୍ତି
ମାତା ଦୁର୍ଗା ପାଦେ ମତି
ବିଦ୍ୱେଷ ବିରତି ସାଂସାରିକ ଶାନ୍ତି
ସଂପୂର୍ଣ୍ଣ ସୌଖ୍ୟ ଝଟତି ।

ଅସୁରଙ୍କ ଇତି ସୁରଗଣେ ମୈତ୍ରୀ
ଅନୁଭବେ ହିନ୍ଦୁ ଜାତି

ISSN NO.
2582-208X

ଗୌରୀମାତା ଶକ୍ତି ଭେଦେ ଦୁଷ୍ଟ ଛାତି
ସଦା ପୂଜ୍ୟ ଜଗଦ୍ଧାତ୍ରୀ
କରୁଣାର ମୂର୍ତ୍ତି ଦିବ୍ୟ ମାତା ସତୀ
କାତ୍ୟାୟନୀ ନାମେ ଖ୍ୟାତି
ଦେବଗଣେ ମୈତ୍ରୀ ବରଦାନ କର୍ତ୍ତ୍ରୀ
ସକଳ ଅଭୟ ଦାତ୍ରୀ ।

ପ୍ରାକ୍ତନ ଅର୍ଥକମିଟି ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର
ମୋ-୯୪୩୭୦୭୯୦୯୯
drsanjayaeducationist@gmail.com

ISSN NO.
2582-208X

# ବିପର୍ଯ୍ୟସ୍ତ ମାନବବାଦ



କାର୍ତ୍ତିକେଶ୍ୱର ନାୟକ

ସେଦିନ ଥିଲା ମାନବ ସଭ୍ୟତାର ଅତୀତ ଗୌରବ ଗାଥା । ମଣିଷ ଗୋଟିଏ ଭୂଖଣ୍ଡ ରୁ ଅନ୍ୟ ଭୂଖଣ୍ଡର ପରିଚୟ ଜାଣିବା ଦୂରର କଥା, ସେଠାରେ ମଣିଷ ଅଛନ୍ତି ନା ନାହିଁ ସହଜ ନ ଥିଲା ତଥ୍ୟ ସଂଗ୍ରହ କରିବା । ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଅନ୍ଧକାର ମୟ ସମାଜ ସତରେ ଆଜି ବିଶ୍ୱାସ କରିବା ସହଜ ନୁହେଁ । ଜୋର୍ ଯାର ମୂଳକ ତାର ଥିଲା ସେଦିନର ଜୀବନ । କୁସଂସ୍କାର, ଅନ୍ଧବିଶ୍ୱାସ, ହତ୍ୟା, ଚୋରି, ଲୁଣ୍ଠନ ବଞ୍ଚିବାର ଯେମିତି ପ୍ରମୁଖ ବ୍ୟବସାୟ ପାଲଟିଥିଲା । ଅବଶ୍ୟ କୌଣସି ଜାତି ବା ସମ୍ପ୍ରଦାୟ, ହିନ୍ଦୁ, ମୁସଲମାନ, ଇସାଇ, ଜୈନ ବୌଦ୍ଧ , ଶିଖ୍, ବା ଅନ୍ୟାନ୍ୟ ଇହୁଦୀ ଶ୍ରେଣି ନଥିଲା । ମଣିଷ ନିଜର ଦୈନଦିନ ଜୀବିକା ନିର୍ବାହ ପାଇଁ, ସଙ୍ଘର୍ଷ କରୁଥିଲା । ବେଳେ ବେଳେ ନିଜକୁ ଗୋଷ୍ଠୀ ବା ଦଳ ଭିତରେ ସାମିଲ କରି ନିଜର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ସାମିଲ ରହୁଥିଲା । ସେ ଜାଣି ନ ଥିଲା ଦଳଭୁକ୍ତ ଗୋଷ୍ଠୀ କେତେଦୂର ଉଚିତ୍ ବା ଅନୁଚିତ୍ ।

ସମୟ ଗଡିଚାଲିବା ସଙ୍ଗେ ସଙ୍ଗେ ସମାଜର ରୂପରେଖ ଧିରେ ଧିରେ ବଦଳିବାରେ ଆଉ ସମୟ ଲାଗିଲା ନାହିଁ । ମଣିଷ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରିବାରେ ଲାଗିଲା । ନିଜେ ବଞ୍ଚିବାର ବିଭିନ୍ନ ପ୍ରକାରର ଉପାୟ ଚିନ୍ତାକରି ଅନ୍ୟ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାରେ ପଛେଇଲା ନାହିଁ । ସମାଜ ର ଆଗ ଧାଡ଼ିର ଗୋଷ୍ଠୀ ନାନା ପ୍ରକାର ନୀତି ନିୟମ ତିଆରି କରିବା ଆରମ୍ଭ କରିଦେଲେ । ନିଜ ନିଜର ଦୈନନ୍ଦିନ ଜୀବନର କାମକୁ ମଧ୍ୟ ନିଜେ ନ କରି ଅନ୍ୟ ଉପରେ ନିର୍ଭର କରିବା ଆରମ୍ଭ କରିଦେଲା । ଲୁଗା ଧୋଇବା, ରାସ୍ତା ଘାଟ ସଫା ରଖିବା, ମୁଣ୍ଡର ଚୁଟି କାଟିବା ଫୁଲ ବଗିଚା କରିବା, ମାଟି ତିଆରି

ISSN NO.
2582-208X

ହାଣ୍ଡି ମାଠିଆ ତିଆରି କରିବା, ଇତ୍ୟାଦି କାମ କୁ ଧୋବା, ମେହେନ୍ତର, ଭଣ୍ଡାରି, ମାଳି, ତଥା କୁମ୍ଭାର ଜାତିର ପରିଚୟ ସୃଷ୍ଟି କରି ଦିଆଗଲା। ନିଜର ସୁବିଧା ଗୁଡ଼ିକୁ ଅନ୍ୟ ଉପରେ ଲଦି ଦିଆଯାଇ ଦଳେ ଲୋକ ଏହାର ଫାଇଦା ନେବାରେ ଲାଗିଲେ । ଫଳତଃ ସମାଜରେ କୌଳିକ ପ୍ରଥା ଧିରେ ଧିରେ ଜାତିପ୍ରଥା ର ରୂପ ନେଲା । ହେଲେ ଏହିସବୁ କାମ ଭବିଷ୍ୟତରେ ଏକ ସୁସ୍ଥ ସମାଜ ପାଇଁ ବାଧକ ହେବ, କେହି ଅନୁମାନ କରି ପାରିନଥିଲେ । ଜାତି ସୃଷ୍ଟି ହେବା ଦ୍ୱାରା ରାଜ୍ୟ ଦେଶ, ତଥା, ସମାଜରେ ନିଜ ନିଜ ସମ୍ପ୍ରଦାୟ ମଧ୍ୟରେ ନିଜ ଦଳ ବା ସଙ୍ଗଠନ କୁ ଏକ ତରଫା ଭାବେ ସୁଦୃଢ କରିବା ଲାଗିଗଲେ । ସାମୁହିକ ସ୍ୱାର୍ଥ କଥା ପଚାରେ କିଏ ? ରାଜ୍ୟ ଓ ଦେଶ ର ଏକତା ଅଖଣ୍ଡତା ଶ୍ରେଣୀ ବିଭାଜନ ରେ ନଥାଏ । ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସଙ୍ଗଠନ ରେ ନଥାଏ । ଅତଃ ଆଜିର ଆଧୁନିକ ସମାଜରେ ସମତା ଅଖଣ୍ଡତା ପ୍ରସଙ୍ଗକୁ ଦେଖିବାକୁ ହେଲେ ସମସ୍ତଙ୍କ ମନରେ "ବସୁଧୈବ କୁଟୁମ୍ବକମ୍" ବୀଜ ବପନ କରିବାକୁ ହେବ । ସମସ୍ତଙ୍କୁ ସମ୍ମାନ ଓ ସମାନ ଅଧିକାର ଦିଆଗଲେ ହୁଏତ ଏହାର ବିକାଶ ଓ ପ୍ରଭାବ ସଫଳ ହେବା ସଂଗେ ସଂଗେ ,ଗୋଷ୍ଠୀ ବା ସଙ୍ଗଠନ ମଧ୍ୟରେ ନକାରାତ୍ମକ ଭାବନା କୁ ପ୍ରତିହତ କରିହେବ ।

ଆଜିକାଲି ଅନେକାଂଶ ରେ ଦେଖା ଗଲାଣି ଯେ ଏହା ଗୋଷ୍ଠୀ ବା ସଙ୍ଗଠନ ରେ ସୀମିତ ନାହିଁ । ଜାତିଆଣ ପ୍ରଭାବ ବେଶ୍ ପରିବାର ଉପରେ ପ୍ରଭାବିତ ହୋଇ ପିତାପୁତ୍ର, ବାପାମାଆ ଭାଇ ଭଉଣୀର ସମ୍ପର୍କ ରେ ଦୂରତା ସୃଷ୍ଟି କରିବାରେ ଲାଗିଛି। ଏପରିକି ପରିବାର ନିଜର ସ୍ଥିତି ହରାଇବା ସଙ୍ଗେ ସଙ୍ଗେ ନିଜର ଜ୍ଞାତି ପରିଜନ ଭିତରେ "ଲକ୍ଷ୍ମଣ ଗାର" ଟାଣି ହେଇ ଯାଉଛି । ଗୋଟିଏ ଜାତିର ଝିଅ ବା ପୁଅ ଅନ୍ୟ ଜାତିରେ ବୈବାହିକ ସମ୍ବନ୍ଧ କଲେ, ପରିବାର ବାସନ୍ଦ କରାଯାଇଛି । ପରିବାର ପରିଚୟ କ୍ଷୁର୍ଣ୍ଣ ହେଉଛି । ଏହାର କୁପରିଣାମ୍ ଏପରି ଭୟଙ୍କର ହେଉଛି ଯେ, ଶବ କୁ କାନ୍ଧ ମିଳୁନି। ଗାଆଁ ବା ମଫସଲରେ ନିଆଁ ପାଣି ର ବ୍ୟବହାର ମନା ହେଇ ଯାଉଛି । ଏ ଉକ୍ରଟ ବ୍ୟାଧି ଆଜିକାର ଅତ୍ୟାଧୁନିକ ଯୁଗରେ ଦେଖାଯିବା ସଂଗେ ସଂଗେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଲାଣି । ଏପରି ହେବାର ମୂଳରେ କେବଳ ଜାତିଆଣ ବିଦ୍ୱେଷର କୁ-ପରିଣାମ । ଏହା ପରିବାର ଭିତରେ ସୀମିତ ହୋଇ ରହିନାହିଁ । ଏହା ଜନ୍ମ ମାଟିର ଏକତା ଅଖଣ୍ଡତା କୁ ମଧ୍ୟ ପ୍ରଭାବିତ କରିସାରିଲାଣି । ଜାତି ପ୍ରଥାର ବିଲୋପ ହିଁ ଏହାର ସରଳ ସମାଧାନ ବୋଲି ମନେହୁଏ । ଜାତି ପ୍ରଥାର ପ୍ରଚଳନ,ଧର୍ମ ପରିବର୍ତ୍ତନ ର ଅନ୍ୟ

ISSN NO.
2582-208X

ଏକ ପ୍ରମୁଖ କାରଣ ବୋଲି ପ୍ରମାଣିତ ହୋଇ ସାରିଛି । ତେଣୁ ଦେଶରେ ଉପୁଜିଥିବା ଅସହିଷ୍ଣୁତା, ଅଶାନ୍ତି, ଅସହଯୋଗ ତଥା ଆଗାମୀ ଦିନରେ ସୁସ୍ଥ ସମାଜ ଗଠନ ଦିଗରେ ଅନ୍ତରାୟ ନ ହେବ ଏ କଥା କିଏ କହି ପାରିବ ? ଜାତିପ୍ରଥା ଏକ ମାନବକୃତ ବ୍ୟାଧିକୁ ସମୁଳେ ବିନାଶ କରିବାର ସମୟ ଆସିଛି । ପାଠକ ପାଠିକା ମାନଙ୍କୁ କେତେଦୂର ଏହା ଉଚିତ୍ ମନେହୁଏ ଆପଣ ମାନେ ନିଶ୍ଚିତ ଏହାର ଆବଶ୍ୟକତା ସମାଜ ଓ ସଂସ୍କୃତି ର ବିକାଶ ପାଇଁ ଜରୁରୀ ମନେହୁଏ ମତାମତ ରଖିବେ ।

ଶ୍ରୀବିହାର, ବୌଦ୍ଧ
ଦୁରଭାଷ ୭୯୭୮୧୨୮୩୫୩

ISSN NO.
2582-208X

# କହିଥିଲ ଆସିବାକୁ



ଅରୁଣ କୁମାର ମହାପାତ୍ର

କହିଥିଲ ଆସିବାକୁ,
ଆସିବ ନିଶାର ଅନ୍ଧାର ଚିରି,
ପାଖେ ବସିବ ଆଉ କହିବ ଅନ୍ତରର କଥା
ଏତେ ଦିନୁ ମନରେ ସାଉଁଟା ଦୁଃଖକୁ
ଭାବିଥିଲି ସେ ହସରେ ଫେଣ୍ଟି ଦେବି ବୋଲି ।

ତୁମେ କହିଥିଲ ଆସିବାକୁ,
ବସନ୍ତର ପରେ ଝଡ଼ ଶାନ୍ତ ହେବା ପରେ,
ମୁଁ ଲୁଚିଯିବି ନିଜ ଛାତି ତଳେ –
ଯେଉଁଠି ଅନୁପସ୍ଥିତ ଶବ୍ଦର ଝଙ୍କାର,
କିନ୍ତୁ ନୀରବତା ନିତି ଆଲିଙ୍ଗନ କରେ ।

ମୁଁ ଏଠି ଅପେକ୍ଷା କରୁଥିଲି,
ମୋ ଘରର କବାଟ ଝରକା ଖୋଲି,
ଏକ ଦୀପ ଜାଳି ରଖୁଥିଲି ପ୍ରତି ରାତି –
ତୁମେ ହୁଏତ ଆସିବ ବୋଲି,
ସହଜେ ପାଇବ ଦିଗ ଦେଖି ଏ ଆଲୋକ ।

ISSN NO.
2582-208X

ତୁମେ କହିଥିଲ ଆସିବାକୁ,
ଶ୍ରାବଣ ବର୍ଷାର ଦିନ ଥିଲା ସେ ତ –
ମୋ ମନର ସବୁ ତନ୍ତ୍ରୀ ଗାଉଥିଲେ ଗୀତ
ପିନ୍ଧି ନୂଆ ପରିଧାନ, ଅପେକ୍ଷା ମୁଁ କଲି ଗଛ ତଳେ ବସି –
ପାଖେ ଥିଲା ଫୁଲ ମାଳା ସ୍ୱାଗତ ନିମନ୍ତେ ।

କହିଥିଲ ଆସିବାକୁ,
ଘୁରାଇ ପଛକୁ ମୁହଁ ସମୟ ହସିଲା,
ଯେବେ ଦେଖୁଥିଲେ ଲୋକେ ବୁଡୁଥିଲା ଭେଳା
ଅନ୍ୟ ମାନେ ବୁଝିଥିବେ ମୋ ଅଭାବ କଥା
ତୁମେ ଆସିବ ଆସିବ ନିଷ୍ଚେ
ମୁଁ ଏକ ସଂପୂର୍ଣ୍ଣ ବାକ୍ୟ ଯୁକ୍ତ ମାତ୍ରା ଫଳା ।

କିନ୍ତୁ ଆସିଲା ବର୍ଷା, ଆସିଲନି ତୁମେ
ବାସିହେଲା ଫୁଲମାଳା ମଉଳିଲା ଫୁଲ,
ପତ୍ରଝଡ଼ା ଦେଲା ଗଛ ପତ୍ର ମାଳ ମାଳ,
କହିବେ କହିବେ କିନ୍ତୁ ସବୁ ନିରୁତ୍ତର
ମୋ ଚକ୍ଷୁ ଖୋଜିଲା କିଛି ପ୍ରଶ୍ନର ଉତ୍ତର ।

କହିଥିଲ କେତେ ଚିଠି ମୁଁ ଲେଖିଲି,
ପ୍ରତି ଶବ୍ଦ ରହିଗଲା ମୁଖ ବନ୍ଧା ପାନଖିଲ ପରି
ଉଚ୍ଚାରଣ ହୋଇନଥିବା ଦୁଃଖର ସିନ୍ଦୁକ ଭିତରେ,
ତୁମେ କେବେ କାହିଁ ଉତ୍ତର ଦେଲନି –
ମୁଁ କିନ୍ତୁ ଚାଲିଗଲି ପହଞ୍ଚିଲି ଚିଠି ଧରି ଡାକ ବାଲା ପରି ।

ISSN NO.
2582-208X

ଏବେ ଯାଉଛି ସମୟ, ଫେରୁଛନ୍ତି ଲୋକେ,
ମୁଁ ଅଛି ଗଛ ତଳେ ଧରିତ୍ରୀ କୋଳରେ
ଶୂନ୍ୟ ନୟନ ଆଉ ନେଇ ଅସ୍ପଷ୍ଟ ହସର ସାହାରା,
ଏବଂ ନେଇ ଏକ ଅପରିପୂର୍ଣ୍ଣ କଥା
ମୋ ଭାବନାର ଆକାଶ ତଳେ
ଏବେ ମୁଁ କହେ -
ତୁମେ ଆସିବାକୁ କହିଥିଲ, ମୁଁ ଏଠି ଅପେକ୍ଷା କରୁଛି
ଜୀବନକୁ ବୁଝିବା ପାଇଁ ନିରନ୍ତର ପରୀକ୍ଷା କରୁଛି ।

E 23 , ଗୌତମୀ ନଗର
ଅଶ୍ୱପୁରମ, ତେଲେଙ୍ଗାନା
୯୪୪୧୫୦୭୫୧୮

ISSN NO.
2582-208X

# ଶୁଭ ମନାସୁଛି



କୁଞ୍ଜବିହାରୀ ରାଉତ

ବନ୍ଧୁ, କହିଦେବ ସମୟ
ଦିନେ କେଉଁ ହସ ଥିଲା
ସ୍ୱପ୍ନିଳ ମଧୁମୟ
ଆଉ କେଉଁ ହସ
ପଛରେ ଲୁଚିଛି
ହୃଦୟର ଭରା କୋହ!!
ବୁଝିବି ବୁଝି ପାରୁନାହିଁ
କେମିତି ମୁଁ ପରହେଲି
ତୁମେ କେମିତି ଭାବୁଛ
ତୁମକୁ ଛାଡି ମୁଁ
ଅନ୍ୟର ପଥିକ ହେଲି!!
ସ୍ମୃତି ସବୁଯେତେ ଅତୀତର
ଲାଗେ ଆପଣାର
ଭାବିବାକୁ ଭଲଲାଗେ
ସେ ହେଉ ଦୁଃଖ ଅବା ସୁଖର!!
ତୁମ ଆଖିର କଜ୍ଜ୍ୱଳଗାର
ମୋତେ କରେସେ ସ୍ୱପ୍ନିଳ
କେତେବେଳେ ମଧୁର, ପୁଣି

ISSN NO.
2582-208X

କେତେବେଳେ ରୁଧିର ଧାର!!
ତୁମଭଳି ବନ୍ଧୁଟିଏ ଥିଲେ
ଆଉ କିବା ଲୋଡା ଅଛି କୁହ
ତୁମପାଇଁ ମୋ କବିତା ଲେଖା
କଲମରୁ ଝରେ ଖାଲିଲୁହ !!
ହତାଶାର ଭାବ ଦୂରେଇବା ପାଇଁ
ତୁମେ ଥାଅ ମୋର ସାଥେ
ସ୍ମୃତି ହୋଇ ରହିଥାଅ ତୁମେ
ମୋ ସ୍ୱପ୍ନର ପଥେ ପଥେ!!
ମନ ମୋ ଝୁରୁଛି ବନ୍ଧୁ
ତୁମକୁ ଏମନ ଖୋଜୁଛି
ତୁମେ ଯେଉଁଠାରେ ଥାଅ ପଛେ
ସୁଖରେ ଥାଅ ବୋଲି ଶୁଭ ମନାସୁଛି!!!

ପ୍ଲଟ ନଂ:୧୪୮/୫, ହମିରପୁର, ରାଉରକେଲା:୩
ମୋ: ୯୮୬୧୦୩୪୯୪

ISSN NO.
2582-208X

# ବଳୟ ଗ୍ରହ ଶନି



ଡକ୍ଟର କମଳାକାନ୍ତ ଜେନା

ଆମ ସୌରଜଗତରେ ସୂର୍ଯ୍ୟଠାରୁ ଦୂରତା କ୍ରମରେ ଷଷ୍ଠ ଗ୍ରହର ନାମ ଶନି । ଏହାକୁ ଆମେ 'ବଳୟଗ୍ରହ' (ରିଙ୍ଗ୍ ପ୍ଲାନେଟ୍) ନାମରେ ଜାଣୁ । ଆଠଟି ଗ୍ରହ ଭିତରେ ବୃହସ୍ପତି ସବୁଠାରୁ ବଡ଼ ଓ ଦ୍ୱିତୀୟରେ ରହିବ ଶନିଗ୍ରହ । ସୂର୍ଯ୍ୟଠାରୁ ଆମର ଦୂରତା ୧୫ କୋଟି କିଲୋମିଟର୍ । ସୂର୍ଯ୍ୟଠାରୁ ଶନିଗ୍ରହର ହାରାହାରି ଦୂରତା ୧୪୨ କୋଟି କିଲୋମିଟର । ରାତିରେ ଖାଲି ଅଖିରେ ଶନିିଗ୍ରହକୁ ଦେଖିହେବ । ଆକାଶରେ ଏହା ଈଷତ୍ ହଳଦିଆ ଓ ଉଜ୍ଜ୍ୱଳ ଦେଖାଯାଏ । ପୃଥିବୀପୃଷ୍ଠରୁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ଏହାର କେତେକ ବଳୟକୁ ମଧ୍ୟ ଦେଖିହୁଏ । ଶନିଗ୍ରହରେ ୧୦ ଘଂଟା ୪୦ ମିନିଟ୍ ଅବଧିରେ ଥରେ ଦିନ-ରାତି ହୁଏ । ଏହାର ୧ ବର୍ଷ ଆମର ପ୍ରାୟ ୩୦ ବର୍ଷ ସହିତ ସମାନ । ଶନିଗ୍ରହ ପୂରା ଗୋଲ୍ ନୁହେଁ, ଏହାର ମେରୁ ଅଂଚଳ ଚେପଟା । ଏହାର ବସ୍ତୁତ୍ୱ ଆମ ପୃଥିବୀ ବସ୍ତୁତ୍ୱର ୯୫ ଗୁଣ ଓ ଆୟତନ ପୃଥିବୀର ୭୬୬ ଗୁଣ । ଏହାର ସାନ୍ଦ୍ରତା କମ୍ । ଏହାକୁ ଆମ ସମୁଦ୍ରରେ ପକେଇଦେଲେ ତାହା ଭାସିବ । ଶନିଗ୍ରହ ବିଷୟରେ ଅଧିକ ଜାଣିବା ପାଇଁ ଆମେରିକା ତରଫରୁ ଏହା ଅଭିମୁଖେ ୧୯୭୯ ମସିହାରେ ପାଓନିଅର୍ ମହାକାଶଯାନ, ୧୯୭୭ ମସିହାରେ ଭୋୟେଜର-୧ ଓ ଭୋୟେଜର-୨ ମହାକାଶଯାନ ପଠାଯାଇଥିଲା । ଆମେରିକାର ନାସା ସଂସ୍ଥା ତରଫରୁ ପଠାଯାଇଥିବା 'କାସିନି' ଅର୍ବିଟର୍ ୧୯୯୭ ମସିହାରେ ପଠାଯାଇଥିଲା, ଯାହାକି ୨୦୦୪ ଜୁଲାଇ ୧ ତାରିଖରେ ଶନିଗ୍ରହ ନିକଟରେ ପହଂଚିଥିଲା। ଏହା ୨୦୦୪ ମସିହାରୁ ୨୦୧୭ ପର୍ଯ୍ୟନ୍ତ ଶନିଗ୍ରହ ଚାରିପଟେ ବୁଲି ବୁଲି ଶହ ଶହ ସୂଚନା ପଠେଇଥିଲା ।

ISSN NO.
2582-208X

ଆମ ପୃଥିବୀର ଭୂଇଁ ପରି ଶନିଗ୍ରହର ପୃଷ୍ଠତଳ ପଥୁରିଆ ନୁହେଁ, ବରଂ ଗ୍ୟାସ୍‌ର ଏକ ବଲ୍ ସଦୃଶ । ଶନିଗ୍ରହ ମୁଖ୍ୟତଃ ଉଦଜାନକୁ ନେଇ ଗଠିତ । ବାୟୁମଣ୍ଡଳର ୧୦୦ ରୁ ୮୮ ଭାଗ କେବଳ ଉଦଜାନ ଗ୍ୟାସ୍ ଓ ୧୧ ଭାଗ ହିଲିୟମ୍ ଗ୍ୟାସ୍ । ଏହାର ବାୟୁମଣ୍ଡଳରେ ମଧ୍ୟ ଅଳ୍ପ ପରିମାଣରେ ମିଥେନ୍, ଆମୋନିଆ, ଇଥେନ୍, ଏସିଟିଲିନ୍ ଓ ଫସଫିନ୍ ଗ୍ୟାସ୍ ରହିଛି । ଗ୍ରହକୁ ଘନ ବାୟୁମଣ୍ଡଳ ଘେରିଥିବାରୁ ପୃଷ୍ଠଉପରେ ବାୟୁମଣ୍ଡଳୀୟ ଚାପ ଖୁବ୍ ବେଶି । ଗ୍ରହର ଭିତରକୁ ଭିତରକୁ ଗଲେ ଏହି ଚାପ କେନ୍ଦ୍ର ଆଡ଼କୁ କ୍ରମଶଃ ଅଧିକ । କେନ୍ଦ୍ର ଆଡ଼କୁ ପ୍ରବଳ ତାପ ଓ ଚାପ ଥିବାରୁ ଉଦଜାନ ବାଷ୍ପ ତରଳ ଅବସ୍ଥାରେ ରହେ । ଶନିର କେନ୍ଦ୍ରରେ ଏକ ଓଜନିଆ ପଥୁରିଆ ଗୋଲକ ଅର୍ଦ୍ଧତରଳ ଅବସ୍ଥାରେ ରହିଛି, ଯାହାର ତାପମାତ୍ରା ୧୫,୦୦୦ ଡିଗ୍ରୀ ସେଂଟିଗ୍ରେଡ୍ । (ଫୁଟନ୍ତା ପାଣିର ତାପମାତ୍ରା ୧୦୦ ଡିଗ୍ରୀ ସେଂଟିଗ୍ରେଡ୍ ।) ପ୍ରାୟ ୪୬୦ କୋଟି ବର୍ଷ ପୂର୍ବେ ଆମ ସୌରଜଗତ ସୃଷ୍ଟି ହୋଇଥିଲା । ଶନିଗ୍ରହ ସେହି ଅମଳରୁ ଶୀତଳ ହେବାରେ ଲାଗିଛି । ଏହାର ଧୂଳିକଣା ଓ ଗ୍ୟାସ୍ ଘନୀଭୂତ ହେବାରେ ଲାଗିଛି । ଶନିର ସଙ୍କୋଚନ ପ୍ରକ୍ରିୟାରୁ ନିର୍ଗତ ତାପ ଶୂନ୍ୟକୁ ବିକିରିତ ହେଉଛି । ଶନିଗ୍ରହ ସୂର୍ଯ୍ୟଠାରୁ ଯେତିକି ଶକ୍ତି ଗ୍ରହଣ କରେ, ତାହାର ପ୍ରାୟ ତିନିଗୁଣ ଶକ୍ତି ବାହାରକୁ ବିକିରଣ କରିଥାଏ ।

ଶନିଗ୍ରହର ବାୟୁମଣ୍ଡଳୀୟ ତାପମାତ୍ରା କମ୍ ରହିଥିବାରୁ ବାୟୁମଣ୍ଡଳର ବାଷ୍ପଗୁଡ଼ିକ ବାଦଲ ଓ କୁହୁଡ଼ି ରୂପରେ ରହିଥାନ୍ତି । ଏହି ବାଦଲର ଉପରି ଭାଗର ତାପମାତ୍ରା ଶୂନ ଡିଗ୍ରୀଠାରୁ ପ୍ରାୟ ୧୭୬ ଡିଗ୍ରୀ ସେଂଟିଗ୍ରେଡ୍ ତଳକୁ ରହିଥାଏ, ଯାହାକି ବୃହସ୍ପତି ଗ୍ରହର ସେହି ଅଂଚଳର ତାପମାତ୍ରାଠାରୁ ୨୭ ଡିଗ୍ରୀ କମ୍ । ଶନିଗ୍ରହ ଚାରିପଟେ ବାଦଲ ଘୂରିବୁଲୁଛି । ଏହି ଘୂର୍ଣ୍ଣନଶୀଳ ବାଦଲର ବେଗ ଘଂଟାପ୍ରତି ୧୭୦୦ କିଲୋମିଟର୍ । ଶନିଗ୍ରହର କେନ୍ଦ୍ରୀୟ ତାପମାତ୍ରା ଓ ଚାପ ଅତ୍ୟଧିକ ଅଟେ । ଏହି ପରିବେଶରେ ଉଦଜାନ ଗ୍ୟାସ୍ ତରଳ ଅବସ୍ଥାରେ ରହିବାକୁ ବାଧ୍ୟହୁଏ । ଅତି ଉଚ୍ଚ ତାପମାତ୍ରା ମଧ୍ୟ ତରଳ ଉଦଜାନ କଣିକାକୁ ଚାର୍ଜିତ କରିଦିଏ । ଗ୍ରହ ନିଜ ଅକ୍ଷ ଚାରିପଟେ ବୁଲିଲେ ସେହି ଚାର୍ଜିତ କଣିକାଗୁଡ଼ିକ ଗତି କଲେ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ । ଚାର୍ଜିତ ଉଦଜାନ ବାଷ୍ପ ଗତି କଲେ ଏକ ଶକ୍ତିଶାଳୀ ଚୁମ୍ବକୀୟକ୍ଷେତ୍ର ସୃଷ୍ଟିକରେ । ତେବେ ଶନିର ଚୁମ୍ବକୀୟକ୍ଷେତ୍ର ବୃହସ୍ପତିର କ୍ଷେତ୍ରର ଏକ-ତୃତୀୟାଂଶ । ଶନିର ଚୁମ୍ବକୀୟକ୍ଷେତ୍ରର ତୀବ୍ରତା ବୃହସ୍ପତିର ତୀବ୍ରତାଠାରୁ କମ୍ ହେଲେ ମଧ୍ୟ ଆମର ଭୂ-ଚୁମ୍ବକୀୟ ତୀବ୍ରତାର ପ୍ରାୟ ହଜାରେ ଗୁଣ । ଶନିଗ୍ରହର ଚୁମ୍ବକୀୟକ୍ଷେତ୍ର ତାହାର କେନ୍ଦ୍ରଠାରୁ ପ୍ରାୟ ୨୦ ଲକ୍ଷ କିଲୋମିଟର୍ ପର୍ଯ୍ୟନ୍ତ

ISSN NO.
2582-208X

ରହିଛି । ନିଜର ଅକ୍ଷ ଚାରିପଟେ ଶନିର ଆବର୍ତନ ସହିତ ଏହାର ଚୁମ୍ବକୀୟକ୍ଷେତ୍ର ମଧ୍ୟ ବୁଲୁଥାଏ ।

ଶନିଗ୍ରହର ବଳୟ ହିଁ ତାହାର ଏକ ସ୍ୱତନ୍ତ୍ର ଅଂଶ । ୧୬୧୦ ମସିହାରେ ଗାଲିଲିଓ ଏହାକୁ ଦେଖି ଗ୍ରହର ହ୍ୟାଣ୍ଡେଲ୍ ବୋଲି ଭାବିଥିଲେ । ୧୬୫୫ ମସିହାରେ ଡଚ୍ ଜ୍ୟୋତିର୍ବିଜ୍ଞାନୀ ହାୟଗେନ୍ ଏହାକୁ ଶନିଗ୍ରହର ବଳୟ ବୋଲି ବର୍ଣ୍ଣନା କଲେ । ୧୯୮୧ ମସିହାରେ ଭୋୟେଜର-୨ ପଠାଇଥିବା ସୂଚନାରୁ ଜଣାପଡ଼ିଲା ଯେ, ପ୍ରାୟ ୧,୦୦,୦୦୦ କ୍ଷୁଦ୍ରବଳୟକୁ ନେଇ ଏହି ବଳୟ ଗଠିତ । ସମୁଦାୟ ବଳୟକୁ ତିନିଭାଗରେ ବିଭକ୍ତ କରାଯାଏ : କ (ବାହାର), ଖ ଓ ଗ । କ ବଳୟ ଓ ଖ ବଳୟ ମଧ୍ୟରେ ରହିଥିବା ୪୮୦୦ କି.ମି. ବ୍ୟବଧାନକୁ ଆବିଷ୍କାରକଙ୍କ ନାମ ଅନୁସାରେ 'କାସିନି ଡିଭିଜନ୍' ବୋଲି କୁହାଯାଏ । ଶନିର ଦୃଶ୍ୟମାନ ବଳୟ ଏହାର କେନ୍ଦ୍ରଠାରୁ ପ୍ରାୟ ୧,୩୬,୨୦୦ କି.ମି. ପର୍ଯ୍ୟନ୍ତ ବ୍ୟାପୀରହିଛି । ଧୂଳିକଣାରୁ ଆରମ୍ଭ କରି ୧୦ ମିଟର୍ ବ୍ୟାସର ପଥର ଓ ବରଫଖଣ୍ଡରେ ଏହି ବଳୟ ଗଠିତ । 'ଖ' ବଳୟଟି ମୋଟା ଓ ସୂର୍ଯ୍ୟକିରଣରେ ଅନ୍ୟ ଦୁଇଟି ତୁଳନାରେ ଅଧିକ ଉଜ୍ଜ୍ୱଳ ଦେଖାଯାଏ ।

ବଳୟ ଗ୍ରହ ଶନିର ଏପର୍ଯ୍ୟନ୍ତ ୨୭୪ ଗୋଟି ଉପଗ୍ରହକୁ ଆବିଷ୍କାର କରାଯାଇଛି, ଯାହାକି ବୃହସ୍ପତି ଗ୍ରହର ଉପଗ୍ରହ ସଂଖ୍ୟାଠାରୁ ଅଧିକ । ସେଗୁଡ଼ିକ ଭିତରେ ଟାଇଟାନ୍, ରିଆ, ଆଟ୍ଲାସ୍, ଜାନୁସ୍, ଏପିମେଥସ୍, ମିମାସ୍, ଏନ୍ସିଲେଡସ୍, ଟେଥିସ୍, ଟେଲେଷ୍ଟୋ, କାଲିପ୍ସୋ, ଡାୟନ୍, ହାଇପେରିଅନ୍, ୟାପିଟସ୍ ଓ ଫୋବ୍ ଅନ୍ୟତମ । ଟାଇଟାନ୍ ହେଉଛି ଶନିଗ୍ରହର ସବୁଠାରୁ ବଡ଼ ଉପଗ୍ରହ, ଯାହାକି ବୁଧଗ୍ରହଠାରୁ ମଧ୍ୟ ଆହୁରି ବଡ଼ ।

ପ୍ରାଧାପକ (ଫିଜିକ୍ସ୍), ବିଜ୍ଞାନ ଏକାଡେମୀ ସଦସ୍ୟ,
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୋନ-୯୪୩୯୫୦୧୬୫୧

ISSN NO.
2582-208X

# ଅବଶୋଷ



ବଂଶୀଧର ସା

ଆଉ କଛି ସମୟର ଅପେକ୍ଷା ମାତ୍ର
ନାଟକ ର ଅନ୍ତମ ଦୃଶ୍ୟ ହେବ ଅଭିନତ
ଶେଷ ଯବନକା ପଡିବ ନଶ୍ଚିତ
ଏହା ଛୋଟବଡ କୌଣସି କଳାକାର କୁ
ଅଛପା ନୁହେଁ,ଏହାବି ନଶ୍ଚିତ ( ୧ )
ମୁଁ କେଉଁ ଭୂମିକାରେ ଅଭିନୟ କରୁଛି ଜାଣିନ
କନ୍ତୁ ଦର୍ଶକଙ୍କଠାରୁ ତାଳ ବି ପାଇଛି ଗାଳ ବି ପାଇଛି
ଏହା ନର୍ଦ୍ଦେଶକଙ୍କ ସଫଳ ନର୍ଦ୍ଦେଶନା,
ଅବା ମୋର ସଫଳ ଅଭିନୟ ଏହା ମଧ୍ୟ ଜାଣିନ (୨)
ମୋ ସହ ବାପା, ମା, ସ୍ତ୍ରୀ, ପୁଅଝିଅ, ଭାଇ,ଭ ଉଣୀ, ସାଙ୍ଗ ସାଥି
ଏହି ଭୂମିକାରେ ଅଭିନୟ କରିଥିବା କଳାକାର
ସମସ୍ତଙ୍କର ମୁଁ କୁଆଡ଼େ ପଥ ପ୍ରଦର୍ଶକ
ଏମାନଙ୍କ କୃତଜ୍ଞତା ଓ ଦର୍ଶକଙ୍କ ପ୍ରଶଂସା
ମୋ ମନରେ ଅନେକ ଦ୍ୱନ୍ଦ ଆଣିଦିଏ (୩)
ଜୀବନ ଜୀଇଁବାର ସୂତ୍ର ଖୋଜି ନଜର
କର୍ତ୍ତବ୍ୟ ପାଳନ କରିବାରେ ଅନେକ ସ୍ତର ରେ
ନିନ୍ଦିତ, ଅପମାନିତ, ସମାଲୋଚିତ ହେଲେ ମଧ୍ୟ
ଆଜି ମୁଁ ଜଣେ ସଫଳ ଅଭିନେତାର ଶ୍ରେୟ ପାଇଛି(୪)

ISSN NO.
2582-208X

ବେଳେ ବେଳେ ମୁଁ ଭାବେ, ନିର୍ଦ୍ଦେଶକ ଙ୍କୁ ପଚାରିବି ନିଷ୍ଚୟ
ଯେ,କଣ ବା କା ପାଇଁ କରିଛି ଯେ ଏତେ ପ୍ରଶଂସା ପାଉଛି
ବରଂ ମୋତେ ଗ୍ଭହୁଁଥିବା ବା ମୋଠାରୁ ଆଶା କରୁଥିବା
ଅନେକ ଙ୍କୁ ନିରାଶ, ହତାଶ କରିଛି
କର୍ତ୍ତବ୍ୟ ପାଳନର ଦ୍ୱାହି ଦେଇ ସମସ୍ତଙ୍କୁ ଦୁଃଖ ଦେଇଛି(୫ )
ସଫଳ ଅଭିନୟ କରିବାରେ ଯେଉଁ ସୁସ୍ଥ ଶରୀର ସହଯୋଗୀ ହୋଇଛି
ଖଣ୍ଡ ବିଖଣ୍ଡିତ ହେଉ ପଛେ, ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ
ଯଦି କାହାକୁ ବଞ୍ଚିବାର ରାସ୍ତା ଦେଖାଇ ପାରନ୍ତା
କିଛି କରି ନ ପାରିବାର ଅବଶୋଷ ରଖିଥିବା ଏହି ଅଭିନେତାଟି
ଶାନ୍ତିରେ ମାଆ କୋଳରେ ଶୋଇ ଯାଆନ୍ତା ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ବରପାଲିପଡ଼ା ବଲାଙ୍ଗୀର
ମୋ–୯୮୫୩୨୦୬୬୫୦

ISSN NO.
2582-208X

# ମାଁ ଦୂର୍ଗା



ଭଗତରାମ ଶବର

ସ୍ୱାମୀଙ୍କ ରତିରେ ଅତିଷ୍ଠ ଦୈତ୍ୟରାଣୀ "ନାରକୀ" ପଳାୟନ ।
ମଇଁଷୀ ରୂପ ଧାରଣ, ସିଂହଳ ଦ୍ୱୀପରେ ଆତ୍ମଗୋପନ ।।୧।।
"ନାରକୀ" ମଇଁଷୀ ରୂପ ଧାରଣ, ଦୃଷ୍ଟି ପଡ଼େ ଯମ ଦେବତା ବାହାନ ।
ମଇଁଷୀ ରୂପୀ ନାରକୀଙ୍କୁ ବଳାତ୍କାର ଯମଙ୍କ ବାହାନ ।।୨।।
ସ୍ୱରୂପ କରି ଧାରଣ, "ନାରକୀ" ସ୍ୱରାଜ୍ୟେ ପ୍ରତ୍ୟାବର୍ତ୍ତନ ।
ଯମ ବାହାନ ଔରଷେ, ନାରକୀ କରେ ଗର୍ଭ ଧାରଣ ।।୩।।
ବିତେ ଦଶମାସ ଦଶ ଦିନ, ହୁଅଇ ଜାତ ଏକ ପୁତ୍ର ସନ୍ତାନ ।
ମୁଣ୍ଡ ମଇଁଷି ରୂପ,ଗ୍ରିବା ତଳକୁ ମନୁଷ୍ୟ ରୁପେଣ ।।୪।।
ନବଜାତ ଶିଶୁର ନାମ, "ମହିଷାସୁର" ନାମ କରଣ ।
ବାଳ କ୍ରମେ ମହିଷା, ଯୁବକ ହୁଅନ୍ତେଣ ।।୫।।
ମହିଷାସୁର କରଇ କଠୋର ତପ, ସାଧନା, ଯଜ୍ଞାନୁଷ୍ଠାନ ।
ଶରୀରର ମାଂସକୁ ଖଣ୍ଡ ଖଣ୍ଡ କାଟି ଯଜ୍ଞ ହୋମରେ ବିସର୍ଜନ ।।୬।।
ଗଭୀର ଜଳରେ କରଇ ତପ ଆଚରଣ ।
ଅନଳରେ କରଇ ନିଜକୁ ପ୍ରଜ୍ଜ୍ୱଳନ ।।୭।।
ସର୍ବାଙ୍ଗ ଶରୀରର ମାଂସ ପିଣ୍ଡୁଳାକୁ ଯଜ୍ଞାନଳେ ବିସର୍ଜନ ।
ତଥାପି, ବ୍ରହ୍ମା ନହେଲେ, ସନ୍ତୁଷ୍ଟି ମହିଷାର ତପ, ଜପେଣ ।।୮।।
ଉଦ୍ୟତ ହୁଅନ୍ତେ, ମହିଷା ନିଜ ମୁଣ୍ଡକୁ କାଟିଣ ।

ISSN NO.
2582-208X

ଯଜ୍ଞାନଳେ କରିବାକୁ କଟା ମୁଣ୍ଡ ବିସର୍ଜନ ।।୯।।
ଶେଷେ ବ୍ରହ୍ମା ମହିଷାର ତପରେ ସନ୍ତୁଷ୍ଟ ହୋଇଣ ।
ମହିଷାକୁ ବ୍ରହ୍ମ ଦେବତା କଲେ ଅମର ବର ପ୍ରଦାନ ।।୧୦।।
ଜଳରେ ବୁଡିବି ନାହିଁ, ଅନଳେ ପୋଡିବି ନାହିଁ ବର ମାଗେ ପୁଣ ।
କୌଣସି ଅସ୍ତ୍ରରେ, ଇନ୍ଦ୍ରଙ୍କ ବଜ୍ରରେ ମଧ୍ୟ ନହେବ ମୋର ମରଣ ।।୧୧।।
ଅମର ବର ମାଗି, ମହିଷାସୁର ପୁଣ ମାଁ ସରସ୍ୱତୀଙ୍କ ମାୟା ନଜାଣିଲା ପୁଣ ।
ବ୍ରହ୍ମାଙ୍କୁ ପଚାରେ ନିଜର ମୃତ୍ୟୁ ଭେଦର କାରଣ ।।୧୨।।
ବ୍ରହ୍ମା କହିଲେ, ବିବସନା ନାରୀ ହସ୍ତେ ତୋହର ମରଣ ।
ନାରୀ ସଙ୍ଗେ ଯୁଦ୍ଧ ନକରିବାକୁ ବ୍ରହ୍ମା କଲେ ସାବଧାନ ।।୧୩।।
ମହିଷାର ପିତା ମାତା ଥିଲେ କୁଟୀର ନିର୍ମାଣିଣ ।
ବିଶ୍ୱକର୍ମାଙ୍କୁ ଡକାଇଣ, ବିରାଟ ନଗର ନିର୍ମାଣ ।।୧୪।।
ଶହ ଶହ ଗ୍ରାମ ଉତ୍ପନ୍ନ, ହଜାର ହଜାର ପ୍ରଜା କୂଳ ଜନମ ।
ଚଣ୍ଡ - ମୁଣ୍ଡ - ଶୁମ୍ଭ - ନିଶୁମ୍ଭ, ଚମାର - ବେମାଳ ରକ୍ତବୀର୍ଯର ଉତ୍ପନ୍ନ ।।୧୫।।
ଶହ ଶହ ସୈନ୍ୟ ସାମନ୍ତ ସେନାପତି ବୀରପଣ ।
କ୍ଷଣିକ ମଧ୍ୟରେ ମହିଷା କଲା ଉତପନ ।।୧୬।।
ଦୈତ୍ୟ ଜେମା, ଚନ୍ଦ୍ରାବତୀଙ୍କୁ କଲା ବିବାହ କରଣ ।
ମଦ ଗର୍ବରେ ଚୂର ହୋଇ ମହିଷା ସ୍ୱର୍ଗକୁ କଲା ଦୂତ ପ୍ରେରଣ ।।୧୭।।
ଐଷ୍ଟଶ୍ରବା ଅଶ୍ୱ, ଐରାବତ ହସ୍ତୀ, ରମ୍ଭା, ମେନକା, ଉର୍ବଶୀ ଗଣ ।
ଅମୃତ କଳସୀ ଭେଟି ଇନ୍ଦ୍ର ମହିଷା ପାଖରେ ପଶନ୍ତୁ ଶରଣ ।।୧୮।।
ଇନ୍ଦ୍ର କୋପେ ଦୂତ ଅଙ୍ଗାର ପନ୍ନଗଙ୍କୁ ହତ୍ୟା କଲେ ଜାଣ ।
ଦୂତ ହତ୍ୟାର ପ୍ରତିଶୋଧେ ମହିଷା କଲା ସ୍ୱର୍ଗପୁର ଆକ୍ରମଣ ।।୧୯।।
ସମସ୍ତ ଦେବା ଦେବୀ ମହିଷା ହସ୍ତେ ପରାସ୍ତ ହୋଇଣ ।
ସ୍ୱର୍ଗ ଛାଡି ଭୟେ ପଳାବନ୍ତି ବିଷ୍ଣୁଙ୍କ ଶରଣ ।।୨୦।।
ଇନ୍ଦ୍ର ସମେତ ସୂର୍ଯ୍ୟ, ଚନ୍ଦ୍ର, ବରୁଣ, ଅଗ୍ନି, କୁବେର, ପବନ ।
ସମସ୍ତଙ୍କୁ ପରାଜିତ କଲା ମହିଷା, ବ୍ରହ୍ମାବରେ ବଳୀୟାନ ।।୨୧।।
ବିଷ୍ଣୁ ସହିତ ସମସ୍ତ ଦେବଗଣ ମେରୁ ପର୍ବତେଣ ।
ଉପାୟ ଚିନ୍ତା କଲେ ମହିଷାସୁରର କିପରି ହେବ ମରଣ ।।୨୨।।

ISSN NO.
2582-208X

ଭଗବାନ ବିଷ୍ଣୁ କଲେ ଅଗ୍ନିଶିଖା ପ୍ରଜ୍ଜ୍ୱଳନ ।
ସେହି ଅନଳରୁ ଏକ ଦିବ୍ୟ ନାରୀଙ୍କ ଜନମ ।।୨୩।।
ଦୂର୍ଗତୀ କାଳରେ ଆବିର୍ଭାବ ହେତୁ "ଦୂର୍ଗା" ନାମ କରଣ।
ସମସ୍ତ ଦେବଗଣ ନିଜ ନିଜ ଅସ୍ତ୍ର ମାଁ ଦୂର୍ଗାଙ୍କୁ କଲେକ ପ୍ରଦାନ ।।୨୪।।
ରତ୍ନଗିରି ପର୍ବତକୁ ମାଁ ଦୂର୍ଗା କଲେକ ଗମନ ।
ରତ୍ନଗିରିରେ ରହି ମାଁ ଦୂର୍ଗା ସମସ୍ତ ଦୈତ୍ୟ ସେନାକୁ କଲେକ ନିଧନ ।।୨୫।।
ଚଣ୍ଡ-ମୁଣ୍ଡ-ଶୁମ୍ଭ-ନିଶୁମ୍ଭ-ଚମାର-ବେମାଳ-ରକ୍ତ-ବୀର୍ଯ୍ୟ ଆଦି ଦୈତ୍ୟମାନ ।
ଜଣଜଣ କରି ମାଁ ଦୂର୍ଗା ସମସ୍ତଙ୍କୁ କଲେକ ନିଧନ ।।୨୬।।
ଶେଷେ ମହିଷାସୁର ରତ୍ନଗିରିକୁ କଲା ଯୁଦ୍ଧ ଅଭିଯାନ ।
ମାଁ ଦୂର୍ଗାଙ୍କ ସହ ଯୁଦ୍ଧ ଘମା ଘୋଟ ଜାଣ ।।୨୭।।
ବ୍ରହ୍ମାବରେ ମହିଷାସୁର ମହାନ୍ ବଳୀୟାନ ।
ମାଁ ଦୂର୍ଗାଙ୍କ ଶୂଳ ନଭେଦ କଲା ମହିଷାସୁର ଲୋମ ମୂଳ ଜାଣ ।।୨୮।।
ମାଁ ଦୂର୍ଗା ମନେ ପକାଇଲେ ମହିଷାର ମୃତ୍ୟୁର କାରଣ ।
ବିବସନା ହେବା ପାଇଁ ମାଁ ଦୁର୍ଗା କଲେ ମଦ୍ୟପାନ ।।୨୯।।
ବିବସନା ହୋଇ ମାଁ ମହିଷା ସମ୍ମୁଖେ ଦଣ୍ଡାୟମାନ ।
ବିବସନା ମାଁ ଦୂର୍ଗାଙ୍କୁ ଦେଖି ମହିଷା ବଳହୀନ ।।୩୦।।
ମାଁ ଦୂର୍ଗାଙ୍କ ତ୍ରିଶୂଳ ଘାତେ ମହିଷାର ଗଲା ଜୀବନ ।
ସମସ୍ତ ଦେବା ଦେବୀ ସନ୍ତୁଷ୍ଟ ଲଭିଣ ।।୩୧।।
ମାଁ ଦୂର୍ଗାଙ୍କର ପବିତ୍ର "ମହାଳୟା" ରେ ଜନମ ।
ତା'ର ପରଦିନ ପୂଜା ପ୍ରାରମ୍ଭ ନବଦିନ ।।୩୨।।
ନବଦୁର୍ଗା ରୂପେ ମାଁ ଧରାରେ ପୂଜନ ।
କୁଷ୍ମାଣ୍ଡ, ସିଦ୍ଧିଦାତ୍ରୀ, କାଳ ରାତ୍ରୀ, ଚନ୍ଦ୍ରଘଣ୍ଟା, ଶୈଳପୁତ୍ରୀ,
ମହାଗୌରୀ ସ୍କନ୍ଦମାତା, କାତ୍ୟାୟିନୀ ରୂପେଣ ।।୩୩।।
ପବିତ୍ର "ମହାଳୟା"ରେ ପିତୃ ଶ୍ରାଦ୍ଧ ଜାଣ ।
ଏହି ଦିନ ଶ୍ରାଦ୍ଧରେ ଶାନ୍ତି ଲଭନ୍ତି ପିତୃପୁରଷଗଣ ।।୩୪।।
"ଜୟ ମାଁ ଦୂର୍ଗେ ଦୂର୍ଗତି ନାଶିନୀ"

ମହୁଲଭଟା, କୋମନା, ନୂଆପଡ଼ା

ISSN NO.
2582-208X

# ଆହୁତି



ଡାଃ. ଅନିତା ପଣ୍ଡା

-- ୧୩ --

ସମୟ କାହାର ଅପେକ୍ଷା କରି ନ ଥାଏ । ଜୀବନରେ କଠିନ ସମୟ ଆସୁ ବା ମଧୁମୟ ସମୟ । ସବୁକୁ ପଛରେ ପକାଇ ସେ ଆଗକୁ ମାଡ଼ି ଚାଲେ । ସେଇ ଗତି ଭିତରେ ବହୁକିଛି ପରିବର୍ତ୍ତନ ମଧ୍ୟ ଘଟି ଯାଇଥାଏ । ଯାହା ସଂପୂର୍ଣ୍ଣ ରୂପେ ଦେଖାଦେଇଥିଲା ଅରୁନ୍ଧତୀଙ୍କ ଜୀବନରେ । ବର୍ତ୍ତମାନ ସେ ପରିବାର ଶୂନ୍ୟ । ଯନ୍ତ୍ରବତ କଲେଜ ଜୀବନ ସହ ନିଜକୁ ଜଡ଼ୀଭୂତ କରିଦେଇଥିଲେ ମଧ୍ୟ ନିଜକୁ ଚିନ୍ତା ମୁକ୍ତ କରି ପାରୁ ନ ଥିଲା । ଯାହା ୟୁନିଭରସିଟିର କୁଳପତି ମହୋଦୟ ଶ୍ରୀ ମହେନ୍ଦ୍ର ଶର୍ମାଙ୍କ ଆଖିରୁ ବାଦ୍ ଯାଇ ନ ଥିଲା । ଏତେ ସବୁ ପାରଙ୍ଗମତା ସତ୍ତ୍ୱେ ଅରୁନ୍ଧତୀଙ୍କର ଦୁଃଖ କେଉଁଠି ! ବ୍ୟକ୍ତିଗତ ସମସ୍ୟା କିଛିଟା ଥାଇପାରେ ମନେକରିସେ ଅରୁନ୍ଧତୀଙ୍କ ଉପରେ କଲେଜର ବହୁକିଛି ଉପାଦେୟ କାର୍ଯ୍ୟମାନଙ୍କର ଭାର ସମର୍ପି ଦେଉଥିଲେ । ଭାରତରେ ମହିଳା ଦିବସର ରୌପ୍ୟ ଜୟନ୍ତୀ ଉତ୍ସବ । ନିଦ୍ୱନ୍ଦ୍ୱରେ କୁଳପତି ମହୋଦୟ ଅରୁନ୍ଧତୀ ଉପରେ ସେ ଭାର ସମର୍ପଣ କରିଥିଲେ । କୁଳପତି ମହୋଦୟଙ୍କୁ ନାସ୍ତିବାଣୀ ଶୁଣାଇବା ପାଇଁ ଅରୁନ୍ଧତୀ ସୀମନ୍ତୁନୀଙ୍କର ସାହାଯ୍ୟ ଭିକ୍ଷା କରିଥିଲା । ଖୁବ୍ ଉଚ୍ଚ ସ୍ୱରରେ ସୀମନ୍ତୁନୀ ତା'କୁ ଚମକାଇ ଦେଇଥିଲେ । ବ୍ୟକ୍ତିଗତ ଜୀବନ ଏବଂ କର୍ମକ୍ଷେତ୍ର ଜୀବନ ସଂପୂର୍ଣ୍ଣ ଅଲଗା । ନିଜ ଖୁସିରେ ତୁମେ କର୍ମକ୍ଷେତ୍ର ଚୟନ କରିଥାଅ । ତାହା ପ୍ରତି ସମ୍ମାନ ପ୍ରଦର୍ଶାଇବା ତୁମର ପ୍ରଧାନ କର୍ତ୍ତବ୍ୟ । ହାର ମାନି ଥିଲା ଅରୁନ୍ଧତୀ ।

କାର୍ଯ୍ୟକ୍ରମ ଦିନଟି ଆସିଥିଲା, ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୋତାମାନଙ୍କ ପାଇଁ କିଛି କହିବାକୁ ହେବ । ନିଜର ଅଭିଭାଷଣ ଆରମ୍ଭ କରିଥିଲା ଅରୁନ୍ଧତୀ ।

ISSN NO.
2582-208X

ଭାରତର ପଚଶତମ ବିଶ୍ୱ ମହିଳା ଦିବସକୁ ସମସ୍ତ ସଜ୍ଜନମାନଙ୍କ ସମେତ ଛାତ୍ର, ଛାତ୍ରୀମାନଙ୍କୁ ସ୍ୱାଗତ । ଆଜି ଆମେ ଏହାର ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛେ । ଏମିତି ଏକ ଶ୍ରେଷ୍ଠ ଦିବସରେ ପୃଥିବୀର ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଏତେ ସୁନ୍ଦର ଏକ ବିଶ୍ୱବ୍ୟାପୀ ଦିବସ । ଏହାର ଅତୀତ ବିଷୟରେ କିଛିଟା ବିଶେଷ ଜ୍ଞାନ ଆହରଣ କରିବା ଆମର ଉଚତ୍ ନୁହେଁ କି । ଉକ୍ତ ଦିବସଟି ୧୯୦୯ ମସିହା ଫେବୃଆରୀ ୨୮ ତାରିଖ ଦିନ ପ୍ରଥମ କରି ନ୍ୟୁୟର୍କରେ ପାଳନ ହୋଇଥିଲା ୧୯୧୭ ରେ ଋଷ, ୧୯୭୫ ରେ ୟୁଏନ ଏବଂ ସିଡନରେ, ୧୯୭୬ରେ ଭାରତ ତଥା ଅନ୍ୟ ଦେଶ ମାନଙ୍କରେ ପ୍ରାରମ୍ଭ ପ୍ରତ୍ୟେକ ବର୍ଷ ଏହାର ଗୋଟିଏ ଲେଖାଏଁ ଥିମ୍ ରହିଥାଏ । ଏ ବର୍ଷ ପାଇଁ ହେଲା ସମାବେଶନକୁ ଅନୁପ୍ରାଣୀତ । ଏହା ମାଧ୍ୟମରେ ମୁଁ ଆଜି ମଧ୍ୟ ସୂଚାଇ ଦେବି ଏକକ ନାରୀଟିର ଦୁର୍ଦ୍ଦଷା । ପଛରୁ ସୀମନ୍ତୀନୀଙ୍କର ପାଦ ଦ୍ୱାରା ଗୋଟାଏ ଜବର ଝେଁଚା ଖାଇ ନଜ ସ୍ୱର ବଦଳାଇଲା ଅରୁନ୍ଧତୀ ।

ସମାଜରେ ନାରୀମାନଙ୍କର ଭୂମିକା ଅତୁଳନୀୟ । କୁହାଯାଏ ସମସ୍ତ ସଫଳତା ପଛରେ ଜଣେ ନାରୀର ହାତ ସଦା ସର୍ବଦା । ଯାହା ହେଲା ସେ ମା ହେଉ, ଭଉଣୀ ହେଉ, ପତ୍ନୀ ଅଥବା କନ୍ୟା ସ୍ଥାନରେ ରହି ସମ୍ପନ୍ନ କରିଥାଏ । ଅତୀତର ପୃଷ୍ଠା ଲେଉଟାଇଲେ ଆମକୁ ସତରେ କ'ଣ ନାରୀର ସମ୍ମାନ ଦେଖା ଯାଇଥାଏ । ଏଇ ସମସ୍ତ ବିଷୟକୁ ଭିତ୍ତି କରି ବିଶ୍ୱରେ ମହିଳା ଦିବସ ପାଳନ ପାଇଁ ସ୍ଥିର କରାଯାଇଥିଲା । ନଅ ଦଶନ୍ଧିରୁ ଉର୍ଦ୍ଧ୍ୱ ବିତି ଗଲାଣି, ଏପରିକି ଭାରତକୁ ମଧ୍ୟ ଆଜି ରୌପ୍ୟ ଜୟନ୍ତୀ ପାଳନର ସୌଭାଗ୍ୟ ପ୍ରାପ୍ତ ହୋଇଛି । ନାରୀ ସଶକ୍ତିକରଣ ଅର୍ଥାତ୍ ମହିଳାକୁ ଉଚ୍ଚତମ ସ୍ଥାନ ପ୍ରାପ୍ତ କରାଇବା ପାଇଁ ପ୍ରଚେଷ୍ଟା ଦ୍ୱାରା ନିଶ୍ଚିତ ରୂପେ ବହୁ କିଛି ସମ୍ଭବ ହୋଇଛି ।

ମହିଳା ଦିବସ ଉପରେ ବିସ୍ତାରିତ ବିବରଣୀ ଦେବା ପୂର୍ବରୁ ଆମେ ଦୃଷ୍ଟିପାତ କରିବା କନ୍ୟା ଭ୍ରୂଣ, କନ୍ୟା ଶିଶୁ, ଏବଂ ବାଳିକା ମାନଙ୍କ ଉପରେ । ପଞ୍ଜାବର ଗୁଜରାଁ ବାଲା ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିବା ପଞ୍ଜାବୀ ଭାଷାର ପ୍ରଥମ ଏବଂ ପ୍ରସିଦ୍ଧ କବୟିତ୍ରୀଙ୍କର କବିତାର କେତେଗୋଟି ପଂକ୍ତି ଆଖି ସାମ୍ନାକୁ ଆସି ଯାଉଛି ।

'ବଞ୍ଚିବାକୁ ତାର ମଧ୍ୟ ଅଛି ଅଧିକାର,
ଦାବୀ କରେ ତୁମ ଠାରୁ ସ୍ନେହ ଓ ଆଦର,

ISSN NO.
2582-208X

ଜନମ ପୂର୍ବରୁ ତା'କୁ ନ ମାର ଜୀବନେ,
ଚରୁଡ଼ାଏ ଭାବଧାରା ଜାଗୁ ତମ ମନେ ।
ଧାରା ପ୍ରଦାନ କରିବ ତାରେ ସମର୍ଥନ,
ସାଗରେ ବୁଡିବା ବେଳେ ଅତୁଳ ପୁଲିନ ।'

କନ୍ୟା ଶିଶୁଟି ଭବିଷ୍ୟତରେ ବହୁ କଛି କାର୍ଯ୍ୟ ସମ୍ପନ୍ନ କରି ପାରିଥାଏ । ତାହା ହୋଇପାରେ କ୍ରୀଡ଼ା ଜଗତ, ରାଜନୀତି, ଶିକ୍ଷାକ୍ଷେତ୍ର ସର୍ବୋପରି ଗୃହ ।

'ସବୁ କ୍ଷେତ୍ରେ ଆଜି କନ୍ୟା ରହିଛି ଆଗରେ
ତଥାପି ସମାଜ ତାକୁ ଭରେ ଛି ଛି କାରେ ।'

ତେଣୁ ବିଶ୍ୱ ମହିଳା ଦିବସ, ମହିଳା ସଶସ୍ତ୍ରୀ କରଣକୁ ଯଥାର୍ଥ ସମ୍ମାନ ଦେବା ପୂର୍ବରୁ 'ବିଶ୍ୱ ବାଳକା ଦିବସ' ଟିଏ ମଧ୍ୟ ପ୍ରତିଷ୍ଠା କରିବା ଉଚତ୍ । ମା' ପେଟରେ ରହି ଭ୍ରୁଣଟି ତ କାହାରି କଛି କ୍ଷତି କରି ନ ଥାଏ । ତେବେ ମାତା ପିତା କାହିଁକି ତା' ଠାରୁ ତ୍ରାହି ପାଇବାର ପ୍ରଚେଷ୍ଟାରେ ଥାଆନ୍ତି ! ପୁତ୍ର ସନ୍ତାନ ହେଉ ବା କନ୍ୟା ଶିଶୁଟି ଭୂମି ସ୍ପର୍ଶ କରି ପ୍ରଥମ କରି ଯେଉଁ କୁଆଁ ରାବ ଛାଡ଼ିଥାଏ ତାହା ମାଧ୍ୟମରେ ସେ କହିଥାଏ, "ହେ ପ୍ରଭୁ, ମୋର କେଉଁ ଦୋଷ ଦେଖି ମତେ ଏ ବିଷମ ଦୁନଆକୁ ପଠାଇଲ । ଯଦି ପଠାଇଛ ତେବେ ମୁଁ ତୁମ ଠାରେ ସମ୍ପୂର୍ଣ୍ଣ ରୂପେ ଆଶ୍ରିତ । ଯେତେଦିନ ଏ ଧରାରେ ସ୍ଥାନ ଦେବ ହସ ଖୁସିରେ ଯେମିତି ମୋର ଜୀବନଟି ଅତିବାହିତ ହେଉ ।" ହେଲେ ମାତା ପିତା ପୁତ୍ର ଶିଶୁଟିକୁ ଆନନ୍ଦରେ କୋଳାଗ୍ରତ କରିବା ସମୟରେ ଶିଶୁ କନ୍ୟାଟିର ତଣ୍ଟି ଚପି ସେଇ କୁଆଁ ରାବଟିକୁ ଜୀବନର ଶେଷ କ୍ରନ୍ଦନ ରୂପେ ପରିଣତ କରିଦେବା ଦ୍ୱାରା ସେମାନେ କ'ଣ ଈଶ୍ୱରଙ୍କ ଦାନର ଅପମାନ କରି ନ ଥାନ୍ତି ! ବିଷୟଟି ହୁଏ ତ ସମାଜ ଆଖି ଆଢୁଆଳରେ ଏକ ଆକସ୍ମିକ ମୃତ୍ୟୁ ରୂପେ ଘୋଷଣା ହୋଇଥାଏ । ମାତ୍ର ସେଇ ବିଶ୍ୱ ନୟନ୍ତାଙ୍କ ଦୃଷ୍ଟିରେ !!! ଦୋଷୀକୁ ପ୍ରକୃତ ଦଣ୍ଡ ଦେବା ତ ତାଙ୍କରି ହାତରେ । ତେଣୁ ସମାଜ ବୁଝିବା ଉଚତ୍ ଯେ :

'କନ୍ୟାଟି ଅଟଇ ପରା ଭାଗ୍ୟ ଉପହାର
ନୀତିଗତ ନୁହେଁ ତାର କରିବା ଧିକ୍କାର ।
କନ୍ୟାର ଉପସ୍ଥିତିକୁ ଯେ କରେ ସମ୍ମାନ
ସେଇ ଜନ ଏ ଧରାରେ ଗଣିତ ମହାନ୍ ।'

ISSN NO.
2582-208X

ସମସ୍ତ ବିଷୟାବଳୀମାନଙ୍କୁ ସାମ୍ନାରେ ରଖି ମୁଁ କହିବି, ଆମେ ମିଳିତ ଭାବେ ଦେଖିବା ଯେପରିକି ନାରୀ, ପୁରୁଷର ସମାନ ସ୍ତର ରହିବ । ନାରୀ ଓ ପୁରୁଷ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ । ନାରୀ ବିନା ପୁରୁଷ ଅଧୁରା ଏବଂ ପୁରୁଷ ବିନା ନାରୀ ମଧ୍ୟ । ସମାଜର ଅନ୍ଧ ପରମ୍ପରାରେ ଓଟାରି ହୋଇ ବ୍ୟକ୍ତି ପ୍ରାୟତଃ କେଉଁ ନିମ୍ନ ସ୍ତରକୁ ଗ୍ଳିି ଯାଇଥାଏ । ମାତ୍ର ବନ୍ଦ ଆଖିରେ ଯଦି ସେଇ ବ୍ୟକ୍ତି ଜଣକ ନିଜର ବ୍ୟକ୍ତିଗତ ଜୀବନର ବିଶ୍ଳେଷଣ କରେ ତେବେ ଖୁବ୍ ଅନାୟାସରେ ଏହା ଉପଲବ୍ଧି କରିପାରିବ । ହଜାର ଭୁଲ୍ ଭଟକ କରିବା ସତ୍ୱେ ମଧ୍ୟ ପୁରୁଷଟିର ଦୋଷ ସମାଜ ଆଖିକୁ ଆସି ନ ଥାଏ । ବିନାଦୋଷରେ ନାରୀଟି ଯଜ୍ଞ କୁଣ୍ଡରେ ନିଜକୁ ଆହୁତିଦେଇଥାଏ ।

କାର୍ଯ୍ୟକ୍ରମ ସମାପ୍ତିରେ ସଭେ ନିଜ ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବସି ବସି ଅରୁନ୍ଧତୀ ଚିନ୍ତା କରୁଥିଲା । ସମୟଠାରୁ ଜୀବନରେ ଅଧିକ ନିଜର କେହି ନ ଥାନ୍ତି । ସମୟ ନିଜର ତ ସମସ୍ତେ ନିଜର । ସମୟ ଯେତେବେଳେ ତୁମଠାରୁ ମୁହଁ ମୋଡ଼ି ନିଏ, ନିଜର ହୋଇ ବି ସମସ୍ତେ ଦୂରେଇ ଯାଇଥାନ୍ତି । ତେଣୁ ତାକୁ ହିଁ କଛି କରିବାକୁ ହେବ । ଅପରର ବ୍ୟଙ୍ଗ ସହନ କରିବା ଠାରୁ ନିଜକୁ ଦୂରେଇ ରଖିବା ଶ୍ରେୟ । ହଠାତ ଯେମିତି ଅରୁନ୍ଧତୀର ଜୀବନରେ ପରିବର୍ତ୍ତନ ଆସିଯାଇଥିଲା । ଯେଉଁ ଅରୁନ୍ଧତୀ ସାମାଜିକତାର ଶିଖର ସ୍ପର୍ଶୀ ରୂପେ ପରିଚିତା ଥିଲା ସେ ସବୁଠୁ ନିଜକୁ ଅଲଗା କରି ଦେଇଥିଲ । ସବୁ କେହି ଏହା ଅନୁଭବ କରୁଥିଲେ ମଧ୍ୟ ସେ ସେଗୁଡ଼ିକୁ ଦେଖି ଅଣଦେଖା କରି ନିଜ ନିଜ କାମରେ ଆଗେଇ ଯାଉଥିଲେ ।

କ୍ରମଶଃ..

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ପରିବର୍ତ୍ତନ



ଶିବରାମ ସାହୁ

ଜନ୍ମରୁ ମୃତ୍ୟୁ ମଧ୍ୟରେ
ସୁକର୍ମ ର ଅତ୍ୟନ୍ତ
ଆବଶ୍ୟକତା ରହିଛି
ଏ ଦୁନିଆର ଅଜସ୍ର
କୋଳାହଳ ଭିତରେ
ଅପାରଗ ସର୍ବଦା
କଳଙ୍କିତ ହେଇଛି
ଆଉ ସାଧୁବାଦ
ଶିଖର ଲଂଘିଛି
ସମୟ ଚକ୍ରରେ
ସମସ୍ତେ ବନ୍ଧିତ
ତଥାପି ଅବିରାମେ
ସଫଳତାର ପାହାଚ
ଚଢିବା ଆଜି ବେଶ୍
ଜରୁରୀ ହୋଇପଡିଛି
ଦୁର୍ଗମ ଅଞ୍ଚଳରେ

ISSN NO.
2582-208X

ମାନବ ପଥଭ୍ରଷ୍ଟ
ହେଉ ଅବା ସହର
ଢାଞ୍ଚାରେ ଶିକ୍ଷିତ
ବାସ୍ତବରେ କଣ ଶିକ୍ଷାର
ମାନଦଣ୍ଡ ମାନସିକତା କୁ
ନେଇ ଗଠନ ହୁଏ ନା
କୁତ୍ସିତ ଚିନ୍ତାଧାରା ର
ପରିବର୍ତ୍ତନ ଅନିବାର୍ଯ୍ୟ ?

ନବରଙ୍ଗପୁର
ଦୁରଭାଷ : ୯୯୩୭୬୫୩୩୬୧

ISSN NO.
2582-208X

# ରଜନୀଗନ୍ଧାର ମହକ

ଡଃ ବିଜ୍ଞାନ ମହାନ୍ତ

ରଜନୀଗନ୍ଧାର ମହକ
ଶେଫାଳି ଫୁଲର ଚମକ
ତୁମରି ବାସରେ ଚଉଦିଗ ବାସେ
ତୁମେ ମୋ ସପନ ବଣିକ ।।
ରଜନୀଗନ୍ଧାର ମହକ
ଧବଳ କୁସୁମ ରଙ୍ଗରେ
ରୂପସୀ ତରୁଣୀ ଢଙ୍ଗରେ
ତୁମରି ମହକ କୁଆଁରୀ କଇଁର
ମନରେ ଭରେ ସେ ପୁଲକ ।।
ରଜନୀଗନ୍ଧାର ମହକ
ଶୀତଳ ପବନ ଛୁଆଁରେ
ତାରକା ମେଖଳା ରାତିରେ
ତୁମରି ଚମକ ଆକାଶ ଛାତିରେ
ବୋଳିଦେଇ ଯାଏ ଆଲୋକ ।।
ରଜନୀଗନ୍ଧାର ମହକ
ଶ୍ରାବଣ ବରଷା ରାତିରେ
ଫୁଲ ଫଗୁଣର ସ୍ମୃତିରେ
ତୁମରି କୁହୁକ ଆଖିର କଜଳେ
ଭରିଚି କେତେ ଯେ ଝଲକ ।।
ରଜନୀଗନ୍ଧାର ମହକ

9861257270

ISSN NO.
2582-208X

# ଜାଣିଛ କି ତାର ନାଁ



ଡକ୍ଟର ପ୍ରତାପ କୁମାର ପରିଡ଼ା

ପାହାଡ଼ ଉପରୁ ଝର ଝରି ଆସେ
ସେ ପ୍ରକୃତିରାଣୀର ମାଆ
ବରକନ୍ୟା ବୋଲି ସଭିଁଏ କହନ୍ତି
ବହେ ଶୀତଳ କାକର ବାଆ
ଓସ୍ତମାଳ ତାର ଗାଁ, ବରକନ୍ୟ ତାର ନାଁ ।।

ଫୁଲେଇ ଶିଉଳି ଅଭିମାନ କରେ
ଫୁଲ କରେ ଏଠି ଆଁ
ପ୍ରଜାପତି ଉଡ଼େ ଅତି ଆନନ୍ଦରେ
ମନ ତାର ପଛେ ପଛେ ଧାଆଁ
ଜାଣିଛ କି ତାର ନାଁ ଓସ୍ତମାଳ ତାର ଗାଁ ।।

ମଲ୍ଲିର ମହକ ସୁଅ ଛୁଟିଲାଣି
ଚହଟିଲା ପୁଣି ବାଆ
କୋଇଲି କୁଜନ ସ୍ୱର ଶୁଭିଲାନି
ଜଳେ ଖେଳେ ପାଣିକୁଆ
ଜାଣିଛ କି ତାର ନାଁ ଓସ୍ତମାଳ ତାର ଗାଁ ।।

ସୁରୁଜ ବୁଣଇ ପହିଲି କିରଣ
ଜଳ ଧାର ଡାକେ ଆ
ପ୍ରକୃତି ଦିଏ ପୀରତି ଚନ୍ଦନ
ମଥାରେ ଲଗେଇ ଯାଆ ।।

ISSN NO.
2582-208X

ଜାଣିଛ କି ତାର ନାଁ ଓସ୍ତମାଳ ତାର ଗାଁ ।।

ମୟୂର ଡକାଇ ଅସରାଏ ମେଘ
ଶ୍ରାବଣରେ ଭିଜି ଯାଆ
ପ୍ରକୃତି ସବାରୀ ସଜେଇ ରଖିଛି
ମୋ କୋଳକୁ ଫେରୀ ଆ
ଜାଣିଛ କି ତାର ନାଁ ଓସ୍ତମାଳ ତାର ଗାଁ ।

କବିଙ୍କ ମନରେ କବିତା ଆସରେ
ହୃଦକୁ ଯୋଗାଏ ରାହା
ଜଣାଅ ତୁମେ ଅଜଣା କଥାକୁ
ଭାବନାରେ ମଜି ଆ
ଜାଣିଛ କି ତାର ନାଁ ଓସ୍ତମାଳ ତାର ଗାଁ ।।
ବରକନ୍ୟ ତାର ନାଁ।।

ସହକାରୀ ଶିକ୍ଷକ
ସରକାରୀ ଉଚ୍ଚ ବିଦ୍ୟାଳୟ, ନୟାଗଡ଼
ମାଳତୀପୁଟ, ଗଣିଆ ଜିଲ୍ଲା – ନୟାଗଡ଼, ଓଡ଼ିଶା
ମୋ –୯୭୬୮୫୫୧୫୩୩

ISSN NO.
2582-208X

# ଗଣିତର ମଜା



ତୁଷ୍ଟିତା ଜେନା

ଅନନ୍ୟ ଚିନ୍ତାନାୟକ ତାଲିକାରେ ପଦାର୍ଥ ବିଜ୍ଞାନୀ ଆଲବର୍ଟ ଆଇନ୍‌ଷ୍ଟାଇନ୍ ସ୍ଥାନ ପାଇଛନ୍ତି। ରହସ୍ୟମୟୀ ପ୍ରକୃତିକୁ ବୁଝିବା କ୍ଷେତ୍ରରେ ସେ ଥିଲେ ଜଣେ ଦୂରଦ୍ରଷ୍ଟା । ସୁଦୂର ଭବିଷ୍ୟତକୁ ବିଶ୍ଳେଷଣ କରିବାର କ୍ଷମତା ତାଙ୍କର ଥିଲା । ସେ ୧୮୭୯ ମସିହାରେ ଜର୍ମାନୀରେ ଜନ୍ମ ଗ୍ରହଣ କରିଥିଲେ ଓ ୧୯୫୫ ମସିହାରେ ଆମେରିକାରେ ମୃତ୍ୟୁ ବରଣ କରିଥିଲେ । ତାଙ୍କର ସେହି ୭୬ ବର୍ଷ ଜୀବନକାଳ ମଧ୍ୟରେ ସେ ଯାହା କରିଯାଇଛନ୍ତି, ତାହା ଆଜି ତାଙ୍କୁ ଅମର କରି ରଖିଛି । ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ସ୍ରଷ୍ଟା ବୋଲି କୁହାଯାଏ ।

୧୯୦୫ ମସିହାରେ ତାଙ୍କ ଦ୍ୱାରା ରଚିତ ୫ଟି ପ୍ରବନ୍ଧ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକମାନଙ୍କର ଧାରଣାକୁ ପୂରାପୂରି ଓଲଟପାଲଟ କରିଦେଇଥିଲା । ପଦାର୍ଥ ବିଜ୍ଞାନ କ୍ଷେତ୍ରରେ 'ଆଲୋକ-ବିଦ୍ୟୁତ୍ ପ୍ରଭାବ' (ଫଟୋ-ଇଲେକ୍‌ଟ୍ରିକ୍ ଇଫେକ୍ଟ) ପ୍ରବନ୍ଧରେ ଆଲୋକର ଅଦ୍ଭୁତ ପ୍ରକୃତି ସମ୍ବନ୍ଧୀୟ ତାଙ୍କର ସ୍ୱଷ୍ଟୀକରଣ ନିମନ୍ତେ ତାଙ୍କୁ ୧୯୨୧ ମସିହାର ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଅବଶ୍ୟ ଏହି ପୁରସ୍କାରକୁ ସେ ୧୯୨୨ ମସିହାରେ ଗ୍ରହଣ କରିଥିଲେ ।

ଆଇନ୍‌ଷ୍ଟାଇନ୍ ଏତେ ବଡ଼ ବୈଜ୍ଞାନିକ ହୋଇଥିଲେ ବି ପିଲାବେଳେ ପାଠପଢ଼ାରେ ତାଙ୍କର ବିଶେଷ କୃତିତ୍ୱ ନଥିଲା । ତେଣୁ ଶ୍ରେଣୀର ଶିକ୍ଷକମାନେ ତାଙ୍କୁ ସେତେ ନଜର ଦେଉ ନଥିଲେ । ଅବଶ୍ୟ ପିଲାବେଳୁ ଆଇନ୍‌ଷ୍ଟାଇନ୍‌ଙ୍କର ଗଣିତ ପ୍ରତି ବିଶେଷ ଆକର୍ଷଣ ରହିଥିଲା । ସଂଖ୍ୟାକୁ ନେଇ ପଢ଼ା ଯାଉଥିବା ପାଟୀଗଣିତ (ଆରିଥ୍‌ମେଟିକ୍) କିମ୍ବା ଚିତ୍ରକୁ ନେଇ ପଢ଼ା ଯାଉଥିବା ଜ୍ୟାମିତି ପାଠ ବୁଝିବାରେ ତାଙ୍କୁ ଆଦୌ କଷ୍ଟ ଲାଗୁ ନଥିଲା । କିନ୍ତୁ

ISSN NO.
2582-208X

ଗଣନସଂଖ୍ୟା ବଦଳରେ ଏକ୍ସ୍, ୱାଇ, ଆଲଫା ଓ ବିଟା ପରି ଭିନ୍ନ ଭିନ୍ନ ପ୍ରତୀକକୁ ନେଇ ଯେତେବେଳେ ବୀଜଗଣିତ (ଆଲଜେବ୍ରା) ପାଠ ଆସିଲା, ସେ ପ୍ରଥମେ ପ୍ରଥମେ କିଛି ପାଠ ବୁଝିପାରିଲେ ନାହିଁ । ଆଲଜେବ୍ରା ତାଙ୍କୁ ବଡ଼ କଷ୍ଟ ମନେହେଲା । ତେଣୁ ସେ ଭାବିନେଲେ ଯେ ସେହି ପାଠଟା ତାଙ୍କ ପକ୍ଷରେ ଅସମ୍ଭବ ।

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କର ଜଣେ ଇଂଜିନିୟର୍ ମାମୁଁ ଥିଲେ, ଯାହାଙ୍କ ନାମ ଥିଲା ଜେକୋବ୍ ଆଇନ୍‌ଷ୍ଟାଇନ୍ । ଦିନେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତାଙ୍କର ମାମୁଁଙ୍କୁ ଆଲଜେବ୍ରା ବୁଝାଇ ଦେବାକୁ କହିଲେ । ମାମୁଁ ଉତ୍ସାହର ସହିତ ତାଙ୍କ ଭଣଜାକୁ ଆଲଜେବ୍ରା ବୁଝେଇବାରେ ଲାଗିଲେ । ମାମୁଁ ଅନେକ କଥା କହିଲା ପରେ ମଧ୍ୟ ଆଇନ୍‌ଷ୍ଟାଇନ୍ କିଛି ବୁଝିପାରିଲେ ନାହିଁ । ଶେଷରେ ଦୁଃଖର ସହିତ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଲେ, "ମୁଁ ଭାବୁଛି, ଆଲଜେବ୍ରା ପାଠ ମୋ ପରି ସାଧାରଣ ଛାତ୍ର ପାଇଁ ତିଆରି ହୋଇନାହିଁ ।"

ଆଲବର୍ଟଙ୍କ କଥା ଶୁଣି ମାମୁ କହିଲେ, "ନା, ନା, ଭୁଲ୍ କହିଲୁ । ଆଲଜେବ୍ରା ପଢିବା ପାଇଁ ଅସାଧାରଣ ବୁଦ୍ଧିର ଆବଶ୍ୟକତା ନାହିଁ । ସାଧାରଣ ଛାତ୍ର ଆଲଜେବ୍ରା ପଢିପାରିବ । ଆଲଜେବ୍ରାକୁ ଆମେ 'ସୁଖ-ବିଜ୍ଞାନ' (ମେରୀ-ସାଇନ୍ସ୍) କହିପାରିବା । ସତ କହିଲେ ଆଲଜେବ୍ରା ପଢିବା ପାଇଁ ନିଜେ ନୂଆ କଥା ଭାବିବା ଦରକାର ନାହିଁ । ତେଣୁ ଏଇଟା ଅଳସୁଆମାନଙ୍କର ପାଠ ।" କଅଣ ହେଲା, ଆଲଜେବ୍ରା ପୁଣି ଅଳସୁଆମାନଙ୍କର ପାଠ ? କଥାଟା ଆଇନ୍‌ଷ୍ଟାଇନ୍‌ଙ୍କୁ ଅବାସ୍ତବ ମନେହେଲା ।

ମାମୁଁ ଏଥର ଟିକିଏ ଅନ୍ୟ ଢଙ୍ଗରେ ବୁଝାଇବା ଆରମ୍ଭ କଲେ, "ଦେଖ୍ । ଆଲଜେବ୍ରା ପାଠରେ ପ୍ରତ୍ୟେକ ପ୍ରଶ୍ନରେ ଗୋଟିଏ ଅଜଣା ରାଶିର ମୂଲ୍ୟ ବାହାର କରିବାକୁ କୁହାଯାଇଥିବ । ସେଥିପାଇଁ ମଧ୍ୟ କିଛି ସର୍ତ ବା ବର୍ଣ୍ଣନା ଦିଆଯାଇଥିବ । ସେଇଆ ନା ଆଉ କଅଣ ?" ଆଇନ୍‌ଷ୍ଟାଇନ୍ କିଛି ସମୟ ଭାବି ସବୁ ବୁଝିଲା ପରି ମୁଣ୍ଡ ହଲେଇଲେ ।

ମାମୁ କହିଲେ, "ଗଣିତ କଥା ଭୁଲିଯାଇ କିଛି ସମୟ ପାଇଁ ଜଙ୍ଗଲରେ ଅଛୁ ବୋଲି ଭାବିନିଅ । ମନେକର ଜଙ୍ଗଲରେ ତୁ ଗୋଟେ ଶିକାରୀକୁ ଭେଟିଲୁ । ଶିକାରୀ ଗୋଟିଏ ଛୋଟ ଜୀବକୁ ଧରିବା ପାଇଁ ଗୋଡେଇଛି । କିନ୍ତୁ ସେ ଜୀବକୁ ଭଲ ଭାବରେ ଦେଖିନାହିଁ ଓ ତାହାର ନାମ ତାକୁ ଜଣାନାହିଁ । ଜୀବର ନାମ ଜଣାନାହିଁ ବୋଲି ସେ କଅଣ ଜୀବଟିକୁ ଗୋଡେଇବା ଛାଡି ଦେବ କି ?"

ISSN NO.
2582-208X

ଆଲବର୍ଟ କହିଲେ, "ନା, ଛାଡିବ କାହିଁକି ? ସେ ଗୋଡେଇ ଗୋଡେଇ ଧରିବ ।"

ମାମୁଁ କହିଲେ, "ଠିକ୍ କଥା । ତାକୁ ପାଇବା ପୂର୍ବରୁ ଜୀବଟିର ନାମ 'ଏକ୍ସ୍' ବୋଲି ଭାବିନେବ । ଶେଷରେ ତାକୁ ଧରିଲା ପରେ ଶିକାରୀ ଆପେ ଆପେ ଜୀବର ନାମ ଜାଣିପାରିବ । ତେଣୁ ଏବେ ଜାଣିପାରିଲୁ ଯେ, ଜୀବଟାକୁ ଧରିବା ସକାଶେ ତାହାର ପ୍ରକୃତ ନାମଟା ଆରମ୍ଭରୁ ଜାଣିବା ଜରୁରୀ ନୁହେଁ ।"

ଆଲବର୍ଟ କହିଲେ, "ଠିକ୍ କଥା । ଜୀବକୁ ଧରିଲା ପରେ ତ ତାକୁ ଚିହ୍ନିପାରିବ ଓ ତାହାର ନାମ ବି ଜଣାପଡିବ । କିନ୍ତୁ ଆଲଜେବ୍ରା କଷିବା ସହିତ ଶିକାରୀ କଥାର କଅଣ ସଂପର୍କ ରହିଛି ?"

ମାମୁଁ ବୁଝେଇ ଦେଲେ, "ବହୁତ ସଂପର୍କ ରହିଛି । ପ୍ରଶ୍ନରେ ଯେଉଁ ଅଜଣା ରାଶିର ମୂଲ୍ୟ ବାହାର କରିବାକୁ କୁହାଯାଇଥିବ, ତୁ ତାହାର ମୂଲ୍ୟ ଜାଣିବାକୁ ଚାହୁଁ । କିନ୍ତୁ ଭାବିନେବୁ ଯେ ଅଜଣା ରାଶିର ମୂଲ୍ୟ ତତେ ଆରମ୍ଭରୁ ଦିଆଯାଇଛି ।"

ଆଲବର୍ଟ କହିଲେ, "କେମିତି ଭାବିବି ? କଅଣ ଭାବିବି ?" ମାମୁଁ କହିଲେ, "ଖୁବ୍ ସହଜ। ଯେଉଁ ପ୍ରଶ୍ନ ହେଉନା କାହିଁକି, ସେହି ଅଜଣା ରାଶିର ମୂଲ୍ୟକୁ ପ୍ରଥମରୁ 'ଏକ୍ସ୍' ବୋଲି ଭାବିନେବୁ । ତା' ପରେ ପ୍ରଶ୍ନରେ ଦିଆଯାଇଥିବା ତଥ୍ୟ ବା ସର୍ତ୍ତ ଅନୁସାରେ ଆଗକୁ ବଢ଼ିବୁ। ଶେଷରେ ଯେଉଁ ରାଶି ପାଇବୁ ସେଥିରେ 'ଏକ୍ସ୍' ଥିବ । ହେଲେ ପ୍ରଶ୍ନରେ ସେହି ରାଶିର ମୂଲ୍ୟ ଦେଇଥିବ ।  ଏବେ ସର୍ତ୍ତ ଅନୁସାରେ ପ୍ରଶ୍ନରେ ଦେଇଥିବା ରାଶି ସହିତ ତୁ ପାଇଥିବା ରାଶିକୁ ସମାନ କରିପାରିବୁ । ତାପରେ ତୁ ଜାଣିଥିବା ପାଟୀଗଣିତ ନିୟମର ପ୍ରୟୋଗ କରିପାରିବୁ । କେବଳ 'ଏକ୍ସ୍'କୁ ସମାନ ଚିହ୍ନର ବାମ ପଟେ ରଖିବୁ ଏବଂ ଅନ୍ୟ ସଂଖ୍ୟାମାନଙ୍କୁ ଦକ୍ଷିଣ ପଟକୁ ନେବାକୁ ଚେଷ୍ଟା କରିବୁ । ଶେଷରେ ଆପେ ଆପେ 'ଏକ୍ସ୍'ର ମୂଲ୍ୟ ବାହାରି ପଡ଼ିବ ।"

ଏଥର ମାମୁଁଙ୍କର କଥାଗୁଡାକ ଭଣଜାର ମନକୁ ପାଇଲା । ପରେ ପରେ ମାମୁଁ ମଧ୍ୟ କେତେକ ପ୍ରଶ୍ନର ଉତର ଅଭ୍ୟାସ କରାଇଦେଲେ । ଆଲବର୍ଟଙ୍କର ଆଲଜେବ୍ରା ଭୟ ଦୂର ହୋଇଗଲା ।

ISSN NO.
2582-208X

ସାଧାରଣ ଛାତ୍ର ବି ଆଲଜେବ୍ରା ପ୍ରଶ୍ନର ସମାଧାନ କରିପାରିବ ବୋଲି ହୃଦୟଙ୍ଗମ କଲେ । ସେଦିନ ଆଲଜେବ୍ରା ବୁଝିପାରୁ ନଥିବା ଆଲବର୍ଟ ଆଇନ୍‌ଷ୍ଟାଇନ୍ ବଡ଼ ହେଲା ପରେ 'ଆପେକ୍ଷିକତା ତତ୍ୱ' (ଥିଓରୀ ଅଫ୍ ରିଲେଟିଭିଟୀ) ଉପରେ ଯେଉଁ ଜଟିଳ ଗାଣିତିକ ସୂତ୍ରର ସମାଧାନ କରିଥିଲେ, ତାହା ଆଜିବି ବଳବତର ହୋଇ ରହିଛି । କେବଳ ସେତିକି ନୁହ. ବିଶ୍ୱବ୍ରହ୍ମାଣ୍ଡ ସଂପର୍କରେ ଆଇନ୍‌ଷ୍ଟାଇନ୍‌ଙ୍କର ଗଣିତ ଆମକୁ ନୂଆ ଦିଗ୍‌ଦର୍ଶନ ଦେଇଛି ।

ପଦାର୍ଥ ବିଜ୍ଞାନ ବିଭାଗ, କଟ୍ ବିଶ୍ୱବିଦ୍ୟାଳୟ,
ପଟିଆ, ଭୁବନେଶ୍ୱର-୭୫୧୦୨୪

ISSN NO.
2582-208X

# ନୀରବ ନାୟିକା



ଦିବାକର ନାୟକ

ବିରହରେ ପଛେ ଜଳି ପୋଡ଼ି ଯିବ
ପଚାରିଲେ ଜମା କହିବ ନାହିଁ
କବିତାରେ ଏତେ ଲେଖିଛ କେମିତି
ମିଛ ବୋଲି ଭାବି ପାରୁନି ମୁହିଁ ।।୦।।

ଆଖି ଦେଖା କଥା କିଛି ଲେଖାହୁଏ
ନିଜ କଥା କିଛି ମିଶି କି ଥାଏ
ସେଥିପାଇଁ ଏତେ ଜୀବନ୍ତ ଲାଗଇ
ଯିଏ ପଢ଼େ ତା'ର ମନକୁ ଛୁଏଁ ;

ତୁମ ହସ ତଳେ ଲୁହ ଛପିଥାଏ
ଚାହୁଁଛି ସେ ଲୁହ ପୋଛିବା ପାଇଁ...
ବିରହରେ ପଛେ ଜଳି ପୋଡ଼ି ଯିବ
ପଚାରିଲେ ଜମା କହିବ ନାହିଁ ।।୧।।

ଦୁନିଆ ଭିତରେ ଜନମ ହୋଇଲେ
ପ୍ରେମ ହେଇଯିବା ଅଜବ ନୁହେଁ

ହେଲେ ସୀମାରେଖା ଟପିଗଲେ କେବେ
ନୂଆ ନୁହେଁ ଯେବେ ଗୁଜବ ହୁଏ;

ISSN NO.
2582-208X

ଜୀବନ ଯୋଉଠି ଯୌବନ ସେଇଠି
ଲୁଚକାଳି ଖେଳେ ପୁଲକ ହୋଇ...
ବିରହରେ ପଛେ ଜଳି ପୋଡ଼ି ଯିବ
ପଚାରିଲେ ଜମା କହିବ ନାହି ।। ୨।।

ପାଟପୁର, କନସି, ଗଞ୍ଜାମ
ମୋ: ୯୯୩୮୬ ୧୯୯୮୧

ISSN NO.
2582-208X

# ଶିଶୁ



ସୁଜିତ କୁମାର ମିଶ୍ର

ବିମଳ ହସର ବାଳୁତ ଈଶ୍ୱର ବଶୀଭୂତ ବାସଫୁଲ,
ନିଷ୍କପଟ କଥା କୁହୁକରେ ତାର ନିସ୍ୱପ୍ରାଣ ଝଲମଲ।
ପହିଲି ସ୍ୱରେ ତା ଓହ୍ଲାଏ ବସନ୍ତ ପୁଲକ ପ୍ରାଣରେ ଆହା,
ସକଳ କଷଣ ଅପସରି ଯାଏ ସଂଚରି ମଳୟ ବାଆ। ।

ଘର ମନ୍ଦିରର ମିଠା ସ୍ୱପ୍ନେ ଯାର ଗହନ ମହକ ଭାବ,
ସିଏ ଦେବ ଶିଶୁ ସରଗ ସୁଷମା ସୁଖଶାନ୍ତି ବଇଭବ ।
କୋମଳ ପାଦର ପରଶରେ ତାର ଖୁସି ହୁଏ ବସୁନ୍ଧରା,
ଅଜାଡ଼ି ଦିଏ ତା ଅମାପ ଶକତି ଅନୁରାଗ ରଙ୍ଗେ ପରା।

ସାରାସଂସାର ଯେ ଆଲୋକରୋଷଣୀ ଶିଶୁ ହେଲେ ଶ୍ରଦ୍ଧା ସୁର,
କାହିଁ କେତେ କାଳୁ ବିରାଜମାନ ସେ କ୍ରୁର ଅନ୍ଧକାର ଦୁର।
ଜଖମ ଓଠରେ ଶିଶୁ ଚିରକାଳ କମନୀୟ ଜହ୍ନରାତି,
ସ୍ନିଗ୍ଧ ଶୀତଳ ଚନ୍ଦନ ଛାଇ ସେ ସମ୍ମୋହିତ ମାଧୁପ୍ରୀତି ।

ଯହିଁ ଥାଏ ଶିଶୁ କରୁଣା ବର୍ଷାରେ ଜଳୁଥାଏ ପ୍ରେମଦୀପ,
ଆଶା ଭରସାର ନଈ ଗାଏ ଗୀତ ହୋଇ କେତେ ଅଶ୍ରୁଲେପ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ନୀଳଆକାଶ
# କାଶତଣ୍ଡୀ ଓ ମୁଁ

ଚକ୍ରଧର ମିଶ୍ର

ଶରତର ପ୍ରତିବିମ୍ବ
ପାର୍ବଣର ପ୍ରତିଶ୍ରୁତି
କାହାପାଇଁ କବିର କବିତା
ଶ୍ରଦ୍ଧାରେ ଡାକେ ତା'କୁ କେହି
ହସକୁରୀ କାଶତଣ୍ଡୀ ।

ଶାରଦୀୟ ନୀଳ ଆକାଶଟା ଯହିଁ
ଲୋଟୁଥାଏ ଦୂର ଦିଗ୍ ବଳୟ ଛୁଇଁ
ସେଇଯାଏ ଲମ୍ବିଥାଏ ତା'ର
ଶୁଭ୍ରହସ ପଟୁଆର
ଥିରି ଥିରି ଭୋଦେଇ ପବନେ
ହସୁଥାଏ ବିଲ, ବନ, ଭୂଇଁ ।।

ସେଇ, ସେ ସାପୋଇ ନଈର ଧାରେ
ପ୍ରସାରିତ ଦୀର୍ଘ ରାଜପଥେ
ବାଟଭାଙ୍ଗି ଯାଇଛି ମୁଁ କେତେ
ବେପରୁଆ ଗାଡି ଡ୍ରାଇଭର
ପେଁ ପାଁ କଟର ମଟର

ISSN NO.
2582-208X

ଆଢୁଆଳେ ଲୁଚିଯାଏ
ସ୍ନିଗ୍ଧ, ଶାନ୍ତ ପ୍ରକୃତିର
ମନଲୋଭା ଗନ୍ତାଘର ।।

ଆଜି କିନ୍ତୁ ପାରିଲିନି ରହି
ଆବେଗରେ ପାଶେ ଧାଇଁଗଲି
ମୁଲାଏମ ମୁକୁଟରେ ତା'ର
ପାପୁଲି ମୋ ବୁଲେଇ ଆଣିଲି ।।

କହିଲି ତା ଦେହଛୁଇଁ,
ଆର ସନ ଶରତରେ
ଷାଠିଏ ପୂରିଗଲା ପରେ
ଚାକିରୀର ଓଜନିଆ ବୋଝ
ମୁଣ୍ଡରୁ ମୋ ଓହ୍ଲେଇଲା ପରେ
ପୋଖରୀରେ ନୀଳକଇଁ
ଫୁଟିବା ଆଗରୁ
ତୋଫାଜହ୍ନ ଆକାଶକୁ
ଉଠିବା ଆଗରୁ
ଆସୁଥିବି ନିତିଧାଇଁ ।।

ଥିବ ଚାହିଁ ପୂନେଇର ଚାନ୍ଦ
ଭୋଦୁଅ ଆକାଶ ତଳେ
ଖେଳୁଥିବ ଲୁଚକାଳି
ଛପି ଛପି ଚପଳ ଜୋଛନା
ସଫେଦ ତୋ ଚଦର ତଳେ ।।

ISSN NO.
2582-208X

ଉଦଣ୍ଡୀ ସେ କାଶତଣ୍ଡୀ
ଚାହିଁରହି ମୋ ଫେରନ୍ତା ପଥ
ମୁରୁକି ମୁରୁକି ହସି
କହୁଥିଲା ଥିରି ଥିରି
ଆକାଶକୁ, ପାହାଡ଼କୁ
ଦେଖିଛ କି ତମେ କିଏ
ଜଞ୍ଜାଳ-ମୁକ୍ତ ମଣିଷ !!

ପ୍ରକଳ୍ପ ନିର୍ଦ୍ଦେଶକ,
ଜଳବିଭାଜିକା ତଥା ଉପ-ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ,ଖୋର୍ଦ୍ଧା

ISSN NO.
2582-208X

# ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ



ଲିକୁ ବେହେରା

ଭାରତବର୍ଷରେ ଉତ୍କଳ ଏକ ପବିତ୍ର ଭୂମି। ଉତ୍କଳୀୟ ପରମ୍ପରା, ସାମାଜିକ ରୀତିନୀତି, ସଂସ୍କୃତି, ଇତିହାସ, ପ୍ରାକୃତିକ ବନରାଜି ଓ ସର୍ବୋପରି ସାହିତ୍ୟ ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଘେନି ପରିପୃଷ୍ଟ। ଓଡ଼ିଆ ଜାତିର ପରିଚୟ ଶ୍ରୀଜଗନ୍ନାଥ। ତାଙ୍କ ବିନା ଓଡ଼ିଆ ଜାତି ଅସ୍ତିତ୍ୱହୀନ। ସେ ସମଗ୍ର ବିଶ୍ୱର ଦେବତା ଏବଂ ଅନ୍ୟ ଦେବାଦେବୀମାନଙ୍କ ଠାରୁ ସ୍ୱତନ୍ତ୍ର। କାରଣ ଜଗନ୍ନାଥ ଦାରୁ ବା କାଷ୍ଠରେ ନିର୍ମିତ ଠାକୁର। ତା' ଛଡା ଜଗନ୍ନାଥଙ୍କ ଅନେକ ବୈଶିଷ୍ଟ୍ୟ ରହିଛି, ଯାହାକୁ ବଖାଣି ବସିଲେ ପୋଥିକର ପାଠ ହେବ। ଜଗନ୍ନାଥ ହିଁ ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଓଡ଼ିଶାର ଧର୍ମ କହିଲେ 'ଜଗନ୍ନାଥ ଧର୍ମ' ଓ ସଂସ୍କୃତି କହିଲେ 'ଜଗନ୍ନାଥ ସଂସ୍କୃତି' ବୁଝାଯାଏ। ପ୍ରତିଟି ଓଡ଼ିଆ ତା'ର ପ୍ରତ୍ୟେକ ଶୁଭକର୍ମରେ ପ୍ରଥମେ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରେ ଏବଂ ନିତ୍ୟ ସନ୍ଧ୍ୟାରେ 'ଶ୍ରୀମଦ ଭାଗବତ' ପାଠ କରିଥାଏ। ଏଣୁ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିରେ ଜଗନ୍ନାଥଙ୍କ ପ୍ରଭାବ ନିରବଚ୍ଛିନ୍ନ ଧାରାରେ ପ୍ରତିଷ୍ଠିତ ହୋଇଆସିଛି। ବେଦ, ପୁରାଣ ଶାସ୍ତ୍ର, ମହାଭାରତ ଠାରୁ ଆରମ୍ଭ କରି ଅଦ୍ୟାବଧି ଯେତେ ଭାକ୍ତିକ ସାହିତ୍ୟ ରଚିତ ହୋଇଆସିଛି, ସେ ସବୁଥିରେ ଶ୍ରୀଜଗନ୍ନାଥ ହିଁ ବୀଜମନ୍ତ୍ର ରୂପେ ଗୃହୀତ। ବିଶେଷ କରି ଷୋଡଶ ଶତାବ୍ଦୀରେ ଉତ୍କଳୀୟ ବୈଷ୍ଣବ ପଞ୍ଚସଖାଗଣ ଜ୍ଞାନମିଶ୍ରାଭକ୍ତି ମାଧ୍ୟମରେ ଜଗନ୍ନାଥଙ୍କୁ ମୂଳଭିତ୍ତି ରୂପେ ଗ୍ରହଣ କରି ଯେଉଁ କବିତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିଲେ, ତାହା ତତ୍କାଳୀନ ଓଡ଼ିଶାର ଜାତିପ୍ରଥା, ସାମାଜିକ ରୀତିନୀତିରେ ସୃଷ୍ଟି କରିଥିଲା ତୁମୁଳ ଆଲୋଡନ।

ISSN NO.
2582-208X

ଓଡ଼ିଶାରେ ପ୍ରଚଳିତ ବୈଷ୍ଣବ ଧର୍ମ ହିଁ ଜଗନ୍ନାଥ ଧର୍ମ। ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ଗ୍ରନ୍ଥରେ ଏହା ଉଦଘୋଷିତ ହୋଇଛି । ଶ୍ରୀ ଜଗନ୍ନାଥ ବା ଶ୍ରୀକ୍ଷେତ୍ରର ପ୍ରାଚୀନତା ସମ୍ବନ୍ଧରେ ବହୁ ପୁରାଣ ଶାସ୍ତ୍ର, ଉପାଖ୍ୟାନ ଓ କିମ୍ବଦନ୍ତୀ ଆମ ଦେଶରେ ପ୍ରଚଳିତ। ସାରଳା ଦାସଙ୍କ 'ମହାଭାରତ' ରଚିତ ହେବା ଆଗରୁ ସଂସ୍କୃତ ଭାଷାରେ ରଚିତ କେତେକ ପୁରାଣ, ରାଜା ଇଂଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି', ମୁରାରୀ ମିଶ୍ରଙ୍କ 'ଅନର୍ଘ ରାଘବ' ନାଟକ ପ୍ରଭୃତି ଅନେକ ଗ୍ରନ୍ଥରେ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ଓ ଜଗନ୍ନାଥଙ୍କ ସମ୍ପର୍କରେ ଅନେକ ବିବରଣୀ ଦେଖିବାକୁ ମିଳେ । ମହାଭାରତ, ପଞ୍ଚସଖାଙ୍କ କୃତିରାଜି ପରେ ପରେ ମଧ୍ୟଯୁଗୀୟ କାବ୍ୟ ଓ ଅନ୍ୟାନ୍ୟ କବିମାନଙ୍କ କୃତିରେ ଜଗନ୍ନାଥଙ୍କର ମହୀୟସୀ ପ୍ରଶସ୍ତି ରହିଛି। କେବଳ ଏତିକି ନୁହେଁ ତିବ୍ବତ, ନେପାଳ ଓ ସିଂହଳରେ ମଧ୍ୟ ଜଗନ୍ନାଥଙ୍କର ଉପାସନା ରହିଥିବାର ବିଷୟ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଉପାଦାନରୁ ଜଣାପଡିଥାଏ। ଖ୍ରୀଷ୍ଟୀୟ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଓଡ଼ିଶାରେ ଯେଉଁ ତାନ୍ତ୍ରିକ ବୌଦ୍ଧଧର୍ମର ଅଭ୍ୟୁଦୟ ଘଟିଥିଲା, ସେହି ପ୍ରାଚୀନତମ ତାନ୍ତ୍ରିକ ପୀଠ ଓଡ଼ିଶା ହିଁ ତିବ୍ବତୀୟ ଗ୍ରନ୍ଥ ଓ ସଂସ୍କୃତ ତନ୍ତ୍ରମାନଙ୍କରେ 'ଓଡ଼ଡିୟାନ୍' ନାମରେ ନାମିତ ହୋଇଛି। ଓଡ଼ଡିୟାନର 'ସମ୍ବଳ' ବା ବର୍ତ୍ତମାନର ସମ୍ବଲପୁରର ତତ୍କାଳୀନ ରାଜା ଇନ୍ଦ୍ରଭୂତି ଓ ତାଙ୍କର ଭଗିନୀ ଲକ୍ଷ୍ମୀଙ୍କରା ଶ୍ରୀଜଗନ୍ନାଥଙ୍କୁ ବୁଦ୍ଧ ରୂପେତନ୍ତ୍ର ଗ୍ରନ୍ଥମାନଙ୍କରେ ବର୍ଣ୍ଣନା କରିଛନ୍ତି। ରାଜା ଇନ୍ଦ୍ରଭୂତି ସ୍ୱରଚିତ 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ଶୂନ୍ୟରୂପୀ, ଜ୍ଞାନରୂପୀ ଓ ବୁଦ୍ଧରୂପୀ ଜଗନ୍ନାଥଙ୍କର ବର୍ଣ୍ଣନା ବହୁସ୍ଥଳରେ କରିଛନ୍ତି। ଯେପରି–

"ପ୍ରଣିପାତ୍ୟ ଜଗନ୍ନାଥମ୍ ସର୍ବଜିନ– ବରାର୍ଚ୍ଚିତମ୍
ସର୍ବବୁଦ୍ଧମୟମ୍ ସିଦ୍ଧି ବ୍ୟାପିନମ୍ ଗଗନୋପମମ୍"।୧ (ଜ୍ଞାନସିଦ୍ଧି)

ଆଦିକବି ସାରଳା ଦାସ ନିଜେ ଓଡ଼ିଶାର ଅଧିବାସୀ ହୋଇଥିବାରୁ ଓଡ଼ିଆ ଜାତିର ଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ୱରଚିତ 'ମହାଭାରତ' ଗ୍ରନ୍ଥର ବିଭିନ୍ନ ପର୍ବରେ ଉଲ୍ଲେଖ କରିଛନ୍ତି। ଶୂଦ୍ରମୁନି ସାରଳା ଦାସ ଥିଲେ ମା ଶାରଳାଙ୍କ ପରମ ଭକ୍ତ। ସାରଳା ଶାକ୍ତ ଥିଲେ ମଧ୍ୟ ତାଙ୍କ ସାହିତ୍ୟରେ ଅନେକତ୍ର ଜଗନ୍ନାଥଙ୍କର ମାହାତ୍ମ୍ୟ ବର୍ଣ୍ଣିତ ହେବାର ଦେଖାଯାଏ। ସେ ତାଙ୍କ ମହାଭାରତର ବହୁସ୍ଥଳରେ ମା ଶାରଳାଙ୍କ ସ୍ତୁତିଗାନ କରିଥିଲେ ମଧ୍ୟ, ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରିବାକୁ ବିସ୍ମୃତ ହୋଇନାହାନ୍ତି। ଯଥା–

ISSN NO.
2582-208X

"ଶ୍ରୀ ଚଣ୍ଡୀ ସାରୋଳା ଚରଣେ ଦଇନି / ଦୟାକରି ଯାହା ସେ କହଇ ବିଘ୍ନସେନୀ
ତାହା ଶୁଣି ମୁହିଁ କରଇଁ ବଖାଣ / ନୋହିଲା କଥାକୁ ରକ୍ଷା ନାହିଁ ମୋର ମନ।
ଶ୍ରୀ ଜଗନ୍ନାଥ ଜାଣନ୍ତି ଏଥିର ବିଧାନ / କବି ସାରଳା ଦାସ ଜଗନ୍ନାଥରେ ଶରଣ"।
-(ସାରଳା ମହାଭାରତ, ଆଦିପର୍ବ)

ସାରଳା ଦାସ ସ୍ୱରଚିତ 'ମହାଭାରତ'ରେ ଚତୁର୍ଦ୍ଧାମୂର୍ତ୍ତି ନୀଳକନ୍ଦର ପର୍ବତର ରତ୍ନ ସିଂହାସନରେ ବିଜେ କରିଥିବା କୋଟି କୈବଲ୍ୟନାଥ ଲକ୍ଷ୍ମୀପତି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବୌଦ୍ଧରୂପରେ କଳିଯୁଗରେ ଆବିର୍ଭୂତ ହୋଇଥିବାର ଅନେକ ସ୍ଥଳରେ ପ୍ରକାଶ କରିଛନ୍ତି। ଯାହାର ସଫଳ ଉଦାହରଣ ଆମେ ନିମ୍ନରେ ଲକ୍ଷ୍ୟ କରିପାରିବା। ଯେପରି-

କ) "ବନ୍ଦଇ ଶ୍ରୀ ଜଗନ୍ନାଥ ବଇକୁଣ୍ଠବାସୀ। / ବୌଦ୍ଧରୂପେ ନୀଳଗିରିଶିଖେ ଅଛ ବସି।।
ବଳଭଦ୍ର ସୁଦର୍ଶନ ସୁଭଦ୍ରା ସହିତେ। / ଚାରିରୂପେ ବିଜେ ନୀଳସୁନ୍ଦର ପର୍ବତେ"।।
-(ସାରଳା ମହାଭାରତ, ମଧ୍ୟପର୍ବ)

ଖ) "ଦ୍ୱାପର ଯୁଗ ଶେଷରେ ଦେବ ଜଗନ୍ନାଥ
ବଉଦ୍ଧରୂପରେ ବିଜେ କରିବେ ଯେ ଏଥ"।। (ସାରଳା ମହାଭାରତ, ସଭାପର୍ବ)

ଗ) "ବଉଦ୍ଧ ଅବତାରରେ ନିଷ୍ଟେ ବିହରିବୁ
ଦୁଷ୍ଟଜନ ମାରି ସନ୍ଥଜନଙ୍କୁ ପାଳିବୁ"।। (ସାରଳା ମହାଭାରତ, ମୂଷଳୀପର୍ବ)

ଏହାଛଡା 'ମହାଭାରତ'ରେ ସାରଳା ଦାସ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ଭାବରେ ପରିକଳ୍ପନା କରିଛନ୍ତି। କବି ସାରଳା ଜଗନ୍ନାଥଙ୍କୁ ପ୍ରାୟ ପ୍ରତ୍ୟେକ ପର୍ବରେ ସ୍ତୁତି କରିଥିଲେ ହେଁ, ବିଶେଷ କରି ମୂଷଳୀ ପର୍ବରେ ଯଦୁବଂଶର ଧ୍ୱଂସସାଧନ ପରେ, ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ, ଶ୍ରୀଜଗନ୍ନାଥଙ୍କ ଚରିତ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ମୂଷଳୀ ପର୍ବରେ ବର୍ଣ୍ଣିତ ଅଛି, ପୂର୍ବକାଳରେ ଶବରମାନେ ଧଉଳି ପର୍ବତର ଏକ ଅଗୁରୁ ବୃକ୍ଷମୂଳରେ ଶବରୀ ନାରାୟଣଙ୍କୁ ପୂଜା କରୁଥାନ୍ତି। ଏକଦା କାଞ୍ଚି ନଗରର ରାଜା ଗାଲମାଧବ ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡର ଅନୁସନ୍ଧାନରେ

ISSN NO.
2582-208X

ଆସିଲାବେଳେ ଶବରପଲ୍ଲୀ ଭିତରେ ତାହା ନାରାୟଣ ରୂପେ ପୂଜା ପାଇ ଆସୁଥିବା କଥା ଶୁଣିଲେ, କିନ୍ତୁ ସେଠାକୁ ଗଲାବେଳକୁ ଆଉ ବିଷ୍ଣୁ ପ୍ରତିମା ସେଠାରେ ନଥିଲା। ଶବରମାନେ ଲୁଚାଇଦେଲେ ଭାବି ସେଠାରେ ଥିବା ସମସ୍ତ ଶବରଙ୍କୁ ସେ ମୃତ୍ୟୁ ଦେଲେ। ତା'ଦେଖି ନାରାୟଣ ଗାଲମାଧବଙ୍କୁ ଅଭିଶାପ ଦେଲେ ଯେ, ତାଙ୍କ ବଂଶରେ କେହି ରହିବେ ନାହିଁ। ସେତେବେଳକୁ ଜାରା ଶବର ଗାଁରେ ନଥିଲା। କୃଷ୍ଣଙ୍କ ପିଣ୍ଡ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ସମୁଦ୍ରକୂଳରେ କୋଣାର୍କ ନିକଟରେ ଅବସ୍ଥାନ କରୁଥିଲା। ବିରାଟ ବଂଶୀ ରାଜା ମଧୁକେଶରଙ୍କ ପୁତ୍ର ଇନ୍ଦ୍ରଦ୍ୟୁମ୍ନ ନୀଳଗିରିଠାରେ ଭଗବାନ ଅବସ୍ଥାନ କରିବେ ବୋଲି ଶୁଣି ବିଶ୍ୱାବସୁ ନାମକ ବ୍ରାହ୍ମଣ ଦ୍ୱାରା ସେଠାରେ ଏକ ମନ୍ଦିର ନିର୍ମାଣ କଲେ। ତା'ପରେ ଭଗବାନ ଜାରା ଶବରକୁ ସ୍ୱପ୍ନରେ ଆଦେଶ ଦେଲେ ଯେ, ସେ ବୌଦ୍ଧରୂପରେ ନୀଳଗିରିରେ ଅବସ୍ଥାନ କରିବେ। ରୋହିଣୀ କୁଣ୍ଡରେ କାୟା ବଦଳାଇ ବୌଦ୍ଧ ଅବତାର କାୟା ଦେଖାଇବେ। କିଛିଦିନ ପରେ ଭଗବାନ ରୋହିଣୀ କୁଣ୍ଡରେ 'ଦାରୁ' ରୂପରେ ଅବତୀର୍ଣ୍ଣ ହେଲେ। ବାସୁବିପ୍ର ଓ ଜାରା ଶବର ଏ ଦୁହିଁଙ୍କ ଦ୍ୱାରା ଦାରୁ କୁଣ୍ଡ ମଧ୍ୟରୁ ଉପରକୁ ଅଣାଗଲା। ସ୍ୱୟଂ ବିଶ୍ୱକର୍ମା ଜାରା ଶବର ସହିତ ମୂର୍ତ୍ତି ଗଠନ କର୍ମରେ ଲାଗିପଡ଼ିଲେ। ତାଙ୍କ ନିର୍ଦ୍ଦେଶମତେ ମନ୍ଦିରର ସବୁ ଦ୍ୱାର ବନ୍ଦ ହେଲା ଓ ମୂର୍ତ୍ତି ଗଠନ କର୍ମ ଶେଷ ହେବା ଯାଏଁ ଦ୍ୱାର ନ ଖୋଲିବା ପାଇଁ ଆଦେଶ ହେଲା। ସେତିକିବେଳେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଅପୂର୍ଣ୍ଣ ମୂର୍ତ୍ତି ତ୍ରୟ ସିଂହାସନ ଉପରେ ବିଜେ ହେବା ଦେଖାଗଲା। ସେହିଦିନ ଠାରୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ତିନିମୂର୍ତ୍ତି ଶ୍ରୀମନ୍ଦିରରେ ପୂଜା ପାଇ ଆସିଲେ। ସେ ମଧ୍ୟରୁ ଜଗନ୍ନାଥ ହେଉଛନ୍ତି ବିଷ୍ଣୁ, ବଳଭଦ୍ର ହେଉଛନ୍ତି ଶିବ ଓ ସୁଭଦ୍ରା ହେଉଛନ୍ତି ବ୍ରହ୍ମା।

ଏଥିରୁ ଜଣାଯାଏ, ଭଗବାନ ପ୍ରଥମେ ଶବରୀ ନାରାୟଣ ରୂପେ ଶବରମାନଙ୍କ ଦ୍ୱାରା ଧଉଳି ପାହାଡ଼ରେ ପୂଜା ପାଇଆସୁଥିଲେ। କାଞ୍ଚି ରାଜା ଗାଲମାଧବ ତାଙ୍କୁ ନେଇ ନୀଳଗିରିରେ ସ୍ଥାପନା କଲେ। ସାରଳା ଦାସଙ୍କ ମହାଭାରତରେ ନୀଳମାଧବ ପୂର୍ବରୁ ଶବରୀ ନାରାୟଣ ରୂପେ ଉପାସିତ ହେବା କଥା, କୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡ ଦାରୁ ରୂପରେ ରୋହିଣୀ କୁଣ୍ଡରେ ପ୍ରକାଶ ପାଇବା ଓ ଭଗବାନ ବୌଦ୍ଧ ଅବତାର ଗ୍ରହଣ କରି ନୀଳଗିରିରେ ପୂଜା ପାଇବା ଇତ୍ୟାଦି କେତୋଟି ନୂତନ କାହାଣୀର ଅବତାରଣା ପରିଦୃଷ୍ଟ ହୋଇଥାଏ। ଯାହା ସଂସ୍କୃତ ପୁରାଣଶାସ୍ତ୍ରରେ ବର୍ଣ୍ଣିତ ହୋଇନାହିଁ। ଏହିସବୁଥିରେ ସାରଳା ଦାସଙ୍କ ମୌଳିକ କଳ୍ପନା ଓ ବର୍ଣ୍ଣନାଧର୍ମୀତାର ପରିଚୟ ମିଳେ।

ISSN NO.
2582-208X

ସାରଳା ଦାସଙ୍କ ପରବର୍ତ୍ତୀ କବି ନୀଳାମ୍ବର ଦାସଙ୍କ ରଚିତ 'ଦେଉଳ ତୋଳା' ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହ ସମ୍ବନ୍ଧରେ ବର୍ଣ୍ଣନା ରହିଛି। ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନାରଦ କହିଲେ, ପୂର୍ବସାଗର ତଟରେ ନୀଳ ମାଧବ ଶବରଙ୍କ ଦ୍ୱାରା ପୂଜା ପାଉଛନ୍ତି। ଏ କଥାର ସତ୍ୟାସତ୍ୟ ଜାଣିବା ପାଇଁ ରାଜା ନିଜ ମନ୍ତ୍ରୀ ବିଦ୍ୟାପତିଙ୍କୁ ସେ ସ୍ଥାନକୁ ପଠାଇଲେ। ବିଦ୍ୟାପତି ସେଠାରେ ପହଞ୍ଚି ଜାଣିଲେ, ବିଶ୍ୱାବସୁ ନାମକ ଏକ ଶବର ନୀଳମାଧବଙ୍କୁ ବଣରେ ଏକ ସ୍ଥାନରେ ରଖି ଗୋପନେ ପୂଜା କରୁଛି। ବିଦ୍ୟାପତି ପରେ ବିଶ୍ୱାବସୁର କନ୍ୟା ସହାୟତାରେ ନୀଳମାଧବଙ୍କୁ ଦର୍ଶନ କରିବା ସହ ସେ ସ୍ଥାନକୁ ଯିବାର ବାଟ ମଧ୍ୟ ଜାଣିଗଲେ। ପରେ ବିଦ୍ୟାପତି ଏହି ଖବର ଇନ୍ଦ୍ରଦ୍ୟୁମ୍ନଙ୍କୁ ପାଖକୁ ପଠାଇବାରୁ ଇନ୍ଦ୍ରଦ୍ୟୁମ୍ନ ନିଜର ସୈନ୍ୟବାହିନୀ ଧରି ଆସି କଟକ ଜିଲ୍ଲାର ବାଙ୍କୀ ପାଖର ଚର୍ଚ୍ଚିକାଠାରେ ବିଶ୍ୱାବସୁଙ୍କୁ ସାକ୍ଷାତ କଲେ। ଦୁହେଁ ମିତ୍ର ହେଲେ। ଏହାରି ମଧ୍ୟରେ ନୀଳମାଧବ ଅନ୍ତର୍ହିତ ହୋଇ ଗଲେ। ତାହା ଶୁଣି ରାଜା ଇନ୍ଦ୍ରଦ୍ୟୁମ୍ନ ଏକୋଇଶ ଦିନ ଯାଏଁ ଅନଶନରେ ରହିଲେ। ଦିନେ ଭଗବାନଙ୍କ ସ୍ୱପ୍ନାଦେଶ ହେଲା, ନୀଳମାଧବ ଦାରୁରୂପରେ ସାଗରରେ ଭାସୁଛନ୍ତି। ତାଙ୍କୁ ଆଣି ରାଜା ବିଗ୍ରହ ନିର୍ମାଣ କରି ସିଂହାସନରେ ସ୍ଥାପନ କରନ୍ତୁ। ସ୍ୱୟଂ ବିଶ୍ୱକର୍ମା ଏ ମୂର୍ତ୍ତିକର୍ମ ଗୋପନରେ ସମ୍ପାଦନା କରିବେ। ନିର୍ଦ୍ଦିଷ୍ଟ କାଳ ଯାଏଁ କେହି ଯେପରି ଦ୍ୱାର ଖୋଲିବେ ନାହିଁ। ମାତ୍ର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଗୁଣ୍ଡିଚା ଅତ୍ୟଧିକ ଉତ୍କଣ୍ଠାର ସହ ମୂର୍ତ୍ତି ଦେଖିବା ଇଚ୍ଛା ପ୍ରକାଶ କଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଦ୍ୱାର ଉନ୍ମୁକ୍ତ କରନ୍ତି, ସେତେବେଳେ ଅଧାଗଢା ତିନୋଟି ମୂର୍ତ୍ତି ଦେଖିବାକୁ ପାଇଲେ। ସେହି ତିନୋଟି ମୂର୍ତ୍ତି ଥିଲେ ବଳଭଦ୍ର-ସୁଭଦ୍ରା-ଜଗନ୍ନାଥ। ସେହିପରି ଶିଶୁ କୃଷ୍ଣ ଦାସଙ୍କ ରଚିତ ଅନ୍ୟ ଏକ 'ଦେଉଳ ତୋଳା'କାବ୍ୟ, ଜଗନ୍ନାଥ ଦାସଙ୍କ ରଚିତ 'ଦାରୁବ୍ରହ୍ମ ଗୀତା'ରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ଦାରୁ ବିଗ୍ରହ ନିର୍ମାଣ ସମ୍ବନ୍ଧିତ ଆଖ୍ୟାୟିକାର ଅବତାରଣା ଘଟିଛି।

ଓଡ଼ିଶାରେ ଷୋଡଶ ଶତାବ୍ଦୀରେ ଆବିର୍ଭୂତ ହୋଇଥିବା ପଞ୍ଚସଖା ତଥା ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ ଏହି ପାଞ୍ଚଜଣ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ପୁରାଣ କାବ୍ୟମାନ ରଚନା କରିଥିଲେ। କବି ବଳରାମ ଦାସ ଦାଣ୍ଡିବୃତ୍ତରେ 'ଜଗମୋହନ ରାମାୟଣ' ରଚନା କରି ଓଡ଼ିଶାର ତତ୍କାଳୀନ ସାମାଜିକ ଚଳଣି, ବେଶଭୂଷା, ଖାଦ୍ୟପେୟ, ସମର ବିଭବ, ପର୍ବପର୍ବାଣୀ ପ୍ରଭୃତିର ଚିତ୍ର

ISSN NO.
2582-208X

ଦେଇଥିଲେ। ଏହି 'ଦାଣ୍ଡି ରାମାୟଣ' ଗ୍ରନ୍ଥଟି ଶ୍ରୀଜଗନ୍ନାଥଙ୍କ ଦ୍ୱାରା ରଚିତ ବୋଲି ନିଜେ କବି ବଳରାମ ସ୍ୱୀକାର କରିଛନ୍ତି। ଯଥା-

"ଜଗମୋହନ ବୋଲି ଯେ ରାମାୟଣଗ୍ରନ୍ଥ / ୟେଥର କବି ସେ ନୀଳଗିରି ଜଗନ୍ନାଥ।
ସେ ହରି ମୋହର କଣ୍ଠେ ବିଜେ କରିଥାନ୍ତି / ଆପଣା ଚରିତ ଯେ ଆପଣେ ବଖାଣନ୍ତି"।
-(ଜଗମୋହନ ରାମାୟଣ, ଉତ୍ତରାକାଣ୍ଡ)

କବି ବଳରାମଙ୍କ ରଚନାରେ ଶ୍ରୀଜଗନ୍ନାଥଙ୍କ ମହିମା ଛତ୍ରେ ଛତ୍ରେ ଭରିରହିଛି। ଜଗନ୍ନାଥଙ୍କ ମହିମା ବ୍ୟତୀତ କବି ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ବର୍ଣ୍ଣନା ମଧ୍ୟ ସ୍ଥାନେ ସ୍ଥାନେ ଉଲ୍ଲେଖ କରିଛନ୍ତି। ଏହି ଚତୁର୍ଦ୍ଧାମୁରତୀଙ୍କୁ କବି ଚାରଟି ବେଦ ସହ ସମକକ୍ଷ କରାଇ ସ୍ୱରଚିତ 'ଗୁପ୍ତଗୀତା' ଗ୍ରନ୍ଥରେ ଲେଖିଛନ୍ତି; ଯଥା-

"ବଳଭଦ୍ର ଯେ ସାମ ହୋଇ। / ଋକ ଯେ ସୁଭଦ୍ରା ଅଟଇ।।
ଯଜୁର୍ବେଦ ଶ୍ରୀ ଜଗନ୍ନାଥ। / ଅଥର୍ବ ସୁଦର୍ଶନ ପାର୍ଥ।।
ନାସିକା ସୁଦର୍ଶନ କହି। / ଅଧର ସୁଭଦ୍ରା ଅଟଇ।।
ନୟନ ଜଗନ୍ନାଥ ଜାଣ। / ବଳଭଦ୍ରଟି ଯେ ଶ୍ରବଣ।। (ଗୁପ୍ତଗୀତା)

ଆହୁରି ମଧ୍ୟ ଉତ୍କଳର ବିଭିନ୍ନ ତୀର୍ଥ କ୍ଷେତ୍ର ତଥା ବଡଦେଉଳ ଓ ଚତୁର୍ଦ୍ଧାମୂର୍ତ୍ତି ମନୁଷ୍ୟର ଶରୀର ମଧ୍ୟରେ ଅବସ୍ଥିତ ବୋଲି କବି ବଳରାମ ଦାସ ମତବ୍ୟକ୍ତ କରିଅଛନ୍ତି। ସେହିପରି ବଳରାମଙ୍କ 'ବଟ ଅବକାଶ' ପୁସ୍ତକରେ ଜଗନ୍ନାଥ ମହାପ୍ରଭୁଙ୍କ 'ଅବକାଶ' ନୀତିର ବର୍ଣ୍ଣନା ରହିଛି। ଏହି ସମୟରେ ତେତିଶ କୋଟି ଦେବାଦେବୀଙ୍କ ଗୁହାରି ଶୁଣି, ତା'ର ପ୍ରତିକାର ବିଧାନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ତତ୍ପର ହୋଇଥିବାର ବର୍ଣ୍ଣନା ଉକ୍ତ ପୁସ୍ତକରୁ ମିଳିଥାଏ। 'ଭାବ ସମୁଦ୍ର' ଗ୍ରନ୍ଥଟି ୭୪୮ଟି ପଦରେ ରଚିତ ଏକ ଭକ୍ତିରସାତ୍ମକ ଗ୍ରନ୍ଥ। ଏହି ଗ୍ରନ୍ଥର ପ୍ରତ୍ୟୋକ ପଦରେ ଭକ୍ତ ବଳରାମଙ୍କ ହୃଦୟର ଉତ୍ତାଳ ଭାବଧାରା ଅତି ସ୍ୱଚ୍ଛନ୍ଦ ସ୍ୱାଭାବିକ ଭାବରେ ସରଳ ଭାଷାରେ ପ୍ରକାଶ ପାଇଛି। ଏ ପ୍ରକାର ସରଳ ଭକ୍ତି ରସାତ୍ମକ ଗ୍ରନ୍ଥ ଓଡ଼ିଆ ଭାଷାରେ ବିରଳ। କବି ବଳରାମ ଭକ୍ତ ସାଜି ଏହି ଗ୍ରନ୍ଥର ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କୁ ନାନା ଭାବରେ ଧିକକାର କରିଛନ୍ତି। ସେହି ଧିକକାର ଭିତରେ ଭକ୍ତ ହୃଦୟର ମହତ୍ତ୍ୱ ମଧ୍ୟ

ISSN NO.
2582-208X

ଫୁଟି ଉଠିଛି। ସୁନ୍ଦର ଯୁକ୍ତି ଓ ବିଭିନ୍ନ ପୌରାଣିକ ଉଦାହରଣ ମାଧ୍ୟମରେ ଭଗବାନଙ୍କୁ ମଧ୍ୟ ଦୋଷୀ ବୋଲି ସାବ୍ୟସ୍ତ କରିଛନ୍ତି। ଭକ୍ତର ଭକ୍ତିଡୋରିରେ ସେ ଜଗନ୍ନାଥଙ୍କ ନନ୍ଦିଘୋଷର ରଥ ଦଉଡିକି ଟାଣିଛନ୍ତି। ଅନ୍ୟ ପାଖରେ ସହସ୍ର ଲୋକ ରାଜାଙ୍କ ଆଜ୍ଞାରେ ସମସ୍ତ ବଳ ପ୍ରୟୋଗ କରି ରଥ ଟାଣୁଛନ୍ତି। କାହାର ଯୋର ବେଶୀ। ଭକ୍ତକବି ବଳରାମ ସେହି ବିଷୟକୁ ଲକ୍ଷ୍ୟ କରି କହିଛନ୍ତି–

"ନନ୍ଦିଘୋଷ ରଥ ଦେଲୁ ଘଉଡି, କେ ଓଟାରିବ ତୋ' ରଥ ଦଉଡି।
ନାଥ ତୁ ମୋତେ ନେଲେ ସିନା ଯିବୁ, ନୋହିଲେ ସେହିଠାରେ ରହିଥିବୁ।
ହରି ହୋ, ଧରିଛି ଚିତ୍ତେ ତୁ ଯିବୁ କେମନ୍ତେ, ଦାସ ବଳରାମ ଭରସି ତୋତେ"।
(ଭାବ ସମୁଦ୍ର)

ଓଡ଼ିଶାର ଘରେ ଘରେ 'ଲକ୍ଷ୍ମୀପୁରାଣ' ଗ୍ରନ୍ଥଟି ମାର୍ଗଶୀର ମାସ ଓଷା ଗୁରୁବାରରେ ବୋଲାଯାଇଥାଏ। ଓଡ଼ିଆ ଘରଣୀମାନଙ୍କର ଚାଲି ଚଳଣୀ, ଶାନ୍ତି - ଶୌଚ, ନୀତି ନିୟମକୁ କବି ଏହି ପୁରାଣ ଭିତରେ ରୂପାୟିତ କରିଅଛନ୍ତି। ଷୋଡ଼ଶ ଶତାବ୍ଦୀର ଓଡ଼ିଶାର ସାମାଜିକ ଚଳଣୀ କେତେକାଂଶରେ ଏହାରି ମଧ୍ୟରେ ପ୍ରତିଫଳିତ। କବି ବଳରାମ ଶ୍ରୀ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମାଧ୍ୟମରେ ତତ୍କାଳୀନ ସମାଜରେ ଏକ ନୂତନବିପ୍ଲବର ସୂତ୍ରପାତ କରିଥିଲେ। ଓଡ଼ିଶାରେ ପ୍ରଚଳିତ ଜାତିଆଣଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କବି ଲକ୍ଷ୍ମୀ ଓ ଜଗନ୍ନାଥଙ୍କ କଥପୋକଥନ ଛଳରେ ସମାଜର ବଡ଼ପଣ୍ଡାମାନଙ୍କୁ ପ୍ରତିସ୍ପର୍ଦ୍ଧାମୂଳକ ଆହ୍ୱାନ ଜଣାଇ ଲେଖିଥିଲେ–

"ଚଣ୍ଡାଳ ବ୍ରାହ୍ମଣ ଯାଏଁଖୁଆଖୋଇ ହେବେ। / ହାଡ଼ିର ହସ୍ତୁଁ ବ୍ରାହ୍ମଣଛଡ଼ାଇ ଖାଇବେ"।
(ଲକ୍ଷ୍ମୀ ପୁରାଣ)

ଏହି ଉକ୍ତିରୁ ସ୍ପଷ୍ଟ ଜଣାଯାଏ ଯେ, ସେ କାଳର ଉଚ୍ଚ ସ୍ତରର ଲୋକମାନେ ନିମ୍ନସ୍ତରର ଲୋକମାନଙ୍କୁ ନିମ୍ନଦୃଷ୍ଟିରେ ଦେଖୁଥିଲେ। ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିଥିଲେ। କବି ସମାଜରୁ ଭେଦଭାବକୁ ଦୂର କରି ଏକ ସାର୍ବଜନୀନ ସମାଜ ଗଢ଼ିବା ପାଇଁ ଚେଷ୍ଟା କରିଛନ୍ତି

ISSN NO.
2582-208X

ଉକ୍ତ ଗ୍ରନ୍ଥରେ। ସେହିପରି ବଳରାମଙ୍କ ଅନ୍ୟାନ୍ୟ କେତେକ ଗ୍ରନ୍ଥରେମଧ୍ୟ ଜଗନ୍ନାଥଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି।

ଅତିବଡି ଜଗନ୍ନାଥ ଦାସଙ୍କର ରଚନାବଳୀ ମଧ୍ୟରେ ସଂସ୍କୃତରେ ରଚିତ'ନୀଳାଦ୍ରି ଶତକ', 'ଜଗନ୍ନାଥ ଚରିତାମ୍ଭୋଧିସରଣୀ' ବ୍ୟତୀତ 'ଦାରୁବ୍ରହ୍ମ ଗୀତା', 'ଗୁଣ୍ଡିଚା ବିଜେ' ପ୍ରଭୃତି କେତେ ଖଣ୍ଡ ଓଡ଼ିଆ ରଚନା କେବଳ ଶ୍ରୀଜଗନ୍ନାଥଙ୍କ ଚରିତାମୃତରେ ରସାଣିତ ହୋଇଛି। ତତବ୍ୟତୀତ ଜଗନ୍ନାଥ ଦାସଙ୍କ'ଷୋଳ ଚଉପଦୀ ଓଡ଼ିଆରେ ପ୍ରାଚୀନତମ ଚଉପଦୀ। ଏହି ଗ୍ରନ୍ଥରେ ଦାରୁବ୍ରହ୍ମ ଜଗନ୍ନାଥ ଓ ଗୋପୀବଲ୍ଲଭ ଶ୍ରୀକୃଷ୍ଣଙ୍କ ଅଭେଦତ୍ୱ ପ୍ରତିପାଦନ ହୋଇଛି। ଯେପରି-

"ଅନନ୍ତ ସ୍ଥଳ ଆଶା ପୂର୍ଣ୍ଣରାଶି।କପଟେ ଦାରୁରୂପେ ପରକାଶି।
ଗୋପୀମଣ୍ଡଳୀବେଢ଼ି ଚଉପାଶ।ନିତ୍ୟ ନାୟକ ନିତ୍ୟ ସୁଖରସ।
ଭାନୁସୁତା ମିଶି, ଜଗନ୍ନାଥ ଦାସ ସେଠାରେ ଦାସୀ"। (ଷୋଳଚଉପଦୀ)

ଭକ୍ତକବି ଅଚ୍ଯୁତାନନ୍ଦ ଦାସଙ୍କ ରଚିତ 'ହରିବଂଶ', 'କଳିଯୁଗ ଗୀତା', 'ଗରୁଡ଼ ଗୀତା', 'ଗୁରୁଭକ୍ତି ଗୀତା' ପ୍ରଭୃତିରେ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତିପୂତପ୍ରେମ ସହ ଜଗନ୍ନାଥ ଓ ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ ବୋଲି ପରିଦୃଷ୍ଟ ହୁଏ। କବି ଅଚ୍ଯୁତ 'ଗରୁଡ଼ ଗୀତା' ରେ ଶ୍ରୀ ଜଗନ୍ନାଥଙ୍କୁ ବଉଧ ରୂପେ ପରିକଳ୍ପନା କରି ଲେଖିଛନ୍ତି-

"ଶ୍ରୀନୀଳକନ୍ଦରେ ବିଜେ କରିଅଛ ବଉଧରୂପ ବହିଛି
ଭକତ ନିମନ୍ତେ ତୁମ୍ଭର ଏ ସବୁ ଭିଆଣ ପ୍ରଭୁ ଶ୍ରୀବତ୍ସ" ।
(ଗରୁଡ଼ ଗୀତା, ପ୍ରଥମ ଅଧ୍ୟାୟ)

ସେହିପରି କବିଙ୍କ 'ଦୀନବନ୍ଧୁ ଜଣାଣ' ରଚନାଟି ଅତ୍ୟନ୍ତ ହୃଦୟସ୍ପର୍ଶୀ ଅଟେ। କବି ନିଜର ଅଭାବ ଓ ଦୁଃଖକୁ ଦୂର କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଜଣାଣ କରୁଛନ୍ତି।

ISSN NO.
2582-208X

ଉତ୍କଳୀୟ ପଞ୍ଚଶଖାମୁଖ୍ୟତଃ ବୈଷ୍ଣବ ଧର୍ମାବଲମ୍ବୀ ହୋଇଥିବାରୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମହିମା କୀର୍ତ୍ତନର ସେମାନଙ୍କକୃତି ସମୂହ ଉଦ୍ଭାସିତ। କବି ଯଶୋବନ୍ତ ଦାସଙ୍କ ରଚିତ 'ଶିବ ସ୍ୱରୋଦୟ' ଗ୍ରନ୍ଥରଆଦ୍ୟ ଓ ପ୍ରାନ୍ତରେ ଶ୍ରୀ ଜଗନ୍ନାଥଙ୍କ ମାହାତ୍ମ୍ୟ କୀର୍ତ୍ତିତ ହୋଇଛି। ଯଥା-

"ଜୟ ଜୟଜଗନ୍ନାଥ ଜଗତ ଧାରଣ / ଜୟ ବଳଭଦ୍ର ଭଦ୍ର ଜୟସୁଦର୍ଶନ।୧।।
X x X X
କୋଟି କୋଟି ପତିତପାବନ ନେବହରି
ତିନିଭୁବନରେ ନାଥ ନୀଳାଦ୍ରିବିହାରୀ"।।୪୬୯।।
(ଶିବ ସ୍ୱରୋଦୟ)

କବିଙ୍କ ଅନ୍ୟ ଏକ ପ୍ରକାଶିତ ଗ୍ରନ୍ଥ' ପ୍ରେମଭକ୍ତି ବ୍ରହ୍ମଗୀତା' ଶ୍ରୀ ଚୈତନ୍ୟ ପ୍ରଚାରିତ ରାଧାକୃଷ୍ଣ ଭକ୍ତିମାର୍ଗର ପ୍ରଚାର ଉଦ୍ଦେଶ୍ୟରେ ରଚିତ ହୋଇଥିଲେ ମଧ୍ୟ ଏଥିରେ ଶ୍ରୀ ଜଗନ୍ନାଥଙ୍କ ମହିମା ଓ ଶ୍ରୀ ପୁରୁଷୋତ୍ତମକ୍ଷେତ୍ର ଶ୍ରୀରାଧାକୃଷ୍ଣ ଲୀଳାର ନିତ୍ୟସ୍ଥାନ ରୂପେ ବର୍ଣ୍ଣିତ ହୋଇଅଛି।

"ନମସ୍ତେଦେବ ଜଗନ୍ନାଥ। ସେ ପ୍ରଭୁ ଶଙ୍ଖ ଚକ୍ର ହସ୍ତ।।
ପ୍ରଳୟଜଳେ ଶଙ୍ଖା ମାରି। ଯେ ଶଙ୍ଖ ଚକ୍ର ଭୁଜେ ଧରି।।
ଜଗତ ଉଦ୍ଧାରଣ କାଳେ।ଅବନୀସ୍ଥାପିଲ ନିଷ୍ଠଳେ।।
X X X
ୟେମନ୍ତ ଦାରୁବ୍ରହ୍ମ ଗୋପ୍ୟ। ଓଁ କାରଜଗନ୍ନାଥ ରୂପ।।
ଆଗେ ଭକତିପଛେ ମୁକ୍ତି। ୟେଣୁ ଏ ଦାରୁବ୍ରହ୍ମ ମୂର୍ତ୍ତି"।।
(ପ୍ରେମଭକ୍ତି ବ୍ରହ୍ମଗୀତା)

ଏହିଗ୍ରନ୍ଥର ପଞ୍ଚମ ଅଧ୍ୟାୟରେ ଉତ୍କଳ ଦେଶର ସାଗରତଟରେ ନୀଳଗିରି ପର୍ବତ ଉପରେ ଅକ୍ଷୟବଟ ନିକଟରେ ପୂଜିତ ଚତୁର୍ଦ୍ଧାମୂର୍ତ୍ତୀ ଭାବଗ୍ରାହୀଙ୍କ ସ୍ତୁତିଗାନ ପୂର୍ବକ କବି ରତ୍ନ ସିଂହାସନ, ଜଗମୋହନର ଚାରିଦ୍ୱାର, ଜୟବିଜୟ ଦ୍ୱାର, ଗରୁଡ଼ ସ୍ତମ୍ଭ ଓ ବେଢ଼ା ଭିତରେ ଥିବା ରୋଷେଇ ଘର, ବାଟ ମଙ୍ଗଳା, ରୋହିଣୀ କୁଣ୍ଡ, ସୁନା କୂଅ, ମୁକ୍ତି ମଣ୍ଡପ,

ISSN NO.
2582-208X

ସିଂହଦ୍ୱାର ପ୍ରଭୃତିର ବର୍ଣ୍ଣନା କରିଛନ୍ତି। ପରବର୍ତ୍ତୀ କବି ଶିଶୁ ଅନନ୍ତ ଦାସ 'ହେତୁ ଉଦୟ ଭାଗବତ' ଗ୍ରନ୍ଥରେ ଶ୍ରୀ ଜଗନ୍ନାଥଙ୍କର ମହିମା କୀର୍ତ୍ତନକରିବା ସହ ଅବତାର ସମ୍ପର୍କରେ ବ୍ୟାଖ୍ୟା କରିଛନ୍ତି। ପୁଣି 'ଆଗତ ଭବିଷ୍ୟମାଳିକା' ରେ କବି ଶ୍ରୀ ଜଗନ୍ନାଥଙ୍କୁ ସ୍ତୁତି କରି କବିତ୍ୱଶ କ୍ତି ଲାଭ ପାଇଁ ଭଗବାନଙ୍କର କୃପାଭିକ୍ଷା କରିଛନ୍ତି।

କବି ଦିବାକର ଦାସ 'ଜଗନ୍ନାଥ ଚରିତାମୃତ' ରଚନା କରି ସେଥିରେ ଜଗନ୍ନାଥ ଦାସଙ୍କ ଜୀବନୀର ବ୍ୟାଖ୍ୟା କଲେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କସ୍ତୁତି ଗାନ ବି କରିଛନ୍ତି। ପଞ୍ଚସଖା ଯୁଗର ଅନ୍ୟତମ ନାରୀକବି ମାଧବୀ ଦାସୀ ତାଙ୍କ 'ଚକାନୟନହେ' ଜଣାଣରେ ଶ୍ରୀ ଜଗନ୍ନାଥଙ୍କୁ ନିଜର ଦୁଃଖ, ଅଭାବଭକ୍ତିପୂତ ଭାବେ ଜଣାଇଛନ୍ତି, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ।

"ଚକାନୟନ ହେ! ଜଗୁଜୀବନଶ୍ରୀ ହରି
କାତରେ ଜଣାଣ କରୁଛି ଛାମୁରେ ଶୁଣ ପ୍ରଭୁ ଶ୍ରୁତି ଡେରି"।

ପରବର୍ତ୍ତୀ ସମୟରେ କବି ଅର୍ଜୁନ ଦାସ ସ୍ୱରଚିତ 'ରାମବିଭା' କାବ୍ୟରେ ଶ୍ରୀ ଜଗନ୍ନାଥ ଓ ଶ୍ରୀରାମଚନ୍ଦ୍ରଙ୍କ ମଧ୍ୟରେ ଅଭେଦତ୍ୱର ପ୍ରଚାର କରିଛନ୍ତି। କବି ସୀତାରାମଙ୍କୁ ଲକ୍ଷ୍ମୀଜଗନ୍ନାଥ ରୂପେ ଗ୍ରହଣ କରିଛନ୍ତି। ଶେଷରେ ଶ୍ରୀ ଜଗନ୍ନାଥଙ୍କ ଚରଣ ପଦ୍ମରେ ପ୍ରଣିପାତ ପୂର୍ବକ 'ରାମବିଭା' କାବ୍ୟ ସମାପ୍ତ ପୂର୍ବକ ଲେଖିଛନ୍ତି। ଯଥା-

"ନୀଳଗିରିନାଥଙ୍କର ଚରଣ ପଙ୍କଜେ
ଶିଶୁ ଅରଜୁନି ଦାସ ନିର୍ଭରେଣ ରଭେ ହେ"। (ରାମବିଭା)

ପୁଣି କବି ତାଙ୍କ 'କଳ୍ପଲତା' ନାମକ କାଳ୍ପନିକ କାବ୍ୟରେ ଶ୍ରୀ ଜଗନ୍ନାଥଙ୍କର ସ୍ନାନଯାତ୍ରା, ଚନ୍ଦନ ଯାତ୍ରା, ଗୁଣ୍ଡିଚା ଯାତ୍ରା ପ୍ରଭୃତି ସମ୍ପର୍କରେ ବର୍ଣ୍ଣନା ସହ ବିଭିନ୍ନ ବେଶ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଏହି କାବ୍ୟର ଦ୍ୱାଦଶ ଛାନ୍ଦରେ କବି ଶ୍ରୀ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ସମୟର ବେଶ ସମ୍ପର୍କରେ ଲେଖିଛନ୍ତି -

ISSN NO.
2582-208X

"ଶୁଣ ହେ ରସିକମାନେ ଦକ୍ଷିଣ ଉଦଧି– କୂଳେ। /
କ୍ଷେତ୍ରବର ନୀଳଗିରି ନବରରୁ ଗୁଣ୍ଡିଚା ବିଜୟ କଲେ।
ବିବିଧତଡାଉ ଲାଗି ହୋଇ ବାମେ ବୀର ବରଛୁରୀ।
ନନ୍ଦିଘୋଷ ରହୁବରେ ଆରୋହଣ ଶ୍ରୀଭୁଜେ ଶଙ୍ଖଚକ୍ରଧରି"।।
(କଳ୍ପଲତା, ୧୨ଶ ଛାନ୍ଦ)

ଏହି ପର୍ଯ୍ୟାୟରେ କବି ଦୀନକୃଷ୍ଣ ଦାସଙ୍କ 'ଜଗମୋହନ ଛାନ୍ଦ' କାବ୍ୟରେ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାବିଧି ରଚିତ ହୋଇଥିବା ବେଳେ, କବି ଲୋକନାଥ ବିଦ୍ୟାଧରଙ୍କ 'ନୀଳାଦ୍ରି ମହୋଦୟ' କାବ୍ୟରେ ଶ୍ରୀ ଜଗନ୍ନାଥଙ୍କ ଲୀଳା, ସେବା ପୂଜା ଓ ଯାତ୍ରା ମହୋତ୍ସବ ଆଦିର ବର୍ଣ୍ଣନା ରହିଛି। କବି ପୁରୁଷୋତ୍ତମ ଦାସ 'କାଞ୍ଚି କାବେରୀ' ରେ ଜଗନ୍ନାଥଙ୍କ ଗୁଣଗାନ କୀର୍ତ୍ତିତ କରିଛନ୍ତି।

ପଞ୍ଚସଖା ଯୁଗର ପରବର୍ତ୍ତୀ ସମୟ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟଯୁଗରେ ଶ୍ରୀ ଜଗନ୍ନାଥଙ୍କର ମହିମା ବର୍ଣ୍ଣନାର ଚିତ୍ର ଦେଖିବାକୁ ମିଳେ। ରୀତି କବି ଗୁଣ କାଳ୍ପନିକ, ପୌରାଣିକ କାବ୍ୟମାନ ରଚନା କରି ସେଥିରେ କୃଷ୍ଣକଥା ଦେଇଥିଲେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କର ମହିମା, କୀର୍ତ୍ତିରାଜି ଓ ଶ୍ରୀକ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଭୁଲି ନାହାଁନ୍ତି। କାବ୍ୟଯୁଗର ଶେଷ ସମୟକୁ କବିଗଣ ଜଗନ୍ନାଥ ରସାତ୍ମକ ଚଉତିଶା ରଚନା କରିଥିଲେ। ଯାହାର ସଫଳ ଉଦାହରଣ ହେଉଛି ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା'। କବି ବନମାଳୀ, ଦୀନକୃଷ୍ଣ, ସାଲବେଗଙ୍କ ପରି ପ୍ରମୁଖ କବିଗଣ ଭକ୍ତିରସାତ୍ମକ ଭଜନ– ଜଣାଣ ସମୂହ ରଚନା କରି ଶ୍ରୀ ଜଗନ୍ନାଥଙ୍କ ଭକ୍ତିଧାରାକୁ ଅବ୍ୟାହତ ରଖିବାପାଇଁ ସମର୍ଥ ହୋଇଥିଲେ। "ଆହେ ନୀଳଶଇଳ ପ୍ରବଳ ମତ୍ତବାରଣ / ମୋ ଆରତ– ନଳିନୀ ବନକୁ କର ଦଳନ" ଏହି ଭଳି ଭକ୍ତି ରସାତ୍ମକ ପଦ ଶୁଣି ଦେଲେ ଭକ୍ତର ହୃଦୟ ଖୁସିରେ ନାଚିଉଠେ। ପ୍ରାଚୀନ, କାବ୍ୟଯୁଗ ପରି ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କୁ ନେଇ ଅନେକ କାବ୍ୟ କବିତା, ନାଟକ, କଥା ସାହିତ୍ୟ ପ୍ରଭୃତି ରଚନା କରାଯାଇଥିଲେ ମଧ୍ୟ ତାହା ଅଦ୍ୟାପି ଜାରି ରହିଛି। ଶେଷରେ ଏତିକି କୁହାଯାଇପାରେ, ଶ୍ରୀ ଜଗନ୍ନାଥ ଓଡ଼ିଆ ସମାଜ,

ISSN NO.
2582-208X

ସଂସ୍କୃତି ଓ ସାହିତ୍ୟ ସହ ଓତପ୍ରୋତ ଭାବରେ ଜଡ଼ିତ।ଶ୍ରୀ ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ସାହିତ୍ୟର ଅସ୍ତିତ୍ୱ ନାହିଁ କହିଲେ ଚଳେ।

ସହାୟିକା:

୧. କୋଣାର୍କ (ପଞ୍ଚସଖା ବିଶେଷାଙ୍କ), ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ

ପଧାନସାହି, ଭୁବନେଶ୍ୱର
Email- beheraliku051@gmail.com

ISSN NO.
2582-208X

# ବାତ୍ୟା ପର ଜୀବନ



ନିରୁପମା ମିଶ୍ର

ବାତ୍ୟା ଆସୁଛି, ବାତ୍ୟା ଆସୁଛି।
କହି, କହି ମିଡିଆ ର ଟି. ଆର୍. ପି. ବଢୁଛି।
ବାତ୍ୟା ଆସୁଛି.......
ଓଡିଶା ମାଟିର ଚୀର ସହଚର, କେତେ ବାତ୍ୟା, ମହାବାତ୍ୟା ଆସି ଯାଇଛି।
ମାତ୍ର ନୂଆଁ ସରକାର ପ୍ରଥମ ବାତ୍ୟା ପର ଆଶ୍ୱସ୍ତି ପାଇଛି।
ବାତ୍ୟା ପର ଜୀବନ କହୁଛି।
ସମୁଦ୍ର କୂଳଆଙ୍କ ମଜା, କେତେ ଛୋଟପିଲ୍ ପାଠପଢା ଋଜା।
କଏ ଆଳୁ, ପିଆଜ ଅଧିକ କଣି ମୁଣ୍ଡ ରେ ହାତ ଦେଇ ବସିଛି।
ବାତ୍ୟା ପର ଜୀବନ ଆସିଛି।
ମିଡିଆ ରେ ବଢେଇ, ଚଢେଇ କେତେ କହୁଛି।
କେତେ କଏ ମାରିଲ୍, ଖର୍ଚ୍ଚ କେତେ ହେଲ୍ କଏ ଅବା ଜାଣୁଛି।
ବାତ୍ୟା ପର ଜୀବନ ଆସିଛି।
ବାତ୍ୟା ପର ଜୀବନ, ମନ ମୁଗ୍ଧ କର ହୋଇଛି।
କଏ ସହାୟତା କେନ୍ଦ୍ର ରେ ତାସ୍ ପତା ବାଣ୍ଟୁଛି।
ସତରେ, ସମୟର କେତେ ଅପଚୟ ହୋଇଛି।
ବାତ୍ୟା ପର ଜୀବନ ଆସିଛି।

ଚନ୍ଦ୍ରଶେଖର ନଗର, ବଲାଙ୍ଗିର

ISSN NO.
2582-208X

# ଆଉ ଥରେ ନିଅ ଜନମ......



ରାମଚନ୍ଦ୍ର ବେହେରା

ହେ ବୀରସନ୍ତାନ ଗାନ୍ଧିଜୀ ଶାସ୍ତ୍ରୀଜୀ
ତୁମ ପାଇଁ ଝୁରେ ପରାଣ
ଶାନ୍ତି ମୈତ୍ରୀ ଭାବ ଭରିଦେବା ପାଇଁ
ଆଉ ଥରେ ନିଅ ଜନମ।
ଅହିଂସା ଧରମ ଜନହିତ କର୍ମ
ଆଦରନ୍ତୁ ଶିଶୁ କିଶୋର
ସତ୍ୟ ଧର୍ମ ନୀତି ପରାଣେ ଆଦରି
ଗଢନ୍ତୁ ଦେଶକୁ ସୁନ୍ଦର।
କାମ କ୍ରୋଧ ଲୋଭ ଦୂର ହୋଇଯାଉ
ଖେଳୁ ଆନନ୍ଦର ଲହରୀ
ମନ୍ଦ ନକହନ୍ତୁ ମନ୍ଦ ନଶୁଣନ୍ତୁ
ମନ୍ଦ ନକରନ୍ତୁ କାହାରି।
ସତ୍ୟ ନ୍ୟାୟ ନୀତି ମାନିକି ଚଳନ୍ତୁ
ଭେଦଭାବ ମନୁ ଦୂରେଇ
ଦେଶ ହିତ ପାଇଁ ପ୍ରୟାସ କରନ୍ତୁ
ହାତରେ ହାତକୁ ମିଳେଇ।
ବୀର ସନ୍ତାନଂକ ଜନ୍ମ ଜୟନ୍ତୀରେ

ISSN NO.
2582-208X

ଆଜି ଏହି ପଣ କରିବା
ତାଂକ ଶୁଭାଶିଷ ବଳରେ ସଭିଏଁ
ଅନ୍ୟାୟ ବିରୁଦ୍ଧେ ଲଢ଼ିବା।
ଆସ ସର୍ବେ ମିଳି ନାନାବିଧ ପୁଷ୍ପେ
ଦେବା ତାଂକୁ ଆଜି ସଜେଇ
ଦୁଇହାତ ଯୋଡ଼ି ପ୍ରଣାମ କରିବା
ଶ୍ରଦ୍ଧାରେ ପ୍ରଦୀପ ଜଳେଇ।

………………..!!!!!!!!!!!!!!!!!!!……………

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬

ISSN NO.
2582-208X

# କୋଟିବସ୍ତ୍ର



ବିରଞ୍ଚି ନାରାୟଣ ମିଶ୍ର

ଏକ ଗ୍ରାମ୍ୟ ମେଳଣ ପଡିଆରେ ହେଉଛି ଦୁରାଗତ କୌଣସି ଯାତ୍ରାଦଳ ଦ୍ୱାରା ଯାତ୍ରା ପରିବେଷଣ। ବାପାଙ୍କ ସହ ଯାତ୍ରା ଦେଖିବାକୁ ଯାଇଥିଲା ବାରବର୍ଷର ଝିଅ ଶ୍ରାବଣୀ। ମଞ୍ଚସ୍ଥ ହେଉଥିଲା ପୌରାଣିକ ନାଟକ ମହାଭାରତ। ପ୍ରଥମେ ରେକର୍ଡ ଡ୍ୟାନ୍ସ। ତାପରେ ଶକୁନିର ପଶା ଖେଳ ପାଣ୍ଡବଙ୍କ ସହ।

ତାପରେ.. ତାପରେ... ନାଟକ ଚାଲିଛି। କେତେବେଳେ ଝିଅଟିର ଆଖିକୁ ନିଦ ଆସିଯାଇଛି, ବାପାଙ୍କ କୋଳରେ ମୁଣ୍ଡ ରଖି ଶୋଇଯାଇଛି। କିଛିସମୟ ପରେ ଆଖିଖୋଲିଲା ବେଳକୁ ନାଟକ ଚାଲିଛି ଦ୍ରୌପଦୀ ବସ୍ତ୍ରହରଣ। ଦୁଃଶାସନ ବାପୁଡ଼ା ତାଙ୍କ ଶାଢ଼ୀ ଟାଣି ଟାଣି ହାଲିଆ। ଦ୍ରୌପଦୀ ଲଟୁ ଭଳି ବୁଲିଯାଉଛନ୍ତି। ଝିଅଟି ଭାବୁଚି ଏ ନିଶୁଆ ଟୋକାର ମାଆ, ଭଉଣୀ, ଜେଜେମାଆ କି ଖୁଡୀ ପ୍ରମୁଖ ରହିଥିବେ। ଶାଢ଼ୀ ଖଣ୍ଡେ ଯଦି ତାର ନିହାତି ଲୋଡ଼ା, ସେମାନଙ୍କ ଭିତରୁ କାହାଠୁ ମାଗି ଆଣିପାରିଲା ନାହିଁ? ତେବେ ଝିଅଟି ଚମକି ପଡିଲା....

ହା କୃଷ୍ଣ -ବୋଲି ଦ୍ରୌପଦୀଙ୍କ ଆକୁଳ ଆହ୍ୱାନରେ ବା ପ୍ରାର୍ଥନାରେ ବା ଅଭିଯୋଗରେ। ଦ୍ରୌପଦୀଙ୍କ ପଛରେ ଗୋଟାଏ ଚୌକି ଉପରେ ଆବିର୍ଭୂତ କୃଷ୍ଣ। ହାତରେ ତାଙ୍କର ସୁଦର୍ଶନ ଚକ୍ର। ସେ ତାକୁ ଥରକୁ ଥର ବୁଲାଇ ଦେଉଛନ୍ତି। ଇଲେକ୍ଟ୍ରି ଆଲୁଅରେ ସେ ଗୋଟିକ ଚିକମିକ କରି ଉଠୁଛି। ତଳେ ପଡିଗଲା ହତାଶା ଦୁଃଶାସନ। ଲୋକେ ଦେଲେ ହରିବୋଲ। ସେ ଧ୍ୱନି ଭିତରେ ଦର୍ଶକଙ୍କ ହୃଦୟରେ ଚମକାଇ ଦେଉଥିଲା ସୁସୁପ୍ତ ଆତ୍ମା।

ISSN NO.
2582-208X

ବାପାଙ୍କ ସହ ଘରକୁ ଫେରୁଥିବା ସମୟରେ ଝିଅ ଶ୍ରାବଣୀ ପଚାରିଲା ବାପାଙ୍କୁ- "ବାପା କୃଷ୍ଣ ଯଦି ଏତେ କରିତକର୍ମା କୋଟିବସ୍ତ୍ର ଦ୍ରୌପଦୀଙ୍କୁ ଦେଇ ପାରିଲେ ସେ କାହିଁକି ସେଦିନ ନାନୀକୁ ଆମର କୋଟିବସ୍ତ୍ର ଦେଇ ପାରିଲେ ନାହିଁ ? ଯେତେବେଳେ ମୋ ନାନୀକୁ ଗଣ ଧର୍ଷଣ କରୁଥିଲେ ପାଷାଣ୍ଡ ମଦ୍ୟପ ଗୁଣ୍ଡା ଲୋକଗୁଡ଼ାକ।

ବାପାଙ୍କ ଆଖିରୁ ଲୁହ ଧାର ଧାର ବୋହି ଆସୁଥିଲା। ସେ କାନ୍ଦି କାନ୍ଦି କହୁଥିଲେ ଝିଅ, କୃଷ୍ଣ କାହିଁକି ତୋ ନାନୀକୁ ସେଦିନ କୋଟିବସ୍ତ୍ର ଦେଇ ପାରିଲେ ନାହିଁ ତାମୁଁ ଏ ପର୍ଯ୍ୟନ୍ତ ବି ବୁଝି ପାରିନାହିଁ। ତତେ କେମିତି ବୁଝାଇବି।

ଏବେ ଭାବୁଛି କୃଷ୍ଣ ସେଦିନ ତୋ ନାନୀକୁ କୋଟିବସ୍ତ୍ର ଦେବା ନିହାତି ଥିଲା ତାଙ୍କର କର୍ତ୍ତବ୍ୟ। ଯଦି କୋଟିବସ୍ତ୍ର ଦେଇନାହାନ୍ତି ବୋଧେ ଅପେକ୍ଷା କରିଛନ୍ତି ପାପ ଭାର ଆଉ ଅଧିକ ହେବା ପାଇଁ। ତାପରେ ଯାହା ନିଷ୍ପତ୍ତି ନେବେ ତା ସେ କହିଦେଇଛନ୍ତି ଗୀତାରେ।

ଭୁବନେଶ୍ୱର / 9439011063

ISSN NO.
2582-208X

# ଇନ୍ଦ୍ର ଙ୍କର ପାପ



ସୁନତା ଦାଶ

ଋଷି ଗୌତମଙ୍କ ପତ୍ନୀ ଅହଲ୍ୟା
ଅପୁର୍ବ ସୁନ୍ଦରୀ ଗୁଣବତୀ ଲାବନ୍ୟା
ସ୍ୱର୍ଗ ପୁର ରାଜା ଇନ୍ଦ୍ର ଦେବତା
ମନେ ପାପ ଜାଗିଲା ଦେଖି ସୁନ୍ଦରତା
ଗୌତମ ଋଷି ଯେ ଅଧ ରାତି ରେ
ସ୍ନାନ କରି ଯାନ୍ତୁ ନଦୀର ତିରେ
ସେହି ସମୟରେ ଇନ୍ଦ୍ର ମାୟା ରଚଲେ
ଗୌତମ ଋଷିଙ୍କ ରୂପକୁ ଧାରଣ କଲେ
ଚନ୍ଦ୍ରଦେବଙ୍କୁ ସାଥୀ କରିଲେ
ପ୍ରହରୀ ରୂପେ ଚନ୍ଦ୍ର ଜଗି ରହିଲେ,,
ଋଷିଙ୍କ ରୂପକୁ ଧରିଣ ଇନ୍ଦ୍ର
ଅହଲ୍ୟା ପାଶେ ମିଳଲେ ତୁରନ୍ତ
ଜାଣି ନପାରିଲେ ଦେବୀ ଅହଲ୍ୟା ପଗ୍ଋରିଲେ
ଏତେ ଜଲଦି ଆସିଲ କେମନ୍ତ
ଛଦ୍ମବେଶ ରେ ଇନ୍ଦ୍ର ଅହଲ୍ୟାର ସଙ୍ଗେ
ରତୀକ୍ରୃଡା କରିଲେ
ଏ କଥାକୁ ଋଷି ଜାଣି ପାରିଲେ
କ୍ରୋଧ ରେ ଅଭିଶାପ ଦେଲେ,

ISSN NO.
2582-208X

ଇନ୍ଦ୍ର ଙ୍କର ବଳବୀର୍ଯ୍ୟ ହରିଲେ
ଚନ୍ଦ୍ର ଙ୍କ ଦେହରେ କଳା ଦାଗ ବୋଳଲେ
ଅହଲ୍ୟା ଦେବୀଙ୍କୁ ପାଷାଣୀ କରିଲେ,,
ପାପର ଫଳ ସଦା ଭୋଗିବାକୁ ପଡିବ
କାହିଁ ପାପ କରି କଳଙ୍କିତ ହୋଇବ ।।

ଭୁବନେଶ୍ୱର

ISSN NO.
2582-208X

# ନମାମି ଗୋବିନ୍ଦ କମଳା ବର



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀୟାବର ହରି ନନ୍ଦ କୁମର ।
ମାନିନୀ ଶ୍ରୀରାଧା ପରାଣେଶ୍ୱର ।।
ନମାମି ଗୋବିନ୍ଦ କମଳା ବର ।
ଅଂଜନା କୁମର ସେବକ ଯାର ।।
ଶୁଭଦ ବରଦ ଶ୍ୟାମ ସୁନ୍ଦର ।
ମାର୍କଣ୍ଡ ଋଷିଙ୍କୁ କଲେ ଉଦ୍ଧାର ।।
ନକରି ବିଳମ୍ବ ଜପ ଶ୍ରୀଧର ।
କାମ ମୋହନ ରୂପ ଗୋଟି ଯାର ।।
ନୂଆଁଅ ମଥା ତା ଛନ୍ଦା ପୟର ।
ନନ୍ଦ ନନ୍ଦନ ଶ୍ରୀପଦ ସୁମର ।।
ଗୋବିନ୍ଦ ପରମାନନ୍ଦ ଶ୍ରୀଧର ।
ପତିତ ପାବନ ଜଗଦୀ ଶ୍ୱର ।।
ପକ୍ୱ ବିମ୍ବ ଫଳ ଜିଣା ଅଧର ।
ପୁରୁଷ ପୁରାଣ ପଦେ ଜୁହାର ।।
ରିଷ୍ଟ ହରଇ ନାମ ଯାହାଙ୍କର ।
ଓଡ଼ିଶା ବାସୀଙ୍କ ପ୍ରିୟ ଠାକୁର ।।
ଡିମ୍ବ ରକ୍ଷା କଲା ଭରତିଆର ।
ଶାଳକ ସେ ତୃତୀୟ ପାଣ୍ଡବର ।।

ଗ୍ରାମ ମହୁ, ଡାକ ମହୁ, କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ବିକଳ୍ପ ବିମର୍ଶ ବନାମ ତସଲିମାଙ୍କ ନର୍ବାଚିତ କଲ୍ମ : ଏକ ଅସାମାନ୍ୟ ଦୃଷ୍ଟିପାତ



ମାନସ କୁମାର ସେନାପତି


ସଂକ୍ଷିପ୍ତ ସାର :

ବିଶ୍ୱସାହିତ୍ୟ ଆକାଶରେ ଜଣେ ପରିଚିତ ଉଜ୍ଜ୍ୱଳ ନକ୍ଷତ୍ର ସମ ଲେଖିକା ହେଉଛନ୍ତି ବାଂଲାଦେଶରେ ଜନ୍ମିତା ତସଲିମା ନାସରିନ୍। ବିହଙ୍ଗଟିଏ ଯେଉଁପରି ଉନ୍ମୁକ୍ତ ଚେତନାର ବଶବର୍ତ୍ତୀ ହୋଇ ଆକାଶ ଛାତିରେ ଉଡିଯାଏ ମୁକ୍ତିର ପକ୍ଷ ଝାଡି ଠିକ୍ ସେହିପରି ସମାଜ ଦ୍ୱାରା ଗଢା ହୋଇଥିବା ନାନା ପ୍ରତିବନ୍ଧକର ବାଡ ଅତିକ୍ରମ କରି ଅତ୍ୟନ୍ତ ଅସାଧାରଣ ଭାବରେ ଯେଉଁ କେତେଜଣ ସ୍ରଷ୍ଟା ମାନସ ବାଢି ବସିଛନ୍ତି ମୁକ୍ତ ଚେତନାର ସ୍ୱର, ତନ୍ମଧ୍ୟରେ ବିପ୍ଳବୀନିତସଲିମା ନାସରିନଙ୍କର ସ୍ଥାନ ଅତୁଳନୀୟ । ନାରୀପ୍ରତି ସମାଜରେ ଥିବା ହେୟଦୃଷ୍ଟି ତଥା ଧର୍ମ ଓ ଧର୍ମାନ୍ଧତା ମଧ୍ୟରେ ପ୍ରଭେଦ, ଧାର୍ମିକ ଦଙ୍ଗା ଓ ହିଂସାକୁ ବିରୋଧ ଆଦି ପାଠକଙ୍କ କାଠଗଡାରେ ବିଚାର୍ଯ୍ୟ କରାଇବା ପାଇଁ ସାହିତ୍ୟକୃତିର ସହାୟତା ନେଇ ବହୁବିଧ ଉପନ୍ୟାସ, ଗଳ୍ପ, କବିତା, ନାଟିକା ଆତ୍ମକଥା ଓ ପ୍ରବନ୍ଧ ଲେଖିଛନ୍ତି ତସଲିମା ନାସରିନ । ସେଗୁଡିକ ମଧ୍ୟରୁ ମୁକ୍ତ ଚିନ୍ତନର ପ୍ରବନ୍ଧ ରଚନା ଏବଂ ସେଥିରେ ମୁକ୍ତ ଆଙ୍ଗିକ ଶୈଳୀର ପରିପ୍ରକାଶ ତାଙ୍କୁ ଏକ ସ୍ୱତନ୍ତ୍ର ଦୃଷ୍ଟିରେ ବିଚାର କରିବାକୁ ପ୍ରେରିତ କରେ। ଉକ୍ତ ନିବନ୍ଧରେ ତାଙ୍କ ରଚିତ ସ୍ତମ୍ଭ ବା ମୁକ୍ତ ଆଙ୍ଗିକ ପ୍ରବନ୍ଧ 'ନିର୍ବାଚିତ କଲାମ'ର ଶିଳ୍ପଦୃଷ୍ଟି ଓ ଭାବଦୃଷ୍ଟି ଉଭୟ ପ୍ରତି ବିଚାର ଓ ବିମର୍ଷ ସ୍ଥାନ ପାଇଛି ।


ମୂଳଶବ୍ଦ : ମୁକ୍ତ ଆଙ୍ଗିକ, ମୁକ୍ତ ଆତ୍ମିକ ଦିଗ, ନାରୀ, ଧର୍ମାନ୍ଧତା, ପ୍ରଥା ବିରୋଧ, ବିକଳ୍ପ ବିଚାର, ହିଂସା ଓ ସାମ୍ପ୍ରଦାୟିକତା ।

ISSN NO.
2582-208X

ଜଣେ ମୁକ୍ତଚେତନାଦୀପ୍ତ ବିପ୍ଳବୀ ଲେଖିକା ଭାବରେ ତସଲିମା ନାସରିନ ପରିଚୟ ଲାଭ କରିଛନ୍ତି ପାଠକ ମହଲରେ । ଜନ୍ମ ତାଙ୍କର ୨୫ ଅଗଷ୍ଟ ୧୯୬୨ରେ ବାଂଲାଦେଶର ମଇମନସିଂରେ। ଉଚ୍ଚଶିକ୍ଷିତ ଏବଂ ଯୋଗ୍ୟ ଭାବରେ ନିଜର ଦକ୍ଷତାସିଦ୍ଧ କରି ମଇମନସିଂମେଡ଼ିକାଲ କଲେଜରୁ M.B.B.S ପାସ କରି ଚିକିତ୍ସକ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ସାହିତ୍ୟକୁ ଆୟୁଧ କରି ସମାଜ ସଂସ୍କାର ପାଇଁ ସ୍ୱର ଉତ୍ତୋଳନ କରିବା ଥିଲା ତାଙ୍କର ଅନ୍ୟତମ ପ୍ରବୃତ୍ତି ମଧ୍ୟରୁ ଗୋଟାଏ । ଖୁବ୍ କମ୍ ବୟସରୁ ଖୁବ୍ ଅଧିକ ଲେଖକୀୟ ପ୍ରସିଦ୍ଧି ପାଇଥିବା ଲେଖକ ମାନଙ୍କ ମଧ୍ୟରେ ତାଙ୍କୁ ମଧ୍ୟ ଗଣାଯାଇପାରେ । ଅଧିକାଂଶ କବି, ଲେଖକ ନିଜର ସାରସ୍ୱତ ସ୍ରଷ୍ଟା ଜୀବନର ଯାତ୍ରା କବିତାରୁ ଆରମ୍ଭ କଲା ପରି ତସଲିମାଙ୍କ କ୍ଷେତ୍ରରେ ମଧ୍ୟ ଘଟିଥିଲା । କିନ୍ତୁ ଗଦ୍ୟ ରଚନା ଆରମ୍ଭ କଲାପରେ ବ୍ୟକ୍ତିଗତ କଲମ ଲେଖି ତୀକ୍ଷ୍ଣ ଭାଷା ଏବଂ ବଳିଷ୍ଠ ମତାମତ ପାଇଁ ଯେପରି ଅସାଧାରଣ ଜନପ୍ରିୟତା ଅର୍ଜନ କରିଛନ୍ତି, ସେମିତି ବିତର୍କିତ ମଧ୍ୟ ହୋଇଛନ୍ତି । ହୋଇଛନ୍ତି ସମାଲୋଚନାର ଶରବିଦ୍ଧ । ତଥାପି ତାଙ୍କର ବହୁପ୍ରସୂ କଲମ ନିରବତାକୁ ସ୍ୱୀକାର କରିନେଇନି । ବରଂ ଆହୁରି ହୋଇଛି ଶାଣିତ ।

ଦେଶ ବିଭାଜନର ସତ୍ୟ ଘଟଣା ଆଧାରିତ ସାମ୍ପ୍ରଦାୟିକ ହିଂସା ଓ ବାଂଲାଦେଶରେ ଘଟୁଥିବା ହତ୍ୟାକାଣ୍ଡ, ବଳାତ୍କାର, ଲୁଣ୍ଠନ, ହିନ୍ଦୁ ମାରଣ ନୀତି ଆଦିକୁ ଜଣେ ମୁସଲମାନ ମହିଳା ଲେଖିକା ଭାବରେ କରିଥିଲେ ଯେଉଁ ବିରୋଧ ତାହା ଆଶ୍ଚର୍ଯ୍ୟ ଜନକ ଭାବରେ ବ୍ୟାପି ଯାଇଥିଲା ଦେଶରୁ ଦେଶକୁ । ରଚିତ 'ଲଜ୍ଜା' ଉପନ୍ୟାସ ପାଇଁ ହୋଇଥିଲେ ସବୁଠାରୁ ଅଧିକ ବିତର୍କୀତ ଓ ଦଣ୍ଡ ସ୍ୱରୂପ ବାଂଲାଦେଶର ସରକାର ତାଙ୍କୁ କରିଥିଲେ ନିଜ ଦେଶରୁ ନିର୍ବାସିତ । ସେହିପରି ତାଙ୍କର ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ସ୍ତମ୍ଭଲେଖା ପ୍ରବନ୍ଧ ଗୁଡିକର ସଂକଳନ 'ନିର୍ବାଚିତ କଲାମ' ୧୯୯୧ ମସିହାରେ ପ୍ରକାଶିତ (୧୩୯୮ 'ବଙ୍ଗଳାସାଲ) ହେବା ସହ ୧୯୯୨ ମସିହାରେ ବଙ୍ଗଳା ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ସମ୍ମାନ ଭାବରେ 'ଆନନ୍ଦ ପୁରସ୍କାର' ଲାଭ କରିଥିଲା, ଯେଉଁଥିରେ କି ତାଙ୍କର ସମାଜ ପ୍ରତି ରହିଥିବା ଭିନ୍ନଦୃଷ୍ଟି ଓ ବିକଳ୍ପ – ବିଚାର । 'ଲଜ୍ଜା' ଆଦି ଏକାଧିକ ପୁସ୍ତକ ନିଷିଦ୍ଧ ଘୋଷିତ ହେବା ସହ ଦେଶରୁ ନିର୍ବାସନ, ନାନା ପ୍ରକାର ଶାରୀରିକ, ମାନସିକ ନିର୍ଯ୍ୟାତନା ସହ୍ୟ କରିବା ସତ୍ତ୍ୱେ ବିପ୍ଳବିନୀ ନାସରିନ ଏଯାବତ କଲମ ଚାଳନା ଯେ ଜାରି ରଖିଛନ୍ତି ଭାବିଲେ ପାଠକେ ବିସ୍ମିତ ହେବା ସ୍ୱାଭାବିକ ।

ISSN NO.
2582-208X

ତସଲିମା ନାସରିନଙ୍କ 'ନିର୍ବାଚିତ କଲାମ' (ନିର୍ବାଚିତ ସ୍ତମ୍ଭ) ଗୁଡିକରେ ମାନବବାଦୀ ମୁକ୍ତି ଚିନ୍ତନ, ବିଶେଷ କରି ନାରୀବାଦୀ ଚିନ୍ତନର ଉନ୍ମୁକ୍ତ ପରିପ୍ରକାଶ ଘଟିଛି । ସମୁଦାୟ ପଚାଶ ଗୋଟି ସ୍ତମ୍ଭ ଆଲେଖ୍ୟକୁ ସ୍ଥାନିତ କରାଇ ପୁସ୍ତକ 'ନିର୍ବାଚିତ କଲାମ' ସଂକଳିତ ହୋଇ ପ୍ରକାଶ ଆଲୋକ ପୁନର୍ବାର ଦେଖିଛି । ସମାଜର ବହୁବିଧ ଦୁର୍ବଳ ଦିଗ ପ୍ରତି ତର୍ଜନୀ ନିର୍ଦ୍ଦେଶ ତଥା ସାମାଜିକ ସମାଲୋଚନାର ଏକ ଐତିହାସିକ କୃତୀ ଯାହା ତାଙ୍କୁ ଏକ ଶକ୍ତିଶାଳୀ ଏବଂ ବିବାଦୀୟ ସାହିତ୍ୟିକ ସ୍ୱର ଭାବରେ ପ୍ରତିଷ୍ଠା ପ୍ରଦାନ କରାଇଛି । ୧୯୮୯ ମସିହାରେ ଆରମ୍ଭ ହୋଇଥିବା ଲୋକପ୍ରିୟ ବାଂଲାଦେଶୀ ଖବର କାଗଜ 'ଆଜକେରକାଗୋଜ' ରେ ନିରନ୍ତର ଧାରାବାହିକ ଭାବରେ ପ୍ରବନ୍ଧ ସ୍ତମ୍ଭ ଗୁଡିକ ପ୍ରକାଶିତ ହେଉଥିଲା । ତାଙ୍କର ସ୍ପଷ୍ଟ ଏବଂ ଅତିରଞ୍ଜକଅଳଙ୍କାର ହୀନ ଗଦ୍ୟ ଭାଷା ଦକ୍ଷିଣ ଏସୀୟ ସମାଜରେ ମହିଳା ମାନଙ୍କୁ ଦିଆଯାଉଥିବା ନିର୍ଯ୍ୟାତନା ଓ ପୁରୁଷ ପ୍ରାଧାନିକ ପ୍ରଥା, ଧାର୍ମିକ ମତବାଦ ଏବଂ ମହିଳା ବିରୋଧୀ ପରମ୍ପରାକୁ ସିଧା ସଳଖ ଆକ୍ରମଣ କରିଥିଲା ।

ମୁକ୍ତ ଆଙ୍ଗିକ କଣ ?

ବିଂଶ – ଏକବିଂଶ ଶତକରେ ସାହିତ୍ୟ ଆଲୋଚନା ମଧ୍ୟରେ ବହୁଳ ମାତ୍ରାରେ ବିଶ୍ୱ ସାହିତ୍ୟ ବା ପ୍ରାଦେଶିକ ସାହିତ୍ୟ ଆଲୋଚନା କ୍ଷେତ୍ରରେ ଶୈଳୀ ତାତ୍ତ୍ୱିକ ଆଲୋଚନାର ବିଚାର ବିମର୍ଷ ବହୁ ମାତ୍ରାରେ ବୃଦ୍ଧି ପାଇଛି । ଫଳ ସ୍ୱରୂପ କୌଣସି ତତ୍ତ୍ୱ ବା ( theory) ବଦ୍ଧତା ମଧ୍ୟରେ ଏବଂ କୌଣସି ଏକ ଗଠନ ଶୈଳୀ ବା (form) ବଦ୍ଧତା ମଧ୍ୟରେ ଆମେ କୃତି ବା (text) କୁ ବିଚାର କରିବା ଆରମ୍ଭ କରିବା ହ୍ରାସ ପାଇଛି । ନୂତନ ସମାଲୋଚନା ତତ୍ତ୍ୱ (New criticism theory), ସଂରଚନାବାଦ ବା ଗଠନବାଦ ( Structuralism theory) ଜ୍ୟାକ ଡେରିଡାଙ୍କବିଗଠନ (Deconstruction) ଆଦି ପଥରେ ଆଜିର ଆଲୋଚନା ସମାଲୋଚନା ଏକବିଂଶ ଶତକରେ ଏକ ମୁକ୍ତ ଆଙ୍ଗିକ (free style) ଦିଗକୁ ଗ୍ରହଣ କରିଛି। ଅର୍ଥାତ ପୂର୍ବ ପ୍ରଚଳିତ ଗଠନ ବା form କୁ ଅସ୍ୱୀକାର କରି ସାହିତ୍ୟ କୃତୀ ମଧ୍ୟରେ ଥିବା କେବଳ ଭାବ ଚେତନାକୁ ସର୍ବଶ୍ରେଷ୍ଠ ଗୁରୁତ୍ୱ ପ୍ରଦାନ କରି ବିଚାର କରାଯାଉଛି । ଯାହା କବିତା ତାହା କେବଳ ଯେ କବିତା ସେମିତି ନୁହେଁ ତାହା ଏକ ମୁକ୍ତ ଚେତନା କବିର ବୋଲି ଗୃହୀତ ହେଉଛି । ତେଣୁ ସବୁ ପ୍ରକାର ଶୃଙ୍ଖଳରୁ ମୁକ୍ତ । ଫ୍ରୀଷ୍ଟାଇଲ ଲେଖା ହେଉଛି ବ୍ୟାକରଣ ବନାନ କିମ୍ବା ଗଠନର ନିୟମ ଉପରେ ପ୍ରବାହ ଉପରେ ଧ୍ୟାନ ନ ଦେଇ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ନିରନ୍ତର ଏବଂ ସୃଜନଶୀଳ ଅବରୋଧ

ISSN NO.
2582-208X

ଗୁଡିକୁ ଦୂର କରିବାର କୌଶଳ (Freestyle writing is a technique for generating ideas and overcoming creative blocks by writing continuously and without interruption for a set amount of time, focusing on flow over rules of grammar, spelling or structure).

ତସଲିମା ନାସରିନ ତାଙ୍କର 'ନିର୍ବାଚିତ କଲାମ' ସଂକଳନରେ ଥିବା ସ୍ତମ୍ଭ ବା ପ୍ରବନ୍ଧ ଗୁଡିକରେ କୌଣସି ନିର୍ଦ୍ଦିଷ୍ଟ ଫର୍ମକୁ ଗ୍ରହଣ କରିନାହାନ୍ତି । ପ୍ରବନ୍ଧ ରଚନାର ଶୈଳୀ ମଧ୍ୟରୁ ସମାଲୋଚକ Hugh Walker ମଧ୍ୟ ଏହି ଶୈଳୀକୁ ସମର୍ଥନ ଜଣାନ୍ତି । ତାଙ୍କ ଭାଷାରେ –There is no subject from the stars to the dustheap and from the amoeba to man, which may not be dealt with in an essay. କିନ୍ତୁ ନାସରିନ ତାଙ୍କର ପ୍ରବନ୍ଧ ଗୁଡିକରେ ଚିନ୍ତା ବା ଭାବନାର ଏକତ୍ୱ (Unity), ସମତା (Balance), ସଙ୍ଗିତା (Accuracy), ସଂକ୍ଷିପ୍ତତା ବା ଭାବ ସାନ୍ଦ୍ରତା (Brevity) ନିୟମିତତା ବା ଆଙ୍ଗିକ ସାବଲୀଳତା (Regularity) କୁ ସବୁ ସ୍ଥାନରେ ରକ୍ଷା କରି ପାରିନାହାନ୍ତି ବୋଲି କୁହାଯାଇପାରେ । ତଥାପି ପ୍ରବନ୍ଧ ଗୁଡିକର ଭାଷା ବିନ୍ୟାସ ସ୍ୱାଭାବିକ, ବାସ୍ତବଧର୍ମୀ ହୋଇ ପାଠକ ଆଦୃତି ଲାଭ କରିଛି । ଯେତେବେଳେ କି ଭାବାବେଗ ଅତିରିକ୍ତ ଅବସ୍ଥାକୁ ଗତିକରେ ଓ ସେଥିରେ ଉଚ୍ଛୃଙ୍ଖଳତା ଦେଖାଯାଏ ସେତେବେଳେ ତାହାକୁ ପ୍ରଳାପଶୈଳୀ କୁହାଯାଏ ବୋଲି ବିଶିଷ୍ଟ ଗବେଷକ ଡକ୍ଟର ବୈଷ୍ଣବ ଚରଣ ସାମଲ ମତ ଦିଅନ୍ତି । (ସାମଲ, ପୃ-୮୮) । ୫୦ ଗୋଟି ଭିନ୍ନ ସ୍ୱାଦର ପ୍ରବନ୍ଧ ରଚିତ ହୋଇଥିଲେ ମଧ୍ୟ ନାସରିନ ତାହାର କୌଣସି ନିର୍ଦ୍ଦିଷ୍ଟ ନାମକରଣ କରିବାକୁ ଚାହିଁ ନାହାନ୍ତି ତାହାହିଁ ତାଙ୍କର ମୁକ୍ତ ଆଙ୍ଗିକତା କୁ ମଧ୍ୟ ସମର୍ଥନ ଜଣାଉଛି । ମୁକ୍ତ ଚେତନା ଦୀପ୍ତ ସ୍ୱରକୁ କେବଳ ମୁକ୍ତ ଶୈଳୀ ହିଁ ବୋହି ନେଇପାରେ ତାହା ତାଙ୍କର ଧାରଣା ହୋଇଥାଇପାରେ । ସେଥିପାଇଁ ନାସରିନ ଗଦ୍ୟ ମନସ୍କ ହୋଇ ସ୍ତମ୍ଭ ଗୁଡିକ ରଚନା କରିଥାଇ ପାରନ୍ତି । ଉଭୟ ଶକ୍ତିଶାଳୀ ଭାଷା ଓ ଶକ୍ତିଶାଳୀ ଭାବ ପରସ୍ପର ହାତ ଧରାଧରି ହୋଇ ସମ୍ୟକ ପ୍ରଭାବଶାଳୀ ପ୍ରବନ୍ଧ ଭାବରେ ଗୃହୀତ ହୋଇଛନ୍ତି ।

ମୁକ୍ତ ଆଙ୍ଗିକ ଶୈଳୀରେ ତସଲିମାଙ୍କ ସ୍ତମ୍ଭ :

ପ୍ରାବନ୍ଧିକା ତସଲିମା ନାସରିନ ସ୍ତମ୍ଭ ଲେଖିଲା ବେଳେ କୌଣସି ବଦ୍ଧମୂଳ ପ୍ରାୟୋଗିକ ଶୃଙ୍ଖଳ ବା ଶୈଳୀକୁ ଗ୍ରହଣ କରିନାହାନ୍ତି । ଯେପରି ଗଦ୍ୟ ଭାଷାର ପ୍ରୟୋଗ କରୁ କରୁ ହଠାତ୍ ସ୍ତମ୍ଭ ମଧ୍ୟରେ ସଂଳାପଧର୍ମୀ ଭାଷାର ପ୍ରୟୋଗ କରିଛନ୍ତି ଯେପରିକି – "ମୁଁ ଭାରତ ବୁଲିବା ପାଇଁ ଯାଇଛି କଲିକତା, ଆଗ୍ରା, ଦିଲ୍ଲୀ, ଜୟପୁର, ସିମଳା, କାଶ୍ମୀର, ପ୍ରଭୃତି ବୁଲି

ISSN NO.
2582-208X

ଆସିଛି ଶୁଣି ଲୋକମାନେ ପ୍ରଥମେ ଯେଉଁ ପ୍ରଶ୍ନଟି କରନ୍ତି ତାହାହେଲା– ସାଙ୍ଗରେ କିଏ ଥିଲା?

xxx

କିନ୍ତୁ ସେମାନଙ୍କର ସେହି ଗୋଟିଏ ପ୍ରଶ୍ନ – ତୁମ ସାଙ୍ଗରେ କିଏ ଥିଲା ?

ମୁଁ ଉତ୍ତର ଦିଏ –ଏକାଥିଲି।

ଏକା ? ଝିଅଟିଏ କଣ ଏକା ଏକା ବାହାରକୁ ବୁଲିବାକୁ ଯାଇପାରେ ? କାହାରି ବିଶ୍ୱାସ ହୁଏନା ।

xxx

ମୁଁ ଥରେ କହିଥିଲି, ମୋ ସାଙ୍ଗରେ ଅତସୀ, କୃଷ୍ଣକଳି, ଆଉ ମଲ୍ଲିକା ଥିଲେ ।

ଆଉ ?

ଆଉ କେହି ନୁହେଁ ।

କାହିଁକି, ପୁରୁଷ ଲୋକ କେହି ଥିଲେନି ?

ନା ।

ଲୋକମାନେ ଅବାକ୍ ଆଖିରେ ଅନାଇ ରହନ୍ତି ।

ସାଙ୍ଗରେ ପୁରୁଷ ନଥିଲେ ଜଣେ ନାରୀ ଯାହା, ସାତ ଜଣ ନାରୀ ବି ତାହା ।

(ନିର୍ବାଚିତ କଲାମ – ୩, ଅନୁ –ବ୍ରଜନାଥ ରଥ,ପୃ– ୫ )

ଶୈଳୀ କ୍ଷେତ୍ରରେ ବହୁବିଧ ପରୀକ୍ଷା ନିରୀକ୍ଷା ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନର ଲେଖିକା ପଦରେ ଯେ ଅଭିଷିକ୍ତ କରାଏ ଏଥିରେ କୌଣସି ଦ୍ୱିମତ ରଖାଯାଇ ନପାରେ ।

ISSN NO.
2582-208X

ତସଲିମା ନାସରିନଙ୍କର 'ନିର୍ବାଚିତ କଲାମ' ର ଭାବ ପକ୍ଷକୁ ଯେତେବେଳେ ବିଚାରକୁ ନିଆଯିବ ସଚେତନ ପାଠକେ ମାତ୍ରେ ବୁଝିଯିବେ ତାଙ୍କର ପ୍ରସଙ୍ଗର ଭିତ୍ତି ଓ ତୀବ୍ର ସ୍ୱର ଉତ୍ତୋଳନକୁ । ଭାବବସ୍ତୁ ମଧ୍ୟ ତାଙ୍କର ବହୁ ବର୍ଣ୍ଣ । ଶିଶୁ ବଳତ୍କାର, ବହୁ ବିବାହ, ବିବାହ ଏବଂ ଛାଡପତ୍ର, ଯୌତୁକ, ମହିଳାଙ୍କ ବସ୍ତୁକରଣ ଏବଂ ସାମାଜିକ ପରାଧୀନତା, ଧର୍ମର ନକରାତ୍ମକ ଦିଗ ଆଦିକୁ ଆଲୋଚିତ କରିଛନ୍ତି । ପିତୃସତ୍ତା ଓ ମହିଳା ବିଦ୍ୱେଷ, ଧାର୍ମିକ ମୌଳବାଦ, ଅସମାନତା ଏବଂ ଭେଦଭାବ, ସ୍ୱାଧୀନତା ଏବଂ ସ୍ୱାୟତତ୍ତା ଆଦି ପ୍ରବନ୍ଧ ଗୁଡିକର ମୂଳ ପ୍ରସଙ୍ଗ ହୋଇଛି । ତାଙ୍କର ରଚନା ଗୁଡିକର ବା ପୁସ୍ତକ ସମ୍ପର୍କରେ ଅଭିଯୋଗ ଯେ ଅଶ୍ଳୀଳ ଏବଂ ଧର୍ମ ବିରୋଧୀ ବୋଲି ଅଭିହିତ ହେବା ସଙ୍ଗେ ସଙ୍ଗେ ବାଜ୍ୟାପ୍ତ ହେଉଥିଲା । ତଥାପି ତାଙ୍କର ରଚନାବଳୀ ଗୁଡିକୁ ମାର୍ମିକ ଆକଳନ କରିଲେ ପାଠକେ ପାଇବେ ଏକ ଭିନ୍ନ ଦୃଷ୍ଟିଭଙ୍ଗୀ ତାହା ନିସନ୍ଦେହ । 'ନିର୍ବାଚିତ କଲାମ' ହେଉଛି ନିର୍ବାସିତ ବାଂଲାଦେଶୀ ଲେଖିକା ତସଲିମାଙ୍କ ଏକ ଅଭିନବ ପ୍ରବନ୍ଧ ସଂଗ୍ରହ ଯାହା ନୂତନ ନୂତନ ଚିନ୍ତା ଚେତନାର ପୂର୍ଣ୍ଣ ଅବୟବ ଧାରଣ କରିଛି । ୧୯୯୨ ମସିହାରେ ପ୍ରକାଶିତ ଏହି ପୁସ୍ତକଟି ନାସରିନଙ୍କ ନିର୍ଭୀକତା ଓ ଉତ୍ତେଜନାପୂର୍ଣ୍ଣ ଖବର କାଗଜ ସ୍ତମ୍ଭ ରଚନା ଦର୍ଶାଉଛି । ସେଥିପାଇଁ ଏକା ସମୟରେ ସେ ପାଇଛନ୍ତି ଉଭୟ ଖ୍ୟାତି ଓ କଠୋର ନିନ୍ଦା ମଧ୍ୟ ତଥାପି ସାହସିକ ନାରିବାଦୀ ଏବଂ ଧର୍ମ ନିରପେକ୍ଷ ମାନବବାଦୀ ଦୃଷ୍ଟିକୋଣ ପାଇଁ ଏବଂ ପିତୃ ସତ୍ୱ ଧାର୍ମିକ ମୌଳବାଦ ଏବଂ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତୀବ୍ର ସମାଲୋଚନକୁ ଯେଉଁ ଭିନ୍ନ ଶୈଳୀରେ ପ୍ରକାଶିତ କରିପାରିଛନ୍ତି ସେଥିପାଇଁ ସେ ପ୍ରଶଂସିତ । 'ନିର୍ବାଚିତ କଲାମ' ନାସରିନଙ୍କ ସ୍ୱଷ୍ଟବାଦୀ ଦୃଷ୍ଟିକୋଣକୁ ପ୍ରଦର୍ଶନ କରିବା ସହ ଅନେକ ପ୍ରବନ୍ଧରେ ତାଙ୍କର ବ୍ୟକ୍ତିଗତ ଜୀବନ ଅଭିଜ୍ଞତାକୁ ଯୋଡି ସାମାଜିକ ସମସ୍ୟାକୁ ଦର୍ଶାଇଛନ୍ତି । ପିତୃସତ୍ତା ଓ ମହିଳା ବିଦ୍ୱେଷ (Patriarchy and misogyny) ନାସରିନ ତାଙ୍କର ସ୍ତମ୍ଭ ଗୁଡିକରେ ସମାଜରେ ପିତୃ ପ୍ରାଧାନ୍ୟ ସତ୍ତା ବା (Patriarchy) କିଭଳି ମହିଳା ମାନଙ୍କୁ ପ୍ରଥାବଦ୍ଧ ଭାବରେ ସମାଜରେ ବେଢିଯୁକ୍ତ କରାଇଛି ତାହା ଦର୍ଶାଇଛନ୍ତି । କିଭଳି ନାରୀ ଜନ୍ମ ତତ୍କାଳୀନ ସମାଜରେ ଅଭିଶପ୍ତ ଅନୁଭବ କରାଯାଇଛି ତାହାର ପ୍ରାମାଣିକ ତଥ୍ୟମାନ ପ୍ରଦାନ କରିଛନ୍ତି । 'ନିର୍ବାଚିତ କଲାମ' ର ଦ୍ୱିତୀୟ ପ୍ରବନ୍ଧରେ ସେ କହନ୍ତି - "ମୋର ସୌଭାଗ୍ୟ ଯେ ଏ ପର୍ଯ୍ୟନ୍ତ ମୋତେ ପଲେ ପୁରୁଷ ଧର୍ଷଣ କରିନାହାନ୍ତି ଆହୁରି ମୋର ସୌଭାଗ୍ୟ ଯେ ମୁଁ ଏବେ ସୁଦ୍ଧା ଜୀବିତ ଅଛି ।

ISSN NO.
2582-208X

ମୋର ଯେଉଁ ଅପରାଧଟି ପାଇଁ ମୁଁ ଏତେ ସବୁ ଅତ୍ୟାଚାରର ଆଶଙ୍କା କରୁଛି ସେ ଅପରାଧଟି ହେଲା – ମୁଁ ଝିଅ ପିଲା । (ନାସରିନ –ପୃ -୨) ।

କୁପ୍ରଥାକୁ ସମାଲୋଚନା ଓ ଅନ୍ଧବିଶ୍ୱାସକୁ ବିରୋଧ :

ତସଲିମାଙ୍କ କଲମ ଗୁଡିକ ଅନୁଶୀଳନ କଲେ ପ୍ରାଜ୍ଞ ପାଠକେ ବୁଝିପାରିବେ ଯେ ନାସରିନ କିଭଳି ଭାବରେ ଅନ୍ଧବିଶ୍ୱାସ ଓ ସମାଜର ପ୍ରଚଳିତ ତ୍ରୁଟିପୂର୍ଣ୍ଣ ପ୍ରଥାକୁ ତୀବ୍ର ସମାଲୋଚନା କରିବାକୁ ପଛେଇ ନାହାନ୍ତି । ଯଥା – ଝିଅମାନେ ଗଛକୁ ଚଢିଲେ ଗଛ ମରିଯାଏ, ଏହି ଅବୈଜ୍ଞାନିକ କିନ୍ତୁ ସର୍ବମାନ୍ୟ ବିଶ୍ୱାସକୁ ଭାଙ୍ଗିଦେବା ପାଇଁ ଚେଷ୍ଟା କରିଛନ୍ତି ଏବଂ ତା ମଧ୍ୟରେ ଲୁଚିରହିଥିବା ପୁରୁଷ ମାନସିକତାକୁ ଦିବାଲୋକକୁ ଆଣିବାକୁ ଚେଷ୍ଟା କରିଛନ୍ତି । ବହୁ ସାଂଘାତିକ ଅପ୍ରକାଶ୍ୟ ଅପ୍ରିୟତାକୁ ମଧ୍ୟ ପ୍ରକାଶ କରାଇଛନ୍ତି । ଦୃଢ କଣ୍ଠରେ ଯେପରିକି – "ବଙ୍ଗାଳୀ ଝିଅମାନଙ୍କ ପାଇଁ ସତୀତ୍ୱ ରକ୍ଷା ଖୁବ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ, କାରଣ ଏକଗାମିତା କେବଳ ନାରୀ ପାଇଁ ଅବଶ୍ୟ ପାଳନୀୟ, ପୁରୁଷ ପାଇଁ ନୁହେଁ । ପରପୁରୁଷ ସଙ୍ଗମରେ ପତିବ୍ରତ୍ୟ ଧର୍ମ ଲୋପ ପାଇଲେ ସତୀତ୍ୱ ନଷ୍ଟ ହୁଏ । ସାମାଜିକ ବୈଧତା ଅତିକ୍ରମ କଲେ ନାରୀକୁ 'ପତିତା' ହେବାକୁ ହୁଏ (ପୃ– ୯) । ଜଣେ ଡାକ୍ତର ହୋଇଥିବାରୁ ସେ ଯୁକ୍ତି ବାଢିଛନ୍ତି ଯେ ନାରୀର ହାଇମେନ ବିଦୀର୍ଣ୍ଣ ହେବା ନ ହେବାରୁ କିପରି ସତୀତ୍ୱର ପ୍ରମାଣ ଦେଇପାରେ ବୋଲି । ଉଭୟ ବୈଜ୍ଞାନିକ ଓ ସାମାଜିକ ଦିଗରୁ ବହୁ ଅକାଟ୍ୟ ଯୁକ୍ତି ମାଧ୍ୟମରେ ପୁରୁଷ ତନ୍ତ୍ର ଓ ପୁରୁଷ ରୈଖିକ ତଥା ପୁରୁଷ କୈନ୍ଦ୍ରିକ ସମାଜ ଉପରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସାଧାରଣରେ ପ୍ରଚଳିତ ବିଧି ବ୍ୟବସ୍ଥା ଯେ ଏକପାର୍ଶ୍ୱଦର୍ଶୀ ତାହାକୁ ଅସ୍ୱୀକାର କଲେ ଯେ ଜଣେ ନାରୀ ସମାଜରେ ଚରିତ୍ର ହୀନା ହୋଇଥାଏ ତାହା ବହୁ ବହୁ ଉଦାହରଣ ମାଧ୍ୟମରେ ନାସରିନ ତାଙ୍କର ପ୍ରବନ୍ଧ ଗୁଡିକରେ ଦର୍ଶାଇ ଦେଇଛନ୍ତି ।

ବାସ୍ତବିକ ବିକଳ୍ପ ବିଚାର, ନାରୀର ସାମାଜିକ ସ୍ଥିତି, ଅଭିଶପ୍ତ ଅନୁଭବ, ପ୍ରଥାକୁ ସମାଲୋଚନା, ଅନ୍ଧ ବିଶ୍ୱାସକୁ ବିରୋଧ,ବ୍ୟବସ୍ଥାଗତ ତ୍ରୁଟି ଦର୍ଶନ, ଭାଷା ପ୍ରୟୋଗ କ୍ଷେତ୍ରରେ (ନାରୀ/ପୁରୁଷ) ମଧ୍ୟରେ ପକ୍ଷ ପାତିତା, ସମାଜକୁ ବ୍ୟଙ୍ଗାତ୍ମକ ସମାଲୋଚନା, କ୍ଷମତାର ଅସମାନ ବଣ୍ଟନ ପରୋକ୍ଷରେ ପୁରୁଷ ନିର୍ଭରଶୀଳତା ପାଇଁ ବାଧ୍ୟ କରାଇବା ଆଦିକୁ ପ୍ରାବନ୍ଧିକା ନାସରିନ ସୂକ୍ଷ୍ମ ଅନୁଶୀଳନ କରିଛନ୍ତି । ନାରୀ ବୁଦ୍ଧିଜୀବୀଙ୍କ ଦ୍ୱାରା ମଧ୍ୟ କିପରି ହେଉଛି ଶୋଷିତ । ସେଥିପାଇଁ ନାମ ହୀନ ସମାଲୋଚନା ଭାବରେ

ISSN NO.
2582-208X

କେତେକ ବୁଦ୍ଧିଜୀବଙ୍କର ଚରିତ୍ରର ଅନ୍ଧକାର ଦିଗକୁ ଲେଖା ମାଧ୍ୟମରେ ଲୋକ ଲୋଚନକୁ ଆଣି ତସଲିମା ଘେରି ହୋଇଛନ୍ତି ବିବାଦ ମଧ୍ୟରେ । ପ୍ରାୟ ଅଧିକାଂଶ ପ୍ରବନ୍ଧର ଏକ ସ୍ୱର ଝଙ୍କୃତ ହେଉଛି – ନାରୀ ବସ୍ତୁ ନୁହେଁ ଉପଭୋଗର, ନାରୀ ବନ୍ଦୀ ନୁହେଁ ପୁରୁଷ ଇଚ୍ଛାର ବରଂ ନାରୀ ମଣିଷ, ପୁରୁଷ ପରି ସମାନ ମଣିଷ ତାକୁ କୌଣସି ପ୍ରଥା ବା ପରମ୍ପରା ଆଳରେ ଗୃହର ଚାରିକାନ୍ଥ ମଧ୍ୟରେ ବା ତାର ଇଚ୍ଛା ବିରୁଦ୍ଧରେ ଧର୍ଷଣ କରାନଯାଉ ।

ବାସ୍ତବିକ ଉଭୟ ନାସରିନ ଓ ତାଙ୍କର ଲେଖା ଗୁଡିକ ବିବାଦୀୟ ହୋଇଥିଲେ ମଧ୍ୟ ତାହା ଏକ ଉନ୍ମୁକ୍ତ ଚେତନାର ଆବାହନ ଓ ସ୍ୱାଧୀନ ଦୃଷ୍ଟିର ସ୍ୱାଗତ ସଙ୍ଗୀତ ପରି ମନେ ହୁଏ । ତେଣୁ ଜଣେ ବିପ୍ଳବିନି ହିସାବରେ ତସଲିମା ନାସରିନଙ୍କର ବ୍ୟକ୍ତି ସତ୍ତା ଓ ଲେଖକିୟତା ଯେ ଅନନ୍ୟ ତାହାର ସ୍ୱୀକୃତି ତାଙ୍କର 'ନିର୍ବାଚିତ କଲାମ' ଏକମାତ୍ର ପୁସ୍ତକରୁ ପାଇବା ମଧ୍ୟ କଷ୍ଟସାଧ୍ୟ ନୁହେଁ । ନାସରିନଙ୍କର କଲମ ବା ସ୍ତମ୍ଭ ବହୁ ଦିଗରୁ ଚର୍ଚ୍ଚା ହୋଇପାରେ ଏଥିରେ ସୂଚନା ମାତ୍ର ପ୍ରଦାନ ହୋଇ ପାରିଛି ।

ସହାୟକ ଗ୍ରନ୍ଥସୂଚୀ :

୧. ନାସରିନ,ତସଲିମା, ଅନୁ- ବ୍ରଜନାଥ ରଥ, ନିର୍ବାଚିତ କଲାମ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ – ୧୯୯୫ ।

୨. Dave, Dr. Mihir M., TasalimaaNasarin A committed humanist, (A research Work)

୩.The times of India, Ahmedabad, Friday, August 10, 2007.

୪. Senapati,Manaskumar, 'Comparative aspect ofTasalimaNasarin, literature; the rule of humanities in understanding society: A broad prospective, Vol-III, Chyren publication, Haryana, 1st edition - 2025.

ଗବେଷକ ,ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ
Email – manaskumarsenapati2@gmail.com/୯୧୭୮୩୭୭୦୭୧

ISSN NO.
2582-208X

# ମା ଆସୁଛନ୍ତୁ



ଅରୁଣ କୁମାର ଦାସ

ଦୂର ଦେବାଳୟେ ଶୁଭିଲାଣି ତବ ଆବାହନୀ ସଂଗୀତ
ଦେଖିବାକୁ ମିଳିବ ତୁମ ଦର୍ଶନ ଆସ ମିତ
ଟିକିଏ ଲାଗିଲାଣି ପାହାନ୍ତିଆ ଶୀତ
ଗାଇବା ପାଇଁ ହେବ ତୁମ ଗୀତ।
ନଦୀ ପଠାରେ ଠୋ ଠୋ ହସୁଛି କାଶତଣ୍ଡୀ
ଆସିଛି କେବଳ ପାଇବା ପାଇଁ ତବ ଦର୍ଶନ
ବଂଧା ହୋଲାଣି ତୋରଣ
ବାଜିଲାଣି ବାଜା
ଚାଲିଛି ସାଜ ସଜା ।
ଦେଖିବାକୁ ଇଚ୍ଛା ଅଛି ତୋର ମୁଖ
ବଳି ଦେଇଛି ସବୁ ପରା ସୁଖ
ତୋତେ ଦେଖି ଆଖି ପୂରାଇ
କେତେ ଦୂରରୁ ଆସିଛି ଧାଇଁ ।
ଆଜି ପୂରଣ ହୋଇବ ସବୁ ମନାସ
ବହୁ ଦିନରୁ ଥିଲା ମୋ ଆଶ
ପାଇବାକୁ ନିତି ତୁମ ପରଶ।

ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫

ISSN NO.
2582-208X

# ବାଲିଯାତ୍ରା



ରଘୁନାଥ ତ୍ରିପାଠୀ

ମହାନଦୀର ବାଲି ପଠାଟି ଘୋ ଘୋ ଡାକେ ଆଜି
କାର୍ତ୍ତିକ ମାସ ପୁନେଇଁ ତିଥି ବାଲିଯାତ୍ରା ସାଜି

ମାଳକୁ ମାଳ ଡ଼ଙ୍ଗା ଭ୍ସଇ ତାର ଜଳରେ ଦେଖ
କଦଳୀ ପଟା ସୋଲରେ ସଜା ଆଖିକୁ ଦିଏ ସୁଖ

ପ୍ରଭାତୁ ଘାଟେ ସ୍ନାହାନ ସାରି ଭସାନ୍ତୁ ନର ନାରୀ
ସାର୍ ର୍ଇଜ ନଇ ପୋଖରୀ ଡଙ୍ଗାରେ ଯାଏ ଭରି

ଏଇ ର୍ଇଜ ସାଧବ ପୁଅ ବୋଇତ ଧରି ଦିନେ
ଜାଭା ସୁମାତ୍ରା ବାଲି ଯାଆନ୍ତୁ ବଣିଜ ଅଭିଯାନେ

ସାଧବ ବୋହୂ ବିଦାୟ ଦିଏ ମନାସି ସବୁ ଶୁଭ
କାର୍ତ୍ତିକେ ଯାଇ ଆଷାଢ଼େ ଫେରି ଖୁସି ଖବର ଦେବ

ସେହି ବୋଇତେ ବେପାର କରି ବଢ଼ାଇ ଥିଲେ ଧନ
ପୂର୍ବ ସୂରିଙ୍କୁ ମନେ ପକାଇ ଖୁସି କରୁଛୁ ମନ

ISSN NO.
2582-208X

ନାହାନ୍ତୁ ଏବେ ସେହି ସାଧବେ ବେପାର ନାହିଁ ତାଙ୍କ
କର୍ପୁର ସବୁ ଗଲାଣି ଉଡି କନାକୁ ଖାଲି ଦେଖ

ଦୁନିଆ ସାରା ନାଆଁ କରିଛି ଆମରି କଳା କୃତି
ଆମ ଉତ୍ସବ ବାଲିଯାତ୍ରା ରଖିଛି ତାର ସ୍ମୃତି

ସାରା ଦେଶର ଯେତେ ବଜାର କଟକେ ହୁଏ ଠିଆ
ସାତଟି ଦିନ ଖୁସି ମନାଇ ପଠାରେ ବୁଲା ଖିଆ

ବାଲିଯାତ୍ରା ବୁଲିବା ନିଶା ବଢାଏ ମନେ ତାତି
ଗରବ ଭରେ କହୁଚୁ ଆମେ ବଡ଼ ଓଡ଼ିଆ ଜାତି

ବାଲିସାହି, ମଧୁପାଟଣା
କଟକ ୯୪୩୭୩୧୭୫୫୮

ISSN NO.
2582-208X

# ଇସ୍ରୋ ବୟଃ ଭକ୍ତପ୍ରସାଦ



ରାମ ଚନ୍ଦ୍ର ପ୍ରଧାନ

ବୟସ ମାତ୍ର ଚଉଦ । ହେଲେ ସଫଳତା ଅନେକ । ଏପରି ଜଣେ ବିସ୍ମୟ କୁନି ପ୍ରତିଭା ହେଲେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କଲେଜ ଛକର ଭକ୍ତପ୍ରସାଦ ମହାନ୍ତି । ସେ 2011 ଫେବୃଆରୀ 25 ତାରିଖରେ ଆସିକା କଲେଜ ଛକ ସ୍ଥିତ ମହାରଣା କଲୋନୀର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ପାଣ୍ଡବ ମହାନ୍ତି ଓ ମାତାଙ୍କ ନାମ ସସ୍ମିତା ମହାନ୍ତି । ସେ ବର୍ତ୍ତମାନ କଲେଜ ଛକ ସ୍ଥିତ ସରକାରୀ ଟେକ୍ନିକାଲ୍ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି । ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନାହିଁ । ବାପା ଚାଷବାସ ସହ ହୋଟେଲରେ ପାର୍ଟ ଟାଇମ କାମ କରି ବହୁ କଷ୍ଟରେ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । "ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ତାଙ୍କ ଲୁକ୍କାୟିତ ପ୍ରତିଭା ପିଲାଟି ଦିନରୁ ବାରି ହୋଇ ପଡୁଥିଲା । କଲେଜ ଛକ ସ୍ଥିତ ପ୍ରଜ୍ଞା ଶିଶୁ ମନ୍ଦିରରେ ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳୁ ହିଁ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଢେର ସାରା ସଫଳତା ପାଇବା ସହ ଗୁରୁମା ଗୁରୁଜୀମାନଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ତା' ପରଠୁ ସେ ଆଉ କେବେ ପଛକୁ ଫେରି ନାହାଁନ୍ତି । ଆଖପାଖ ଅଂଚଳ ତଥା ବିଦ୍ୟାଳୟରେ ଆୟୋଜିତ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଅନେକ ମେଡାଲ୍ ଓ ମାନପତ୍ର ହାତେଇଥିଲେ, ଯାହା ତାଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇଥିଲା । ନିଜର ଦୃଢ଼ ଇଚ୍ଛା ଶକ୍ତି ଓ କିଛି ନୂଆଁ କରିବାର ନିଶା ଭକ୍ତପ୍ରସାଦଙ୍କୁ ଦେଇଛି ଗୋଟିଏ ପରେ ଗୋଟେ ସଫଳତା । ଏ ଦିଗରେ ସାଙ୍ଗସାଥି ଓ ପିତାମାତାଙ୍କ ନିଃସ୍ୱାର୍ଥପର ପ୍ରେରଣା ତା'ଙ୍କୁ ଆଉ ଟିକିଏ ଆଗକୁ ବଢିବାର ଇନ୍ଧନ ଯୋଗାଇଛି ।

ISSN NO.
2582-208X

ଭକ୍ତପ୍ରସାଦ ଜଣେ ମେଧାବୀ ଛାତ୍ର । ସେ ଭଦ୍ର, ନମ୍ର ଆଉ ମିଷ୍ଟଭାଷୀ ଅଟନ୍ତି । ପାଠପଢ଼ାରେ ସେ ଯେତିକି ଧୁରନ୍ଧର; ଆଚାର ବ୍ୟବହାରରେ ବି ସେତିକି ମାର୍ଜିତ । ସେଥିପାଇଁ ସବୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ତାଙ୍କୁ ଖୁବ୍ ସ୍ନେହ କରନ୍ତି । ଜଣେ ଛାତ୍ର ହିସାବରେ ସେ ଯେତିକି ସମୟ ପାଠପଢ଼ାରେ ଦେଇଥାନ୍ତି, ଠିକ୍ ସେତିକି ସମୟ ଦିଅନ୍ତି ଦେଶ ବିଦେଶର ନୂଆଁ ନୂଆଁ ଖବର ସଂଗ୍ରହ କରିବା ସହ ଭବିଷ୍ୟତରେ କିଛି ସ୍ୱତନ୍ତ୍ର କରିବାର ଇଚ୍ଛାକୁ ପୂରଣ କରିବାରେ । ସେ ଭଲଭାବେ ଜାଣିଛନ୍ତି ଯେ ଜୀବନରେ ସଫଳତା ପାଇବାକୁ ହେଲେ ଆପଣାର ସାଧନାକୁ ବଳବତ୍ତର ରଖିବାକୁ ପଡିବ । ସେ କଠିନ ପରିଶ୍ରମ ଓ ଦୃଢ଼ ଆତ୍ମ ବିଶ୍ୱାସ ଉପରେ ସବୁବେଳେ ଭରସା ରଖିଥାନ୍ତି । ଏହାସହ ବାପାମାଙ୍କ ସମୟୋଚିତ ପ୍ରେରଣା ଓ ପ୍ରୋତ୍ସାହନ ଏ ଦିଗରେ ତାଙ୍କୁ ଆଗକୁ ମାଡିଚାଲିବାର ସହାୟକ ହୋଇଛି । ପିଲାଟି ବେଳୁ ସେ ଆଖପାଖ ଅଂଚଳ ଓ ବିଦ୍ୟାଳୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଭିଙ୍କ ଠାରୁ ଅନେକ ପ୍ରଶଂସା ସାଉଁଟି ପାରିଛନ୍ତି । ଭକ୍ତପ୍ରସାଦ 2020 ମସିହାରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଦକ୍ଷିଣ କ୍ଷେତ୍ର, ବ୍ରହ୍ମପୁର ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଥିଲେ । 2021ମସିହାରେ ନେତାଜୀ ଶିଶୁ ମନ୍ଦିର, ବ୍ରହ୍ମପୁର ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପ୍ରାଦେଶିକ ମେଧା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଯାହା ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଆୟୋଜିତ ହୋଇଥିଲା । ପୁଣି 2022 ମସିହାରେ ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ବ୍ଲକ୍ ସ୍ତରୀୟ ଜ୍ଞାନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଯାହା ବିଦ୍ୟା ଭାରତୀ ସଂସ୍କୃତ ଶିକ୍ଷା ସଂସ୍ଥାନ, କୁରୁକ୍ଷେତ୍ର ଦ୍ୱାରା ଆୟୋଜିତ ହୋଇଥିଲା । 2023 ମସିହାରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ-ସୁରଭି କାର୍ଯ୍ୟକ୍ରମରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ପ୍ରଥମ ଓ କୁଇଜ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସ୍ଥାନୀୟ ବିଧାୟିକା ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ ମହୋଦୟାଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ଏତିକିରେ ତାଙ୍କ ଯାତ୍ରା ଶେଷ ହୋଇ ନ ଥିଲା ସେ 2024 ମସିହାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଆୟୋଜିତ କୁଇଜ ପ୍ରତିଯୋଗିତରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ । ପୁଣି 2024 ଡିସେମ୍ବର 17 ତାରିଖରେ ଜଗଦଳପୁର ଉଚ୍ଚ ବିଦ୍ୟାଳୟ, ଗୁଣ୍ଠପଡ଼ା ଠାରେ ଓଷ୍ଟା ତରଫରୁ ଆୟୋଜିତ ବ୍ଲକ୍ ସ୍ତରୀୟ ଶିଶୁ ଉତ୍ସବ ବିତର୍କ ପ୍ରତିଯୋଗିତାରେ ସବୁ ପ୍ରତିଦ୍ୱନ୍ଦୀମାନଙ୍କୁ ପଛରେ ପକାଇ ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ସମାଜସେବୀ ସତ୍ୟନାରାୟଣ ସ୍ୱାଇଁଙ୍କ

ISSN NO.
2582-208X

ଦ୍ୱାରା ପୁରସ୍କୃତ ହୋଇଥିଲେ । ଖାଲି ସେତିକି ନୁହଁ 2024-25 ବର୍ଷ ପାଇଁ ହିଞ୍ଜିଳିକାଟୁ ଠାରେ କ୍ଷୁଦ୍ର ଜଳସେଚନ ବିଭାଜନ, ଗଞ୍ଜାମ-୧ ବ୍ରହ୍ମପୁର ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ପାଣି ପଂଚାୟତ ପକ୍ଷ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଚିକିଟି ବିଧାୟକ ମନୋରଞ୍ଜନ ସାମନ୍ତରା ମହୋଦୟଙ୍କ ଠାରୁ ପ୍ରଶସ୍ତି ପତ୍ର ସହ ନଗଦ ଅର୍ଥରାଶି 2000 ଟଙ୍କା ପୁରସ୍କାର ପାଇଥିଲେ । 2024 ମସିହା ଡିସେମ୍ବର 20 ତାରିଖରେ ପି.ଏମ୍ ହାଇସ୍କୁଲ୍, ଗୋପାଳପୁର ଠାରେ ଓଡିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଙ୍ଘ (ଓଷ୍ଟା) ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ ଶିଶୁ ଉତ୍ସବରେ ବିତର୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଭକ୍ତପ୍ରସାଦ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯାଳୟ ତରଫରୁ ଆୟୋଜିତ 1୮ତମ ପ୍ରବାସୀ ଭାରତୀୟ ଦିବସରେ ପୋଷ୍ଟର ପ୍ରେଜେଣ୍ଟସନ୍(ଛବି ଦେଖି କୁହ)ରେ ଭାଗ ନେଇ ପ୍ରଥମ ହୋଇଥିଲେ । ପୁଣି ଆସିକା ହରିହର ହାଇସ୍କୁଲରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ଯାହା ମାନବ ସେବା ସମିତି ତରଫରୁ କରାଯାଇଥିଲା । ପୁଣି ଡ଼ି.ପଲ୍ ସ୍କୁଲରେ ଇଣ୍ଟ ର ସ୍କୁଲ ଲିଟେରାରି କମ୍ପିଟିସନ୍ ବିତର୍କ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । କହିବା ବାହୁଲ୍ୟ ଯେ' ନେତାଜୀ ଜୟନ୍ତୀ ଅବସରରେ ଜାନୁଆରୀ 23 ତାରିଖରେ ଟେକ୍ନିକାଲ୍ ହାଇସ୍କୁଲରେ ଆୟୋଜିତ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ କୁମାର ମହାପାତ୍ରଙ୍କ ଠାରୁ ଟ୍ରଫି ଓ ମାନପତ୍ର ପାଇଥିଲେ । ଏଇ ନିଆରା ସଫଳତାରେ ଭକ୍ତ ପ୍ରସାଦଙ୍କ ଯାତ୍ରା ଶେଷ ହୋଇ ନ ଥିଲା । 2025 ମସିହାରେ ଯୁବିକା (ଯୁବା ବାଲ୍ ବୈଜ୍ଞାନିକ) ପ୍ରବେଶିକା ପରୀକ୍ଷା ଦେଇ ସର୍ବ ଭାରତୀୟ ସ୍ତରରେ କୃତକାର୍ଯ୍ୟ ହୋଇଥିଲେ । ପ୍ରକାଶ ଥାଉ କି ଏହି କାର୍ଯ୍ୟକ୍ରମରେ 2୮ଟି ରାଜ୍ୟ ଓ ସାତଟି କେନ୍ଦ୍ର ଶାସିତ ଅଂଚଳରୁ 350 ଜଣ ମନୋନୀତ ହୋଇଥିଲେ । ସେମାନଙ୍କ ମଧ୍ୟରେ ୨ଜଣ ଓଡ଼ିଆ ପୁଅ ଥିଲେ, ଯେଉଁଠି ଭକ୍ତପ୍ରସାଦ ଯୋଗ୍ୟ ବିବେଚିତ ହୋଇଥିଲେ । ସତୀଶ ଧାୱନ ମହାକାଶ ଗବେଷଣା କେନ୍ଦ୍ର, ଶ୍ରୀହରି କୋଟାରେ ଯୋଗଦେଇ କେନ୍ଦ୍ର ନିର୍ଦ୍ଦେଶକ ଏ.ରାଜରାଜନଙ୍କ ଠାରୁ ପ୍ରମାଣ ପତ୍ର ଗ୍ରହଣ କରିଥିଲେ ଏବଂ ମନୋନୀତ ହୋଇଥିବା 350ଜଣ ଇସ୍ରୋର 7ଟି କେନ୍ଦ୍ରରେ ଗତ ମେ 19 ତାରିଖରୁ ମେ 30ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ମହାକାଶ କାର୍ଯ୍ୟକ୍ରମରେ ଯୋଗଦେଇ ରକେଟ ପ୍ରକ୍ଷେପଣ ଓ ଆନ୍ତରିକ୍ଷ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଥିଲେ । ଭକ୍ତପ୍ରସାଦଙ୍କ ଏଇ ନିଆରା

ISSN NO.
2582-208X

ସଫଳତାରେ ପିତାମାତା, ସାଙ୍ଗସାଥି, ବିଦ୍ୟାଳୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକମାନେ ବହୁତ ଖୁସି ପ୍ରକଟ କରିଥିଲେ ।

ନିଜକୁ ପିତାମାତାଙ୍କ ପାଖରେ ସମର୍ପିତ କରିଥିବା ଭକ୍ତପ୍ରସାଦ ଆଜି ଆଖପାଖ ଅଞ୍ଚଳରେ ଇସ୍ରୋ ବୟ ଭାବେ ପରିଚିତ । ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବୟସ ଠାରୁ ଢେର ଅଧିକ ଅନେକ ସ୍ଥାନରୁ ପୁରସ୍କୃତ ହୋଇ ଆମ ଅଂଚଳ ପାଇଁ ସୁନାମ ଆଣିଛନ୍ତି । ଭକ୍ତପ୍ରସାଦ ଭବିଷ୍ୟତରେ ଜଣେ ଏରୋ ସ୍ପେସ୍ ଇଞ୍ଜିନିଅର ହୋଇ ଦେଶସେବା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ସେ ଅପିଜେ ଅବଦୁଲ କାଲାମଙ୍କୁ ନିଜର ଆଦର୍ଶ ମାନନ୍ତି ଏବଂ ବାପାମାଆଙ୍କ ସ୍ୱପ୍ନକୁ ସାକାର କରିବା ସହ ଆମ ଅଞ୍ଚଳ ତଥା ରାଜ୍ୟର ଗୌରବ ଆଣିବାକୁ ଆଶାବାଦୀ ଅଛନ୍ତି । ଠାକୁରେ କରନ୍ତୁ ଭକ୍ତପ୍ରସାଦ ନିଜ ବହୁ ପ୍ରତିକ୍ଷୀତ ସ୍ୱପ୍ନକୁ ପୂରଣ କରି ଦୁନିଆ ଦାଣ୍ଡରେ ଜଣେ ସୁଦକ୍ଷ ବୈଜ୍ଞାନିକଟିଏ ହୋଇ ଠିଆ ହୁଅନ୍ତୁ । ଜୟ ଜଗନ୍ନାଥ ।

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍,ଆସିକା,ଗଞ୍ଜାମ
ମୋ:9861638736

ISSN NO.
2582-208X

# ପଞ୍ଚୁକ ବ୍ରତ



ଦୀପାଳି ବେହେରା

ମାସ ମଧ୍ୟରେ କାର୍ତ୍ତିକ ମାସ ଶ୍ରେଷ୍ଠ
ବିଷ୍ଣୁଙ୍କ ପ୍ରିୟ ଅଟେ ଏହି ମାସ
ପୁଣ୍ୟ, ଧର୍ମ ମିଳଇ ସବୁ
ଯିଏ କରେ କାର୍ତ୍ତିକ ମାସରେ ବ୍ରତ
ଅବା ପାଳଇ ପଞ୍ଚୁକ ନିଷ୍ଠାରେ,
ଆମିଷ ବର୍ଜନ କରିବାକୁ ହେବ
ହବିଷ ଖାଦ୍ୟକୁ ଖାଇ
ସ୍ନାନ କରି ଶୁଦ୍ଧ ପବିତ୍ର ମନରେ
ହରି ହରି ଭଜି ଗୀତା ପଢ଼ିବ ।

ଭୀଷ୍ମଙ୍କ ପଞ୍ଚୁକ ଅଟେ ଏହି ଦିନ
ପଞ୍ଚୁକ ଅର୍ଥ ମନ ଦେଇ ଶୁଣ
ପଞ୍ଚୁକ ପାଞ୍ଚଟି 'କ' ଦ୍ୱାରା ସୃଷ୍ଟି
ସେଇ 'କ' ଦମନ ଯିଏ କରେ
ସାରା ରାଇଜେ ଖ୍ୟାତ ମିଳେ
ପଞ୍ଚୁକ ପାଳନ ଯିଏ କରନ୍ତି
ଏ ସବୁ 'କ' ରହେ ନାହିଁ ।

ପ୍ରଥମ 'କ' ଅଟେ କାମନା
ବସ୍ତୁକୁ ପାଇବାର ଇଚ୍ଛା
ଦ୍ୱିତୀୟ 'କ' ଅଟଇ କ୍ରୋଧ

ISSN NO.
2582-208X

ବସ୍ତୁକୁ ନ ପାଇଲେ କ୍ରୋଧ
ତୃତୀୟ 'କ' ହେଲା କପଟ
ବସ୍ତୁକୁ କପଟ କରି ଛଡ଼ାଇବା
ଚତୁର୍ଥ 'କ' ଅଟେ କଳହ
ବସ୍ତୁ ସହ ଅନ୍ୟ ସହ ଲଢ଼ିବା
ପଞ୍ଚମ 'କ' ହେଲା କଳଙ୍କ
ବସ୍ତୁ ପାଇଁ ଜେଲ ଯାଇ
ନିଜକୁ କଳଙ୍କିତ କରିବା ।

ସକାଳୁ ନିତି ଦିନିଆ ସ୍ନାନ ସାରି
ପଞ୍ଚୁକରେ ତୁଳସୀ ପୂଜା କରି
ମୁରୁଜ ନିଜ ହାତେ ଆଙ୍କି ,
ନିତି ସେବନ କରିବ ତୁଳସୀ
ବିଷ୍ଣୁଙ୍କ ନାମ କୀର୍ତ୍ତନ କରି
ବର ଓ ଅଶ୍ୱତ ଗଛକୁ ନିତି
ମନ ଶୁଦ୍ଧରେ ପୂଜା କରିବା
ବର ଓ ଅଶ୍ୱତ ହର , ହରି ।

କାଗଜ ଡଙ୍ଗା ଭସାଇ ଦେଇ
ସଭିଁଏ ବୋଲିବା ଗୀତ
"ଆ– କା– ମା – ଭୈ
ପାନ ଗୁଆ ଖାଇ
ପାନ ଗୁଆ ତୋର,
ମାସିକ ଧରମ ମୋର।"

'ଆ' ହେଉଛି ଆଷାଢ଼
'କା' ହେଉଛି କାର୍ତ୍ତିକ,

ISSN NO.
2582-208X

‘ମା’ ହେଉଛି ମାଘ
‘ବୈ’ ହେଉଛି ବୈଶାଖ
ଭୈ ର ଅର୍ଥ ଭୟ କର ନାହିଁ ।

ପୂର୍ବ କାଳରେ ଆମ ଉତ୍କଳର
ସାଧବ ପୁଅମାନେ ଦରିଆପାରି
ବେପାରରେ ପେଟ ପୋଷୁଥିଲେ
ଯିବାକୁ ହୁଏ କାର୍ତ୍ତିକ ମାସରେ
ଆଷାଢ଼ ହେଲା ନିରାପଦ ମାସ
ଝଡ଼ ବାତ୍ୟା ନ ଥାଏ ଏ ସମୟେ
କାର୍ତ୍ତିକ ପୂର୍ଣ୍ଣମୀରେ ଡଙ୍ଗା ଭସାଇ
‘ଆ-କା-ମା-ଭୈ’ ବୋଲାଯାଏ ।

ନିଜ ନିଜ ଡଙ୍ଗା ଭସାଇ ଦେଇ
ସକାଳେ ସୂର୍ଯ୍ୟଙ୍କୁ ପୂଜା କର,
ଗଜା ମୁଗ ଭୋଗ ବାଣ୍ଟି
ଧବଳେଶ୍ୱର ମନ୍ଦିରରେ ଭିଡ଼
କାର୍ତ୍ତିକ ମାସରେ ଏହି ବ୍ରତ
ଯିଏ ପାଳନ କରୁଥାଏ
ସବୁ ଜନ୍ମର ପାପ କ୍ଷୟ ହୁଏ ।

ମୟୂରଭଞ୍ଜ

ISSN NO.
2582-208X

# ଜନ ଜୀବନକୁ କରେ ପୁଲକିତ



ରାଜକିଶୋର ସ୍ୱାଇଁ

ଶ୍ରୀଗୀତ ଗୋବିନ୍ଦ ମହାପ୍ରଭୁଙ୍କର
ମନୋଲୋଭା ପ୍ରିୟ ଅତି
ନୀତି ରାହେ ପଦେ ଶୁଣିଦେଲେ ଏଥୁ
ତୋଷ ହୁଏ ତାଙ୍କ ମତି ।।1।।
ଏ କାବ୍ୟର ରଚୟିତା ଜୟଦେବ
ତାଙ୍କ ସମ କିଏ କାହିଁ
ମନଛୁଆଁ ଭାଷା ଭାବର ଏ ଗ୍ରନ୍ଥ
ଯାହାର ତୁଳନା ନାହିଁ ।।2।।
ହୋଇଲେ ଅକ୍ଷୟ ତୃତୀୟା ତିଥିରେ
କେନ୍ଦୁଲି ଗାଆଁରେ ଜାତ
ଭୋଜଦେବ ବାମା ବମାଦେବୀ ପରା
ତାଙ୍କ ପୂଜ୍ୟ ତାତ ମାତ ।।3।।
ପିଲାବେଳୁ ପିତା ମାତାଙ୍କୁ ହରାଇ
ଭୋଗିଥିଲେ ଦୁଃଖ ଅତି
ଜଗତରୁ ଜଗନ୍ନାଥଙ୍କ ଆଡକୁ
ଢଳ ଥିଲା ତାଙ୍କ ମତି ।।4।।
ଗାଆଁ ଛାଡି ସିଏ ଚାଲି ଯାଇଥିଲେ
ପୁଣ୍ୟ ଧାମ ନୀଳାଚଳେ

ISSN NO.
2582-208X

ପତ୍ନୀ ରୂପେ ତହିଁ ପଦ୍ମାଙ୍କୁ ପାଇଲେ
ମାଧବଙ୍କ କୃପା ବଳେ ।।5।।
ପତ୍ନୀଙ୍କ ପ୍ରେରଣା ବିଭୁ କୃପା ଲଭି
ଏ କାବ୍ୟ ରଚଲେ ସିଏ
ରାଧାକୃଷ୍ଣ ଲୀଳା ବିଳାସର ଗାଥା
ସବୁ ମନ କଣି ନଏ ।।6।।
ଏ କାବ୍ୟର ରୂପ ରସ ଛାନ୍ଦେ ପ୍ରୀତ
ହୋଇ ପ୍ରଭୁ ଚକା ଆଖି
ଛଦ୍ମେ ଆସି ଅଧା ପାଦକୁ ଲେଖିଲେ
କବିଙ୍କର ମନଲାଖି ।।7।।
ଖଣ୍ଡୁଆ ପାଟରେ ଗୀତ ଗୋବିନ୍ଦର
ବୁଣାଯିବାବେଳେ ପଦ
ବୋଲୁ ବୋଲୁ କବି ଶୋଇପଡିବାରୁ
ବୋଲିଲେ ପରମାନନ୍ଦ ।।8।।
ଶ୍ରୀଗୀତ ଗୋବିନ୍ଦ ପାଇଁକି ଆଜିବି
ଅତୁଟ କବିଙ୍କ ଯଶ
ଜନଜୀବନକୁ କରେ ପୁଲକତ
ଏ କାବ୍ୟ ଲାଳତ୍ୟ ରସ ।।9।।
ତାଙ୍କ ଭଳ କବି ପାଇ ଆମେ ଧନ୍ୟ
ନାହିଁ ତାଙ୍କ ପଟ୍ଟାନ୍ତର
ଦେଉ ଶ୍ରଦ୍ଧାଞ୍ଜଳ ଜଣାଉ ପ୍ରଣତି
ଘେନ ଆହେ କବିବର ।।10।।

ଶାନ୍ତନଗର, ନୂଆପଡା,
ପୋ -ନୂଆବଜାର ଜିଲ୍ଲା-କଟକ,
ପିନ -753004
ମୋବାଇଲ -9437442041

ISSN NO.
2582-208X

# ବ୍ରାହ୍ମଣ ଝିଅ



ଅରୁଣ କୁମାର ତ୍ରିପାଠୀ

ସମସ୍ତେ ଜାତି ତଥା କୁଳକୁ ନେଇ ସଶକ୍ତିକରଣ କରେଇବାର ପ୍ରୟାସରେ ନିତ୍ୟ ଚେଷ୍ଟିତ କିନ୍ତୁ କଥା ଯେବେ ବ୍ରାହ୍ମଣ ଝିଅଙ୍କୁ ନେଇ ଆସେ ତେବେ ଜାତିବାଦୀ ବୋଲି ବ୍ରାହ୍ମଣମାନେ ନିନ୍ଦିତ ହୁଅନ୍ତି । କିଛି ସଂରକ୍ଷିତ ବର୍ଗର ଲୋକେ ସବୁ ସମୟରେ ସମାଲୋଚନା ମୂଳକ ମନ୍ତବ୍ୟ ଦିଅନ୍ତି ଯେ ଯେବେ ବ୍ରାହ୍ମଣମାନେ ଆମସହ ତାଙ୍କ ଝିଅଙ୍କୁ ବିବାହ କରେଇଦେବେ ତେବେ ଆମେ ଜାତି ସଂରକ୍ଷଣ ଛାଡ଼ିଦେବୁ ! କର୍ପୋରେଟ ସଂସ୍କୃତିର ମାୟାଜାଲରେ ପଡ଼ି ଅନେକ ବ୍ରାହ୍ମଣ ଝିଅ ସବୁ ଅନ୍ୟଜାତିର ପୁଅଙ୍କୁ ଲୋକସାନି ମେରେଜ କଲେଣି । ବିଧର୍ମୀ ମାନଙ୍କୁ ବ୍ରାହ୍ମଣ ଝିଅଙ୍କୁ ନିଜ ମାୟାଜାଲରେ ପକେଇଲେ ସର୍ବାଧୀକ ଅର୍ଥପ୍ରାପ୍ତି ହେଉଥିବା କଥା ଶୁଣିବାକୁ ମିଳେ । ସରକାରୀ ଚାକିରି ପଛରେ ବାୟା ହେଇ ଅନେକ ବ୍ରାହ୍ମଣ ଦମ୍ପତ୍ତି ନିଜ ଦୁହିତାକୁ ଅନ୍ୟଜାତିରେ ବିବାହ ଦେବାକୁ ତିଳେମାତ୍ର କୁଣ୍ଠାବୋଧ କରୁନାହାନ୍ତି । ଅନ୍ୟଜାତିର ସରକାରୀ ଚାକିରି କରୁଥିବା ଯୁବାଙ୍କ ପ୍ରଥମ ପସନ୍ଦ ହେଉଛି ବ୍ରାହ୍ମଣ ଝିଅ । ଯେହେତୁ ସାମାଜିକ ଇତିହାସରେ ବ୍ରାହ୍ମଣମାନେ ସମସ୍ତ ଜାତିର ଊର୍ଦ୍ଧ୍ୱରେ ରହିଥିଲେ, ବର୍ତ୍ତମାନ ସେମାନେ ନିଜର ପରାକାଷ୍ଠା ପ୍ରଦର୍ଶନ ମାଧ୍ୟମରେ ବ୍ରାହ୍ମଣ ଝିଅଙ୍କୁ ପଟେଇ ନିଜ ସମାଜରେ ଭୋଜି ତଥା ଜୋରିମାନା ଦେଇ ବ୍ରାହ୍ମଣ ଝିଅଙ୍କ ସହ ସଂସାର କରିଲେଣି । ଏଇମିତି ପରିସ୍ଥିତିରେ ଲୋପ ପାଉଥିବା ପ୍ରାଣି ହେଲେଣି ବ୍ରାହ୍ମଣ ଝିଅ । ବିବାହ ନିମନ୍ତେ ବ୍ରାହ୍ମଣଙ୍କୁ ଆଉ ବ୍ରାହ୍ମଣ ଝିଅ ମିଳୁ ନାହାନ୍ତି । ବ୍ରାହ୍ମଣଙ୍କ ଯେଉଁ ନିଷ୍ଠା ତଥା ସାମାଜିକ ପ୍ରତିଷ୍ଠା ରହିଥିଲା ତାହାର ପରିପାଳନ ଏହି ଷଡ଼ଯନ୍ତ୍ରରେ କିଛିକାଂଶରେ ମଉଳି ଯାଉଛି । ନିମ୍ନ ଆଲେଖ୍ୟରେ ସେହି ସଂକାନ୍ତରେ ଆଲୋଚନା କରାଯାଇଅଛି ।

ISSN NO.
2582-208X

ତଥାକଥିତ ମଡ଼ର୍ଣ୍ଣ ହବା ନ୍ୟାୟରେ ଦମ୍ପତି ଗୋଟିଏ ଛୁଆ ପରେ ଆଉ ବଂଶବୃଦ୍ଧି କରେଇବାକୁ ପଛଘୁଞ୍ଚା ଦେଉଛନ୍ତି । ସେହି ଛୁଆ ପଛରେ ନିଜର ସମସ୍ତ ଅର୍ଥଶ୍ରାଦ୍ଧ କରିଦେଉଛନ୍ତି । ରାଜକୁମାର ରାଜକୁମାରୀ ଭଳି ତାହାଙ୍କ ଲାଳନ ପାଳନ କରୁଛନ୍ତି । ଏହିଭିତରେ ଜାତିପ୍ରଥା ଗୌଣ ହେଇଯାଉଛି । କିଛିକିଛି ଛୁଆବେଳୁ ସିନେମାଦେଖି ନିଜର ଜୀବନସାଥି ବାଛିନେଉଛନ୍ତି । ଏମିତିରେ ସାନବୟସରୁ ବ୍ରାହ୍ମଣଝିଅ ଅନ୍ୟଜାତି ଆଡ଼କୁ ମୁହେଁଇଲେଣି । ଯେତେବେଳେ ବୟସବୃଦ୍ଧି ହେଉଛି ନବମ ଦଶମ ବେଳକୁ ବିଧର୍ମୀ ତଥା ଅନ୍ୟଜାତି ବଗୁଲିଆ ଟୋକାଙ୍କ ଫେକ କେୟାରିଂ ଜାଲରେ ପଡୁଛନ୍ତି କିଛି ଅନୁଢା । କଲେଜ ସମୟରେ କଳେ ବଳେ କୌଶଳରେ ବ୍ରାହ୍ମଣ ଝିଅଙ୍କୁ ଅକ୍ତିଆର କରି ବ୍ରାହ୍ମଣଙ୍କ ପଡିଆରା କୁ ଆଞ୍ଚଦେବା କିଛିଲୋକଙ୍କ ରିତିମତ ଅଭ୍ୟାସ ହେଇଗଲାଣି । ଯେବେ ଝିଅଟିର ବୟସ ବଢୁଛି ଚାକିରି ନାମରେ ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲି, ମୁମ୍ବାଇ ଆଦି ମେଟ୍ରୋ ସହରରେ ଏଭଳିକି କିଛି ବିଦେଶରେ ସଫ୍ଟୱେର ଇଂଜିନିୟର ନାମରେ ପ୍ରତିଭା ବହିର୍ଗମନ ହେଇ ପରିବାରଠୁ ଦୂରରେ ରହି ନିଜକୁ ଏକଲା ଅନୁଭବ କରୁଛନ୍ତି । ନିଜ ଏକଲାପଣକୁ ନାଶିବା ନିମନ୍ତେ ପ୍ରଥମ ପସନ୍ଦ ରହୁଛନ୍ତି ସହକର୍ମୀ । ନିଜର ଏକୋଇରବେଳା ଯେ ଦୁନିଆର ସର୍ବୋତ୍ତମ ଯୁବା ଏହି ଆତ୍ମଜ୍ଞାନରେ ରହୁଛନ୍ତି ଅନେକ ପିତାମାତା । ମୋ ସନ୍ତାନକୁ ମୁଁ ଠିକ୍ ସଂସ୍କାର ଦେଇଛି, ମୋ ପିଲା କେବେବି ଖରାପ ବାଟକୁ ଯିବ ନାହିଁ, ମୋ ରକ୍ତ ଏତେ କଦର୍ଯ୍ୟ ନୁହଁ ! ଏହିଭଳି ତଥାକଥିତ ରକ୍ଷଣଶୀଳ ଜ୍ଞାନ ଆଳରେ ବଳିପଡୁଛନ୍ତି ଅନେକ ବ୍ରାହ୍ମଣ ଝିଅ । ଯେବେ ପରିବାରଠୁ ଦୂରେଇ ରହନ୍ତି ସେହି ସମୟରେ ଉପଯୁକ୍ତ ସମନ୍ୱୟ ପିତାମାତାଙ୍କ ତରଫରୁ ନିଆଯାଉନାହିଁ ।



ISSN NO.
2582-208X

ଆଜିକାଲି ସରକାରୀ ଚାକିରିର ମୋହ ସମସ୍ତଙ୍କୁ ଗ୍ରାସ କରିଅଛି । ଯଦିଓ ସମଗ୍ର ଚାକିରି କ୍ଷେତ୍ରର ମାତ୍ର ୬ ପ୍ରତିଶତ ସରକାରୀ କ୍ଷେତ୍ରରୁ ଥାଏ, ଆଉ ସେହି ମଧ୍ୟରେ ସଂରକ୍ଷଣ ହେଇ ତିନି ପ୍ରତିଶତ ସାଧାରଣ ବର୍ଗର ପ୍ରତ୍ୟାଶୀଙ୍କ ହାତରେ ଥାଏ । ସେହି ମଧ୍ୟରେ ବ୍ରାହ୍ମଣଙ୍କ ସହ ଅନ୍ୟାନ୍ୟ ସାଧାରଣ ସମ୍ପ୍ରଦାୟର ଯୁବା ରହିଥାନ୍ତି । ଏହିଭଳି ପରିସ୍ଥିତିରେ ସମସ୍ତ ପିତାମାତା ନିଜ ଦୁହିତା ନିମିତ୍ତ ସରକାରୀ ଚାକିରି କରୁଥିବା ଯୁବା ଖୋଜିବା ମୂର୍ଖାମି ତଥା କାଠିକର ପାଠ । ଯାହା ହେଲେ ବି ସରକାରୀ ଚାକିରି ଜୋଇଁ ଦରକାର ନାମରେ ଅନେକେ ବିଜାତିରେ ନିଜ ଝିଅଙ୍କୁ ସମର୍ପି ଦେଉଛନ୍ତି । ଅଳ୍ପ ବି ଅକ୍ଷର ପାଠପଢି ସଂରକ୍ଷଣ ଅବା ବିନା ସଂରକ୍ଷଣରେ ସରକାରୀ ଚାକିରି କରୁଥିବା ଯୁବାଙ୍କ ପ୍ରଥମ ପସନ୍ଦ ହେଉଛି ବ୍ରାହ୍ମଣଙ୍କ ଦୁଲାରି । କିଛି କ୍ଷେତ୍ରରେ ନିଜ ସରକାରୀ କାର୍ଯ୍ୟାଳୟ ଯେକୌଣସି ପଦବୀର ବ୍ରାହ୍ମଣ ସହକର୍ମୀଙ୍କୁ ନିଜ ପ୍ରତିପତ୍ତି ଆଳରେ ପ୍ରେମ ଜାଲରେ ଫସେଇଦିଆଯାଉଛି । ଆଉକିଛି କ୍ଷେତ୍ରରେ ମଧ୍ୟସ୍ଥି ମାନଙ୍କୁ ମୋଟା ଅଙ୍କର ଲାଞ୍ଚଦେଇ ବ୍ରାହ୍ମଣ ପ୍ରତ୍ୟାଶୀଙ୍କୁ ନିଜ ନିମନ୍ତେ କନ୍ୟାଭାବେ ଜୁଟେଇଲେଣି ଅନ୍ୟ ସମ୍ପ୍ରଦାୟର ଯୁବା । ବ୍ରାହ୍ମଣଙ୍କ ଗରିବ ହେବା ତଥା ବିବାହରେ ହେଉଥିବା ଖର୍ଚ୍ଚ କିଛିକ୍ଷେତ୍ରରେ ଏହିଭଳି ଅପସଂସକାରକୁ କ୍ରିୟାନ୍ୱୟନ କରୁଅଛି । ଅନ୍ୟ ଜାତିର ଲୋକେ ବ୍ରାହ୍ମଣ ଝିଅଙ୍କୁ ସହଜରେ ଗ୍ରହଣ ନକଲେ ସଂପୃକ୍ତ ସମାଜରେ ଆଖିଦୃଶିଆ ଜୋରିମାନା ତଥା ଭୋଜିଭାତ ଦେଇ ଜାତିରେ ମିଶାଯାଉଛି ବ୍ରାହ୍ମଣ ଝିଅଙ୍କୁ । ସମସ୍ତେ ନିଜ ଜାତି ପାଇଁ ସଚେତନ କିନ୍ତୁ ବ୍ରାହ୍ମଣଙ୍କ ସେହି ଭାବନା ଅନେକ କ୍ଷେତ୍ରରେ ଗୌଣ ରହୁଛି । ବ୍ରାହ୍ମଣ ପିତାମାତାଙ୍କ ମେଧାଶକ୍ତିର ଅଭାବ ଆଜିର ସମାଜରେ ଏକ ମୁଖ୍ୟ ସମସ୍ୟା ହେଇ ଉଭା ହେଇଅଛି । ବ୍ରାହ୍ମଣ ଶବ୍ଦକୁ ନେଇ ସାମାଜିକ ଗଣମାଧ୍ୟମରେ ଲେଖିଦେଲେ ବ୍ୟକ୍ତିଟି ଜାତିବାଦୀ ଆଖ୍ୟା ଅଚିରେ ପାଇଯାଉଛି । ସମସ୍ତେ ନିଜ ନିଜ ଜାତିପାଇଁ ଜାତି ମିଟିଂ କରୁଛନ୍ତି କିନ୍ତୁ ବ୍ରାହ୍ମଣ ମାନେ ନିଜର ମୌଳିକ ତଥା ପାରିବାରିକ ସମସ୍ୟାରେ ଜୁଝି କେତେବେଳେ ସକାଳରୁ ସଞ୍ଜ ହେଉଛି ଜାଣିପାରୁନାହାନ୍ତି । ଅନ୍ୟଜାତିରେ ବିବାହ ପଶ୍ଚାତ୍ ସାମାଜିକ ତଥା ପାରିବାରିକ ସଂସ୍କୃତିର ସମନ୍ୱୟ ଅଭାବ ଯୋଗୁଁ ଅନେକ କ୍ଷେତ୍ରରେ ଛାଡ଼ପତ୍ର ମାମଲା ବଢୁଛି । ଦ୍ୱିତୀୟ ବିବାହ ସହର ମାନଙ୍କରେ ସାଧାରଣ କଥା ହେଇଗଲାଣି । ବ୍ରାହ୍ମଣଙ୍କ ସଶକ୍ତିକରଣ ନିମିତ୍ତ ଅନେକ ବ୍ରାହ୍ମଣ ସମାଜ ତଥା ପରିଷଦ ଦେଖିବାକୁ ମିଳିଲାଣି । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଅହଂକାର ତଥା କୁଟିଳ ରାଜନୀତିରେ ବ୍ରାହ୍ମଣ ପରିଷଦର ମୁଖ୍ୟ ମୁଖ୍ୟ ପୁରୋଧାଙ୍କ ଉପରୁ ଅନ୍ୟାନ୍ୟ ସଦସ୍ୟଙ୍କ ଭରସା ତୁଟିଯାଉଛି । ଏହି ମଧ୍ୟରେ ଅଭାବ ରହୁଛି ଉପଯୁକ୍ତ ଜ୍ଞାନ

ISSN NO.
2582-208X

ତଥା ସମନ୍ୱୟର । ଏହିଭଳି ପରିସ୍ଥିତି ଜାରି ରହିଲେ ସମାଜରେ ଅନେକ ବର୍ଣ୍ଣଶଙ୍କର ବୁଲିବେ ଯେଉଁମାନେ ସମାଜ ପାଇଁ ବିପଦ ବୋଲି ଶଙ୍କରାଚାର୍ଯ୍ୟ କହିଅଛନ୍ତି । ରୋଗାକ୍ରାନ୍ତ ଜରାଗ୍ରସ୍ତ ମନୁଷ୍ୟ ଠାରୁ ସମାଜର ଉନ୍ନତିବିଧାନ କଥା କିଭଳି ଆଶା କରାଯାଇପାରେ ? ଯେଉଁ ମହାନ ସଂସ୍କୃତି ଏବଂ ପରମ୍ପରାର ଆମେ ଦାୟାଦ ତାହାର ସଂରକ୍ଷଣ ଆମ୍ଭର ଉତ୍ତର ଦାୟିତ୍ୱ ନୁହେଁ କି? ନିଜ ଜାତିର ସାମୂହିକ ଉନ୍ନତି ନିମିତ୍ତ ବ୍ରାହ୍ମଣଗଣ ଆଗେଇ ଆସିବା ଉଚିତ ।

ପାର୍‌ବେଡ଼ା, ଜୟପୁର
ମୋ - ୯୦୭୮୮୩୮୬୨୭

ISSN NO.
2582-208X

# ଟାହିଆ



ସୁନନ୍ଦା ମହାନ୍ତ

ସ୍ୱର୍ଗ ବଗିଚାରେ ପାରିଜାତ ଫୁଟିଲା ଭଳି ଅମୀୟଙ୍କ ବଗିଚାରେ ଯୋଉଦିନ ବ୍ରହ୍ମକମଳ ଫୁଟିଲା ତାଙ୍କ ଘର ସ୍ୱର୍ଗରେ ପରିଣତ ହୋଇଗଲା ଯେମିତି । ମିଡ଼ିଆ ବାଲା, ସ୍ଥାନୀୟ ଅଧିବାସୀ ସମସ୍ତେ ଆସି ଘେରିଗଲେ । ଏମିତିକି ସ୍ଥାନୀୟ ସରପଞ୍ଚ ମଧ୍ୟ । ଫୋଟୋ ଭିଡ଼ିଓ ଭାଇରାଲ ହୋଇ ଚାରିଆଡେ ଖବର ବ୍ୟାପିଗଲା ସତ ହେଲେ ଅମୀୟଙ୍କ ପତ୍ନୀ ବିଶାଖା କହିଲେ, ପ୍ରଥମ କରି ଫୁଟିଥିବା ବ୍ରହ୍ମକମଳଟିକୁ ଆମେ ଚାଲ ଜଗନ୍ନାଥଙ୍କୁ ଦେବା । ପତିଦେବ ଅମୀୟବାବୁ ରାଜି ହୋଇଗଲେ କହିଲେ ମୁଁ ବାଇକ ବାହାର କରୁଛି ଆସ ହେଲେ ପତ୍ନୀ ଚାଁହୁଥିଲେ ସ୍ଥାନୀୟ ଜଗନ୍ନାଥଙ୍କୁ ପରେ ବ୍ରହ୍ମକମଳ ଦେବା । ପ୍ରଥମେ ପୁରୀ ଯାଇ ଜଗନ୍ନାଥଙ୍କୁ ପ୍ରଥମ ଫୁଟିଥିବା ଫୁଲଟିକୁ ଦେବାକୁ । ପତି କହିଲେ ଏତେବାଟ ଗୋଟେ ରାତି ଟପି ପୁରୀରେ ପହଁଚିଲା ବେଳକୁ ଫୁଲଟି ମଉଳି ଯାଇଥିବ । ସହଜେ ପ୍ରଭୁ ଜଗନ୍ନାଥଙ୍କର ରଥଟଣା ବେଳ ଏଇଟା । ରଥକୁ ଯିବା ପୂର୍ବରୁ ପ୍ରଭୁଙ୍କ ମୁଣ୍ଡର ଫୁଲ ଟାହିଆରେ କେତେ ଜାତି ଜାତି ରଙ୍ଗୀନ ଫୁଲ ସହ ଅନେକ ବ୍ରହ୍ମକମଳ ମଧ୍ୟ ରହିଥିବ । ସେସବୁ ଭିତରେ ତୁମ ହାତ ଲଗା ବ୍ରହ୍ମକମଳ ଗଛର ପ୍ରଥମ ଫୁଲଟିକୁ ଜଗନ୍ନାଥ ମଉଳା ଅବସ୍ଥାରେ ପିନ୍ଧିବେ, ମତେ କାହିଁ ଲାଗୁନି । କୋଉ ପଣ୍ଡାକୁ ଦେବା? ସେ ପୁଣି ରଥରେ ଚଢି ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଫୁଲଟିକୁ ଦେବ କି ନାହିଁ କହିହେବନି । ତଥାପି ତୁମ ଶ୍ରଦ୍ଧା ଓ ଭକ୍ତି ଦେଖି ମୁଁ ମନା କରୁନି । ସ୍ତ୍ରୀ ବିଶାଖା କହିଲେ ହଁ ଠିକ କଥା ମୁଁ ତ ଆଉ ସେହି ଦାସିଆ ବାଉରୀ ନୁହେଁ ଯେ ହାତ ବଢ଼େଇ ନଡ଼ିଆ ନେଲାପରି ପ୍ରଭୁ ଜଗନ୍ନାଥ ମୋ ବ୍ରହ୍ମକମଳ ଫୁଲ ରୂପକ ନୈବେଦ୍ୟ ନେଇଯିବେ ହାତ ବଢ଼େଇ ବା ତୁମେ ମଧ୍ୟ ଭକ୍ତ

ISSN NO.
2582-208X

ସାଲବେଗ ନୁହଁ ଯେ ଆମ ପାଇଁ ରଥ ଅପେକ୍ଷା କରିବ । ତଥାପି ମନ କରିଛେ ଯିବା ଚାଲ ।

ଦୁହେଁ ନିଜ କାରରେ ବାହାରି ପଡିଲେ । ଘାଟି ପରେ ଘାଟି ପାର ହୋଇ ପୁରୀରେ ପହଞ୍ଚିବା ବେଳକୁ କଟକଣା । ଗାଡି ବୁଲାଇକି ବାଲିଘାଟ ଦେଇ ପୁରୀ ସଦର ବ୍ଲକ ପାଖେ ଗାଡି ପାର୍କିଙ୍ଗ କରି ଯିବାକୁ ପଡିବ । ଭାଲେଣି ପଡ଼ିଗଲା ସ୍ୱାମୀ ସ୍ତ୍ରୀଙ୍କର । ଗାଡି ଚଲେଇ ଚଲେଇ ହାଲିଆ ଅମୀୟ ପୁଣି ଭୋକ । ସେଥିରେ ପୁରୀ ସଦର ବ୍ଲକ ଅଫିସରୁ ବଡଦାଣ୍ଡକୁ ଯିବା କି ଯେ କଷ୍ଟ! ତଥାପି ଦୁହେଁ ଚାଲିଲେ । ଚାଲୁ ଚାଲୁ ଥକି ପଡି ମଧ୍ୟ କୋଉଠି କିଛି ଖାଇ ନଥାନ୍ତି ଦୁହେଁ । ରଥ ଆଗରେ ଜଗନ୍ନାଥ ମହାପ୍ରଭୁଙ୍କୁ ନିଜ ହସ୍ତରେ ଫୁଲଟିକୁ ସମର୍ପଣ କରି ସାରିବା ପରେ ଯାହା ଖାଦ୍ୟ ପାନୀୟ ଗ୍ରହଣ କରିବେ ଭାବି ଦୁହେଁ ଆଗେଇ ଚାଲୁଥାଆନ୍ତି । ଶୁଣିଲେ ଜଗନ୍ନାଥଙ୍କ ରଥ ସିଂହଦ୍ୱାରେ ଅଟକିଛି । ପୁଣି ବଡଦାଣ୍ଡରୁ ବିପରୀତ ଦିଗରେ ଭିଡ଼ ଠେଲି ସିଂହଦ୍ୱାରେ ପହଁଚିଲା ବେଳକୁ ଶୁଣିଲେ ପଣ୍ଡାଙ୍କ ଠାରୁ ଯେ ଶହେ ଆଠ ବ୍ରହ୍ମକମଳରୁ ଗୋଟିଏ ନିଅଣ୍ଟ ଥିବାରୁ ଟାହିଆ ପ୍ରସ୍ତୁତ ହୋଇପାରୁନି । ସେହି ପଣ୍ଡାଙ୍କୁ ଅନୁନୟ କରି ସ୍ୱାମୀ ସ୍ତ୍ରୀ ଦୁହେଁ କହିଲେ ଆମ ପାଖରେ ବ୍ରହ୍ମକମଳ ଫୁଲଟିଏ ଅଛି । ଯୋଉ ଭାଇ ଟାହିଆ ପ୍ରସ୍ତୁତ କରନ୍ତି ତାଙ୍କ ପାଖକୁ ନେଇଗଲେ ଆମେ ଆଣିଥିବା ବ୍ରହ୍ମକମଳ ଫୁଲଟିକୁ ସେ ଯଦି ଗ୍ରହଣ କରିନିଅନ୍ତେ ତେବେ ତାଙ୍କ ମନୋସ୍କାମନା ପୁରଣ ହୋଇଯାଆନ୍ତା ସେ ଶହେଆଠ ବ୍ରହ୍ମକମଳର ଟାହିଆ ପ୍ରସ୍ତୁତ କରିପାରନ୍ତେ ଆଉ ଆମ ଦୁହିଁଙ୍କ ମନୋବାଞ୍ଛା ପୁରଣ ହୋଇଯାଆନ୍ତା ଯେ ଆମ ବାଡ଼ିରେ ଫୁଟିଥିବା ପ୍ରଥମ ବ୍ରହ୍ମକମଳ ଜଗନ୍ନାଥଙ୍କ ଟାହିଆରେ ଲାଗିପାରିଲା । ପଣ୍ଡା କହିଲେ ଦେଖେଇଲ ଫୁଲ ତ ଅତି ଯତ୍ନରେ ସାଇତି ଥିବା ଫୁଲଟିକୁ କାଢିବାକୁ ଯାଇ ବିଶାଖା ଦେଖିଲେ ଫୁଲ ଉଭାନ । କାନ୍ଦି ପକେଇଲେ ଝର ଝର ଦୁହେଁ ସ୍ୱାମୀ ସ୍ତ୍ରୀ । ଏତେ ପରିଶ୍ରମ ବୃଥା ଗଲା । କିଏ ନେଇଗଲା ଫୁଲଟିକୁ? କୋଉଠି ହଜିଗଲା ତାଙ୍କ ଭକ୍ତି ପସରା! ସେହି ସମୟରେ ଟାହିଆ ପହଞ୍ଚି ଗଲା । ନିଅଣ୍ଟ ଫୁଲଟି ଜଣେ ବ୍ରାହ୍ମଣ ଦାମ୍ପତ୍ତି କୋରାପୁଟରୁ ନେଇ ଆସି ଦେଇଥିଲେ ସମ୍ପୃକ୍ତ ଟାହିଆ ପ୍ରସ୍ତୁତକାରୀଙ୍କୁ । ସ୍ୱାମୀ ସ୍ତ୍ରୀ ଦୁହେଁ ଚମକି ପଡି ନିଜ ନିଜକୁ ଚାହିଁଲେ । ସେମାନେ ତ କୋରାପୁଟରୁ ଆସିଛନ୍ତି! ଆଉ କିଏ କୋଉ ବାଟେ କେତେବେଳ କେମିତି ଏତେଚଞ୍ଚଳ ଫୁଲ ନେଇ ପହଁଚିଲେ ପୁଣି କୋରାପୁଟରୁ ଭାବି ଆଖି ଛଳ ଛଳ କରିପକେଇ ରଥକୁ ଦେଖୁଥିଲେ । ପହଣ୍ଡି ଛେରାପହଁରା ଇତ୍ୟାଦି ସାରି ଜଗନ୍ନାଥ ଉପବେଶନ କରିଥିଲେ ରଥରେ ତ ରଥ ଗଡୁନଥିଲା । ଜଣେ ପଣ୍ଡା ଦଉଡି ଆସି ଅମୀୟ ଓ ବିଶାଖାଙ୍କ ହାତ ଧରି

ISSN NO.
2582-208X

କହିଲେ ଆପଣ ଦୁହେଁ ବ୍ରହ୍ମକମଳ ଫୁଲଟିକୁ ମତେ ଦେଇନଥିଲେ ମୋ ମାନସିକ ଅପୂରଣୀୟ ରହିଯାଇଥାଆନ୍ତା । ଆସନ୍ତୁ ରଥ ଉପରେ ଜଗନ୍ନାଥ ଦର୍ଶନ କରିବେ । ଦୁହେଁ ପଣ୍ଡାଙ୍କ ସଙ୍ଗେ କୋଉ ସମ୍ମୋହନରେ ଯାଇ ରଥରେ ଜଗନ୍ନାଥଙ୍କ ଗୋଡ଼ ତଳେ ପଡ଼ିଥିଲେ ତ ରଥ ଗଡୁଥିଲା ଝାଇଁକି ଝାଇଁ....ଝିଝାଇଁ ଝାଇଁ ।

,,,,,,,,,,,,,,,,,,,,,,,,

ସାକ୍ଷୀଗୋପାଳ, ପୁରୀ/9040977327

ISSN NO.
2582-208X

# କୋଳକୁ ମୋର ଦେ ସନ୍ତାନ



ବର୍ଷାରାଣୀ ପ୍ରଧାନ

ଏ ମଲା ତନେ ମୋର ଭରିଦେ ତୁ ପ୍ରାଣ,
ଭକତ ମୁଁ ତୋର, ବନ୍ଧୁ ତୁ ମୋର ଜଗମୋହନ।
ତୋ ବଂଶୀ ସୁରେ ବନ୍ଧା ମୋ ଜୀବନଛନ୍ଦ,
ତୋ ବିନା କିଏ ଅଛି ବୁଝିବାକୁ ମୋ ଭଲମନ୍ଦ।
ସନ୍ତାନଟେ ପାଇଁରେ ମୋ କୋଳ ବ୍ୟାକୁଳ,
କୋମଳ କଣ୍ଢେଇକୁ ଦେଖିବାକୁ ଆଖି ନିଶ୍ଚଳ।
ଅବୁଝାଟେ ତୁ, ପାରୁନୁ ବୁଝି ଭକତମନ,
କୋଳକୁ ମୋର ଦେ ସନ୍ତାନ,
ତୋ ନାମେ କରିବି ତା' ନାମକରଣ।
କୋଳକୁ ମୋର ଦେ ସନ୍ତାନ,
ତୋ ନାମେ କରିବି ତା' ନାମକରଣ।
ଦୁଃଖ ଦେଇ କାଇଁ ତୁ ମୁରୁକି ହସୁଛୁ,
ଅନ୍ଧର ଲଉଡ଼ି ହେଇ ମୋର ସାଥେ ରହିଛୁ।
ଖେଳୁ କାଇଁ ଲୁଚକାଳି, ନଉ ପରୀକ୍ଷା,
ମନର ବେଦନା ବୁଝିଯିବୁ ଦିନେ ଅଛି ଆକାଂକ୍ଷା।
ପଠୁଛି ନୀତି ତୋ ଗୋପାଳ ଚାଳିଶା,
ବିଶ୍ୱାସ ତୁ ମୋର, ଭଙ୍ଗିବୁନି ମୋ ଆଶା ଭରସା।
ସ୍ୱାଭିମାନ ତୁ ମୋର, ରଖିବୁ ଆଜି ଏ ଭକତ ମାନ,

ISSN NO.
2582-208X

କୋଳକୁ ମୋର ଦେ ସନ୍ତାନ,
ତୋ ନାମେ କରିବି ତା' ନାମକରଣ।
କୋଳକୁ ମୋର ଦେ ସନ୍ତାନ,
ତୋ ନାମେ କରିବି ତା' ନାମକରଣ।
ଭକତ ମନ ନୁହେଁ ତ ତତେ ଅଜଣା,
ପଣତ କାନିରେ ମୋର ଦେଇଦେ ମୋ ଭିକ୍ଷା ପାଉଣା।
ବାଦ ଅପବାଦ ସହି ମୁଁ ମରିତ ଗଲିଣି..ପାରୁନି ଆଉ ସହି,
ଛାତିର କୋହକୁ ତୋ ଛଡ଼ା ଆଉ କାହାକୁ କହି କି ପାରିବି
ନୀରବେ ରହିଛୁ କାଇଁ ତୁ କେଜାଣି!
ଲୁହ ଦରିଆରେ ଭାସୁଛି ମୁଁ, ନେ ମୋ ହାତକୁ ଟାଣି।
ନେଇଯାରେ ତୋ ପାଖକୁ ଛୁଇଁବି ତୋ ଚରଣ,
ତୁ ପରା ମୋ ଗୋବିନ୍ଦ ଗୋପାଳ, ମୋ ବନ୍ଧୁ ଜଗମୋହନ।
ଜନ୍ମାଷ୍ଟମୀରେ ତୋର ଆଜି କରିଦେ ମୋତେ ତୁ ଦାନ,
କୋଳକୁ ମୋର ଦେ ସନ୍ତାନ,
ତୋ ନାମେ କରିବି ତା' ନାମକରଣ।
କୋଳକୁ ମୋର ଦେ ସନ୍ତାନ,
ତୋ ନାମେ କରିବି ତା' ନାମକରଣ।

କୋତନା, ଝାରବନ୍ଧ, ବରଗଡ଼

ISSN NO.
2582-208X

# କୃପାମୟୀ ମାଆ



ଅର୍ପିତା ମହାପାତ୍ର

ମହୀ ସୁସଜ୍ଜିତ ଧବଳ ବେଶରେ
ମାଆ ମୋ ଆସିବେ ବୋଲି ।
ଭକତ କରିଛି ଅପେକ୍ଷା ତୁମର
ହାତେ ଧରି ଅର୍ଘ୍ୟଥାଳ ॥
ଗ୍ରାମଠୁ ସହର ପ୍ରକମ୍ପିତ ଆଜି
ଶୁଭେ ପାର୍ବଣର ହୁରି ।
ମାଆ ଆଗମନେ ହସିବ ଏ ଧରା
ଦୁଃଖ ଯିବ ଅପସରି ।।
ଭକତ ପ୍ରାଣର ସ୍ପନ୍ଦନ ଗୋ ତୁମେ
ଆଖି ମୋ ତୁମକୁ ଖୋଜେ ।
ତୁମରି ଭାବନା କରେ ଆନମନା
ଭକତ ଭାବରେ ମଜ୍ଜେ ॥
କୃପାମୟୀ ମାଗୋ ଚାହିଁ ଦିଅ ଥରେ
ତୁମ କୃପା ନୟନରେ ।
ଅଭୟ ଦାୟିନୀ ବିଘ୍ନ ବିନାଶିନ
ବନ୍ଦେ ତବ ଶ୍ରୀପୟରେ ॥
ତୁମେ ସଦା ପ୍ରିୟ ଲାଗୁଥାଅ ମାଆ
ଆଶିଷ ଦିଅ ଝରାଇ ।

ISSN NO.
2582-208X

ହୃଦେ ଜାଗି ଉଠୁ ନିର୍ମଳ ଭକତି
ତୁମ ଦରଶନ ପାଇ ॥
ଶାନ୍ତ, ମୈତ୍ରୀ ଭାବ ଖେଳଯାଉ ମାଆ
ସଭିଙ୍କର ହୃଦୟରେ ।
ତବ କୃପା ନିରନ୍ତର ବର୍ଷୁଥାଉ
ଏତିକି କାମନା କରେ ॥

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ, ଓଡିଆ ବିଭାଗ,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

ISSN NO.
2582-208X

# "ଅନାଗତ" କନ୍ୟାଭ୍ରୁଣ ପରିଚୟ ସନ୍ଧାନ ଏକ ବିଡ଼ମ୍ବିତ ଅଧ୍ୟାୟ



ସିଦ୍ଧାର୍ଥ ସେଠୀ

ଓଡ଼ିଶା ଇତିହାସର ଏକ ଅଭୁଲା ସ୍ମୃତି ଦଳେଇ ଘାଇ ଭାଙ୍ଗିବା । ଏହି ଦିନ ଓଡ଼ିଆ ନାଟ୍ୟ ସାହିତ୍ୟ ଇତିହାସର ଏକ ଚିରସ୍ମରଣୀୟ ଦିବସ। ଏଥିପାଇଁ ଗୋଟିଏ ପ୍ରସିଦ୍ଧି ନାମକୁ ଆଗାମୀ ଭବିଷ୍ୟତରେ ତା' ଅନ୍ତରରେ ସ୍ଥାନ ଦେବା। ଉପରୋକ୍ତ ସ୍ମୃତିଦ୍ୱୟ ଉପସ୍ଥାପନ କରିବାର ଯଥାର୍ଥତା ହେଉଛି ୧୮୫୫ ମସିହା ସେପ୍ଟେମ୍ବର ୬ ତାରିଖ ଦିନର ଘଟଣା ଗୋଟିଏ ପଟେ ଦଳେଇ ଘାଇ ଭାଙ୍ଗୁଛି, ଅନ୍ୟ ପଟେ କେନ୍ଦ୍ରାପଡ଼ା ଜିଲାର ଅରଡ଼ା ସାହିରେ ଦମ୍ପତି ହରି ସାହୁ ଓ ମାଳତୀ ସାହୁଙ୍କ କୋଳ ମଣ୍ଡନ କରୁଛନ୍ତି ନାଟ୍ୟକାର ନାରାୟଣ ସାହୁ। ଜୀବନର ଉତ୍ଥାନ୍ ପତନ, ସଂଘର୍ଷ ମଧ୍ୟରେ ଲକ୍ଷ୍ୟ ପଥରୁ ନହଟି ସଫଳ ନାଟ୍ୟକାର ଭାବେ ଓଡ଼ିଆ ନାଟ୍ୟ ଜଗତରେ ନିଜକୁ ପରିଚିତ କରାଇବାରେ ଜଣେ ଯଶସ୍ୱୀ ପ୍ରତିଭା। ଶ୍ରୀ ସାହୁ ଏକାଧାରରେ ଜଣେ ସଫଳ ନାଟ୍ୟକାର, ଅଧ୍ୟାପକ, ସାହିତ୍ୟ ସମାଲୋଚକ ଓ ଚିତ୍ର ନାଟ୍ୟକାର। "ଅସ୍ତ ରାଗର ଏଲିଜି" ରେଡ଼ିଓ ନାଟକରୁ ଆରମ୍ଭ ତାଙ୍କର ନାଟ୍ୟଯାତ୍ରା। ପଛକୁ ଫେରି ଚାହିଁନାହାନ୍ତି। ଇତିହାସକୁ ଅଧ୍ୟୟନ କରିଛନ୍ତି । ସମାଜକୁ ପରଖିଛନ୍ତି। ଜୀବନକୁ ବୁଝିଛନ୍ତି। ପରେ ୧୯୮୦ ପରବର୍ତ୍ତୀ ସମୟରୁ ଓଡ଼ିଆ ନାଟ୍ୟ ଜଗତକୁ ଭେଟି ଦେଇ ଚାଲିଛନ୍ତି ଅନେକ ଛୋଟ ବଡ଼ ନାଟକ। ଏହା ମଧ୍ୟରେ ଶ୍ରୀ ସାହୁ ୪୦ରୁ ଊର୍ଦ୍ଧ୍ୱ ନାଟକ ଓ ୫୦ ଅଧିକ ଏକାଙ୍କିକା ପ୍ରକାଶ କରିସାରିଛନ୍ତି।ତାଙ୍କର ସମସ୍ତ ନାଟକ ଗୁଡ଼ିକ ମଧ୍ୟରେ "ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର" ନାଟକଟି ୧୯୯୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରର ଗୌରବ ଆଣିଦେଇଛି ।

ଇତି ମଧ୍ୟରେ ଓଡ଼ିଶାର ନବନାଟକ ଆନ୍ଦୋଳନର କ୍ଷେତ୍ରରେ ଯେଉଁ ସୂତ୍ରପାତ ମନୋରଞ୍ଜନ ଦାସ ଆରମ୍ଭ କରିଥିଲେ ୧୯୮୦ ମସିହା ପରବର୍ତ୍ତୀ ସମୟରେ ଏହି ନାଟ୍ୟ ଆନ୍ଦୋଳନକୁ ଯେଉଁ ନାଟ୍ୟକାର ମାନେ ପରିପୁଷ୍ଟ ତଥା ପ୍ରସାରିତ କରିବାରେ ସହାୟକ

ISSN NO.
2582-208X

ହୋଇଛନ୍ତି, ସେମାନଙ୍କ ମଧ୍ୟରେ ନାଟ୍ୟକାର ସାହୁ ଅନ୍ୟତମ। ଡ଼.ସାହୁ ତାଙ୍କ ନାଟକରେ ମଣିଷକୁ ମୁଖ୍ୟ କେନ୍ଦ୍ରବିନ୍ଦୁ ଭାବରେ ଗ୍ରହଣ କରିଥାନ୍ତି ଏବଂ ସେହି ମଣିଷର ହସ-କାନ୍ଦ, ସୁଖ-କାନ୍ଦ, ଆଶା-ନିରାଶା, ଚିନ୍ତାଧାରା, ଅହଙ୍କାର, ନିଃସଙ୍ଗତ, ଯୁକ୍ତିସର୍ବସ୍ୱ ଜୀବନ, ଆତ୍ମପୀଡ଼ନ ଓ ସମ୍ବେଦନଶୀଳତା ଇତ୍ୟାଦି ତାଙ୍କ ନାଟକ ର ମୁଖ୍ୟ ସ୍ୱର। ଶ୍ରୀ ସାହୁଙ୍କ ନାଟକରେ ପାରମ୍ପରିକତା ସହିତ ପରୀକ୍ଷାଧର୍ମିତାର ସମନ୍ୱୟ ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ତାଙ୍କୁ ନାଟକର ସୃଷ୍ଟ ଚରିତ୍ର ଗୁଡ଼ିକୁ ଖୋଜି ପାଇବାକୁ ବେଶୀଦୂର ଯିବାକୁ ପଡ଼ିନି। ସମାଜର ପ୍ରତ୍ୟେକ ଘଟଣାବଳୀରୁ  ସେ ଚରିତ୍ର ଗୁଡ଼ିକୁ ପାଇଛନ୍ତି। ସେ ନିଜେ ଅନୁଭବ କରିଛନ୍ତି ମଣିଷ ଜୀବନର ଅସହାୟତା, ଜୀବନ ଜୀଇଁବାର ଯନ୍ତ୍ରଣା ଏବଂ ବିଡ଼ମ୍ବିତ ଜୀବନ ମଧ୍ୟରେ ନୂତନ ଆଶାର ସ୍ୱରୂପ ପ୍ରାପ୍ତିକୁ। ବିଶେଷ ଭାବରେ ବିଂଶ ଶତାବ୍ଦୀର ଶେଷ ଦଶକ ଦ୍ୱୟ  ତାଙ୍କୁ ଓ ତାଙ୍କ ନାଟ୍ୟ ଜଗତକୁ ଭବିଷ୍ୟତର ଅଭିମୁଖେ ଅଗ୍ରସର ପାଇଁ ଆହ୍ୱାନ ଦେଇଛି। ଯାହା ଫଳରେ ଏକବିଂଶ ଶତାବ୍ଦୀରେ ତାଙ୍କର ନାଟ୍ୟ ଶୈଳୀ ହୋଇଛି ଶାଣିତ। ସମାଜର ଟିକିନିଖି ବାସ୍ତବତାକୁ ସେ ପାଠକ ନିକଟରେ ପହଞ୍ଚାଇବାରେ ଜଣେ ସିଦ୍ଧହସ୍ତ ନାଟ୍ୟଶିଳ୍ପୀ।

ସମାଜରେ ମଣିଷ ନିଜସ୍ୱ ଅସ୍ତିତ୍ୱ କୁ ଉପଲବ୍ଧି କରିବାକୁ ଚାହେଁ। ଜୀବନର ଶେଷ ପର୍ଯ୍ୟନ୍ତ ନିଜପାଇଁ ପଥ ପ୍ରସ୍ତୁତ କରେ ଆଜିର ମନୁଷ୍ୟ ଭବିଷ୍ୟତର ଆଶା ନେଇ ବଞ୍ଚେ। କର୍ମମୟ ଜୀବନରେ ସେ ଚାହେଁ କିଛି ବାଟ ଚାଲିଲା ପରେ ବିଶ୍ରାମ। ସେହି ବିଶ୍ରାମ ରେ ସେ ନିଜର ଭବିଷ୍ୟତର ଭବିତବ୍ୟ ଠାରୁ ଆଶା ରଖେ ଜୀବନର ନୈତିକ କର୍ତ୍ତବ୍ୟ। ଅର୍ଥାତ୍ ଏ କର୍ତ୍ତବ୍ୟର  ପୁରୋଧା କେବଳ ପୁତ୍ର ସନ୍ତାନ। ସାମାଜିକ ମଣିଷର ଅନ୍ତର୍ନିହିତ ଭାବନା ମଧ୍ୟରେ ବଂଶ ରକ୍ଷା ଲୁଚି ରହିଛି।ଝିଅ ସନ୍ତାନ ଟିଏ ପରିବାର ପାଇଁ ଏକ ଅତିଥି ଅବା ବୋଝ।ଯୁବତୀ ବୟସରେ ଉପନୀତ ହେବାପରେ ସେ ହୁଏ ପରଗୋତ୍ରୀ, ପିତା ମାତାଙ୍କ ଠାରୁ ଜନ୍ମ ନେଇ ହୁଏ ସାତପର କିନ୍ତୁ; ପୁତ୍ର ସନ୍ତାନ ଆଗାମୀ ଜୀବନର ସାରଥୀ, ବଂଶ ରକ୍ଷାର ମାଧ୍ୟମ । ଏହି ମାନସିକତାରେ ସମାଜର ମଣିଷ ମାନେ କନ୍ୟା ସନ୍ତାନ କୁ ଭ୍ରୁଣ ଅବସ୍ଥାରୁ ମାରିବା ଅଥବା ପୁତ୍ର ହେବା ଆଶାରେ ଅନେକ କନ୍ୟାର ଜନକ ଜନନୀ ହେବାପରେ ସେମାନଙ୍କୁ ବିଭିନ୍ନ ଅନାଥ ଆଶ୍ରମରେ ଛାଡ଼ିବା କିମ୍ବା ନଇ ନାଳରେ ଫିଙ୍ଗିବା ଅତି ଦୁର୍ଭାଗ୍ୟର ବିଷୟ।

ISSN NO.
2582-208X

ଆମ ସମାଜରେ ମଣିଷ ନିଜେ ନିଜ ଭାଗ୍ୟର ଭଗବାନ ସାଜିବା ଯଥାର୍ଥ ହିଁ ତା' ମୂର୍ଖାମିର ପରିଚୟ। ଭାଗ୍ୟ ଓ ଭଗବାନ୍ ଙ୍କ ଇଚ୍ଛାକୁ ସେ ପରିବର୍ତ୍ତନ କରିବାକୁ ଚାହେଁ । ସେଥିପାଇଁ ସେ ପୁତ୍ର ସନ୍ତାନ ଆଶାରେ ନିଜର ବିଚାର ବୋଧକୁ ହରେଇ ବସେ । କନ୍ୟାଟିଏ ରତ୍ନଟିଏ। ସେହି କନ୍ୟା ହୁଏ ଜନନୀ, ଭଗିନୀ ଏବଂ ଜାୟା। ମାତା ର ଗର୍ଭରୁ ଜନ୍ମନିଏ କନ୍ୟା କିନ୍ତୁ; ଅତି ପରିତାପ ର ବିଷୟ ସେହି ମାତା ପୁତ୍ର ମୋହରେ ନିଜକୁ ଅନ୍ଧ କରିଦିଏ। ବୁଝି ନଥାଏ ସେ ମଧ୍ୟ ଏକ ନାରୀ। ଆଉ ଯାହା ପାଇଁ ସେ ଜନନୀ ହେବାର ସୌଭାଗ୍ୟ ପ୍ରାପ୍ତ କରିଛି। କିନ୍ତୁ ତାର ଭାବନାରେ ଜନନୀ ହେବାର ସାର୍ଥକତା ଥାଏ ପୁତ୍ର ସନ୍ତାନ ରେ। ସବୁ କିଛି ପରେ ମଧ୍ୟ ତା’ ଜୀବନରେ ଶାନ୍ତି ନଥାଏ ।

ସେହିପରି ନାଟ୍ୟକାର ସାହୁ ଏକ କନ୍ୟାଭ୍ରୁଣ ହତ୍ୟାକୁ ନେଇ ନିଜର ନାଟକ 'ଅନାଗତ' କ୍ଷେତ୍ରରେ ବାର୍ତ୍ତା ପ୍ରଦାନ କରିଛନ୍ତି। ଉକ୍ତ 'ଅନାଗତ ' ନାଟକ ଟିରେ ଜଗନ୍ନାଥ, ମିତା, ଯାହାଙ୍କ ମିଳନରେ ଦ୍ୱାରା ଅନାମିକା ନାମକ କନ୍ୟାଭ୍ରୁଣ ସୃଷ୍ଟି ହୋଇଛି ଓ ଡାକ୍ତର ଚରିତ୍ର ମାଧ୍ୟମରେ ସୂଚାଇ ଦେଇଛନ୍ତି ଈଶ୍ୱର ରୂପୀ ଭାବରେ ମଣିଷ ଯେଉଁ ଡାକ୍ତରଙ୍କୁ ମାନିନିଏ ସାମାନ୍ୟ କେତେଟା ଟଙ୍କା ପାଇଁ ସେ ପାଲଟି ଯାଏ ନରହନ୍ତା।

ନାଟ୍ୟକାର ଶ୍ରୀ ସାହୁ ତାଙ୍କ 'ଅନାଗତ' ନାଟକରେ ମୁଖ୍ୟ ଚରିତ୍ର ଭାବରେ ଅନାମିକା ନାମ ଟିକୁ ଗ୍ରହଣ କରିଛନ୍ତି। ଯିଏ ଭ୍ରୁଣ ଅବସ୍ଥାରୁ ମୃତ। ୨୦ବର୍ଷ ତଳେ ଅନାମିକା ର ପିତା-ମାତା ଯାହାକୁ ଭ୍ରୁଣ ଅବସ୍ଥାରୁ ନଷ୍ଟ କରିଥିଲେ ସେହି ଆତ୍ମା ଆଜି ଅସହାୟ ଭାବେ ପରିଚୟ ଖୋଜୁଛି। ବାଦ୍ ପଡ଼ିନାହାନ୍ତି ଡାକ୍ତର। ଯିଏ ୨୦୦୦ ଟଙ୍କା ପାଇଁ ମାନବିକତା ଭୁଲି ସାଜିଛନ୍ତି କନ୍ୟାଭ୍ରୁଣର ହତ୍ୟାକାରୀ । ଜୀବନର ବିଡମ୍ବନା ମଧ୍ୟରେ ସେ ପାଲଟିଛି ପରିଚୟ ବିହୀନ କନ୍ୟାଭ୍ରୁଣ। ନିସ୍ତବ୍ଧ ମଧ୍ୟରେ ଦେଖା ଦେଇଛି । ନିଜର ଅଧିକାର ସାବ୍ୟସ୍ତ କରିଛି। ଶେଷରେ ମନେ ପକାଇ ଦେଇଛି ସେହି ପୂର୍ବ ୨୦ବର୍ଷ ତଳର ଘଟଣାକୁ। ଏବଂ ପୁନଶ୍ଚ ଡାକ୍ତରଙ୍କୁ ଚେତାବନୀ ଦେଇ ବୁଝାଇବାକୁ ଚେଷ୍ଟା କରିଛି ଓ ରୋକିବାକୁ ଚେଷ୍ଟା କରିଛି ଅନେକ ନିଷ୍ପାପ, ନିରୀହ ଓ ସରଳ କନ୍ୟାଭ୍ରୁଣର ଜୀବନକୁ । ଯେଉଁମାନେ ଆଗମୀ ସକାଳ ଦେଖିବା ପୂର୍ବରୁ ମାତୃ ଗର୍ଭରୁ ହୋଇଯାଆନ୍ତି ପ୍ରେତାତ୍ମା।

ନାଟ୍ୟକାର ଙ୍କ ଉକ୍ତ ନାଟକ ରଚନା ଶୈଳୀରେ ସାମାଜିକ ମଣିଷର କନ୍ୟାପ୍ରତି ଥିବା ହୀନମନ୍ୟ ମନୋଭାବକୁ ପ୍ରତିଫଳିତ କରିଛନ୍ତି। ଏଠାରେ ନାଟ୍ୟକାର ନାଟକ “ଅନାଗତ” ନାମକରଣ କରିବାର ଯଥାର୍ଥ ଯଥେଷ୍ଟ ରହିଛି।ଆଗତ କନ୍ୟାଭ୍ରୁଣ ଟିକୁ ଜୀବନର ଆଲୋକ

ISSN NO.
2582-208X

ଦେଖିବା ପୂର୍ବରୁ ତାକୁ ଜନନୀ ଗର୍ଭରେ ମିଳେ ସଲିଳ ସମାଧି। ତେଣୁ କୁହା ଯାଇପାରେ ନାଟ୍ୟକାର ଶ୍ରୀ ସାହୁଙ୍କ ଉକ୍ତ ନାଟକ ଟିର ବାର୍ତ୍ତା ସମାଜର ସମସ୍ତ ପିତାମାତାଙ୍କୁ ସଚେତନ କରିବା ସହ, କନ୍ୟା ରତ୍ନଭଳି ସୁଲଭ ଜୀବନର ରକ୍ଷା ରେ ସହାୟକ ହୋଇ ପାରିବ।

ସହାୟକ ଗ୍ରନ୍ଥ ସୂଚୀ:

୧ . ନଟ ନାଟ୍ୟ ନାଟ୍ୟାୟନ –ଡ.ଜ୍ଞାନୀ ଦେବାଶିଷ ମିଶ୍ର –ସତ୍ୟନାରାୟଣ ବୁକ୍ଷ୍ଟୋର ୨୦୧୫

୨ . ଅନାଗତ –ଡ. ନାରାୟଣ ସାହୁ – ସତ୍ୟନାରାୟଣ ବୁକଷ୍ଟୋର ୨୦୧୯

୩ . ଅମଡ଼ା ପଥର ଯାତ୍ରୀ – ଡ. ନାରାୟଣ ସାହୁ –ପେନ୍ ଇନ ବୁକ୍ସ ୨୦୨୨

୪ . ଏକଙ୍କିକାକାର ନାରାୟଣ ସାହୁ –ଡ . ସୁଷମା ପତି – ସତ୍ୟନାରାୟଣ ବୁକଷ୍ଟୋର ୨୦୧୮

୫ . ଅଶୀ ପରର ଓଡ଼ିଆ ନାଟକ – ରମାକାନ୍ତ ସାମନ୍ତରାୟ –ସତ୍ୟନାରାୟଣ ବୁକଷ୍ଟୋର ୨୦୨୨

ଗବେଷକ
ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର, ଗଞ୍ଜାମ

ISSN NO.
2582-208X

# ସ୍ନେହ ବନାମ ମମତା



ପ୍ରସନ୍ନ କୁମାର ମେହେର

ଅନ୍ତରରେ ଭଲ ପାଇବାଟା ଯଦି
ଥାଏ ସ୍ୱଚ୍ଛ ନିରିମଳ
ପବିତ୍ର ହୃଦୟେ ମନ ରହେ ଲୟେ
ସୁହୃଦ ନିତ୍ୟ ସକଳ ।

ଆତ୍ମୀୟ ସୋଦର ଥିଲେ ସମାଦର
ଆତ୍ମୀୟତା ଜାଣେ ପ୍ରାଣେ
ଅତି ଆଦରରେ ହୃଦକନ୍ଦରରେ
ଭଲ ପାଇବାର ମଣେ ।

ରକତ ସମ୍ପର୍କ ବାନ୍ଧିଥାଏ ଡୋର
ଅନ୍ତରରେ ଅହରହ
ଭାଇ ଭଉଣୀର ଅନାବିଳ ଭାବ
ଜାଗିଉଠେ ସେ ସେନେହ ।

ଜନନୀର ସ୍ନେହ ଜନକର ମୋହ
ସନ୍ତାନ ସନ୍ତତି ପ୍ରୀତି
ପୁତ୍ର ପୁତ୍ରୀ ପ୍ରୀତି ପିତାମାତା ମତି
ଜାଗେ ନିରନ୍ତର ନିତି ।

ISSN NO.
2582-208X

ବାତ୍ସଲ୍ୟ ମମତା ନାହିଁ ତା ସମତା
ମାତୃତ୍ୱର ଆଦରତା
ଜନ୍ମଦାତା ପ୍ରୀତି ଜାଗେ ନିତି ନିତି
ସ୍ନେହ ସଙ୍ଗେ ଆତ୍ମୀୟତା।

ସେନେହ ମମତା ନୁହଁଇ ଭିନ୍ନତା
ଜାଗି ଉଠେ ପ୍ରତିକ୍ଷଣେ
ଆବେଗିକ ଭାବ ହୃଦ ମନୋଭାବ
ପ୍ରୀତି ପ୍ରଣତି ପରାଣେ ।

ସେନେହ ସଙ୍ଗତେ ମଧୁର ସମ୍ପର୍କ
ପୁତା ଜାଣି ପୁତ୍ର ପାଶେ
ମମତା ସହିତେ ଶୁଦ୍ଧ ମନ ଚିତ୍ତେ
ମାତା ଜାଣି ପୁତ୍ରୀ ଆଶେ ।

ଭାଇ ଭଗିନୀର ସେନେହ ଆଦର
ଜାଗେ ହୃଦେ ନିରନ୍ତର
ମଧୁର ସମ୍ପର୍କ ବାନ୍ଧିଦିଏ ଐକ୍ୟ
ମମତାଭରା ସମାଦର।

ଦିଗଶିରା, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ-୯୭୭୭୯୭୧୩୭୬

ISSN NO.
2582-208X

# ଚର ଦୀପାବଳୀ



ସରସ୍ୱତୀ ରଥ

ଘନ ଅନ୍ଧକାରେ ପ୍ରକାଶ ଦେବାକୁ
ଆସିଛିତ ଦିପାବଳୀ
ଦୀପ ସମାହାରେ ଧରା ସୁସଜ୍ଜିତ
ପିନ୍ଧିଛି ଦୀପର ମାଳି ।।
ଗୃହ ମନ୍ଦିର ଯେ ଆଲୋକିତ ଆଜି
ହୃଦୟ ମନ୍ଦିର ଶୂନ୍ୟ
ଅଜ୍ଞାନ ତାମସ ଦୂର ହେବ କେହ୍ନେ
ନ ହେଲେ ପ୍ରକାଶ ଜ୍ଞାନ ।।
ଦିବ୍ୟ ପ୍ରକାଶରେ ପ୍ରକାଶିତ କର
ଆତ୍ମ ଜ୍ୟୋତି ପ୍ରଜ୍ଜ୍ୱଳନ
ପ୍ରଭୁ ପ୍ରେମ ଜ୍ୟୋତି ନିରନ୍ତର ଜଳୁ
ସାର୍ଥକ ହେଉ ଜୀବନ ।।
ସକଳ ଜ୍ୟୋତିକୁ ଫିକା କରେ ଯେହ୍ନେ
ସୂର୍ଯ୍ୟ ଙ୍କର ପ୍ରକାଶତା
ପରମାତ୍ମା ପ୍ରିତୀ ଜାଗ୍ରତ ହୋଇଲେ
ଅପସରେ ଅଜ୍ଞାନତା ।।
କାମ କ୍ରୋଧ ଲୋଭ ଅହଂକାର ରୂପୀ
ଦାନବ ହେଉ ଦମନ
ଶାନ୍ତି କ୍ଷମା ପ୍ରୀତି ଆଦି ଦୈବୀ ଗୁଣେ
ସୁନ୍ଦର ହେଉ ଏ ମନ ।।

ISSN NO.
2582-208X

ସ୍ନେହର ପରଶ ପାଇବା ଆମେରେ
କରି ଦୂର ରାଗ ଦ୍ୱେଷ
ସଦ୍ଗୁଣର ନବ ଧନକୁ କିଣିବା
ଜୀବନେ ଆଣିବା ହସ ।।
ତେଲ ଦୀପ ସିନା ଲିଭିଯିବ ଦିନେ
ଅଲିଭା ଏ ଆତ୍ମଦୀପ
ହେ ନାଥ! କର ମୋ ଚିର ଦୀପାବଳୀ
ଜାଣେ ମୁଁ ଆତ୍ମ ସ୍ୱରୂପ ।।
ଦୀପାବଳୀର ଏ ଶୁଭ କାମନା ମୋ
ପ୍ରଭୁ ସ୍ମୃତି ରହୁ ମନେ
ହୃଦୟ ସୁମନ ସୁରଭିତ ହେଉ
ଜୀବନର ଉପବନେ ।।

----------------------

ISSN NO.
2582-208X

# ଚହ୍ଲା ମୁହଁର ଅଚହ୍ନା ରୂପ



ଚିତ୍ତରଞ୍ଜନ ବେହେରା

ଏଠି କିଏ ନୁହେଁ କାହାର,
ସ୍ୱାର୍ଥ ଥିବା ଯାଏ ତୁମେ ସଭିଙ୍କର
ସରିଗଲେ ସମସ୍ତେ କରନ୍ତି ଅନାଦର।।

ଭାବିଥିଲି ଜୀବନଟା ହୁଅନ୍ତା କି
ଏକ ସରଳ ରେଖା ..!!
ଦେଖେ କିନ୍ତୁ ଜୀବନଟା ସମୟର
ଲହରୀ ରଢେଉ ବଙ୍କା ଟଙ୍କା
କେବେ ବି ହୁଏନା ସରଳ।
ଖାଲି ଯାହା କରୁଥାଏ ସମ୍ପର୍କ କୁ ଜଟିଳ।।

ଦିନ ଥିଲା ମୋ ପାଇଁ
ଅନେକ ଆସୁଥିଲେ ଭିଡ଼ି
ମୁଁ ଚଢୁଥିଲି ସୋପାନର ସିଡି
ଜାଣିନଥିଲି ସେଥିରେ ବି ଥିଲା ତାଙ୍କ ମନଗଢା କାହାଣୀ
ଭିତରୁ ଭାଙ୍ଗୁଥିଲେ ମତେ।
ସ୍ୱାର୍ଥ ସର୍ବୋପରି,ମିଛରେ ଚାଲୁଥାଏ ସଂସାର ର ଘଡି ।
ସ୍ୱାର୍ଥ ହୋଇଲେ ପୂରଣ
ସମସ୍ତେ କରନ୍ତି ନମସ୍କାର
ଯୋଡ଼ି ଦୁଇ ହସ୍ତ
ନ ହେଲେ  ସମସ୍ତେ କରନ୍ତି ଅପଦସ୍ତ।

ISSN NO.
2582-208X

ଏଠି ଚିହ୍ନା ମୁହଁ ଟି ଦରକାର ବେଳେ ଦେଖାଏ ଅଚିହ୍ନା ରୂପ
ଅଚିହ୍ନା ରୂପକୁ ବି କିଛି କହି ହୁଏନା କାରଣ ସେ ରୂପରେ ବି ଲୁଚିଥାଏ
ଅନ୍ୟ ଏକ ରୂପ ।
ଏମିତି ବି କିଛି ଚିହ୍ନା ମୁଁହ ଖୋଜିଲେ ଲାଗେନି ଅଚିହ୍ନା
ଲାଗେ ଆପଣାର ।
ବନ୍ଧୁର ବନ୍ଧୁତ୍ୱ, ଭାଇର ଭାତୃତ୍ୟ
କିଏ ବା ଦେବ ତା ମୂଲ୍ୟ ..?
ସବୁ ଚିହ୍ନା ମୁହଁ ଅଚିହ୍ନା ଲାଗିଲେ
କେମିତି ପାଇବା ଜୀବନ ମୂଲ୍ୟ ।

ooooooooooooooo

ଜିଲ୍ଲା ପରିଷଦ କାର୍ଯ୍ୟାଳୟ
କେନ୍ଦ୍ରାପଡ଼ା
୮୯୧୭୩୧୭୭୯୧

ISSN NO.
2582-208X

# ସ୍ମୃତି



କିଶୋର କୁମାର ସାହୁ

ସ୍ମୃତି,
କିଛି ମନେପଡେ
କିଛି ମନେ ପଡେନା,
ପୁଣି କେବେ ମନେପଡେ
ତାହା କହି ହୁଏନା... I
ସ୍ମୃତି କେବେ ମିଠା ସ୍ୱପ୍ନ
ପୁଣି କେବେ ତିକ୍ତ ଅନୁଭୂତି,
କେବେ ଟାଣ ଖରା
ତ କେବେ ପୁଣି ଶୀତୁଆ ରାତି... I
ସ୍ମୃତି କେବେ ଦୃଶ୍ୟମାନ
ପୁଣି କେବେ ଅଦୃଶ୍ୟ...
ଜୀବନର ଅପରାହ୍ନରେ
କିଏ ବଞ୍ଚେ ସ୍ମୃତିକୁ ନେଇ
ତ ପୁଣି କିଏ ଅଶ୍ରୁ ଝରାଏ... I
ସ୍ମୃତି କେବେ ନିଦ ହଜାଏ
ଅପାସୋରା ସ୍ୱପ୍ନଟିଏ ହୋଇ,
ତ ପୁଣି କେବେ ନିର୍ଦ୍ଦନରେ ଝରିଯାଏ
ଆଖିର ଅଶ୍ରୁ ବୁନ୍ଦେ ହୋଇ... I

ଅଧ୍ୟାପକ, ଶିକ୍ଷା ବିଭାଗ

ISSN NO.
2582-208X

# ରାବଣ ପୋଡ଼ି; ଅନୁଧ୍ୟାନର ପ୍ରଚ୍ଛଦପଟ

ସଂଘମିତ୍ରା ବେହେରା

ଆଜି ଦେବୀ ଦୁର୍ଗାଙ୍କ ଭସାଣି। ଆଜି ରାବଣକୁ ପୋଡ଼ାଯିବ। ସେ ସୀତାଙ୍କୁ ଅପହରଣ କରି ବଡ଼ ଭୁଲ କରିଛି। ଶାସ୍ତି ଦେବେ ରାମଚନ୍ଦ୍ର। ଆଉ ଆଜିକା ଦିନରେ ରାବଣ ଠାରୁ ତୁଚ୍ଛ ଶହଶହ ରିପୁ ଜର୍ଜରିତ ମନୁଷ୍ୟମାନେ ଏହି ଉତ୍ସବକୁ ଉପଭୋଗ କରିବେ। ସେଲ୍ଫି ଉଠାଇବେ। ଷ୍ଟାଟସ୍ ପକେଇ କେତୋଟି ନୈତିକ ଆଦର୍ଶ ସେଥିରେ ଖଞ୍ଜିବେ।ମୁଁ ବି ଦେଖୁଥିଲି, ଉତ୍ସବରେ ଯୋଗ ଦେଉଥିଲି। ହେଲେ ଅନୁଭବ କଲି ଏହା ଖୁବ ଅନ୍ୟାୟ।

ମନରେ କାହିଁକି ଆସିଲା ରାବଣ ବେଶ୍ ଭଲ। ସେ ସୀତାଙ୍କୁ ସ୍ପର୍ଶ କରିନାହିଁ, ଶାରୀରିକ ନିର୍ଯ୍ୟାତନା ଦେଇନାହିଁ। ସ୍ୱାମୀଠାରୁ ଅଲଗା ହୋଇ ଅଶୋକ ବନରେ ଜାଗ୍ରତ ପ୍ରହରୀଗଣଙ୍କ ମଧ୍ୟରେ ବନ୍ଦୀ ସୀତା ଦେବୀ ମାନସିକ ଯନ୍ତ୍ରଣା ପାଇଥିବେ ନିଶ୍ଚିତ। କାହିଁକି ଲାଗୁଥିଲା ରାବଣ ନାରୀର ବେଦନା ବି ବୁଝିଥିଲା।

ସୀତା ଦେବୀଙ୍କୁ ବୁଝେଇବା ପାଇଁ ସେ ଯେମିତି ପ୍ରୟାସ କରିଛି ବୁଝିବା ପାଇଁ ବି ସେମିତି ସମୟ ଦେଇଛି। କିନ୍ତୁ ଆଜି ଏ ରାବଣ ପୋଡ଼ି କାହିଁକି ଓ କେଉଁମାନଙ୍କ ପାଇଁ !

ଦ୍ୱାପର ଯୁଗରେ କଂସ ବିଜୁଳି କନ୍ୟାକୁ ମାରିବାକୁ ଉଦ୍ୟତ ହେଲା, ଦୁଃଶାସନ ରାଜ ସଭାଗୃହ ତଳେ ଦ୍ରୌପଦୀଙ୍କ କେଶ ଝିଙ୍କିଲା। କିନ୍ତୁ ସେମାନଙ୍କର ନାଶ ସ୍ୱରୂପ କୌଣସି ପାରମ୍ପରିକ ପୋଡ଼ି କାହିଁକି ନାହିଁ କେଜାଣି ? ରାମାୟଣ ପରେ ଆମେ ଏତେ ରାକ୍ଷସ ପୁରାଣରେ ପାଇଛୁ କିନ୍ତୁ ଆଉ କାହିଁକି ସେଭଳି ପୋଡ଼ିବା ଅନ୍ୟ ରାକ୍ଷସଙ୍କୁ କଲୁନାହିଁ ଚିନ୍ତାର ବିଷୟ। ମନକୁ ଉତ୍ତର ଆସିଲା ତାହା ଯୁକ୍ତିସିଦ୍ଧ ହୋଇପାରେ ଅବା ନହୋଇପାରେ। କେହି ଗ୍ରହଣ କରିପାରନ୍ତି ଅବା କରି ବି ନପାରନ୍ତି। ନିଜ ଭିତରେ ନିଜେ ଗଣନା ଓ ଓକିଲାତି କରି ଚାଲିଲି। ବୋଧହୁଏ, ପ୍ରଥମତଃ ରାବଣ ହେଉଛି ଦ୍ରାବିଡ଼। ଯଦି ରାମାୟଣର ପୁରାଣକାର ଆର୍ଯ୍ୟ ହୋଇଥିବେ ଏବଂ

ISSN NO.
2582-208X

ଆର୍ଯ୍ୟମାନେ ଅନାର୍ଯ୍ୟଗଣଙ୍କୁ ଏହିଭଳି ନୀଚ ଦର୍ଶାଇଥିବେ। ତେଣୁ ସେଦିନ ରାବଣକୁ ମନ୍ଦ କରି ପୋଡ଼ିବାରେ ଦ୍ୱିଧା ଆସିନଥିବ।

ଦ୍ୱିତୀୟତଃ ଏଥିରେ ଶାକ୍ତ ଧର୍ମର ପ୍ରଭାବ ରହିଛି। ଦ୍ରାବିଡ଼ ଭୂମି ଶାକ୍ତ ଉପାସନାର ଆଦ୍ୟ ପ୍ରୟାସ ବୋଲି ଅନେକ ବୁଦ୍ଧିଜୀବୀ ଗ୍ରହଣ କରିଛନ୍ତି। ଶାକ୍ତ ଉପାସନାରେ ପାପୀ ଓ ଦୋଷୀମାନଙ୍କୁ ମୁକ୍ତିଲାଭ ନାହିଁ। ମନ୍ଦ କରିଛ ମାନେ ସଂହାର ହିଁ ହେବ। ଏହା ଚରମପନ୍ଥୀ ବା କଠୋର ଭାବର ସ୍ୱରୂପ। ମାତ୍ର ଏହାପରେ 'ମହାଭାରତ' ପରି ପୁରାଣରେ କୃଷ୍ଣଙ୍କ ବିଦ୍ୟମାନତାରେ ବୈଷ୍ଣବ ଧର୍ମର ପ୍ରଭାବ ଅଧିକ ପ୍ରତିଫଳିତ ହୁଏ। ଯେଉଁଠାରେ ମନ୍ଦ କଲେ ମଧ୍ୟ କ୍ଷମା ଅଛି। ଶାକ୍ତ ଧର୍ମର ଭୟ ଅପେକ୍ଷା ବୈଷ୍ଣବ ଧର୍ମର ଉଦାରଭାବ ସାମାଜିକ ପରିବର୍ତ୍ତନରେ ନରମପନ୍ଥୀ ମୁହାଁ ହୋଇଥିବ। ତେଣୁ ଏହି ପାରମ୍ପରିକ ରୀତିରେ ରାବଣ ପ୍ରତି ଆମ୍ଭର ଚିନ୍ତାଧାରା କେତେ ଦୂର ଯୁକ୍ତିଯୁକ୍ତ ତାହା ବିବେକକୁ ପଚାରି ପରଖିବା ଉଚିତ।

ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ତୁମେ ସେହି ନା



ଖଗେଶ୍ୱର ବାଗ

ତୁମେ ସେହି ନା
ପାହାନ୍ତିଆର ଶିଶିରରେ
ମୃଦୁମଳୟ ମହୁଲିବଣରେ
ଥିରିଥିରି ପାଦ ଚାପି
ଖିଲିଖିଲି ହସିଦିଅ।।
ତୁମେ ସେହି ନା
ବାଳଭାନୁର ଆଗମନେ
କେବେ ସଲାଜେ କେବେ ଈର୍ଷାରେ
ସତେଯେପରି ସଉତୁଣୀକୁ ସ୍ଥାନ ଦେଇ
ମୋ ଠାରୁ ଯାଅ ଦୂରେଇ।।
ତୁମେ ସେହି ନା
ଗୋପନ ବ୍ୟଥାକୁ ବୁଝି
ନିଃସଙ୍ଗତା ଅନୁଭବୀ
ତପନର ଅସ୍ତେ ପୁଣି
ଫେରିଆସ ମୋ ନିକଟକୁ।।
ତୁମେ ସେହି ନା
ବିଚ୍ଛେଦ ବିରହରେ
ପ୍ରତିଶୋଧ ପରାୟଣେ
ନିଶିଅର୍ଦ୍ଧେ ଆକ୍ରମଣ କରି

ISSN NO.
2582-208X

ନେଇଯାଅ କେତେ ଯେ
ବୟୋଜ୍ୟେଷ୍ଠ ପ୍ରାଣ ।।
ତୁମେ ସେହି ନା
ମଫସଲର ଲାଜକୁଳୀ ଲତା
ପ୍ରଣୟ କାବ୍ୟର ନାୟିକା
ପୌଷର କାଳ ଭୈରବୀ ଆଉ
ସ୍ୱପ୍ନ ରାଇଜର ପରୀ,ଶୀତ ।।

ବୁଦ୍ଧିକୋମନା, ନୂଆପଡା

ISSN NO.
2582-208X

# ବଇଁଶୀ ବାଜୁଛି ଡାକ



ତାରାପ୍ରସାଦ ଜେନା

ନଇ ଆରପାଖେ ପ୍ରିୟା ଘର ବୋଲି
ବଇଁଶୀ ବାଜୁଛି ଡାକି
ବାଆଁରେଇ ଗୋରୀ ଆସିବକି ଫେରି
ସତରେ ଦେବନି ଠକି
.....ନଇ ଆରପାଖେ ପ୍ରିୟା ଘର ବୋଲି.... । ୦ ।

ପ୍ରିୟା ଗାଆଁ ଚିହ୍ନା ସୁଲୁ ସୁଲୁ ବାଆ
ମୋ ଦେହେ ଯାଉଛି ଘଷି
ମନ ଅୟସକୁ ଭାବ ବୟସଟା
ଅନେକ ଦେଉଚି ଖୁସି,
କେମିତିକା ଆଉ ମୋ ପ୍ରିୟା ବୁଝିବ
ମୁଁ କେତେ ରହିଚି ଟାକି
.....ନଇ ଆରପାଖେ ପ୍ରିୟା ଘର ବୋଲି.... । ୧ ।

ଘାଟ ନାଆ ନେଇ ନାଉରିଆ ଯାଏ
ବାରତା ଦେଉନି ଜମା

ISSN NO.
2582-208X

ହାଟ ବାଟ ନାହିଁ କୋଉଦିନୁ ପରା
ସାଇତା ରହିଚି ଚୁମା,
ମୋହ ତୁଟିଲାଣି ଲୁହ ଗଡ଼ିଲାଣି
ମୁହଁକୁ ହେଉନି ଟେକି
.....ନଇ ଆରପାଖେ ପ୍ରିୟା ଘର ବୋଲି.... । ୨ ।

**************

ରାଜ ରଣପୁର,
ଜିଲ୍ଲା-ନୟାଗଡ଼
ମୋ- ୯୩୪୮୦୫୪୩୦୦

ISSN NO.
2582-208X

# ନୀଳ ନାୟିକା



ଅମୃତନାରାୟଣ ଶତପଥୀ

ପରଦାରେ ନୀଳ ରଙ୍ଗର ଉଚ୍ଛ୍ୱାସ। ଭାସି ଆସୁଥିବା କାମ ଉଦ୍ଦୀପକ ଶବ୍ଦ ସତେ ଯେପରି କର୍ଣ୍ଣପଟହକୁ ଭେଦ କରି ଗେଣ୍ଡାସ୍ଥିକୁ କରୁଛି ରୋମାଞ୍ଚିତ। କେତେବେଳେ ଅକଥନୀୟ ଯନ୍ତ୍ରଣାର ଚକ୍ରାର ତ ପୁଣି କେତେବେଳେ ତୃପ୍ତି ଆନନ୍ଦର  ଶିତ୍କାର। ଚଳଚ୍ଚିତ୍ର ନାମରେ ଆଖି ସାମ୍ନାରେ ପ୍ରଦର୍ଶିତ ଦୃଶ୍ୟ ଗୁଡିକ ଯେ କଣ ତାହା ବୁଝିବାକୁ ଅଛପା ନଥିଲା କାହାକୁ; ସମସ୍ତଙ୍କ ବିଦ୍ରୂପ କଟାକ୍ଷ ତଥା ଉତ୍ତେଜନା ପୂର୍ଣ୍ଣ ବାତାବରଣ ଭିତରେ କେବଳ ଜଣକର ନୟନ ଯୁଗଳ ହୋଇଥିଲା ଅଶ୍ରୁ ବିଗଳିତ। ଢଳଢଳ ଲୁହକୁ ନେଇ ଚାହିଁଥିଲା ନଜର ଚର୍ତୁପାର୍ଶ୍ୱକୁ, କିନ୍ତୁ ଆପଣାର ଭାବି ସବୁକିଛି ସମର୍ପି କାୟ ମନ ବାକ୍ୟରେ କର୍ତ୍ତବ୍ୟ ପାଳନକାରିଣୀ ଯେ ଆଜି କିଂକର୍ତ୍ତବ୍ୟ ମୂଢ଼। ଅନ୍ୟ ମାନଙ୍କର ମୁଖର ଭାବ ଅପରିବର୍ତ୍ତିତ, ଓଠ କଣରେ ଲାଖି ରହିଛି ସେହି ରହସ୍ୟମୟ ହାସ୍ୟ ରେଖା ଯାହା ତାତ୍ସଲ୍ୟର ସବୁ ପରିସୀମା ଲଙ୍ଘି ସତରେ ତାକୁ ସଜେଇ ଦେଇଛି ଏକ ଅପରାଧୀ କରି। ସତରେ କଣ ତା ପରିଚୟ ବଦଳାଇ ଦେଇଛି ସେହି ପରଦା ପ୍ରଦର୍ଶିତ ଦୃଶ୍ୟ ସମୂହ! ସମାଜର ଦୃଷ୍ଟି ଓ ଦୃଷ୍ଟିକୋଣରେ ସେ ସାଜିଛି ଦୁରାଚାରିଣୀ ନଷ୍ଟ ଚରିତ୍ରା !! ହେଲେ ଅପରିପାର୍ଶ୍ୱରେ ଥିବା ନାୟକ ତାର ପୌରୁଷର ଅଭିମାନରେ ମତୁଆଲା ହୋଇ ସାଉଁଟି ଚାଲିଛି ସଫଳତା, ଶୁଭେଚ୍ଛା ଓ ଅଭିନନ୍ଦନ। କଣ ସତ୍ୟ କଣ ତତ୍ତ୍ୱ କିଛି ନ ବୁଝି ସମାଜ କିପରି କଦ୍ରୁପ ଦୃଷ୍ଟିର ଲୋଲହୀନ ଅଗ୍ନି ଶିଖାରେ ତାକୁ ପତଙ୍ଗ ପରିଏ କରି ଜୋର ଜବରଦସ୍ତ ଦଗ୍ଧ କରିବାକୁ ମନ ବଳାଇଛି। ଲାଞ୍ଛନା, ଅପମାନ, ଅତ୍ୟାଚାର, ଗଞ୍ଜଣାର କଣ ସେ ହିଁ କେବଳ ଏକମାତ୍ର ହକଦାର? ଏପରି ଭାବି ଭାବି ଦୁଇ ନେତ୍ରର ଢଳଢଳ ଅଶ୍ରୁ ଧାର ବନ୍ଧ ଭାଙ୍ଗି ଅବିରତ ବହି ଚବୁକ ସ୍ପର୍ଶ କଲା ତଥା ଭରି ମନ ମସ୍ତିଷ୍କ ଆଖି ଆଗରେ ଅନ୍ଧକାର

ISSN NO.
2582-208X

ଗ୍ରାସ କରି ଚକ୍ଷୁ ମୁଦିତ କରିବାକୁ ବାଧ୍ୟ କରାଇ ଦେଇଥିଲା ଆଉ .... ତାପରେ .... ଚାଲନ୍ତୁ ପ୍ରବେଶ କରିବା କିଛି ସତ୍ୟ କିଛି ତଥ୍ୟ କିଛି କଳ୍ପନା ଓ କିଛି ବାସ୍ତବିକତାକୁ ନେଇ ଏକ ଭିନ୍ନ ଧରଣର କାହାଣୀ ମଧ୍ୟକୁ ଯାହାର ଯଥାର୍ଥ ଶୀର୍ଷକ "ନୀଳ ନାୟିକା" ।

"ନୀଳ....ଏ ନୀଳ...କୁଆଡେ ଗଲୁ ? ଆ କଲେଜ ଯିବା" ।

ବାସ୍ତବରେ ଦୁଃଖ ଅବସାଦରେ ଗ୍ରାସିତ ବ୍ୟକ୍ତି ଆଖି ମୁଦି ଦେଲେ ହିଁ ଆଖି ଖୋଲିଯାଏ ଏହାର ସତ୍ୟାସତ୍ୟ ସେଦିନ ଅନୁଭବ କରିଥିଲା ନାୟିକା ପ୍ରଥମତଃ ଅନ୍ଧକାର ଗ୍ରାସିଥିବା ଲୁହସିକ୍ତ ନୟନ ଯୁଗଳ ସମ୍ମୁଖରେ ଏବେ ଜୀବନର ଅୟମାରମ୍ଭ ସତରେ ଚଳଚ୍ଚିତ୍ର ପରି ଦୃଶ୍ୟମାନ ହେଉଛି ଆଉ ମନେ ପଡିଯାଉଛି ସେହି ଅପାଶୋରା ଅତୀତର ଅନୁଭୂତି ବାସ୍ତବରେ କାହିଁ ଗଲା ସେଦିନ!

ଡାକ ତୀବ୍ରତର ହେବାରୁ ଅତି ସନ୍ତର୍ପଣ ପାଦରେ ଚାଲି ହସ ହସ ମୁହଁରେ ଚାଲିଆସିଲା ଏକ ତରୁଣୀ, କଲେଜ ସାଲ୍ୱାର ଡ୍ରେସ୍ ର ଓଢଣିକୁ ମୁଣ୍ଡରେ ଦେଇ ନୂଆ ବୋହୂଟିଏ ପରି ଆସି କହିଲା – "ଆସୁଛି ବୋଉ ... ଆସୁଛି..." ଆଗନ୍ତୁକା ତରୁଣୀ ତା ସାଙ୍ଗ ପିକ୍ କରି ହସିଦେଇ କହିଲା – "ଆଲୋ ମୋର ମା! ଆଜି ପୁଣି କେଉଁ ଅଭିନୟର ଭୂତ ସବାର ହୋଇଛି ?" ଏହା ପରେ ଓଢଣି ଟାଣି କାଢି ଦେଲା ମୁଣ୍ଡରୁ ଓ ପ୍ରଦର୍ଶିତ ହେଲା ସେହି ଅଭିନେତ୍ରୀର ମୁଖମଣ୍ଡଳ ଆହାଃ କି ସୁନ୍ଦର ସତେ! ସବୁଠୁ ଆକର୍ଷଣୀୟ ସେହି ନୀଳ ଆଖି ଦୁଇଗୋଟି ଯାହା ପୃଥିବୀର ଆଠରୁ ଦଶ ପ୍ରତିଶତ ଲୋକଙ୍କଠାରେ ପ୍ରତୀୟମାନ ହୁଏ ସେଥିରୁ ସେ ଆଜି ଜଣେ ଅଖ୍ୟାତ ପଲ୍ଲୀବାସୀ। ନୀଳ ଆଖି ଯୋଡିକ ପାଇଁକି ତା ନାମ ପରା ନୀଳ ନୟନା ଓରଫ୍ ନୀଳ।

ପିଲାଟି ଦିନରୁ ଗରିବ ହେଲେ ବି ଖୁବ୍ ଖୁସି ମିଜାଜ୍ ର ପିଲାଟିଏ। ଏ ଅଭିନୟର ଯାଦୁ ଆଦ୍ୟ ଯୌବନର ନୁହେଁ ବରଂ ପିଲା ବେଳର ପ୍ରସ୍ଫୁଟିତ ପ୍ରତିଭା ନିଶା କେବଳ ଅଭିନୟ ... ଅଭିନୟ ... ଆଉ ଆଶା ... ଏକ ପେଶାଦାର ଅଭିନେତ୍ରୀ ହେବା। ରୂପ ଲାବଣ୍ୟ ଅଭିନୟ କୁ ଦେଖିଲି ଯେକୌଣସି ଅଭିନେତ୍ରୀ ବି ଫିକା ପଡିଯିବା ସ୍ୱାଭାବିକ କିନ୍ତୁ ସୁଯୋଗ .... ସେଇଟା ତ ମିଳୁନି। ଛୋଟ ବେଳୁ ତାକୁ ପାଇବାକୁ ସଂଘର୍ଷ ଶିଶୁ କଳାକାର ହେବା

ISSN NO.
2582-208X

ଚେଷ୍ଟାରେ ବିଫଳତା ତାର ଅଭିନେତ୍ରୀର ଆଶାକୁ ମଉଳାଇ ଦେଇନ ବରଂ ଜଳୁଥିବା ଅଗ୍ନିରେ ଘୃତ ସମ ଦେଇଛି ଆହୁତି ସେହି କଛି ବାକ୍ୟ –"ତୋର ଅଭିନୟ ଗ୍ଭତୁରୀ ମହାନ ଝିଅ କନ୍ତୁ ଆମ ଚଳଚତ୍ରକୁ ତୋର ଏହି ପ୍ରାକୃତିକ ଅଭିନୟ କଳା ଲୋଡା ନାହିଁ। ତୋର ପ୍ରତିଭ୍ଭା ତ ସବୁ ଶିଶୁ କଳାକାରଙ୍କଠାରୁ ବହୁତ ଉର୍ଦ୍ଧ୍ୱରେ ଆମେ ଗ୍ଭହୁଁ ଏକ କୌଶିଖିଆ ଚରିତ୍ର" ।

ସେତେବେଳେ ସେହି ସମାନ ଉକ୍ତ ସମସ୍ତଙ୍କଠାରୁ ଶୁଣି ଯଦି ସେ ତାର ଗୂଢ ତତ୍ତ୍ୱ ବୁଝି ପାରିଥାନ୍ତା ତେବେ ଆଜି ଏହି ପରିସ୍ଥିତିର ସାମ୍ନା କରିବାକୁ ପଡିନଥାନ୍ତା ତାକୁ। ପ୍ରକୃତରେ ଅପୂର୍ଣ୍ଣ ପାତ୍ର ବା ଅଳ୍ପ ପୂର୍ଣ୍ଣ ପାତ୍ରକୁ ସିନା ଭରି ହୁଏ କନ୍ତୁ ଜଳ ପୂର୍ଣ୍ଣ ପାତ୍ର! ସେଥିରେ ପ୍ରତିଫଳତ ହୁଏ ଗ୍ଭହୁଁଥିବା ବ୍ୟକ୍ତର ପ୍ରତିବିମ୍ବ ଓ ତାର ଅସଲ ଚେହେର୍‌ ସାମ୍ନାକୁ ଆସେ ଆଉ ସେ ନଜର ଅଭିମାନ ବଞ୍ଚାଇବା ପାଇଁ କଛି ବି କରିପାରେ ... କଛି ବି। ଯେପରି ଦିନେ ଗୁରୁ ଦ୍ରୋଣ ଏକଲବ୍ୟକୁ ମାଗିଥିଲେ ଗୁରୁ ଦକ୍ଷିଣା। ନୀଳ ସହ ସେପରି ପରିସ୍ଥିତି ଘଟିବା ସ୍ୱଭାବିକ ଥିଲା କାରଣ ନିର୍ଦ୍ଦେଶକ ପ୍ରଯୋଜକ ମାନେ ତାର ଅଭିନୟ ପୂର୍ଣ୍ଣତା ମଧ୍ୟରେ ନିଜର କୁରୂପ ପ୍ରତିବିମ୍ବ ଦେଖି ହତୋତ୍ସାହିତ ହେଉଥିଲେ ଆଉ ଭାବୁଥିଲେ ଯଦି ସେମାନେ ଏହି ଶ୍ମଶାନ ତୁଳସୀଟିକୁ ସୁଯୋଗ ଦିଅନ୍ତି ତେବେ ତାର ମହକରେ ଲୋକମାନେ ଏତେ ପ୍ରଭ୍ଭବିତ ହେବେ ଯେ ସେମାନଙ୍କର ବାଡିରେ ଲଗାଇଥିବା ତୁଳସୀ ଅର୍ଥାତ୍ ପ୍ରଯୋଜିତ ଅଭିନେତ୍ରୀ ମାନଙ୍କର କଛି ଦିନ ଅବା ବର୍ଷ ପାଇଁ ପତ୍ତା କଟ୍ ତ ନଶ୍ଚିତ। ତା ସହ ଅଖ୍ୟାତ ପଲ୍ଲୀର ପ୍ରତିଭ୍ଭା ଆସି ବିଖ୍ୟାତ ହେବା ସତରେ ସେମାନଙ୍କ ସ୍ୱାଭିମାନ ଅଭିମାନ ସ୍ୱାର୍ଥ ସବୁକଛିକୁ ଅତରେ ତଳତଳାନ୍ତ କରିଦେବାର ଭୟ ଉଦ୍ରେକ ପ୍ରତ୍ୟାଖ୍ୟାନର ପ୍ରମୁଖ କାରଣ ଗୁଡିକ ଥିଲ୍‌। ପ୍ରକୃତି ଓ ପ୍ରକୃତିକ ଚଜ ସତ୍ୟ କେବେ ଛପି ରହେ ନାହିଁ, ଅନେକ ପ୍ରତ୍ୟାଖ୍ୟାନ ସତ୍ତ୍ୱେ ନୀଳର ଅଫୁରନ୍ତ ଚେଷ୍ଟା ଅଥକ ପରିଶ୍ରମ ତଥା ଅଭିନୟରଯାଦୁ ସତରେ ବଡ ପରଦାରେ ନ ହେଉ ପଛେ ସାମାଜିକ ଗଣମାଧ୍ୟମ ଦ୍ୱାର୍‌ ସମସ୍ତଙ୍କୁ ଆକୃଷ୍ଟ କଲ୍‌ ତଥା ଇର୍ଷାଳୁଙ୍କ ପାଇଁ ଚରମ ଅସହିଷ୍ଣୁତା ସୃଷ୍ଟି କଲ୍‌ ଏବଂ ସେମାନେ ଏକ ପ୍ରଳୟଙ୍କରୀ ଯୋଜନା ପ୍ରସ୍ତୁତ କଲେ ଓ ନୀଳକୁ ଦେଲେ ସୁଯୋଗ। ଜୀବନର ପ୍ରଥମ ସୁଯୋଗ ଓ ସଫଳତା ସିଡିର ପ୍ରଥମ ପାହାଚ ଚଢିବା ପାଇଁ ଖୁସିରେ ଆତ୍ମବିଭ୍ଭୋର ହୋଇ ଉଠୁଥିବା ନୀଳ ପାଇଁ ତାହା ସୁଯୋଗ ନଥିଲ୍‌ ବରଂ ଥିଲ୍‌ ଏକ ଦୁର୍ଯୋଗ। ସରଳ ବିଶ୍ୱାସରେ ଗୁରୁ ତୁଲ୍ୟ ମାନ ନଜର କର୍ତ୍ତବ୍ୟକୁ ସମର୍ପିତ କରି ନଜର

ISSN NO.
2582-208X

ନାମ ପରିବର୍ତ୍ତନ କରି ନାୟିକା (ଛଦ୍ମ ନାମ) ବ୍ୟବହାର କରିଥିବା ନୀଳ ସହ ପ୍ରତାରଣା କରି ବିଜ୍ଞାନ ପ୍ରଯୁକ୍ତିବିଦ୍ୟାର ବ୍ୟବହାରରେ କଛି ଅଶାଳୀନ ଅଶ୍ଲୀଳ ଦୃଶ୍ୟ ସୃଷ୍ଟି କରି ତାର ନାମର ବିଯୁକ୍ତାତ୍ମକ ଦିଗକୁ ମୁଖ୍ୟାଂଶ କରି ତାକୁ ସଜାଇ ଦେଲେ "ନୀଳ ନାୟିକା" କରି। ଏବେ ସେ ତାର ଅଭିନୟ ପ୍ରତିଭାର ସଫଳତା ପାଇଁ ଅପ୍ରତିଭ ହୋଇ ପଡିବ ନା ନାମର କଳଙ୍କ ଲାଞ୍ଛନାରୁ ଦୂରେଇବାକୁ ଚେଷ୍ଟା କରିବ ସେହି ଦ୍ୱନ୍ଦ ଭିତରେ ପାଲଟି ଯାଇଛି ପାଷାଣୀ ଅହଲ୍ୟା ସମ ଏବଂ ଅପେକ୍ଷା କରିଛି ସେହି ପୁରୁଷୋତ୍ତମଙ୍କ ପଦ ରଜକୁ।

ବାସ୍ତବରେ ସଂପ୍ରତି ସମାଜର କଛି ମୁଷ୍ଟିମେୟ ବ୍ୟକ୍ତଙ୍କ ପ୍ରକୃତି ତଥା ପ୍ରାକୃତିକ ପ୍ରତିଭାରେ ଅନଧିକାର ପ୍ରବେଶ ତଥା ତାକୁ ନଷ୍ଟ କରିବାର ନିଶା ସତରେ ସୃଷ୍ଟି କରୁଛି ବିପର୍ଯ୍ୟୟ, ବିଦ୍ୱେଷ, ବିଷାଦ ଏବଂ କଛି ଅର୍ଥ କଛି ତତ୍ତ୍ୱ ହୋଇଯାଉଛି ଅନର୍ଥ ଓ ବିଲୀନ।

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଅନ୍ତର୍ଜାତୀୟ ବିଧବା ଦିବସ



ଶମ୍ଭୁନାଥ ଦାସ

ପରିବାର ଏକ ଆମ୍ବଗଛ ତୁଲ୍ୟ
ଶାଖା-ପ୍ରଶାଖା ସଦସ୍ୟ,
ବଉଳ-ଫୁଲ ଓ ସ୍ୱାଦିଷ୍ଟ ଆମ୍ବରେ
ସଂସାର ବୃକ୍ଷ ସରସ ।

ପିତା-ମାତା ସାଥେ ପୁତ୍ର-କନ୍ୟା ଭୋଳେ
ପତି-ପତ୍ନୀ ସୁଶୋଭନ,
ସେବା ଶୁଶ୍ରୂଷା ଓ ସ୍ନେହ ଶ୍ରଦ୍ଧା ପ୍ରୀତି
ଶୁଭ ଦାମ୍ପତ୍ୟ ଜୀବନ ।

ଗୃହକର୍ତ୍ତା ସ୍ୱାମୀ ସଂସାର ଚଳାନ୍ତି
କରି ଅର୍ଥ ଉପାର୍ଜନ,
ଗୃହକର୍ତ୍ତ୍ରୀ ପତ୍ନୀ ରୋଷେଇବାସ ଓ
ଗୃହ କାର୍ଯ୍ୟ ନିର୍ବାହଣ ।

ସାଂସାରିକ ପଥ ଝଡ଼ଝଞ୍ଜାମୟ
ଅସ୍ଥିରତା ସାଂପ୍ରତିକ,

ISSN NO.
2582-208X

ମାନବ ଜୀବନ ବିପଦ ସଂକଟେ
ଅକାଳ ବିୟୋଗ ଶୋକ ।

ପତି ବିୟୋଗରେ ପତ୍ନୀ ଯେ' ବିଧବା
ସଂସାର ଦୁଃଖ ପ୍ରବଳ,
ମଝି ଦରିଆରେ ସଂସାର ନଉକା
ନାବିକ ବିନା ଅଚଳ ।

ବୈଧବ୍ୟ ଯନ୍ତ୍ରଣା ଅତୀବ ଦାରୁଣ
ନିରୀହା ପତ୍ନୀ ବିକଳ,
ସର୍କାରୀ ସାହାଯ୍ୟ ସମୁଦ୍ରକୁ ପୋଷେ
ଶିକ୍ଷିତା ନାରୀ ଚଞ୍ଚଳ ।

ଆଗକାଳେ ଥିଲା ସତୀଦାହ ପ୍ରଥା
ମୋକ୍ଷ ଯେ' ଅନ୍ଧବିଶ୍ୱାସ,
ବଙ୍ଗ ରାଜା ରାମ ମୋହନ ରାୟ ସେ'
କୁପ୍ରଥା କଲେ ବିନାଶ ।

ଏବେ ଆଧୁନିକ ସ୍ୱଚ୍ଛ ସମାଜରେ
ନାରୀ ଶିକ୍ଷା ଜାଗରଣ,
ବିଧବାର ପୁନଃ ବିବାହ ସହିତ
ନାରୀମାନଙ୍କୁ ସମ୍ମାନ ।

ମାନବ ଜୀବନ କାଳ କବଳିତ
ସୁଖ-ଦୁଃଖ ହସ-କାନ୍ଦ,
ଶିକ୍ଷା-ଦୀକ୍ଷା ସାଥେ ଧୈର୍ଯ୍ୟ ଓ ସାହସେ
ସଂସାର ସୃଜେ ସାନନ୍ଦ ।

ISSN NO.
2582-208X

ବାତ୍ୟା-ପବନରେ ଆମ୍ବଡାଳ ଖଣ୍ଡେ
ଭାଙ୍ଗିଲେ ବି ସ୍ଥିର ବୃକ୍ଷ,
ସ୍ୱାମୀ ବିୟୋଗରେ ଶିକ୍ଷତା ସବଳା
ବିଧବା ହେଲେ ବି ସକ୍ଷ ।

ଜୁନ ତେଇଶରେ ଯେ' ଅନ୍ତର୍ଜାତୀୟ
ବିଧବା ଦିବସ ଲକ୍ଷ୍ୟ,
ନାରୀ ଶିକ୍ଷା-ଦୀକ୍ଷା ସକ୍ଷମ ବାରତା
ମହୀୟସୀର ସୂଚକ ।

ବୈଧବ୍ୟ ନୁହଁଇ ଯନ୍ତ୍ରଣା ବେଦନା
ସେ'ତ ଆହ୍ୱାନ ଆଭାସ,
ସକଳ ନାରୀଙ୍କୁ ଶ୍ରଦ୍ଧା ଓ ସମ୍ମାନ
ଭଣେ ଶମ୍ଭୁନାଥ ଦାସ ।

ମୁଖ୍ୟ ସମ୍ପାଦକ : ଅଭିଯାନ
ସମ୍ଭ୍ରାନ୍ତ ଓଡ଼ିଆ ସାହିତ୍ୟ ପତ୍ରିକା,କୋଲକାତା
ସା/କଣ୍ଟିବାଙ୍କ (ପାଲଟପୁର), ମଙ୍ଗଳପୁର, ଯାଜପୁର-୭୫୫୦୧୧
ମୋବାଇଲ ନଂ: ୯୦୩୮୩୯୭୧୩୫

ISSN NO. 2582-208X

# ଜୀବନର ବାଜି



ଲିପିନା ସାହୁ

କବିତାର ଛନ୍ଦରେ
ବିରହ ବେଦନାରେ
ରୁକ୍ଷ ସମାଜରେ
ଲଢ଼ିବାକୁ ଚେଷ୍ଟାକରେ ନାରେ ।୧

ଭ୍ବଧାର୍ର ବାସନାରେ
ମୋହିତ ମାୟାରେ
ଜଳନ୍ତ ଜ୍ୱାଳାରେ
ଜଳପୋଡ଼ି ହେବାକୁ ଭ୍ବେରେ ।୨

ଆଶାର ମଶାଣିରେ
ଛିନ୍ନ ନରମିତ ମନ୍ତ୍ରରେ
ପୂଜିତ ହୁଏ ଇଚ୍ଛାରେ
ଉଜ୍ଜୀବିତ ହୁଏ କୁହୁଡିରେ ।୩

ଭିନ୍ନ ପଥର ବାଟରେ
ପଥହର୍ ହୋଇ ବୁଲେରେ
ନୂତନ ଆଶାର ସଂଗ୍ଲରେ
ଗ୍ଲଲିବାକୁ ଆରମ୍ଭ କରୁ ଆମେରେ ।୪

ISSN NO.
2582-208X

ଅକର୍ମିତ ଆଜି ଭାଗ୍ୟ ଭବିଷ୍ୟତ
ଭାଁଇବ କେବେସେ ଭାଗ୍ୟରେ
ଅନୁସରଣ ଆଜି ସନ୍ଧ୍ୟାରେ
କାଲି ସକାଳ ପୁଣି ଦ୍ୱନ୍ଦଯୁକ୍ତରେ।୫

ରମିତ ରମଣ ମନରେ
ଚେତନାର ଚନ୍ଦ୍ର ବଣରେ
ଘଂଚ ଜଂଗଲର ରାସ୍ତାରେ
ଆରମ୍ଭ କରିବାକୁ ପଡେରେ।୬

ଦୂର ପାହାଡ଼ର ଆଗରେ
ଲକ୍ଷ୍ୟ ଲକ୍ଷଣର ଅପେକ୍ଷାରେ
ନିର୍ଦ୍ଦୋଷ ମୋହିତ ରାସ୍ତରେ
ହିସାବ ଅଙ୍କରେ ପୁଣି ଅର୍ଥରେ ।୭

ସୌନ୍ଦର୍ଯ୍ୟ ସୁନା ରୁପାରେ
ମନୁଷ୍ୟ ଜୀବନ ଘାଟରେ
ନଉକା ଚଲେଇବା ଇଛାରେ
ପଦ ଯାତ୍ରା ଆରମ୍ଭ ହୁଏରେ।୮

ମିଶ୍ରିତ ମଧୁର ରସରେ
ଅଭିବ୍ୟକ୍ତ ନମିତ ପାଇଁରେ
ସ୍ୱାବଲମ୍ବୀର ଅଭିନେତ୍ରି ସାଜି
ଅପେକ୍ଷିତ କରୁଛି ମୋ ଭବିଷ୍ୟତ ବାଜି ।୯

କନ୍ତପହଁରା, କଟକ

ISSN NO.
2582-208X

# ଦୁର୍ଗା-ଲକ୍ଷ୍ମୀ-କାଳୀ



ଡକ୍ଟର ସତ୍ୟବ୍ରତ ଦାସ

ପାଳସିଆ ଗ୍ରାମ ଘର ହଳଦୀପଦା
ବାଇଶି ତାରିଖ ସୋମବାର ମୋର ପୂଜ୍ୟ ଦାଦା
ସମସ୍ତଙ୍କୁ ଛାଡି ଚାଲିଗଲେ ଇହଧାମ
ସାରା ପରିବାରେ ଖାଲି ତାଙ୍କ ହିଁ ନାମ
ବନ୍ଧୁବର୍ଗ ସାଇ ପଡ଼ିଶା ସଭିଙ୍କ ଆଖିରେ
ଫାଟି ପଡୁଥିଲା ଗାଁ ଦାଣ୍ଡ ଖାଲି ତାଙ୍କ ଶୋକରେ
ଅଷ୍ଟମୀ ନବମୀ ଆଉ ଦଶହରା
ପୁଣି ଯେଉଁ ପ୍ରଚଣ୍ଡ ବର୍ଷା ଥରହର ଦୁନିଆ ସାରା
ଇଏ ସେଇ ବୋଝ ଉପରେ ନଳତା ବିଡା କାହାଣୀ ଭରା
ଦାଦାଙ୍କ ଦେହାନ୍ତେ ପୂଜା ହେଲା ମାରା
ଦୁର୍ଗା ପୂଜା ଖୁସିରେ ଦୁଃଖର ଛାୟା
ବାଡିଘର ଚାରିପାଖେ ଘୁରୁଥିଲା ତାଙ୍କ ଶାୟା
ଦଶହରା ଶେଷ ବେଳକୁ ମାତା ଲକ୍ଷ୍ମୀପୂଜା
କନ୍ତୁ ଆଉ ସମୟ ନଥିଲା ନେବା ପାଇଁ ମଣ୍ଡା
ପୁଣି ଏକ ମରଣର ଯୋଗ ଆସିଲା ମାଡି
ଶଡୁ ବାପାଙ୍କ ଶବ ଆସିଲା କଟକରୁ ଗଡି
ମଧରାତ୍ରୀରେ ଶୋକର ଛାୟା ଖେଳଗଲା
ଏକାଦଶହ କର୍ମ ସରୁ ସରୁ ଛୁଟି ଶେଷ ହେଲା
ଧାଁ ଦଉଡ ଭିତରେ ପୁଣି ଖବର ଆସିଲା

ISSN NO.
2582-208X

ମାମୁଁଘର ଗାଁରେ ପୁଣି ଏକ ମରଣ ହେଲା
ରବି ଖିଲାର ପତ୍ନୀ ଉପରେ ବଜ୍ରର ପ୍ରହାର
ଅଭିରାମ ମଠ ଲାଗି ଥିଲା ତାଙ୍କ ଘର
ଘର ପାଖ ଅଳ୍ପ ଦୂରେ ବଜ୍ର ଚଡକ
ପୁଣି ବ୍ୟାପିଗଲା ଖିଲାର ପରିବାରେ ଶୋକ
ଅକ୍ଟୋବର ନଅ ତାରିଖ ଗୁରୁବାର ଦିନ
ପାଖାପାଖି ତିନ ଘଟିକା ବେଳ ଅପରାହ୍ଣ
କଏ ଅବା ଜାଣିଥିଲା ଏଭଳ ହେବ
ଗଜା ବୟସେ ପତ୍ନୀ ଛାଡି ଗୁଲିଯିବ
ଅସମ୍ଭବ ଘଟଣା ଏତ କାଳ ବଇଶାଖି
ଅକ୍ଟୋବର ମାସେ ପ୍ରକୃତି କଲା ସମସ୍ତଙ୍କୁ ଦୁଃଖି
ଆଗକୁ ଆସୁଛି ପୁଣି ଦୀପାବଳୀ
ଦେଖାଯାଉ କ ଲୀଳା କରୁଛି କଳ
ଗାଁ ବନ୍ଧୁ ସାଇପଡିଶା ହେଉଛନ୍ତୁ ଚନ୍ତାରେ ଭଳ
ଦୁଃଶ୍ଚିନ୍ତାରେ ରହି ପଡିବ କାହାର ପାଳ
ଆଲୋକର ପର୍ବ ମାତା ଦୀପାବଳୀ
ସଭିଙ୍କୁ ଦିଅ ଖୁସି ଆଶିଷ ଢ଼ାଳ
ଏତିକ ପ୍ରାର୍ଥନା ହେ ମାତା କାଳୀ ॥

ବର୍ତ୍ତନା, ସୋମନାଥପୁର, ବାଲେଶ୍ୱର
୭୭୫୧୯୨୭୭୦୫

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## କାବେରୀ ମଳୟରେ ପୁମ୍ପୁହର

ଦିନେ ଏହି ପୁମ୍ପୁହର ଥିଲା ପୋତ ନଗରୀ । ବିଦେଶାଗତ ସହସ୍ର ପୋତଙ୍କ ମୌନ ରହଣୀର ନଦୀ-ବକ୍ଷ ନିବାସ । କାବେରୀ ନଦୀର ଏଆଧିକ ଶାଖା ଯାଇ ମିଶୁଥିଲେ ସମୁଦ୍ରରେ । ସେଇ ମୁହାଣ ଦେଇ ଯାବତୀୟ ନୌକା କାରବାର । ଓଡିଆର ସାଧବମାନେ ବୋଇତ ନେଇ ଦୂର ଜାଗାକୁ ଯାଉଥିଲେ । ଏଠାକୁ କିନ୍ତୁ ଦୂର ଜାଗାରୁ ବୋଇତ ବା ପୋତମାନେ ଆସୁଥିଲେ । ଶାସକ ଚେର ରାଜାମାନେ ଟିକସ ଆକାରରେ ପାଉଥିଲେ ପ୍ରଚୁର ଅର୍ଥ । ଦୁଇ ଫର୍ଲଙ୍ଗ ଦୂରରେ କାବେରୀ ଯାଇ ମିଶୁଛି ସମୁଦ୍ରରେ । ଡଙ୍ଗାମାନେ ଅଳସ ଭାଙ୍ଗିବା ପରେ ତରତର ହୋଇ ମୁହାଣ ଦେଇ ସମୁଦ୍ରକୁ ପଶୁଥିଲେ । ସମୁଦ୍ର କୂଳିଆ ଗାଁରେ ଏହା ହିଁ ଜୀବନଜୀବିକା ।

ପୁରାତତ୍ତ୍ୱ ଓ ସମୁଦ୍ର ବିଦ୍ୟା ବିଷାରଦଙ୍କ ମିଳିତ ଆନୁକୂଲ୍ୟରେ ସଂଗୃହୀତ ଚିଜକୁ ନେଇ ମ୍ୟୁଜିଅମ୍ । ମୋବାଇଲ୍ ତଥ୍ୟର ଭାରେରେ କଲବଲ ଯୁବପିଢି, ଅଧିକା ଜ୍ଞାନ ପାଇଁ ମ୍ୟୁଜିଅମ୍ ଭିତରେ ପଶିବାଠୁ ବାହାରେ ଆମକାନନରେ ସମୟ ବିତେଇବାକୁ ଶ୍ରେୟ ଭାବୁଥିଲେ । ଏଣେ ମ୍ୟୁଜିଅମ୍ ଭିତରେ, ଅର୍ଦ୍ଧନିମିଳିତ ଆଖିରେ ନିଦ୍ରା ଦେବୀଙ୍କୁ ସ୍ୱାଗତ ପ୍ରୟାସରେ ଅର୍ଦ୍ଧ ଘୁମନ୍ତ କର୍ମଚାରୀ ଗଣ । ପୁମ୍ପୁହରର ଐଶ୍ୱର୍ଯ୍ୟମୟ ଗାଥା - କେବଳ ରହିଯାଇଛି କାବ୍ୟରେ । ପ୍ରମାଣ ସିଦ୍ଧ ପାଇଁ ଗବେଷଣା ଆବଶ୍ୟକ । ଏସବୁର ଘୋର ଅଭାବ ସରକାରଙ୍କ ପାଖରେ ।

ଠିଆ ହେଇଥିଲି, ସମୁଦ୍ର କୂଳରେ, ମଧ୍ୟାହ୍ନର ଧୂ ଧୂ ଖରାରେ । ସମଗ୍ର ଉପକୂଳଟି ଥିଲା ଜନମାନବ ହୀନ । ମେ ମାସର ଏହି ଦାରୁଣ ପାଣିପାଗରେ, ନିଜର ବାତାନୁକୂଳ ଶୟନ

ISSN NO.
2582-208X

କକ୍ଷ, ବା କାର୍ଯ୍ୟାଳୟ ଛାଡି କିଏ ବା କାହିଁକି ଏହି ନିର୍ଜନ ବେଳାଭୂମିରେ ଠିଆ ହେବ? କିନ୍ତୁ ମୁଁ ଯେ ଶୁଣି ପାରୁଥିଲି ବେଳାଧ୍ୱନି ଭିତରେ ମର୍ମଭେଦୀ କାବ୍ୟର ଝଙ୍କାର। ସିଲାପଦିକରମ୍ ର ଛନ୍ଦମୟ ଉଦାଶ ସଂଗୀତ। କରୁଣ ସେ ସ୍ମୃତି ଶିହରଣ ।

ଅଦୂରରେ ବହମାନ କାବେରୀ ନଦୀର କ୍ଷୀଣଶାଖା। କାବେରୀ ସଙ୍ଗମକୁ ନେଇ ଏହି ଜାଗାର ନାମ ଥିଲା କାବେରୀ ପଟ୍ଟନମ୍। ପ୍ରାଚୀନ ନାମ ଥିଲା ପୁମ୍ପୁହର ବା ପୁହର। ପୁହର ଅର୍ଥ ସମୁଦ୍ର ସଙ୍ଗମ। ପୁମ୍ପୁହରର ଅର୍ଥ ଉଦ୍ଦାମ ସମୁଦ୍ର ସଙ୍ଗମ।

ଏହି କାବେରୀ ସଙ୍ଗମର କଥାର ବର୍ଣ୍ଣନା ରହିଛି "ସଙ୍ଗମ" ଭଳି ପ୍ରାଚୀନ ତାମିଲ କାବ୍ୟରେ। କାବେରୀର ଗତିପଥରେ, ଏହି ଦୁଇ ହଜାର ବର୍ଷ ଭିତରେ ଆସିଛି ଅଜସ୍ର ପରିବର୍ତ୍ତନ। ହୁଏତ ସେବେ ସ୍ଥିର ସମାହିତ ଚିତ୍ତରେ ଏହି ସଙ୍ଗମ ଜାଗାରେ ପ୍ରବେଶ କରୁଥିଲା ସମୁଦ୍ର ବକ୍ଷକୁ। କେବଳ ବ୍ୟତିକ୍ରମ ଥିଲା ବର୍ଷା ଦିନରେ। କ୍ଷୀଣ ଶାଖା ନଦୀଙ୍କ ଅବସ୍ଥା – ସମ୍ମୋହିତ ନାଗସର୍ପ, ଅହିରାଜର ମୁଖବ୍ୟାଦାନ ଭିତରକୁ ସ୍ୱେଚ୍ଛାକୃତ ଭାବେ ପଶିଲା ଭଳି।

କର୍ଣ୍ଣାଟକ ରାଜ୍ୟର କୁର୍ଗ ଜିଲ୍ଲା ଅନ୍ତର୍ଗତ ପଶ୍ଚିମ ଘାଟ ପର୍ବତମାଳା। ସେଥିରେ ବ୍ରହ୍ମଗିରି ପର୍ବତର ତଳ କାବେରୀ ନାମକ ଗୋଟିଏ ଜାଗାରୁ ବାହାରିଛି କାବେରୀ। ବାମକୁ ଅର୍ଥାତ ପଶ୍ଚିମକୁ ଯାଇଥିଲେ ମାତ୍ର ୩୦ କି.ମି. ଦୂରରେ ଆରବ ସାଗରରେ ମିଶିଥାନ୍ତା। କିନ୍ତୁ ପୂର୍ବଦିଗେ ପ୍ରବହମାନ ହେବାରୁ ଦୀର୍ଘ ୮୦୦ କି.ମି. ଗତି କରି ତାହା ଶେଷରେ ପୁମ୍ପୁହର ଠାରେ ସମୁଦ୍ରରେ ମିଶିଛି। ଆରବ ସାଗର ବଦଳରେ ବଙ୍ଗୋପ ସାଗର ହେଇଛି ଏହାର ସଙ୍ଗମ ସ୍ଥଳୀ।

କାବେରୀ ଉତ୍ପତ୍ତିକୁ ନେଇ ଅନେକ କାହାଣୀ। କାବେରୀ ଥିଲେ କୌଣସି ସନ୍ନ୍ୟାସୀର କମଣ୍ଡଳୁ ଭିତରେ ଲୁକ୍କାୟିତ। ଗଣେଶ ଗାଇ ରୂପ ଧରି ତାକୁ ଗଡେଇ ଦେବାରୁ, ସେଇ ଜଳ ଯୁଆଡେ ପାଇଲା ଗଡି ଚାଲିଲା ଏବଂ ନାମ ହେଇଗଲା କାବେରୀ। ଅନ୍ୟ ଏକ ଜନଶ୍ରୁତି – କାବେର ରାଜାଙ୍କ ଝିଅ ଥିଲେ କାବେରୀ। ରାଜା, କାବେରୀକୁ ଜଣେ ତେଜସ୍ୱୀ ଋଷି ଅଗସ୍ତ୍ୟଙ୍କ ସହିତ ବିବାହ କରିଥିଲା। ଋଷିଙ୍କ ସହିତ କନ୍ୟା ଆଧ୍ୟାତ୍ମିକ ଜୀବନରେ ପରସ୍ପରର ସହଯୋଗୀ ହୋଇ ରହିଲେ।

ISSN NO.
2582-208X

କୁହାଯାଏ, ରୋମ ସାମ୍ରାଜ୍ୟ ଚାଲିଥିବା ବେଳେ, ମଧ୍ୟ ପ୍ରାଚ୍ୟ, ରୋମ ତଥା ଇଉରୋପରୁ କେରଳର ମୁସିରିସ୍ ଆସୁଥିବା ପୋତମାନେ, କେବେ କେବେ ବଙ୍ଗୋପ ସାଗର ବି ଆସି ଯାଉଥିଲେ । "ସଙ୍ଗମ ମହାକାବ୍ୟ ଅନୁସାରେ, ଚୋଳ ରାଜାଙ୍କ ରାଜଧାନୀ ଥିଲା ପୁମ୍ପୁହର । "ସିଲାପଦିକରମ୍" ରେ ପୁମ୍ପୁହରରେ ସମଗ୍ର ବର୍ଣ୍ଣନା ଦେଖିବାକୁ ମିଳେ ।

ନଗରୀର ସୁରକ୍ଷା ବ୍ୟବସ୍ଥା ଥିଲା ଅତ୍ୟନ୍ତ କଠୋର । ପ୍ରାଣଦଣ୍ଡ, ଅଙ୍ଗହାନୀ ଭଳି କଠୋର ଦଣ୍ଡର ବ୍ୟବସ୍ଥା ରଖି, ହୁଏତ ଲୋକଙ୍କ ଭିତରେ ଚୋରି ଅଭ୍ୟାସକୁ ନିର୍ବାସିତ କରାଯାଇଥିଲା । ଲିଖିତ ଅଛି ରାତ୍ରୀର ପ୍ରହରୀ ରୂପେ ନିଯୁକ୍ତି ପାଇଥିଲା ଜଣେ ଦୈତ୍ୟ । ସାମାନ୍ୟ ବ୍ୟତିକ୍ରମ ଦେଖିଲେ ଦୈତ୍ୟର ଏକମାତ୍ର ଦଣ୍ଡ ଥିଲା ପ୍ରାଣଦଣ୍ଡ । ନଗରୀ ଭିତରେ ଥିଲା ଗୋଟିଏ ଦିବ୍ୟ ପୁଷ୍କରଣୀ । ପ୍ରଦକ୍ଷିଣ କରି ସେଥିରେ ସ୍ନାନ କଲେ ପଙ୍ଗୁକୁ ଗିରି ଲଂଘିବାର ସାମର୍ଥ୍ୟ, ଅନ୍ଧକୁ ଦୃଷ୍ଟିଶକ୍ତି, ଖନାକୁ ବାଚାଳ ହେବାର ସୌଭାଗ୍ୟ ଲାଭ ହେଉଥିଲା । ନଗରୀରେ ଏମିତି ଏକ ସିଦ୍ଧ ସ୍ତମ୍ଭ ଥିଲା, ଯାହାର ଚାରିପଟେ ଘୂରି ଆସିଲେ ବିଷାଦଗ୍ରସ୍ତ ବା ନିଶାଗ୍ରସ୍ତ ଲୋକେ ନିଜ ନିଜ ଅପ୍ରତିହତ ଅଜ୍ଞାନ ଅଭ୍ୟାସରୁ ମୁକ୍ତ ହୋଇପାରୁଥିଲେ । ତେବେ ସବୁଠୁ ଆଶ୍ଚର୍ଯ୍ୟ ଥିଲା ନଗରର କେନ୍ଦ୍ରରେ ପରୀ ଆକୃତିର ପାଷାଣ ପ୍ରତିମା । ସ୍ୱୟଂ ରାଜନ୍ ଯଦି କେବେ ଭୁଲ୍ ବା ଅନ୍ୟାୟ କରୁଥିଲେ, ତେବେ ପ୍ରତିମା ଆଖିରୁ ଲୁହ ଝରୁଥିଲା ।

ବୋଧେ ପ୍ରାଚୀନ ଗୌରବକୁ ମନେ ପକେଇ ଅଧୁନା ନିର୍ମିତ ହେଇଛି ସେଭଳି ପୁଷ୍କରିଣୀ, ସ୍ତମ୍ଭ ଓ ପରୀରୁପୀ ପାଷାଣ ମୂର୍ତ୍ତି । ଶାସନ ତନ୍ତ୍ରରେ ଅନ୍ୟାୟ, ଆଠ ପ୍ରହର ବ୍ୟାପୀ ଏକ ସାଧାରଣ ବ୍ୟାପାରରେ ପରିଣତ ହେବା ପରେ ହୁଏତ ପାଷାଣ ମୂର୍ତ୍ତି ଜାଣି ସାରିଲାଣି ଯେ ଅଶ୍ରୁ ଝରେଇବାରେ ଆବଶ୍ୟକତା ନାହିଁ ।

ନଗର ନିର୍ମାଣର ଏପରି ବୈଚିତ୍ର୍ୟ ବର୍ଣ୍ଣନା ଶୁଣି ଲାଗୁଥିଲା "ସିଲାପଦିକରମ୍" ର ଲେଖକ ବା କବି ଜନୈକ ବୈରାଗୀ ରାଜପୁତ୍ର ଇଲାଙ୍ଗୋ ଆଡିଗଲ୍ ସତରେ କେତେବଡ ଦାର୍ଶନିକ ଥିଲେ!

"ସିଲାପଦିକରମ୍" ର ଅର୍ଥ ହେଲା ନୂପୁର । ଜଣେ କବିର ଭାଷାରେ ତାହାର ଅର୍ଥ ହେବ ସୌଭାଗ୍ୟ ନୂପୁର । କାହାଣୀରେ ଦେଖିବାକୁ ମିଳେ ସେଇ ନୂପୁର ବା ପାଉଞ୍ଜି କାବ୍ୟ ନାୟିକାଙ୍କ ପାଇଁ ଆଣି ଦେଇଥିଲା ଦୁର୍ଭାଗ୍ୟର ଅନ୍ତହୀନ ଅଭିଶାପ । କିନ୍ତୁ ସାଧାରଣ

ISSN NO.
2582-208X

ମାନବୀଙ୍କୁ ଦେବୀ ସ୍ତରକୁ ଉନ୍ନୀତ ହେବା ପାଇଁ ଉଦ୍ଦିଷ୍ଟ ବହୁବର୍ଷ ବ୍ୟାପୀ ସାଧନା ସମୟଙ୍କୁ ସଂକୁଚିତ କରିଦେବାରେ ସେଇ ନୂପୁରର ଭୂମିକା ଥିଲା ପ୍ରଚଣ୍ଡ । ତେଣୁ ବୋଧେ ସୌଭାଗ୍ୟ ନୂପୁର ବୋଲି କୁହାଯିବାରେ ଯୌକ୍ତିକତା ଅଛି ।

ଅତୀତକୁ ମନେ ପକେଇ ଦେବା ପାଇଁ କିଛି କିଛି ସରକାରୀ ପ୍ରାୟୋଜିତ ସ୍ମୃତି ସୌଧ ଥିଲା । ସୁନାମୀ ସମୟରେ ସର୍ବସ୍ୱ ଜଳମଗ୍ନ ହେଇଯିବା ଫଳରେ ନଷ୍ଟ ହେଇଗଲା ମାନବ ସମାଜର ଶତାବ୍ଦୀ ବ୍ୟାପୀ ସୂକ୍ଷ୍ମ କାରିଗରୀ । ପୁଣି ଅଣ୍ଟାଭିଡି ବାହାରିଲେ ଶିଳ୍ପୀକୂଳ । କାହାଣୀର ଗତିଶୀଳତାକୁ ଆଖି ଆଗରେ ରଖି ଚିତ୍ରକର, ଶୈଳ ଶିଳ୍ପୀ, ମୂର୍ତ୍ତିକାର ଆଦି ପୁଣି ତିଆରି କରିଛନ୍ତି ବିଭିନ୍ନ ଆର୍ଟ ଗ୍ୟାଲେରୀ ।

ତୋରଣ ଖଚିତ କୌଣସି ଏକ ଶିଳା–ଭାସ୍କର୍ଯ୍ୟର ଗ୍ୟାଲେରୀ ଦେଖିବାକୁ ଗଲି । ଭିତରେ ଅଛି ସେ କାଳର କଳା ମୁଗୁନି ପଥରର ନିଖୁଣ ମୂର୍ତ୍ତି । ଅଢେଇ ହଜାର ବର୍ଷ ତଳେ ପୁମ୍ପୁହର ନଗରୀର କୌଣସି ବଣିକ ବା ପୋତ ମାଲିକର ଅନୂଢ଼ କିଶୋରୀ ଜଣେ, ନିଦ୍ରା ଉପରାନ୍ତ ଭାଗ ନେଉଥିବା ବିଭିନ୍ନ କର୍ମର କ୍ରମିକ ଉପସ୍ଥାପନ । ଶଯ୍ୟାତ୍ୟାଗରୁ ଆରମ୍ଭ କରି, ପୁଷ୍କରିଣୀରେ ଜଳକ୍ରୀଡା ତଥା ସବାଶେଷରେ ବିଭିନ୍ନ ଭୂଷଣରେ ଆଭୂଷିତ ହେବା ପର୍ଯ୍ୟନ୍ତ । ଏଥିରେ ଗୋଟିଏ ପଟେ ନିଖୁଅ ଶିଳା–ଶିଳ୍ପ କଳାର ପ୍ରଦର୍ଶନୀ ସାଥେ ସାଥେ ସେ ସମୟରେ ଭୋଗ ବିଳାସର ପରିଭାଷା ମଧ୍ୟ ସ୍ୱଷ୍ଟ ବାରିହୁଏ ।

ସ୍ଥୂଳ ଦେହଟିକୁ ପୁମ୍ପୁହର ବେଳାଭୂମିରୁ ଫେରେଇ ଆଣିବା ହୁଏତ ସହଜ କଥା । କିନ୍ତୁ ବିଷାଦ ସଙ୍ଗୀତର ମୂର୍ଚ୍ଛନା ପରି ଶୁଭୁଥିବା ସେଇ ସାମୁଦ୍ରିକ ହିଲ୍ଲୋଳ ଯେ ସାରା ଜୀବନ ପାଇଁ କର୍ଣ୍ଣ କୁହରରେ ରହିଯାଏ ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ମୁଁ କାଗେଜି ଫୁଲ



ପ୍ରଶାନ୍ତ ବ୍ରହ୍ମା

କାଗେଜି ଫୁଲମୁଁ ରଙ୍ଗମୋ ଗୋଲାପି
ଧରି ନିଅ ଥରେ ମୋତେ
ଦେହସାରା ମୋର ଖାଲି କଣ୍ଟା ସିନା
ମନ ଭରି ନିଏ କେତେ।

ମୋତେ ତୋଳିକିଏ ସାଥେ ନେଇଯିବ
ଦୁଆରେ ସାଇତି ରଖି
ହସୁ ଥିବି ମୁଁ ତୁମ ପାଖେ ପରା
ଲାଖି ଯିବ ମନ ଦେଖି।

ମୁଁ ଟିକିଏ ଫୁଲେଇ ଭାରି ଲାଜେଇ
ତୋଳି ନେଉ ଥିବ ଧିରେ
ଆଜି ଅଛି ମୁଁ ଆଉ ନଥିବି କାଲି
ନିଜର କର ଆଦରେ।

ନିର୍ମଳ ମନ ମୋ ସୁନ୍ଦର ହୃଦୟ
ମୋତେ କିଏ ନେବ କିଣି
ମୁଁ କାଗେଜି ଫୁଲ ମୋତେ ନିଅ ଧରି
ସାଇତି ରଖିବ ଆଣି।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ବାଜିର ବାଜି

ଅନିତା ପ୍ରଧାନ

ଆକାଶ ଚିରି...
ଛୁଟୁଥିଲା ବେଗେ ନିଶାର୍ଦ୍ଧେ ଚପଳା
ଛିଟିକି କରି
ଅନ୍ଧାର ରାତି
ଖସୁଥିଲା ମେଘ ଘଡ଼ଘଡ଼ି ସାଥେ
ଛନକା ଛାତି,
କାଳିଆ ନଈ
କୂଳ ଭସେଇ
ଫୁଲୁଥିଲା ଜଳେ ଛଳ ଛଳ ହେଇ
ନାଆକୁ ବୋହି
ବାଳୁତ କିଏ ସେ ଡଙ୍ଗା ବାହି
ଧାଇଁ ଥିଲା ନଈ ଲଂଘିବା ପାଇଁ...!
ବିଜୁଳି ଖେଳେ
ଆକାଶ ତଳେ
ବାର ବରଷର ସାହସୀ ବୀର ସେ
ନିର୍ଭୟ କେଡ଼େ... ?
ଏପାଖ ତଟେ
ସଇନ କଣ୍ଠେ
ଶୁଭୁଥିଲା ଗୋରା ଫଉଜ ଆଦେଶ
ଗଳା ଫଟେଇ...
ନାଉରି ପିଲା

ISSN NO.
2582-208X

କେଡ଼େ ଚଗଲା
ବାହି ନେଲା ବେଗେ ଦୂରକୁ ନାଆ ସେ
ଫେରିଲା ନାହିଁ....
ସ୍ୱଦେଶ ତାତି
ଉଠିଲା ମାତି
ଦୃପ୍ତ କଣ୍ଠରୁ ପଡୁଥିଲା ଝରି;
ନେବି ନାହିଁ ଡଙ୍ଗା ... ନେବି ନାହିଁ...
ପରାଧୀନ ଆଜି
ମୋ ଭାରତ ଭୂଇଁ
ଯାହାରି ପାଇଁ
ପାରି ତାକୁ ଜମା କରିବି ନାହିଁ...!
ଏଡ଼େ ସେ ବୀର
ଢ଼ାଳି ରୁଧିର
ରକ୍ତମୟ କଲା କାଳିଆ ନୀର...
ଫୁଟିଲା ଗୁଳି
ପଡ଼ିଲା ଟଳି
ଦେଶ ଇତିହାସେ ନିଜକୁ ଢ଼ାଳି...
ଥମି ଯାଉଥିଲା ନଈ ପଠା ଧାରେ
ଝଡ଼ି ତୋଫାନ
ପାହି ଆସୁଥିଲା କାଳ ବିଭାବରୀ
ମେଘ ପବନ...
ଟଳିଲା ବାଜି
ଜିତିଲା ବାଜି
ବାଜିତ ବୀର ସେ ଇତିହାସ ପୃଷ୍ଠା
ମଣ୍ଡିଲା ଆଜି...!

ବୌଦ୍ଧ, ବନ୍ଧାପଥର- ୭୬୨୦୨୬
ମୋବାଇଲ - ୭୭୫୦୦୯୨୪୧୬

ISSN NO.
2582-208X

# ସନ୍ଥ ତୁଳସୀ ଦାସ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ମାଆ ପେଟେ ରହି
ବାର ମାସ ଯାଏ
ରାମ ନାମ ଜପୁଥିଲେ
ଏଭଳି ପିଲାଟା
ରାକ୍ଷସଟେ ହେବ
ଲୋକମାନେ କହୁଥିଲେ ।

ଜନ୍ମ ବେଳକୁ ସେ
ବତ୍ରିଶ ଦାନ୍ତର
ଅଧିକାରୀ ହୋଇଥିଲେ
ପାଂଚ ବରଷର
ପିଲାଟିଏ ପରି
ହୃଷ୍ଟପୃଷ୍ଟ ହୋଇଥିଲେ ।

ସାଇ ପଡ଼ିଶାର
ଟାହି ଟାପରାକୁ
ବାପା ମା' ସହି ନ ଥିଲେ
ଅତ୍ୟନ୍ତ ଦୁଃଖରେ

ISSN NO.
2582-208X

ଦାସୀଟେ ହାତରେ
ପିଲାଟିକୁ ଟେକି ଦେଲେ।

ଲଜ୍ଜା ଅପମାନେ
ପିତା ମାତା ଦିହେଁ
ଜଂଗଲକୁ ଚାଲିଗଲେ
କିଛି ଦିନ ପରେ
ଜଂଗଲ ଭିତରେ
ମୃତ୍ୟୁ ହିଁ ବରଣ କଲେ।

ସେହି ପୁତ୍ର ସଂଗେ
ଦାସୀଟିକୁ ଲୋକେ
ଗ୍ରାମରୁ ହଟେଇ ଦେଲେ
ପୁତ୍ରଟି ସତରେ
ଦାସୀଟିର ମୃତ୍ୟୁ
ଆଖିରେ ହିଁ ଦେଖି ଥିଲେ।

ବାବାଜୀ ବେଶରେ
ବୀର ହନୁମାନ
ଲାଳନପାଳନ କଲେ
ଛୋଟ ପିଲାଟିର
ଧାଈ ପରି ସିଏ
ସୁରକ୍ଷା ଦାୟିତ୍ୱ ନେଲେ।

ଶିକ୍ଷା ଦୀକ୍ଷା ଦେଇ
ସଂସ୍କାର ଶିଖାଇ
ସ୍ୱରୂପ ଦେଖାଇ ଦେଲେ

ISSN NO.
2582-208X

ତାହା ପରେ ସିଏ
ଶ୍ରୀରାମ ଚନ୍ଦ୍ରକୁ
ସାକ୍ଷାତ କରାଇ ଦେଲେ।

ରାମ ଚରିତ୍ରକୁ
ଲେଖିବା ପାଇଁ ସେ
ପ୍ରୋତ୍ସାହିତ କରିଥିଲେ
ଇଏ ଥିଲେ ସେହି
ତୁଳସୀ ଦାସ ଯେ
ରାମ କଥା ଲେଖି ଥିଲେ।

ପ୍ରସିଦ୍ଧ ତୁଳସୀ
ରାମାୟଣ ଇଏ
ରାମ ଚରିତ ମାନସ
ଚାଳିଶି ପଦରେ
ହନୁମାନଂକର
ଚାଳିଶା ରଖିଛି ଯଶ।

ମୋ ନଂ 9937462507

ISSN NO.
2582-208X

# ଆସ ଥରେ ବୁଲିଯିବା: ଏକ ସଂକ୍ଷିପ୍ତ ଆଲୋଚନା


ବରୁଣ କୁମାର ଦାସ

ସମୀକ୍ଷା : ବରୁଣ କୁମାର ଦାସ

ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ପ୍ରକାଶିତ ଚତୁର୍ଥ କବିତା ସଙ୍କଳନ 'ଆସ ଥରେ ବୁଲିଯିବା' ନେଇ କିଛି ଆଲୋକପାତକୁ ନିଛକ ଏକ ଆଗ୍ରହୀ ପାଠକର କିଛି ବିଚାର ଓ ମତ ବୋଲି ବିବେଚନା କରିବା ଲାଗି ନିବେଦନ । ସୁବର୍ଣ୍ଣଶ୍ରୀ ପ୍ରକାଶନୀ ସଂସ୍ଥା ତରଫରୁ ପ୍ରକାଶିତ 'ଆସ ଥରେ ବୁଲିଯିବା' କାବ୍ୟ ଗ୍ରନ୍ଥ ର ମୁଦ୍ରଣ, ପ୍ରଚ୍ଛଦ ଓ ସାମଗ୍ରିକ ପରିପାଟୀ ରୁଚିସମ୍ପର୍ନ୍ନ। ଭିନ୍ନ ସ୍ୱାଦର, ଭାବର, ଛନ୍ଦମୁକ୍ତ ଓ ଯୁକ୍ତ ୫୪ ଟି କବିତାର ସମାହାର ଏଇ କାବ୍ୟଗ୍ରନ୍ଥ । କବିତା ଭିତରେ ଜୀବନକୁ ପ୍ରତ୍ୟେକ କୋଣରୁ ଦେଖିବା, ମାପିବା, ବୁଝିବା, ବୁଝେଇବାର ଅନୁଭୂତିର ବିସ୍ଫୋରଣ ଘଟିଛି । ପ୍ରତ୍ୟକ୍ଷ ଜ୍ଞାନ ଓ ଅଭିଜ୍ଞତାର ଭିତ୍ତି ଭୂମି ଉପରେ ବାସ୍ତବ ସମାଜର ଫୁଙ୍ଗୁଳା ରୂପ ପାଠକ ସାମ୍ନାରେ ପ୍ରତୀୟମାନ । ସରଳ, ସହଜ ଭାଷାବିନ୍ୟାସ ଦ୍ୱନ୍ଦ, ଦହନ, ପୀଡ଼ା, ପ୍ରେମ, ଯନ୍ତ୍ରଣା, ପରିବେଶର ସଙ୍କଟ, ସାମାଜିକ ଅବକ୍ଷୟ, ଦୁର୍ଦ୍ଦଶା, ସ୍ୱପ୍ନଭଙ୍ଗ, ଯୁଦ୍ଧ, ଦେଇ ଗତି କରି ସମ୍ଭାବନା, ଦେଶପ୍ରେମ, ଆଶାବାଦ, ଆଲୋକ, ନୂଆ ସକାଳ ଏବଂ ଶେଷରେ ଇଶ୍ୱରଙ୍କ ପାଖରେ ସମର୍ପଣ କରି ସବୁର ସମାଧାନ ଓ ମୁକ୍ତିର ରାସ୍ତା ଦେଖେଇଛି ।

ପ୍ରଭାତ କୁମାର ଆଚାର୍ଯ୍ୟଙ୍କ କବିତା ଭିତରେ ଜୀବନକୁ ମଇନା ତଦନ୍ତ କରି ପାରିବାର ଭରପୁର ଶକ୍ତି ଖୋଜି ମିଳେ । ସମାଜର ବାସ୍ତବ ରୂପ ସହ ରିକ୍ସା ଟାଣୁଥିବା ମାଧିଆ ର ଜୀବନ ଜ୍ୟାମିତି ଦୁଃଖ, ଯନ୍ତ୍ରଣା ଏବଂ ଦୟନୀୟ ସ୍ଥିତିକୁ ଆଙ୍କିବା ସମୟରେ ଉତ୍ତର ଓଡ଼ିଶାର ବରେଣ୍ୟ ସାହିତ୍ୟ ସ୍ରଷ୍ଟା ବନମାଳୀ ସେନାପତି ମନେ ପଡ଼ନ୍ତି । ଦଳିତ,

ISSN NO.
2582-208X

ଗରିବ, ଅସହାୟ ମଣିଷର ଦୁଃଖ ଯନ୍ତ୍ରଣା ର ଇସ୍ତାହାର ଭିତରେ ବନମାଳି ସେନାପତି କହି ପାରିନ୍ତି ---

"ମୋ ଘରେ ଯେ ଜମା ଆଜି କ୍ଷୁଦାର ପାହାଡ଼
ଉପବାସ ଦୀର୍ଘଶ୍ୱାସ ମୋ ଘରେ ରାଜତ୍ୱ କରେ
ଦିନୁ ଦିନ କ୍ଷୟ ହୁଏ ଅଣୁ ପରମାଣୁ ଜୀବନ ନିର୍ଯାସ"
(ପୃଷ୍ଠା ୧୩୯ / ସୂର୍ଯ୍ୟ ଶିଖା -୧୯୮୭)

ଅନୁରୂପ ଭାବେ ପ୍ରଭାତ କୁମାର ଆଚାର୍ଯ୍ୟ ବି ମାହିର ସମାଜର ବାସ୍ତବ ରୂପ ତୋଲି ଧରିବାରେ ।

'ଆସ ଥରେ ବୁଲିଯିବା' କବିତା ଗ୍ରନ୍ଥରେ ସମାଜର ବାସ୍ତବ ରୂପ ସାମ୍ନାରେ ପ୍ରତୀୟମାନ ହୋଇଥାଏ ଇମିତି --

ଚକ ଗଡ଼ିଲେ ଜଳେ ମୋର ଚୁଲି
ମାଇକିନା ଖଣ୍ଡେ ଶାଢ଼ି ରେ ଲୁଚାଏ ଦିହ
ପାଚିଲା ତାଳ ବୁଢ଼ାମାଟା ମରିଯିବ
ନ ଖାଇବ ଯଦି ହାର୍ଟ ମେଡ଼ିସିନ
--------------------
ଏ ପା ପେଟର ତାତି
ଏ ତାତି ପାଇଁ ବରଷା ନାହିଁ ।(ପୃଷ୍ଠା ୧୨୪)

ସଭ୍ୟତାକୁ ହୋଇଛି ପାରାଲିସିସ
ନାଗବି ଟେକି ପାରୁନି ଫଣା
ପଦ୍ମତୋଳା କରିଛି ବିବଶ
ଦିଶୁଥିବା ମୁହଁମାନ କେଡ଼େ ମଳିନ ବିଷଣ୍ଣ (ପୃଷ୍ଠା ୬୬)
କଅଁଳ ଶିଶୁ କନ୍ୟା କପାଳରେ

ISSN NO.
2582-208X

ପିତୃତ୍ୱ ମିଳେନା
ତଣ୍ଟି ଚିପି ମାରିଦିଏ ମାମୁଁ କଂସ ପରି  (ପୃଷ୍ଠା ୧୨୬)

ବଦଳି ଯାଉ ଥିବା ଗାଁ ର ଚିତ୍ର ବି କବିଙ୍କ କଲମ ମୁନରେ ସ୍ପଷ୍ଟ ଭାବରେ ଚିତ୍ରିତ । ପଚାଶ ବର୍ଷ ତଳର ଗାଁକୁ ଖୋଜି ଦେଖନ୍ତି କବି ଏବଂ ପରିବର୍ତ୍ତନ ର ନଗ୍ନ ରୂପ ଦେଖି ବ୍ୟଥିତ । ଗାଁ କଥା ଭିତରେ ବି ସାମାଜିକ ଅବକ୍ଷୟ ଦୁର୍ଦ୍ଦଶା ଛବି ନଜରକୁ ଆସିଛି ।

ଚାଷ ବାସ ଚୁଲିକି ଗଲାଣି
ରୋଜଗାର ପାଇଁ ସବୁ ଲୋକ ସହର ମୁଂହା
ଗାଁରେ ଖୋଲିଛି ମଦ ଦୋକାନ
ନ୍ୟାୟ ନାହି କି ନିଶାପ ନାହି   (ପୃଷ୍ଠା -୧୧୬)

କିଛି କବିତାକୁ ବାଦଦେଇ ଅନ୍ୟସବୁ କବିତାର ଶବ୍ଦର ବ୍ୟବହାର ଗତାନୁଗତିକ, ପରିଚିତ ଏବଂ ପୁହଁପୌନିକ । ଶବ୍ଦ ସହ ଶବ୍ଦର ସନ୍ତୁଳନ ରକ୍ଷା କରିବା କ୍ଷେତ୍ରରେ କିଛିର ଅଭାବ ନଜରକୁ ଆସିଲେବି ଶବ୍ଦ ପ୍ରୟୋଗ ର ନିପୂଣ ଶିଳ୍ପ  ସେ ଖାଲି ଅବସ୍ଥାକୁ ପୂରଣ କରିବାରେ ଭୂମିକା ନେଇଛି ।ନମୂନା ବାବଦରେ କିଛି କବିତାର କଥା ଉପସ୍ଥାପନ କରା ଯାଇ ପାରେ ।

ସ୍ୱପ୍ନମାନେ ଚୁପଚୁପ୍ କଥା ହୁଅନ୍ତି
ରାତିର କୋଳରେ
ସେତେବେଳେ ଖୁବ୍ ମନେପଡ଼ ( ପୃଷ୍ଠା -୪୫ )

ଆଧୁନିକତାର ଖୋଳପା ପିନ୍ଧି
ନାରି ଆଜି ସାଜିଛି ପଣ୍ୟ । (ପୃଷ୍ଠା ୭୩)

ଏବେ ଖସିଲାଣି କାନ୍ଥର ପଲସ୍ତରା
ଝାପ୍ସା ଏସିଆନ ପେଣ୍ଟ ରଂଗ

ISSN NO.
2582-208X

ଦାନ୍ତ ନିକୁଟିଲେଣି ଛାତର ରଡ୍
ଶୁଖି ଆସିଲାଣି ତାଳପତ୍ର
ତଥାପି ଠକି ଚାଲିଛି ନିଜକୁ ନିଜେ
ନିଶାଗ୍ରସ୍ତ ଧାବକ ପରି । ( ପୃଷ୍ଠା ୭୫ )

ଟୁକୁରା କାଗଜପରି ଉଡ଼ିବୁଲୁଥିବେ
ମୋ ଅଧୁରା ସ୍ୱପ୍ନମାନେ
ବେଳାଭୂମିରେ ମଥା ପିଟୁଥିବ
ମୋର ସବୁ ଆଶା ଓ କଳ୍ପନା (ପୃଷ୍ଠା-୧୦୯)

ଏବେ ପୃଥିବୀ ପରିବେଶ ନେଇ ଉପୁଜି ଥିବା ଆଶଙ୍କା ଦେଇ ଗତି କରୁଛି । ପରିବେଶ ସୁରକ୍ଷା ପାଇଁ ପ୍ରାୟ ସବୁ ସଚେତନ ମଣିଷ, ଦେଶ ଉଦବିଗ୍ନ, ଆତଙ୍କିତ । ନିଜ କବିତାରେ ପରିବେଶ ଦୂଷଣ ର ଚିତ୍ର ଦେଇ ସୁରକ୍ଷାର ଆହ୍ୱାନ କରିବା ଇତି ବାଚକ ଦୃଷ୍ଟିଭଙ୍ଗୀ । ପରିବେଶ ଚେତନା ର ଗୁରୁତ୍ୱ ଦାୟିତ୍ୱବାନ କବିଙ୍କୁ ନିଆରା ସ୍ଥାନ ପ୍ରଦାନ କରିଛି । ଉଦାହରଣ ବାବଦରେ ନିମ୍ନ ପ୍ରଦତ୍ତ କବିତାର ପଙ୍କ୍ତି ସବୁ ବିବେଚ୍ୟ ହୋଇ ପାରେ –

ଆଉକିଛି ଦିନ ପରେ
କଂକାଳର ଶୋଭାଯାତ୍ରା ହେବ
ଆଲୁଅ ଅଂଧାର ଭିତରେ
ହଜିଯିବ ମୋ ଅସ୍ତିତ୍ୱର ସବୁଜ ପୃଥିବୀ (ପୃଷ୍ଠା ୧୮)

ଶ୍ରୀହୀନ ବଣ ଜଂଗଲ
ଗଛ ଗୁଛ ଧୂଆଁ ଆସ୍ତରଣ
ଓଜନ ସ୍ତର ହେଲାଣି କଣା (ପୃଷ୍ଠା୨୧)

ନିଃଶ୍ୱାସରେ ମିଶୁଛି ବିଷ, ଅଣନିଶ୍ୱାସୀ ଆକାଶ
ରଷିଛି ରତୁଚକ୍ର (ପୃଷ୍ଠା ୧୧୭)

ISSN NO.
2582-208X

ସଚେତନ ହୋଇବି କବି ପାଖରେ ସବୁ ସମସ୍ୟାର ସମାଧାନ ପାଇଁ ରାସ୍ତା ନାହିଁ, ଶକ୍ତି ନାହିଁ, ନାହିଁ ବି ସାମର୍ଥ୍ୟ । ଅସହାୟ କବି ବାରମ୍ବାର ଆଶ୍ରୟ ନିଅନ୍ତି ଜଗତରନାଥ ଜଗନ୍ନାଥଙ୍କ ଙ୍କ ପାଖରେ ଖୋଜି ମିଳେ ମୁକୁଳିବାର ରାସ୍ତା ଈଶ୍ୱର ବିଶ୍ୱାସରେ । କବିଙ୍କ କଥାରେ ଈଶ୍ୱରଙ୍କ ନିକଟରେ ହିଁ ରହିଛି ସବୁର ସମାଧାନ – ମିଳି ଯାଇ ପାରେ ସୁତ୍ର ସବୁ ବିପଦରୁ ଉଦ୍ଧାର ପାଇବାର ।

ହେ ଈଶ୍ୱର
ମୁଁ ଏବେ ବୁଝିଛି
ପୃଥିବୀଟା ଏବେ ଆମର ହୋଇ ନାହିଁ
ହୋଇଛି ସେ ପର (ପୃଷ୍ଠା ୨୧)

ନିରାଶାର ଜୁଆରରେ
କେବଳ ବାକି ଅଛି ଭାସିବାକୁ ।
ଥକି ପଡ଼ିଲିଣି ବୁଝା ମଣା କରି କରି
ବାହାରି ପାରୁନି ନିରାଶା ଗହ୍ୱରୁ
ରକ୍ଷାକର ହେ ଶ୍ରୀ ହରି । ( ପୃଷ୍ଠା ୩୩)

ମୁଁ ବି ଗାଉଛି ତୁମେ ବି ଗାଅ
ଜୀବନ ସଂଗୀତ
ଡରି ଯା ଅ ନାହିଁ
ସାହା ଆମ ଜଗନ୍ନାଥ । (ପୃଷ୍ଠା ୧୦୪)

କବିତାରେ ଆଶାବାଦ ଅଛି, କବି ହାରିବାଲାଗି ପ୍ରସ୍ତୁତ ନୁହନ୍ତି ।
ଜୀବନ ସଂଗ୍ରାସ ନେଇ ଆଗରେ ନେତୃତ୍ୱ ଦେଇଥାନ୍ତି ।
ପୋଛିଦିଅ, ପୋଛିଦିଅ
ହତାଶାର ଘର୍ମାକ୍ତ ସ୍ୱେଦ ବିନ୍ଦୁ

ଫୁଟାଇ ଦିଅ ଡ଼ାଳେ ଡ଼ାଳେ
ଅସୁମାରି ସମ୍ଭାବନାର ଫୁଲ । (ପ୍ରଷ୍ଠା– ୧୩)

ISSN NO.
2582-208X

ଫୁଟାଇ ଦିଅ ଭରସା ବିଶ୍ୱାସର ଫୁଲ
କୋମଳତା ଭରିଦିଅ ପ୍ରତିଟି ବାଣୀରେ
ନିଜେ ହୋଇଯାଅ ଅଭେଦ୍ୟ ଅଚ୍ଛେଦ୍ୟ ହିମାଚଳ
ପ୍ରତିଟି ପ୍ରାଣରେ ଫୁଟାଅ
ପ୍ରେମର କମଳ । (ପୃଷ୍ଠା ୯୦)

ଆଗକୁ ଆଗେଇ ଯିବାର ନିଷ୍ପତ୍ତି କବିଠି ଅଟଳ ଅନ୍ତହୀନ।
ତେଣୁ କବି ବଦ୍ଧ ପରିକର ଆଗକୁ ଆଗକୁ ବଢିବାରେ ---

ମୁଁ ଚାଲିଛି ମୋ ରାସ୍ତାରେ
ଝୁଣ୍ଟୁଛି ପଡୁଛି ଉଠୁଛି
ତଥାପି ଆଗକୁ ଯିବା ପାଇଁ
ନିଇତି ସ୍ୱପ୍ନ ଦେଖୁଛି
ସମୟ ସାଥିରେ ତାଳ ଦେଇ
ଆଗକୁ ଧାଇଁଛି
ବଂଚିଥିବା ଯାଏ । (ପୃଷ୍ଠା-୨୫)



ISSN NO.
2582-208X

ସମ୍ଭାବନା ହୀନ ଜୀବନ·
ତଥାପି ନିଶାରେ ମୁଁ ଦୌଡୁଛି
ଠିକ୍ ପୂର୍ବପରି (ପୃଷ୍ଠା ୭୪)

ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ପ୍ରକାଶିତ ଏଇ ଚତୁର୍ଥ କବିତା ସଙ୍କଳନ 'ଆସ ଥରେ ବୁଲିଯିବା' ନେଇ କିଛି ଆଲୋକପାତ ନିଚ୍ଛକ୍ ଏକ ସମୀକ୍ଷା । ବିଚାର ବିବେଚନା ସର୍ବଦା ଭିନ୍ନ ସ୍ୱାଦର ଭାବର ରୂପର ହୋଇ ପାରେ । ନିଜ ଦୃଷ୍ଟିକୋଣରୁ ବିବେଚନା କରିବାରଏହା ଏକ ଆନ୍ତରିକ ପ୍ରୟାସ ମାତ୍ର ।

ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସାରସ୍ୱତ ପ୍ରବାହ ଜାରୀ ରହି ଥାଉ ଆଗକୁ ଆଗକୁ । ଏଇ କବିତା ସଙ୍କଳନଟି ସର୍ବ ସ୍ତରରେ ସମାଦୃତ ହୋଇ ପାରିଲେ କବିଙ୍କ ପ୍ରୟାସ ସାର୍ଥକ ହେବ ।

ମେଲ : barunkumardas1@gmail.com

ISSN NO.
2582-208X

# ସମୟର ସାମିଆନା



ପ୍ରଫୁଲ୍ଲ ଚନ୍ଦ୍ର ବାରିକ

ଯେତେ ସନ୍ତର୍ପଣେ ଚାଲୁଥିଲେ ତମେ ଶୁଭୁଥାଏ ପାଦଶବ୍ଦ
କେହି ଯେବେ ତମ ପଛେ ଆସୁଥାଏ ଫୁଟିଉଠେ ଶତପଦ୍ମ ।
ସରାଗେ ସଧୀରେ କିଏ ସାଧିପାରେ ଆଙ୍କିବାକୁ ପାଦଚିହ୍ନ
ଯଦିଓ ଚରିତ୍ର ସୁଶୀଳ ସୁଶାନ୍ତ ଚିତ୍ର ତାଙ୍କ ଭିନ୍ନଭିନ୍ନ ।

ଏ ଯାବତ୍ କେବେ ତିଆରିଛି କେହି ପାଦ ହଳକ ଜୀବନ୍ତ
କୋଉ କାରିଗର ଅବା କର୍ମକାର ବୈଜ୍ଞାନିକ ବଳବନ୍ତ ।
ଅଥଚ କଠଉ ସର୍ଜିତ ହେଇଚି କଠୋର କାଠ କମାଣେ
ଭରତଙ୍କ ଭ୍ରାତୃପ୍ରେମରେ ପାଦୁକା ପୂଜା ପାଇଚି ପ୍ରମାଣେ ।

ପୁନରାୟ କେବେ ପାଦଟିଏ ବନ୍ଧା ପଡ଼ିଚି ପାଉଁଜି ସୁରେ
ଥମିଥମି ଥକା ମେଣ୍ଟାଏ ପିଆସୀ ପ୍ରୀତ ପାନ୍ଥଶାଳା ପୁରେ ।
ପାଦ କହିଲେ ତ ବୁଝିବାକୁ ହୁଏ ସାରାଟା ପ୍ରିୟ ପୃଥିବୀ
ଆକାଶ କହିଲେ ଯେମିତି ବୁଝାଏ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ଛବି ।

ପବନ ବି ଗୀତ ଗାଏ ମଦାଳସା ପାଦେ ଅଳତା ପିନ୍ଧେଇ
ଲିଭିବନି ପ୍ରିୟା ପାଦଚିହ୍ନ ଚାଲିଥିବି ସ୍ମୃତିକୁ କାନ୍ଧେଇ ।

##

ପାନପୋଷ, ରାଉରକେଲା - ୪
ମୋ : ୯୦୯୦୩୩୦୮୫୯

ISSN NO.
2582-208X

# ମୁଁ ଝିଅଟେ



ମଧୁସ୍ମିତା ପ୍ରିୟଦର୍ଶନୀ

ମୁଁ ଝିଅଟେ
ମୁଁ ଫୁଲଟେ
ମୁଁ ଝରଣାଟେ
ମୁଁ ନଈଟେ
ମୁଁ ତରାଟେ
ମୁଁ ପରୀଟେ
ତୁମେ କୁହ ବୋଲି ।

ମୁଁ ଝଅଟେ
ଅବଳା, ଦୁର୍ବଳା
କୋମଳା, ସଲିଳା
ତୁମ ଆଖିରେ।
ତୁମେ କୁହ ବୋଲି।

ମୁଁ ଝିଅଟେ
ମୁଁ ଦେବୀଟେ
ନାଁ ମୋର କଲ୍ୟାଣୀ
କେବେ ତ ଘରଣୀ
କେବେ ପୁଣି ରାଣୀ

ISSN NO.
2582-208X

ମୁଁ ଝିଅଟେ
ତୁମରି ମାପକଠିରେ
ମୁଁ ମାପି ହୁଏ
ତୁମରି ଆଖି ତରାଜୁରେ
ନ୍ୟାୟ ଭିକ୍ଷା କରେ

ମୁଁ ଝିଅଟେ
ହଁ ସୀତା ପରି
ଅହଲ୍ୟା ପରି
ଦ୍ରୌପଦୀ ପରି

****

ବାରିପଦା, ମୟୂରଭଞ୍ଜ
ମୋ- ୮୧୧୭୦୧୬୫୧୨

ISSN NO.
2582-208X

# ଆମ ସଂପର୍କ



ପଞ୍ଚାନନ ମେହେର

ତୋ ବିନା ଅଧୁରା ମୁଁ
ମୋ ବିନା ଅଧୁରା ତୁ
ପରଖି ନେବୁ କି
ଅନ୍ତରକୁ ମୋର
ହୃଦ ଖୋଲିଦେବି ମୁଁ ।

ମୁଁ ବି ଜାଣିଛି ତୋତେ
ତୁ ବି ଜାଣିଛୁ ମୋତେ
ଆସିବୁକି ଥରେ
ମୋ ମନମନ୍ଦିରେ
ନିତି ଦେଖୁଥିବି ତୋତେ ।

ଦେଖା ଦେଇଦେଲେ ତୁ
ଦେଖା ପାଇଗଲେ ମୁଁ
କାଳେ ଆମ ଭାବ
ହୁଗୁଳା ହୋଇବ
ଭାବୁଥାଇପାରୁ ତୁ ।

ଧାନବସା, ରାମପୁର, ସୁବର୍ଣ୍ଣପୁର
ଓଡିଶା ୭୬୭୦୪୫
ଭ୍ରାମ୍ୟଭାଷ : ୮୨୪୯୧୧୮୨୫୧

ISSN NO.
2582-208X

# କଥା ଥିଲା

ଧ୍ରୁବ ଚରଣ ଘିବେଲ୍

କଥା ଥିଲା
କହିବାକୁ କେତେ
କହି ହେଲା ନାହିଁ ।
ବାଣ୍ଟିବାର ଥିଲା
ଭଲ ମନ୍ଦ
ସୁଖ ଦୁଃଖ
ବାଣ୍ଟି ହେଲା ନାହିଁ ।
ଇଚ୍ଛା ଥିଲା
ଭାବ ଯୋଡ଼ିବାକୁ
ଯୋଡ଼ି ହେଲା ନାହିଁ ।
ମନ ଥିଲା
କିଛି ଗୋପନ
କଥା କହିବାକୁ
ମନ ଖୋଲି କହି ହେଲା ନାହିଁ ।
ଭାବ ଭାବନା ଥିଲା
ଭାବେ ବାନ୍ଧି ହେବା ପାଇଁ
ତାହା ବି ହେଲା ନାହିଁ ।
ନା କିଛି କହି ହେଲା
ନା ସୁଖ ଦୁଃଖ ବାଣ୍ଟି ହେଲା
ନା ଭାବ ଯୋଡ଼ି ହେଲା
କଥା ସେମିତି
ସେତିକିରେ ରହିଗଲା
କଥା ଫୁଲ ମରିଗଲା ।

ବଉଦଗ୍ରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ସହୀଦ ବାଜି ରାଉତଙ୍କ ଚରିତ୍ର ର କେତେଗୁଡିଏ ଦିଗ



ଅସିତ ମହାନ୍ତ




(୫ ଅକ୍ଟୋବର ୧୯୨୬, ନୀଳକଣ୍ଠପୁର – ୧୧ ଅକ୍ଟୋବର ୧୯୩୮, ଭୁବନ)

"ନୁହେଁ ବନ୍ଧୁ, ନୁହେଁ ଏହା ଚିତା,
ଏ ଦେଶ ତିମିର ତଳେ ଏ ଅଲିଭା ମୁକତି ସଳିତା"

(ଅର୍ଥାତ ,ବନ୍ଧୁଗଣ, ଏହା ଏକ ଅନ୍ତିମ ସଂସ୍କାର ନୁହେଁ! ଯେତେବେଳେ ଦେଶ ଗଭୀର ନିରାଶାରେ ଥାଏ, ସେତେବେଳେ ଏହା ଆମର ସ୍ୱାଧୀନତାର ଆଲୋକ ଅଟେ । ଏହା ହେଉଛି ଆମର ସ୍ୱାଧୀନତା-ଅଗ୍ନି ।)

ଯେତେବେଳେ ବାଜି ରାଉତଙ୍କ ଶରୀର ଚିତାରେ ଜଳୁଥିଲା, ସାତଜଣ ମାର୍କ୍ସବାଦୀ ବିପ୍ଳବୀଙ୍କ ମଧ୍ୟରୁ ସଚି ରାଉତରାୟ, ଯିଏ ଭାରତର ସର୍ବ କନିଷ୍ଠ ସହିଦଙ୍କ ମୃତଦେହକୁ ଜାଳି ଅମର ହେବାକୁ ପସନ୍ଦ କରିଥିଲେ। ଅକ୍ଟୋବର ୧୧, ୧୯୩୮ ର ଅବିସ୍ମରଣୀୟ ରାତିରେ, କଟକ, ଖାନନଗରର ଶବଦାହ ସ୍ଥଳରେ ଚିତା ତାଙ୍କ ହୃଦୟର ଅସହ୍ୟ

ISSN NO.
2582-208X

କାନ୍ଦଣାକୁ ଅଭିଭାଷଣ ଦେଇଥିବାବେଳେ ତାଙ୍କର ଅନ୍ୟ ସାଥୀମାନେ: ବୈଷ୍ଣବ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ଗୋବିନ୍ଦ ମହାନ୍ତି, ରବି ଘୋଷ, ମୋତିଲାଲ ତ୍ରିପାଠୀ ଏବଂ ବିଶ୍ୱନାଥ ପାସାୟତ୍ ତାଙ୍କ ସହ-ଶହୀଦମାନଙ୍କ ସହିତ: ହୁରୁ ପ୍ରଧାନ, ରଘୁ ନାୟକ, ଗୁରୁ ନାୟକ ନାତା ମଲିକ, ଲକ୍ଷ୍ମଣ ମଲିକ ଏବଂ ଫାଗୁ ସାହୁଙ୍କ ଶେଷ ସେବା କରୁଥିଲେ। ଉପରୋକ୍ତ ଉଦ୍ଧୃତ ଛନ୍ଦ ହେଉଛି ସଚ୍ଚି ରାଉତରାୟଙ୍କର ପ୍ରସିଦ୍ଧ କବିତା "ବାଜି ରାଉତ" ର ପ୍ରଥମ ସ୍ତମ୍ଭ, ଯାହା ହରିନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଇଂରାଜୀରେ ଅନୁବାଦ କରାଯାଇଥିଲା, ଯାହାକି ରିୟାସତ ର ରାଜାମାନଙ୍କ ଠାରୁ ଲୋକଙ୍କ ସ୍ୱାଧୀନତା ପାଇଁ ଏକ ଅଦ୍ୱିତୀୟ ଆନ୍ଦୋଳନକୁ ପ୍ରେରଣା ଦେଇଥିଲା। ବିଭିନ୍ନ ରାଜ୍ୟର ଲୋକମାନେ ନିଜ ନିଜ ଶାସକ ମୁଖ୍ୟଙ୍କ ବିରୋଧରେ ଆନ୍ଦୋଳନ କରୁଥିଲେ। କିନ୍ତୁ ୧୨ ବର୍ଷର ବାଳକ ବାଜି ରାଉତଙ୍କ ସର୍ବୋଚ୍ଚ ବଳିଦାନ ଏହି ଆନ୍ଦୋଳନରେ ଆବଶ୍ୟକୀୟ ପ୍ରେରଣା ଯୋଗାଇ ଦେଇଥିଲା ଯାହା ଶେଷରେ ଭାରତରୁ ରାଜତନ୍ତ୍ରକୁ ହଟାଇ ଦେଇଥିଲା।

ସ୍ୱାଧୀନତାର ଆଲୋକ ଭାବରେ ଜଣାଶୁଣା ବାଜି ରାଉତ ୫ ଅକ୍ଟୋବର ୧୯୨୬ ମସିହାରେ ଢେଙ୍କାନାଳ'ର ନୀଳକଣ୍ଠପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ, ତାଙ୍କ ପିତା ହରି ରାଉତ ଛୋଟ ବେଳୁ ମୃତ୍ୟୁ ବରଣ କରିଥିଲେ। ସେ ତାଙ୍କ ମାଆଙ୍କ ଦ୍ୱାରା ପାଳିତ ହୋଇଥିଲେ, ଯିଏ ଆଖପାଖରେ ଚାଉଳ ପାଛୁଡି, ସେଥିରୁ ମିଳୁଥିବା ରୋଜଗାରରୁ ବଞ୍ଚୁଥିଲେ। ସେ ଦେଖିଥଲେ ଯେ ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ସିଂଦେବ କିପରି ତାଙ୍କ ମାଙ୍କ ସମେତ ଗରୀବ ଗ୍ରାମବାସୀଙ୍କଠାରୁ ରୋଜଗାରକୁ ଛଡ଼ାଇ ନେଉଛନ୍ତି। ଅତଏବ, ଯେତେବେଳେ ଢେଙ୍କାନାଳ ସହର'ର ବୈଷ୍ଣବ ଚରଣ ପଟନାୟକ, ଯିଏ ପରବର୍ତ୍ତୀ ସମୟରେ ବୈଷ୍ଣବ ନାମରେ ବିଖ୍ୟାତ ହେଲେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହର ପତାକା ଉତ୍ତୋଳନ କରି ପ୍ରଜାମଣ୍ଡଳ ପ୍ରତିଷ୍ଠା କଲେ। ବାଜି କମ ବୟସ ସତ୍ୱେ ଏଥିରେ ଯୋଗ ଦେଇଥିଲେ। ବୈଷ୍ଣବ ଚରଣ ପଟ୍ଟନାୟକ ଚତୁରତାର ସହ ରେଳବାଇରେ ଚିତ୍ରକର ଭାବରେ ଯୋଗ ଦେଇଥିଲେ ଯାହା ଦ୍ୱାରା ସେ ପାଇଥିବା ରେଳ ପାସ୍ ବ୍ୟବହାର କରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଗଣାରେ ଯାଇପାରିବେ। ଏହି ପାସ୍ ର ସୁଯୋଗ ନେଇ ସେ କେବଳ ରେଳ ଟ୍ରାକ୍ ଦେଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆରମ୍ଭ କରିନଥିଲେ ଏବଂ ରାଜାଙ୍କ ବିରୁଦ୍ଧରେ ଲୋକଙ୍କୁ ଉତ୍ସାହିତ କରିଥିଲେ, ବରଂ କଟକ ଠାରେ ଜାତୀୟ କଂଗ୍ରେସର ନେତାଙ୍କ ସହ ଯୋଗାଯୋଗ ସ୍ଥାପନ କରି ଲୋକଙ୍କ ଅବସ୍ଥା ବିଷୟରେ ଅବଗତ ହୋଇଥିଲେ। ସେମାନଙ୍କର ଧ୍ୟାନ ଆକର୍ଷଣ କରିଥିଲେ । ସେ ନିଜକୁ ସେହି

ISSN NO.
2582-208X

ସମୟର ଏକମାତ୍ର ବୈପ୍ଳବିକ ପତ୍ରିକା "ଦି କୃଷକ" ସହ ଜଡିତ କରିଥିଲେ, ଯାହା ମାର୍କ୍ସବାଦୀଙ୍କ ଦ୍ଵାରା ପ୍ରସ୍ତୁତ ଏବଂ ପ୍ରକାଶିତ ହୋଇଥିଲା। ଏହିପରି ଭାବରେ, ସେ ନିଜକୁ ମାର୍କ୍ସବାଦୀ ବୈପ୍ଳବିକ ତତ୍ତ୍ଵ ଏବଂ ଅଭ୍ୟାସରେ ଶିକ୍ଷା ଦେଇ ସ୍ଥାନୀୟ ବୁଦ୍ଧିଜୀବୀ ହର ମୋହନ ପଟ୍ଟନାୟକ ଉପରେ ଜିତିଲେ ଏବଂ "ପ୍ରଜାମଣ୍ଡଳ ଆନ୍ଦୋଳନ" ନାମକ ଏକ ଜନ ଆନ୍ଦୋଳନ ପ୍ରତିଷ୍ଠା କଲେ। ଢେଙ୍କାନାଳର ପ୍ରତାଡ଼ିତ ଲୋକମାନେ ସାହସର ସହିତ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ଖୁବ୍ ଶୀଘ୍ର, ପଡୋଶୀ ରିୟାସତ ର ପ୍ରଜାମାନେ ନିଜ – ନିଜ ରାଜ୍ୟଗୁଡିକରେ ମଧ୍ୟ ପ୍ରଜା ମଣ୍ଡଳ ଗଠନ କଲେ । ଏହା ଦେଖି ଅନ୍ୟ ରାଜାମାନେ ଲୋକମାନଙ୍କର ଆନ୍ଦୋଳନକୁ ଦମନ କରିବା ପାଇଁ ଢେଙ୍କାନାଳର ରାଜାଙ୍କୁ ସମର୍ଥନ ଜଣାଇଲେ। ବଲାଙ୍ଗୀରର ରାଜା ଆର.ଏନ ସିଂଦେବ, କାଲାହାଣ୍ଡିର ରାଜା ପି.କେ ଦେବ, ଶଙ୍କର ପଟାପଙ୍କ ଶ୍ଵଶୁର ଯିଏ ସରାଇକଳାର ରାଜା ଏବଂ କେଓଂଝର ରାଜା ସେମାନଙ୍କ ସଶସ୍ତ୍ର ସୈନିକମାନଙ୍କୁ ଢେଙ୍କାନାଳକୁ ପଠାଇ ଲୋକଙ୍କୁ ଆତଙ୍କିତ କରିଥିଲେ। ବ୍ରିଟିଶ କର୍ତ୍ତୃପକ୍ଷ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୨୦୦ ବନ୍ଧୁକଧାରୀଙ୍କୁ ନେଇ କଲିକତାରୁ ଏକ ପ୍ଲାଟୁନ୍ ସୈନିକ ପଠାଇଥିଲେ। ଜନ ଆନ୍ଦୋଳନକୁ ଦମନ କରିବା ପାଇଁ ଢେଙ୍କାନାଳର ରାଜା ଆତଙ୍କର ଏକ ରାଜତ୍ଵ ବିସ୍ତାର କରିଥିଲେ। ଏହି ବାହ୍ୟ ଶକ୍ତିକୁ ବଜାୟ ରଖିବା ପାଇଁ ଶଙ୍କର ପ୍ରତାପ ଲୋକଙ୍କ ଉପରେ ଆଉ ଏକ ଟିକସ ଲଗାଇଲେ, ଯାହାକୁ 'ରାଜଭକ୍ତ ଟ୍ୟାକ୍ସ' ବା ବଫାଦାରୀ ଟ୍ୟାକ୍ସ କୁହାଯାଏ। ସେ ଘୋଷଣା କଲେ ଯେ ଯିଏ ଏହି ଟିକସ ଦେବାରେ ବିଫଳ ହେବେ ତାଙ୍କୁ ଦେଶଦ୍ରୋହୀ ଘୋଷିତ କରାଯିବ ଏବଂ ସେହି ଅନୁଯାୟୀ ଦଣ୍ଡିତ କରାଯିବ। ରାଜକୀୟ ଟିକସ ଦେଇ ନ ଥିବା ଲୋକଙ୍କ ଘର ରାଜ ହାତୀ ବ୍ୟବହାର କରି ଭାଙ୍ଗି ଦିଆଯାଉଥିଲା ଏବଂ ସେମାନଙ୍କର ସମସ୍ତ ସମ୍ପତ୍ତି ଜବତ କରାଯାଇଥିଲା। ଏହିପରି ଦମନକାରୀ ପଦକ୍ଷେପ ଲୋକଙ୍କୁ ଏହି ଆନ୍ଦୋଳନରେ ଯୋଗଦେବାରେ ରୋକିବାରେ ବିଫଳ ହୋଇଥିଲା। ଏହି ଆନ୍ଦୋଳନକୁ ସବୁଦିନ ପାଇଁ ଧ୍ଵଂସ କରିବାକୁ ନିଷ୍ପତ୍ତି ନେଇ ରାଜା ଏହି ଆନ୍ଦୋଳନର ନେତାଙ୍କ ବିରୁଦ୍ଧରେ ନିଜର ସମସ୍ତ ଶକ୍ତି ବ୍ୟବହାର କରିଥିଲେ। ବୀର ବୈଷ୍ଣବଙ୍କ ସମସ୍ତ ପୈତୃକ ସମ୍ପତ୍ତି ଜବତ କରାଯାଇଛି। ସେପ୍ଟେମ୍ବର ୨୨, ୧୯୩୮ ରେ ଏକ ଆଶ୍ଚର୍ଯ୍ୟଜନକ ଆକ୍ରମଣରେ ହର ମୋହନ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ ନେତାମାନଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ରାଜ ସେନା ବୀର ବୈଷ୍ଣବ ପଟ୍ଟନାୟକଙ୍କୁ ଗିରଫ କରିପାରିଲା ନାହିଁ। ତାଙ୍କୁ ଖୋଜୁଥିବା ବେଳେ ରାଜଭବନରେ ଖବର ଆସିଥିଲା ଯେ ସେ ଭୁବନ ଗ୍ରାମରେ କ୍ୟାମ୍ପ କରୁଛନ୍ତି। ଅକ୍ଟୋବର

ISSN NO.
2582-208X

୧୦, ୧୯୩୮ ରେ ରାଜାଙ୍କ ସଶସ୍ତ୍ର ବାହିନୀ ତୃତୀୟ ଥର ପାଇଁ ଭୁବନ ଉପରେ ଆକ୍ରମଣ କରିଥିଲା ଏବଂ ହାତୀ ବ୍ୟବହାର କରି ଅନେକ ଘର ନଷ୍ଟ କରି ଅନେକ ଲୋକଙ୍କୁ ନିର୍ଯାତନା ଦେଇଥିଲା। କିନ୍ତୁ ସମସ୍ତ ପ୍ରକାର ନିଷ୍ଠୁରତା ସତ୍ତ୍ୱେ ସେମାନେ ବୀର ବୈଷ୍ଣବଙ୍କ ବିଷୟରେ କୌଣସି ସୂଚନା ପାଇପାରିଲେ ନାହିଁ । ସେମାନେ ଅତି କମରେ ଆଠ ଜଣଙ୍କୁ ଗିରଫ କରି ବୈଷ୍ଣବ ପଟ୍ଟନାୟକଙ୍କ ବିଷୟରେ ସୂଚନା ପାଇବା ପାଇଁ ଆତଙ୍କ ବିସ୍ତାର କରିଥିଲେ। ଏହି ସମୟରେ ଏକ ସୂତ୍ରରୁ ଜଣାପଡିଛି ଯେ ସେ ବ୍ରାହ୍ମଣୀ ନଦୀକୁ ଡେଇଁ ପଳାଇ ଅନ୍ୟ ପାର୍ଶ୍ୱରେ ଥିବା ଗାଁକୁ ଯାଇଥିଲେ। ସେନା ତୁରନ୍ତ ଗୋଡ଼ାଇବା ଆରମ୍ଭ କଲା। ଲୋକମାନେ ବାଧା ସୃଷ୍ଟି କରିଥିଲେ । ସେମାନଙ୍କୁ ଘଉଡାଇବା ପାଇଁ ସେମାନେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଦୁଇ ଗ୍ରାମବାସୀ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ।

ବ୍ରାହ୍ମଣ ନଦୀର ନୀଳକଣ୍ଠପୁରରେ ସେନା ନିକଟତମ ଘାଟରେ ପହଞ୍ଚିଥିଲା। ବାଜି ରାଉତ ସେହି ସମୟରେ ଘାଟକୁ ଜଗି ରହିଥିଲେ। ତାଙ୍କୁ ସେନାକୁ ଡଙ୍ଗା ପାର କରିବାପାଇଁ ସେନା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେ ସଫା ମନା କରିଦେଲେ। ସେତେବେଳକୁ ସେ ଭୁବନରୁ ପଳାୟନ କରିଥିବା ଲୋକଙ୍କଠାରୁ ଶୁଣିଥିଲେ ଯେ ସେନା ଦ୍ୱାରା ସେମାନଙ୍କୁ କିପରି ନିର୍ଯାତନା ଦିଆଯାଇଥିଲା ଏବଂ ସେ ବୁଝିଯାଇଥିଲେ ଯେ ଯଦି ସାହସୀ ବୈଷ୍ଣବ ପଟ୍ଟନାୟକଙ୍କୁ ସୁରକ୍ଷା ଦେବାକୁ ପଡିବ, ତେବେ ସୈନିକମାନଙ୍କୁ ଅଟକାଇବାକୁ ପଡ଼ିବ। ତେଣୁ ସେ ଏହି ନିର୍ଦ୍ଦେଶ ପାଳନ କରିବାକୁ ମନା କରିଦେଇଥିଲେ। ରାଜ ସେନା ତାଙ୍କୁ ଧମକ ଦେଇଥିଲେ ଯେ ଯଦି ସେ ତୁରନ୍ତ ସେନାକୁ ନଦୀ ପାର ନକରନ୍ତି ତେବେ ସେମାନେ ତାଙ୍କୁ ହତ୍ୟା କରିବେ। ସେ ପୁନର୍ବାର ତାଙ୍କ ଆଦେଶକୁ ପ୍ରତ୍ୟାଖ୍ୟାନ କଲେ। ସେ ପ୍ରତିବାଦ କଲେ ଏବଂ କହିଲେ ପ୍ରଥମେ ସେମାନେ ପ୍ରଜାମଣ୍ଡଳକୁ ସମର୍ପଣ କରନ୍ତୁ । ଏହା ଶୁଣି ଜଣେ ସୈନିକ ତାଙ୍କ ବନ୍ଧୁକର ମୁଣ୍ଡରେ ଆଘାତ କରି ତାଙ୍କ ଖପୁରୀକୁ ଗଭୀର ଭାବେ ଆଘାତ ଦେଇଥିଲା । ସେ ତଳେ ପଡ଼ିଗଲେ। କିନ୍ତୁ ସେ ଉଠିଲେ। ସେ ତାଙ୍କ ଭିତରେ ଥିବା ଅଳ୍ପ କିଛି ଶକ୍ତି ସଂଗ୍ରହ କରି ନିଜ ସ୍ୱର ଉତ୍ତୋଳନ କଲେ ଏବଂ ରାଜ ସେନାର ଉପସ୍ଥିତି ବିଷୟରେ ତାଙ୍କ ଗ୍ରାମବାସୀଙ୍କୁ ଚେତାବନୀ ଦେଇଥିଲେ। ଜଣେ ସୈନିକ ତାଙ୍କ ବାୟୋନେଟକୁ ସାହସୀ ବାଳକର କୋମଳ ଖପୁରୀରେ ଆଘାତ ଦେଇଥିବା ବେଳେ ଅନ୍ୟଜଣେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ସେଦିନ ଥିଲା ୧୧ ଅକ୍ଟୋବର ୧୯୩୮। ଏହି ନିଷ୍ଠୁରତା ଦେଖି କେହି ଜଣେ ଲୋକଙ୍କ ପାଖକୁ ଦୌଡ଼ି ଆସି ସେମାନଙ୍କୁ ଜଣାଇଲେ। କ୍ରୋଧ ଏବଂ ଅବମାନନାରେ ପରିପୂର୍ଣ୍ଣ ହୋଇ ଶହ ଶହ ଲୋକ କ୍ରୋଧିତ ସିଂହ ପରି

ISSN NO.
2582-208X

ଘଟଣାସ୍ଥଳକୁ ଦୌଡ଼ିଗଲେ। ସେମାନଙ୍କୁ ଦେଖି ଭୟଭୀତ କଣ୍ଟିଜେଣ୍ଟ ବୈଷ୍ଣବ ପଟ୍ଟନାୟକଙ୍କ ପଛରେ ଦୌଡ଼ିବା ପରିବର୍ତ୍ତେ ସେମାନଙ୍କ ଜୀବନ ରକ୍ଷା କରିବାକୁ ଦୌଡ଼ି ପଳାଇଲେ। ବାଜିଙ୍କୁ ହତ୍ୟା କରିବା ପରେ ଏବଂ ତାଙ୍କ ଡଙ୍ଗାକୁ ଅଧିକାର କରିବା ପରେ ସେନା ଅତି ଶୀଘ୍ର ଚାଲିଗଲା; କିନ୍ତୁ ଖସି ପଳାଇବା ବେଳେ ସେମାନେ ପଛରେ ପିଛା କରୁଥିବା ଲୋକଙ୍କ ଉପରେ ଗୁଳି ଚଳାଇ ଥିଲେ ଯେଉଁଥିରେ ଆଉ ଚାରି ଜଣଙ୍କର ମୃତ୍ୟୁ ଘଟିଥିଲା। ବୈଷ୍ଣବ ପଟ୍ଟନାୟକ ମୃତଦେହ ସଂଗ୍ରହ କରି ଟ୍ରେନରେ କଟକକୁ ଆଣିଥିଲେ। ଏହି ଖବର ଜଙ୍ଗଲୀ ନିଆଁ ପରି ବ୍ୟାପିଗଲା। ଲୋକମାନେ କଟକ ଷ୍ଟେସନରେ ପହଞ୍ଚି ଶବ ସଂଗ୍ରହ କରି ଲାଲ ସଲାମ ସହ ବୈପ୍ଳବିକ ସ୍ଲୋଗାନ ଦେଇଥିଲେ। ଶହୀଦଙ୍କ ଶବ ବ୍ୟବଚ୍ଛେଦ ପରେ କଟକ ମେଡିକାଲରେ କରାଯାଇଥିଲା। ସାରଙ୍ଗଧର ଦାସ, ନବକୃଷ୍ଣ ଚୌଧୁରୀ, ଭଗବତୀ ପାଣିଗ୍ରାହି, ଗୌରାଙ୍ଗ ଚରଣ ଦାସ, ସୁଧୀର ଘୋଷ, ସୁରେନ୍ଦ୍ର ଦ୍ୱିବେଦୀ ଏବଂ ଗୁରୁଚରଣ ପଟ୍ଟନାୟକ ପରି ବୀର ରତ୍ନ ଏବଂ ତାଙ୍କ ସହ-ଶହୀଦଙ୍କ ଶେଷ ମାର୍ଚ୍ଚରେ ନେତୃତ୍ୱ ନେବାକୁ ସହମତି ପ୍ରକାଶ କରିଥିଲେ। ସହରର ରାସ୍ତାରେ ଏବଂ ଗଳି ହୋଇ ଖାନନଗର ଶବଦାହ ସ୍ଥାନକୁ ନଇଁଯାଇଥିଲା, ଯାହାଫଳରେ ମହିଳା ଏବଂ ଶିଶୁଙ୍କ ସମେତ କଟକ ସମସ୍ତେ ଓଡ଼ିଶାର ଅମର ପୁତ୍ରମାନଙ୍କର ଝଲକ ପାଇପାରିବେ । ତା'ପରେ ଏପରି କିଛି ଘଟିଲା ଯାହା ଆମ ଇତିହାସରେ କୌଣସି ଉଦାହରଣ ନାହିଁ । ଆପଣ ଏହାକୁ ଆମର ସ୍ୱାଧୀନତା ଆନ୍ଦୋଳନର ଏକ ବିରଳ ଘଟଣା ଭାବରେ ବିବେଚନା କରିପାରିବେ । ଲୋକମାନେ ସ୍ୱେଚ୍ଛାକୃତ ଭାବରେ ଶହୀଦମାନଙ୍କ ଶବକୁ ସେମାନଙ୍କ ବଳଦଗାଡିରେ ଶବଦାହ ସ୍ଥାନକୁ ନେଇ ଯାଇଥିଲେ। ଏହା ଅତ୍ୟନ୍ତ ଅସାଧାରଣ ଥିଲା । ଓଡ଼ିଶାର ଲୋକମାନେ ବଳଦଙ୍କ ପୂଜା କରନ୍ତି। କେହି କଳ୍ପନା ମଧ୍ୟ କରିପାରିବେ ନାହିଁ ଯେ ଓଡ଼ିଶାର ଜଣେ ବ୍ୟକ୍ତି ତାଙ୍କ ବଳଦକୁ ଏକ ମୃତ ଶରୀର ବହନ କରିବାକୁ ଅନୁମତି ଦେବେ। କିନ୍ତୁ ଏହା ଘଟିଲା । ଏପରି ଘଟଣା ପୂର୍ବରୁ କେବେ ହୋଇ ନଥିଲା ଏବଂ ସେବେଠାରୁ ଏପର୍ଯ୍ୟନ୍ତ ସେଭଳି ଘଟଣା ହୋଇନାହିଁ । ଦେଶପ୍ରେମ ଉତ୍ସାହ ଏତେ ଉଚ୍ଚ ଥିଲା । ଆହା! ଏହା ଅନୁଭବ କରିବା କେତେ ଦୁଃଖଦାୟକ! ସଚ୍ଚି ରାଉତରାୟ, ଅନନ୍ତ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ବିଶ୍ୱନାଥ ପଶାୟତ, ରବି ଘୋଷ ଏବଂ ମୋତିଲାଲ ତ୍ରିପାଠୀ ଶହୀଦଙ୍କ ଶବ ନେଇଥିବା ବଳଦଗାଡି ଚଳାଇଥିଲେ। ବୀର ବୈଷ୍ଣବ ପଟ୍ଟନାୟକ ଏବଂ ସ୍ୱାଧୀନତା ସଂଗ୍ରାମର ଅନ୍ୟ ବଡ ନେତାମାନେ, ଯେପରି ତଥା ଭଗବତୀ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ, ଗୁରୁ ଚରଣ ପଟ୍ଟନାୟକ, ନବକୃଷ୍ଣ

ISSN NO.
2582-208X

ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ନେତୃତ୍ୱରେ ହୋଇଥିବା ଶ୍ରଦ୍ଧାଞ୍ଜଳି ପଟୁଆରରେ ହଜାର ହଜାର ଲୋକ ରାସ୍ତାରେ ଭିଡ଼ ଜମାଇଥିଲେ। କୁଳବୃଦ୍ଧ ମଧୁସୂଦନ ଦାସ (ଅମର ମଧୁବାବୁ) ଙ୍କ ଅନ୍ତିମ ସଂସ୍କାରକୁ ଛାଡିଦେଲେ, କଟକ ଏଭଳି ସମାଧି ଶୋଭାଯାତ୍ରା କେବେ ଦେଖି ନଥିଲା ନା ଆଉ କେବେ ଦେଖିବ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

ISSN NO.
2582-208X

# ସମୟ



ମମତା ବଗର୍ତ୍ତୀ

ଏ ସମୟ କରିଛି ମଣିଷକୁ
ସତେ ଯେ ତା'ର ଗୋଲାମ,
ବେକରେ ସତେ ଯେମିତି
ବାନ୍ଧିଛି ଗୋଟେ ଲଗାମ ।।

ସମୟ ନିର୍ଦ୍ଧାରିତ କରୁଛି
ଜନ୍ମ ଓ ମୃତ୍ୟୁ ମଣିଷର,
କେବେ ଆସୁଛି ଖୁସିର ସମୟ
ତ କେତେବେଳେ ଦୁଃଖର ।।

ସମୟ ହିସାବରେ ହିଁ ଫିଟୁଛି
ସଭିଙ୍କ ବିବାହର ଯୋଗ,
ଉତ୍ତମ ସମୟରେ ହେଉଛି
ଦୁଇ ହୃଦୟର ସଂଯୋଗ ।।

ସମୟ ହିଁ କହୁଛି କିଏ ପର
କିଏ ଆମ ଆପଣାର,
ସେ ହିଁ ପୁଣି ବୁଝେଇ ଦେଉଛି
ମହତ୍ୱ ଆମ ସଂପର୍କର ।।

ISSN NO.
2582-208X

ବେଳେବେଳେ ଦେଇ ଯାଉଛି
ଅନେକ କଷ୍ଟ ଓ ଯାତନା,
ବେଳେବେଳେ ଚିହ୍ନା ମୁହଁକୁ
ସେ କରି ଦେଉଛି ଅଚିହ୍ନା ।।

ଏଇ ସମୟ ଅଜଣା କରୁଛି
ମଣିଷର ମନ ଓ ହୃଦୟ,
କର୍ମ ହିସାବରେ ଦେଉଛି
ମଣିଷକୁ ତା'ର ପରିଚୟ ।।

ଦୁନିଆର ସବୁ ଖେଳ
ଖେଳାଉଛି ଏଇ ସମୟ,
ପ୍ରତ୍ୟେକ ମଣିଷ ଦିନେ
ଖେଳିବ ଏହା ନିଶ୍ଚୟ ।।

ରାଣୀକଟା,ବଲାଙ୍ଗୀର

ISSN NO.
2582-208X

# ମୁଁ କେବେ ବଦଳି ନାହିଁ



ଚିତରଞ୍ଜନ ବେହେରା

ଏମିତି କାର୍ତ୍ତିକ ମାସରେ
ଫଂଚୁକ କରି, ବ୍ରତ କରି
ଜନ୍ମ ଦେଇଥିଲି,
ଆଜି ବି ଫଂଚୁକ କରୁଛି
ବ୍ରତ କରୁଛି, ସେ ଭଲରେ ଥାଉ ବୋଲି,

ମୋ ନାତି ନାତୁଣୀଙ୍କୁ
ଭଲରେ ରହିବା ପାଇଁ
ବଙ୍କୁଲି ବାଡି ସାହାଯ୍ୟରେ
ମନ୍ଦିର ଯାଉଛି, ପୂଜାବ୍ରତ ପାଇଁ,
ଆଗ ଖାଇବା ଥାଇ ଉପବାସ ରହୁଥିଲି,
ଏବେ ଖାଇବା ନାହିଁ, ଉପବାସ କରୁଛି...!!

ମୋ ଆଗରେ ସେମାନେ
ସବୁବେଳେ ସେ କୁନି ପୁଅ ଝିଅ,
ଫରକ ଖାଲି ଏତିକି,
ଘରେ ଫଂଚୁକ କରୁଥିଲି,
ଏବେ ଜରାଶ୍ରମରେ କରୁଛି,

ISSN NO.
2582-208X

ଘରୁ ମନ୍ଦିର ଯାଉଥିଲି
ଏବେ ଜରାଶ୍ରମରୁ ଯାଉଛି....!!

ସେତେବେଳେ ମୋ ପଣତ କାନି
ମୋ ପୁଅ ଧରି ଯାଉଥିଲା,
ଏବେ ଘୁସୁଡ଼ି ଘୁସୁଡି ଯାଉଛି,
ପୁଅ ସିନା ବଦଳି ଗଲା
ମୁଁ କେବେ ବଦଳି ନାହିଁ....
ଯେମିତି ଥିଲି ଠିକ୍ ସେମିତି ଅଛି...!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ଶରତର ଆଗମନ



ସ୍ମିତିପ୍ରଜ୍ଞା ଷଡଙ୍ଗୀ

ଶରତ ଆସିଛି ଖବର ଆଣିଛି
ମାଆ ଗଜବାହନରେ ଆସୁଛି
ମୁରୁକି ମୁରୁକି କାଶତଣ୍ଡୀ ହସୁଛି
ମାଆ ଆଗମନର ବାର୍ତ୍ତା ଶୁଣୁଛି ॥
ମାଆ ଆସିବେ ବୋଲି ଶରତର ମୃଦୁ ପବନରେ
କାଶତଣ୍ଡୀ ଦୋହଲୁଛି
ପ୍ରକୃତି ଦେଇ ପତ୍ର ଝଡା
ମାଆ ଆସିବା କଥା ପକ୍କା କରିଦେଉଛି ॥
ନିର୍ମଳ ଆକାଶ ତଳେ ସବୁଜ କ୍ଷେତ
ପ୍ରକୃତି ପ୍ରେମୀଙ୍କୁ କରେ ମୋହିତ
ଜଗତଜନନୀ ବେଶ କର
ଧାରତା ହେଲାଣି ପରା ଶରତ
ହାତଯୋଡି କାଶତଣ୍ଡୀ କରେ ସ୍ୱାଗତ ॥
ଚନ୍ଦ୍ରକୁ ଦେଖି କମୁଦ ହସେ
ଗାଡିଆ ଭିତରେ ରହି
କମଳ ହସେ ସୂର୍ଯ୍ୟଙ୍କୁ ଦେଖି
ସ୍ୱଚ୍ଛ ପୁଷ୍କରୀଣିରେ ରହି ॥

ISSN NO.
2582-208X

ଶେଫାଳୀ ହସି ହସି ଚହଟାଏ ବାସ
ଅପେକ୍ଷାରତ ତୁମପାଇଁ ଏ ସାରା ଜଗତ
ଆଗମନ କର ଆହେ ମହୀଷାମର୍ଦ୍ଦିନୀ
ହାତଯୋଡି ଡାକେ ପରା ଶରତ ॥
ପ୍ରକୃତି ର ଛବି ମନୋଲୋଭା ଆଜି
ଚଉଦିଗେ ସବୁଜିମା
ସେଥିପାଇଁ ବୋଧେ ଦୂତ ସାଜିଛି
ଶରତର ଗରିମା ॥

ରାମବାଗ ଷଡଙ୍ଗୀ ସାହି, ଯାଜପୁର

ISSN NO.
2582-208X

# ଉତ୍ତରାଧିକାରୀ



ଅବିନାଶ ସାହୁ

ଆଜିକାଲି ରାସ୍ତାରେ ଯେଉଁଭଳି ଗାଡ଼ି-ମଟରର ଗହଳ ଚହଳ ତା'ପରେ ଏଇ ରାତିରେ ବି ଯେଉଁ ଆଲୋକ ସବୁ ଗାଡ଼ିଗୁଡ଼ାକରୁ ଆଖିକୁ ପଡୁଛି ସେଥିରେ ଏ ମଣିଷକୁ ଗାଡ଼ି ଚଳେଇବାକୁ ଡର ଲାଗୁଛି। କଅଣ ଆଉ କରିବା ! ଚାଳକ ବୃତ୍ତିକୁ ଯେତେବେଳେ ଆପଣାଇ ନେଇଛି ଏଇ କର୍ମକରି ବାକିଥିବା ଜୀବନକୁ ତୁଲାଇନେବା। ମହାପ୍ରଭୁ ଜଗନ୍ନାଥ ଭରସା ହୋଇଛନ୍ତି ବୋଲି ସିନା ଭିଡ଼ ଭିତରେ ଗାଡ଼ିକୁ ଆଗକୁ ନେବାରେ ଯାହା ସକ୍ଷମ ହେଉଛି, ନହେଲେ ଏ ରାସ୍ତାରେ କେବେଠୁ ମୋ ପିଣ୍ଡରୁ ପ୍ରାଣ ଛାଡ଼ି ସାରନ୍ତାଣି। ଏତିକି କହିଲା ବେଳେ ପଛପଟୁ ଜୋରରେ ଚାରି ଚକିଆ ଇନୋଭା ଗାଡ଼ିଟି ଟ୍ରକକୁ ଅତିକ୍ରମ କରି କ୍ଷିପ୍ର ଗତିରେ କେଇ ମିଟର ଆଗକୁ ଯାଇ ଗଛକୁ ଧକାଦେବା ମାତ୍ରେ ରାସ୍ତାରୁ ଖସି ବିଲରେ ପଶିଗଲା। ହଠାତ୍ ଟ୍ରକ୍ ଚାଳକ ବ୍ରେକ୍ କଷିବାରୁ ଟ୍ରକଟି ଦୁର୍ଘଟଣା ସ୍ଥଳରୁ କିଛିଦୂର ଆଗକୁଯାଇ ରହିଲା। ଆରେ ଆରେ ବିଲଭିତରକୁ ଗାଡ଼ିଟା ଖସିଗଲା ବୋଧେ ! ହଁ ଭାଇନା, ଦେଖ ଧାନବିଲ ଭିତରୁ ଗାଡ଼ିର ପଛ ଲାଇଟ ଗୁଡ଼ାକ ଦପ୍ ଦପ୍ ହେଉଛି। ଗାଡ଼ିରୁ ଓହ୍ଲାଅ ଭାଇନା ସେ ଗାଡ଼ିରେ କିଏ ଅଛନ୍ତି ନା ନାହିଁ ଦେଖି ବାହାରକୁ ଆଣିବା, ତା'ପରେ ଯିବା। ତୁ ପାଗଳ ହେଲୁକିରେ, ଏବେ ଯଦି ସେମାନଙ୍କୁ ଉଦ୍ଧାର କରିବାକୁ ଯିବା ତେବେ ସେପଟେ ବିଳମ୍ବରେ ପହଞ୍ଚିଲେ ମାଲିକ ବିଗିଡ଼ିବ। ସେପଟେ ମାଲିକ ବିଗିଡ଼ିବ ବୋଲି କ'ଣ ଅଧାବାଟରେ ଏମାନଙ୍କୁ ମରିବାକୁ ଛାଡ଼ି ଚାଲିଯିବା ଭାଇନା ? ଏହା କେଉଁ ମାନବିକତା ? ତୁମେ ମୋ ସହ ଆସ ଭାଇନା ଆମେ ଅନ୍ତତଃ ସେମାନଙ୍କୁ ଗାଡ଼ିରୁ ବାହାର କରି ଆମ୍ବୁଲାନ୍ସ ଆସିବା ପର୍ଯ୍ୟନ୍ତ ରହି ତା'ପରେ ଚାଲିଯିବା। ଦୁହେଁ ଟ୍ରକରୁ ଓହ୍ଲାଇ ଧାନବିଲରେ ପଶି ଇନୋଭା ପାଖରେ ପହଞ୍ଚିଲେ। ଇନୋଭା ଭିତରେ ଚାଳକ ସମେତ ଜଣେ ସ୍ତ୍ରୀ, ପୁରୁଷ

ISSN NO.
2582-208X

ଏବଂ ବାଳକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଥିବା ଦେଖି ଇନୋଭାର କବାଟ ଖୋଲିବାକୁ ଚେଷ୍ଟାକରି ବିଫଳ ହେଲେ।

ତତ୍‌କ୍ଷଣାତ୍ ଦୂରରୁ ଆଉ ଏକ ବସ୍ ଆସୁଥିବାର ଦେଖି ଟ୍ରକର ଚାଳକ ସଙ୍ଗେସଙ୍ଗେ ରାସ୍ତା ଉପରକୁ ଉଠିଆସି ଗାଡ଼ିଟିକୁ ଅଟକାଇ ଦୁର୍ଘଟଣା ଘଟିଥିବା କଥା କହିବାକ୍ଷଣି ବସ୍‌ରୁ କିଛି ଯୁବକ ବିଲଭିତରକୁ କୁଦା ମାରିଲେ। ଏପଟେ ବସ୍ ଚାଳକ ଆମ୍ବୁଲାନ୍ସ ଏବଂ ନିକଟବର୍ତ୍ତୀ ଥାନାକୁ ଫୋନ୍ ଯୋଗେ ଜଣାଇଲେ। ରୋଗୀବୁହାଗାଡ଼ି ଦୁର୍ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ସଭିଏଁ ମିଶି ବିଲରେ ଥିବା ଇନୋଭା ଭିତରୁ ଚାରିଜଣ ଗୁରୁତରଙ୍କୁ ରାସ୍ତାଉପରକୁ ନେଇଆସିଥିଲେ। ଏତିକି ବେଳକୁ ସ୍ତ୍ରୀ, ପୁରୁଷ ଦୁଇଜଣଙ୍କ ପ୍ରାଣବାୟୁ ଉଡ଼ିଯାଇଥାଏ। ଇନୋଭା ଚାଳକ ଏବଂ ବାଳକଟିକୁ ରୋଗୀବୁହା ଗାଡ଼ିରେ ଭର୍ତ୍ତିକରି ଗାଡ଼ିଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଭିମୁଖେ ଛୁଟିଗଲା। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଅନ୍ୟ ଗୋଟିଏ ଗାଡ଼ିରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୁଇଗୋଟି ଶବକୁ ପଠାଇଲା। ତୁରନ୍ତ ଦୁର୍ଘଟଣାସ୍ଥଳରୁ ଭିଡ଼ ହଟାଇ ବିଲରେ ଥିବା ଇନୋଭା ଭିତରୁ ପୁଲିସ ମୃତକଙ୍କ ପରିଚୟ ଜାଣିପାରିଲା। ମୃତାହତ ହୋଇଥିବା ସଭିଏଁ ଗୋଟିଏ ଗାଁର ଥିଲେ। ପୁଲିସ୍ ସଙ୍ଗେସଙ୍ଗେ ମୃତକଙ୍କ ଘରେ ପହଞ୍ଚି ଖବରଦେବାକୁ ଡାକିବାରୁ ଘର ଭିତରୁ ଜଣେ ବିଧବା ବୁଢ଼ୀଲୋକ ଆସି କ'ଣ ହୋଇଛି ? ବୋଲି ପଚାରିଲେ। ଆପଣଙ୍କ ଘରେ ଆଉ କିଏ ଅଛନ୍ତି ? ପୁଲିସ ପଚାରନ୍ତେ ବୁଢ଼ୀ କହିଲେ ପୁଅ, ବୋହୂ, ନାତି, ନାତୁଣୀ ସବୁ ଅଛନ୍ତି; ହେଲେ, ଆଜି କନିକା ଯାଇଛନ୍ତି ବୁଲିବାକୁ ମୁଁ ବୁଢ଼ୀଲୋକ ବୋଲି ଯିବାକୁ ମନାକଲି। ସଞ୍ଜ ଗଡ଼ୁଗଡ଼ୁ ପହଞ୍ଚିଯିବେ ବୋଲି ପୁଅ କହିଥିଲା ହେଲେ ରାତି ହେଲାଣି ଆସିନି। ମୋ ନାତୁଣୀ ନୀଳିମା ଗଡ଼ରେ ପଢୁଛି, ତା'କୁ ସେଇଠି ଛାଡ଼ିକି ଆସିବେ ତେଣୁ ବିଳମ୍ବ ହେଇଥିବ ପରା ! ନାଇଁ ବୁଢ଼ୀମା' ସେମାନଙ୍କ ଗାଡ଼ିଟି ଏଇ କିଛି ଦୂରରେ ଦୁର୍ଘଟଣା ଘଟିଛି, ଆମେ ସମସ୍ତଙ୍କୁ ଡାକ୍ତରଖାନା ପଠେଇଦେଇଛୁ। ତୁମର ଝିଅ-ଜ୍ୱାଇଁ କିମ୍ବା ଗାଁ ଲୋକ ସମ୍ପର୍କୀୟ କେହି ଯଦି ଅଛନ୍ତି ତେବେ କାହାକୁ ପଠାଅ ଡାକ୍ତରଖାନାରେ ତୁରନ୍ତ ପହଞ୍ଚିବେ। ବୁଢ଼ୀ ପୁଲିସ୍ ମୁହଁରୁ ଏକଥା ଶୁଣି କାନ୍ଦୁଣୁମାନ୍ଦୁଣୁ ହୋଇ ଗାଁ ପଣ୍ଡିତଙ୍କ ଘରେ ପହଞ୍ଚି ନିଜ ଝିଅ ପ୍ରତିମା ଏବଂ ଜ୍ୱାଇଁ ପିନାକୀଙ୍କୁ ଦୁର୍ଘଟଣା ଘଟିଥିବା ଘଟଣା ବିଷୟରେ ଜଣାଇଲା।

ପରଦିନ ସକାଳୁ ଗୁରୁତର ଆହତ ହୋଇଥିବା ଇନୋଭା ଚାଳକ ଏବଂ ବାଳକ ମଧ୍ୟ ଡାକ୍ତରଖାନାରେ ଆଖିବୁଜିଲେ। ଏହି ଖବର ପ୍ରଚାରିତ ହେବା ମାତ୍ରେ ଗାଁ ସାରା ଶୋକାକୁଳ

ISSN NO.
2582-208X

ପରିବେଶ ଖେଳିଗଲା। ବୁଢ଼ୀର ଝିଅ-ଜ୍ୱାଇଁ ଦୁହେଁ ରାତାରାତି ସୁଦୂର ରାଇରଙ୍ଗପୁରରୁ ବାହାରି ସକାଳୁ ଡାକ୍ତରଖାନାରେ ପହଞ୍ଚିଲେ। ସେଠି ପ୍ରତିମା ନିଜ ଭାଇ ଭାଉଜଙ୍କ ଶବକୁ ଦେଖି କୋହ ସମ୍ଭାଳି ପାରୁନଥାଏ। ଅପରପକ୍ଷରେ ପିନାକୀ ସଙ୍ଗେ ସଙ୍ଗେ ନିଜର ଝିଆରୀ ନୀଳିମାକୁ ଛାତ୍ରୀ ନିବାସରୁ ନେଇଆସିଲେ। ନୀଳିମା ମଧ୍ୟ ବାପା, ବୋଉ, ଭାଇ ତିନିଜଣଙ୍କ ଶବ ଏକାଠି ଦେଖି ବାରମ୍ବାର ଚେତାଶୂନ୍ୟ ହୋଇଯାଉଥିଲା। କାଲିରାତିରେ ଖୁସିରେ ସଭିଏଁ ଫେରିଥିଲେ ମାତ୍ର ଆଜି ଯାହା ଘଟିଗଲା ସେ ସବୁକୁ ନୀଳିମା ସହଜରେ ଗ୍ରହଣ କରିପାରୁନଥାଏ। ଚାରିଜଣଙ୍କ ଶବ ବ୍ୟବଚ୍ଛେଦ ହେବାପରେ ଗାଁ ଅଭିମୁଖେ ଦୁଇଟି ଗାଡ଼ି ବାହାରିଲା। ଗାଡ଼ି ଦୁଇଟି ଗାଁରେ ପହଞ୍ଚିବା ମାତ୍ରେ କାନ୍ଦବୋବାଳିରେ ଖଣ୍ଡମଣ୍ଡଳ ଫାଟିପଡ଼ିଲା। ଗାଁ ଲୋକଙ୍କ ସହଯୋଗରେ ଗାଁ ମଶାଣି ଅଭିମୁଖେ ଶବଧାରା ବାହାରିଥିଲା। ଶ୍ମଶାନରେ ପହଞ୍ଚିବା ପରେ ନୀଳିମା ବାପା, ବୋଉ ଏବଂ ଭାଇ ମୁହଁରେ ମୁଖାଗ୍ନି ଦେଇ ଫେରିଥିଲା ପିଉସାଙ୍କ ସହ। ଚାହୁଁ ଚାହୁଁ ଶୁଦ୍ଧିକ୍ରିୟା କାମ ଆଗକୁ ବଢ଼ିଲା। ଏଣେ ବୁଢ଼ୀ ନିଇତି ନାତୁଣୀକୁ କାଟୁ ଥାଏ; ତୁ ଅଲକ୍ଷଣି ନମଲୁ ଯାହା, ମୋ ପୁଅକୁ ଖାଇଲୁ ବୋହୂକୁ ଖାଇଲୁ ମୋ ନାତିଆକୁ ଖାଇ ବଉଁଶ ବୁଡ଼େଇଲୁ। ତୁ ରହିଲୁ କିଆଁ କୁଳ ଉଚ୍ଛନ୍ନ କରିବାକୁ ? ପ୍ରତିମା ବୁଢ଼ୀ ମାଆକୁ ଯେତେ ବୁଝାଇଲେ ମଧ୍ୟ ବୁଢ଼ୀ ବୁଝିବାକୁ ନାରାଜ। ଜ୍ୱାଇଁ ପିନାକୀ ସୁରୁଖୁରୁରେ ଶୁଦ୍ଧିକ୍ରିୟା କାର୍ଯ୍ୟ ସାରିଲେ। ଦ୍ୱାଦଶାହ କର୍ମ ସରିବା ପରେ ଘରେ ଉପଜିଲ୍ଲାପାଳ ପହଞ୍ଚି ମୃତକଙ୍କ କ୍ଷତିପୂରଣ ବାବଦକୁ ଝିଅ ନୀଳିମା ହାତକୁ ୧୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କଲେ। ଅପରପକ୍ଷେ ନୀଳିମାର ବାପା ବସାଇଥିବା 'ଚାଉଳ ତିଆରି କାରଖାନା'ଟିର ଏକମାତ୍ର ଉତ୍ତରାଧିକାରୀ ହେଉଛି ନୀଳିମା। ପିଉସୀ ପ୍ରତିମା ଏସବୁ କଥା ଜାଣିବାରୁ ତା' ମନରେ ଲୋଭ ବଢ଼ିଲା। ସେ ନିଜ ପୁଅ ସହ ନୀଳିମାର ବିବାହ କରେଇବା କଥା ସ୍ୱାମୀଙ୍କ କାନରେ ପକାଇଲା। ପିନାକୀ ରାଇରଙ୍ଗପୁର ଫେରିଲାବେଳେ ସାଙ୍ଗରେ ନିଜର ଶାଶୁ ଏବଂ ଝିଆରୀ ନୀଳିମାକୁ ନେଇଗଲେ।

ରାଇରଙ୍ଗପୁରର ପାଣି-ପବନ ବୁଢ଼ୀକୁ ସୁହାଇଲା ନାହିଁ, ତିନିମାସ ଯିବା ଉତ୍ତାରୁ ବୁଢ଼ୀ ମଧ୍ୟ ଶେଷ ନିଃଶ୍ୱାସ ତ୍ୟାଗ କଲା। ବର୍ତ୍ତମାନ ନୀଳିମା ସମ୍ପୂର୍ଣ୍ଣ ଏକା। ପ୍ରତିମାର ପୁଅ ପ୍ରବୀଣ ଏହାର ସୁଯୋଗ ନେଇ ନୀଳିମାର ନିକଟତର ହେବାକୁ ଲାଗିଲା। ନୀଳିମା ମଧ୍ୟ ପ୍ରବୀଣ ସହ ଅନାୟାସରେ ମିଳାମିଶା କଲା। ଦିନେ ବାପା ବୋଉ ଘରେ ନଥିବା ସମୟରେ ପ୍ରବୀଣ ନିଜ ସାଙ୍ଗମାନଙ୍କୁ ଘରକୁ ଡାକି ନୀଳିମା ସରଳତାର ଫାଇଦା ଉଠାଇ ତା'ସହ ଦୁଷ୍କର୍ମ କଲା। ଯଦି ଏ କଥା ନୀଳିମା ପିଉସା କିମ୍ବା ପିଉସୀଙ୍କୁ କହିବ ତେବେ ପ୍ରବୀଣ

ISSN NO.
2582-208X

ନୀଳିମାକୁ ଜୀବନରୁ ମାରିଦେବ ବୋଲି ଧମକ ମଧ୍ୟ ଦେଲା। କିଛି ଦିନ ଯିବା ଉତ୍ତାରୁ ପିନାକୀ ଆଉ ପ୍ରତିମା ଦୁହେଁ ପ୍ରବୀଣ ସହ ନୀଳିମାର ବିବାହ କଥା ପ୍ରବୀଣକୁ କହିବାରୁ ପ୍ରବୀଣ ମନାକଲା। ପ୍ରବୀଣ ନୀଳିମାକୁ ବିବାହ କରିବ ନାହିଁ ବୋଲି କହିବା କଥାଟି ପ୍ରତିମା ସହଜରେ ହଜମ କରିପାରିଲା ନାହିଁ। ନୀଳିମାକୁ ବାହା ହେବାପାଇଁ ପ୍ରତିମା ପୁଅ ପ୍ରବୀଣକୁ ବୁଝାଇବାକୁ ଯାଇ ନୀଳିମାକୁ ବାହାହେଲେ ପ୍ରାୟ ଅଧକୋଟି ସମ୍ପତ୍ତିର ମାଲିକ ପ୍ରବୀଣ ହୋଇପାରିବ ବୋଲି ପ୍ରତିମା ନିଜ ପୁଅକୁ ବୁଝାଇଲା। ଏହି ସମୟରେ ନୀଳିମାର ଜୋରରେ ବାନ୍ତି ହେବାକୁ ଲାଗିଲା। ସଙ୍ଗେ ସଙ୍ଗେ ପିନାକୀ ତାକୁ ଡାକ୍ତରଖାନା ନେଇଯିବାରୁ ନୀଳିମା ଗର୍ଭବତୀ ଅଛି ବୋଲି ଜାଣିବାକୁ ପାଇଲେ। ଘରକୁ ଫେରି ପିନାକୀ ପ୍ରତିମାକୁ ସବୁକଥା କହିଲେ। ପ୍ରତିମା ସଙ୍ଗେ ସଙ୍ଗେ ନୀଳିମା ପାଖକୁ ଯାଇ ପେଟରେ କାହା ପିଲା ରଖିଛୁ ବୋଲି ପ୍ରଶ୍ନ କଲାରୁ ନୀଳିମା ପ୍ରଥମେ କିଛି କହିଲା ନାହିଁ। ନୀଳିମା ଚୁପ୍ ରହୁଥିବାର ଦେଖି ପ୍ରତିମା ତା' ପାଖକୁ ଯାଇ ନୀଳିମାର ହାତ ନିଜ ମୁଣ୍ଡରେ ରଖି ପୁଣି ସମାନ ପ୍ରଶ୍ନ ପଚାରିବାରୁ ନୀଳିମା ବିଗତ ଦିନରେ ତା' ସହ ଘଟିଥିବା ଘଟଣା ସବୁ ଖୋଲି କହିଲା। ଏହା ଶୁଣିବା ମାତ୍ରେ ପ୍ରତିମାର ପାଦତଳୁ ମାଟି ଖସିଗଲା। ପ୍ରତିମା କିଛି ସମୟ ପରେ ପିନାକୀକୁ ଯାଇ ସବୁ ଘଟଣା ବିଷୟରେ କହିଲା, ଆଉ ପ୍ରବୀଣ ସହ ନୀଳିମାର ବିବାହ କରିବାକୁ ହେଲେ ତା ଗର୍ଭକୁ ନଷ୍ଟ କରିବାକୁ ପଡ଼ିବ। ଯଦି ତା' ପେଟରେ ପିଲା ଥାଇ ବିବାହ କରାଯିବ ତେବେ ସାହି ପଡ଼ିଶା କେତେ କଥା କହିବେ। ତୁମେ କାଲି ସକାଳୁ ଘରୋଇ ଡାକ୍ତରଖାନାକୁ ନୀଳିମାକୁ ନେଇ ତା' ପେଟର ପିଲାଟାକୁ ନଷ୍ଟ କରିଦିଅ। ତା' ପରେ ପ୍ରବୀଣ ସହ ନୀଳିମାର ବିବାହ କରେଇଦେବା। ପରଦିନ ସକାଳୁ ପିନାକୀ ନୀଳିମାକୁ ନେଇ ଘରୋଇ ଡାକ୍ତରଖାନାରେ ପହଞ୍ଚିଲେ। ପିନାକୀ ନୀଳିମାର ଛୁଆ ନଷ୍ଟ କରିବା କଥା ଡାକ୍ତରଙ୍କୁ କହିଲେ। ଡାକ୍ତର ସବୁ ପରୀକ୍ଷା ନିରୀକ୍ଷା କରି ଛୁଆକୁ ବର୍ତ୍ତମାନ ନଷ୍ଟ କଲେ ନୀଳିମା ଜୀବନ ପ୍ରତି ବିପଦ ଅଛି ବୋଲି ଜଣାଇଲେ ଏବଂ ତା'ପରେ ଯଦି ଛୁଆ ନଷ୍ଟ କରିବେ ତେବେ ଡାକ୍ତରଖାନା ଫି ଦେୟ ଟ୫୦,୦୦୦ଙ୍କା ଦେବାକୁ ପଡ଼ିବ। ଏହା ଶୁଣି ଯେତେଟଙ୍କା ଲାଗିବ ପିନାକୀ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଡାକ୍ତରଙ୍କୁ ଜଣାଇଲେ। ଏହା ଶୁଣି ଡାକ୍ତର ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କଲେ। ସେଦିନ ଉଭୟ ଟଙ୍କା ଏବଂ ନୀଳିମାକୁ ଡାକ୍ତରଖାନା ଧରି ଆସିଲେ ତା' ପେଟର ଛୁଆଟିକୁ ନଷ୍ଟ କରାଯିବ।

ନିର୍ଦ୍ଧାରିତ ଦିନ ପିନାକୀ ନିଜ ଗାଡ଼ିଯୋଗେ ନୀଳିମାକୁ ସାଙ୍ଗରେ ଧରି ଡାକ୍ତରଖାନା ଅଭିମୁଖେ ବାହାରିଲେ। ଅଧାରାସ୍ତାରେ ନୀଳିମା ପରିସ୍ରା ଯିବାପାଇଁ ପିଉସାଙ୍କୁ ଗାଡ଼ିରଖିବାକୁ

ISSN NO.
2582-208X

କହିଲା। ନୀଳିମା ଚତୁରତାର ସହ ଗାଡ଼ିରୁ ଓହ୍ଲାଇ ପରିସ୍ରା ବାହାନାରେ ପଛପାଖ ବୁଦାମୂଳଆଡ଼କୁ ଯାଇ ସେଠୁ ଅନ୍ୟଆଡ଼େ ଚାଲିଗଲା। ବିଳମ୍ବ ହେବାରୁ ଗାଡ଼ିରୁ ପିନାକୀ ଓହ୍ଲାଇ ଆଖପାଖ ଖୋଜାଖୋଜି କରିଲେ ସୁଦ୍ଧା ନୀଳିମାକୁ ପାଇଲେ ନାହିଁ। ପିନାକୀ ଆଉ ଡାକ୍ତରଖାନାକୁ ନ ଯାଇ ଘରକୁ ଫେରି ପ୍ରତିମାକୁ ସବୁକଥା କହିଲେ। ଉଭୟେ ଆଉ କାଳବିଳମ୍ବ ନ କରି ଥାନାରେ ପହଞ୍ଚି ନୀଳିମା ନିଖୋଜ ହୋଇଯାଇଥିବାର ଏକ ଅଭିଯୋଗ କରି ଫେରିଲେ। ନୀଳିମା ରାଇରଙ୍ଗପୁରରୁ ଖସିଆସି ବ୍ରହ୍ମବରଦାରେ ପହଞ୍ଚିଲା। ସେଠାରେ ଜଣେ ବ୍ୟକ୍ତିଙ୍କ ଘରେ ରହି ନୀଳିମା କାମଦାମ କଲା। ପ୍ରସବ ସମୟ ପାଖେଇ ଆସିବାରୁ ନୀଳିମା ବେଶୀ କାମଦାମ କରିପାରିଲା ନାହିଁ। କାମ ନ କରିପାରିବାରୁ ସେହି ବ୍ୟକ୍ତି ଜଣଙ୍କ ନାନା ଗାଳି ଗୁଲଜ କରି ନୀଳିମାକୁ ଘରୁ ତଡ଼ିଦେଲେ। ନୀଳିମା ସେଠାରୁ ବାହାରି ଯାଇ ଏକ ପରିତ୍ୟକ୍ତ ଘରେ ଆଶ୍ରୟ ନେଲା। ଚାରିଦିନ ଅଖିଆ ଅପିଆ ପଡ଼ିବା ପରେ ତା'ର ପ୍ରସବ ବେଦନା ଆରମ୍ଭ ହେଲା। ପ୍ରାୟ ତିନିଘଣ୍ଟାର ପ୍ରସବ ବେଦନା ସହ୍ୟ କରି ନପାରି ଏକ ଶିଶୁ ପୁତ୍ରକୁ ଜନ୍ମଦେଇ ସବୁଦିନ ପାଇଁ ନୀଳିମା ଶାନ୍ତିରେ..... ।

ବାହାଡ଼ାଝୋଲା
ନୟାଗଡ଼ / ୯୩୪୮୪୦୫୮୪୦

ISSN NO.
2582-208X

# ନିଃଶ୍ୱାସର ବାସ୍ନା



ଅଶ୍ୱିନୀ ସୂତାର

1
ଚୋରି କଲେ ପାପ ହୁଏ
ଜାଣି ମଧ୍ୟ
ବେଳେ ବେଳେ ଇଚ୍ଛା ହୁଏ
ଚୋରି କରିବାକୁ
ସେ ବି କହନ୍ତି
ତମ ଚୋରି ଭଲ ଲାଗେ
ଭଲ ଲାଗେ ତମ ଦ୍ୱାରା
ଚରେଇ ହେବାକୁ

2
ଛାତି ଉପରେ ମୋ
କାନ ପାତି ଥରେ ଶୁଣ୍
ତୋ ହସି ଖେଳିବାର
କେଳି କଳରବ ଯଦି
ଶୁଣା ନଯିବ, ମୋ ରାଣ
ତୋ ଛାତି ଭିତରେ ପଶି
ଭାଂଗି ଦେବି ବନ୍ଧବାଡ଼
ଅଭିମାନେ ନାଚିକୁଦି

ISSN NO.
2582-208X

3
ତମେ କେବେ ଥାଅ, କେବେ
ନଥାଅ ମୋ ପାଖେ
ଥିବା ନଥିବାରେ କିଛି
ଫରକ ପଡ଼େନି
ତୁମକୁ ଭାବିଲା ବେଳେ
ମୋ ମନରେ ଥାଅ ତୁମେ
4
କହିଚି ଅନେକ ଥର
କରିବାକୁ ଖାଲି ମୋର
ହୃଦୟର ଘର
ଗଡ଼େଇ ଚାଲିଚି ଦିନ
ଆଜି ଯିବି କାଲି ଯିବି କହି
ଦୁଷ୍ଟ ଗୋଟେ ଭଡ଼ାଟିଆ ପରି
ଆଜିକାଲି କାହାକୁ ବି
କରିବନି ଭରସା ଏମିତି
ଫୁସୁଲେଇ ଫାସଲେଇ
ହୃଦୟକୁ କରିନେବେ କବ୍ଜା
ଧାରଟିଏ ହସ ଆଉ
ଗାରଟିଏ ନଜର ଉତ୍ତାରି

***

କୋମଣ୍ଡ, ଭୟା କୁସ୍ତଳ
ଜିଲ୍ - ନୟାଗଡ଼
ମୋ-9437008341

ISSN NO.
2582-208X

# ନଆଁଗୁଳା ଗୁଞ୍ଜି ରଖୁଛନ୍ତୁ

ମୋହନ କୁମାର ସ୍ୱାଇଁ

ଲହୁ ଲୁହ ଢ଼ାଳି ବଡ଼ କଷ୍ଟକରି
ଭୂମି ଚାରିହାତ କିଣିଥିଲି
ପଟା କରିବାକୁ ବଡ଼ ସରାଗରେ
ତହସିଲିକୁ ମୁ ଧାଇଁଗଲି
ମାସ ପରେ ମାସ ତାରିଖ ଗଡିଲା
ହତାସିଆ ହୋଇ ଫେରୁଥିଲି ।

ଦୟାକରି ମୋତେ ପିଅନ କହିଲା
ଆଜ୍ଞା ଙ୍କୁ କଅଣ ଦେଇଛକି
ଦକ୍ଷିଣା ନ ଦେଲେ ଆଜିକାଲି କୋଉ
କାମଟା ସହଜେ ହେଉଛିକି ?
ଏମିତି ନିଇତି ଧାଇଁ ଧାଇଁ ଆସି
ଫେରିଛନ୍ତି କେତେ ମୁହଁଜାକି ।

ତା ହାତେ ପାଞ୍ଚଶ ବଢ଼ାଇ ଦେବାରୁ
ପଟା ମିଳି ଗଲା ଫଟାଫଟ
ଦୁଇ ହାତ ଯୋଡ଼ି କହିଲି ତାହାକୁ
ତମ ଚାରିଖୁରା କୁ ଦଣ୍ଡବତ
ଏବେ ସିନା ତମେ ରାଜ୍ କରୁଅଛ
ପର ଜନ୍ମେ ହେବ ହନ୍ତସନ୍ତ ।

ISSN NO.
2582-208X

ମୋ' ପରି ନିତି ଶହଶହ ଲୋକ
ଇମିତି ଅନ୍ୟାୟ ସହୁଛନ୍ତି
କାଆଁଭାଆଁ କେହି ସମ୍ଭାଳି ନ ପାରି
ଦେଶ ଦୁନିଆରେ କହୁଛନ୍ତି
ଭବିଷ୍ୟତ ପାଇଁ ଆପଣା ଅଣ୍ଟାରେ
ନିଆଁଗୁଳା ଗୁଞ୍ଜି ରଖୁଛନ୍ତି ।

ବେଣାପୁର, କଣ୍ଟିଗଡିଆ, ଯାଜପୁର
୮୧୧୮୦୯୯୦୩୮

ISSN NO.
2582-208X

# ଚନ୍ଦ୍ର-ଚରିତ୍ର



ମନୋରଞ୍ଜନ ସୁରୁଜାଲ

ଜନମ ଜୀବନ ହେଲେ ଅକାରଣ
ଏ ମାନବ ପିଣ୍ଡ ତୁଚ୍ଛ,
ମୋହ ମାୟା ପଛେ ପଡ଼ିଛି ମଣିଷ
ମନରେ ଆଶାର ଗୁଚ୍ଛ ।

ଦେବା ନେବା ଯଦି ସଂସାର ନିୟମ
ତା' ନିୟମେ ବନ୍ଧା ଯେତେ,
କେତେ ଗଲେ କେତେ ଆସିଲେ ମନୁଆଁ
ହିସାବ ରଖିବା ମତେ ।

କାକର ଯେମିତି ପତର ମଥାରେ
ଦିଏ ହୀରକର ଭ୍ରମ
ଜଳ ବିନ୍ଦୁ ସିନା ଶାମୁକା ଗରଭେ
ପରିଣତି ମୋତି ସମ ।

ସମ ଦୃଷ୍ଟି କୋଣ ଶୁଣ ବିଜ୍ଞ ଜନ
ସାଗର ଗରଭୁ ଜାତ
ସ୍ଥିତି ପରିସ୍ଥିତି କାହା କେଉଁ ଗତି
ପଥ ଏକ ଭିନ୍ନ ମତ ।

ISSN NO.
2582-208X

ସାବାଲୁଆଁ ଦିନେ ହୁଏ ପ୍ରଜାପତି
ଅମୃତ ଭୂଷିତେ ବର,
ବିଧାତା ଆଶିଷ ଧନ୍ୟ ହୁଏ ପ୍ରାଣ
ଲଭି ଦିବ୍ୟ କଳେବର ।

ସବୁ ଫୁଲ କେବେ ପାଆନ୍ତି ଆଶିଷ
ଲଭିବାକୁ ଦିବ୍ୟ ସଙ୍ଗ,
ଯାହା ଭାଗ୍ୟେ ସିନା ଲେଖନ୍ତି ସେ ଧାତା
ହୁଏ ଚେତନାରେ ତୁଙ୍ଗ ।

ବିଶ୍ୱର କଲ୍ୟାଣ ସାଧିବାକୁ ଏକା
ମଳିଛି ଏ ଶ୍ରେଷ୍ଠ ରୂପ,
ଧୂପକାଠି ହୋଇ ନିଜେ ଜାଳି ଦେଇ
ହେବାକୁ ପାଉଁଶ ସ୍ତୂପ ।

ମାଛି ହୋଇ ମଧ୍ୟ ଚିତ୍ର ଚରିତ୍ରରେ
ଗୁଣ ଅବଗୁଣେ ଧନୀ,
କାହା କେଉଁ ମନ ଦିବ୍ୟତେଜ୍ରେ ଧ୍ୟାନ
ପୂଜିତ କେବଳ ଗୁଣୀ ।

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଗୁରୁତର ଗୁରୁଶଙ୍କା



ଲକ୍ଷ୍ମଣ ମହାନ୍ତ

୨୩ ଡିସେମ୍ବର ୨୦୨୪, ରାତି ପ୍ରାୟ ସାଢେ ନ'ଟା । ଝିପ୍ ଝିପ୍ ବର୍ଷା ସାଙ୍ଗକୁ କୃଷ୍ଣପକ୍ଷ । ଶୀତଳ ସମୀର ଦେହେ ଶିହରଣ ସୃଷ୍ଟି କରୁଥିଲା । ଏମିତି ପାଗରେ ରାଧେଶ୍ୟାମ ଆଉ ମୁଁ ନଇ ଅନ୍ୱେଷଣରେ ବାହାରିଥାଉ ଯଶିପୁର ସହରରେ । କାରଣ ଗୁରୁଶଙ୍କା ଗୁରୁତର ରୂପ ନେଉଥିଲା ରାଧେଶ୍ୟାମଙ୍କ ପେଟ ଭିତରେ । କିଛି କ୍ଷଣ ପରେ ଲିପୁନ ମଧ୍ୟ ଆମ ସହ ଯୋଗଦେଲେ । ଜଣେ ଅଜଣା ବ୍ୟକ୍ତି ଦେଖାଇଥିବା ରାସ୍ତାରେ ଅନେକ ଦୂର ଅତିକ୍ରମ କଲୁ ହେଲେ, ନଦୀ କଥା ତେଣିକି ଥାଉ, ନଇର ଧାର ମଧ୍ୟ ଦେଖାଗଲା ନାହିଁ । ଏପଟେ ରାଧେଶ୍ୟାମଙ୍କ ଅବସ୍ଥା ସାଙ୍ଘାତିକରୁ ସାଙ୍ଘାତିକତର ହେବାକୁ ବସିଲାଣି । ପେଟରେ ପେଟେ ଅଳିଆ ଧରି ବୁଲୁଥାନ୍ତି ବିଚରା, ନଦୀରେ ପହଞ୍ଚିଲେ ସବୁ ନିଷ୍କାସନ ପାଇଁ ଯୋଜନା ରହିଛି। କାରଣ ଆଖପାଖରେ ଶୌଚାଳୟ ନଥିଲା। ଯାହାକୁ ପଚାରିଲେ କହୁଛନ୍ତି ଏଇ ଟିକିଏ ଆଗକୁ ଗଲେ ନଇ ମିଳିବ, ହେଲେ ସେ ନଇ ସତରେ ଅଛି ତ ? ଆମ ମନରେ ସନ୍ଦେହ ଉପୁଜିଲା । ମନରେ ବିରକ୍ତିଭାବ ଜାତ ହେବାରୁ ରାସ୍ତା କଡ଼ରେ ଥିବା ଟି-ଷ୍ଟଲ୍ ରେ ଚା' ପିଇବାକୁ ସ୍ଥିର କଲୁ । ଆମ ବ୍ୟସ୍ତତା ଅନୁଧ୍ୟାନ କରି ଦୋକାନୀ ପଚାରିଲେ, ଭାଇ କଉଠୁ ଆଇଚ, ଏତେ ରାତିରେ ଏପଟ ସେପଟ ହେଉଚ, କଣ ଖୋଜୁଚ କି ? ମୁଁ କହିଲି ଶୌଚାଳୟର ବିକଳ୍ପ ଆଉ କଣ ହେଇପାରେ, ନଇ ଖୋଜୁଛୁ । ଦୋକାନି କହିଲେ, ଓଃ ଝାଡା ଯାଇତେ!! ଏଠୁ ଆଗକୁ ଯା, ରାସ୍ତାର ଡାହାଣ କଡ଼ରେ ପେଟ୍ରୋଲ ପମ୍ପ ଅଛି । ପେଟ୍ରୋଲ ପମ୍ପ ନାଁ ଶୁଣିଲା ପରେ ଲାଗିଲା ଯେମିତି କିଟିମିଟି ଅନ୍ଧାରରେ କେହି ଜଣେ ଡିବିରି ଆଲୁଅ ଦେଇ ଆଗକୁ ଅଗ୍ରସର ହେବାକୁ ଉତ୍ସାହିତ କରୁଛି ।

ISSN NO.
2582-208X

ଅଳ୍ପ ଦୂର ଗଲାପରେ ପଡିଲା ପେଟ୍ରୋଲ ପମ୍ପ । ରାଧେଶ୍ୟାମଙ୍କ ସହ ଭିତରକୁ ଯାଇ ଦେଖିଲୁ ସେଠାରେ ପାଞ୍ଚୋଟି ଶୌଚାଳୟ ଅଛି । ପୁରୁଷ ଶୌଚାଳୟ ଦୁଇଟି ଏବଂ ମହିଳା ଶୌଚାଳୟ ତିନିଟି । ଆମେ ଟିକିଏ ଖୁସି ହୋଇ ପୁଣି ଦୁଃଖି ହୋଇଗଲୁ । କାରଣ ଆମ ଧାରଣା ଥିଲା, ଯେଉଁମାନେ ଗାଡ଼ିରେ ପେଟ୍ରୋଲ ଭରିବା ପାଇଁ ଆସନ୍ତି ବୋଧହୁଏ ଶୌଚାଳୟ ସେମାନଙ୍କ ପାଇଁ ତିଆରି ହୋଇଛି । ସେ ବ୍ୟକ୍ତି (ପେଟ୍ରୋଲ ପମ୍ପ ର କର୍ମଚାରୀ) ଯଦି ପଚାରନ୍ତି ତୁମେ କେଉଁଥିରେ ପେଟ୍ରୋଲ ଭରିବ, ଆମେ କ'ଣ ଦେଖେଇବୁ ଭାବି ମନ ଘାଣ୍ଟି ଗୋଳେଇ ହେଉଥାଏ । ପୁଣି ଶୌଚାଳୟ ବ୍ୟବହାର ପାଇଁ କହିଲେ ଯଦି ସେ ମନା କରିଦେବେ, ଲଜ୍ଜିତ ହେବାର ଭୟ ମଧ୍ୟ ଥାଏ ।

ତଥାପି ଚା' ବାଲାଠୁ ମିଳିଥିବା ଡିବିରି ଆଲୁଅର ଉତ୍ସାହକୁ ଅଣ୍ଟିରେ ବାନ୍ଧି ପେଟ୍ରୋଲ ପମ୍ପର କର୍ମଚାରୀ ଙ୍କୁ କହିଲି, "ଭାଇ...ପରିସ୍ଥିତି ବହୁତ୍ ଖରାପ, ଅଳ୍ପ ସମୟ ପାଇଁ ଆପଣଙ୍କ ଶୌଚାଳୟ ବ୍ୟବହାର କରିପାରିବୁ କି ?"

ବ୍ୟକ୍ତି ଜଣକ ପାଟିରେ ପାନ ଚୋବେଇ ଚୋବେଇ ଆମକୁ ଦେଖି ନଦେଖିଲା ପରି ବ୍ୟବହାର କଲେ । ମୁଁ ନିର୍ଲଜ ପରି ପୁଣି ଥରେ ଉଚ୍ଚ ସ୍ୱରରେ ପଚାରିଲି ହେଲେ ଏଥର ଆମ କୋଶଳୀ ଭାଷାରେ, "ତୁମର୍ ଟଇଲେଟ୍ କେ ଝାଡ଼ା ଟେ ଗଲେ ହେବା କାଁ ଦାଦା, ଆରୁ ସମ୍ଭାଳି ନାଇଁ ହୁଏ ନ.." । ଭାଇ ଜଣକ ଗମ୍ଭୀର ସ୍ଥିତିରେ ଆମକୁ ଦେଖି, ଏଣ୍ଟୁଅ ପରି ଦୁଇଥର ମୁଣ୍ଡ ହଲାଇ ପାନଖିଆ ଲାଲ ପାଟିରେ ଅତି କର୍କଶ ସ୍ୱରରେ ଉତ୍ତର ଦେଲେ "ହୁଁ..."। ସେହି "ହୁଁ" ଶବ୍ଦ ଶୁଣିବା ପରେ ଆମ ଖୁସିର ସୀମା ଏତେ ଉର୍ଦ୍ଧ୍ୱକୁ ଚାଲିଗଲା, ଲାଗିଲା ଯେମିତି ଆମେ ଦୂର ଆକାଶରେ ବାଜ ପକ୍ଷୀ ପରି ଉଡି ବୁଲୁଛୁ । ହେଲେ ଗୁରୁଶଙ୍କା କଥା ମନେ ପଡିବାରୁ ଆମେ ପୁଣି ଧରାପୃଷ୍ଠକୁ ପଳେଇ ଆସିଲୁ ।

ଅବିଳମ୍ବେ ମାଡିଗଲୁ ଶୌଚାଳୟ ଦିଗରେ । ରାଧେଶ୍ୟାମଙ୍କୁ କହିଲି, କାଲି ସୂରୁଜ ଉଇଁଲେ ଆମେ ଏଇ ଶୌଚାଳୟକୁ ପଳେଇ ଆସିବା, ସେ ଆଦେଖା ନଇ ତା' ବାଟରେ ଥାଉ । ରାଧେଶ୍ୟାମ ଖୁସିରେ ଶୌଚାଳୟ କବାଟ ଖୋଲିବା ପାଇଁ ଗଲାବେଳେ ଦେଖିଲେ ଶୌଚାଳୟ କବାଟ ଶିଙ୍କୁଳିକୁ ତାଲାଟିଏ ଜାବୁଡି ଧରିଛି । ପୁରୁଷ ବିଭାଗର ଦୁଇଟି ଯାକ ଶୌଚାଳୟରେ ତାଲା ଦେଖି ଗୁରୁଶଙ୍କାକୁ ଅନୁଧ୍ୟାନ କରି ଆମେ ନିର୍ଲଜ ଦିହେଁ ପସିଲୁ

ISSN NO.
2582-208X

ମହିଳା ଶୌଚାଳୟକୁ । ହେଲେ ଆମ ଭାଷାରେ ଗୋଟିଏ କଥା ଅଛି "ଲାଜକୁରା କେ ଲାଜକୁରୀ, ଦଇବ ଦେଇଛେ ବିହୀକରି"। ମହିଳା ବିଭାଗର ତିନୋଟି ଶୌଚାଳୟରେ ମଧ୍ୟ ଝୁଲୁଛି ତାଲା । ସେଥିପାଇଁ ତ କୁହାଯାଏ, "ଆଶା ହିଁ ଦୁଃଖର ମୂଳ" । ହେଲେ ଆମେ ଭାଙ୍ଗି ନପଡି ମନରେ ପୁଣି ଏକ ଆଶାର ବଷା ବାନ୍ଧିଲୁ । ରାସ୍ତା କଡରେ ଥାଆନ୍ତି ଲିପୁନ । ଆମେ ତିନିଜଣ ମିଶି ଆଗକୁ ଯାଉ ଯାଉ ପୁନର୍ବାର ଜଣେ ଦୋକାନୀକୁ ପଚାରିଲୁ, "ଭାଇ...ଦୟାକରି କହିବେ କି, ନଈକୁ ରାସ୍ତାଟା କୁଆଡେ?" ଦୋକାନୀ କହିଲେ "ନଦୀର ଗୋଟିଏ ଶାଖା ଏ ପାଖ ଦେଇ ଯାଇଛି, କିନ୍ତୁ ଏବେ ଏତେ ରାତିରେ ସେଠାକୁ ଯିବାଟା ଠିକ୍ ହେବ ନାହିଁ । ଅନ୍ଧାର ରାତି ପୁଣି ବର୍ଷା ପାଗ । ସାପ-କୁମ୍ଭୀର, ଭୂତ-ପ୍ରେତ କେତେ କଥା.."।

ହେଲେ ରାଧେଶ୍ୟାମଙ୍କ ଦୁଃଖ ଆମ ଆଖିକୁ ଆଉ ଦେଖାଗଲା ନାହିଁ । ଆମେ ଶପଥ ନେଲୁ ଝଡବର୍ଷା, ସାପ-କୁମ୍ଭୀର, ଭୂତ-ପ୍ରେତ ଯାହା ଆସୁ ଆଜି ରାତିରେ ହିଁ ନଈ ଅନ୍ୱେଷଣ କରି ରାଧେଶ୍ୟାମଙ୍କ ଗୁରୁଶଙ୍କା ଦୂର କରି ବସାକୁ ଫେରିବୁ। ଦୋକାନୀର କଥାସବୁ ଅକ୍ଷରେ ଅକ୍ଷରେ ସତ ପରି ମନେହେଲା, ଯେତେବେଳେ ଦୋକାନୀ କହିଥିବା ରାସ୍ତାରେ ଆମେ ନଈ ଅନ୍ୱେଷଣରେ ବାହାରିଲୁ । ଦୋକାନଠୁ ଅଳ୍ପ ଆଗରେ ଡାହାଣ ପାଖ ସରୁ ରାସ୍ତା ଧରି ପହଞ୍ଚିଲୁ ଜଣଙ୍କ ଘର ପଛ ପଟେ । ଦେଖିଲୁ ଦଶ-ପନ୍ଦର ପରିବାର ବିଶିଷ୍ଟ କ୍ଷୁଦ୍ର ବସ୍ତିଟିଏ ଅଛି । ବସ୍ତି ଅତିକ୍ରମ କରି ଆଗକୁ ବଢ଼ିବାକୁ ଚେଷ୍ଟା କଲାବେଳେ ଶୁଭିଲା ଭିନ୍ନ ଭିନ୍ନ ଜୀବଜନ୍ତୁଙ୍କ ଛାତିଥରା ଶବ୍ଦ । ଏପଟେ ଅନ୍ଧକାର, ପୁଣି ଭୟଙ୍କର ଶବ୍ଦ । ଡରରେ ମୋବାଇଲ ଫ୍ଲାସ ଲାଇଟ୍ ମଧ୍ୟ ବନ୍ଦଅଛି ଭଳି ମନେ ହେଉଥାଏ । ମନରେ ସାହସ ବାନ୍ଧି, ମନେ ମନେ ହନୁମାନ ଚାଳିଶା ପଢି ଆଗକୁ ଗଲାବେଳେ ଅଚାନକ ପାଦ ଅଟକିଗଲା । ସାମ୍ନାରେ ଥିଲା ବୁଢ଼ା ବରଗଛ, ଗଛ ତଳେ କେହିଜଣେ ବସିଥିବା ଭଳି ଦେଖାଗଲା । ଭୟଙ୍କର ଶବ୍ଦ ମଧ୍ୟରେ ଇଏ ପୁଣି ଆଉ ଗୋଟେ ଅଦ୍ଭୁତ ପରିସ୍ଥିତି ଛାତିର ସ୍ପନ୍ଦନ ଦୋହଲାଇ ଦେଲା । ଭୟରେ ଶରୀର ଥରହର ହୋଇ ଦେହର ଲୋମସବୁ ଟାଙ୍କୁରି ଉଠିଲା । ଜୀବନରେ ପ୍ରଥମ ଥର ଭୂତ-ଡରକୁ ହୃଦୟଙ୍ଗମ କଲି ସେ ରାତି । ଭୂତ ଥିବା ଡରରେ ଗୁରୁଶଙ୍କା-ଲଘୁସଙ୍କା (ମଳ-ମୂତ୍ର) ସବୁ ବାହାରିଯିବା ଭଳି ସ୍ଥିତି । ହେଲେ ମନରେ ସାହସ ବାନ୍ଧି, ଦୀର୍ଘ ନିଃଶ୍ୱାସ ଛାଡି ଥର ଥର ପାଦରେ ପାଖକୁ ଯାଇ ଦେଖିଲୁ ତାହା ଭୂତ ନୁହେଁ ଅନାବନା ବୁଦା ।

ISSN NO.
2582-208X

ସେଇଠୁ ରାଧେଶ୍ୟାମ ଓ ମୁଁ ପଛକୁ ଫେରିବା ପାଇଁ ନିଷ୍ପତ୍ତି ନେଲୁ, କିନ୍ତୁ ଲିପୁନ୍ କହିଲେ 'ଟିକିଏ ସ୍ଥିର ଚିତ୍ତରେ ଆଗକୁ ଧ୍ୟାନ ଦିଅନ୍ତୁ ଏ ଭୟଙ୍କର ଶବ୍ଦ ସହିତ ଆଉ କିଛି ଶୁଭୁଚି' । ମନ ସ୍ଥିର ରଖି ଧ୍ୟାନଦେଇ ଶୁଣିଲୁ । ଆନ୍ଦୋଳିତ ହୃଦୟ ଆନନ୍ଦରେ ଭରିଗଲା, କାରଣ ସେ ଶବ୍ଦ ହେଉଛି ନଈର ଗର୍ଜନ । ତା'ପରେ ମନରେ ଜାତହେଲା ଅଦମ୍ୟ ସାହସ, ଭୂତ ପ୍ରେତ ଜୀବଜନ୍ତୁ ଡର କ୍ଷଣକେ ଉଭେଇ ଗଲା । ସିଂହ ଭଳି ମାଡ଼ିଗଲୁ ଆଗକୁ । ରାତ୍ରି ଅନ୍ଧକାର ଡର ସହ ସଙ୍ଘର୍ଷ କରି ଶେଷରେ ପହଞ୍ଚିଲୁ ଗନ୍ତବ୍ୟ ସ୍ଥଳରେ । କୁଳୁ କୁଳୁ ନାଦରେ ବହିଯାଉଛି ଖଇରୀ ନଦୀର ଶାଖା ନଈ (ଦୋକନିର ସୂଚନା ଅନୁସାରେ)। ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ପରେ ଲାଗିଲା ଆମେ ଦୁନିଆଁ ଜିତିଗଲୁ । ଆଖି ବନ୍ଦ କରି ଉନ୍ମୁକ୍ତ ବାହୁରେ ଅନୁଭବ କଲି ନଈର ଶୀତଳ ସ୍ପର୍ଶ । ଦୁନିଆଁ ଅଟକି ଯାଇଥିଲା କିଛି କ୍ଷଣ ଏବଂ ସେ କିଛି କ୍ଷଣରେ ମୋ ମନକୁ ମିଳିଥିଲା ଆତ୍ମତୃପ୍ତି । ନଦୀ-ଅନ୍ୱେଷଣ ସଫଳ ହୋଇଥିବାରୁ ପରସ୍ପରକୁ ଅଭିନନ୍ଦନ ଜଣାଇଲୁ । ଖୁସିରେ ଆତ୍ମହରା ହୋଇ ରାଧେଶ୍ୟାମଙ୍କୁ କହିଲି, 'ସାର୍ ଯାଆନ୍ତୁ, ଆପଣଙ୍କ ପେଟ ଭିତରେ ଗୁରୁତର ରୂପ ନେଇଥିବା ଗୁରୁଶଙ୍କା ଦୂର କରିବାର ସମୟ ଆସିଗଲା' । ଅଳ୍ପ ଦୂରରୁ ଉଚ୍ଚସ୍ୱରରେ ରାଧେଶ୍ୟାମଙ୍କ ଉତ୍ତର ଆସିଲା, 'Unloading on the progress sir…' । ଅନ୍ୱେଷଣ ସଫଳ ହେବା ଖୁସିରେ ରାଧେଶ୍ୟାମ ଯେ କେତେବେଳେ ଯାଇ ଅଳିଆ ନିଷ୍କାସନରେ ଲାଗିପଡ଼ିଛନ୍ତି, ଆମେ ଜାଣି ପାରିଲୁ ନାହିଁ । ସେ ଡର, ସାହସ ଆଉ ସେ ଆତ୍ମହରା ଆନନ୍ଦ/ଆତ୍ମତୃପ୍ତି ବ୍ୟକ୍ତ କରିବାକୁ ମୋ ପାଖରେ ଶବ୍ଦ ନାହିଁ । ବଞ୍ଚିଥିବା ପର୍ଯ୍ୟନ୍ତ ମାନସ ପଟରେ ଜୀବନ୍ତ ରହିବ ସେ ଆହ୍ଲାଦ ମୁହୂର୍ତ୍ତ ସବୁ । ଜୀବନରେ ଆଉ କ'ଣ ବା ଦରକାର ?? ଦୁର୍ଜୟ କୁ ଜୟ କରିବାର ଅଦମ୍ୟ ସାହସ, ମନରେ ଦୃଢ଼ ଆତ୍ମବିଶ୍ୱାସ, ସମସ୍ୟାର ସମାଧାନ ପାଇଁ ରାହା ସାଜିଥିବା ପ୍ରକୃତ ବନ୍ଧୁ ଏବଂ କିଛି କ୍ଷଣର ଅମୂଲ୍ୟ ଖୁସି ଓ ଆତ୍ମତୃପ୍ତି । ବାସ୍ ଏତିକିରେ ଦୁନିଆଁ ଜିତିଯିବି ।

***

ISSN NO.
2582-208X

# ମହାତ୍ମା ଗାନ୍ଧିଙ୍କ ତିରୋଧାନରେ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଅଣିଶହ ଅଠଚାଳିଶି ମସିହା
ଜାନୁଆରୀ ତିରିଶିରେ
ନାଥୁରାମଙ୍କର ଗୁଳିରେ ପରାଣ
ତେଜିଲ ତୁମେ ସେଠାରେ।

ଦେଶ ମାତୃକାର ସେବା କରୁଥିଲ
ଦିନ, ରାତି ଚେଇଁ ରହି
ନାଥୁରାମ କିଆଁ ଗୁଳି ଚଳାଇଲେ
ଭାବି ପାରୁନାହିଁ ମୁହିଁ।

ଭାରତ ଦେଶରୁ ଗୋରାଙ୍କୁ ତଡିବା-
ପାଇଁ କରିଲ ଉପାୟ
ତୁମରି କଣ୍ଠରୁ ଉଚ୍ଚାରିତ ହେଲା
ଜୟ ଭାରତ କୀ ଜୟ।

ସତ୍ୟାଗ୍ରହ କଲ ଏହି ଭାରତରେ
ଚରଖା କୁ ଦେଇ ମାନ୍ୟ
ତୁମ କଥା ଶୁଣି ଏ ଦେଶ ଜନନୀ
ହୋଇଥିଲେକ ଶୋଭନ।

ISSN NO.
2582-208X

ଦେଶୀ ଜିନିଷକୁ ଆଦର କରିଲ
ଏହି ଭାରତ ମାଟିରେ
ସେହି କଥା ଏବେ ମନେ ପଡିଗଲେ
ହୃଦ ନାଚେ ଆନନ୍ଦରେ ।

ଭାରତକୁ ତୁମେ ସ୍ୱାଧୀନ କରିଲ
ଗୋରା ସର୍କାରଙ୍କଠାରୁ
'ହାରାମ' କହିଣ ପରାଣ ତେଜିଲ
ଏ ଦେଶର ମହାଗୁରୁ ।

***

ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ମୁକ୍ତିର ମାସ କାର୍ତ୍ତିକ

ପ୍ରତିମା ପାତ୍ର

ସଖି କାର୍ତ୍ତିକ ମାସ ବଡ ପବିତ୍ର
କରିବା ପାଳନ ବ୍ରତ
ବ୍ରାହ୍ମ ମୁହୂର୍ତ୍ତରେ ଉଠି ବେଗେ ବେଗେ
ସ୍ନାନ କରିବା ସରିତ ।
ସୂରୁଜକୁ ଦେଇ ପାଣି ଆଞ୍ଜୁଳା
ବାଲୁକା ସ୍ଥାପି ପୂଜିବା
ତୁଳସୀ ଚଉଁରା ଲିପା ପୋଛା କରି
ପଞ୍ଚ ମୁର୍ଜ ଝୋଟି ଦେବା ।
ରାଇ ଦାମୋଦର ପୂଜା କରି ଆମେ
ଗାଇବା ଅନେକ ଗୀତ
ଭାଗବତ କାର୍ତ୍ତିକ କଥା ଶୁଣିବା
ଦ୍ୱିଜଙ୍କ ମୁଖରୁ ମିତ ।
କାଳିଆ ଦର୍ଶନ କରୁଥିବା ନିତି
ତୁଳସୀ ନେଇ ସାଥିରେ
ହବିଷ ଅନ୍ନ ରାନ୍ଧିଦେଇ ଭୋଜନ
କରିବା ଏକ ବେଳାରେ ।
ପ୍ରଦୋଷ ବେଳରେ ଆକାଶ ପ୍ରଦୀପ
ଜାଳାଇଦେବା ହାତରେ
ନାମ ସଂକୀର୍ତ୍ତନ କରି ଉଚ୍ଚାରଣ
ବିତାଇବା କାର୍ତ୍ତିକରେ ।

ବରଗଡ

ISSN NO.
2582-208X

# ସେଥିପାଇଁତ ଏ
# କବିତା



ଦୀନବନ୍ଧୁ ବେଜ

ଯେଉଁ ରାଜ୍ୟ ପୁଅ ରକ୍ତ ମାଗି ମାଗି
ଜଳିଲା ସ୍ୱରାଜ୍ୟ ପାଇଁ
ଉତ୍କଳେ ନ ହୋଇ ଢ଼ାଳିଦେଲା ଲହୁ
ଭାରତ ସ୍ୱାଧୀନ ପାଇଁ
କାହିଁ ଭୁଲିଲ ନେତାଜୀ ସୁଭାଷ ବୋଷ
ତାଙ୍କ ନାମ ପରା ଉତ୍କଳରେ
ସଦା ହୋଇଥାଏ ଉଦଘୋଷ,
ତାଙ୍କ ଯଶ କିର୍ତ୍ତି କେବେ କମ ହେଲା କି
ତୁମ୍ଭ ତରାଜୁ ପାରିଲା ନାହିଁଯେ ମାପି ।

ସେହି ପରି ଜଣେ ତିଳ ତିଳ ହୋଇ
ଜଳିଲେ ଓଡ଼ିଶା ପାଇଁ
ଓଡ଼ିଶା ମାଟିରେ ଦେହ ମିଶୁ ବୋଲି
ଘୋଷଣା କରିଲେ ସେହି
ତାଙ୍କ ହାଡ଼ ରକ୍ତ ପୁରିବାକୁ ଗାର୍ଡ଼
ମନ ଊଣା କଲେ ନାହିଁ
ସିଏ ପରା ଦାସ ଆପଣେ ଉତ୍କଳମଣି
ତାଙ୍କୁ କିଏବା ନ ଅଛି ଜାଣି,

ISSN NO.
2582-208X

ତଥାପି ସେ ଉଣା ପଡିଗଲେ ଆଜି
ଗଲେ ରାଜନୀତି ମଧ୍ୟରେ ହଜି ।

ସିଂହ ପରି ଢ଼ାଣି ଶିଙ୍ଗ ବାଢି ଧରି
ଯାହା ହାତରେ ଘୂରିଲେ
ଚକ ଘୂରୁଥିଲା ଅଖ ଘୂରୁଥିଲା
ସବୁ ଓଡିଆ ବି ଘୂରୁଥିଲେ
ଯାହା ପାଇଁ ରାଜ୍ୟ ଅଟେ ଗୌରବାନିତ୍ୱ
ସିଏ ଉତ୍କଳ ଗୌରବ ମଧୁସୂଦନ ଦାସ
ମନେ ପଡ଼ିଲାନି ତାଙ୍କ କଥା
ଏ ସବୁ ଭାବିଲେ ଘୂରାଇ ଦେଉଛି ମଥା।

ଆଉ ଜଣେ ସିଂହ ଉତ୍କଳ କେଶରୀ
ପ୍ରାଣ ପଣେ ଚେଷ୍ଟାକଲେ
ଗଡ଼ଜାତ ରାଜ୍ୟ ଏକ ଯୁଟ କରି
ଉତ୍କଳ ଅଖଣ୍ଡ କଲେ
ସିଏ ପରା ପୂଜ୍ୟ ହରେକୃଷ୍ଣ ମହତାବ
ତାଙ୍କୁ ହୃଦୟରୁ ଟିକେ ହେଜ ।
ତାଙ୍କର କଥା ମନେ ପଡିଲା ନାହିଁ କିଆଁ
ତେବେତ କହିବି ମେଣ୍ଢା ଅଟନ୍ତି ଓଡିଆ ।

ସହିଦ ଲକ୍ଷ୍ମଣ ନାୟକ ହାଇସ୍କୁଲ
ଶିଖପାଲ୍ଲୀ, ମାଲକାନଗିରି
ସଂପର୍କ :-୭୬୮୩୯୨୦୨୨୧

ISSN NO.
2582-208X

# ଓଡ଼ିଆ ଉପନ୍ୟାସର ପ୍ରସ୍ତୁତି ପର୍ବ

ଝୁମୁରି ବିଶ୍ୱାଳ

ତତ୍ତ୍ୱାବଧାରକ : ରମେଶ ଚନ୍ଦ୍ର ବେହେରା

ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ପରିସୀମା ବା ସୀମା ନଥାଏ । ବ୍ୟକ୍ତିବିଶେଷ, ଜାତି ବା ଦେଶ ଭିତ୍ତିରେ ଏହାକୁ ପୃଥକ୍ କରାଯାଇ ପାରିବ ନାହିଁ । ଅଥବା ଭାଷା, ଶୈଳୀ, କିମ୍ବା ସଂଜ୍ଞା ଭିତ୍ତିରେ ଏହା ସୀମିତ ନୁହେଁ । ଏହା ଯୁଗର ବାର୍ତ୍ତାବହ । 'ସାହିତ୍ୟ' ଏକ ବ୍ୟାପକ ଶବ୍ଦ । ମୋଟାମୋଟି ଭାବରେ ସାହିତ୍ୟ ହେଉଛି ବାସ୍ତବ ଜୀବନର ପ୍ରତିଛବି । ସମାଜର ପ୍ରତିବିମ୍ବ। ଅର୍ଥାତ୍ "A Literature is the mirror of the Society" ।

ଉକ୍ତ ସାହିତ୍ୟର ପରିସର ମଧ୍ୟରେ ଭଜନ, ଜଣାଣ, ପୁରାଣ, ଇତିହାସ, ବୋଲି, ପୋଇ, ପଟଳ, କବିତା, କ୍ଷୁଦ୍ରଗଳ୍ପ, ଉପନ୍ୟାସ ଆଦି ଜୀବନ୍ୟାସ ପାଇଛନ୍ତି । ମାତ୍ର ଏ ସମସ୍ତ ମଧ୍ୟରେ ସାହିତ୍ୟ ଜଗତରେ ଦୀର୍ଘ କଳେବର ଧାରଣ କରି 'ଉପନ୍ୟାସ' ନିଜର ସ୍ୱାତନ୍ତ୍ରତା ବଜାୟ ରଖିଛି । ଯାହାକି ଏଠାରେ ଆଲୋଚିତ ପ୍ରସଙ୍ଗ ।

ଉପନ୍ୟାସ ଓଡ଼ିଆ ସାହିତ୍ୟର ଆଧୁନିକ ବିଭାଗ । ମଣିଷ ତା'ର ସ୍ୱାଭାବିକ ଅନୁଭବକୁ ପ୍ରଥମେ, ଲୋକଗୀତ, ଲୋକକାହାଣୀ ଓ ପରେ ମହାକାବ୍ୟରେ ପରିଣତ କରିଛି । ଉପନ୍ୟାସ ହେଉଛି ଆଧୁନିକ ଯୁଗର ଗଦ୍ୟ ମହାକାବ୍ୟ । ଲେଖକ ନିଜ ଜୀବନର ଅନୁଭୂତି ଓ ଜୀବନ ଦର୍ଶନ ମାଧ୍ୟମରେ କେତୋଟି ଚରିତ୍ରକୁ ଯେଉଁ ଦର୍ଶନାତ୍ମକ ସାହିତ୍ୟିକ ଶିଳ୍ପ କୃତିର ସୁସଙ୍ଗଠିତ କାହାଣୀ ମାଧ୍ୟମରେ ବିଶ୍ଳେଷଣ କରିବାକୁ ଚେଷ୍ଟା କରିଥାଏ, ତାହା ହେଉଛି 'ଉପନ୍ୟାସ' ।

ଉପନ୍ୟାସର ଇଂରାଜୀ ପରିଭାଷା ହେଉଛି 'Novel" । ଏହା ଗ୍ରୀକ୍ ଶବ୍ଦ "Novella' ରୁ ଆସିଅଛି । ଇଟାଲୀୟ ଲେଖକ ବୋକାସିଓ ଚତୁର୍ଦ୍ଦଶ ଶତାବ୍ଦୀରେ 'Decameran' ନାମକ ଗ୍ରନ୍ଥରେ କେତେକ ପ୍ରେମମୂଳକ କାହାଣୀ ଉଲ୍ଲେଖ କରିଥିଲେ । ଏହାର ନାମ 'Novella'

ISSN NO.
2582-208X

ଦେଇଥିଲେ । ସପ୍ତଦଶ ଶତାବ୍ଦୀରେ ଏହି 'Novella' ଶବ୍ଦଟି **'Novel"** ରେ ପରିଣତ ହୋଇଥିଲା ।

ଉପନ୍ୟାସର ସଂଜ୍ଞା :

ଉପନ୍ୟାସ ଜୀବନର କଳ୍ପବଟ ସଦୃଶ । ଏଥିରେ ଜୀବନର ପୂର୍ଣ୍ଣ ଚିତ୍ର ପ୍ରକାଶ ପାଏ । ଏଠାରେ ନାନାବିଧ ପ୍ରୟୋଗ ଏବଂ କଳା ପରିଦୃଷ୍ଟ ହୁଏ । ତେଣୁ ଏହି ଦୃଷ୍ଟିରୁ ଉପନ୍ୟାସର ସଂଜ୍ଞା ମଧ୍ୟ ବିଭିନ୍ନ ସମାଲୋଚକ ଭିନ୍ନ ଭିନ୍ନ ଦୃଷ୍ଟିରେ ରଖିଛନ୍ତି । ଯାହା ନିମ୍ନରେ ରହିଅଛି ।

ଉପନ୍ୟାସର ସଂଜ୍ଞା ଦେବାକୁ ଯାଇ ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମଚାନ୍ଦ କହନ୍ତି – "ମେଁ ଉପନ୍ୟାସ କା ମାନବ ଚିତ୍ର କା ଚିତ୍ର ମାତ୍ର ସମଝାତାହୁଁ । ମାନବ ଚରିତ୍ର ପର ପ୍ରକାଶ ଡାଲନା ଔର ଉସ୍‌କେ ରହସ୍ୟୋ କୋ ଖୋଲ୍‌ନା ହିଁ ଉପନ୍ୟାସ କା ମୂଳତତ୍ୱ ହେ"।

ସମାଲୋଚକ Henrry James ଙ୍କ ମତରେ – "A Novel is a personal, a direct impression of life" । E.M. Forster ଙ୍କ ଭାଷାରେ – "Novel tells story"। ଅର୍ଥାତ୍ ଉପନ୍ୟାସ କାହାଣୀ ବା କଥା କହିଥାଏ ।

ଓଡ଼ିଆ ସମାଲୋଚକ ଅଧ୍ୟାପକ ବୈଷ୍ଣବ ଚରଣ ସାମଲଙ୍କ ମତରେ ଉପନ୍ୟାସ ହେଉଛି – "ଆଧୁନିକ ଯୁଗରେ ଉପନ୍ୟାସ ଏକ ଲଘୁ କର୍ମଶାଳା ହେଲେ ହେଁ ଜୀବନର ସମତଳ ବାସ୍ତବତାର ପ୍ରତିକ୍ରିୟାର ଅନ୍ତଃସ୍ଥଳରେ ଥିବା ଅବଚେତନର ସ୍ୱରୂପକୁ ଉଦ୍‌ଘାଟନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।"

ଓଡ଼ିଆ ସମାଲୋଚକ ତାରିଣୀ ଚରଣ ଦାସଙ୍କ ମତରେ – "ଗଦ୍ୟ ମାଧ୍ୟମକୁ କେନ୍ଦ୍ର କରି ଜୀବନ ଏବଂ ଜଗତର ବିଶ୍ଳେଷଣ କରୁଥିବା କଳାତ୍ମକ ରଚନାର ନାମ ହିଁ ଉପନ୍ୟାସ ।"

ଉପନ୍ୟାସର ସ୍ୱରୂପ :

ମଣିଷ ଜୀବନର ଭାଷ୍ୟ ହସ-କାନ୍ଦର ତୀର୍ଥକ୍ଷେତ୍ର ଏବଂ ବଞ୍ଚିବାର ବିପୁଳ ସମସ୍ୟା ଭିତରୁ ଉପନ୍ୟାସ ଆରମ୍ଭ । ଏହି ଉପନ୍ୟାସର କୌଣସି ଧରାବନ୍ଧା ଫର୍ମୁଲା ନାହିଁ । ଏହାର

ISSN NO.
2582-208X

ପରିସର ବ୍ୟାପକ ଅଟେ । ତଥାପି ଏଥିସକାଶେ କେତେକ ସାମାନ୍ୟ ନିୟମର ବ୍ୟବସ୍ଥା କରାଯାଇଅଛି ।

ଉପନ୍ୟାସର ନିର୍ଦ୍ଧିଷ୍ଟ ସଂଜ୍ଞା ନିରୂପଣ କରିବା ପରି ଉପନ୍ୟାସର ସ୍ୱରୂପ ମଧ୍ୟ ନିର୍ଦ୍ଧାରଣ କରିବା ସହଜ ନୁହେଁ । ଉପନ୍ୟାସ ଏପରି ଏକ କଳା ଯେଉଁଥିରେ ମଣିଷର ପ୍ରଭୃତିର ଟିକି ନିଖି ବର୍ଣ୍ଣନା ଓ ସୁଖ–ଦୁଃଖ ସହୃଦୀର ବିଭିନ୍ନ ଦିଗ ବୃଦ୍ଧି ଓ ହ୍ରାସ ପରିହାସର ଜୀବନ ଚିତ୍ର ସମଗ୍ର ପୃଥିବୀକୁ ଜଣାଇ ଦିଆଯାଇଥାଏ । ନାଟକ, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ, କାବ୍ୟ ଆଦି ଅନ୍ୟାନ୍ୟ ସାହିତ୍ୟ କଳା କର୍ମ ଠାରୁ ଉପାଦାନ ଗ୍ରହଣ କରି ଉପନ୍ୟାସ ନିଜ ଭିତରେ ସାମିଲ୍ କରି ଦେଇଛି । ଉପନ୍ୟାସ ନାଟକ ଉତ୍କଣ୍ଠା ନାଟକ କେବଳ ଦେଖିବାକୁ ମିଳେ ନାହିଁ, କ୍ଷୁଦ୍ରଗଳ୍ପ କାହାଣୀଧର୍ମୀ ଦେଖିବାକୁ ମିଳେ । କେହି କେହି ମତ ଦିଅନ୍ତି କ୍ଷୁଦ୍ରଗଳ୍ପକୁ ବଢ଼ାଇ ଦେଲେ ତାହା ହୋଇଯାଏ ଉପନ୍ୟାସ ଓ ଉପନ୍ୟାସକୁ ସଂକ୍ଷିପ୍ତ କରି ଦେଲେ ତାହା ହୋଇଯାଏ କ୍ଷୁଦ୍ରଗଳ୍ପ, କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭାବରେ ଭୁଲ୍ । କାରଣ କ୍ଷୁଦ୍ରଗଳ୍ପ ସଂକ୍ଷିପ୍ତ ହେଲେ ଉପନ୍ୟାସ ବ୍ୟପାକ । ସେପରି ଭାବରେ ଏହାର ପରିସରକୁ ମଧ୍ୟ ଆକଳନ କରିବା ଏତେ ସହଜ ସାଧ୍ୟ ନୁହେଁ । ଅର୍ଥାତ୍ ଏହାର ପରିସର ବ୍ୟାପକ ଓ ସୁଦୀର୍ଘ ବ୍ୟାପି ।

ଓଡ଼ିଆ ସାହିତ୍ୟରେ ଉପନ୍ୟାସର ପ୍ରସ୍ତୁତି ପର୍ବ :

ଅଷ୍ଟାଦଶ ଶତାବ୍ଦୀରେ ୟୁରୋପୀୟ ସାହିତ୍ୟରେ ଉପନ୍ୟାସର ଜନ୍ମ । ସମୟକ୍ରମେ ଯୁଗର ବିବର୍ତ୍ତନ, ବିଜ୍ଞାନର ଅଗ୍ରଗତି, ମୁଦ୍ରଣ ଯନ୍ତ୍ରର ପ୍ରସାର ଓ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ଯୋଗୁଁ ବିଶ୍ୱର ବିଭିନ୍ନ ଭାଷାରେ ଉପନ୍ୟାସ ସୃଷ୍ଟି ସମ୍ଭବ ହୋଇ ପାରିଥିଲା । ତତ୍କାଳୀନ ସମୟରେ ପରାଧୀନତା ହେତୁ ଦେଶର ସାମାଜିକ–ରାଜନୈତିକ କ୍ଷେତ୍ରରେ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା । ଏସବୁ ସତ୍ତ୍ୱେ ଭାରତର ବିଭିନ୍ନ ଭାଷାରେ ସାହିତ୍ୟର ଧାରା ଚିରପ୍ରବହମାନ ଥିଲା ।

ପ୍ରାୟତଃ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗକୁ ଭାରତୀୟ ସାହିତ୍ୟରେ ଉପନ୍ୟାସର ଭିତ୍ତି ସ୍ଥାପନ ହୋଇଥିଲା । ମନେହୁଏ ବ୍ରିଟିଶ୍ ଶାସନର ପ୍ରଭାବ ଓ ଇଂରାଜୀ ଭାଷାର ବହୁଳ ପ୍ରଚଳନ ହିଁ ଭାରତର ବିଭିନ୍ନ ପ୍ରାଦେଶିକ ଭାଷାରେ ଉପନ୍ୟାସ ରଚନା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା । ପରାଧୀନ ମଣିଷର ମୁକ୍ତି ପାଇଁ ଆବେଗ,

ISSN NO.
2582-208X

ପାରିପାର୍ଶ୍ୱିକ ଅବସ୍ଥା, ସମସାମୟିକ ରାଜନୈତିକ ଚିତ୍ର, ବ୍ୟକ୍ତି ସ୍ୱାତନ୍ତ୍ର୍ୟର ବିକାଶ ପ୍ରଭୃତି ଚିତ୍ର ଉପନ୍ୟାସରେ ପ୍ରତିଫଳିତ ହେଲା ।

ସଂସ୍କୃତ ସାହିତ୍ୟର ବିଷୟବସ୍ତୁ ଆଧାରିତ ଦଣ୍ଡୀଙ୍କ 'ଦଶକୁମାର ଚରିତ', ବାଣଭଟ୍ଟଙ୍କ 'କାଦମ୍ବରୀ', ଭାସଙ୍କ 'ବାସବଦତ୍ତା' ପ୍ରଭୃତି ରୋମାଞ୍ଚକ କାହାଣୀ ଓ କଳ୍ପନାରେ ପରିପୂର୍ଣ୍ଣ। କାହାଣୀ ମାଧ୍ୟମରେ ନୀତିଶିକ୍ଷା ଦେବା ଏଗୁଡିକର ମୂଳ ଲକ୍ଷ୍ୟ ।

ପରବର୍ତ୍ତୀ କାଳରେ ନାରାୟଣାନନ୍ଦ ଅବଧୂତ ସ୍ୱାମୀଙ୍କ 'ରୁଦ୍ର ସୁଧାନିଧି' ଓଡ଼ିଆ ସାହିତ୍ୟରେ ଏକ ସଫଳ ଗଦ୍ୟ ସୃଷ୍ଟି ଭାବରେ ଦେଖା ଦେଇଥିଲା । ସପ୍ତଦଶ ଶତାବ୍ଦୀରେ ବ୍ରଜନାଥ ବଡଜେନାଙ୍କ ରଚିତ 'ଚତୁର ବିନୋଦ', ଅଷ୍ଟାଦଶ ଶତାବ୍ଦୀରେ ଶିବଦାସଙ୍କର 'ବତ୍ରିଶ ସିଂହସାନ କଥା' ଅନବଦ୍ୟ ଗଦ୍ୟ ସୃଷ୍ଟିର ନିଦର୍ଶନ ।

ଏତଦ୍‌ବ୍ୟତୀତ ଓଡ଼ିଆ ଭାଷାର ବହୁ ପ୍ରାଚୀନ ଗ୍ରନ୍ଥ କାହାଣୀ, ଓଷାବ୍ରତ ଗଦ୍ୟାକାରରେ ରଚିତ ହୋଇ ପାଠକଙ୍କୁ ମୁଗ୍ଧ କରିଥିଲେ । ଏସବୁ ସୃଷ୍ଟି ପରବର୍ତ୍ତୀ କାଳରେ ଓଡ଼ିଆ ଉପନ୍ୟାସର ସୃଷ୍ଟି ପାଇଁ ନିଶ୍ଚିନ୍ତ ଭାବେ ଏକ ବଳିଷ୍ଠ ଭିତ୍ତିଭୂମି ସ୍ଥାପନ କରିଥିଲା ।

'ରୁଦ୍ର ସୁଧାନିଧି', 'ଚତୁର ବିନୋଦ', 'ପ୍ରସ୍ତାବ ଚିନ୍ତାମଣି' ପ୍ରଭୃତିରେ ଉପନ୍ୟାସର ଧର୍ମ, କଳା, ଦେଖିବାକୁ ମିଳିଥାଏ । ଏପରିକି ଦଣ୍ଡୀଙ୍କ 'ଦଶକୁମାର ଚରିତ'ରେ ମଧ୍ୟ ଏସବୁ ଲକ୍ଷଣ ଦେଖିବାକୁ ମିଳିଥାଏ । ମାତ୍ର ସମାଲୋଚକମାନେ ମତ ଦିଅନ୍ତି ଯେ – "ଏ ଲେଖାଗୁଡ଼ିକର କଥନ ଭଙ୍ଗୀ ଚମତ୍କାର ହେଲେ ହେଁ କାହାଣୀ, ଘଟଣା ପ୍ରଧାନ, ଚରିତ୍ର ପ୍ରଧାନ ନୁହେଁ । ଚରିତ୍ର ଚିତ୍ରଣରେ ବିଶେଷତ୍ୱ ନାହିଁ । ଉପନ୍ୟାସର ସାଧାରଣ ଧର୍ମ ଏଠାରେ ପରିଦୃଷ୍ଟ ହୋଇ ନଥାଏ । ସୁତରାଂ ଏହାକୁ ବଡ଼ ଗଳ୍ପ ବା କାହାଣୀ କୁହାଯାଇପାରେ, ମାତ୍ର ଉପନ୍ୟାସ ନୁହେଁ ।"

ଓଡ଼ିଆ ଉପନ୍ୟାସର ଆଦ୍ୟ ଉନ୍ମେଷକାଳ :

ଉପନ୍ୟାସଗୁଡ଼ିକୁ ଆଗକୁ ଗତି କରିବା ପାଇଁ ସହାୟକ ଭାବରେ ପତ୍ରପତ୍ରିକାଗୁଡ଼ିକ ଆଗରୁ ଆଗେଇ ଆସିଥିଲେ । ଆଧୁନିକ ଗଦ୍ୟ ସୃଷ୍ଟି ପାଇଁ ପୂର୍ବର ଭାବାବେଗ ଓ ଭବିଷ୍ୟତର ଆହ୍ୱାନରେ ଉପନ୍ୟାସ ରଚନା ଏକ ସାର୍ଥକ ରୂପ ପରିପ୍ରକାଶ କଲା । ୧୮୫୨ ମସିହାରେ ଇଂରାଜୀ ମହିଳା ହାନୀ ଜାଥେରିନ୍, ମ୍ୟୁଲେସନ୍‌ଙ୍କ ଦ୍ୱାରା ବଙ୍ଗଳା ଭାଷାରେ 'ଫୁଲମନି ଓ

ISSN NO.
2582-208X

କରୁନାର ବିବରନ୍' ରଚିତ ହୋଇଥିଲା । ୧୮୭୧ ମସିହାରେ ଏହା 'ଫୁଲମଣି ଓ କରୁଣାର ବିବରଣୀ' ଭାବେ ଓଡ଼ିଆରେ ରୂପାନ୍ତର ହୋଇ ରେଭେରେଣ୍ଡ ଷ୍ଟବିନ୍ଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ଏହା ଏକ ନିର୍ଦ୍ଦିଷ୍ଟ ଧର୍ମ ପ୍ରଚାର ପାଇଁ ଉଦ୍ଦିଷ୍ଟ ଥିଲା । ଖ୍ରୀଷ୍ଟିଆନ୍ ମଧ୍ୟବିତ୍ତ ପରିବାରର ସୁଖ-ଦୁଃଖ, ଚାଲି-ଚଳଣି ଧର୍ମଧରା ଏଥିରେ ପ୍ରତିଫଳିତ ହୋଇଥିଲା ।

୧୮୭୩ ମସିହାରେ ମଧୁସୂଦନ ରାଓଙ୍କ 'ପ୍ରଣୟର ଅଦ୍ଭୁତ ପରିଣାମ' ଓ ୧୮୭୪ ରେ ରାଧାନାଥ ରାୟଙ୍କ 'ଇଟାଲୀୟ ଯୁବା' ପ୍ରକାଶ ପାଇଲା । ଏ ଦୁଇଟି ଦୀର୍ଘ କାହାଣୀ ଓ ରୋମାନ୍ସ ଧର୍ମୀ ।

'ଇଟାଲୀୟ ଯୁବା' କାହାଣୀରେ ରାଧାନାଥ ପ୍ରଥମେ 'ଉପନ୍ୟାସ' ଶବ୍ଦ ବ୍ୟବହାର କରିଛନ୍ତି। ଏଠାରେ ମଧ୍ୟ ଉପନ୍ୟାସର ମୂଳତତ୍ତ୍ୱ ଦେଖିବାକୁ ମିଳେ । କାହାଣୀ, ରଚନା ଶୈଳୀ ଆଦିରେ ଉପନ୍ୟାସର ଝଲକ୍ ଦେଖାଯାଏ ।

ଓଡ଼ିଆ ଉପନ୍ୟାସ ସାହିତ୍ୟରେ 'ପ୍ରଣୟର ଅଦ୍ଭୁତ ପରିଣାମ' ଓ 'ଇଟାଲୀୟ ଯୁବା'କୁ ଉପନ୍ୟାସର ମର୍ଯ୍ୟାଦା ଦିଆ ନ ଗଲେ ମଧ୍ୟ ନିଃସନ୍ଦେହରେ କୁହାଯାଇପାରେ ଯେ, ଉପନ୍ୟାସ ସୃଷ୍ଟିର ଆଦ୍ୟ କାଳରେ ରଚିତ ରୋମାନ୍ସଧର୍ମୀ ରଚନା ପାଇଁ କବି ରାଧାନାଥ ହିଁ ପଥ ଦେଖାଇଛନ୍ତି ।

୧୮୭୮ ମସିହାରେ ରାମଶଙ୍କର ରାୟ (୧୮୫୭-୧୯୩୧)ଙ୍କର 'ସୌଦାମିନୀ' 'ଉତ୍କଳ ମଧୁପ'ରେ ଧାରାବାହିକ ଭାବରେ ୩୦ଟି ପରିଚ୍ଛେଦ ପ୍ରକାଶ ପାଇଥିଲା । ଏହା ଅସମ୍ପୂର୍ଣ୍ଣ ରହିଯିବାରୁ ଏହା ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ମର୍ଯ୍ୟାଦା ଲାଭରୁ ବଞ୍ଚିତ ହେଲା । ଏ କ୍ଷେତ୍ରରେ ଫକୀର ମୋହନ ରଚନା କରି ଲେଖିଲେ -

"ହେ ରାମ ଶଙ୍କର ମୋର ମାନୁଛି ମନକୁ,
ହୋଇପାରେ ଭାଇ ତୁମେ ଗଉରୀ ପଛକୁ ।
ପ୍ରଥମ ନାଟକ ଆଉ ନୋଭେଲର ଲେଖା,
ତୁମଠାରେ ପ୍ରଥମରେ ହୋଇଥିଲା ଲେଖା ।" ('ଉତ୍କଳ ଭ୍ରମଣ')

ସୁତରାଂ ରାମଶଙ୍କରଙ୍କୁ ପ୍ରଥମ ଔପନ୍ୟାସିକ ଭାବରେ ଗ୍ରହଣ କରାଯାଇପାରେ; ମାତ୍ର ତାଙ୍କର ଉପନ୍ୟାସ 'ପ୍ରଥମ' ଭାବରେ ଗ୍ରହଣୀୟ ନୁହେଁ ।

ISSN NO.
2582-208X

୧୮୬୫ ମସିହାରେ ଶରତ ଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଦ୍ୱାଦ୍ୱାରା ସମ୍ପାଦିତ 'ପ୍ରଦୀପ'ରେ ପ୍ରକାଶିତ 'ଅନାଥିନୀ' ମଧ୍ୟ ସ୍ୱତନ୍ତ୍ର ମର୍ଯ୍ୟାଦା ଦାବି କରେ । ଉପନ୍ୟାସର ନାୟିକା ଜଣେ ଦରିଦ୍ର କୃଷକ କନ୍ୟା । ଦେୱାନ ତାକୁ ଭଲ ପାଉଥିଲେ । ରାଜା ହେବାର ସମ୍ଭାବନା ଓ ଝିଅଟି ପ୍ରତି ଆକର୍ଷଣ ମଧ୍ୟରେ ସେ ଦ୍ୱିଧାଗ୍ରସ୍ତ ହୋଇ ପଡିଛନ୍ତି । ମାତ୍ର ଏହା ମଧ୍ୟ ସମ୍ପୂର୍ଣ୍ଣ ରହିଛି । ଅନ୍ୟ ଏକ ଉପନ୍ୟାସ 'ମଠର ସମ୍ବାଦ' ସେହି ବର୍ଷ 'ପ୍ରଦୀପ'ରେ ଧାରାବାହିକ ଭାବେ ପ୍ରକାଶ ପାଇଲା । ଏଥିରେ ମୋଟ 'ଛ'ଟି ଅଧ୍ୟାୟରେ ତତ୍କାଳୀନ ନବ୍ୟଶିକ୍ଷିତ ଯୁବକ ଓ ସରକାରୀ ଚାକିରିଆଙ୍କ ବିଦ୍ରୁପର ବାର୍ତ୍ତା ଥିଲା । ଦୁଇଟି ଯାକ ଅସମ୍ପୂର୍ଣ୍ଣ ଉପନ୍ୟାସର ରଚୟିତା ଥିଲେ 'ଶ୍ରୀ' ଛଦ୍ମନାମ ଧାରୀ ବ୍ୟକ୍ତି ।

୧୮୮୮ ମସିହା ଅକ୍ଟୋବର ୧୯ ତାରିଖରେ 'ପଦ୍ମମାଳୀ' ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ ଢେଙ୍କାନାଳରୁ ପ୍ରକାଶିତ ହୋଇଥିଲା । ଏହାର ଲେଖକ ଥିଲେ ଉମେଶ ଚନ୍ଦ୍ର ସରକାର । 'କଟକ ପ୍ରିଣ୍ଟି କମ୍ପାନୀ' ଦ୍ୱାରା ଏହା ପ୍ରକାଶିତ ହୋଇଥିଲା । 'ଉତ୍କଳ ଦୀପିକା'ର ସମ୍ପାଦକ ଗୌରୀ ଶଙ୍କର ମଧ୍ୟ ଏହାକୁ ଓଡ଼ିଆ ଭାଷାର ୧ମ ଉପନ୍ୟାସ ବୋଲି ସ୍ୱୀକାର କରିଛନ୍ତି ।

ଉପନ୍ୟାସଟି ନୀଳଗିରି ରାଜ୍ୟର ରାଜନୈତିକ ଅସ୍ଥିରତା ଉପରେ ରଚିତ । ୧୮୩୦ ମସିହାରେ ନୀଳଗିରିର ଶାସକଙ୍କ ବିରୋଧରେ ସଙ୍ଘଟିତ କୃଷକ, ଦୁଇ ରାଜବଂଶ ମଧ୍ୟରେ କ୍ଷମତାକୁ ନେଇ ସାମରିକ ସଙ୍ଘର୍ଷ ସହିତ ପ୍ରେମ କାହାଣୀ ଉପରେ ବର୍ଣ୍ଣିତ । ଦୁର୍ଯ୍ୟୋଧନ ଦାସ ନାମକ ଜଣେ ପ୍ରବଞ୍ଚକ ପଞ୍ଚଗଡ ନିବାସୀ ପଟୱାରୀଙ୍କ କନ୍ୟା ପଦ୍ମମାଳୀକୁ ଅପହରଣ କରି ନିଅନ୍ତି । କପ୍ତିପଦାର ଯୁବରାଜ ପରୀକ୍ଷିତ ସିଂ ପଦ୍ମମାଳୀକୁ ଉଦ୍ଧାର କରିଛନ୍ତି । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୁଏ । ଖଳନାୟକର ହିଂସାତ୍ମକ କାର୍ଯ୍ୟକଳାପ ଚରମ ସୀମାରେ ପହଞ୍ଚେ । ଶେଷରେ କାରା କକ୍ଷରେ ଦୁର୍ଯ୍ୟୋଧନ ଦାସର ବିୟୋଗ ଘଟେ ।

ପଦ୍ମମାଳୀ ପରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ ହେଉଛି ରାମ ଶଙ୍କର ରାୟଙ୍କର 'ବିବାସିନୀ' । ଏହା ୧୮୯୧ ମସିହାରେ ପ୍ରକାଶିତ ଏକ ପୂର୍ଣ୍ଣାଙ୍ଗ ଉପନ୍ୟାସ । ଏହା ପ୍ରଥମେ 'ଉତ୍କଳ ପ୍ରଭା' ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଉଥିଲା । ମରାଠା ଶାସନର ପୃଷ୍ଠଭୂମି ଉପରେ ଉପନ୍ୟାସଟି ଆଧାରିତ । ମରାଠା ସୁବାଦାର ଶମ୍ଭୁଜୀ ଗଣେଶଙ୍କ ଅତ୍ୟାଚାର, ଓଡ଼ିଆମାନଙ୍କର ଆର୍ଥିକ ସ୍ଥିତି, ତତ୍କାଳୀନ ସମୟରେ ସାମାଜିକ ପରିସ୍ଥିତି ସମ୍ପର୍କରେ ବର୍ଣ୍ଣନା ପ୍ରଦତ୍ତ । ଶମ୍ଭୁଜୀଙ୍କ ଅତ୍ୟାଚାର ବିରୋଧରେ କୁଜଙ୍ଗର

ISSN NO.
2582-208X

ଷଣ୍ଢରାଜା ଓ ତାଙ୍କ ଡକାୟତ ଦଳର ସଙ୍ଘଠିତ ପ୍ରତିରୋଧର ଏକ ଚମତ୍କାର ବର୍ଣ୍ଣନା ଉପନ୍ୟାସରେ ପ୍ରଦତ୍ତ ।

୧୮୯୭ ମସିହାରୁ ୧୮୯୯ ମସିହା ଯାଏଁ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବରେ 'ଧୂର୍ଜଟୀ' ଛଦ୍ମ ନାମରେ ଫକୀର ମୋହନଙ୍କ 'ଛମାଣ ଆଠଗୁଣ୍ଠ' ପ୍ରକାଶ ପାଉଥିଲା । ଏହା ୧୯୦୨ ମସିହାରେ ଏକ ପୁସ୍ତକାକାରରେ ପ୍ରକାଶ ପାଇଥିଲା । ଓଡ଼ିଆ ଭାଷାରେ ପ୍ରକୃତ ଉପନ୍ୟାସର ମାନ୍ୟତା ପାଇବାରେ ଏହା ଥିଲା ପ୍ରଥମ । ଏହି ଉପନ୍ୟାସରେ ପ୍ରେମଚାନ୍ଦଙ୍କ 'ଗୋଦାନ' ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କର 'ଗଣଦେବତା' ପରି ଏଥିରେ ମାନବିକ ଆବେଦନ ପ୍ରକାଶ ପାଇଛି । ତାରାଶଙ୍କରଙ୍କର ଛିରୁପାଲ (ଶ୍ରୀହରି ଘୋଷ) ଚରିତ୍ର ସହ ରାମଚନ୍ଦ୍ର ମଙ୍ଗରାଜଙ୍କୁ ତୁଳନା କରାଯାଇ ପାରିବ । ଛିରୁପାଲର ହୃଦୟର ଅଛି ମାତ୍ର ରାମଚନ୍ଦ୍ରଙ୍କର ହୃଦୟ ନାହିଁ ।

ଜମିଦାର ରାମଚନ୍ଦ୍ର ମଙ୍ଗରାଜ ଧନଲୋଭୀ, ଅତ୍ୟାଚାରୀ ଓ ପରସ୍ୱ ଅପହରଣକାରୀ । ଭଗିଆ ଓ ସାରିଆ ଗ୍ରାମର ତନ୍ତୀ ନିରୀହ ଦମ୍ପତ୍ତି । ଧର୍ମ ନାମରେ ମଙ୍ଗରାଜ ପ୍ରତାରଣା କରିଛି । ତା'ର 'ଛ' ମାଣ ଆଠଗୁଣ୍ଠ' ଜମିକୁ ହଡପ କରିଛି । ନେତ ଗାଇକୁ ନେଇ ଯାଇଛି । ଦୁଃଖରେ ସାରିଆ ଆତ୍ମହତ୍ୟା କରିଛି ଓ ଭଗିଆ ପାଗଳ ହୋଇଛି । ଶୋଷଣ ଅତ୍ୟାଚାରର ଫଳ ଭୋଗି ମଙ୍ଗରାଜ ଜେଲ୍ ଯାଇଛି । ଚମ୍ପାକୁ ଗୋବିନ୍ଦ ଭଣ୍ଡାରୀ ହତ୍ୟା କରି ନିଜେ କୁମ୍ଭୀରର ଖାଦ୍ୟ ହୋଇଛି ।

ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ଦ୍ୱାରା ରଚିତ 'କଳାବତୀ' ଉପନ୍ୟାସ ୧୯୦୨ ମସିହାରେ 'ଗଜପତି ପ୍ରେସ୍'ରୁ ପ୍ରକାଶିତ । ସେହି ବର୍ଷ ବ୍ରଜବନ୍ଧୁ ମିଶ୍ରଙ୍କର 'ବସନ୍ତ ମାଳତୀ' ପ୍ରକାଶ ପାଇଥିଲା। 'କଳାବତୀ' ଉପନ୍ୟାସର ଏକ ବିଶେଷ କଥା ହେଉଛି ଯେ ଉପନ୍ୟାସକୁ ଫକୀରମୋହନ ଓ ମଧୁସୂଦନଙ୍କ ଦ୍‌ୱାରା ସଂଶୋଧିତ ହୋଇଥିଲା ବୋଲି ପୁସ୍ତକର ଭୂମିକାରେ ଉଲ୍ଲେଖ ଅଛି । 'କଳାବତୀ' ଉପନ୍ୟାସର ନାୟିକା । ତାଙ୍କରି ନାମାନୁସାରେ ଉପନ୍ୟାସର ନାମକରଣ ହୋଇଛି । ଏଠାରେ ତତ୍କାଳୀନ ସମାଜର ଚିତ୍ର ଓ ପାଶ୍ଚାତ୍ୟ ରାଜନୀତିକ ପ୍ରଭାବରେ ରଚିତ ହୋଇଥିଲା । ଧର୍ମ ନାମରେ ପବିତ୍ର ପୀଠଗୁଡ଼ିକରେ ମହନ୍ତମାନଙ୍କର ଦୁର୍ଗତି ଏଠାରେ ବାସ୍ତବ ଭାବେ ଫୁଟି ଉଠିଛି ।

ISSN NO.
2582-208X

୧୯୦୮ ମସିହାରେ ଗୋପାଳ ବଲ୍ଲଭ ଦାସଙ୍କ 'ଭୀମାଭୂୟାଁ' ଉପନ୍ୟାସ ରଚିତ ହୋଇଥିଲା । ଓଡ଼ିଆ ସାହିତ୍ୟରେ ପ୍ରଥମ ଆଦିବାସୀ ଭିତ୍ତିକ ଉପନ୍ୟାସ ଭାବରେ ଏହା ମାନ୍ୟତା ଲାଭ କରିଛି । ଏହା ମଧ୍ୟ ଐତିହାସିକ ପ୍ରେମ କାହାଣୀ ଉପରେ ଆଧାରିତ । ଲେଖକଙ୍କର ବ୍ୟକ୍ତିଗତ ଅନୁଭୂତି ଆଧାରରେ ଉପନ୍ୟାସର ପରିକଳ୍ପନା । ଆଦିବାସୀ ଜୀବନ, ସମାଜ, ରାଜପରିବାର କଥା, ରାଜକନ୍ୟା ସୀମା ପ୍ରତି ଆକୃଷ୍ଟ ହେବା ଇତ୍ୟାଦି ଘଟଣା ଉପରେ ଉପନ୍ୟାସର କାହାଣୀ ଗତିଶୀଳ ।

'ଲଛମା' ଫକୀର ମୋହନଙ୍କର ଏକ ଐତିହାସିକ ଉପନ୍ୟାସ । ୧୯୧୪ ମସିହାରେ ଏହା 'ମୁକୁର' ପତ୍ରିକାରେ ପ୍ରକାଶିତ । ଏହା ପୂର୍ବରୁ ୧୯୦୧ ରୁ ୧୯୦୩ ମସିହା ମଧ୍ୟରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବେ 'ଅପୂର୍ବ ମିଳନ' ଶିରୋନାମରେ ପ୍ରକାଶ ପାଇଲା । ଓଡ଼ିଶାରେ ମରହଟ୍ଟା ବର୍ଗୀଙ୍କ ଲୁଣ୍ଠନ, ତତ୍କାଳୀନ ସମାଜର ସାମାଜିକ-ରାଜନୈତିକ ଅବସ୍ଥାର ଏକ ନିଚ୍ଛକ ଚିତ୍ର ଆମେ ଏଠାରେ ଦେଖୁଁ ।

'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ 'ବୁଢ଼ାଚାଚା' ଉପନ୍ୟାସ ୧୯୧୪ ମସିହାରେ ଅଶ୍ୱିନୀ କୁମାର ଘୋଷଙ୍କ ଦ୍ୱାରା ରଚିତ ହୋଇଥିଲା । ଏହା ଏକ ସାମାଜିକ ଉପନ୍ୟାସ । ଏଠାରେ ହନିଫ୍, ହନିଫ୍‌ର ପୁତ୍ର ନଫର୍, ହନିଫ୍‌ର ପତ୍ନୀ ରାମପଣ୍ଡାଙ୍କ ଝିଅ ବିମଳା ଆଦି ଚରିତ୍ରଗୁଡ଼ିକ ଫୁଟି ଉଠିଛନ୍ତି ।

୧୯୧୩ ମସିହାରେ ଲେଖକଙ୍କ ଦ୍ୱିତୀୟ ଉପନ୍ୟାସ 'ମାମୁଁ' ପ୍ରକାଶିତ । 'ଉତ୍କଳ ସାହିତ୍ୟ' ପ୍ରେସ୍‌ରୁ ୧୯୦୬ ରୁ ୧୯୦୮ ମସିହା ମଧ୍ୟରେ ପ୍ରକାଶ ପାଇଥିଲା । ସାମାଜିକ ତ୍ରୁଟି ବିଚ୍ୟୁତିର ମୂର୍ତ୍ତିମାନ ବିକାଶ ଘଟିଛି 'ମାମୁଁ' ଉପନ୍ୟାସରେ । ଛଳଣା ଓ ପ୍ରତାରଣାକୁ ଆଶ୍ରୟ କରି ତଥାକଥିତ ଶିକ୍ଷିତ ଗାଁର ଟାଉଟର ସମାଜରେ ଅନ୍ୟାୟ, ଅତ୍ୟାଚାର, ଚଳାଇଛନ୍ତି । ନାଜର ନଟବର, ଚରିତ୍ର ଏହାର ଜ୍ୱଳନ୍ତ ଉଦାହରଣ । ନଟବରର ସର୍ବଗ୍ରାସ ନୀତି ଗୋଟିଏ ଗୋଷ୍ଠୀର ପ୍ରତୀକ, କିନ୍ତୁ ସେଇ ତଥାକଥିତ ଗୋଷ୍ଠୀ ବେଶି ଦିନ ତିଷ୍ଠି ପାରେ ନାହିଁ । ସମୟର ପରିବର୍ତ୍ତନ ସାଙ୍ଗକୁ ସେମାନେ ଶାସ୍ତି ପାଇଛନ୍ତି । ଏହା ହିଁ 'ମାମୁଁ'ର ସଂକ୍ଷିପ୍ତ ବିଷୟବସ୍ତୁ ।

୧୯୧୫ ମସିହାରେ ଫକୀର ମୋହନଙ୍କ 'ପ୍ରାୟଶ୍ଚିତ' ଉତ୍କଳ ସାହିତ୍ୟ ପ୍ରେସ୍‌ରୁ ପ୍ରକାଶିତ ଦେଶର ପାଶ୍ଚାତ୍ୟ ଶିକ୍ଷାର ପ୍ରଚଳନ ଫଳରେ ଭାରତୀୟ ସଂସ୍କୃତି ପ୍ରାଚୀନ ପରମ୍ପରା ଓ

ISSN NO.
2582-208X

ଚଳଣି ଧୂଳିସାତ୍ ହୋଇଗଲା । ନବ୍ୟ ଇଂରାଜୀ ଶିକ୍ଷିତମାନେ ଭାରତୀୟ ସମାଜରେ ଉଚ୍ଚ ଆଦର୍ଶ ମୂଲ୍ୟବୋଧ, ମାନବିକତା ପ୍ରତି ତାଚ୍ଛଲ୍ୟ ପ୍ରକାଶ କରିବାକୁ ଲାଗିଲେ । ଏହାର ବିଷମ ପରିଣତି କିପରି ଭୟାନକ ହୋଇ ଉଠିଛି ତାହା 'ପ୍ରାୟଶ୍ଚିତ' ଉପନ୍ୟାସରେ ପ୍ରତିଫଳିତ । ରାଜୀବ ଲୋଚନ, ଇନ୍ଦୁମତି, ସଦାନନ୍ଦ, ବୈଷ୍ଣବ ଚରଣ, ସଂକର୍ଷଣ ପ୍ରଭୃତି ଚରିତ୍ରମାନେ ଫୁଟି ଉଠିଛନ୍ତି ।

୧୯୨୦ ମସିହାରେ କଲିକତାରୁ ବୀରମିତ୍ର ବୀର ସିଂହଦେଓଙ୍କର 'ଭଗ୍ନ କଙ୍କଣ', 'ମୁକୁର', ପତ୍ରିକାରେ ଚିନ୍ତାମଣି ଆଚାର୍ଯ୍ୟଙ୍କର 'ସାଧନା', ଦୟାନିଧି ମିଶ୍ରଙ୍କର 'ରାଣା ପ୍ରତାପ ସିଂହ', ନବୀନ କୁମାର ଶର୍ମାଙ୍କ 'ଅଜାତି', ଜନାର୍ଦ୍ଦନ ମହାନ୍ତିଙ୍କର 'ନୈବେଦ୍ୟ' ଆଦି ଉପନ୍ୟାସ ଏହି ଗୋଟିଏ ବର୍ଷ ମଧ୍ୟରେ ପ୍ରକାଶ ପାଇଥିଲା ।

ପ୍ରାରମ୍ଭିକ ପର୍ଯ୍ୟାୟରେ ରଚିତ ଏହିସବୁ ଉପନ୍ୟାସ, ଉପନ୍ୟାସ ସାହିତ୍ୟର ବଳୟକୁ ପରିବ୍ୟାପ୍ତ କରିଅଛି । ଇତିହାସର ଉପାଦାନ କିମ୍ବା ଜନଜାତିମାନଙ୍କୁ ନେଇ ଉପନ୍ୟାସ ରଚିତ ହୋଇପାରିବ - ଏହାକୁ ଉକ୍ତ କାଳର ଲେଖକମାନେ ପ୍ରମାଣିତ କରିଯାଇଛନ୍ତି । ଏହି ସମୟରେ ରଚିତ ଉପନ୍ୟାସଗୁଡ଼ିକ ଉପନ୍ୟାସ ଜଗତରେ ଭିତ୍ତି ସ୍ଥାପନ କରାଯାଇଛନ୍ତି। ଯାହା ପରବର୍ତ୍ତୀ କାଳରେ ଅଧିକ ସଫଳ ଉପନ୍ୟାସିକ ଓ ସଫଳ ଉପନ୍ୟାସ ସୃଷ୍ଟି କରିବା କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିପାରିଥିଲା ।

ଗବେଷିକା

ISSN NO.
2582-208X

# କଏଦୀର ଚକ୍ୱାର



ଆର୍ଯ୍ୟ ଦାସ

ତୁମେ ମୋତେ ଏମିତି ଏକ
କାରାଗାରରେ ରଖିଦେଇ ଯାଇଛ
ସତରେ ମୁଁ ଅଣନିଶ୍ୱାସୀ କଏଦୀର ଚିକ୍ୱାର କରୁଛି
ବିରହ, ବେଦନା, କଷ୍ଟ, ଯନ୍ତ୍ରଣା ଯେମିତି
ସବୁକିଛି ଏକାକାର ମାଡି ଆସୁଛନ୍ତି
କଏଦୀକୁ ଫାଶୀ ଦେବା ପାଇଁ
କଏଦୀର ଶୀତଳ ମାଂସରେ
ଅନ୍ଧାର ରାତିର ବୁଭୁକ୍ଷୁ ମାନଙ୍କ ପେଟ ଭରିଦେବା ପାଇଁ
କଏଦୀ ଆଜି ନୀରବ ସାଜିଛି
ପାଉଥିବା ଯନ୍ତ୍ରଣାରେ ନୀରବତା ରହି
ତା' ଜ୍ୱାଳାର ପ୍ରଶମିତ ପାଇଁ
କଏଦୀ ଆଜି ଚିକ୍ୱାର କରୁଛି
ନିଜକୁ ନିଜେ ଫାଶୀ ପାଇବା ପାଇଁ -
କଏଦୀର ଶେଷ ପ୍ରଶ୍ନ ମୃତ୍ୟୁ ପୂର୍ବରୁ
ଦୋଷ କ'ଣ ମୋତେ ନିଜକୁ ଅଜଣା
କେତେଦିନ ଏ ନୀରବ ଯନ୍ତ୍ରଣା !
ଆଉ ଶେଷରେ ପ୍ରଶ୍ନର ଉତ୍ତର
ଫାଶୀରେ ପ୍ରଶମିତ ବେଦନା ।

ଠିକଣା-ସପ୍ତଶଯ୍ୟା , ଢେଙ୍କାନାଳ
ମୋ-୮୧୪୪୫୬୨୮୯୧

ISSN NO.
2582-208X

# ହେବାନାହିଁ ବେଇମାନ



ନରେନ୍ଦ୍ର ପ୍ରସାଦ ବେହେର୍

ବାଲେଶ୍ୱର ମାଟି ଶିକ୍ଷାରତ ମାଟି
ଭୁଲିତ ପାରିବା ନାହିଁ
କେତେ ମହାରଥୀ ଗଲେଣି ଜିଲ୍ଲାରୁ
କା' ପାଖେ ହିସାବ ନାହିଁ ।୧।

କବି କବୟିତ୍ରୀ ଲେଖକ ଲେଖିକା
ହୋଇଛନ୍ତି କେତେଗଢା
ଶିକ୍ଷାକ୍ଷେତ୍ରେ ପୁଣି ସବୁଠୁ ଉଚ୍ଚରେ
ପଢିଛନ୍ତି କେତେ ପଢା ।୨।

ଏହି ଜିଲ୍ଲା ଆମ୍ଭ ଜନମଭୁଇଁତ
ବଢିଛେ କେତେ ଯତନେ
ପାରିବାନି ଭୁଲି ଜୀବନରେକେବେ
ବସିଛେ ଆଜି ଆସନେ ।୩।

ଶସ୍ୟ ଓ ଶ୍ୟାମଳା ଏହି ବାଲେଶ୍ୱର
ଜିଲ୍ଲାଟି ଅଟେ ମହାନ
ସାତଜନ୍ମ ପାଇଁ ଗୁଣଗାନ କରି
ଆନନ୍ଦେ କାଟିବା ଦିନ ।୪।

ISSN NO.
2582-208X

ଧାର୍ମିକ ପୀଠଯେ ଅଛିଏହିଠାରେ
କ୍ଷେପଣାସ୍ତ୍ର ଘାଟୀପୁଣ
କଳାକ୍ଷେତ୍ରେ ପୁଣି ସୁନାମ ରହିଛି
କରିବ କିଏ ବଖାଣ ।୫।

ମହାପୁରୁଷଙ୍କ ଜନ୍ମସ୍ଥଳୀ ଏଠି
ସମସ୍ତେ କହନ୍ତି ଧନ୍ୟ
ଆଶୀର୍ବାଦତାଙ୍କ ନମିଳିଲେ ଆମ୍ଭ
ଜୀବନ ହୋଇବ ଶୂନ୍ୟ ।୬।

କଲମ ଚାଳନା କରୁଛନ୍ତି ଆମ୍ଭେ
ଜିଲ୍ଲାର ଉନ୍ନତି ପାଇଁ
କେବେ କେଉଁଦିନ କା' ଆଗରେ ଆମ୍ଭେ
ଦେବାନାହିଁ ମୁଣ୍ଡ ନଇଁ ।୭।

ସବୁ ଚକଚକ ନୁହେଁ ସେ ମାଣିକ
ମହାକାଳ ଫଳ ପରି
ଆମରା ଜଧାନୀ କେଡେ ମନୋହର
ହେବାନି ତା' ସଙ୍ଗେ ସରି ।୮।

ରହିଛନ୍ତି କେତେ ବହୁରୂପୀ ଲୁଚି
କହୁଛନ୍ତି ମିଷ୍ଟଭାଷା
ଆଶା ଓ ଭରସା ଦେଉଛନ୍ତି କେତେ
କରୁଛନ୍ତି ଲୋକହସା ।୯।

ISSN NO.
2582-208X

ଆମ୍ଭେ ଜିଲ୍ଲାବାସୀ ଏକତ୍ର ହୋଇବା
ହୋଇବା ନାହିଁ ଗୋଲାମ
କଲମ ମୁନରେ ଲେଖିବା କବିତା
ପାଇବା ଯେବେ ସଲାମ ।୧୦।

ଭୁଲିଯିବା ନାହିଁ ନିଜ ଭାଇବନ୍ଧୁ
ପରକୁ ଦେଇ ସମ୍ମାନ
ଦେବାନାହିଁ ତଥ୍ୟ କାହାକୁ ଯୋଗାଇ
ହେବାନାହିଁ ବେଇମାନ ।୧୧।

ଯୋଡହସ୍ତେ ମୁହିଁ କରେ ନିବେଦନ
ବୁଝାଇଦିଅ ମନକୁ
ଭୁଲ୍ ହେଲେ ମୋତେ କରିଦେବ କ୍ଷମା
ନିବେଦନ ସମସ୍ତଙ୍କୁ ।୧୨।

ସମ୍ପାଦକ - ମୋଅନୁଷ୍ଠାନ, ଆଳଦା, ଖଇର୍, ବାଲେଶ୍ୱର,
ମୋ-୯୮୫୩୧୪୨୫୧୦

ISSN NO.
2582-208X

# ମଶାଣି ମାଟି

ଆଶିଷ କୁମାର ସାହୁ

କେତେ ଯେ ଶରୀର ଜଳିଛି ଏଠି
କେତେ ଯେ ସମ୍ପର୍କ ସରିଛି ଏଠି,
ମିଛିମିଛିକା କେତେ ଅଭିନୟ
ମାଟିରେ ମିଶିକି ହୋଇଛି ପୋତି,
ଧୋବଧାଉଳିଆ ଠୁ ମଳିମୁଣ୍ଡିଆ
କେତେଯେ କାୟା ଆସିଛି ଏଠି,
ଗର୍ବ, ଅହମିକା, ଧନ, ସମ୍ପଦ
ସବୁ ଏ ଭୂମିରେ ଛାର ହୋଇଛି,
ରାଜପ୍ରାସାଦର ରାଜ ପରିବାର
ଗରିବ କୁଟୀରୁ ନିଃସ୍ୱ ଗରିବ,
ବୁହାହେଇ ସବୁ ଆସିଛନ୍ତି ଏଠି
ଶେଷ ବିଦାୟ ନେବାର ଚାଲିଛି
କେତେ ଦିନୁ ଏହି ମଶାଣି ମାଟି,
ଧନୀ ଜମିଦାର ରାଜ ଉଆଁସର
ଦରିଦ୍ର ପୀଡିତା କ୍ଷୁଦ୍ର କୁଟୀରର
ସମସ୍ତଙ୍କୁ ନେଇ ଯାଇଛି ଏ ଭୂମି,
କାଳର ଗର୍ଭରେ ସମୟ ସ୍ରୋତରେ
ଧୀରେଧୀରେ ସବୁ ଲିଭିଛି ଏ ମାଟି,

ISSN NO.
2582-208X

କେତେ ସୈନିକଙ୍କୁ ଧରିଛି ଏ ଭୂମି
କେତେ ପ୍ରେମ ଆସି ସରିଛି ଏ ମାଟି ,
ସ୍ନେହ, ମମତା, ମାନ ଅଭିମାନ
କିଛି ରହିନାହିଁ ସରିଛି ଏ ମାଟି,
ଜୀବନର ସବୁ କାମ ସାରିକରି
କେହି ବଞ୍ଚି ନାହିଁ ଏହି ମଶାଣି ମାଟି ।

ଭେଜିପଦର, ଭବାନୀପାଟଣା,
କଳାହାଣ୍ଡି
ଆଳାପ-୮୧୪୪୧୧୫୨୬୩

ISSN NO.
2582-208X

# ତୁମେ ଗଲାଦିନୁ



ସିଦ୍ଧେଶ୍ୱର ତ୍ରିପାଠୀ

ତୁମେ ଗଲାଦିନୁ ମିଳନର ଗୀତ
ଏଯାଏ ପାରୁନି ଲେଖି
ବହଳ ଅନ୍ଧାରେ ଅବା ଆଲୁଅରେ
ଭିଜିଯାଏ ଦୁଇ ଆଖି ।

ଫଗୁଣ ଶ୍ରାବଣ ସେ ଜୋଛନା ଜହ୍ନ
କେବେଠୁ ଗଲାଣି ଦୁରେ
ତୁମ ସ୍ନେହ ପ୍ରୀତି ଯେତେ ଅନୁଭୂତି
ଅତୀତ ହେଲାଣି ଧିରେ ।

ମୋ ଲେଖନୀ ଆଜି ଫିକା ଫିକା ଦିଶେ
ବିରହର ରଙ୍ଗ ମାଖି
ତୁମେ ଗଲାଦିନୁ ମିଳନର ଗୀତ
ଏଯାଏ ପାରୁନି ଲେଖି ।

ଆଉ କେବେ ଅବା ଜୀବନ ବାଟରେ
ତୁମ ସାଥେ ହେବ ଦେଖା
ଜୀବନ ଯମୁନା ଉଜାଣି ବହିବ
ହେବ ଅବା ରଙ୍ଗ ମଖା ।

ମୋ ପ୍ରେମ ରେ କିନ୍ତୁ ଊଣା ହେବନାହିଁ
ସମୟ ରହିଲା ସାକ୍ଷୀ
ତୁମେ ଗଲାଦିନୁ ମିଳନର ଗୀତ
ଏଯାଏ ପାରୁନି ଲେଖି ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315045

ISSN NO.
2582-208X

# ରହସ୍ୟମୟ ବନ: ମାର୍ଙ୍ଗୁରୁ



ଡକ୍ଟର ପ୍ରଦୀପ କୁମାର ପଣ୍ଡା

ସାନିକା କହନ୍ତି "ମୁଁ ଯେତେବେଳେ ଗୋଟିଏ ନବଯୁବକ ଥିଲି," ସେ କହନ୍ତି, "ମୁଁ ଏହି ଜଙ୍ଗଲ ମଧ୍ୟରେ ଆସିଥିଲି ଏକ ଶିକାର ପାଇଁ। ମୋ ସାଙ୍ଗମାନେ ମୋତେ ଛାଡି ଦେଲେ, ଏବଂ ମୁଁ ଏକ ଅଜଣା ପଥରେ ବଣା ହୋଇ ଘଞ୍ଚବଣ ମଧ୍ୟରେ ପଶିଗଲି । ସେଠାରେ ମୁଁ ଦେଖିଲି ଏକ ବୃକ୍ଷ - ମଧ୍ୟରେ ଗୁହା ଥିଲା।" ଗୁହା ଭିତରେ ସେ ଦେଖିଥିଲେ ଏକ ପ୍ରାଚୀନ ମୂର୍ତ୍ତି - ନ ମାନବ, ନ ପଶୁ - ଏକ ମିଶ୍ର ଆକୃତି, ଯାହାର ଆଖି ହଠାତ୍ ଜ୍ୱଳି ଉଠିଲା।

"ମୁଁ ଭୟଭୀତ ହେଲି, କିନ୍ତୁ ସେ ମୂର୍ତ୍ତି ମୋତେ କହିଲା - 'ତୁମେ ମୋତେ ଜାଗ୍ରତ କରିଛ, ଏବେ ତୁମେ ରକ୍ଷକ'। ସେ ମୋତେ ଏକ ଗୁପ୍ତ ମନ୍ତ୍ର ଶିଖାଇଲା, ଯାହା ଦ୍ୱାରା ମୁଁ ପ୍ରାକୃତିକ ଶକ୍ତି ସହ ଯୋଗାଯୋଗ କରିପାରିଥିଲି।"

ଗୁରୁ କହନ୍ତି - ଏହି ଶକ୍ତି କେବଳ ଏହି ଜଙ୍ଗଲକୁ ରକ୍ଷା କରିବା ପାଇଁ, ଅନ୍ୟଥା ତାହା ଦୁର୍ବ୍ୟବହାର କଲେ ବିନାଶ ନିଶ୍ଚିତ।

"ଏହି ବନ ଜୀବନ୍ତ, ଏହା ଶୁଣୁଛି, ଦେଖୁଛି, ଏବଂ ଯଦି ତୁମେ ଏହା ପ୍ରତି ଭକ୍ତି ରଖ, ଏହି ମୂର୍ତ୍ତି ତୁମକୁ ସୁରକ୍ଷା ଦେବ। କିନ୍ତୁ ଯଦି ଉଲ୍ଲଂଘନ କରିବ, ତେବେ ତୁମେ ଜଙ୍ଗଲ ମଧ୍ୟରେ ହେବ ଗୁମ..."

ଗାଁର ଲୋକେ ଏପରି କାହାଣୀ ବିଶ୍ୱାସ କରନ୍ତି, ଏବଂ ଆଜି ପର୍ଯ୍ୟନ୍ତ କେହି ସେ ମୂର୍ତ୍ତି ଥିବା ସେ ଗୁହାକୁ ଖୋଜି ପାଇ ପାରିନାହାନ୍ତି। କିନ୍ତୁ ପ୍ରତି ଆମବାସ୍ୟା ରାତିରେ କେହି ନା କେହି ଜଙ୍ଗଲ ଭିତରେ ଅଜଣା ସ୍ଥାନକୁ ଆଲୋକିତ ହେବା ଦେଖିଥାଏ...

ISSN NO.
2582-208X

ଏହା ବହୁ ପୂର୍ବର କଥା। ଓଡ଼ିଶାର ଦୁରସ୍ଥ ଅଞ୍ଚଳରେ ଥିବା ଏକ ଆଦିବାସୀ ଗାଁ – ବୁରୁଘାଟି, ଯେଉଁଠି ଲୋକମାନେ ପ୍ରାକୃତିକ ଶକ୍ତିକୁ ଦେବତା ଭାବରେ ପୂଜନ୍ତି। ଗାଁରେ ଥିଲେ ଏକ ନବ ଯୁବକ – ସାନିକା, ଯିଏ ସାଧାରଣ ଶିକାରୀ ଥିଲେ। ସେ ଏକ ଦିନ ଜଙ୍ଗଲକୁ ଶିକାର ପାଇଁ ପ୍ରବେଶ କଲେ, ଏବଂ ଘୋର ବର୍ଷା ଆସି ବିପଦ ଘଟିଗଲା – ସାଙ୍ଗମାନେ ବିଛିନ୍ନ ହୋଇଗଲେ। ଏହିଠି ଠିକ ସେତେ ବେଳେ ଘଟିଲା ଅଦ୍ଭୁତ ଘଟଣା।

ପଥ ଭୁଲି ଥିବା ସାନିକା ଜଙ୍ଗଲ ମଧ୍ୟରେ ଏକ ବୃକ୍ଷ ତଳେ ଏମିତି ଗୁହା ଦେଖିଲେ, ଯେଉଁଥିରେ ପାଦ ଦେଲେ, ଜମି ଉପରେ କମ୍ପନ ହେଲା। ଗୁହା ଭିତରୁ ଜଣେ ସ୍ତ୍ରୀ-ପୁରୁଷ ମିଶ୍ର ଆକୃତିର ପ୍ରାଚୀନ ମୂର୍ତ୍ତି ଦେଖିଲେ – ମୁଣ୍ଡ ମାନବର, ଶରୀର ବାଘର ଭଳି, ଆଖିରେ ମାଣିକ ପ୍ରଭା। ମୂର୍ତ୍ତି କହିଲା:

"ତୁମେ ମୋତେ ଜାଗ୍ରତ କରିଛ, ମୁଁ ହେଉଛି ଏହି ବନର ଅତୀତ ଆତ୍ମା। ଏବେ ମୁଁ ତୁମକୁ ବାଛିଚି – ତୁମେ ହେବ ଏହି ଜଙ୍ଗଲର ଅଗ୍ରରକ୍ଷକ।"

ଏହି କହି ସେ ସାନିକାଙ୍କ ହାତରେ ଦେଲେ ଏକ ପ୍ରାଚୀନ ଗହଣା – "ବନ-ତାଳି", ଯାହା ପିନ୍ଧିଲେ ବନ ଶକ୍ତି ଅନ୍ତର୍ଦୃଷ୍ଟି ଦିଏ ତଥା ତାଙ୍କୁ ଶିଖାଇଲେ ଏକ ଗୁପ୍ତ ମନ୍ତ୍ର – ଯାହା କେବଳ ଅନ୍ତର ଶୁଦ୍ଧ ଲୋକ ବ୍ୟବହାର କରିପାରେ ।

ଗାଁକୁ ଫେରି ସାନିକାସ୍ଥିର କଲେ – ଜୀବନ ପାଇଁ ନୁହେଁ, ବନ ପାଇଁ ବଞ୍ଚିବେ। କିନ୍ତୁ ସେଠାରେ ଥିଲେ ଅନ୍ୟ ଜଣେ ଶିକାରୀ – ଟେକ୍ ଚାନ୍ଦ – ଯିଏ ଜଙ୍ଗଲର ଗୁପ୍ତ ଧନ ନିମନ୍ତେ ଖୋଜୁଥିଲେ। ସେ ଗୁହା ବିଷୟରେ ଶୁଣିଥିଲେ ଏବଂ ମୂର୍ତ୍ତିକୁ ଚୋରି କରି ବିକ୍ରୀ କରି ଦେବାକୁ ଚାହୁଁଥିଲେ।

ସାନିକା ସତର୍କ କଲେ: "ଏହି ଶକ୍ତି ଧନ ପାଇଁ ନୁହେଁ, ଏହା ସେଇମାନଙ୍କ ପାଇଁ ଯିଏ ଏହାକୁ ରକ୍ଷା କରିବେ।"

ଟେକ୍ ଚାନ୍ଦ ଶୁଣିଲେ ନାହିଁ। ଯେତେବେଳେ ସେ ଗୁହା ଭିତରୁ ମୂର୍ତ୍ତି ଉଠାଇଲେ, ଜମି କମ୍ପିଗଲା, ତଳେ ଏକ ଅନ୍ଧକାର ଗହ୍ୱର ଖୋଲିଗଲା, ଯାହା ନିମିଷକେ ତାଙ୍କୁ ଟାଣିନେଲା, ଟେକ୍ ଚାନ୍ଦ ଆଉ କେବେ ଫେରିଲେ ନାହି ।

ISSN NO.
2582-208X

ସେବେଠାରୁ ସାନିକା ତାଙ୍କ ଜୀବନ ସମର୍ପିତ କଲେ ଜଙ୍ଗଲ ପାଇଁ। ସେ ଜଣେ ଶିକାରୀରୁ ଗୁରୁ ହେଲେ, ଶିଖାଇଲେ ନୂଆ ପିଢ଼ିକୁ - କିପରି ଜୀବନ ସହିତ ଏକତାରେ ରହିବା, ପ୍ରାକୃତିକ ଶକ୍ତି ପାଇଁ ସମ୍ମାନ ଦେବା।

ଏବେ ଯେତେବେଳେ ଗାଁରେ ଅନ୍ଧାର ହୁଏ, ଲୋକେ ଜଙ୍ଗଲ ପାଖକୁ ଚାଲି ଯାନ୍ତି - ଗୁରୁ ସାନିକାଙ୍କ ମୁଖରୁ ଏହି କାହାଣୀ ଶୁଣିବାକୁ। ସେ କହନ୍ତି: "ଜଙ୍ଗଲ ଏକ ଗୁପ୍ତ ଚେତନା - ଯଦି ତୁମେ ଏହାକୁ ବିଶ୍ୱାସ କର ।

ଗୁରୁ ସାନିକାଙ୍କ ସମୟ ବଢ଼ି ବୟସ୍କ ହେଉଛନ୍ତି, ଯଦିଓ ତାଙ୍କ ଆଖି ଏଯାଏ ଜ୍ଞାନର ଅନ୍ତଃଦୃଷ୍ଟି ଦେଖାଏ, କିନ୍ତୁ ଶରୀର ଶକ୍ତି ଦୁର୍ବଳ ହୋଇଛି। ସେ ଜାଣିଛନ୍ତି ଏବେ ସମୟ ଆସିଛି ତାଙ୍କ ପରେ ଏହି ଗୁରୁଦାୟିତ୍ୱ ନେବାକୁ ଜଣେ ନୂଆ "ବନରକ୍ଷକ" ଆବଶ୍ୟକ।

ତାଙ୍କ ନଜର ପଡ଼ିଲା ଏକ ଯୁବତୀ ଉପରେ - ପୂର୍ବୀ, ଗାଁର ଦୟାଳୁ ଓ ସହଯୋଗୀ ଝିଅ। ସେ ଛୋଟ ଥିଲା ବେଳେ ଜଙ୍ଗଲ ସହ କଥା ହୁଏ ବୋଲି କହୁଥିଲା, ଲୋକେ ଠିଠି କରୁଥିଲେ, କିନ୍ତୁ ସାନିକା ଠିକ୍ ବୁଝିପାରିଥିଲେ - ସେ ଅସାଧାରଣ।

ଗୁରୁ କହିଲେ: "ପୂର୍ବୀ, ଏହି ବନ ତୁମକୁ ଚିହ୍ନିଛି। ମୁଁ ଏବେ ତୁମକୁ ଶିଖେଇବି - କିପରି ଏହି ଶକ୍ତିକୁ ସମ୍ଭାଳିବା, କିପରି ଶାପ ଭାଙ୍ଗିବା।"

ଗୁରୁ ସାନିକା ଖୋଲିଲେ ଏକ ପୁରୁଣା ଗୁପ୍ତ ରହସ୍ୟ - ଏହି ଜଙ୍ଗଲ ମଧ୍ୟରେ ଥିଲା ଏକ ବୈଦିକ ଋଷି ନିର୍ମିତ ଆଶ୍ରମ, ଯେଉଁଠି ଚେତନାଶୀଳ ଶକ୍ତି ବନ୍ଦ ହୋଇ ଥିଲା - ଅନ୍ୟମାନେ ତାହାକୁ ଦୁର୍ବ୍ୟବହାର କରି ଅମରତ୍ୱ ପାଇଁ ଚେଷ୍ଟା କରିଥିଲେ। ଏହି ଦୁର୍ବ୍ୟବହାର ଦ୍ୱାରା ଜଙ୍ଗଲ ଉପରେ ଏକ "ଚିର ଅସନ୍ତୋଷ ଶାପ" ପଡ଼ିଥିଲା - ଯାହା ଦ୍ୱାରା ପ୍ରତି ଜନ୍ମରେ ଗୋଟିଏ ରକ୍ଷକ ଦାୟିତ୍ୱ ନେଇ ଆସିଥିଲେ।

ଏହି ଶାପକୁ ଭାଙ୍ଗିବା ପାଇଁ ଏକ ଅନ୍ତିମ ପରୀକ୍ଷା ଆବଶ୍ୟକ - ବନ ଦେବୀଙ୍କର ଶ୍ରାପିତ ଅଞ୍ଚଳକୁ ପ୍ରବେଶ କରି ଅନ୍ତର ଶୁଦ୍ଧିର ପ୍ରମାଣ କରିବା।

ପୂର୍ବୀ ଏବଂ ଗୁରୁ ସାନିକା ଏକାଠି ଯାତ୍ରା କରିଲେ ଶ୍ରାପିତ ଅଞ୍ଚଳ - ଯେଉଁଠି ଗଛ ଚିତ୍କାର କରେ, ପାଣି ଅନ୍ଧାର, ଶବ୍ଦ ଭୟଙ୍କର।

ISSN NO.
2582-208X

ସେଠାରେ ସେମାନେ ଦେଖିଲେ ଏକ ବୃକ୍ଷ – ବନ ଦେବୀର ଅଂଶ ଥିବା ପତିତ ବୃକ୍ଷ, ଯାହାର ନିମ୍ନରେ ଅପାର ଶକ୍ତି ଥିବା ଏକ ଶିଳା ରହିଛି। ଏହିଠି ପୂଜା କରି ମନ୍ତ୍ର ଉଚ୍ଚାରଣ କଲେ – ତେବେ ଶାପ ଭାଙ୍ଗିପାରିବ।

କିନ୍ତୁ ତାଙ୍କୁ ବାଧା ଦେଲେ ଏକ ଅନ୍ଧ ଆତ୍ମା – ଟେକ୍ ଚାନ୍ଦଙ୍କ ଆତ୍ମା, ଯିଏ ଏବେ ଶାପଗ୍ରସ୍ତ ହୋଇ ଜଙ୍ଗଲର ଅନ୍ତରେ ଘୂରୁଛି। ଗୁରୁ ସାନିକା ତାଙ୍କ ନିଜ ଶକ୍ତି ଦେଇ ସେମାନେ ତାଙ୍କୁ ଶାନ୍ତ କଲେ, ଅନ୍ତେ ସେ ମୁକ୍ତି ଗ୍ରହଣ କରିଲେ।

ପୂର୍ବୀ ଶିଳା ଉପରେ ପାଣି ଦେଲେ, ସାନିକା ଗୁରୁଙ୍କ ଠାରୁ ଶିଖିଥିବା ମନ୍ତ୍ର ଉଚ୍ଚାରଣ କଲେ–

"ହେ ବୁରୁର୍ ଆତ୍ମା ବିରିପ୍ ମେ
ନୁବାଆ ସେନ ଚା
ସତର୍ ବଡ଼ି ବେଶେକା
ହାନ୍କା ଶାକ୍ତି ଖାରାପ ଉବାୟା
ସଭେନ୍ ବେଶ୍ ତାଇନ୍ ଚାକୋ ।"

– ଆଖିରୁ ଲୋହିତ ପ୍ରଭା ଉପରକୁ ଗଲା ଏବଂ ଉପରେ ଚନ୍ଦ୍ରର ବ୍ରହ୍ମାଣ୍ଡୀ ଆଲୋକ ପଡ଼ି ଶାପ ଭାଙ୍ଗିଗଲା। ବନ ଜୀବନ୍ତ ହେଲା। ପାକ୍ଷିକ ଅଳି ତାଳ ଧ୍ୱନି ହେଲା। ଗଛର ପତ୍ର ଆଲୋକ ଛାଡ଼ିଲେ, ପ୍ରାଣୀମାନେ ନାଚିଲେ। ଜଙ୍ଗଲ ବର୍ଷା ପରେ ପ୍ରଥମେ ଏତେ ଶାନ୍ତ ଓ ଶୁଦ୍ଧ ଲାଗିଲା।

ସାନିକା ହସି କହିଲେ: "ମୋ କାମ ଶେଷ – ଏବେ ତୁ ଆଗକୁ ବଢ଼। ଏହି ଜଙ୍ଗଲ କେବଳ ଅତୀତର ଶାପ ନୁହେଁ, ଏହା ତୋ ନୂଆ ଆରମ୍ଭ।"

ପୂର୍ବୀ ଶିଳା ଠାରୁ ହସି ଦେଖିଲା। ସେ ଅନୁଭବ କଲା, ତାଙ୍କ ହୃଦୟ ଅନ୍ତର ଏବେ ନିର୍ମଳ, ଭୟ ଓ ସନ୍ଦେହ ଶୂନ୍ୟ। ଶାପ ଭାଙ୍ଗିଗଲା କିନ୍ତୁ ଏହି ଯାତ୍ରା ତାଙ୍କ ଅନ୍ତର ଯାତ୍ରା ବି ଥିଲା। ଗଛ, ପ୍ରାଣୀ, ଏବଂ ଜଳର ସଙ୍ଗେ ସେ ଏକ ନୂଆ ସମ୍ପର୍କ ବାନ୍ଧିଲେ।

ଏତିକି ବେଳେ ଅଚାନକ ଅକାଶ ରୁ ଏକ ଧ୍ୱନି ହେଲା – ବନ ଦେବୀଙ୍କର କଣ୍ଠ:

ISSN NO.
2582-208X

"ପୂର୍ବୀ, ତୁମେ ପରୀକ୍ଷାରେ ଉତୀର୍ଣ୍ଣ ହେଲ – ତୁମର ଶୁଦ୍ଧ ମନ ଏବଂ ଦୟା ଏହି ଜଙ୍ଗଲକୁ ପୁଣି ଜୀବନ ଦେଲା। ଏବେ ତୁମେ ମୋର ଅଂଶ – ବନର ରକ୍ଷକୀ।"

ଏହି ଶବ୍ଦ ସହିତ, ପୂର୍ବୀ ଗଭୀର ଧ୍ୟାନମଗ୍ନ ହେଲେ । ତାଙ୍କ ହାତ ଉପରେ ଗଛର ଆକୃତିର ଏକ ଅଳ୍ପ କାନ୍ତ ଚିହ୍ନ ଦେଖାଦେଲା – ଏହା ଥିଲା ନୂଆ ଶକ୍ତିର ପ୍ରତୀକ।

ସାନିକା ନଜର ଫେରାଇ ଦେଖିବାକୁ ଲାଗିଲେ ଜଙ୍ଗଲର ପ୍ରକୃତି ଦିଗରେ: "ପ୍ରତିଶାପ ଏକ ଶିକ୍ଷା ଦେଉଥାଏ–ଏବଂ ଯିଏ ଶିଖେ, ସେ ଦିଗ ନେଇ ଆଲୋକ ଆଣିପାରେ।"

ପୂର୍ବୀ ପଛକୁ ଦେଖି କହିଲେ:

"ଧନ୍ୟବାଦ ଗୁରୁ, ଯଦି ତୁମେ ନ ଥାଆନ୍ତ ତେବେ ମୁଁ ଏଠି ପହଁଚି ପାରି ନ ଥାନ୍ତି । ଏବେ ମୁଁ ଏହି ଜଙ୍ଗଲର ଗାଥାକୁ ଦୁନିଆକୁ କହିବି – ଯେଉଁଠି ଏକ ଶିଳା ରହିଥାଏ ଶାପ ଭଙ୍ଗର ଗାଥା ନେଇ, ଏବଂ ଯେଉଁଠି ଆଲୋକ ଅନ୍ଧକାରକୁ ଅପସାରଣ କରିଥାଏ।"

ପୂର୍ବୀ ଜଙ୍ଗଲ ମଧ୍ୟରୁ ବାହାରିଯିବା ସମୟରେ, ତାଙ୍କ ପଛରେ ଗଛମାନେ ଧୀରେ ଧୀରେ ଅଳି ଧ୍ୱନିରେ ଅନୁଗୁଞ୍ଜିତ ହେଉଛନ୍ତି। ରାତି ହେଉଛି, କିନ୍ତୁ ଚନ୍ଦ୍ରର ଆଲୋକ ପୂର୍ଣ୍ଣ। ଜଙ୍ଗଲ ଏଯାଁଏ ଆଲୋକରେ ତିରୋଭୂତ ନୁହେଁ, ବରଂ ଉଜ୍ଜ୍ୱଳ ଯେଉଁଠି ଚନ୍ଦ୍ର ଆଲୋକରେ ଶିଳା ଯାଏଁ ସୃଷ୍ଟିର ଏକ ନୂଆ ଅଧ୍ୟାୟ ଆରମ୍ଭ କରେ।

ପୂର୍ବୀ ଅନ୍ତରରେ ଗୁଞ୍ଜରିତ ହେଲା ଶେଷ ଶବ୍ଦ:
"ଯେଉଁଠି ମନ ଶୁଦ୍ଧ, ସେଠି ଶାପ ମଧ୍ୟ ପ୍ରଶାନ୍ତ ହୁଏ।"

ନୂଆଁ ବରଙ୍ଗାମାଲ, ସମ୍ବଲପୁର
drpradeepkumarpanda713@gmail.com

ISSN NO.
2582-208X

# ଜୀବନକୁ ବାଜି ଲଗେଇ ଦେଇଛି



ପ୍ରଶାନ୍ତ କୁମାର ନାଥ

ଜୀବନକୁ ବାଜି ଲଗେଇ ଦେଇଛି
ମୁକ୍ତି ପାଇଁ ପଣ କରି
ହାରିଛି ପରାଣ ଇଂରେଜ ପାଖରେ
ଯାଇନାହିଁ କେବେ ଡରି ।

ଅଳପ ବୟସେ ଜୀବନ ତାହାର
ଭାରତର ସେବା ପାଇଁ
ଗୋରା ଙ୍କୁ ତଡିଛି ତା ଗାଆଁ ଘାଟରେ
ନଦୀ ପାର କରି ନାହିଁ ।

ଦେଖିଥିଲା ବାଜି ଦେଶର ଯନ୍ତ୍ରଣା
ଶୁଣିଥିଲା କାନ ଡେରି
ଭାରତ ମାତାର ବିକଳ କାନ୍ଦଣା
ଯାଉଥିଲା ଛାତି ଥରି ।

ଅଳପ ବୟସେ ସାଜିଥିଲା ବାଜି
ଦେଶପ୍ରେମୀ ଦେଶଭକ୍ତ
ସରଳ ହୃଦୟେ ରକ୍ତ ତାତିଥିଲା
ଦେଶକୁ କରିବ ମୁକ୍ତ ।

ISSN NO.
2582-208X

କେତେ ଅତ୍ୟାଚାରୀ ଇଂରେଜ ଶାସକ
ହାତରେ ବନ୍ଧୁକ ଧରି
ନିରୀହ ଲୋକଙ୍କୁ ମାଡ଼ ମାରୁଥିଲା
ସର୍ବେ ଯାଉଥିଲେ ଡରି।

ବଜ୍ର ଶପଥ ସେ କରିନେଇଥିଲା
ହାତରେ କାତକୁ ଧରି
ଟଳିଯିବ ପଛେ ଗୋରା ବନ୍ଧୁକରେ
ନଦୀ କରିବନି ପାରି।

ଜୀବନ ଯାହାର ଅଲେଖା କାଗଜ
ପିନ୍ଧିଛି ବିଜୟ ଟୀକା
ବୀରପଣେ ବୀର ଭାରତବର୍ଷରେ
ସର୍ବ କନିଷ୍ଠ ରେ ଏକା।

ବିଶ୍ୱ ସଂସାରରେ ଦେଖିଛ କେଉଁଠି
ଏମିତି ପିଲାକୁ କେହି
କେବଳ ଉତ୍କଳେ ଜନମି ଥିଲା ସେ
ଭାରତର ଯୋଦ୍ଧା ହୋଇ।

ଏ ମାଟି ଲେଖୁଛି ଯାର ଇତିହାସ
ଆଖିର ଲୁହକୁ ଢାଳି
କାଳଜୟୀ ବାଳ ବାଜି ରାଉତକୁ
ଜଣାଏଁ ସେ ଶ୍ରଦ୍ଧାଞ୍ଜଳି।।

(ଜୁଣଗଡି) ରାଜନଗର,
କେନ୍ଦ୍ରାପଡ଼ା,ଦୂରଭାଷ –୮୭୫୮୨୫୨୪୨୭

ISSN NO.
2582-208X

# ଲ୍ୟାଣ୍ଡ ମୋବାଇଲ୍

ଶିଳ୍ପୀ ପରେଶ ପଟ୍ଟନାୟକ

ଲ୍ୟାଣ୍ଡ ଫୋନ ଆମ ଓଢଣାରେ ରୁହେ
ଗାଉଁଲିକା ମଫସଲୀ
ନୁହେଁ ଆଧୁନିକ କଣେ ପଡିଥାଏ
ସଭିଏଁ ଯାଆନ୍ତି ଭୂଲି
ଆସି ଗଲେ ଦିନ ଭାରି ଭଲ ଲାଗେ
ଭୁଲାଇ ଦିଏ ସେ ମନ
କିଛି ଦିନ ପରେ ଅଲୋଡା ହୁଏ ସେ
ମନ ହୋଇଯାଏ ଶୂନ
ପ୍ରଥମ ଦିବସେ ଭଲ ବୁଣା କୁର୍ତ୍ତା
ପିନ୍ଧାଇ ଦିଅନ୍ତି ସ୍ତିରୀ
ଝିଅ ଦେଇ ଥାଏ ମୁଣ୍ଡରେ ସିନ୍ଦୁର
କଥା କହେ ଭାରି ଭାରି
ଆଣିବା ଲୋକଟି ମିଠା ବାଣ୍ଟିଥାଏ
ଖୁସି ହେବାପାଇଁ ସ୍ତିରୀ
ସାହି ପଡିଶାଙ୍କୁ ବାହାସ୍ଫୋଟ ମାରେ
କହେ ଏଇଟା ଜରୁରୀ
ସେହି କେତେ ଦିନ ଯିଏ ବି ଆସିଲେ
ଫୋନ ପାଖରେ ବସି
ପଇସା କଥାକୁ ମନକୁ ବି ଆଣେ
ଯାଉ ଯାହା ପଛେ ଭାସି

ISSN NO.
2582-208X

କେତେଦିନ ଅନ୍ତେ ଅଳିଆ ଅଳନ୍ଧୁ
ସଫାରେ ନଥାଏ ବେଳ
ସେହିପରି କୋଣେ ପଡି ରହିଥାଏ
କା ସାଥେ କରିବ ଗୋଳ
ସେ ସମୟ ଗଲେ ଆସିଲେ ଅବଳା
ଆଧୁନିକ ମୋବାଇଲ
ଶାଢ଼ୀରୁ ସୁଟ୍, ସୁଟରୁ ମିନି
ପାଦରେ ଲଗାଇ ହିଲ୍
କେତେବେଳେ ହେଲେ ସ୍ଥିର ସେ ନରୁହେ
ଅଥୟ ତାଙ୍କର ମନ
ତକିଆ ତଳରେ ଗାଲ ଉପରରେ
ଛାତି ଉପରେ ତା ସ୍ଥାନ
ବେଳେ ବେଳେ ସିଏ ହାରର ରୂପରେ
ଗଳାରେ ଝୁଲିଣ ଥାଏ
ମହା ଅଲାୟୁକି ସଦା ଓ ସର୍ବଦା
ଗାଲକୁ ଲାଗିଣ ଥାଏ
ବେଳ ଅନେକରେ ଆଡ ଆଖିକରି
ମାରିଦେଲେ ହାତ ଥରେ
ଭିନ୍ନ ଭିନ୍ନ ସ୍ୱରେ ଫୁଲେଇ ହୋଇସେ
ମନକୁ ମୋହିତ କରେ
ଏବେତ ଆହୁରି ଆଶ୍ଚର୍ଯ୍ୟ ଲାଗୁଛି
କଥାରେ ରହୁଛି ମନ
ପୋଷାକ ବଦଳେ କଥା ବି ବଦଳେ
ବଦଳାଇଲାଣି ସ୍ଥାନ
ବାବୁଆଣୀଙ୍କର ସଉତୁଣୀ ହୋଇ
ଆଣ୍ଠ ଦେଖାଉ ଥିଲା

ISSN NO.
2582-208X

ବାବୁଙ୍କର ସେ ଘରଣୀ ହେଲାଣି
ନାହିଁ ଆଉ କିଛି ପାଲା
ସ୍ତିରୀ ଲୋକଙ୍କର ଭାନିଟରେ ଆଉ
ଅନ୍ତବସ୍ତ୍ର ତଳେ ରୁହେ
କେବା କେମିତି ବାହାରିଲେ ସିଏ
ମୁରୁକି ହସଟି ଦିଏ
ଏଇ ଯନ୍ତ୍ର ପାଖେ ଠକିବାକୁ ମଣ୍ଡା
କହିବା ଦୂରରେ ଅଛି
ଆଜିନୁହଁ କାଲି ଭଲରେ କହୁଛି
ଖରାପ ନଭାବ କିଛି
ପ୍ରେମୀକ ପ୍ରେମୀକା ପାଇଁ ଭଲ ଭାରି
କର୍ମରେ ନଥାଏ କିଛି
ସେଲଫୀ ଫେସବୁକ୍, ହ୍ୱାଟସ୍ ଅପରେ
ଦୂର ହୋଇଯାଏ କ୍ଲାନ୍ତି
ସଭା ସମିତିରେ ଧ୍ୟାନ ପ୍ରାର୍ଥନାରେ
ବସିଥିବା ବେଳେ ସାହିବ
କଳ କଳ କରି ଏମିତି ହୋଇବ
ଦୁଇ କଲ ପରି ଲାଗିବ
କରୁଥାଉ ପଛେ ଯେତେ ଉପକାର
ମଫସଲୀ ଆମ ଭଲ
ଆଧୁନିକ ରହୁ ଦୁଃଖ ନାହିଁ ବାରେ
ମଫସଲୀ ନହେଉ ଭେଲ ॥

କବିଭୂଷଣ ମାର୍ଗ
ଢେଙ୍କାନାଳ

ISSN NO.
2582-208X

# ଅମର କଥା

## ଜୀବନର ଦୁଃଖ କପରି ଦୂର ହେବ ?

ସୀତାକାନ୍ତ ପ୍ରସାଦ ହୋତା

୧-ଯେତେବେଳେ ଲଙ୍କାରେ ହନୁମାନ, ଭଗବାନ ଶ୍ରୀରାମଙ୍କ ଗୁଣଗାନ କଲେ ତାହାର ପରିଣାମ ସ୍ୱରୂପ ମାତା ସୀତାଙ୍କର ଦୁଃଖ ଦୂର ହୋଇ ଯାଇ ଥିଲା ।

ରାମଚଂଦ୍ର ଗୁନ ବରର୍ନେଁ ଲାଗା
ସୁନତ ହି ସୀତା କର ଦୁଖ ଭାଗା ।।

୨-ଋଷି ଯାଜ୍ଞବଲ୍କ୍ୟ, ଭରଦ୍ୱାଜଙ୍କୁ କହିଛନ୍ତି-

କହଉଁ ସୋ ମତି ଅନୁହାରି ଅବ ଉମା ସଂଭୁ ସଂବାଦ
ଭୟଉ ସମୟ ଜେହି ହେତୁ ଜେହି ସୁନୁ ମୁନି ମିଟିହି ବିଷାଦ ।।

ଅର୍ଥାତ୍ – ମୁନୀ ଯାଜ୍ଞବଲ୍କ୍ୟ କହୁଛନ୍ତି, ବର୍ତମାନ ମୁଁ ମୋର ବୁଦ୍ଧି ଅନୁଯାୟୀ ସେହି ଉମା-ମହେଶ୍ୱର ସଂବାଦଟି କହୁଛି । କେତେବେଳେ ଓ କିପରି ସେହି ଘଟଣା ଘଟିଥିଲା, ହେ ମୁନି! ତାହା ଶୁଣନ୍ତୁ, ଆପଣଙ୍କ ବିଷାଦ ଦୂର ହୋଇଯିବ ।

୩-ସତି ହି ସସୋଚ ଜାନି ବୃଷକେତୁ
 କହୀଁ କଥା ସୁଂଦର ସୁଖ ହେତୁ ।।

ଭଗବାନ ଶଂକର ମାତା ସତୀଙ୍କୁ ତ୍ୟାଗ କରିବା ପରେ, ତାଙ୍କ ମନରେ ବହୁତ କଷ୍ଟ ଭରି ରହିଥିଲା, ସେ ଅନୁତାପର ଅଗ୍ନିରେ ଜଳୁଥିବା ଅବସ୍ଥାରେ ଭଗବାନ ତାଙ୍କୁ ସୁନ୍ଦର କଥା ଶୁଣାଇଲେ କାରଣ କଥା ଶୁଣିବା ଦ୍ୱାରା ସତୀଙ୍କ ବ୍ୟଥା ଦୂର ହେବା ସହିତ ସେ ସୁଖ ପ୍ରାପ୍ତ କରିବେ ।

ଏହି ତିନୋଟି ପ୍ରସଙ୍ଗ ଆମକୁ ଏହି କଥା ଶିଖାଇ ଥାଏ ଯେ ଭଗବାନଙ୍କର କଥା ଶ୍ରବଣ କରି ଯେପରି ମାତା ସୀତାଙ୍କର, ମୁନି ଭରଦ୍ୱାଜଙ୍କର, ମାତା ସତୀଙ୍କର ଦୁଃଖ ଦୂରହୋଇ ଯାଇଥିଲା, ସେହିପରି ଜୀବନର ସମସ୍ତ ବ୍ୟଥା, ଦୁଃଖ କଷ୍ଟ ଦୂର କରିବାକୁ ହେଲେ

ISSN NO.
2582-208X

ଭଗବାନଙ୍କର କଥା ଶ୍ରବଣ କରିବା ଉଚିତ । ଦୁଃଖହାରୀ ହରିଙ୍କ କଥାରେ ଏପରି ଅନନ୍ତ ଶକ୍ତି ଭରି ରହିଛି ଯାହାକି ଜୀବନର ସମସ୍ତ ଦୁଃଖ ଦୂର କରି ଜୀବନକୁ ମଧୁମୟ କରି ଦେଇଥାଏ । ଭଗବାନ ଶଙ୍କର ସକଳ ଶକ୍ତି ସାମର୍ଥ୍ୟର ଅଧିକାରୀ ହୋଇ ମଧ୍ୟ ମାତା ସତୀଙ୍କର ଦୁଃଖ ଦୂର କରିବା ପାଇଁ ଭଗବତ୍ କଥାର ଆଶ୍ରୟ ନେଇଥିଲେ ।

((()))

ISSN NO.
2582-208X

# ବନ୍ଦୀ ମୁଁ ତା ପ୍ରୀତି ଫାଶେ



ଜୟନ୍ତ କୁମାର ମଲ୍ଲିକ୍

ପ୍ରେମିକା ଆଖିରେ ଲୁହ ଦେଖିଦେଲେ
ଫାଟିଯାଏ ମୋର ଛାତି –
ଅପରାଧୀ ବୋଲି ଭାବେ ମୁଁ ନିଜକୁ
ଝୁରେ ତାକୁ ଦିନରାତି ।
ମୁଁ ନହୁଏ ତା' ଦୁଃଖର କାରଣ
ଏହା ଚାହେଁ ସବୁବେଳେ –
ବୁଝିପାରୁନି ମୁଁ କାହିଁକି ଏମିତି
କାନ୍ଦଇ ସେ ବେଳେବେଳେ ।
ପ୍ରେମିକା ମନର ଅକୁହା କଥାକୁ
କେମିତି ପାରିବି ଜାଣି –
ଚୁମ୍ବକ ପରିକା କେମିତି ମୋ ଆଡ଼େ
ପାରିବି ତାକୁ ମୁଁ ଟାଣି ।
ଭାରି ଅବୁଝା ମୋ ମନର ମାନସୀ
ଅଟେ ସେ ରହସ୍ୟମୟୀ –
ଅଭିମାନିନୀ ସେ ଅତୀବ ଚତୁରୀ
ହାସ୍ୟମୟୀ ଲାସ୍ୟମୟୀ ।
ସେ ଆସିଲା ପରେ ଜୀବନକୁ ମୋର
ବନ୍ଦୀ ମୁଁ ତା' ପ୍ରୀତି ଫାଶେ –
ମନ ମୋ ବିକଳ ହୁଏ ତା ସାଥିରେ
ମାତିବାକୁ ନିତ୍ୟରାସେ ।

ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର

ISSN NO.
2582-208X

# ଲୋଡ଼ା ଏକ ସ୍ୱଚ୍ଛ ମନ



ବସନ୍ତ କୁମାର ପ୍ରଧାନ

ଅମୃତର ସ୍ୱାଦ ଚାଖିବା ନିମନ୍ତେ
ଲୋଡ଼ା ଏକ ସ୍ୱଚ୍ଛ ମନ,
ପବିତ୍ର ହୃଦୟ ରତ୍ନ ସିଂହାସନେ
ପରମାତ୍ମା ବିଦ୍ୟମାନ ।୦।

ମନଟି ଅଟଇ ଜଗତରେ ଶ୍ରେଷ୍ଠ
ଦେଖାଇ ପରେ ସେ ମୁକତିର ବାଟ,
ମନ ବାରଣକୁ ଅଙ୍କୁଶ ନିମନ୍ତେ
ଲୋଡ଼ା ହୁଏ ଗୁରୁ ଜ୍ଞାନ ।1।

ସ୍ନେହ ପ୍ରେମ ଭରା ହୃଦୟ ଯାହାର
ଅହେତୁକ କୃପା ଲଭେ ବିଭୁଙ୍କର
ମନ ଘେନି ଫଳ ଦିଏ ଆଦିମୂଳ
ସବୁହିଁ ମନ ଅଧୀନ ।୨।

ଅଂହକାରୀ ମନ ଦିଏନା ସମ୍ମାନ
ସ୍ୱାର୍ଥପର ଭାବେ ଅଟେ ସେ କୃତଘ୍ନ
ପବିତ୍ର ମନଟି ଅମୃତ ସୋପାନ
କରଇ ସୁଖ ପ୍ରଦାନ ।୩।

ହରିହରପୁର,
ଛେଣ୍ଡିପଦା, ଅନୁଗୋଳ

ISSN NO.
2582-208X

# ଟିକିଏ ପଚାରି ଦେବ



ନରଞ୍ଜନ ସାହୁ

କେବେ ଯଦି ଏହି ଜୀବନରେ ମୋର
ତୁମ ସାଥେ ଭେଟ ହେବ
କେମିତି ବଞ୍ଚିଛି କାହିଁକି ବଞ୍ଚିଛି
ଟିକିଏ ପଚାରି ଦେବ ।

ନ ପଚାରିଲେ ମୁଁ କହିବିନି କେବେ
ମୋର ହୃଦୟର କଥା
ସେଥିପାଇଁ ଦୁଃଖ କରିବିନି ଜମା
ଘୁରିବନି ମୋର ମଥା
କଥା ଥିଲା ଏହା ବନ୍ଧୁତା ପଣରେ
ସୁଖ ଦେଇ ଦୁଃଖ ନେବ ।

ତୁମେ ବୁଝାଇକି କହିଥିଲ ପରା
ଜନ୍ମଜନ୍ମାନ୍ତର ଆମେ
ଗୋଟିଏ ଜନ୍ମରେ ନ ହୋଇଲେ ନାହିଁ
ମରଣଶୀଳ ଏ ଧାମେ
ଆର ଜନମରେ ଏକାଠି ରହିବା
ପ୍ରଭୁଙ୍କ ପୟର ସେବ ।

ନିହଲପ୍ରସାଦ, ଗନ୍ଦିଆପାଟଣା,
ଢେଙ୍କାନାଳ
ମୋ :୯୯୩୮୭୪୧୫୮୩

ISSN NO.
2582-208X

# କର୍ମଫଳ



ବାଙ୍କା ବିହାରୀ ମହାକୁର

ଥରେ ଗୋଟିଏ ବାଳକ ସମୁଦ୍ର କୂଳରେ ବାଲିରେ ଘର ତିଆରି କରି ଖେଳୁଥିଲା । ସେ ଖେଳରେ ଏତେ ମଜ୍ଜି ଯାଇଥିଲା ଯେ, କେତେବେଳେ ସମୁଦ୍ରର ଢେଉ ତା ଚପଲକୁ ତା ପାଖରୁ ନେଇଗଲା ତଥାପି ସେ ଜାଣି ପାରିଲା ନାହିଁ । ବାଳକଟି ଖେଳି ସାରିବା ପରେ ତା ଚପଲ ଖୋଜି ନ ପାଇବାରୁ ନିରାଶ ହେଲା । ସେ ରାଗରେ ସମୁଦ୍ରକୁ ଗୋଟିଏ ଟେକା ମାରିଲା ଓ ମନ ଦୁଃଖରେ ସମୁଦ୍ରର ବାଲିରେ ଲେଖିଦେଲା "ସମୁଦ୍ର ଗୋଟିଏ ଚୋର" ସେ ମୋ ଚପଲକୁ ଚୋରି କରିଛି । ତା ପରେ ସେ ଘରକୁ ଫେରିଗଲା ।

ଦିନେ ଗୋଟିଏ ମତ୍ସ୍ୟଜୀବୀ ସମୁଦ୍ରକୁ ମାଛ ଧରିବାକୁ ଯାଇ ବହୁତ ମାଛ ପାଇଲା । ସେ ଖୁସିରେ ସମୁଦ୍ର କୂଳରେ ନାଚିବାକୁ ଲାଗିଲା । କାରଣ ସମୁଦ୍ରରୁ ମାଛ ଧରି ସେ ତାର ପରିବାରର ପରିପୋଷଣ କରୁଥିଲା । ସମୁଦ୍ର ତାର ସମସ୍ତ ଆବଶ୍ୟକତା ପୂରଣ କରୁଥିବାରୁ ସେ ସମୁଦ୍ରକୁ କୃତଜ୍ଞତା ଜଣାଇଲା । ଶେଷରେ ସମୁଦ୍ର ବାଲିରେ "ସମୁଦ୍ର ଗୋଟିଏ ପାଳନ କର୍ତ୍ତା" ଲେଖି ମାଛକୁ ସାଥିରେ ଧରି ଘରକୁ ଫେରିଗଲା ।

ଦିନେ ଗୋଟିଏ ବୁଢ଼ୀ ସମୁଦ୍ର କୂଳରେ ବସି କାଂଦିକାଂଦି ସମୁଦ୍ରକୁ ଗାଳି କରୁଥିଲା । କି ଲାଭ ପାଇଲୁ ମୋ ପୁଅକୁ ମୋ ଠାରୁ କାହିଁକି ଛାଡେଇନେଲୁ ? ମୁଁ ତୋର କି ଦୋଷ କରିଥିଲି ? କାହିଁକି, ଏ ବୁଢ଼ୀ ବୟସରେ ମୋତେ ଏତେ ଦୁଃଖ ଦେଲୁ ? କେତେ ସରଧାରେ ମୋ ପୁଅ ଗାଧୋଇବାକୁ ଆସିଥିଲା । ତାକୁ ତୁ ପାଣିରେ ବୁଡାଇ ମାରିଦେଲୁ । ବୁଢ଼ୀଟି ରାଗରେ ସମୁଦ୍ର ବାଲିରେ "ସମୁଦ୍ର ଗୋଟିଏ ହତ୍ୟାକାରୀ" ଲେଖି ମନ ଦୁଃଖରେ ଘରକୁ ଫେରିଗଲା ।

ISSN NO.
2582-208X

ଦିନେ ଜଣେ ବୃଦ୍ଧ ଲୋକ ସମୁଦ୍ର କୂଳରେ ବୁଲୁଥିବା ସମୟରେ ଗୋଟିଏ ଶାମୁକା ପାଇଲେ । ସେ ଶାମୁକାଟିକୁ ଉଠାଇ ଆଣି ଦେଖିଲେ ତା ଭିତରେ ଗୋଟିଏ ମୁକ୍ତା ଚକଚକ କରୁଛି । ସେ ମୁକ୍ତାକୁ ଦେଖି ଆନଂଦରେ ବିଭୋର ହୋଇଗଲେ । ପରିବାରର ଆର୍ଥିକ ସଂକଟ ଦୂର ହୋଇଯିବା ଜାଣି ସମୁଦ୍ରକୁ ଧନ୍ୟବାଦ ଜଣାଇଲେ । ଖୁସି ମନରେ ବୃଦ୍ଧ ଲୋକଟି ସମୁଦ୍ର ବାଲିରେ "ସମୁଦ୍ର ଗୋଟିଏ ଦାନୀ" ଲେଖି ଖୁସି ମନରେ ଘରକୁ ଫେରିଗଲେ ।

ସମୁଦ୍ର ସହିତ ନିୟମିତ ଭାବେ ଏମିତି ଅନେକ ଘଟଣା ଘଟିଥାଏ । ସମୁଦ୍ରର ଢେଉ ଆସି ସେ ସମସ୍ତ ଲେଖାକୁ ସଫା କରିଦେଇ ଚାଲିଯାଏ । କିଏ ଟେକା ମାଇଲା, କିଏ ଗାଳି କଲା, କିଏ କୃତଜ୍ଞତା ଜଣାଇଲା କିଂବା କିଏ ଧନ୍ୟବାଦ ଜଣାଇଲା ଏ ସବୁର ହିସାବ ନ ରଖି ସେ ସବୁବେଳେ ନିଜର ସତ୍ କର୍ମ ହିଁ କରିଥାଏ ।

ସତ୍ କର୍ମ ସମୟ ରୂପକ ସମୁଦ୍ରରୁ ଯାହାର ସ୍ୱାର୍ଥ ପୂରଣ ହେଲା ସେ ସମୁଦ୍ରକୁ କୃତଜ୍ଞତା, ଧନ୍ୟବାଦ ଜଣାଉଥିବା ବେଳେ ଯାହାର କ୍ଷତି ହୋଇଥାଏ ସେ ସମୁଦ୍ରକୁ ନିଂଦା କରିବା ସହିତ ଗାଳି କରିଥାଏ ।

ବୁରୁବୁଡ଼ା, ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଲୁହରେ ଲେଖା ମୋ କପାଳରେଖା



ଜନ୍ମଜୟ ନାୟକ

କେଉଁ କଲମରେ ଲେଖିଛୁ କାଳିଆ
ମୋ ହୀନ କପାଳ ରେଖା,
ସୁଖ ଦେଲେ କାଳେ ଆନନ୍ଦ ବିଭୋରେ
ଭୁଲିଯିବି ତୋତେ ସଖା,
ଲୁହରେ ମୋ ଭାଗ୍ୟ ଲେଖା,
ସୁଖ ହେଉ ଦୁଃଖ ସବୁ ତୋ କରୁଣା
କରଇ ଆଶିଷ ଭିକ୍ଷା ।

ଯେତେ ଦୁଃଖ ଦବୁ ଦେଏରେ କାଳିଆ
ସହିଯିବି ମଥାପାତି,
ଗଡି ଯାଉଥିବି ବାଇଶି ପାହାଚେ
ନାହିଁ ଆଉ ଅନ୍ୟ ଗତି,
ଭଜୁଥିବି ତୋର ଗୀତି,
କମିବନି ଆଶା ବିଶ୍ୱାସ ଭରସା
ତୋ ଚରଣେ ମୋ ମୁକତି ।

ଆଖି ଯାଏ ଲାଖି ଚକାଆଖି ଦେଖି
ଲୁହ ଆସେ ଘନେଇ,
ତୋ ପରି ଠାକୁର ନାହିଁ ଆଉ କେହି

ISSN NO.
2582-208X

ଭକତର ଭାବଗ୍ରାହୀ,
କେମିତି ପାରୁଛୁ ସହି,
ଆକୁଳ ମିନତି ଶୁଭୁନାହିଁ ତୋତେ
ପାଷାଣ ସାଜୁ ମୋ ପାଇଁ।

ବଡ଼ ଦିଅଁ ବୋଲି ଚୋଉଦିଗେ ହୁରି
ଚର୍ଚ୍ଚା ବିଶ୍ୱଭୁବନରେ,
ଭକତଟେ କିଣେ ଭକତିର ପଣେ
ଭିଜାଇଣ ଲୁହଧାରେ,
ରଖିଦେ ତୋ ନାମ ଥରେ,
ବଡ଼ ବେଦରଦୀ ନ ସାଜିଣ ତୁହି
ଶୂନ୍ୟ ଥାଳ ଭରିଦେରେ।

ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ, ଜଗତସିଂହପୁର
ଫୋନ–୯୩୩୭୮୦୦୫୬୫

ISSN NO.
2582-208X

# ଯେଉଁ ଜାଗାରେ



ଦଶରଥ ମାଝୀ

ଯେଉଁ ଜାଗାରେ ଘର କରିଛୁ
ଗଛରେ ଥିଲା ଭରି
ଖୁସିରେ ଆମେ ବାସ କରିଲୁ
ସବୁ ଗଛକୁ ମାରି (1)
ଯେଉଁ ଜାଗାରେ ସହର ଅଛି
ଗଛଟି ଥିଲା ସେଠି
ସବୁଜ ରଙ୍ଗ ହଜେଇ ଦେଲୁ
ଗଛଲତାକୁ କାଟି (2)
ଯେଉଁ ଜାଗାରେ ରେଳ ଚାଲୁଛି
ଗଛଟି ଥିଲା ବେଶୀ
ଗଛକୁ ହାଣି କରିଲେ ମଜା
ରେଳ ଗାଡ଼ିରେ ବସି (3)
ଯେଉଁ ଜାଗାରେ ଚାଷ କରୁଛୁ
ସେଠାରେ ଥିଲା ବନ
ଗଛଲତାକୁ ସଫା କରିକି
କ୍ଷେତେ ବୁଣିଲେ ଧାନ (4)
ଯେଉଁ ଜାଗାରେ ଗାଡି ଚାଲୁଛି
ପିଚୁରାସ୍ତାକୁ ମାଡି
ଗଛକୁ ହାଣି ବନ ପଥର
ଆଣିଲେ ତାକୁ କାଡି (5)

କୁରୁମାଟୁଆଁ, ଭବାନୀପାଟଣା,
କଳାହାଣ୍ଡି
ମୋ :8249212472

ISSN NO.
2582-208X

# ହେ ମାଆ ଲକ୍ଷ୍ମୀ



ସରସ୍ୱତୀ ମେହେର

ମାଆ ଲୋ ମାଆ ଅନ୍ନପୂର୍ଣ୍ଣା
ତୁ ପଡ଼ିଦାତ୍ରି ତୁ ସଂପୂର୍ଣ୍ଣା
ତୋର ଦୟା ହେଲେ ମାଆ ଲୋ
ଧନ ର ହୁଏ ନାହିଁ ଅଭାବ
ଶ୍ରୀୟା ଚଣ୍ଡାଳୁଣୀକୁ ଲକ୍ଷେ ପଦ୍ମ ଗାଇ
ସାତ ପୁତ୍ର, ଜାଚିଦେଲୁ ଅନେକ ବୈଭବ ।
ତୋର ଅଭିମାନ ରେ ବଡ଼ ଠାକୁର
ଦ୍ୱାର ଦ୍ୱାର ବୁଲି ମାଗିଲେ ଭିକ
କିଏ ଚିହ୍ନିଲା ନାହିଁ, ଠେଙ୍ଗା ଧରି
ଗୋଡେଇଲେ ଲୋକ ।
ପରଶିଲୁ ଯେବେ ତୁ ଅର୍ଣ୍ଣ ପାଣି
ଗ୍ରହଣ କଲେ କାଳିଆ, ହଳପାଣି
ଯୁଗ ଯୁଗ ଧରି ରହିଲା କଥା
ଅନ୍ନଦାତ୍ରୀ ବୋଲି ତୁହି ବିଖ୍ୟାତ
କି ବର୍ଣ୍ଣିବି ମାଆ ଲୋ ତୋ ମହିମା
ଦୟା କରିଥିବୁ ମତେ
ତୋ କରୁଣା ପାଇବାକୁ
ଶରଣ ଗଲି ତୋ ପଦଗତେ ।

ସିନାପାଲି

ISSN NO.
2582-208X

# ଶୂନ୍ୟତାରେ ଶୋଷ



ବିଜୟ କୁମାର ର୍ଉତ

ନିଦ ଭାଙ୍ଗି ଗଲା ବୋଲି ସ୍ୱପ୍ନ ଯେ ଅଧା ରହିଗଲା ବୋଲି କହିବି, ସେଠି ଏକାର୍ଣ୍ଣ ବର୍ତ୍ତିତାର ମୃତ୍ୟୁ ବରଣ ହେବ ଯେଉଁଠି ଶୋଷ ନୁହେଁ ବରଂ ଅପେକ୍ଷାରେ ଶୂନ୍ୟତା ରହିଗଲା ।

ତାକୁ ପାଇ ଯାଇଥିଲେ ହୁଏତ, ମରୀଚିକା ଟା ସତ ହୋଇଯାଇଥାନ୍ତା, କିନ୍ତୁ ଶୋଷ କଣ ମେଣ୍ଟାଇ ପାରିଥାନ୍ତା କି ?

ମେଣ୍ଟାଇ ପାରିଥିଲେ, ପଞ୍ଜୁରୀ ଭିତରେ ଯେ, ସାରା ଜୀବନ ବନ୍ଦୀ ରହି କହି ନଥାନ୍ତି କେବେ, ହେବିକି ମୁଁ ତୁମ କଳଙ୍କିତ ଅଧ୍ୟାୟର ପ୍ରେମ ବାତୁଳି ଚାହିଁବିନି କେବେ ତୁମକୁ ରୁକ୍ମିଣୀ ହୋଇ ପାଇ ଯିବାକୁ । ଥରେ ସେଇ ରାଧା ହୋଇ ଶେଷ ନିଃଶ୍ୱାସ ଯେ ତ୍ୟାଗ କରିଥିଲେ ପରଲୋକ ନୁହେଁ ବରଂ ସ୍ୱର୍ଗ ପ୍ରାପ୍ୟ ରୁ ବଞ୍ଚିତ ହୁଅନ୍ତି,ତାହା ମୁଁ ହୃଦୟଙ୍ଗମ କରିଥାନ୍ତି କି ନାହିଁ ବୋଲି ଜଣା ନଥାନ୍ତା ।

ସେତେବେଳେ ମୂର୍ଚ୍ଛନା ର ଚିତାରେ ନିଜକୁ ପରୀକ୍ଷା ର ଶେଷ ପାହାଚରେ ଜଳାଞ୍ଜଳି ଦେଇ ହସି ହସି ଯଦି ମୃତ୍ୟ କୁ ଆପଣେଇ ନେଇ ଥାଆନ୍ତି, ଅଧୁରା ବଂଶୀ ସ୍ୱର ରେ ଲୀନ ହେବାରୁ ନିଜକୁ କିପରି ଅଟକାଇ ବା ପାରିଥାନ୍ତି ।

ସାରା ଜୀବନ କାଳ ଯେ ନିଜକୁ ଅଭାଗି ବୋଲି ଭାବିଲା ବେଳକୁଏଇ ସମାଜ ଟା ମୋତେ ପ୍ରେମିକା ବୋଲି ଗ୍ରହଣ କରିନେଲା । କାହିଁ କେଉଁ ଅୟୁତ ଯୁଗରୁ ତୁମ ପ୍ରତୀକ୍ଷାରେ ଅସତୀ ଆଉ ଦୋଚାରୁଣି ର ଉପାଧିକୁ ମୁଣ୍ଡପାତି ସହିବାକୁ ଟିକିଏ ହେଲେ ଦ୍ୱିଧା କରିନାହିଁ । ଶେଷରେ ମରଣ ଯେ ଜିତି ଯାଇଥାନ୍ତା ଏ କଥା ଭାବିବା ବେଳକୁ ନିଜକୁ ମୁଁ ତୁମରି ବାହୁରେ ମଥାପାରି ଗଭୀର ନିଦ୍ରାରେ ନିମଜ୍ଜି ଯାଇଥାନ୍ତି ।

ISSN NO.
2582-208X

ତେବେ ଯେଉଁଠି ଅସରନ୍ତି ଶୂନ୍ୟତା ସେଠାରେ ମୁଁ ତୁମର କରିଛି ନୀରବ ଛିନ୍ନ ଅପେକ୍ଷା। ଏ ଯୁଗରେ ନୁହେଁ ଆଉ ଏକ ଯୁଗର ଅବସାନ ପରେ ହେବ ଆମର ପୁନର୍ବାର ଦେଖା । ତୁମର ପ୍ରେମିକା ଭାବରେ ନୁହେଁ ବରଂ ଶେଷ ଅଧ୍ୟାୟର ସେହି କଳଙ୍କିତ ନାୟିକା ରୂପରେ...... ॥

★★★

କୋର୍ଇ,ଯାଜପୁର,୭୫୫୦୨୫, ଓଡ଼ିଶା

ISSN NO.
2582-208X

# ଶରତ ଆଗମନ



ଆଶିଷ କୁମାର ସାହୁ

ଆରମ୍ଭ ଶରତ ଧରା ଦିଶେ ଶ୍ୱେତ
ତରୁଲତା ପଲ୍ଲବିତ,
ପାବନପର୍ବଣ ଦିବା ଆଗମନ
ମାତାଙ୍କୁ କର ସ୍ୱାଗତ ।

ସରସୀ ତଟରେ ସୁନ୍ଦରୀ ଦିଶଇ
ଧବଳପାଟ ବସନେ,
ନଜର ପଡିଲେ ବାଟୋଇମାନଙ୍କ
ଚିତ୍ତକୁ ଚୋରାଏ ମୌନେ ।

ଲାବଣ୍ୟମୟୀ ରୂପସୀର ରୂପ
ପୂର୍ଣିମା ଶଶାଙ୍କ ଜ୍ୟୋତି
ମଳୟ ତରଙ୍ଗ ସହ ତାଳଦେଇ
ଗାଏ ନିଜ ପ୍ରେମଗୀତି ।

ଗଗନକୁ ଚାହିଁ ରହିଥାଏ ସେହି
ସୌମ୍ୟ ଶରତ୍କାଳ ଇନ୍ଦୁ

ISSN NO.
2582-208X

ପ୍ରେମର ପିୟାଲା ଶୀତଳ ଚନ୍ଦ୍ରିକା
ଧରିଆସିବେ ତା' ବନ୍ଧୁ ।

ବାନ୍ଧବୀର ମାନ ଭାଙ୍ଗିବେ ଗୋପନେ
କର ବନ୍ଧନରେ ରଖି,
ରହେ ଚାହିଁ କାଶତଣ୍ଡି ଅଭିସାରିକା।
ତା'ମନକୁ ଦେବ ଯୋଖି ।

ଜଗତର ହିତେ ପ୍ରେମଦେଲା ବଳି
ପାଇ ମାତାଙ୍କ ଆଦେଶ,
ସଂଘର୍ଷ ବିନା କେହି ପ୍ରେମପାଏନା
ନିଃସ୍ୱାର୍ଥ ପ୍ରେମର ସୁବାସ ।

ବରଷକେ ମାସେ ପାଏ ପ୍ରେମସ୍ପର୍ଶ
ସେକାଳେ ଧରାରେ ଜନମ,
ମାଆଙ୍କ ପୂଜାରେ ଲାଗିହୋଇ ସେହି
ବଢେ ତାହାର ସୁଷମ ।

ବରଗଡ
ମୋବାଇଲ ନଂବର-9937453098

ISSN NO.
2582-208X

# ଜୀବନରେଖା



ଶ୍ରୀକ୍ଷେତ୍ର ସୁନ୍ଦର

ଏମିତି ତ ନୁହେଁ ଯାହାଯେମିତି ଚାଲୁଛି ସେମିତି ଚାଲୁଥିବ
ମିଳନ – ବିଚ୍ଛେଦ ବି ହେବ, ଅନୁରାଗ – ବିରାଗବି ହେବ
ସଦାଚାର – ବ୍ୟଭିଚାରବି ହେବ, ପୁରସ୍କାର – ତିରସ୍କାର ବି ହେବ
ଆଗମନ – ପ୍ରତ୍ୟାଗମନ ବି ହେବ, ଆବିର୍ଭାବ – ତିରୋଧାନବି ହେବ
ଆସକ୍ତି – ନିରାସକ୍ତ ବି ହେବ, ଅନୁରକ୍ତି – ବିରକ୍ତିବି ହେବ
ଝୁଣ୍ଟି ପଡ଼ିବା, ଉଠିପଡ଼ି ପୁଣି ଚାଲିବା ଚାଲିଥିବ
ବସନ୍ତ–ଫଗୁଣକୁ ଭଲ ପାଉଥିବା ମନ
ଗ୍ରୀଷ୍ମର ନିଧାଘ, ଶ୍ରାବଣର ତାଣ୍ଡବ ବି ସହିବ
ବାଟରେ ତମର କେବଳ ଫୁଲ ବିଛା ତ ହୋଇନଥିବ
କେବେ କଣ୍ଟା ବି ବାଜିବ, ରକ୍ତ ବି ଝରିବ, ଖଣ୍ଡିଆ ଖାବରା ବି ହେବ
ମଧୁରତା ପାଇଁ ତିକ୍ତତାକୁ
ମହାଦେବଙ୍କ ପରି ପିଇ ନୀଳକଣ୍ଠ ହେବାକୁ ପଡ଼ିବ
ଜୀବନ ସହ ସଂଘର୍ଷ ତ ଥିଲା ଅଛି ରହିବ
ଜୀବନରେଖା ଉଥାନ୍ – ପତନ ତ ଏମିତି ଚାଲିଥିବ ବନ୍ଧୁ
ଡରିଗଲେ ଚଳିବ!

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଧନକଉଡ଼ା, ସମ୍ବଲପୁର
ମୋ – ୯୦୯୦୨୭୭୮୦୬

ISSN NO.
2582-208X

# ଓଡ଼ିଆ ପତ୍ରପତ୍ରିକା: ଏକବିଂଶ ଶତାବ୍ଦୀ

ଗାୟତ୍ରୀ ମଲ୍ଲିକ

ପୂର୍ବେ ଜନସାଧାରଣ ଦେଶ ବିଦେଶର ବିଭିନ୍ନ ସମ୍ବାଦ ଜାଣିବା ପାଇଁ ପତ୍ରପତ୍ରିକାକୁ ମୁଖ୍ୟ ମାଧ୍ୟମ ରୂପେ ବ୍ୟବହାର କରୁଥିଲେ। ସେତେବେଳେ ସମଗ୍ର ବିଶ୍ୱରେ ରେଡ଼ିଓ, ଟିଭି ପରି ବୈଦ୍ୟୁତିକ ଗଣମାଧ୍ୟମର ଜନ୍ମ ଘଟିଥିଲେ ମଧ୍ୟ ତାହା ବିକଶିତ ଅବସ୍ଥାକୁ ଆସିପାରିନଥିଲା। ପୁନଶ୍ଚ ଏହିସବୁ ମାଧ୍ୟମ ଏକ ନିର୍ଦ୍ଦିଷ୍ଟ ସମୟରେ ଖବର ପ୍ରସାର କରୁଥିଲେ, ଯେଉଁଥି ପାଇଁ ଲୋକ ମାନଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ମାତ୍ର ପରବର୍ତ୍ତୀ କାଳରେ ଜ୍ଞାନ ବିଜ୍ଞାନର ଅଗ୍ରଗତି ହେତୁ ବୈଦ୍ୟୁତିକ, ମୁଦ୍ରିତ ପ୍ରଭୃତି ଗଣମାଧ୍ୟମର ବିକାଶ ସାଧିତ ହୋଇଥିଲା। ପତ୍ରପତ୍ରିକା ସାଧାରଣତଃ ମୁଦ୍ରିତ ଗଣମାଧ୍ୟମର ଏକ ଅଂଶ। ପତ୍ରପତ୍ରିକା ଲେଖକୀୟ ଭାବ ପ୍ରକାଶର ପ୍ରକୃଷ୍ଟ ମାଧ୍ୟମ। ଏହା ଲେଖକର ଭାବ, ଚିନ୍ତା ଓ ଚେତନାକୁ ସିଧାସଳଖ ପାଠକଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହୋଇଥାଏ। ଯେଉଁ ଭାଷାରେ ପତ୍ରପତ୍ରିକା ଯେତିକି ବ୍ୟାପକ ଓ ବିକାଶଶୀଳ, ସେହିଭାଷାର ସାହିତ୍ୟ ସେତିକି ବ୍ୟାପକ, ବଳିଷ୍ଠ ଓ ବିକାଶଶୀଳ। ଖଣ୍ଡିଏ ପୁସ୍ତକ ଅପେକ୍ଷା ଖଣ୍ଡିଏ ପତ୍ରିକା ବେଶୀ ପ୍ରଭାବଶାଳୀ ହୋଇଥାଏ। ଏହି ପତ୍ରିକା ପାଠକ ଚିନ୍ତନର ଗୁଳି ସଦୃଶ। ଯାହା ପାଠକର ଚିନ୍ତାରାଜ୍ୟକୁ ବିଶେଷ ପ୍ରଭାବିତ କରିଥାଏ। ସୀମିତ ସମୟ ମଧ୍ୟରେ ପାଠକଟିଏ ପତ୍ରିକାକୁ ପଢି ସେଥିରେ ସ୍ଥାନିତ ପ୍ରବନ୍ଧ ସମୂହରୁ ନାନା ବିଷୟ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥାଏ। ପତ୍ରପତ୍ରିକା ଲେଖକଙ୍କ ନିମନ୍ତେ ସାହିତ୍ୟିକ ବାତାବରଣ ତିଆରି କରେ ପୁଣି ସେମାନଙ୍କ ସାରସ୍ୱତ ସୃଷ୍ଟିକୁ ପାଠକ ମହଲରେ ପ୍ରସାରିତ କରି ସେମାନଙ୍କୁ ଏକ ନୂତନ ପରିଚୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ବିଂଶ ଶତାବ୍ଦୀର ଶେଷଭାଗରେ ଭାରତୀୟ ଅର୍ଥନୀତିରେ ସୃଷ୍ଟି ହୋଇଥିବା ଜଗତିକରଣ, ଉଦାରୀକରଣ ଓ ବେସରକାରୀକରଣର ପ୍ରଭାବ ସାହିତ୍ୟକ୍ଷେତ୍ରକୁ ମଧ୍ୟ ଅବାଧରେ ପ୍ରବେଶ କରିଛି। ଫଳତଃ ଏକବିଂଶ ଶତାବ୍ଦୀର ସାହିତ୍ୟ ଆଉ ଧରାବନ୍ଧା ନିୟମଭିତରେ ବନ୍ଦୀହୋଇ ରହିନାହିଁ । ଏଥିରୁ ପତ୍ରିକା ମଧ୍ୟ ବର୍ତ୍ତିଯାଇନାହିଁ। ଆଜିର ସାହିତ୍ୟ ପତ୍ରିକାରେ

ISSN NO.
2582-208X

କଳା, ସଂସ୍କୃତି, ଆଧ୍ୟାତ୍ମିକ ଓ ପାରିବାରିକ ବିଷୟବସ୍ତୁର ପ୍ରବେଶ ଘଟିଛି। ନାନା ବିଷୟକୁ ଆଧାରକରି ଗୋଟିଏ ପତ୍ରିକା ପ୍ରକାଶ ପାଉଛି।  ଗଳ୍ପ, କବିତା, ଉପନ୍ୟାସ, ଚଳଚ୍ଚିତ୍ର, ଆଧ୍ୟାତ୍ମିକ, ଖବର, ମହିଳାମାନଙ୍କୁ କେନ୍ଦ୍ରକରି କେତେଗୁଡ଼ିଏ ପତ୍ରିକା ସ୍ୱତନ୍ତ୍ରଭାବରେ ପ୍ରକାଶ ପାଇଛି। ପତ୍ରିକାର ସଂଜ୍ଞା ବଦଳି ଯାଇଛି । ବନ୍ଧନହୀନ ଭାବ ଓ ସ୍ୱଚ୍ଛନ୍ଦ ପରିପ୍ରକାଶ ମାଧ୍ୟମରେ ଲେଖକମାନେ ନିଜର ମନର ଭାବ ଓ କଥାକୁ ବ୍ୟକ୍ତ କରିଛନ୍ତି । ସେହି ସ୍ୱାଧୀନତାର ଭାବମୟ ପରିପ୍ରକାଶ ହିଁ ଏକବିଂଶ ଶତାବ୍ଦୀର ପତ୍ରପତ୍ରିକାର ବିଷୟବସ୍ତୁ ହୋଇ ଆମ ଆଗରେ ଠିଆ ହୋଇଛି।

ଏକବିଂଶ ଶତାବ୍ଦୀରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିପୁଳ ବିକାଶ, ସ୍ମାର୍ଟଫୋନ୍, ଲାପଟପ୍, ଟାବଲେଟ୍, ଇଣ୍ଟରନେଟ୍, ଫେସ୍‌ବୁକ୍, ହ୍ୱାଟସପ୍, ଟେଲିଗ୍ରାମ ଆଦି ବହୁ ଆପ୍ଲିକେଶନ୍‌ର ଅପୂର୍ବ ଉଲ୍ଲାସ ଭିତରେ ବି ପତ୍ରପତ୍ରିକାର ବହୁଳ ଆଦୃତି ରହିଛି । ଏକବିଂଶ ଶତାବ୍ଦୀ କହିଲେ ୨୦୦୦ରୁ ୨୦୨୫ ମସିହା ପର୍ଯ୍ୟନ୍ତ ମାତ୍ର ପଚିଶ ବର୍ଷର ଅବଧିକୁ ବୁଝାଇଥାଏ । ଏହି ସମୟ ଖଣ୍ଡ ଭିତରେ ଓଡ଼ିଶାରେ ମାସିକ, ଦ୍ୱୈମାସିକ, ତ୍ରୈମାସିକ, ଷଡ଼ମାସିକ ଓ ବାର୍ଷିକ ଆଦିବିଧିରେ ପ୍ରତ୍ୟେକ ବର୍ଷ ଦେଢ଼ଶହରୁ ଊର୍ଦ୍ଧ୍ୱ ସାହିତ୍ୟପତ୍ରିକା ପ୍ରକାଶ ପାଇଆସୁଛି। ଏଥିରୁ ଝଙ୍କାର, କଥା, ସମାରୋହ, ଜନସୁଧା, ଶିବିର, ନବଲିପି, ସାଗରିକା, ଅଳକାନନ୍ଦା, ଅମୃତାୟନ, କଳାକଳିକା ଆଦିମାସିକ ଓ ତ୍ରୟମାସିକ ଭିତ୍ତିରେ ନିୟମିତ ପ୍ରକାଶ ପାଇ ଆସୁଥିବା ବେଳେ ଅନ୍ୟସବୁ ପତ୍ରିକା କେବଳ ପୂଜା ସମୟରେ ପ୍ରକାଶ ପାଉଛି । ଏହା ବ୍ୟତୀତ ୬୦ରୁ ଊର୍ଦ୍ଧ୍ୱ ନିତିଦିନିଆ ସମ୍ବାଦ କାଗଜର ସାପ୍ତାହିକ ପତ୍ରରେ ସାହିତ୍ୟ ସମ୍ପର୍କିତ ଲେଖା ପ୍ରକାଶ ପାଇଆସୁଛି। ଛୋଟଛୋଟ ଶିଶୁ କିଶୋରମାନଙ୍କ ଲେଖା(ଛୋଟ କବିତା, ଗଳ୍ପ)କୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ତେବେ ଏହି ଆଲୋଚନାରେ ଖବରକାଗଜ ବ୍ୟତୀତ କେବଳପ ତ୍ରିକାଗୁଡ଼ିକୁ ହିଁ ଅନ୍ତର୍ଭୁକ୍ତ କରାଯାଇଛି ।

ଏକବିଂଶ ଶତାବ୍ଦୀରେ ପ୍ରକାଶ ପାଉଥିବା ପତ୍ରିକାଗୁଡ଼ିକ ମଧ୍ୟରେ କାହାଣୀ(୨୦୦୨), ବାଟୋଇ(୨୦୦୭), ଶୋଭନା(୨୦୧୧), ସଚିତ୍ର ବିଜୟା ( ୨୦୦୧), ଉଦ୍‌ଭାସ୍ (୨୦୦୧), ବନଫୁଲ (୨୦୦୬), ସାମ୍ନା (୨୦୦୮), ଆଧୁନିକ (୨୦୦୧), ପାହାଚ (୨୦୦୦), ଅନ୍ୟା (୨୦୦୮), ପରାଗ (୨୦୦୦ ପରେ), ମୁହାଣ (୨୦୧୦), କାଦମ୍ବିନୀ (୨୦୦୦ ପରେ), କୁନିକଥା(୨୦୧୧), ଆକାଂକ୍ଷା (୨୦୧୩),ସାରସ୍ୱତ ସାରାଂଶ (୨୦୧୫), କଥାକଳିକା (୨୦୧୫), କାଇଁଚ ମାଳି(୨୦୧୫),

ISSN NO.
2582-208X

ନିଃଶବ୍ଦ(୨୦୧୮), ସାହିତ୍ୟ ଭୂମି(୨୦୧୯), ଆଭା(୨୦୨୨), ବିଶ୍ୱ ଖବର(୨୦୨୨) ପ୍ରଭୃତି ଅନ୍ୟତମ । ଏହାବ୍ୟତୀତ ଏଇ ସମୟ ଖଣ୍ଡରେ ଅନେକ ପତ୍ରିକା ସାହିତ୍ୟ ଜଗତକୁ ସମୃଦ୍ଧ କରିଚାଲିଛନ୍ତି ଅଥଚ ସେଗୁଡ଼ିକ ବିଂଶଶତାବ୍ଦୀର ଶେଷଭାଗରୁ ସୃଷ୍ଟି ହୋଇଛନ୍ତି । ସେଗୁଡ଼ିକ ହେଲା- ସପ୍ତର୍ଷି (୧୯୭୨),କଥାକଥା କବିତା କବିତା (୧୯୮୮), ଗୋକର୍ଣିକା (୧୯୮୩), ପ୍ରତିବେଶୀ (୧୯୮୨), ପକ୍ଷୀଘର (୧୯୮୪), ଆମରିଗପ (୧୯୮୬), ଇସ୍ତାହାର (୧୯୭୫), ପଶ୍ଚିମା (୧୯୯୧), ବିଶ୍ୱମୁକ୍ତି, ଯୁଗଶ୍ରୀ ଯୁଗନାରୀ (୧୯୯୩), ଅକ୍ଷାଂଶ (୧୯୯୯), କାବ୍ୟାଲୋକ (୧୯୯୬) ଇତ୍ୟାଦି ପତ୍ରିକା। ଏହା ସହିତ ଶାରଦୀୟ ପୂଜା ଅବସରରେ ବହୁ ପତ୍ରିକା ବଜାରରେ ଆତଯାତ ହେଉଛନ୍ତି। ଯାହାକି ପତ୍ରିକା ସାହିତ୍ୟକୁ ସମୃଦ୍ଧ କରିଛି।

ଏକବିଂଶ ଶତାବ୍ଦୀରେ ସାହିତ୍ୟକୁ କେନ୍ଦ୍ର କରି ପ୍ରାଚୀଧାରା(ଭଗବାନ ସାହୁ), ରେବତୀ (ସୁବାସିନି ଜେନା), ଅନନ୍ତ ନିର୍ଝର (୨୦୦୯), ନୀଳକଇଁ (ସସ୍ମିତା ଦାସ), ଅର୍ପିତା (ସୁବାଷ ଷଡ଼ଙ୍ଗୀ), ଶିଳାଶ୍ରୀ (ବାସନ୍ତୀ ଦାସ), ସିନ୍ଧୁଜା (ଶର୍ମିକା ସାହୁ), ନିଃଶବ୍ଦ (ହୃଷୀକେଶ ପଣ୍ଡା), ସାହିତ୍ୟର ସ୍ୱର(ଜୟରାମ ସାହୁ), ଚନ୍ଦନ ଧାରା (ହିମାଂଶୁ ଆଚାରୀ), ଶ୍ୱେତ ସଂକେତ (ଦେବେନ୍ଦ୍ର ନାଥ ଦାଶ), ମୈତ୍ରେୟ (ଗାୟତ୍ରୀ ଆର୍ଯ୍ୟ), ଦିଗବଳୟ (ଅଜୟ କେତନ ମହାନ୍ତି)ପ୍ରଭୃତି ପତ୍ରିକା ପ୍ରକାଶ ପାଉଥିବା ବେଳେ ହାସ୍ୟ ବ୍ୟଙ୍ଗକୁ କେନ୍ଦ୍ର କରି ବ୍ୟଙ୍ଗବାଣୀ (ସତ୍ୟାନାଶ), ବ୍ୟଙ୍ଗ ଦରବାର (ଜ୍ଞାନ ହୋତା), ଦୁର୍ମୁଖ (ଅଚ୍ୟୁତାନନ୍ଦ କର), ବ୍ୟଙ୍ଗ କଲମ (ରବୀନ୍ଦ୍ର ରାଉତ), ଆମ ବ୍ୟଙ୍ଗ ପସରା (ବସନ୍ତ ମିଶ୍ର) ପତ୍ରିକା ପ୍ରକାଶ ପାଉଛି। ଏହାବ୍ୟତୀତ କୁନିକଥା (ଡ. ଇତି ସାମନ୍ତ), ଗଳ୍ପ (ବିଭୂତି ପଟ୍ଟନାୟକ), ଗଳ୍ପପତ୍ରିକା, ଗୁଞ୍ଜନ (ଯଜ୍ଞଦ ସାମନ୍ତରାୟ), ଗୋଧୂଳି (ବିମଳ ସିଂ), ଗୋକର୍ଣିକା ( ରମାକାନ୍ତ ଜେନା), ଗୌରବ (ଶଙ୍କର୍ଷଣ ପଣ୍ଡା), ଘାସଫୁଲ (ବିଷ୍ଣୁ ସେଠୀ), ଚନ୍ଦନ (ଲିଙ୍ଗରାଜ ମହାନ୍ତି), ଚନ୍ଦ୍ରଭାଗା (ଶ୍ରୀଦେବ), ଚଳଚିତ୍ର ଜଗତ (ଆଦିକନ୍ଦ ରାଉତ), ଚୁମା (ଶରତ କୁମାର ଜେନା), ଚେର, ଚାହାଣୀ (ଚନ୍ଦ୍ରକାନ୍ତ ମହାନ୍ତି), ଚିଠି (ନେତାଜୀ ଅଭିନନ୍ଦନ), ଚିତ୍ରା (ରତ୍ନମାଳା ସ୍ୱାଇଁ), ଚିନ୍ମୟୀ (ସାଧୁଚରଣ ମହାନ୍ତି), ଚିରନ୍ତନୀ (ସଂଯୁକ୍ତା ମହାପାତ୍ର), ଚିରସମର୍ଥା (ଶଙ୍କର୍ଷଣ ପଣ୍ଡା), ଜଗତଜନନୀ (ସୁଧାକର ନନ୍ଦ), ଜନସୁଧା ( ଦିଲ୍ଲୀପ କୁମାର ବେଉରା), ଜହ୍ନରାତି, ଝଡ଼ (ବ୍ରଜ ନାୟକ), ଜାହ୍ନବୀ (ରାଜୀବ କୁମାର ଷଡ଼ଙ୍ଗୀ, ଝର୍କା (ସମରେନ୍ଦ୍ର ମହାପାତ୍ର), ଝଙ୍କାର (ସରୋଜ ରଂଜନ ମହାନ୍ତି), ଝୁମୁକା (ମାନସ ରଞ୍ଜନ ସାମଲ), ତପସ୍ୱିନୀ (ଡ. ଗାୟତ୍ରୀ

ISSN NO.
2582-208X

ଦେବୀ), ତୀରତରଙ୍ଗ (ବନ୍ଦନା ମିଶ୍ର), ତେଲିଙ୍ଗି ବାଜା ( ପ୍ରଫୁଲ୍ଲ ଚନ୍ଦ୍ର ବାରିକ), ଦକ୍ଷିଣାବର୍ତ୍ତ, ଦାଗ (ଭାଗୀରଥୀ ବଡ଼ଜେନା), ଦିଗ୍‌ବଳୟ ( ଅଜୟ କେତନ ମହାନ୍ତି), ଦୀକ୍ଷା (ସୁନୀତି ମୁଣ୍ଡ), ବନମାଳୀ (ଗୋବିନ୍ଦ ଚନ୍ଦ୍ର ରଥ), ବର୍ଷବିତାନ, ବର୍ଷିକା (ଡ. ନବକିଶୋର ମିଶ୍ର), ବାଣୀଚିତ୍ର (ପରୀକ୍ଷିତ ଜେନା), ବାସ୍ନା (କ୍ଷୀରୋଦ ଦାସ), ବାଟୋଇ (ଶତ୍ରୁଘ୍ନ ତରାଇ), ବିଜୟା (କେଦାର ମିଶ୍ର), ବିନ୍ଦାସ (ହିମାଂଶୁ କୁମାର ମହାପାତ୍ର), ବିଶ୍ୱମୁକ୍ତି (ଶଶାଙ୍କ ଚୁଡ଼ାମଣି), ବେଦବ୍ୟାସ ( ଗୌରାଙ୍ଗ ଚନ୍ଦ୍ର ଦାଶ), ବ୍ୟଙ୍ଗ ଦରବାର (ଜ୍ଞାନ ହୋତା), ବ୍ୟଙ୍ଗବାଣୀ (ଶ୍ରୀଯୁକ୍ତ ସତ୍ୟାନାଶ), ଭିଜାମାଟି (ଚିନ୍ମୟୀ ଷଡ଼ଙ୍ଗୀ), ଭୂଲଗ୍ନା (ମନୋରଂଜନ ମହାପାତ୍ର), ମଧୁଲିତା (ମଧୁଲିତା ପରିଡ଼ା, ମହୁରୀ (ଭବାନୀ ଶଙ୍କର ନିହାଲ, ମଲ୍ଲିକା (ସୁଶାନ୍ତ କୁମାର ପଣ୍ଡା), ମହାନଦୀ (ଇଂ. ଗୋବିନ୍ଦ ଚନ୍ଦ୍ର ସାହୁ), ଦୂରଦର୍ଶୀ (ଦୁର୍ଗା ସାମନ୍ତରାୟ), ଦେଖାଯାଉ (ପ୍ରବୀର ମହାନ୍ତି), ଦେବୀ (ସନ୍ତୋଷ ଦାସ), ଦେଶକଥା (ଅକ୍ଷୟ କୁମାର ବାରିକ), ଦୁଃସୁପଣ୍ଡା (ଡ. କାର୍ତ୍ତିକ ଚନ୍ଦ୍ର ଦାସ), ଧାନଫୁଲ, ଧାରା (ଇଂ. ଲଳିତେନ୍ଦୁ ମହାନ୍ତି), ନନ୍ଦିକା (ମନୋଜ କୁମାର ମହାପାତ୍ର), ନବନୀତା (ବିଜୟ କୁମାର ପ୍ରଧାନ), ନବପତ୍ର (ଡ. ପ୍ରଭାତ ମଲ୍ଲିକ), ନବରବି (ସନ୍ଧ୍ୟା ମହାନ୍ତି), ନବଲିପି (ଦେବବ୍ରତ ମଦନରାୟ), ନାନାବାୟା (ସରୋଜ ଚନ୍ଦ୍ର ବେହେରା), ନିର୍ବାଣ (ଚନ୍ଦ୍ରକାନ୍ତ ବିଶ୍ୱାଳ), ନିର୍ମାତା ( ସୁକାନ୍ତ ସାହୁ), ନିଶାନ୍ତ (ଡ. ସଂଗ୍ରାମ ଜେନା), ନିସାନ୍ (ଲେଲିନ୍ କୁମାର), ନୀଳକଇଁ (ସସ୍ମିତା ଦାସ), ନୂଆସକାଳ, ପଢ଼ାପଢ଼ି (ପ୍ରଦୀପ କୁମାର ବେହୁରା), ପରାଗ (ବନମାଳୀ ସେନାପତି), ପରିଚୟ (ଅରୁଣ ରାୟ), ପଲକ (ଶଶିକାନ୍ତ ଦାସ), ପଲ୍ଲୀବାଣୀ (ରାମଚନ୍ଦ୍ର ନାଥ), ପଶ୍ଚିମା (ଅଶୋକ ମହାନ୍ତି), ପକ୍ଷୀଘର (ବନୋଜ ତ୍ରିପାଠୀ), ପଞ୍ଚବଟୀ ( ସୁଶାନ୍ତ କୁମାର ନାୟକ), ପାର୍ବଣ (ଅଲେଖ ଚନ୍ଦ୍ର ନାଥ), ପାହାଚ (କମଳ କୁମାର ମହାନ୍ତି), ପୁନଶ୍ଚ ଉତ୍କଳପ୍ରଭା (ଡ. କବିତା ବାରିକ), ପୌରୁଷ (ଅସୀତ ମହାନ୍ତି), ପ୍ରଜନ୍ମ (ଟିକିଲି ବାବୁ), ପ୍ରବାହ (ରମେଶ ପତି), ପ୍ରଭାବର୍ଜନା (ରବି କାନୁନ୍‌ଗୋ), ପ୍ରୟାସ (ସହଦେବ ଜୟସିଂହ), ପ୍ରତିବେଶୀ (ପିତାମ୍ବର ବାରିକ), ପ୍ରାଚୀଧାରା (ଭଗବାନ ସାହୁ), ପ୍ରେମ ପୃଥିବୀ (କୈଳାଶ ଚନ୍ଦ୍ର ପଣ୍ଡା), ଫୁଲ (ଶ୍ରୀଣ ପଟେଲ), ବଉଳ (ସୁନୀତା ନରେନ୍ଦ୍ର ସିଂ), ବନଫୁଲ (ରତ୍ନାକର ନାୟକ) ପ୍ରଭୃତି ପତ୍ରିକା ନାନା ବିଷୟକୁ କେନ୍ଦ୍ର କରି ପ୍ରକାଶ ପାଉଛି।

ସାଧାରଣତଃ ଏହି ପତ୍ରିକାଗୁଡ଼ିକ ଓଡ଼ିଶାରୁ ପ୍ରକାଶ ପାଇବା ସହ ଓଡ଼ିଶା ବାହାରୁ ବି ପ୍ରକାଶ ପାଇ ଆସୁଛି । ଦିଲ୍ଲୀରୁ ପଲ୍ଲୀବାଣୀ (ରାମଚନ୍ଦ୍ର ନାଥ), ସୃଜୀନ (ହରିହର

ISSN NO.
2582-208X

ଶୁକ୍ଳ), କଲିକତାରୁ ପ୍ରତିବେଶୀ (ପିତାମ୍ବର ବାରିକ), ଅଭିଯାନ (ଶମ୍ଭୁନାଥ ଦାଶ), ଲେଖା (ଜ୍ଞାନେଶ୍ୱର ମିଶ୍ର), ମଲ୍ଲିକା (ସୁଶାନ୍ତ ପଣ୍ଡା), ବାୟସ, ସେତୁ ଇତ୍ୟାଦି । ଶାନ୍ତିନିକେତନରୁ ଶାନ୍ତନୀଡ଼ (ମିଥୁନ ଚନ୍ଦ୍ର ଦେ) ଓ ଅନ୍ୟତ୍ର (ପ୍ରିୟରଞ୍ଜନ ପଟ୍ଟନାୟକ), ପଣ୍ଡିଚେରୀରୁ ଆକାଂକ୍ଷା (ସୁରେଶ କୁମାର ନାୟକ) ଓ ଆମେରିକାରୁ ଡ. ସତ୍ୟ ପଟ୍ଟନାୟକଙ୍କ ସଂପାଦନାରେ 'ପ୍ରତିଶ୍ରୁତି' ବେଙ୍ଗାଲୁରୁରୁ କନକପ୍ରଭା (ବିଜୟ କୁମାର ପଣ୍ଡା) ଇତ୍ୟାଦି ପତ୍ରିକା ପ୍ରକାଶ ପାଉଛି ।

ଏକବିଂଶ ଶତାବ୍ଦୀର ଓଡିଆ ପତ୍ରିକା ମାଧ୍ୟମରେ ବହୁ ପାଶ୍ଚାତ୍ୟତତ୍ତ୍ୱ ଯେମିତି କିନାରୀବାଦ, ଦଳିତ ଚେତନା, ଉତ୍ତର ଆଧୁନିକତା, ସଂରଚନାବାଦ, ଶୈଳୀତାତ୍ତ୍ୱିକ ସମାଲୋଚନା, ସାଂସ୍କୃତିକ ସମାଲୋଚନା, ନବ୍ୟ ଇତିହାସବାଦ ଆଦି ବହୁ ପାଶ୍ଚାତ୍ୟତତ୍ତ୍ୱର ବିକାଶ ଓ ପରିପ୍ରଚାର ଘଟିଛି । ଏହାବ୍ୟତୀତ ବିସ୍ଥାପନ ସମସ୍ୟା, ଦାଦନ ସମସ୍ୟା, ସୁନାମୀ ଜନିତ କ୍ଷୟକ୍ଷତି, ମରୁଡ଼ି ଜନିତ ଚାଷୀ ଆତ୍ମହତ୍ୟା, ଶାସ୍ତ୍ରୀୟ ଓଡ଼ିଆଭାଷା, ନବକଳେବର, ଜଗତିକରଣର ପ୍ରଭାବ ଆଦି ବହୁ ଘଟଣା ଏସମୟର ବିଭିନ୍ନ ସାହିତ୍ୟିକ ବିଭାଗକୁ ସମୃଦ୍ଧ କରିଛି । ଏ ସମୟର ପତ୍ରିକାଗୁଡ଼ିକରେ ଲେଖକମାନଙ୍କର ଭାଷା ଅତି ସରଳ ଓ ଆବେଗପୂର୍ଣ୍ଣ। କବିତାରେ ଥିବା ଦୁର୍ବୋଧତା ଓ ନାଟକରେ ଥିବା ଉଦ୍ଭଟତା ଦୂରେଇ ଯାଇଛି । ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଓ ଅନ୍ୟାନ୍ୟ ବିଭାଗରେ ଦୈନନ୍ଦିନ ଜୀବନର ଭାଷା ବ୍ୟବହାର କରାଯାଇଛି । ଖୁବ୍ କମ୍ ଲେଖକ ଆଳଙ୍କାରିକ ଓ ସଂସ୍କୃତି-ସମ୍ପନ୍ନ ଭାଷା ବ୍ୟବହାର କରିଛନ୍ତି । ଅଧିକାଂଶ ପତ୍ରିକାଂଶ ପତ୍ରିକା ସମ୍ବାଦଧର୍ମୀ, ସୂଚନାଧର୍ମୀ ଓ ଆଞ୍ଚଳିକ ଶବ୍ଦ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଏକବିଂଶ ଶତାବ୍ଦୀର ପତ୍ରିକାଗୁଡ଼ିକ ଲେଖକମାନଙ୍କର ସ୍ୱପ୍ନ, ସୃଜନ, ଇସ୍ତାହାର, ହସ୍ତାକ୍ଷର, ଚିତ୍ର, ଫଟୋ ଓ ଭାସ୍କର୍ଯ୍ୟ ଆଦି କଳାତ୍ମକ ପରିପାଟି ଭିତରେ ଆତ୍ମପଳାଶ କରିଛି । ଲେଖକମାନଙ୍କୁ ସେଲିବ୍ରିଟି ମାନଙ୍କ ସହ ତୁଳନା କରି ସେମାନଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ଫଟୋ ଉପସ୍ଥାପିତ ହୋଇଛି । ଟେକ୍ନୋଲୋଜିର ବିକାଶ ମାଧ୍ୟମରେ ପତ୍ରିକାର ଉତ୍ପାଦନ ବି କମ୍ ସମୟ ଭିତରେ ହୋଇପାରିଛି । ଡିଟିପି, ଲେଆଉଟ୍, ସୌନ୍ଦର୍ଯ୍ୟ କରଣ ମାଧ୍ୟମରେ ପତ୍ରିକାଗୁଡ଼ିକର ରୂପରଙ୍ଗ ଆଶାତୀତ ଭାବେ ବଦଳିଯାଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସମଗ୍ର ପୃଥିବୀକୁ ଯାନ୍ତ୍ରିକତା ଓ ରୁଟିନ୍‌ବନ୍ଧା ଜୀବନ ଆଡ଼କୁ ଟାଣିନେଉଥିଲା ବେଳେ ପତ୍ରପତ୍ରିକାର ଚାହିଦା ବି ଦିନକୁ ଦିନ ବଢ଼ିଚାଲିଛି । ପତ୍ରପତ୍ରିକାରେ ପ୍ରକାଶିତ

ISSN NO.
2582-208X

ଗୋଟିଏ ଗପ ଭିତରୁ ମଣିଷ ପ୍ରକୃତି ଜୀବନର ସନ୍ଧାନ କରିବାକୁ ଚେଷ୍ଟା କରୁଛି । ପତ୍ରିକାର ଶୈଳୀରେ ପରିବର୍ତ୍ତନ ଆସିଛି। ରଙ୍ଗ ବେରଙ୍ଗର ମଲାଟରେ ଏବଂ ପୃଷ୍ଠାରେ ପତ୍ରିକା ସଜେଇ ହୋଇଛି। ସଂପାଦକୀୟ ଧାରା ବଦଳିଛି। ସମାଜର ସମସ୍ୟାକୁ ମଧ୍ୟ ସଂପାଦକୀୟରେ ସ୍ଥାନ ଦିଆଯାଉଛି। ପତ୍ରିକା ଆଜି ସାହିତ୍ୟ ମଧ୍ୟରେ ସିମୀତ ନ ରହି, ଗବେଷଣା, ସଂସ୍କୃତି, ବିଶ୍ୱ ଖବର, ଜ୍ୟୋତିଷ ଶାସ୍ତ୍ର, ଆଧ୍ୟାତ୍ମିକ ବିଚାର, ଅନୁବାଦ, ସାମ୍ୟବାଦ, ଦଳିତ ଚେତନା, ସବୁଜ ଚେତନା, ଚଳଚ୍ଚିତ୍ର, ନାରୀଧର୍ମୀ ବିଜ୍ଞାନ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ବିଷୟରେ ନିଜ କାୟା ମେଲିଚି। ଆଜିର ବ୍ୟସ୍ତ ବହୁଳ ମଣିଷକୁ ପତ୍ରିକାଟିଏ ପଢ଼ାଇବା ପାଇଁ ସମ୍ପାଦକଗଣ ଚୁମା, ଅଳ୍ପରେ ପ୍ରେମ ପରି ପକେଟ ପତ୍ରିକାର କଳ୍ପନା କରିଛି। ତେଣୁ ଏକବିଂଶ ଶତାବ୍ଦୀର ପତ୍ରିକା ଆଜି ସମାଜର ଦୃଶ୍ୟମାନ ସମସ୍ତ ବିଷୟକୁ ଆଧାର କରି ପ୍ରକାଶ ପାଉଛି। ଯାହା ଫଳରେ ତାହାର ଆଦର ପାଠକ ସମାଜରେ ବଢ଼ିଛି।

ପ୍ରାନ୍ତଟୀକା:

୧. ପଟ୍ଟନାୟକ, ପଠାଣି; ସାହିତ୍ୟ ମନୀଷା, କଟକ, ଓଡ଼ିଶା ବୁକ୍ ଷ୍ଟୋର, ୧୯୯୮, ପୃଷ୍ଠା-୨୩

ସହାୟକ ଗ୍ରନ୍ଥସୂଚୀ:

୧. ଚାନ୍ଦ, ଗୋବିନ୍ଦ ଚନ୍ଦ୍ର; ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ୨୦୦୦

୨. ବାରିକ, ଶ୍ରୀକାନ୍ତ କୁମାର; ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ: ସୃଷ୍ଟି ଓ ସମ୍ଭାବନା, କଟକ, ବାଲୁ ବଜାର, ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୨୦୧୯

୩. ମହାପାତ୍ର, ଚନ୍ଦ୍ରଶେଖର; ଓଡ଼ିଶାର ପତ୍ରପତ୍ରିକା, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ

୪. ମହାରଣା, ସୁରେନ୍ଦ୍ର କୁମାର; ଓଡ଼ିଆ ପତ୍ର-ପତ୍ରିକା ସାହିତ୍ୟ, କଟକ, ବାଦାମବାଡ଼ି,ଏ.କେ. ମିଶ୍ର ଏଜେନ୍ସି, ପ୍ରଥମ ପ୍ରକାଶ, ୨୦୨୪

ISSN NO.
2582-208X

୫. ସାମନ୍ତରାୟ, ନଟବର; ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ଭୁବନେଶ୍ୱର-୨, ସାମନ୍ତରାୟପୁର, ଲାବଣ୍ୟ ଭବନ, ୧ମ ସଂ, ୧୯୬୪

୬. ସାମଲ, ବୈଷ୍ଣବ ଚରଣ:(ସଂ) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା, କଟକ, ଓଡ଼ିଶା ବୁକ୍ ଷ୍ଟୋର, ତୃତୀୟ ପ୍ରକାଶ, ୨୦୨୦

ଓରତ, କେନ୍ଦ୍ରାପଡ଼ା

ISSN NO.
2582-208X

# ମାନବ ଓ ମାନବିକତା

ବିପଦ ଭଞ୍ଜନ ବାରିକ

ସମୟର ଗତି...
ଏବେ ବିଜୁଳିର ଦୌଡ଼ପରି
ଘଡ଼ିର କଣ୍ଟା ଯେତେ ଘୁରୁଛି, ତାଠାରୁ ଅଧିକ ତ୍ୱରାୟିତ ହେଉଛି ମଣିଷ ।
ପ୍ରଗତି, ପ୍ରଯୁକ୍ତି, ପ୍ରାପ୍ତି — ସବୁ ହାତରେ ଆସିଛି,
କିନ୍ତୁ ହୃଦୟ ହାତ ଛାଡ଼ି ଗଲା ।
ଜଗତୀକରଣ ମଣିଷକୁ ଜଗତ ସହିତ ଯୋଡ଼ିଦେଲା,
କିନ୍ତୁ ନିଜ ମନକୁ ବିଛିନ୍ନ କରିଦେଲା ।
ପୂର୍ବେ ଯେଉଁଠି ଭଲପାଇବା ହୃଦୟର ସ୍ପନ୍ଦନ ଥିଲା,
ଏବେ ସେ ହୋଇଛି "ସୋସିଆଲ ମିଡିଆର ନୋଟିଫିକେସନ"।
ଅଭିବ୍ୟକ୍ତି ହେଉଛି ଇମୋଜି,
ଭାବନା ହେଉଛି status update,
ପ୍ରେମ ହେଉଛି "seen" ଓ "last seen" ମଧ୍ୟରେ ନିହିତ କାହାଣୀ ।
ପୂର୍ବେ ସମ୍ପର୍କ ଥିଲା ଭାବରେ,
ଏବେ ସେ ହେଉଛି ବ୍ୟବହାରରେ ।
ପୂର୍ବେ ମଣିଷ ହସି ଜୀବନ ଦେଇପାରୁଥିଲେ,
ଏବେ
ସେ ହିସାବ କରି ପ୍ରେମ କରୁଛନ୍ତି।
ପ୍ରେମ ଆଉ ଶୁଦ୍ଧତା ନୁହେଁ —
ସେ ହେଉଛି ଅବସର, ଲାଭ ଓ ଆଡ଼ମ୍ବରର ଆଭାସ।

ISSN NO.
2582-208X

ଯେପର୍ଯ୍ୟନ୍ତ ମୋ ଆବଶ୍ୟକତା ଅଛି, ସେପର୍ଯ୍ୟନ୍ତ ମୁଁ ପ୍ରିୟ;
ଯେତେବେଳେ
ମୋ ଉପଯୋଗ ଶେଷ ମୁଁ ଅଦରକାରୀ ।
ଏହି ହେଉଛି ଆଧୁନିକ ସମୟର ନୂତନ ମନ୍ତ୍ର।
ସମ୍ପର୍କ ହେଲା "Use and Forget",
ପ୍ରେମ ହେଲା "Like and Ignore"।
ମଣିଷ ଏବେ ମଣିଷକୁ ଭଲ ପାଉନି,
ସେ ଭଲପାଉଛି ଯାହା ମଣିଷ ଦେଇପାରେ —
ଧନ, ପଦ, ଶକ୍ତି, ଏବଂ ସୁବିଧା ।
ଏବେ ମାନବିକତା ହେଉଛି ଅଧ୍ୟୟନର ଅନୁଛେଦ,
ଜୀବନର ଅନୁଭବ ନୁହେଁ ।
ପ୍ରେମ ହେଉଛି ଫିଲ୍ମର ଦୃଶ୍ୟ,
ପ୍ରକୃତିର ଅନୁଭବ ନୁହେଁ ।
ବସ୍ତୁ ଏବେ ମଣିଷ ଉପରେ ଶାସନ କରୁଛି,
ଓ ମଣିଷ ନିଜ ମନ ଉପରେ ଅଜଣା ।
ତଥାପି —
ଏହି ଅନ୍ଧକାର ଯୁଗରେ ମଧ୍ୟ ଥରେ ଥରେ ଜଳିଉଠେ ଏକ ଛୋଟ ଦୀପ ।
କିଛି ମଣିଷ ଅଛନ୍ତି,
ଯେଉଁମାନେ ଏବେ ମଧ୍ୟ
ଭାବନାକୁ ବସ୍ତୁରୁ ଉପରେ ରଖନ୍ତି,
ପ୍ରେମକୁ ସୁବିଧାରୁ ଉଚ୍ଚ ମାନନ୍ତି,
ଓ ମାନବିକତାକୁ ଆତ୍ମାର ଅଂଶ ଭାବେ ବୁଝନ୍ତି ।
ସେମାନେ ହେଉଛନ୍ତି ଆମ ଯୁଗର ନିରବ ସନ୍ତ,
ଯେଉଁମାନେ ଶିଖାଉଛନ୍ତି —
ପ୍ରଯୁକ୍ତି ମଣିଷକୁ ଯୋଡ଼ିପାରେ,

ISSN NO.
2582-208X

କିନ୍ତୁ
ମାନବିକତା ମାତ୍ର ମଣିଷକୁ ମଣିଷ କରେ ।
ଏହି ଯୁଗର ଆବଶ୍ୟକତା ହେଉଛି —
ପୁଣି ଥରେ ମଣିଷ ହେବା,
ପୁଣି ଥରେ ଭଲପାଇବା,
ପୁଣି ଥରେ ମନୁଷ୍ୟତାକୁ ମନେ ପକାଇବା ।
ଜଗତୀକରଣ ମଣିଷକୁ ଧନୀ କରିଲା,
କିନ୍ତୁ ହୃଦୟକୁ ଗରିବ କରିଦେଲା;
ଏବେ ଆବଶ୍ୟକ —
ମଣିଷ ମାନବିକତାକୁ ଆଉଥରେ ଜୀବନ ଦେଉ ।

((()))

ISSN NO.
2582-208X

# କନଫ୍ରେନ୍ସ ହଲ୍



ନିତ୍ୟାନନ୍ଦ ସ୍ୱାଇଁ

ସେଦିନ ମୁଁ ତାକୁ ଦିଲ୍ଲୀର ଜବାହାର conference ହଲ ରେ ଦେଖିଥିଲି । ପୂର୍ବରୁ ତା ଫଟୋ ରେ ଲେଖିଥିବା କବିତା ପାଇଁ ସେ ଯେଉଁ ତାଗିଦ୍ କରିଥିଲା । ସେ ଦିନ ଠାରୁ ମୋ କଲମରେ ସାହି ସରି ଯାଇଛି । ଆଉ ସ୍ପୃହା ନାହିଁ ଲେଖିବାକୁ, ମୋ କବିତାର ନାୟିକା ସେ ତା ବିନା କବିତା କିପରି ବା ଜୀବନ୍ତ ହୁଅନ୍ତା । ପଦ୍ମ ପରି ମୁଖ ହାଲକା କର୍ଲି hair ସତେ ଯେମିତି ସାଗରର ତରଙ୍ଗ ପରି ପବନରେ ଦୋଳି ଖେଳି ତାର ମୁଁହ ସ୍ୱର୍ଶ କରୁଥାଏ । ମୁହଁରେ ସ୍ମିତହାସ୍ୟ ଆଖିରେ ଚଶମା । ତା ମୋ ମଧ୍ୟରେ ଅଳ୍ପ ବ୍ୟବଧାନ । ମୁନା ମୋତେ କହିଲା ୟେ ହେଉଛି Daffin । ରୁପସିର ସୁନ୍ଦରତା ଯାଦୁଗରି ରେ ମୁଁ ନିସ୍ତବ୍ଧ ହୋଇଯାଇଥିଲି ଆଖି ସାମ୍ନାରେ ଯେବେ ମନର ମଣିଷ ଉପସ୍ଥିତ ଆସି ହୁଏ । ଶରୀରର ପ୍ରତିଟି କୋଣରେ ଶିହରଣ ଖେଳି ଯାଏ । ହୃତ୍ ସ୍ୱନ୍ଦନ ହଠାତ୍ କେତେ ଗୁଣ ବଢ଼ି ଯାଏ । ସେ ଦିନ ମୁଁ ଚୁପ୍ ପଡ଼ି ଯାଇଥିଲି ଆଉ ନିରନ୍ତରେ ଦେଖିବାକୁ ଅନେକ ପ୍ରୟାସ । ତା ପାଦ ଛଡା ମୁଁହକୁ ଅନେଇବକୁ ମୋର ପ୍ରୟାସ କରିଛି ହେଲେ ପାରିଲିନି । ସେ ସତ ସାହସ ମୋର ମଧ୍ୟ ନଥିଲା । ଅଚିହ୍ନା ପରି ମୁଁ ଅଭିନୟ କରିଥିଲି ।

ମୁନା ମୋତେ କହୁଥାଏ ନିଜର ପ୍ରଶ୍ନ ବ ବାଣ ରେ ପ୍ରଫେସର ଙ୍କ ଝାଳ ବୁହାଉଥିବା ଲୋକଟା ଚୁପ୍ କାହିଁକି । ମୁଁ ତାକୁ କଥା ଛଳରେ କହିଥିଲି ତାର କାରଣ ତୁମେ । ସେ ଦିନ active participation କୁ ଭଲ ପାଉଥିବା ଲୋକଟି ସତରେ ନିସ୍ତବ୍ଧ ଓ ନିର୍ବିକାର ହୋଇଯାଇ ଥିଲା ।

ISSN NO.
2582-208X

ସତେ ଯେମିତି ଆକାଶକୁ ଧରିତ୍ରୀ ଛୁଇଁ ମହାପ୍ରଶାନ୍ତି ର ଦିବ୍ୟ ଅନୁଭବ ପ୍ରାପ୍ତ କରିଛି । ନିଜ ର ପ୍ରତିଭାକୁ ପ୍ରଦର୍ଶନ କରିବାକୁ ମୋର ଟିକେ ହେଲେ ଇଚ୍ଛା ନଥିଲା । ମୁଁ ଜାଣିଥିଲି ମୋତିକୁ ଭଲ ପାଉଥିବା ଲୋକଟା ସାତ ସମୁଦ୍ରର ଅଭେଦ୍ୟ ଜଳରାଶି ଭେଦି ଶାମୁକା ଭିତରୁ ମୁକ୍ତା ଖୋଜି ବାହାର କରିବ । ତାର ଓଜସ୍ୱିନି ଉପସ୍ଥାପନାରେ ସେ conference ହଲ ରେ ନିଜର ଆଧିପତ୍ୟ ଜାହିର କରୁଥାଏ । ମୁଁ କେବଳ ଦର୍ଶକ ନଥିଲି ନିଜକୁ ମଧ୍ୟ ହରେଇ ବସିଥିଲି । ମୁଁ ରହୁଥିବା କୋଠରୀରୁ ଟେନିସ କୋର୍ଟ ଦେଇ ଦେଖିଲେ ground floor ରେ ତା କୋଠରି ।

ପ୍ରତେକ୍ ଦିନ dinning Hall ରେ ତା ସହ ଭେଟ ହୁଏ, ସେ ଆଖ ପାଖରେ କୋଉଠି ନା କୋଉଠି ଥାଏ। ଯ୍ୟା ଭିତରେ ସେ ମୋତେ ଚିହ୍ନି ସାରିଛି, ନା ସେ କିଛି କୁହେ ନା ମୁଁ କିଛି, ଯଦି କେବେ ଆଖିରେ ଆଖି ମିଶିଯାଏ ତେବେ ମୁଁ ଯଥା ସମ୍ଭବ ଫେରାଇ ଆଣେ। ତା ଆଖିରେ ସହସ୍ର ବେଦନାରେ ଯନ୍ତ୍ରଣା ସିକ୍ତ, ଓଷ୍ଟ୍ କିଛି ଉଚ୍ଚାରଣ କରିବାକୁ ଯାଇ ଅଟକି ଯାଇଛି । ସେ ରହୁଥିଲା ground floor re ଆଉ ମୁଁ first floor ର room no ୨୧୦ । ମୁଁ ରୁମ ରୁ ସ୍ପଷ୍ଟ ଦୃଶ୍ୟମାନ ତା ରୁମ୍, ଦିନରେ ପ୍ରକମ୍ପିତ କନଫରେନ୍ସ ହଲ ଟା ରାତ୍ରିର ନିର୍ଜନ ପ୍ରହରିରେ ସୁପ୍ତ ପ୍ରାୟ, ତା ସହ ସୋଇପଡ଼ିଛନ୍ତି ସମସ୍ତ ସଦସ୍ୟ ଗଣ । ବ୍ୟସ୍ତ ବହୁଳ ରାଜଧାନୀ ବି ସୋଇପଡିଛି । ପୂର୍ଣିମାର ଜହ୍ନଟା ଟେନିସ କୋର୍ଟ ଦେଇ ତା ରୁମ୍ କୁ ପ୍ରବେଶ କରିବାକୁ ଯାଇ ବାତାୟନ ପାଖେ ଅଟକି ଯାଇଛି । ନାହିଁ ତାର ସେ ସତ୍ ସାହସ, ଆକାଶ ଗଙ୍ଗାର ରଜନୀର ରାଜା ଜହ୍ନ, ଅନନ୍ୟ ପ୍ରେମିକ ଟେ ସେ । ତା ପାଇଁ ପାଗଳ ପ୍ରାୟ ତାରଗଣ, ଜହ୍ନ ଆସୁ କି ନା ଆସୁ ତାରା ମାନେ ଉପସ୍ଥିତ ଥାଆନ୍ତି ତାର ଦିବ୍ୟ ଦର୍ଶନ ପାଇଁ । ଜହ୍ନର ଦିବ୍ୟ ଶୀତଳ ସ୍ପର୍ଶ ରେ ନିଜକୁ ବିଲିନ କରି ଦୀୟନ୍ତି ।ଯଦି ଜହ୍ନ ପରି ଶ୍ରେଷ୍ଠ ପ୍ରେମିକ ର ସାହସ ନାହିଁ । ତେବେ ମୁ ବା କେମିତି ପାରିଥାନ୍ତି, ନବରତ୍ନ ଖଚା, ସହସ୍ର ଐଶର୍ଗିକ ଗୁଣ ରେ ଅନେକ ସମୟ ଦେଇ ଅତି ସୂକ୍ଷ୍ମଭାବେ ବିଧାତା ତାକୁ ଗଢିଛି । ସମୟର ଛିଟା ରେ ଯନ୍ତ୍ରଣା ସିକ୍ତ ଆଜି ସେ । ଉଦୟ ପୂର୍ବରୁ ଅସ୍ତଗାମି ସୂର୍ଯ୍ୟ ପରି, ଦୁନିଆ କୁ ବୁଝିବା ଆଗରୁ ତା ଉପରେ ତା ପରିବାର ର ବୋଝ । ଅଦମ୍ୟ ସାହସ ତାର । ହାତରେ ବାଲ୍ ଗୋପାଲ୍, ତା ସହ ସେ ସୁଖ ଦୁଃଖ ବାଣ୍ଟେ । ତା ପାଇଁ ସେ ନାନାଦି ବ୍ୟଞ୍ଜନ ପ୍ରସ୍ତୁତ କରେ, ଆଉ କୋଳରେ ଝୁଲାଏ ।

ISSN NO.
2582-208X

ସେ ତାର, ବାପା, ସେ ତାର ଭାଇ, ଆଉ ସେ ତାର ଜୀବନ ସାଥି ସେ କଳା କହ୍ନେଇ । ସର୍ବ ଶକ୍ତି ମାନର ଯେ ଶରଣାପନ୍ନ, କେମିତି ଯେ ଏତେ ସହଜ ହୋଇଥାନ୍ତା ମୋ ପାଇଁ ...। ଗୋଟେ ଝିଅ ଜୀବନ ସାଥି ପାଖରେ ୬୦ ପ୍ରତିଶତ ତା ବାପର ଗୁଣ, ୩୦ ପ୍ରତିଶତ ତା ଭାଇ, ଆଉ ୧୦ ପ୍ରତିଶତ ତା ଜୀବନ ସାଥିର ନିଜସ୍ୱ କୁ ଦେଖେ । ବାପା ଭାଇ ର ସ୍ନେହରୁ ବଞ୍ଚିତ ଗୋଟେ ଝିଅକୁ ତା ର ବାପା ଓ ଭାଇ ର ସ୍ନେହ ଓ ଭଲ ପାଇବା ମୁଁ ଦେଇ ପାରିବି ତ ? ବାଲ ଗୋପାଲ ଙ୍କ ପରି ତା ଜୀବନର ପ୍ରତେକ ଲୁହ କୁ ମୁଁ ମୋ ଓଠରେ ପିଇ ପାରିବି ତ । ଏକଥା ଭାବି ମୋ ମନ ଭୟରେ ଉଦ୍ ବେଳିତ ହୋଇଉଠିଛି । ତା ପାଇଁ ସ୍ନେହ ଆଉ ପ୍ରେମର ଧାରା ଶ୍ରାବଣର ଆବଶ୍ୟକତା ଅଛି । ଆଉ ମୁଁ ତ ବୈଶାଖର ଝାଞ୍ଜି । ମୁଁ ଜୀବନ କଣ୍ଟକିତ, ମୋ ସଂଘର୍ଷ ପୂର୍ବରେ ବଙ୍ଗୋପ ସାଗର ରୁ ଆରମ୍ଭ ହୋଇ ପଶ୍ଚିମ ରେ ଆରବ ସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଗୋଟିଏ ଛୋଟିଆ ଦୁଃଖକୁ ଭୁଲିବାକୁ ଭଗବାନ ଆଉ ଗୋଟେ ବଡ଼ ଦୁଃଖ ଦିଅନ୍ତି, ଆଉ ସେ ବଡ ଦୁଃଖ ପୁଣି ଦିନେ ଛୋଟ ହୁଏ । ନା ନା ମୋ କଣ୍ଟକିତ ପଥରେ ସାଥି କରିବାକୁ ତାକୁ ମୁଁ ଚେଷ୍ଟା କରିବାଟା ଠିକ୍ ହବନି । ଗୋଲାପ କୁ ଭଲ ପାଉଥିବା ବ୍ୟକ୍ତି ଗୋଲାପ କୁ ଛିଣ୍ଡାଏ ନାହିଁ, ଗୋଲାପ ଗଛରେ ପାଣି ଦିଏ, ତାକୁ ଅତି ଯତ୍ନରେ ବଢ଼ାଏ, ଆଉ ଯେବେ ମଳୟ ପବନ ଆସି ଗୋଲାପ ଟି ପ୍ରସ୍ଫୁଟିତ ହୁଏ, ମାଳି ସେ ଦିନ ବେଶୀ ଖୁସି ହୁଏ । ମୁଁ ମାଳି ଟିଏ ହେବାକୁ ଚାହିଁଛି, ମଳୟ ପବନ ନୁହେଁ । ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ଆଉ କାହାର ଖୁସି, ସ୍ୱାଧୀନତା, ତା ନିଜସ୍ୱ ପଣ କୁ ମାରି ଦେବାକୁ ଭଲ ପାଇବା କୁହାଯାଏ ନାହିଁ । ଏମିତି ମୋ ମନକୁ ମୋ ବିବେକ ସୁଚେଇ ଦେଇଛି । ଇଚ୍ଛା ନଥିଲେ ମଧ୍ୟ ବିବେକ ର କଥାକୁ ମୁ ଗ୍ରହଣ କରିବାକୁ ବାଧ୍ୟ ହେଇଚି । ସେ ଦିନ ଶେଷ ଦିବସ Conference ହଲ କୁ ଲାଗି ଥିବା ଟେରାସ ରେ ସମସ୍ତେ ନିଜର ଲଗେଜ ଧରି ବାହାରି ପଡ଼ିଥିଲେ ସେଠାରେ ଚା ପିଇ ଘରକୁ ଫେରିଯିବାକୁ । ହାତରେ ତାର ଲଗେଜ ସମସ୍ତଙ୍କ ମେଳ ରେ ସେ ଥିଲା, କିନ୍ତୁ ସେ ଦିନ ସେ ଚା ବା କଫି କିଛି ପିଇ ନଥିଲା । ସମସ୍ତେ ନିଜ ନିଜ ଭିତରେ ସେଲ୍ଫି ନେଉଥିଲେ । ସେ କିଛି ସମୟ ୱେଟ୍ କଲା, ଟେରସରୁ ସିଡି ର ପ୍ରଥମ ପାହାଚ ରେ ପାଦ ଦେଉ ଦେଉ ସେ ବୁଲି ଚାହିଁଥିଲା । ନା ତା ସହ ମୁଁ ମିଶି ପାରିଲି ନା ତା ସହ ଗୋଟେ ଫଟୋ ବି ନେଇ ପାରିଲି । ତାର ସେ ହସ ଭରା କରୁଣ ଚାହାଣୀରେ ମୋ ହୃଦୟର କୋହକୁ ମୁଁ ସମ୍ଭାଳି ପାରି ନଥିଲି । ମୁଁ ଯଥା ଶୀଘ୍ର ମୋ ରୁମ୍ ଭିତରକୁ ଚାଲିଯାଇଥିଲି, ଭିତରୁ ଲକ୍ କରି ସାରିବା ପରେ ଅମାନିଆ ଲୁହ ଗୁଡାକ ଟାୱେଲ

ISSN NO.
2582-208X

ଭିଯାଇ ଦେଇଥିଲେ । ପୂର୍ଣ୍ଣିମାର ଚାନ୍ଦ ପରି ମଧ୍ୟ ମୁଁ ଫେରି ଯାଇଥିଲି । ସୁଖ ବୋଧେ ସମସ୍ତଙ୍କ ଭାଗ୍ୟରେ ନଥାଏ, କିଛି ଲୋକ ଜନ୍ମ ନେଇଥାନ୍ତି ଦୁନିଆରେ କେବଳ ଲୁହ ପିଇବା ପାଇଁ । ଭଗବାନ ମୋତେ ସେପରି ଗଢ଼ିଛନ୍ତି । ନହେଲେ ୩୨ ବସନ୍ତ ଅତିକ୍ରାନ୍ତ ପରେ ମୁଁ ଆଜି ନିସଙ୍ଗ ନଥାନ୍ତି । ସେ ଦିନ have ଫେରି ଗଲେ ମୁଁ କିନ୍ତୁ ଫେରି ଯାଇ ନଥିଲି । ସ୍ମୃତି କୁ ଆଧାର କରି ବଞ୍ଚୁଥିବା ମଣିଷ ଟା ଶେଷ ସ୍ମୃତିକୁ ସାଙ୍ଗରେ ନ ନେଇ କେମିତି ବା ଫେରି ଯାଇ ଥାଆନ୍ତା । ୪ ଦିନ ଧରି କୋଳା ହଳର ପ୍ରତିଧ୍ୱନି ରେ ପ୍ରକମ୍ପିତ ହଲ ଟା ଯେମିତି ସେ ଦିନ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲା । ସେମିନାର ହଲ କୁ ମୁଁ ରାତ୍ରି ରେ ପ୍ରବେଶ କରି ସେ ବସିଥିବା ୨ ଟା ୩ ଟା ଜାଗାକୁ ଚିହ୍ନଟ କରି ତା ପାଖ chair ରେ ବସିବାକୁ ଚେଷ୍ଟା କଲି, ସେ celling light ଆଉ ସାମ୍ନାରେ ଥିବା chair ଗୁଡାକ ଅଟହାସ୍ୟ କଲେ । Dinning ହଲ ରେ ଯେବେ plate ଟି ଧରି ମୁ ଚାରି ପଟକୁ ଖୋଜେ ସେ ନଥିଲା କେବଳ ଥିଲି ମୁଁ । Table ଉପରେ ଥିବା ଜ ଗ୍ ଗୁଡ଼ିକ ମୋତେ ତାଚ୍ଛଲ୍ୟ କରୁଥାନ୍ତି, "ଭିରୁ" । ଖାଦ୍ୟ ପ୍ଲେଟ ଥୋଇଦେଇ ମୁଁ ଚାଲି ଆସିଥିଲି । Service ରେ ଥିବା ପିଲାଟା ପଚାରିଲା sir, ଖାଦ୍ୟ କଣ ଭଲ ହେଇନି କି । ମୁଁ କହିଲି କି ନାଇ ବାବୁ ଦେହ ଟା କାଇଁ ଭଲ ଲାଗୁନି । ପାଖରେ ପାଇ ହରାଇବାର ଗ୍ଲାନି ରେ ହୃଦୟର କୋହ ଲହଡ଼ି ଭାଙ୍ଗୁଥାଏ। ରୁମ୍ ଭିତରେ ମୁଁ ସୋଇପଡିଛି ଦେହରେ ଉଷ୍ମତା ଦେଖି ମୁନା ମୋ ଦେହରେ ଚାଦର ଘୋଡ଼େଇ ଦେଇଛି ।

ଅଧ୍ୟାପକ, ଇତିହାସ ବିଭାଗ
ବଳରାମପୁର, ପଞ୍ଚପଲ୍ଲୀ, ଜଗତସିଂହପୁର

ISSN NO.
2582-208X

# ସ୍ମୃତିର ଚିହ୍ନ



ଦୁଷ୍ମନ୍ତ ବେହେରା

ମନ ଛାଇରେ ଲୁଚାଇ ରଖିଛି ପ୍ରେମ
ସ୍ପର୍ଶ କଲେ ଦିଶିବନି
ମନ ଉହାଡ଼ରେ ଝରି ବହୁଥିବ
ତୁମ ଦାଗ ସ୍ମୃତି ଦରଦ ଚିହ୍ନ !!

ରକ୍ତ ଲେପନରେ ସାଇତି ରଖିଛି
ପୁଷ୍ପା ଲୁହର ଝର
ଦୋଷ ନଥାଇ ବି ଶରୀର ଝୁରେ
ଚେହେରା ଛାଇ ତୁମର !!

ନିଶ୍ୱାସ ପ୍ରଶ୍ୱାସ ତୁମ ପାଇଁ ଚାଲେ
ମୋ ଜୀବ ର ଜୀବନ
ବାଛିଛି ତୁମକୁ ଦୁନିଆ ଆଗରେ
ଛୋଟ କରିବ ନାହିଁ ମୋ ମନ !!

ଭଗ୍ନ ଶୀଳା ରେ ଚିହ୍ନ ରଖିଛି
ଦେଖିବ ତୁମେ ଆସ
ମୁଁ ଲିଭି ଯିବି ଭଗ୍ନ ଶୀଳା ଥିବ
ଦେଖେଇବ ତୁମ ଚିହ୍ନ !!

ISSN NO.
2582-208X

ଦୋଷ ଥିଲା ମନ ଶରୀରର
ଲୁହର ନଥିଲା ଦୋଷ
ତୁମ ସ୍ମୃତି ଚିହ୍ନ ରେ ତଥାପି
ଆଖିରୁ ଝରେ ଲୁହ !!

ଚିଠି ପୁରୁଣା କୁ ପ୍ରେମ ନୂଆ
ଚିରିବା ଆଗରୁ ଝୁରିବ
ଜାଳି ମାରୁଥିବ ମନ ହୃଦୟ
ରହିଥବ ସ୍ମୃତି ଚିହ୍ନ !!

ଗ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ପ୍ରେମିକାର
# ପ୍ରଥମ ଚିଠି



ଚିତ୍ତରଞ୍ଜନ ମେହେର

ଆଜି ମନେ ପଡ଼େ ସେ ମୋ ପ୍ରେମିକାର
ମିଠା ମିଠା କଥା ଆଉ ଦେଇ ଥିବା ପ୍ରଥମ ଚିଠି
ସେଦିନ ସେ କାଗଜ ଖଣ୍ଡ ଟିଏ
ଜୀବନର ବେରଙ୍ଗ ଦୁନିଆ କୁ ରଙ୍ଗୀନ କରିଦେଇଥିଲା
ଗୋଟେ ଧଳା କାଗଜ ମୋ ହାତେ ଆଣି ଥୋଇ ଦେଇଥିଲା
କହିଥିଲା,
କିଛି ନୂଆ ସ୍ୱପ୍ନ ଅଛି ତୁମକୁ ନେଇ
ଘରେ ଯାଇ ପଢ଼ିନେବ ବୋଲି ...!
ସେଦିନ ଧଳା କାଗଜ ସହ ...
ତା କୋମଳ ହାତର ସ୍ପର୍ଶ ମଧ୍ୟ ହେଇ ଯାଇଥିଲା ....!
ଏତିକି ସମୟରେ
ମୋ ପାଖରେ ଆଉ କିଛି କହିବାକୁ ଶବ୍ଦ ନ ଥିଲା
ସେ ମଧ୍ୟ ସେ ଧଳା କାଗଜ କୁ ହାତରେ ଥୋଇ ଦେଇ ଚାଲି ଗଲା ....
ମୁଁ ସେମିତି ତାକୁ ଅନେଇ ବସି ରହିଲି
ସେ ମୋ ପାଖରୁ ସେମିତି ଦୂରେଇ ଦୂରେଇ ଯାଉଥିଲା
ରାସ୍ତା ମଧ୍ୟ ସିଧା ସିଧା ଦେଖାଯାଉଥିଲା
କଳା ଚକ୍ ଚକ୍ ପିଚୁ ରାସ୍ତାରେ ସେ ଏକା ଦେଖା ଯାଉଥିଲା
ଗାଡି ମୋଟର ସବୁ ମୋ ପାଇଁ ଶୂନ୍ୟ ସାଜି ଯାଇଥିଲା
ସବୁ ଶବ୍ଦ ସବୁ ନିଶବ୍ଦ ହେଇ ଯାଇଥିଲା

ISSN NO.
2582-208X

ବାସ୍ ଗୋଟେ ଧ୍ୱନି ଶୁଣାଯାଉଥିଲା
ସେଟା ପୁଣି ଏ ଧଳା କାଗଜ ଟିକୁ ଘରେ ଯାଇ ପଢ଼ି ନେବ ବୋଲି
ପ୍ରଥମ ଥର ପାଇଁ ପାଇ ଥିଲି ସେ ଚିଠି
ମନ ମୋର ହେଉ ଥାଏ କେତେ ଖୁସି
ଖୋଲି କି ଦେଖେ ଯେବେ, ଲେଖା ହୋଇ ନଥିଲା କିଛି ...!
କଲମ ର ଦାଗ ଦେଇ ସୃଷ୍ଟି କରିଥିଲା
ଅନେକ କିଛି ...!
ସେ ଚିଠିରୁ କିଛି କିଛି ବୁଝି ହେଉଥିଲା।
ଆଉ କିଛି ଅବୁଝା ହୋଇ ରହି ଯାଇଥିଲା ....!
କିଛି ଶବ୍ଦ ଆଉ କିଛି ଚିତ୍ରକୁ ସେ ସ୍ଥାନିତ କରିଥିଲା।
ଲେଖା ରେ ତୋ ବୁଝି ହେଲା ନାହିଁ ହେଲେ
ଚିତ୍ରରେ ରହିଥିଲା ଅନେକ କିଛି ...!
ଯେମିତି ହେଲେ ମଧ୍ୟ ତାହା ମୋ ପ୍ରଥମ ଚିଠି ..!

ଭବାନୀପାଟଣା , କଳାହାଣ୍ଡି
୭୮୯୪୨୬୭୧୫୪

ISSN NO.
2582-208X

# ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ କିଛି ସୂଚନା



ଅଜୟ କୁମାର ରାଉତ

୧. ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ କୌଣସି ପ୍ରାକ୍-ମୋକଦ୍ଦମା ସ୍ତରରେ ଥିବା ବିବାଦର ଆପୋଷ ସମାଧାନ ପାଇଁ ଲୋକ ଅଦାଲତ ଗଠିତ ।

୨. ଉପରୋକ୍ତ ବିବାଦର ସମାଧାନ ସକାଶେ ବିବାଦୀପକ୍ଷ ଏକ ଦରଖାସ୍ତ ମାଧ୍ୟମରେ ସ୍ଥାୟୀ ଲୋକ ଅଦାଲତଙ୍କୁ ଜଣାଇପାରିବେ।

୩. ଦରଖାସ୍ତ କରିବା ପାଇଁ କୌଣସି ଫି ବା ଶୁଳ୍କ ଦରକାର ପଡେ ନାହିଁ ।

୪. ନିମ୍ନଲିଖିତ ସେବା 'ଲୋକ ଉପଯୋଗୀ ସେବା ଅନ୍ତର୍ଭୁକ୍ତ :-

କ) ରେଳପଥ, ଜଳପଥ ଅଥବା ସଡକ ପଥ ଦ୍ୱାରା ଯାତ୍ରୀ ଓ ସାମଗ୍ରୀ ପରିବହନ ସେବା।

(ଖ) ଡାକ, ତାର ଅଥବା ଜଳଯୋଗାଣ ବ୍ୟବସ୍ଥା ।

ଗ) ଶକ୍ତି, ବିଜୁଳି ଅଥବା ଟେଲିଫୋନ ସେବା।

ଘ) ପରିମଳ ବ୍ୟବସ୍ଥା ।

ଙ) ହାସ୍‌ପାତାଲ ବା ଡାକ୍ତରଖାନାରେ ଉପଲବ୍ଧ ହେବା ସେବା ।

ISSN NO.
2582-208X

ଚ) ବୀମା ସେବା ।

ଛ) ଶିକ୍ଷା କିମ୍ବା ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ

ଜ) ଗୃହ ବ୍ୟବସ୍ଥା ଓ ବାସ୍ତବ ଭୂସମ୍ପତି ସମ୍ବନ୍ଧୀୟ ସେବା ।

ଝ) ବ୍ୟାଙ୍କ ଅନୁଷ୍ଠାନ ଓ ଆର୍ଥିକ ସମ୍ବନ୍ଧୀୟ ସେବା ।

ଞ) ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଚନା ଅଧିନିୟମ, ୨୦୦୫ର ଅଧୁନରେ ଥିବା ସେବା ।

ଟ) ରନ୍ଧନ ଗ୍ୟାସର ନୂତନ ସଂଯୋଗୀକରଣ ଓ ରନ୍ଧନ ଗ୍ୟାସ ଯୋଗାଇବା କିମ୍ବା ପୁର୍ନବାର ଭର୍ତି କରିବା ଏବଂ ଏହା ସମ୍ବନ୍ଧୀୟ ବିଷୟ ।

ଠ) ଆଧାର କାର୍ଡ, ରାସନ କାର୍ଡ, ଭୋଟ ପରିଚୟ ପତ୍ର ଏବଂ ବିପିଏଲ କାର୍ଡ ପ୍ରଦାନ ସମ୍ବନ୍ଧୀୟ ସେବା ।

ଡ) ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ବେକାରୀ ଭରା ସମ୍ବନ୍ଧୀୟ ସେବା

ଢ) ରାଜ୍ୟରେ ଜନ ସାଧାରଣମାନଙ୍କ ନିମନ୍ତେ ବିତରଣ ପଦ୍ଧତି ସମ୍ବନ୍ଧୀୟ ସେବା ଏବଂ

ଣ) ମୋବାଇଲ ଫୋନ୍ ଏବଂ ଇଣ୍ଟରନେଟ୍ ସେବା ।

୫. କୌଣସି ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦ ସ୍ଥାୟୀ ଅଦାଲତର ବିଚାର ପରିସରଭୁକ୍ତ ହେବାକୁ ହେଲେ ବିବାଦୀୟ ସମ୍ପତିର ମୂଲ୍ୟ ୧୦,୦,୦୦,୦୦୦ (ଏକ କୋଟି ଟଙ୍କାରୁ ଉର୍ଦ୍ଧ ହୋଇ ନ ଥିବ ।

୬. କୌଣସି ସାଲିସ୍ ବିହୀନ ଫୌଜଦାରୀ ମୋକଦ୍ଦମା ସମ୍ବନ୍ଧୀୟ ବିବାଦ ଏହି ସ୍ଥାୟୀ ଲୋକ ଅଦାଲତର ପରିସରଭୁକ୍ତ ହୋଇପାରିବ ନାହିଁ ।

୭. କୌଣସି ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦର ସମାଧାନ ପାଇଁ ସ୍ଥାୟୀ ଲୋକ ଅଦାଲତରେ ଦରଖାସ୍ତ ଦାଖଲ ହେବା ପରେ ସେହି ବିବାଦ ଅନ୍ୟ କୌଣସି ବିଚାରାଳୟର ପରିସରଭୁକ୍ତ ହୋଇପାରିବ ନାହିଁ ।

ISSN NO.
2582-208X

୮. ସାଧାରଣତଃ ଉଭୟ ପକ୍ଷଙ୍କୁ ଶୁଣାଣି କରି ଏବଂ ଉଭୟ ପକ୍ଷ୍ୟଙ୍କ ଆପୋଷ ସହମତିରେ ସ୍ଥାୟୀ ଲୋକ ଅଦାଲତରେ ବିବାଦର ସମାଧାନ କରିବେ, କିନ୍ତୁ ଯଦି ଉଭୟ ପକ୍ଷ କୌଣସି ରାଜିନାମା ବା ସହମତିରେ ଉପନୀତ ହୋଇପାରନ୍ତି ନାହିଁ ଏବଂ ଯଦି ବିବାଦୟ୍ୀୟ ବିଷୟ କୌଣସି ଫୌଜଦାରୀ ମୋକଦ୍ଦମା ସହ ସମ୍ବନ୍ଧ ରଖେ ନାହିଁ, ତେବେ ସେହି କ୍ଷେତ୍ରରେ ସ୍ଥାୟୀ ଲୋକ ଅଦାଲତ ପକ୍ଷଙ୍କ ବିନା ସହମତିରେ ମଧ୍ୟ ଉକ୍ତ ବିବାଦର ନିଷ୍ପତି କରିପାରିବେ ।

୯. ସ୍ଥାୟୀ ଲୋକ ଅଦାଲତଙ୍କ ଫଏସଲା ନାମା ଏକ ଦେଓ୍ୱାନୀ ଅଦାଲତଙ୍କ ଡିକ୍ରୀର ମାନ୍ୟତା ବହନ କରିବ ଏବଂ ତାହା ସଂପୃପ୍ତି ଅଞ୍ଚଳର ଦେଓ୍ୱାନୀ ଅଦାଲତଙ୍କ ଦ୍ୱାରା ଅମଳ ଯୋଗ୍ୟ ହୋଇପାରିବ । ବିନା ଖର୍ଚ୍ଚରେ ବା ଅଳ୍ପ ଖର୍ଚ୍ଚରେ ତୁରନ୍ତ ନ୍ୟାୟିକ ସେବା ଉପଲବ୍‌ଧ କରାଇବା ପାଇଁ ସ୍ଥାୟୀ ଲୋକ ଅଦାଲତ ଉଦ୍ଦିଷ୍ଟ ।

ମାନ୍ୟବର ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ଉଦ୍ୟମରେ ରାଜ୍ୟରେ ମଧ୍ୟସ୍ଥିତା କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି। ଏହି ପ୍ରକଳ୍ପଟି ଦେଓ୍ୱାନୀ କାର୍ଯ୍ୟବିଧ ସଂହିତାର ଧାରା ୮୯କୁ କାର୍ଯ୍ୟକାରୀ କରିବା ନିମନ୍ତେ ଅବଧାରଣା କରାଯାଇଛି, ଯାହାକି ବିବାଦର ବିକଳ୍ପ ସମାଧାନ ନିମନ୍ତେ ଏକ ପ୍ରକ୍ରିୟା । ଏହି ବ୍ୟବସ୍ଥାଟି ତାଲିମ ପ୍ରାପ୍ତ ଅଧିବକ୍ତାଙ୍କ ସହାୟତାରେ କାର୍ଯ୍ୟ କରିଥାଏ। ଏହି ପ୍ରକ୍ରିୟା ଦ୍ୱାରା ଅଦାଲତଗୁଡ଼ିକ ଉପରୁ ଚାପ ହ୍ରାସ ହେବା ସଂଗେ ସଂଗେ ବିବାଦଲିପ୍ତ ପକ୍ଷମାନେ ମଧ୍ୟ ବହୁତ ସୁଫଳ ପାଇଥାନ୍ତି ।

ସମ୍ପାଦକ, କଟକ ଲ ଟାଇମସ୍
ଆଇନଜୀବୀ, ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ
ମୋ ୮୨୪୯୪୪୩୦୩୩

ISSN NO.
2582-208X

# ଅନାମିକା



ଦିନେଶ ମେହେର

ଜୀବନର ବାଟରେ ଅନେକ ସମୟରେ
ଅନେକଙ୍କ ସହ ଭେଟ ହୁଏ,
ଅନେକ ଜଣ ହୃଦୟରୁ ଲିଭି ଯାଆନ୍ତି
କିନ୍ତୁ କିଛିଟା ଲୋକ ହୃଦୟରେ ରହି ଯାଆନ୍ତି
ସବୁ ଦିନପାଇଁ...!

ସେଦିନ,
ଭାଦ୍ର ଆକାଶରେ ଅପରାହ୍ନର ଛାଇ
ଲେଉଟିବା ବେଳକୁ
ଦିନଯାକର ଧାଁ-ଦୌଡ଼ ଭିତରେ
ଗୋଟାପଣେ ଥକିପଡ଼ି
ବରମୁଣ୍ଡା ବସଷ୍ଟାଣ୍ଡର ଗୋଟେ କୋଣରେ
ଗୁମ୍ ହେଇ ବସି ପଡ଼ିଲା ବେଳକୁ
ଏକ ଅଜଣା ସ୍ୱର ଶୁଭେ,
"ଆପ୍ କେ ମୋବାଇଲ ଚାର୍ଜର ମିଲ୍ ସକ୍ତା ହେ କ୍ୟା?"

ସେତିକି ବେଳେ ଚମକି ପଡ଼ି ଦେଖିଲା ବେଳକୁ,
ଠିକ୍ ମୋ ବୟସର ଝିଅଟିଏ
କାହିଁ କେତେବେଳୁ ଠିଆ ହେଇଛି ମୋ ଆଗରେ,
ମୁଁ ସଂପୂର୍ଣ୍ଣ ଅଜଣା ଏ ବାବଦକୁ,

ISSN NO.
2582-208X

ସେତେବେଳେ ତା ଉତ୍ତର ରଖିବାକୁ କହିଲି,
"ଜରୁର୍, ପନ୍ଦର ମିନିଟ୍ କେ ବାଦ୍ ଦେ ଦୁଙ୍ଗା"
ସେ ବି ମୁଣ୍ଡ ହଲେଇ
ମୋ କଥାରେ ହଁ ଭରି ଅପେକ୍ଷା କଲା ମୋ ସହ
ମୋ ମୋବାଇଲ ଚାର୍ଜ ହେବା ପର୍ଯ୍ୟନ୍ତ।

ଅଚାନକ ସେ ଓଡ଼ିଆରେ କଥା କହିବାକୁ ଲାଗିଲା,
"ଶୁଣୁଛ, ତମ ଘର କୋଉଠି,
ତମେ କଣ ଭୁବନେଶ୍ୱର ରେ ରହୁଛ ?"
ମୁଁ ଉତ୍ତର ଦେଲି,
"କଳାହାଣ୍ଡି, ନା, ଏଠାକୁ ଗୋଟେ କାମରେ ଆସିଥିଲି ତ,
ତମେ କଣ ଏଠି ରହୁଛ, ଘର କୋଉଠି ତମର ?"
ସେ କହିଲା –
"ହଁ, ଏବେ ଏବେ ବି–ଟେକ୍ ସାରି ଘରକୁ ଫେରୁଛି,
ଘର ମାଲକାନଗିରି ",
ଏଇମିତି ଅନେକ କଥା ହଉ ହଉ
ସେ ନିଜ କଥା ସବୁ କହି ଚାଲିଲା,
ମୁଁ ହଁ ଭରୁଥିଲି, ବୋଧେ ତା କଥା ସବୁ ମନଦେଇ ଶୁଣୁଥିଲି...!

ସେତେବେଳକୁ,
ପଶ୍ଚିମାକାଶରେ ଅସ୍ତ ହେଇ ସାରିଥିଲା ସୂର୍ଯ୍ୟ,
ଭାଦ୍ର ପୂର୍ଣ୍ଣିମାର ଜହ୍ନ
ଆଉଟିକେ ଅଧିକ ଗୋଲ ଦେଖାଯାଉଥିଲା,
ସତେ ଯେମିତି ରୁପା ଥଳିଆ ଟିଏ
କେହି ଜଣେ ଛାଡ଼ି ଯାଇଛି,

ISSN NO.
2582-208X

ଦୁହିଁଙ୍କ ପେଟରେ ଅନେକ ଭୋକ,
ସକାଳୁ ଏଣେତେଣେ ବୁଲୁ ବୁଲୁ
ସତେ ଯେମିତି ଭୋକ ଆଉ ଟିକେ ଅଧିକ ବଢ଼ି ସାରିଲାଣି,
ସେ କହେ,"ଚାଲ ଫ୍ରୁଟ୍ ସାଲାଡ଼ ଖାଇବା,
ଭାରି ଭୋକ ହେଲାଣି",
ମୁଁ ବି ହଁ କହି
ଆମେ ଆଗେଇଲୁ ଡେଲି ମାର୍କେଟ ଆଡ଼କୁ,
ସାଲାଡ଼, ଭନିଲା କେକ୍, ପଇଡ଼ ପାଣି ଖାଇସାରି
ପୁଣି ଥରେ ବସଷ୍ଟାଣ୍ଡକୁ ଫେରି ଆସିବା ପରେ,
ମୋ ମୋବାଇଲ କୁ ଫୋନ୍ ଆସେ,
"ମେହେର ବାବୁ, ବସ୍ ଲାଗି ସାରିଲାଣି
ପଚିଶ ନମ୍ବର ପ୍ଲାଟଫର୍ମରେ, ଶୀଘ୍ର ଚାଲି ଆସ,

ସେତିକି ବେଳେ,
ତର ତର ହେଇ ମୁଁ ଧାଇଁ ଗଲି ପ୍ଲାଟଫର୍ମ ଅଭିମୁଖେ,
ଏତେ ଭିତରେ
ବସ୍ ଛାଡ଼ିବାକୁ ଆଉ କେଇଟା ମିନିଟ୍ ମାତ୍ର,
ହରବର ରେ ତା ନାଁ ପଚାରି ପାରିଲିନି,
କି ତା ଠିକଣା ବୁଝି ପାରିଲିନି
ତଥାପି କାହିଁକି କେଜାଣି
ତା ଠି ବନ୍ଧୁତାର ଗୋଟେ ଝଲକ୍ ପାଇ
ଆଜି ବି ମନେ ପଡେ
ସେଇ ଅଭୁଲା ସନ୍ଧ୍ୟା।।।।

ପଳାସ, କଳାହାଣ୍ଡି
ମୋ – ୮୦୧୮୮୨୮୪୫୬

ISSN NO.
2582-208X

# ଶେଷ ପୃଷ୍ଠା

ଧନରାଜ୍ ନାଗ

ଶେଷ ହେଲା ଆଜି ଲେଖା ଶେଷ ପୃଷ୍ଠାଟି
ସେମିତି ରହିଗଲେ ସ୍ୱପ୍ନସବୁ
ଅଧାଗଢ଼ା ବାଲିଘର ପରି
ଅସଜଡା ହୋଇ ।

ନିମିଷକେ ବଦଳିଗଲା
ଆଜି ମୋ ପରିଚୟ
ଚଞ୍ଚଳ ମନ ସ୍ତମ୍ଭୀଭୂତ ହେଲା
ଅଛୁଆଁ ହେଲା ଏ ଦେହ,
ଆଖିରେ ଆକାଶେ ନିଦ,
ଆବୋରି ନେଲେ ମୋ ପ୍ରାଣକୁ
ଆଉ ମୁଁ କୋଳେଇ ନେଲି
ଏ ଅସରା ରିତାକୁ
ଚିରଦିନ ପାଇଁ ନିଜର କରି ।

ସଜାଡ଼ିବା ପାଇଁ ସେସବୁ
ଆଉ ଆଜି ସମୟ କାହିଁ ?
ମନରେ ଚିତ୍ରିତ ହେଇଥିବା
ସବୁ ଚିତ୍ରପଟ ଝାପସା ହେଲେ,
ଆଉ ସେସବୁ ପୁଣିଥରେ
ବଖାଣିବା ପାଇଁ ଭାଷା ମଧ୍ୟ ନାହିଁ,

ISSN NO.
2582-208X

ଓଠ ଦିଓଟି ନିରବୀ ଗଲେ
ବାକ୍ ଯନ୍ତ୍ର ମୋ ଅଚଳ ଆଜି
ଶିଥିଳ ହେଲେ ମୋ ସ୍ନାୟୁ ଗୁଚ୍ଛ
ଜଡ଼ତା କୁ ଆଲିଙ୍ଗନ କରି ।

ଆଜି ମୁଁ କ୍ଷୁଧା ମୁକ୍ତ
ଯନ୍ତ୍ରଣା ମୁକ୍ତ
ମୁକ୍ତ ଆଜି ଏହି କୋଳାହଳ ଜଗତରୁ
ଆଉ ନାହିଁ ମୋର ସେ ରୂପ
ନାହିଁ ଆଉ ମୋ ସେ ପ୍ରତିକ୍ରିୟା
ମୁଁ ନିର୍ବାକ, ନିସ୍ତେଜ
ନିଜକୁ ଅନାବୃତ କଲି
ଏ ମାୟା ବନ୍ଧନରୁ,
ମୋ ପୂର୍ଣ୍ଣ ପରିଚୟ ପାଇ
ଶୂନ୍ୟବିନ୍ଦୁ ରେ ଶୂନ ହୋଇ
ଲୀନ ହେଲି ଆଜି ଚିରଦିନ ପାଇଁ
ଅଲେଖା କବିତାଟିଏ ହୋଇ ...

((()))

ISSN NO.
2582-208X

# ସୂର୍ଯ୍ୟ



ହେମନ୍ତ କୁମାର ବର୍ଇ

ଭଗବାନ ବିରାଟଙ୍କ ନୟନୁ ଯାହାର
ଅଭିବ୍ୟକ୍ତି ସେ ଜ୍ୟୋତି ଧନ ସହସ୍ରକର ।।
ଭାରତୀୟ କର୍ମନିଷ୍ଠ ଦ୍ୱିଜାତି ଜଗତ
କରନ୍ତି ଯା ନାମେ ଦିବ୍ୟାଞ୍ଜଳୀ ନିବେଦିତ ।।
ସମସ୍ତ ଚରାଚର ଜନ ଜୀବନ ଦାତା
ଉଷ୍ମତା ଜ୍ଞାନର ସ୍ୱରୂପ ଭାଗ୍ୟ ବିଧାତା ।।
ଅଙ୍ଗରେ ଯଥା ଆତ୍ମାର ଚୈତନ୍ୟ ପ୍ରକାଶ
ହୁଏ ତବ କରେ ପ୍ରକୃତି ପ୍ରବୃତ୍ତି ବିକାଶ ।।
ନାହିଁ ତ କିରଣରେ ଭେଦାଭେଦ ଭାବ
ଦ୍ୱିଜାଦ୍ୱିଜ ଲଭନ୍ତି ତବ ଜ୍ୟୋତି ବିଭବ ।।
ସୀମିତ ଆଦାନ ଅସୀମିତ ବିସରଣ
ନୁହେଁ କି ଭାରତ ବିଶେଷତ୍ୱ ବରଣ ।।
ଭାରତୀୟ ସଂସ୍କୃତିର ଚିର ବାର୍ତ୍ତାବହ
ଔଦାର୍ଯ୍ୟ ଗୁଣ ତଥା ଦିବ୍ୟଭାବ ସମୂହ ।।
ଯେଉଁ କରେ ମାନବ ପ୍ରକାଶି ଦିବ୍ୟଭାବ
ମହାମାନବ ବୋଲାଇ ତେଜିଛନ୍ତି ଭବ ।।
ସେ ଦିବ୍ୟ କରାଶିଷେ ପୁରୁ ମୋ ହୃଦୟ
ମୋ ଭାରତ ଦେଶ ହେଉ ସେ କରେ ସଦୟ ।।

ରୁଷୁଡା,ବରଗଡ/ମୋ:-୮୯୧୭୫୧୮୭୭୪

ISSN NO.
2582-208X

# ଜେଜେ ଙ୍କ ପାଖକୁ ଚଠି



ପ୍ରଦୀପ କୁମାର ମହାନ୍ତ

ପୂଜ୍ୟସ୍ପଦ, ଜେଜେ

ଜୀବନ ଚକ୍ରରେ ଆପଣ ଜଣେ ଅଭୁଲା ଅତିଥି ହୋଇଯାଇଥିଲେ ମଧ୍ୟ ମୋ ଭଳି ଅଧମର ହୃଦୟଭରା ପ୍ରଣାମ ଗ୍ରହଣ କରିବେ ଏବଂ ମମତାମୟୀ, ନିରଅହଙ୍କାରୀ ସବୁରି ପ୍ରିୟ ଜେଜେ ମାଆ ଙ୍କୁ ମୋର ଆନ୍ତରିକ ପ୍ରଣାମ ଜଣାଇ ଦେବେ।

ଆପଣ ମାନଙ୍କ ଆର୍ଶୀବାଦ ରୁ ଆମ୍ଭେ ମାନେ ସମସ୍ତେ ଭଲରେ ଅଛୁ। ଆଶା .କରୁଛି ଆପଣ ମାନେ ମଧ୍ୟ ସ୍ୱର୍ଗରେ ଜେଜେ ମାଆ ଙ୍କ ସହିତ ଭଲରେ ଥିବେ। ଜଣକ ପରେ ଜଣେ ଡକାଡକି ହୋଇ ଚାଲି ଗଲେ ସିନା ହେଲେ ଏହା ନିଶ୍ଚିତ ଯେ ଜେଜେ ମାଆ ଙ୍କ ସହିତ ପ୍ରଥମ ସ୍ୱର୍ଗରେ ଦେଖା ହୋଇଥିବା ସମୟରେ ମୋ କଥା ନିଶ୍ଚିତ ପଚରିଥିବେ ଏବଂ ଆପଣଙ୍କ ଠାରୁ ସମସ୍ତ କଥା ଶୁଣିବା ପରେ ଜେଜେ ମାଆ ଖୁସି ହୋଇଥିବେ ନିଶ୍ଚିତ। ମାଧ୍ୟମିକ ପରୀକ୍ଷାରେ ଅସଫଳ ହୋଇଥିବା ବେଳେ ଆପଣଙ୍କ ପ୍ରେରଣା, ପିତୃ ତୁଲ୍ୟ ଉପଦେଶ ସହ ଗୁରୁ ତୁଲ୍ୟ ଆଦେଶ ମୋ ପାଇଁ ପୁର୍ନବାର J N High School ହେଡ ମାଷ୍ଟର ଶ୍ରୀ ଯୁକ୍ତ କୈଳାସ ଚନ୍ଦ୍ର ମଲ୍ଲିକ (କୈଳାସ ସାର)ଙ୍କୁ ଅନୁରୋଧ କରି ମୋତେ ନବନ ଶ୍ରେଣୀରେ ନାମ ଲେଖେଇ ମୋ ଶିକ୍ଷା ଜୀବନକୁ ଉଦଜୀବିତ କରିଥିଲେ ତାହା ଆଜି ମୋତେ +୩ ପରେ ମାଷ୍ଟର ଡ଼ିଗ୍ରୀ ଯଗ୍ୟତା ହାସଲ କରିବାରେ ବେଶ ସହାୟକ ହୋଇପାରିଥିଲା । ଚପଳ ମନରେ ଯୁବ ସୁଲଭ ବୟସରେ ଆପଣଙ୍କ ସହିତ ବିତେଇଥିବା ମୁହୁର୍ତ ଏବେ ବି ଜୀବିତ ରହିଛି।ଆପଣ ମୋତେ ପାଠ ପଢିବା ପାଇଁ କହୁଥିଲେ ନହେଲେ ସମାଜର ଅବହେଳିତ, ଗରିବ ଲୋକଙ୍କ ପାଇଁ କାହାର ବର୍ଦ୍ଧକ ଭତା କାହାର ବିଧବା ଭତା ତ ଆଉ କାହାର ବିକଳାଙ୍ଗ ଭତା କରିବା ପାଇଁ କେତେ ବେଳେ କସ୍ବା ସରପଞ୍ଚ ପ୍ରଭାତ

ISSN NO.
2582-208X

କୁମାର ନାୟକ (ନିନା ନନା)ଙ୍କ ପାଖକୁ ତୋ ଆଉ କେତେ ବେଳେ R I ଅଫିସ ମଲ୍ଲିକାପୁର ପୁଣି ସେହି ଫର୍ମ ନେଇ ଦଶରଥପୁର ବ୍ଲକ ଏସିଓ ପ୍ରଭାସ କୁମାର ଦାଶ (ପ୍ରଭାସ ସାର)ଙ୍କ ପାଖକୁ କିଛି କିଛି କାମରେ ଯାଜପୁର ଜିଲ୍ଲାପାଳ ଙ୍କ ପାଖକୁ ଏବଂ ଯାଜପୁର ସିଡିଏମ୍ ଅଫିସ କୁ ପଠାଉଥିଲେ । ସେଦିନ ବିଚାର ଓ ଧର୍ଯ୍ୟର ଅଭାବ ଥିବା ଏ ମଣିଷ ଆପଣାଙ୍କ ପରିକ୍ଷାର ପ୍ରଶ୍ନକୁ ବୁଝି ପାରିନଥିଲେବି ମୋ ମୁଣ୍ଡ ଉପରେ ଛାତ ଭଳି ଆପଣଙ୍କ ଆର୍ଶିବାଦ ଭରା ହାତଟାର ମୂଲ୍ୟ ବର୍ତ୍ତମାନ ଅନୁଭବ କରିପାରୁଛି। ଯାହାକି ମୋତେ ଆଜିର ସମାଜରେ ଅବହେଳିତ, ନିଷ୍ପେସିତ ଲୋକମାନଙ୍କ ସେବା କରିବାପାଇଁ ପଥ ପରିଷ୍କାର କରିଛି। ସେଦିନ ଆପଣଙ୍କ ବଳିଷ୍ଠ ଉଦ୍ୟମରେ ସାଧାରଣ ମଣିଷଟିଏ ସହଜ ଓ ସରଳ ମାଧ୍ୟମରେ ସେବା ପାଇପାରୁଥିଲା। ତାହା ହିଁ ଆଜି ମୋ ପାଇଁ ପ୍ରେରଣାର ଉତ୍ସ ପାଇଛିଛି । ଆପଣ ମୋତେ ଏତେ ସ୍ନେହ, ଆଦର, ବିଶ୍ୱାସ ସହ ମୋ ଉପରେ ଅତୁଟ ଭରସା ରଖିଥିଲେ ଯେ ମୋର ଯୌବନ କିପରି କଟି ଯାଇଥିଲା ମୁଁ ଜାଣି ପାରିଲି ନାହିଁ। ମୋତେ ଆପଣ ଶିକ୍ଷା, କର୍ମ ଏବଂ ସଭା ସେମିତି ରେ ଲିପ୍ତ ରଖିଥିଲେ। ଜେଜେ ଆପଣ ଦେଇଥିବା ଶିକ୍ଷା ମୋ ପାଇଁ ମୂଲ୍ୟବାନ। ଆଜି ସେହି ଶିକ୍ଷା କୁ ନେଇ ମୁଁ ପ୍ରତେକ୍ ଦିନ ଏବଂ ପ୍ରତିଟି ମୁହୂର୍ତ ସମାଜ ସେବାରେ କିପରି ବିନିଯୋଗ କରିପାରିଛି ଏବଂ ଅନେକ କାର୍ଯ୍ୟରେ ସଫଳ ହେଉଛି। ଜେଜେ ଆପଣଙ୍କ ସହିତ କାମଳପୁର ରେ ଥିବା ସମୟରେ ଚାଷ କାମରେ ଆଗ୍ରହର ସହିତ ବିଲକୁ ଯାଉଥିଲି। ଯାହାକି ଆଜି ମୋତେ ସଫଳ କୃଷି ହିସାବରେ ଓଡ଼ିଶା ତଥା ଭାରତ ବର୍ଷ ରେ କିଛି ମାତ୍ରାରେ ପରିଚୟ ସୃଷ୍ଟି କରି ପାରିଛି। ନିଜସ୍ୱ ଜମିରେ ପାରମ୍ପରିକ ଭିତ୍ତିରେ ନିଜ ଦ୍ୱାରା ପ୍ରସ୍ତୁତ ଜୈବିକ ଖତ ବ୍ୟବହାର କରି ସଫଳତା ପାଇବା ପରେ ଦୈନିକ ଖବରକାଗଜ ଧରିତ୍ରୀ ରେ ପ୍ରକାଶିତ ପରେ ମୋତେ ବିଭିନ୍ନ ଦିଗରୁ ଶୁଭେଚ୍ଛା ମାନ ପ୍ରଦାନ କରିଥିଲେ। ସେହିପରି ଗତ ବର୍ଷ ଯୁଗ ଅନୁଯାୟୀ ଏବଂ ମାର୍କେଟର ଆବଶ୍ୟକତାକୁ ଅନୁଧ୍ୟାନ କରି ସୁଗାର ଫ୍ରି ଏବଂ ବିରୀୟାନି ମୂଲ୍ୟବାନ ଧାନ ଚାଷ ରେ ମଧ୍ୟ ନୂତନ ଅଧ୍ୟାୟ ସୃଷ୍ଟି କରି ପାରିଛି। ତାହା ମଧ୍ୟ ଦୈନିକ ଖବର କାଗଜ ସମ୍ବାଦ, ଧରିତ୍ରୀ, ଏବଂ ପ୍ରଗତି ବାଦି ପ୍ରକାଶିତ ହୋଇଥିଲା।

ଜେଜେ ଆପଣ ଜାଣି ଖୁସି ହେବେ ଯେ ସରୋଜ ସାର ମୋତେ ଯୋଉ କର୍ମ ସସ୍ଥାନରେ ନିୟଜିତ କରେଇ ଥିଲେ, ସେହି କମ୍ପାନୀ ରେ ମୋତେ କର୍ମଠ କର୍ମଚାରୀ ପୁରଷ୍କାର ମିଳିଛି। ତାସହିତ କଟକ ସହିଦ ଭବନରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଙ୍କ ୧୨୫ ତମ ଜନ୍ମତିଥି ଅବସରରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳିଙ୍ଗ ଭାରତୀ

ISSN NO.
2582-208X

ଫଉଡେଶନ ଆନୁକୁଲ୍ୟରେ ସାମାଜିକ ସେବା ସନ୍ମାନ ମେଡାଲ ସହିତ ମାନପତ୍ର ମିଳିଥିଲା, ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଧ୍ୟ ବେଷ୍ଟ ଜୈବିକ କୃଷି ସମ୍ମାନରେ ସମ୍ମାନୀତ ହେବା ସହିତ ମାନପତ୍ର ମିଳିଥିଲା। ସେହିପରି MAYFAIR Convention ଭୁବନେଶ୍ୱର Argus News ଏକ ବର୍ଷ ପୂର୍ତ୍ତି ଅବସରରେ ସଫଳ କୃଷି ହିସାବରେ ନିମନ୍ତ୍ରଣ କରିଥିଲେ ଏବଂ ସମାଜ ସେବା କ୍ଷେତ୍ରରେ କାମ କରୁଥିବା ବିଭିନ୍ନ ସଙ୍ଗଠନ ସହିତ ବର୍ତ୍ତମାନ ଜଡ଼ିତ ହୋଇ ରହିଛି ସାହିତ୍ୟ କ୍ଷେତ୍ରରେ ମଧ୍ୟ ଶବ୍ଦ ସୁରଭି ସାହିତ୍ୟ ପତ୍ରିକାରେ ବିଶିଷ୍ଟ ଲେଖକ ଲେଖିକା ମାନଙ୍କ ସହିତ ଜଡିତ ଅଛି ଜେଜେ। କିନ୍ତୁ ଜେଜେ ମୋତେ ଯାହା କହିଥିଲେ ଆପଣ ଯେ ଜୀବନ ସହଜ ବା ସରଳ ନୁହେଁ ସେଥିପାଇଁ କଠିନ ପରିଶ୍ରମ ଏବଂ ସମୟାନୁବର୍ତିତା ହେବାକୁ ପଡ଼େ ତାହା ପ୍ରକୃତରେ ସତ୍ୟ। ଆଜି ମୁଁ ବୁଝି ପାରୁଛି। ଏଣୁ ଜେଜେ ଯେତେ ବେଳେ ଯୋଉଠି ମତେ ସମ୍ମାନିତ ମିଳେ ଆପଣଙ୍କ କଥା ବହୁତ୍ ମନେ ପଡ଼େ ଏମିତି ଲାଗେ ଆଜି ଜେଜେ ଥିଲେ ମୋ ସଫଳତା ଦେଖିଲେ ବହୁତ୍ ଖୁସି ହୁଅନ୍ତେ । ଜେଜେ ଆପଣ ମୋ ଲେଖା ଜେଜେ ମାଆ ଙ୍କୁ ମଧ୍ୟ ଜେଣେଇବେ।

ଶେଷରେ ଜେଜେ ଆପଣଙ୍କୁ ମୋର ଏତିକି ବିନତି ମୋତେ ଆଶୀର୍ବାଦ ପ୍ରଦାନ କରନ୍ତୁ ଯେ, ବଡ ମଣିଷ ନହେଲେ ନାହିଁ ଭଲ ମଣିଷ ଟେ ହୋଇପାରିବି।

ଶୁଭେଚ୍ଛା ଓ ସମ୍ମାନ ସହ

ଆପଣଙ୍କ ସ୍ନେହର

ପ୍ରଦୀପ କୁମାର ମହାନ୍ତ (ଦୀପୁ)

ଶଙ୍କରପୁର, ରରୁଆଁ, ମୟୂରଭଞ୍ଜ, ଓଡ଼ିଶା
ପିନ୍ କୋଡ ୭୫୭୦୩୫
Mob No:- +91-9583040803

ISSN NO.
2582-208X

# ଆମ ଗଣତନ୍ତ୍ର



ପ୍ରହ୍ଲାଦ ସାହୁ

ଭାରତ ମାତାର ଜୟ ଗାନ କରି
ଗଣତନ୍ତ୍ର ଦିବସେ ହେବା ଏକତ୍ର।
ଦେଶ ମାତୃକାର ଜନମ ତିଥିରେ
ଆସ ସଭିଏଁ କରିବା ତା ସ୍ୱାଗତ। 1
ଶାନ୍ତି, ମୈତ୍ରୀ ଏବଂ ପ୍ରଗତି ପଥରେ
ସର୍ବଦା ଆଗେ ଆମ ଭାରତ ମାତା
ଆସ ଆମେ ମେଳ ହୋଇ ଗାଇଯିବା
ଆମ ଗଣତନ୍ତ୍ରର ଅମୂଲ୍ୟ ଗାଥା।। 2
ଉଣିସି ସହ ଅଣଚାଶ ମସିହା
ନଭେମ୍ବର ମାସ ଛବିଶ ତାରିଖ
ଆମ ସମ୍ବିଧାନ ପରିଷଦ ମଧ୍ୟେ
ଗୃହୀତ ହୋଇଥିଲା ଯେ ସମ୍ବିଧାନ। 3
ଜାନୁୟାରୀ ମାସ ଛବିଶ ତାରିଖ
ଉଣେଇଶି ସହ ପଚାଶ ମସିହା
ଡ ରାଜେନ୍ଦ୍ର ପ୍ରସାଦ ଅଧ୍ୟକ୍ଷତାରେ
ଆମ ସମ୍ବିଧାନ କାର୍ଯ୍ୟକାରୀ ହେଲା।। 4
ଦୀର୍ଘ ଦୁଇ ବରଷ ଏଗାର ମାସ
ଅଠର ଦିନ ଅକ୍ଳାନ୍ତ ପରିଶ୍ରମେ
ଆମ ସମ୍ବିଧାନ ରାଷ୍ଟ୍ରୀୟ ନିୟମ
ବାବାରାଓ ଆମ୍ବେଦକର ଲେଖିଲେ। 5

ISSN NO.
2582-208X

ଗଣତନ୍ତ୍ର ପ୍ରଥା ସଂଘୀୟ ବ୍ୟବସ୍ଥା
ବହୁଦଳୀୟ ପ୍ରଣାଳୀଗତ ରାଷ୍ଟ୍ର
ମୌଳିକ କର୍ତ୍ତବ୍ୟ ଏବଂ ଅଧିକାର
ଏକ ମୁଦ୍ରାର ଅଟେ ଦୁଇଟି ପାର୍ଶ୍ୱ।6
ସଭିଙ୍କ ହାତେ ଆଉ ପ୍ରତି ସ୍ଥାନରେ
ଭାରତ ମାତାର ତ୍ରୀରଙ୍ଗା ପତାକା
ଦେଶ ସାରା ଆଜି ଜୟ ଜୟକାର
ବିଦେଶେ ବି ଭାରତର ନାମ ଉଚ୍ଚା।7

ନୟୁଦିଲ୍ଲୀ
ମୋ: 9540531274

ISSN NO.
2582-208X

# ଆଜିର ଶିକ୍ଷା

ପ୍ରକାଶ ଚନ୍ଦ୍ର ପଣ୍ଡା

ବଦଳିଯାଇଛି ଶିକ୍ଷା ପରିଭାଷା
ବଦଳିଯାଇଛେ ଆମେ
ଶିକ୍ଷକ ଆଜି ଶିକ୍ଷାକୁ ଛାଡି
ମିଥ୍ୟା ପଥରେ ଭ୍ରମେ ।
ସତେକି ଆଜି ଶିକ୍ଷାରେ ବ୍ୟବସ୍ଥା
ଭୁଷୁଡି ପଡିଛି ଲାଗେ
ପୁସ୍ତକ ଛାଡି ଶିକ୍ଷକ ଆଜି
ଅଣଶିକ୍ଷା ବାଟେ ମଜେ ।
ଖୋଜୁଛି ଶିକ୍ଷକ ପୁରୁଣା ସ୍ମୃତି
କେତେ ଥିଲା ଆତ୍ମୀୟତା
ଶିକ୍ଷା ଦାନରେ କଟୁଥିଲା ଦିନ
କେତେ ଆନନ୍ଦ ସେ ପ୍ରଥା ।
ଗୁରୁ ଶିଷ୍ୟ ର ସମ୍ପର୍କ ଆଜି
ପାଲଟିଛି କଳୁଷିତ
ମନ୍ଦିର ରୂପକ ବିଦ୍ୟାଳୟ ଆଜି
ହୋଇଛି ସତେ ଦୂଷିତ
ପରିବର୍ତ୍ତନ ନାମରେ ଆଜି
ଶିକ୍ଷା ହେଲା ଦିଗହରା
ବାସ୍ତବତା ଛାଡି ମରୀଚିକା ପଛେ
ଶିକ୍ଷକ ଧାଏଁ ବିଚରା ।

ISSN NO.
2582-208X

ପ୍ରତ୍ୟେକ ଦିବସ କଟୁଛି ଆଜି
ପାଳିବାରେ କିଛି କିଛି
ଚିଠି ପରେ ଚିଠି କାର୍ଯ୍ୟ କରିବାରେ
ଯାଏ ବର୍ଷ ମାସ ବିତି ।
ଶୈକ୍ଷିକ ଧାରା ହୋଇଛି ଗୌଣ୍ୟ
ଅଣ ଶୈକ୍ଷିକ ବେଶୀ
ପ୍ରହସନ ଆଜି ଶିକ୍ଷା ବ୍ୟବସ୍ଥା
ସମୟ କେବଳ ସାକ୍ଷୀ ।

ସହ ଶିକ୍ଷକ
ଦୂରଭାଷ : ୮୨୪୯୪୯୦୭୪

ISSN NO.
2582-208X

# ଶଙ୍ଖା ସିନ୍ଦୁର ହେଲା ଅଡ଼େଇଦିନିଆ

ପ୍ରଜ୍ଞା ପରିମିତା ସାମଲ

ପରିବାରରୁ ସ୍ୱାମୀ ସୁଖ ଚାଲିଗଲା,
ଶାଶୁ କହେ ମୋ ପୁଅକୁ ସେ ମାରିଲା ।
କେତେ ନିନ୍ଦା ଅପମାନରେ କାଟୁଛି ଦିନ,
ଘରେ ଚଳୁଛି ସେ ହୋଇ କେତେ ହିନମାନ ।

ଘରୁ କାଢେ ନାହିଁ ତାର ଗୋଡ଼,
ତା ପାଇଁ ଦୁନିଆଁ ତା,
କୋଠରୀର ଚାରି କାନ୍ଥ
ପୁଅ ଝିଅ କହୁଛନ୍ତି,
ମାଁ, ବାପା କାହିଁ ? ମାଁ, ବାପା କାହିଁ ?

ମା କାନ୍ଦୁଛି ଚାହିଁ ସେ ଦୁହିଁଙ୍କ ମୁହଁ।
ସଭିଙ୍କ ଠାରୁ ହୋଇଯାଏ ସେ ଭିନ୍ନ ।
ରହେ ଏକା ଏକା ସବୁ ଦିନ ।

କରିବ କଣ, କଣ ନାହିଁ,
ଜଣା ନାହିଁ ତାକୁ କିଛି,
ଖାଇବା ଅଛି କିନ୍ତୁ,
ରୁଚୁ ନାହିଁ ଅନ୍ନ ପାଟିକୁ ତାର ।

ଚିନ୍ତା ଘାରୁଛି ତାକୁ,
ଚଳାଇବ କେମିତି ଘରେ ବସି

ISSN NO.
2582-208X

ସନ୍ତାନ ଦୁହିଁଙ୍କୁ ତାର ।
ନିନ୍ଦା ଅପମାନ ସହି ପଛେ ଯିବ
ହେଲେ, ଯିବ ସେ ଆଜିଠୁ କାମକୁ ।

ପଡୋଶୀ ମାନଙ୍କ ଶୁଣି ଶୁଣି କଥା
ବାଟରେ ଚାଲେ ନୁଆଁଇ  ମଥା ।
ଶଙ୍ଖା ସିନ୍ଦୁର ଥିଲା ତାର ସୁହାଗ
ଆଜି ସେଠାରେ ଯମ ବସାଇଛ
ତାର ଭାଗ, ତାର ଭାଗ  ।

ଝୁରି ଝୁରି ମନେ ପକାଉଛି
ତାର ପୁରୁଣା ସ୍ମୃତିକୁ
କିନ୍ତୁ,
ବଦଳି ଯାଇଛି ଆଜି, ସମୟର ଗତି।

ଶପଥ କରିଥିଲା ବାଟ ଚାଲିବ
ସାତ ଜନ୍ମ ପାଇଁ
କିନ୍ତୁ, ସେ ମଣିଷଟା ଆଜି
ନାହିଁ ଏ ଧରା ପୃଷ୍ଠେ, ନାହିଁ ଜୀବନ୍ତ ।

କେତେ ନିଷ୍ଠୁର ଆଜି ଏ ଭଗବାନ
କରି ଦେଇଛି ଆଜି
ପରିବାର ସୁଖକୁ ସେ କରି ଦେଇଛି
ଛାର ଖାର, ଛାର ଖାର ।

ଏମ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମ୍ବଲପୁର

ISSN NO.
2582-208X

# ଜଗତ ଜନନୀ ମା ଲକ୍ଷ୍ମୀ



ସୁଶାନ୍ତ କୁମାର ବେହେରା

ଜଗତ ଜନନୀ ମା କଲ୍ୟାଣ ମୟୀ
ଧନପ୍ରଦାୟିନୀ ବିଷ୍ଣୁଙ୍କ ଘରଣୀ ।
ନମସ୍କାର ଘେନ ମାତା ଦେବୀ ଲକ୍ଷ୍ମୀ
ତୁମ୍ଭ ଆଶୀର୍ବାଦେ ଦୁଃଖ ହେଉ ଦୂରୀ ।
ମାର୍ଗଶିର ମାସ ଶୁଭ ଗୁରୁବାରେ
ପାଦ ତୁମ ପଡେ ଏହି ମର୍ତ୍ତ୍ୟଧାମେ ।
ଗୋମୟ ରେ ଲିପା ହୁଏ ଘରଦ୍ୱାର
ଲକ୍ଷ୍ମୀ ପାଦ ଚିତା ପଡଇ ସୁନ୍ଦର ।
ମାଙ୍କ ପୂଜାରେ ସର୍ବେ ନିମଗ୍ନରତ
ନୂତନ ବସ୍ତ୍ର ପନ୍ଧି ମନ ପବିତ୍ର ।
ସବୁ ଲକ୍ଷ୍ମୀପୂଜା ଉଛବ ମୁଖର
ଧନୀ ଠୁ ଗରିବ ପୂଜନ୍ତି ଜାତିର ।
ହୁଳୁହୁଳି ଶବ୍ଦ ଜଗତ ପୁରଇ
ଦୁଃଖ ଦୂର କରେ ଜଗତେ ଓଲ୍ହାଇ ।
ନାରୀମାନେ ବ୍ରତ ଉପାସ କରନ୍ତି
ମନଧ୍ୟାନ ସହ ପୂଜା ଭୋଗ ଲଗାନ୍ତି ।
ବଡ଼ ବଡ଼ ତୋରଣ ଗାଁଠୁ ସହର
ସୁସଜ୍ୟା ଆଲୋକ ମାଳା ମନୋହର ।

ISSN NO.
2582-208X

ପିଲାଠୁ ବଡ଼ ଯେ ସଭିଏଁ ଭ୍ରମନ୍ତି
ମାଙ୍କ ଦର୍ଶନ ମିନବଜାର ଯାନ୍ତି ।
ପ୍ରତିବର୍ଷ ଲକ୍ଷ୍ମୀପୂଜା ଆନନ୍ଦ ରେ
ଜଗତ ମୁଖର ସୁଖ ସମୃଦ୍ଧି ରେ ।
ଧନରତ୍ନ ପ୍ରଦାୟିନୀ ମା କମଳା
ମସ୍ତକେ ତାହାର କୋଟି ରତ୍ନମାଳା ।

କୁଆଖିଆ, ଯାଜପୁର

ISSN NO.
2582-208X

# ଭଗବାନ ବିଶ୍ୱରେ କ'ଣସବୁ କରୁଛନ୍ତୁ?



ମମତା ନାୟକ

ପୃଥିବୀରେ ସମସ୍ତ ଧର୍ମପରାୟଣ ମଣିଷମାନେ ବିଶ୍ୱାସ କରନ୍ତି -ଭଗବାନ ହେଉଛନ୍ତି ବିଶ୍ୱର ସୃଷ୍ଟିକର୍ତ୍ତା । ସେ ହିଁ ପ୍ରକୃତିର ନିୟନ୍ତ୍ରଣ କର୍ତ୍ତା ଏବଂ ପ୍ରାଣୀ ଜଗତ, ବିଶେଷ କରି ମାନବଜାତିର ପାଳନ କର୍ତ୍ତା । ସେଥିପାଇଁ ତାଙ୍କୁ ମଣିଷମାନେ ମାଲିକ ବୋଲି ମଧ୍ୟ ସମ୍ବୋଧନ କରିଥା'ନ୍ତି । ଭଗବାନ ସର୍ବବିଦ୍ୟମାନ ଓ ସର୍ବଜ୍ଞ ହୋଇଥିବାରୁ ପ୍ରତ୍ୟେକ ଅଣୁ ପ୍ରତିଅଣୁରେ ତାଙ୍କର ଉପସ୍ଥିତି ରହିଛି । ଦୁନିଆରେ ଯାହା ବି ଘଟୁଛି, ତାହା ପ୍ରଥମେ ଭଗବାନ ନିର୍ଦ୍ଧାରଣ କରିଥା'ନ୍ତି । ସେ ମଣିଷର ଭଲ ଓ ମନ୍ଦ କର୍ମର ହିସାବ ରଖନ୍ତି । ସେହି ଅନୁସାରେ ଫଳ ବି ଦିଅନ୍ତି । ଭଲ କର୍ମ କରୁଥିବା ମଣିଷଙ୍କପାଇଁ ସ୍ୱର୍ଗ ଏବଂ ମନ୍ଦ କର୍ମ କରୁଥିବା ପାପୀ ମଣିଷଙ୍କପାଇଁ ନରକ ତିଆରି କରିଛନ୍ତି । ହିନ୍ଦୁ ଧର୍ମର (୮୪ ଲକ୍ଷ ଯୋନୀରେ ଜନ୍ମ ହେବାର ବ୍ୟବସ୍ଥା ଅଛି) ଭଗବାନ ମଣିଷଙ୍କୁ ପୁନର୍ଜନ୍ମ ଦେଇ, ଭଲ ଲୋକମାନଙ୍କୁ ଉଚ୍ଚ ଯୋନୀରେ ଏବଂ ମନ୍ଦ ଲୋକମାନଙ୍କୁ ନୀଚ ଯୋନୀରେ ଜନ୍ମ କରାଇଥା'ନ୍ତି ।

ଉପରୋକ୍ତ ବିଶ୍ୱାସ ବା ଦାବିଗୁଡିକରେ କେତେ ସତ୍ୟତା ଅଛି, ଆସନ୍ତୁ ତାର୍କିକ ଢଙ୍ଗରେ ବିଚାର କରିବା । ପ୍ରଥମ ପ୍ରଶ୍ନ -ସତରେ ଭଗବାନ କ'ଣ ଆମର ପାଳନ କର୍ତ୍ତା ଏବଂ ସେ କ'ଣ ସତରେ ଆମର ସମସ୍ତ ଭଲ ଓ ମନ୍ଦ କର୍ମପାଇଁ ଦାୟୀ? ଏହାର ଉତ୍ତର ଖୋଜିବା ପୂର୍ବରୁ ଆଉ ଏକ ପ୍ରଶ୍ନ ଉଠୁଛି ଯେ, ଭଗବାନ ସାରା ବିଶ୍ୱରେ ଏତେ ଗ୍ରହ ଥିବା ସତ୍ତ୍ୱେ, ପ୍ରାଣୀଜଗତ ଓ ମଣିଷଙ୍କପାଇଁ କେବଳ ପୃଥିବୀକୁ ହିଁ କାହିଁକି ବାଛିଲେ? ପୃଥିବୀପାଇଁ ତାଙ୍କର ଏତେ ପ୍ରେମ ଓ ଆକର୍ଷଣ ଥିଲା କାହିଁକି? ଏହିଠାରେ ଜଳ, ବାୟୁ, ଆଲୋକ,

ISSN NO.
2582-208X

ମାଟି ଆଦି ସୃଷ୍ଟି କରି ଜୀବସତ୍ତାର ଉଦ୍ଭବ କଲେ । ଏହାଦ୍ୱାରା ସେ କ'ଣ ଗ୍ରହଗୁଡିକ ଭିତରେ ପାତର ଅନ୍ତର କରିନାହାଁନ୍ତି ?

ଦ୍ୱିତୀୟ ପ୍ରଶ୍ନ - ଯଦି ଭଗବାନ ସୃଷ୍ଟିର ମାଲିକ ତେବେ ସେ ସୃଷ୍ଟିକୁ ବିନାଶ କରିବାଭଳି ଅନେକ ବସ୍ତୁ ଯଥା: ଭୂମିକମ୍ପ, ସୁନାମୀ, ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟିକାରୀ ବ୍ୟବସ୍ଥା କରିବାର ଆବଶ୍ୟକତା କ'ଣ ଥିଲା? ସଂସାରରେ ଯିଏ କଠିନ ପରିଶ୍ରମ କରୁଛି ସେ ଭୋକରେ ମରୁଛି ଅଥଚ କାମଚୋର ଓ ଠକ ବ୍ୟକ୍ତିମାନେ ଆରାମରେ ଖାଇ ପିଇ ମଜାରେ ରହୁଛନ୍ତି । ସେ ଯଦି ସମସ୍ତଙ୍କ ପରମ ପିତା ତେବେ ତାଙ୍କ ସହିତ ଏଭଳି ଭେଦଭାବ ରଖୁଛନ୍ତି କାହିଁକି ?

ମଣିଷମାନେ ହିଁ କୁହନ୍ତି, ମଣିଷ ହେଉଛି ଶ୍ରେଷ୍ଠପ୍ରାଣୀ ଏବଂ ଭଗବାନ ମଣିଷକୁ ସ୍ୱତନ୍ତ୍ର ଭାବେ ଚିନ୍ତା କରିବା ଶକ୍ତି ଦେଇଛନ୍ତି । ମଣିଷ ଯଦି ସ୍ୱତନ୍ତ୍ର ଇଚ୍ଛା ଶକ୍ତି ରଖିପାରେ, ତେବେ ଭଗବାନ ତାଙ୍କର ମାଲିକ ହେବେ କିପରି ? କୌଣସି ମାଲିକ କ'ଣ କେବେ ନିଜ ଅଧୀନରେ ରହୁଥିବା ମଣିଷକୁ ମନଇଛାରେ ଯାହା ତାହା କରିବାପାଇଁ ଅନୁମତି ଦେଇ ପାରିବ, ବିଶେଷ କରି ଯଦି ସେ ମାଲିକର ବିରୋଧରେ ଚିନ୍ତା କରିବ ? ଯଦି ଭଗବାନ ସତରେ ମଣିଷକୁ ସ୍ୱତନ୍ତ୍ର ଇଚ୍ଛାଶକ୍ତି ଦେଇଛନ୍ତି, ତେବେ ମଣିଷଦ୍ୱାରା କରାଯାଉଥିବା ସମସ୍ତ ଭଲ ଓ ମନ୍ଦ କର୍ମପାଇଁ ଭଗବାନ ହିଁ ଦାୟୀ । ସେ କ'ଣ ଜାଣି ନଥିଲେ ଯେ, ମଣିଷକୁ ସ୍ୱ୍ୱତନ୍ତ୍ର ଚିନ୍ତା କରିବା ଶକ୍ତି ଦେଲେ, ସେ ତାଙ୍କ ଉପରେ ବି ପ୍ରଶ୍ନ କରିପାରେ ?

ମଣିଷକୁ ସ୍ୱତନ୍ତ୍ର ଇଚ୍ଛାଶକ୍ତି ଦେଇ ହୁଏତ ଭଗବାନ ବୁଦ୍ଧିମାନ କାମକରି ନାହାଁନ୍ତି । କାରଣ ସେହି ସ୍ୱତନ୍ତ୍ର ଇଚ୍ଛାଶକ୍ତି ଯୋଗୁଁ କିଛି ଲୋକ ଭଲ କାମ କରୁଥିବା ବେଳେ ଆଉ କିଛି ଲୋକ ଅନେକ ମନ୍ଦକାର୍ଯ୍ୟ ବି କରି ଦେଉଛନ୍ତି । ଏଇଠି ଭଗବାନଙ୍କପାଇଁ ଗୋଟିଏ ସମସ୍ୟା ହେଲା ଯେ, ସମସ୍ତଙ୍କର କାର୍ଯ୍ୟର ହିସାବ ରଖିବା ଦରକାର ପଡିଲା । ପୁରସ୍କାର ଦେବାପାଇଁ ସ୍ୱର୍ଗ ଓ ଦଣ୍ଡ ଦେବାପାଇଁ ନରକ ତିଆରି କରିବାକୁ ପଡିଲା । ପୁରସ୍କାର ଓ ଦଣ୍ଡ ଦେବାପାଇଁ ପୁନର୍ଜନ୍ମ ବ୍ୟବସ୍ଥାରେ ୮୪ ଲକ୍ଷ ଯୋନୀ ସୃଷ୍ଟି କରିବାକୁ ପଡିଲା । ପୁନର୍ଜନ୍ମ ବ୍ୟବସ୍ଥା ଯୋଗୁଁ ଭଗବାନଙ୍କ କାମ ବହୁତ ବଢିଗଲା । ଯଦି ମଣିଷକୁ ସ୍ୱତନ୍ତ୍ର ଇଚ୍ଛାଶକ୍ତି ନଦେଇ ନିଜେ ହିଁ ନିୟନ୍ତ୍ରଣ କରିଥା'ନ୍ତେ, ତେବେହୁଏତ ମଣିଷ ତାଙ୍କରି ନିର୍ଦ୍ଦେଶରେ ଭଲ କାମ ହିଁ କରୁଥା'ନ୍ତା । ଏଇଠି ପ୍ରଶ୍ନ ଉଠୁଛି -"ଭଗବାନ କ'ଣ ସତରେ କର୍ମର ଠିକ ହିସାବ ରଖୁଛନ୍ତି ?" ବାସ୍ତବ କ୍ଷେତ୍ରରେ ଆମେ ଦେଖୁଛୁ ଯେ, ଅନ୍ୟାୟ, ଅତ୍ୟାଚାର, ଶୋଷଣ ଓ

ISSN NO.
2582-208X

ଦମନକରି ଅଜସ୍ର ଧନ ସଂଗ୍ରହ କରୁଥିବା ଲୋକମାନେ, ଖୁବ ସମ୍ପନ୍ନ ଜୀବନ ଯାପନ କରୁଛନ୍ତି କିନ୍ତୁଦିନ-ରାତି ଧନୀ ଓ ପୁଞ୍ଜିପତି ଲୋକମାନଙ୍କର ଗୋଲାମ ହୋଇ କଠିନ ପରିଶ୍ରମ କରୁଥିବାବହୁ ସଂଖ୍ୟକ ଲୋକମାନେଏବଂ ନୈତିକ ଓ ଆଦର୍ଶ ଜୀବନ ତଥା ମାନବିକତାର ମାର୍ଗରେ ଚାଲୁଥିବା ଅନେକ ବ୍ୟକ୍ତି ଆଜୀବନ ଦୁଃଖ, କଷ୍ଟ ଓ ଅଭାବରେ ଜୀବନ ଅତିବାହିତ କରୁଛନ୍ତି ।

ଯଦି ଭଗବାନ, ମଣିଷକୁ ଇଚ୍ଛାଶକ୍ତି ଦେଇଛନ୍ତି ଏବଂ ମଣିଷକୁ ତା'ର କର୍ମ ଅନୁସାରେ ଫଳ ବି ଦେଉଛନ୍ତି, ତେବେ ତାଙ୍କୁ ଏହି ଜନ୍ମରେ ହିଁ ପୁରସ୍କାର ବା ଦଣ୍ଡ ଦେଉନାହାଁନ୍ତି କାହିଁକି ? ଏହାଦ୍‌ୱାରା ଲୋକମାନେ ପାପ କର୍ମ ନକରି କେବଳ ଭଲ କର୍ମ କରିବାକୁ ଇଚ୍ଛା କରନ୍ତେ । ଭଗବାନଙ୍କୁ କର୍ମର ହିସାବ ରଖି ସ୍ୱର୍ଗ, ନରକ ଓ ପୁନର୍ଜନ୍ମ ବ୍ୟବସ୍ଥା କରିବା ଦରକାର ପଡନ୍ତା ନାହିଁ ।

ହିନ୍ଦୀରେ ଗୋଟିଏ ଆପ୍ତ ବଚନ ଅଛି - "ଭଗବାନକା ଘରମେ ଦେର ହେ, ପର ଅନ୍ଧେର ନହିଁ" ଅର୍ଥାତ ଭଗବାନ ଡେରିରେ ହେଲେ ବି ଦୋଷୀକୁ ଦଣ୍ଡ ଦେବେ । ଏହି ଜନ୍ମରେ ନହେଲେ ବି ଆସନ୍ତା ଜନ୍ମରେ ଦେବେ । ଏଇଠି ପ୍ରଶ୍ନ ଉଠୁଛି - ସର୍ବଶକ୍ତିମାନ ଏବଂ ସର୍ବଜ୍ଞ ଭଗବାନ ମଧ୍ୟ ଶୀଘ୍ର ବୁଝି ପାରୁନାହାଁନ୍ତି, କିଏ ଦୋଷୀ ଏବଂ ତାକୁ କିଭଳି ଦଣ୍ଡ ଦେବାକୁ ହେବ? ଏହି ଜନ୍ମରେ ପୀଡିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇବ ନାହିଁ କାରଣ ପାପ ବା ଅପରାଧ କରିଥିବା ବ୍ୟକ୍ତିକୁ ଆସନ୍ତା ଜନ୍ମରେ ଦଣ୍ଡ ମିଳିବ । ଦଣ୍ଡ ମିଳିବାରେ ଡେରି ହେଲେ ସମାଜରେ ଭ୍ରଷ୍ଟାଚାର ଆହୁରି ଅଧିକ ବୃଦ୍ଧି ପାଏ । କାରଣ ଅପରାଧୀମାନେ ଆହୁରି ପ୍ରୋତ୍ସାହିତ ହୋଇଥା'ନ୍ତି । ଭଗବାନଙ୍କ ନ୍ୟାୟ ପ୍ରଣାଳୀ ଅପେକ୍ଷା ତ ମଣିଷଙ୍କ ନ୍ୟାୟ ପ୍ରଣାଳୀ ଅତି ଉତ୍ତମ । ଭଗବାନଙ୍କ ଭଳି ପୋଲିସ, ଓକିଲ ଓ ନ୍ୟାୟାଧୀଶମାନେ ସର୍ବଜ୍ଞ ହୋଇ ନଥିବାରୁ ଘଟଣାକୁ ତଦନ୍ତକରି ନ୍ୟାୟ ଦେବାରେ କିଛି ଦିନ ଡେରି ହୋଇଯାଉଛି । ତଥାପି ଏହି ଜନ୍ମରେ ହିଁ ନ୍ୟାୟ ମିଳିଯାଉଛି ।

ଯଦି ଭଗବାନ ଦୟାଳୁ ଓ ପାଳନ କର୍ତ୍ତା, ତେବେ ପୃଥିବୀରେ କୋଟି କୋଟି ଲୋକ ଅନାହାରରେ ମୃତ୍ୟୁ ବରଣ କରୁଛନ୍ତି କାହିଁକି ? ଭଗବାନ ସେମାନଙ୍କର ଖାଦ୍ୟ ସମସ୍ୟାର ସମାଧାନ କରି ଦେଉନାହାଁନ୍ତି କାହିଁକି ? ସମସ୍ତଙ୍କପାଇଁ ରୋଜଗାର କରିବା ବ୍ୟବସ୍ଥା କରିଦେଲେ ଖାଦ୍ୟ ସମସ୍ୟା ଦୂର ହୋଇ ଯାଆନ୍ତା । କୁହାଯାଏ ଯେ, "ଭଗବାନ ବରଦାନ ଦେଇ ଦେଇ ଥକିଯା'ନ୍ତି ନାହିଁ ବରଂ ଭକ୍ତ ବରଦାନ ନେଇ ନେଇ ଥକିଯାଏ ।" ଏହି

ISSN NO.
2582-208X

ଆପ୍ତବଚନରେ ଯଦି ଟିକିଏ ବି ସତ୍ୟତା ରହିଥା'ନ୍ତା ତେବେ ଆଜି କେହି ଜଣେ ବି ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁନଥା'ନ୍ତା । ଏହାର ବିପରୀତ ଅଭାବ ମେଣ୍ଟିବା ତ ଦୂରର କଥା ପେଟର ଭୋକ ମଧ୍ୟ ଦୂର ହେଉନାହିଁ । ମଙ୍ଗଳକର୍ତ୍ତା ଓ ଦୟାଳୁ ଭଗବାନ ଥାଉ ଥାଉ ମଣିଷ ଜୀବନର ମୌଳିକ ଆବଶ୍ୟକତା 'ଖାଦ୍ୟ, ବସ୍ତ୍ର ଓ ବାସସ୍ଥାନ' ପୂରଣ ହୋଇପାରୁନି ।

ଶେଷରେ ଆମେ ଯଦି ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରିବା ତେବେ ସ୍ପଷ୍ଟ ଭାବେ ବୁଝି ପାରିବା ଯେ, ପୁରାତନ ଯୁଗରୁ ଚାଲାକ ପୁଞ୍ଜିପତିଙ୍କ ଦ୍ୱାରା କଳ୍ପନା କରାଯାଇଥିବା ଭଗବାନଙ୍କ ଅବଧାରଣା ଆଜି ବି ଖୁବ ଭଲକାମ କରୁଛି । ଲୋକମାନଙ୍କ ଅଧିକାର ଛିନ୍ନକରି ନିଜେ ସୁଖରେ ରହିବାପାଇଁ ଲୋକମାନଙ୍କୁ ଧାର୍ମିକ ମାୟାଜାଲ ଯଥାଃ ଭାଗ୍ୟ, ପ୍ରାରବ୍ଧ, ପୁନର୍ଜନ୍ମର ଫଳ, ମୋକ୍ଷପ୍ରାପ୍ତି, ସ୍ୱର୍ଗସୁଖ, ନରକଯନ୍ତ୍ରଣା ଇତ୍ୟାଦିରେ ବାନ୍ଧି ଦେଲେ । ସରଳ ବିଶ୍ୱାସୀ ଜନତା ଆଜିବି ସେହି ବନ୍ଧନରୁ ମୁକ୍ତ ହୋଇ ପାରୁନି । ସେମାନେ ଯଦି ଥରେ ସ୍ଥିର ଚିତ୍ତରେ, ନିର୍ଭୟ ମନରେ ଉପରୋକ୍ତ ପ୍ରଶ୍ନ ଓ ଉତ୍ତରଗୁଡିକ ଉପରେ ଚିନ୍ତନ କରିବେ, ତେବେ ନିଶ୍ଚୟ ବୁଝି ପାରିବେ ଯେ, ଭଗବାନ ବିଶ୍ୱରେ କ'ଣ ସବୁ କରୁଛନ୍ତି ?

ବାଙ୍ଗାଲୋର
ମୋଃ ୮୧୪୭୨୦୮୭୪୬

ISSN NO.
2582-208X

# ମାଁ



ପ୍ରବିଣ ମାଝୀ

ଗୋଟିଏ ଅକ୍ଷର ଅମୃତ ଠାରୁ ବି
ମଧୁର ମାଁ ଗୋତର,
ପ୍ରେମର ପ୍ରତୀକ ପାଇଁ ଜନ୍ମ ଦେଲୁ
ମତେ ମାଁ ତତେ କୋଟି ଜୁହାର ।।
ସୁନ୍ଦର ଶରୀରକୁ ତୋର ମୋ
ପାଇଁ କୁତ୍ସିତ କଲୁ,
ନିଜେ ନଖାଇ ମାଁ ମୋର ପେଟ
ଭରୁଥିଲୁ ମାଁ ମତେ ଋଣି କରିଦେଲୁ ।।
ପଣତ କଣିରେ ଲୁଚେଇ ରଖୁଥିଲୁ
ଖରା ବରଷା ଶୀତ,
ହାତ ଧରି ମତେ ଚାଲିବା ଶିଖେଇଲୁ
ଲାଗେ ଭାରି ଅବସୋସ ।।
ନିଆରା ଲାଗେ ସେ ପିଲା ଦିନ କଥା
ଆଉ ଲୁଚକାଳି ଖେଳ,
ଖୋଜି ଆଣି ମତେ ବାଡାଉ ଥିଲୁ ମାଁ
କୁଆଡେ ଯାଇଥିଲୁ ରେ ଦୁଷ୍ଟ ।।
ସ୍କୁଲ ବାଟ ଚାହିଁ ଜଗି ରହୁଥିଲୁ ଆସିବ
ବୋଲି ମୋ ପୁଅ,
ସିଲଟ ଖଡ଼ି ଫିଙ୍ଗି ଦେଇ ମାଁ ଧାଇ
ଯାଉଥିଲି ତୋ କୁଳ ।।

ISSN NO.
2582-208X

ରୁଷି ଯାଉଥିଲେ ଖୁଆଇ ଦେଉଥିଲୁ
ଜହ୍ନ ମାମୁଁ ସାଥେ ତତଲା ଭାତ,
ଆଉଁସି ଦେଉଥିଲୁ ମାଁ ଶୋଇବା ବେଳେ
ଧରି ମୁଣ୍ଡର କେଶ ।।

ମିଠା ମିଠା ତୋର ଓଠରୁ ଗପ ଶୁଣିବାକୁ
ଭାରି ଇଚ୍ଛା ହୁଏ,
ସେହି ଗପ ଆଜି ସ୍ୱପ୍ନ ପରି ଲାଗେ
ତୋଠୁ ଦୂରରେ ରହିଲା ପରେ ।।
ଭାରି ମନେ ପଡ଼େ ମମତା ମୟୀ ତୋର
ଅତୁଟ ପ୍ରେମ,
ପୁଣି ଇଚ୍ଛା ହୁଏ ତୋ କୁଳରେ ଖେଳିବାକୁ
ସାରା ଜୀବନ ।।
ଇଚ୍ଛା ହୁଏ ନାହିଁ ତତେ ଛାଡି ମାଁ
କୁଆଡେ ଯିବାକୁ,
ଲୁହ ଝରୁ ଥିଲେବି ଓଠ ହସି କହି ଦିଏ
ପୁଣି ଆସିବି ତୋ ପାଖକୁ ।।
ଏ ଜୀବନରେ ବୋଧେ ନଥିଲା ତୋ
ପାଖରେ ରହିବାକୁ,
ପୁଣି ଜନ୍ମ ନେବି ମାଁ ତୋ କୁଳରେ ତୋ
ସେବା କରିବା କୁ ।।

ଟିଟିଲାଗଡ଼, ବଲାଙ୍ଗିର
ଫୋନ ନମ୍ବର - ୯୫୫୭୬୫୧୭୪୪

ISSN NO.
2582-208X

# ପ୍ରଥମ ପ୍ରେମ



ପଦ୍ମନାଭ ରଥ

ପ୍ରେମ ଠାରୁ ଦୂରେ ଥିଲା ଏହି ମୋର ମନ ।
ଜାଣିନ ଥିଲା ସେ ପ୍ରେମ ହେବାର କାରଣ ।
ନେତ୍ର ଦ୍ବୟ ଦେଖି ତୁମ୍ଭ ପ୍ରେମ ହୋଇଗଲା ।
ଅଜାଣତ ପ୍ରେମ ବଡ଼ ବିଚିତ୍ର ହୋଇଲା ।
ଚିଲିକା ହ୍ରଦ ପ୍ରାୟେ ଅଟଇ ସେ ନେତ୍ର ।
ଦେଖି ମନ ହୁଏ ତହିଁ ଅର୍ନ୍ତନିହିତ ।
ଦେଖିଛ କି କେବେ ତୁମେ ଚନ୍ଦ୍ରରେ ହ୍ରଦ କୁ ।
ଆସ ଦେଖ ଚନ୍ଦ୍ରମୁଖେ ଚ଼ିଲିକା ହ୍ରଦ କୁ ।
ଚନ୍ଦ୍ରସମ ପ୍ରାୟ୍ ସେହି ମୁଖ ର ଔଜଲ୍ୟ ।
ଦେଖିବା ମାତ୍ରେ ଆତ୍ମା ହୁଏ ପ୍ରଫୁଲ୍ଲିତ ।
ନୃପପତି ଖଣ୍ଡ ପ୍ରାୟେ ନାସିକାର ଧାର ।
କୋମଳ ଓଷ୍ଠ କରେ ଶୋଭା କୁ ବର୍ଦ୍ଧନ ।
ଜବାଧର ନୁହେଁ ସେତ ପଦ୍ମର ପାଖୁଡା ।
ଦେଖି ଆତ୍ମା ମୋର ହୁଏ ଶରୀର ରୁ ଛଡ଼ା ।
ଡାକନ୍ତେ ଶୁଣ ବୋଲି ନାମ କୁ ମୋ ଧରି ।
ହୃଦୟ ସ୍ପନ୍ଦନ ବଢ଼େ କଣ୍ଠ ସ୍ୱର ଶୁଣି ।
କୋକିଳ କଣ୍ଠ ପ୍ରାୟ୍ ଅଟେ ସେହି ସ୍ୱର ।
ସତେ କି ଅଟେ ସେ ସାତ ସ୍ୱର ଗନ୍ତାଘର ।

ISSN NO.
2582-208X

ରାଜହଂସି ପ୍ରାୟେ ଧିରେ ଚାଲିଯାଏ ସେହି ।
ହୃଦୟେ ମୋ ଅନେକ ଆଶା ସ୍ୱପ୍ନ ଭାରି ଦେଇ ।
ମନ ରେ ଅକୁହା କଥା ଅଛି ମୋର ଯେତେ ।
ଏକାଠି ମିଶିଲେ ଯାଇ କହିବି ମୁଁ ତେବେ ।
ସ୍ୱର୍ଗ ଅପ୍ସରାଠୁ ବଳୀ ଅଟଇ ଯୌବନ ।
ଦେଖିବା ମାତ୍ରେ ଅମାନିଆ ହୁଏ ମନ ।
କୃଷ୍ଣକାୟ ବାରିଦ ପ୍ରାୟେ ସୁକୁଞ୍ଚିତ କେଶ ।
ଦେଖିବା ମାତ୍ରେ ମନ ତହିଁରେ ନିବେଶ ।
ଆଗୋ ପ୍ରିୟା ଯେବେ ତୁମ୍ଭେ ହେବ ମୋ ଘରଣୀ ।
ପ୍ରସାଦେ ରଖିବି ନେଇ କରି ରାଜ ରାଣୀ ।

((()))

ISSN NO.
2582-208X



# ତୁମେ ଆସିବ ଶେଷଲଗ୍ନରେ...

ନାରାୟଣ ରାଉତ

ତୁମେ ଆସିବ ଛାଇ ଆଲୁଅରେ
ସତ୍ୟର ସନ୍ଧାନରେ
ମୋ ଛାଇ ସହ ଲୁଚକାଳି ଖେଳି
ତମେ ଆସିବ ନାଲି ରଙ୍ଗ ଶାଢ଼ିରେ
ଏତେ ସଜବାଜ କଣ ଯେ
ଅଚିରେ ଫେରିବାକୁ ପଡ଼ିବ
ତୁମରି ସାଥିରେ ।।୧।।

ତୁମେ ଆସିବା ଅନ୍ଧାର ରାତିରେ
ସହଚରି ମାନଙ୍କ ସାଥିରେ
ତମକୁ ଦେଖି ଯଦି ମତେ ଡ଼ରଲାଗେ
ମୁଁ କରିବି କ'ଣ ?
ମୁଁ ତୁମ କଥା ଶୁଣିଛି
ଖଇ ଓ କଉଡି ସାଇତି ରଖିଛି
କେବେ ଯଦି ଆସିଯିବ
ଅଚାନକ ଭାବରେ
ମତେ ଯିବାକୁ ପଡିବ
ତୁମର ସାଥିରେ.... ।।୨।।

ISSN NO.
2582-208X

ତୁମେ ଆସିବ ସମୟ ଅନ୍ତରେ
କାଳର କାରାଳ ଗତିରେ
ସମୟ ତ ହୋଇ ଗଲାଣି
ଆୟୁ ସୂର୍ଯ୍ୟ ଗତି ଗଲାଣି
କ'ଣ ତୁମର ଦେଖାନାହିଁ
ମୋ କଥା ଭୁଲି ଯାଇନାହତ
ମତେ ନେବାକୁ ପଡିବ
ତୁମରି ସାଥିରେ.... ।।୩।।

ଆମେ ଆସିବା ବିଦାୟ ଲଗ୍ନରେ
ମୁଁ ସତ୍ୟର ସବାରୀରେ
ଆଉ ତୁମେ ଶୂନ୍ୟର କଳ୍ପନାରେ
ଚାହିଁଲେ ବି ଛୁଇ ପାରିବିନି
ତୁମର ବର୍ତ୍ତମାନ କୁ
ତଥାପି ସର୍ତକତା ସହ
ମତେ ଖେଳିବାକୁ ପଡିବ
ତୁମରି ସାଥିରେ .... ।।୪।।

ତୁମେ ଫେରିବ ଖୁସି ମନରେ
ମତେ ଦେଖି ଜୁଇ ନିଆଁରେ
ମଶାଣି ଭୂଇରେ
ଗଦା ଗଦା ପାଉଁଶ ଭିତରେ
ମୁଁ ବି ଉଡ଼ିବି ପବନ ଗଗନେ
ମତେ ନେବାକୁ ପଡିବ
ତୁମରି ସାଥିରେ ..... ।।୫।।

ନଛିପୁର, ଖଇରା, ବାଲେଶ୍ୱର
ମୋ –୮୫୯୪୮୫୩୫୯୩

ISSN NO.
2582-208X

# ଭାଗବତ କଥା- ୨୫



ନରେନ୍ଦ୍ର ପ୍ରସାଦ ବେହେରା

## କାହା ଉପଦେଶ ମାନ ବ୍ୟାସଦେବ ଶ୍ରୀମଦଭାଗବତ ରଚନା କରିଥିଲେ

ଶ୍ରୀମଦଭାଗବତ ହେଉଛି ଭାରତବର୍ଷର ଅନନ୍ୟ ସାହିତ୍ୟ ମଧ୍ୟରେ ଏକ ଅକ୍ଷୟ କୀର୍ତ୍ତି । ସମସ୍ତ ପୁରାଣ ମଧ୍ୟରେ ଏହା ହେଉଛି ଶ୍ରେଷ୍ଠତମ । ସ୍ୱୟଂ ଭଗବାନ ଏହି ଭାଗବତର ବିଷୟବସ୍ତୁ ବ୍ରହ୍ମାଙ୍କୁ କହିଥିଲେ । ବ୍ରହ୍ମା ତାଙ୍କ ପୁତ୍ର ତଥା ନାରଦଙ୍କୁ ଏହା ଶିକ୍ଷା ଦେଇଥିଲେ। ସୁତରାଂ ଶ୍ରୀମଦଭାଗବତ ସହିତ ନାରଦଙ୍କର ନିବିଡ ସମ୍ପର୍କ ଅଛି ।

ଏହି ନାରଦଙ୍କର ଜନ୍ମବୃତ୍ତାନ୍ତ ଅତି ପ୍ରାଚୀନ କାଳର କଥା । ପୁରାଣ ମାନଙ୍କରେ ତାଙ୍କ ନାମ ବିଶେଷ ଭାବରେ ଶୁଣିବାକୁ ମିଳେ । ସେ ଅହରହ ବୀଣା ବଜାଇ ହରିନାମ ଗାନ କରି ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ ସର୍ବତ୍ର ବିଚରଣ କରନ୍ତି । ନାରଦଙ୍କର ପୂର୍ବ ଜନ୍ମ ବିବରଣୀ ଅତି ରହସ୍ୟମୟ । ସେ ଶୈଶବ କାଳରୁ ନିଜ ପିତାଙ୍କୁ ହରାଇଥିଲେ । ତାଙ୍କର ମାତା ଜଣେ ଦାସୀ ରୂପରେ ଏକ ତପୋବନରେ ଋଷିମାନଙ୍କର ସେବା କରୁଥିଲେ । ସେହି ତପୋବନରେ ସେ ଲାଳିତ ପାଳିତ ହୋଇଥିଲେ । ହଠାତ୍ ତାଙ୍କ ମାତାଙ୍କର ମୃତ୍ୟୁ ହେଲା । ଏହି ଅନାଥ ବାଳକ ଋଷିମାନଙ୍କର ସେବା କରୁଥିଲେ ଏବଂ ସେମାନଙ୍କ ଠାରୁ ଭଗବତ୍ ପ୍ରସଙ୍ଗ ଶ୍ରବଣ କରି ଭଗବାନଙ୍କ ଦର୍ଶନ ନିମନ୍ତେ ତାଙ୍କ ପ୍ରାଣରେ ଅଦମ୍ୟ ବାସନା ଜାଗିଉଠିଲା । ଦିନେ ଏହି ବାଳକ ତପୋବନ ତ୍ୟାଗ କରି ଈଶ୍ୱରଙ୍କ ଅନ୍ୱେଷଣରେ ଭ୍ରମଣ କରୁ କରୁ ଏକ ଘନ ଅରଣ୍ୟ ମଧ୍ୟରେ ପ୍ରବେଶ କଲେ ଏବଂ ତପସ୍ୟା କରିବାକୁ ଲାଗିଲେ। ସେ ତପସ୍ୟାରତ ଥିବା ସମୟରେ ଆକାଶବାଣୀ ହେଲା,ହେ ବତ୍ସ,ତୁ ଏ ଜନ୍ମରେ ମୋର ଦେଖା ପାଇବୁ ନାହିଁ । ତୋର ତପସ୍ୟାରେ ମୁଁ ସନ୍ତୁଷ୍ଟ , ଆସନ୍ତା ଜନ୍ମରେ ତୁ ମୋତେ ପ୍ରାପ୍ତ

ISSN NO.
2582-208X

ହେବୁ । ଭଗବାନଙ୍କର ଆରାଧନା କରି ତାଙ୍କ କୃପାରୁ ସେ ପରବର୍ତ୍ତୀ ଜନ୍ମରେ ବ୍ରହ୍ମାଙ୍କର ପୁତ୍ରରୂପେ ସଂସାରକୁ ଆସିଲେ ।

ସେ ହେଉଛନ୍ତି ନାରଦ, ଯିଏ କି ଭାଗବତ ତତ୍ୱ ହସ୍ତାନ୍ତର କରିଥିଲେ ବ୍ୟାସଦେବଙ୍କୁ । ଭଗବାନଙ୍କର ଅଂଶରେ ଜାତ ମହାମୁନି ବ୍ୟାସଦେବ ଅଷ୍ଟାଦଶ ପୁରାଣ ରଚନା କରିଥିଲେ ଏବଂ ସୁବିଶାଳ ବେଦଶାସ୍ତ୍ରକୁ ଋକ, ସାମ, ଯର୍ଦୁ, ଅର୍ଥବ,ଏ ହିପରି ଚାରି ଭାଗରେ ବିଭକ୍ତ କରିଥିଲେ । ମହାଭାରତ ମଧ୍ୟ ତାଙ୍କରି ରଚନା । କିନ୍ତୁ ଏତେ ପୁରାଣଶାସ୍ତ୍ର ରଚନା କରି ମଧ୍ୟ ବ୍ୟାସଦେବଙ୍କ ମନରେ ତୃପ୍ତି ଆସିଲା ନାହିଁ । ସେ ଅନୁଭବ କଲେ ସତେ ଯେପରି ତାଙ୍କ ଜୀବନରେ କିଛି ଅଭାବ ରହିଯାଇଛି । ନାରଦ ତ୍ରିଭୂବନ ଭ୍ରମଣ କରୁଥିବା ଅବସ୍ଥାରେ ସେ ବ୍ୟାସଦେବଙ୍କର ମନରେ ଅଶାନ୍ତି କଥା ଜାଣିପାରି ତାଙ୍କ ତପୋବନରେ ଆସି ପହଞ୍ଚିଲେ । ସେ କହିଲେ ହେ ବ୍ୟାସ, ଆମ୍ଭେ ତୁମ ମନରେ ଜାତ ହୋଇଥିବା ଅଶାନ୍ତିର କଥା ଜାଣିପାରିଛୁ । ଯେହେତୁ ତୁମେ ଶ୍ରୀହରିଙ୍କର ମର୍ତ୍ତ୍ୟ ଲୀଳା କଥା ବର୍ଣ୍ଣନା କରି ନାହଁ, ତେଣୁ ତୁମ ମନରେ ଅଶାନ୍ତି ଦେଖା ଦେଇଛି । ସୁତରାଂ ତୁମେ ଆଉ ଗୋଟିଏ ଗ୍ରନ୍ଥ ରଚନା କର, ଯାହା ଶ୍ରୀମଦଭାଗବତ ରୂପେ ଖ୍ୟାତିଲାଭ କରିବ ଏବଂ ପ୍ରାଣୀମାନଙ୍କର ଭବସାଗର ପାରିହେବାରେ ନୌକା ସଦୃଶ ଏହା କାର୍ଯ୍ୟ କରିବ । ଏହା କହି ଦେବର୍ଷି ଅନ୍ତର୍ଦ୍ଧାନ ହୋଇଗଲେ ।

ନାରଦଙ୍କ ଉପଦେଶ ଅନୁସାରେ ବ୍ୟାସଦେବ ଶ୍ରୀହରିଙ୍କର ଲୀଳା କଥା ବର୍ଣ୍ଣନା କରି ଅଠର ହଜାର ଶ୍ଳୋକରେ ଶ୍ରୀମଦଭାଗବତ ରଚନା କଲେ । ପିତାଙ୍କ ନିକଟରୁ ଭାଗବତଶାସ୍ତ୍ର ଶିକ୍ଷା ପାଇଥିଲେ ତାଙ୍କ ପୁତ୍ର ଶୁକଦେବ ମୁନି । ଅଭିଶାପଗ୍ରସ୍ତ ପରୀକ୍ଷିତ ମହାରାଜାଙ୍କୁ ଗଙ୍ଗା କୂଳରେ ଶୁକଦେବ ସାତଦିନ କାଳ ଏହି ପବିତ୍ର ଶାସ୍ତ୍ର ଭାଗବତ ଶୁଣାଇଥିଲେ, ଯାହାକୁ ଶ୍ରବଣ କରି ତକ୍ଷକ ସର୍ପ ଦଂଶନ କରିବା ପୂର୍ବରୁ ତାଙ୍କର ସ୍ୱର୍ଗାରୋହଣ ହୋଇଥିଲା । ଋଷିମାନଙ୍କର ଏହି ସମାବେଶରେ ଉପସ୍ଥିତ ଥିବା ଶ୍ରୁତିଧର ମୁନି ସୂତ ଉଗ୍ରଶ୍ରବା ଭାଗବତ ଶାସ୍ତ୍ରକୁ ଶ୍ରବଣ କରିଥିଲେ । ସେ ପୁଣି ଏହାକୁ ନୈମିଷାରଣ୍ୟରେ ଋଷିମୁନି ମାନଙ୍କର ଯଜ୍ଞାନୁଷ୍ଠାନରେ ଶୁଣାଇଥିଲେ ।

ସଂଗ୍ରାହକ -ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ–୯୮୫୩୧୪୨୫୧୦

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ନୂଆଁଖାଇ



ସାଇପ୍ରସାଦ ସାହୁ

ଶରାବନ୍ ଗଲା ଭୁଦୋ ଆଏଲା
ଚାଷବାସ ଯାଇଛେ ସରି,
ଖେତ୍ ଖଲା ବାହେଲି ସାଗୁଆ ଦିଶ୍ ଲା
ଉସତ୍ ଲାଗ୍ ସି ଦେଖି କରି ।

ନୂଆଁଖାଇ ତିହାର୍ ଲଗନ୍ ଫିଟ୍ ଲା
ସଭେ ଗାଁକେ ଆଏବେ ଫିରି,
ରାଗ୍ ରିଷ୍ ମି ଝଗ୍ ଡା ଉଭେଇ ଗଲା
ହିଂସା ଅହଂକାର୍ ଦେମା ପାସ୍ ରି ।

ସମଲେଇ ମାଁର୍ ଠାନେ ଦେହେଲିଆ ପୂଜା କଲା
ବାଜ୍ ଲା ଢୋଲ୍ ନିଶାନ୍ ମୁହୁରି,
ବଛର୍ ଟାକର୍ ନୂଆଁଖାଇ ତିହାର୍ ଆସ୍ ଲା
ସଂସ୍କୃତିଥି ଦେସି ଠୁଲ୍ କରି ।

ଯିଏ ଯାହିଁ ଥିଲେ ଇ ସମିଆଥି
ଘର୍ କେ ଆଏସନ୍ ଧାଇଁ,
ରାଗ୍ ରିଷ୍ ମୀ ଭୁଲି ନୂଆଁ ଖାଏସନ୍
ସଭେ ଏକାକାର୍ ହେଇ ।

ISSN NO.
2582-208X

ଇ ଜୀବନର୍ କିଛି ଭର୍ ସା ନାହିଁ
ଆଏଜ୍ ଅଛେ କାଏଲ୍ ନାଇଁ,
ଜୀବନ୍ ଥିଲେ ଦେଖ୍ ମା ଭାଇ
ଆର୍ ବଛର ର୍ ନୂଆଁଖାଇ ।

କୁରେ ପତର୍ ଥି ଖାଏମା ନୂଆଁ
ଖାକ୍ ପିଟି କରି ହର୍ ଷେ,
ପନଥ୍ ଢାଁପି କରି ରଖିଥା ଗୋ ମାଁ ସମଲେଇ
ଜିଁ ଜାଗିଥିଲେ ବଛ୍ ରେ ।

ଜିଁ ଜାଗିଥିଲେ ବଛ୍ ରେ ଆଏତ
ମରିଗଲେ କିଏ ପଚାରେ,
କାହାର୍ ଦେଲା ଥୁଇଲା କହାକେ ଅଁଟେ
ଭାବ୍ ରହିଥାଉ ସଂସାରେ ।

କୁଟୁମ୍ ଯାକର୍ ସମ୍ କୁ ଗୁଟେଇ
ମନାମା ଶିଘା ତିହାର୍,
ଗାଆଁ ମାଁ ପରା ପାଏଟ୍ ବଡଖାକୁ
ମୋର୍ ନୂଆଁଖାଇ ଜୁହାର୍ ।
ନୂଆଁଖାଇ ଜୁହାର୍

ଆଇନଜୀବୀ, ଗବେଷକ ଓ ସ୍ତମ୍ଭକାର,
ସିନ୍ଧେକେଲା, ବଲାଙ୍ଗୀର
ଭ୍ରାମ୍ୟଭାଷ – ୯୯୩୭୦୩୪୭୪୨

ISSN NO.
2582-208X

# ପଶ୍ଚିମ୍ ଓଡିଶାର୍ ମଦର୍ ଟେରେସା
# ପାର୍ବତୀ ଗିରି



ରାକେଶ ବାଘ

ଇ ମାଏଟ୍ କେ ଦେଲେ ଇଁଟ୍'ରେଇ
କହଁର୍ କେତେ କହଁରେ,
ମଗ୍ ମଗାଲେ ହେ ସେବାର୍ କହଁର୍
ଇ ମାଏଟ୍ ଫେର୍ ସୁହୁଁରେ ।

ପାର୍ବତୀ ଗିରି ନାଁ ଶୁନ୍'ଲେ
ସେବା ଶୁଭେ ଅଧାବାଟୁଁ,
ଚିତର୍ ହେଇ ଡଗୋ ଡଗୋ ଦେଖେ
କାଁଥିର୍ ଉପ୍'ରେ ଫଟୁ ।

ସ୍ୱାଧୀନ୍ଲାଗି ଇ ଦେଶର୍ ଖେତେ
ପଡ଼ିଥିଲା ଯେଭେଁ ମର୍'ଡି,
ଅଁଟା ଭିରାଭିରି ଆଏଲେ ଆଗ୍'କେ
ତ୍ୟାଗ୍ କେ ଦେଇ ଉର୍'ଡି ।

ଉର୍'ଗୁଡେଇ ସାହାଁସ୍ କେ ହାତେ
ଦମ୍ ଦେଇ ହେଲେ ବାହା,

ISSN NO.
2582-208X

ସେବାର୍ ମନ୍ତର୍ ମାରିକରି ଛନେ
ଗରିବ୍ କେ ହେଲେ ସାହା।।

ସକାଲେଁ ଫୁଟ୍'ଲେ ଅକାଲେଁ ଝଡେ
ସଭେ ଜାନିଛନ୍ ହେଟା,
ହେଲେ ଛୁଆପୁତା ଭି ନାଇଁ ଜାନ୍'ବାର୍
ସେ ମଦର୍ ଟେରେସା କେନ୍'ଟା ।

ହେ ଇସ୍କୁଲ୍ ପଢ଼ା ଖାତା ପତ୍'ରେ
ନାଇଁ ଯଦି ଦେବେ ଠାନ୍,
ଇ ଛୁଆ ଜାନ୍'ବା କେନ୍'ତି କହ
ଗୁରୁ ନାଇଁ ଦେଲେ ଗିଆନ୍ ।

ପଞ୍ଚମହଲ୍, ଉଲୁଣ୍ଡା, ସୁବର୍ଣ୍ଣପୁର୍
6370823422

ISSN NO.
2582-208X

# ସ୍ୱାଧୀନ୍ ଡର୍



ସୁନୀଲ କୁମାର ଅଗସ୍ତି

ତମେ ସ୍ୱାଧିନ୍ ଅ'
ତମର୍ ଜନମ୍ ଧାପ୍,
ଆ'ଦେ ବଛର୍ ଚାଏର୍ କୁଏର୍ ନୁ
ହେଲା ସେ ଅଏଧକା
ତମେ ସ୍ୱାଧିନ୍ ଅ',
କେନ୍ ନି' ବଏଲା ଭାଏଲ୍
ଆମେ ହଁ ତ ବଲୁଛୁଁ,
ତମର୍ ଟେକନା ତମେ ଅ'
ତମେ ଅ'ଖାସ୍ ଦରବାର୍,
ତବଭି ଇ'ସ୍ୱାଧିନ୍ ଡର୍
କାଁଯେ ଆର୍ କାଁ' କରି
ତମକୁ ସମକୁଁ ଘାଁଟି ଦେଉଛେ
ଆର୍ ତମକେ ସମକେ ଘାରି ଦଉଛେ,
କେନ୍ କେନ୍ ଗମିଛନ୍ କାଏଁ ?
କହି ଦଉନ୍ ନି'ଯେ ଘାଏ
ମନ୍ ପଏରଛା ଲାଗି ଆଏବା,,

ଟିଟିଲାଗଡ, ବଲାଙ୍ଗୀର
ମୋ/୯୪୩୭୨୧୦୮୮୭

ISSN NO.
2582-208X

# ନିଲ ରଣା ମୁଇଁ



ଗଜାନନ ମିଶ୍ର

ବାଗଡେର ଗାଁ, ଟିଟିଲାଗଡ ବ୍ଲକ, ନିଲ ରଣା ମୁଇଁ,
ତିନଟା ଟୁକେଲ ମୋର। ତେରମାସେ ଆରୁଗୁଟେ।
ଗୁରସ ନେଇଁ ହେଲା, ଦେଇଦେଲିଁ ସାଁଗକେ।

ସାଁଗର ନାଁ ନେଇଁ ଜାନି, ତାକର ଗାଁ ଘର୍ ନେଇଁ ଦେଖି।
ଦଶହଜାର ଟଁକା ଦେଲେ। ନେଇଁ ଦେଇ
କାଁଜେ କହେମି! ନେଇଁ ବିକି ମୁଇଁ।

କିଛୁ ନେଇଁ ମୋରନେ। ସୁବିଧା କିଛୁ ନେଇଁ
କରବାର ସରକାର୍। ବାହାରେ ଦାଦନ ଥିଲୁଁ।
ଆଶା ଦିଦି ନେଇଁ, ଅଗଁନବାଡି ଦିଦି ନେଇଁ,
କିହେ କିଛୁ ନେଇଁ। ଘରେ ଚଉଲ ନେଇଁ,
ଆବାସ ନେଇଁ, କିସାନ କାର୍ଡ ନେଇଁ।
ଆଠମାସ ହେଲା କିଛୁ ନେଇଁ।

ସରକାର ସୁବିଧା କଲେ ଛୁଆକେ ରଖିପାରମି।
ନେଇଁ ତ ନେଇଁ। ଫେରେଇଦେଲେ ଛୁଆକେ
କେନ ରଖମି! ସାନଲିର ଛୁଆ ତିନଟା,
ଆରୁ ଇଟା। ତିନମସିଆ।
କିଛୁ ନେଇଁ, ମୁଇଁ ଭୁକାଶୁସା।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# କୁକୁର ପରତି ସାବଧାନ



ଏମ୍.ବିଜୟ କୁମାର

ଇ ବୁଆଁ ଇଟା କାଣା।
ମୁଇ ତୋ ଚମକି କରି
ସଡ଼କଦମ
ଏମେଲେ ଆଗ୍ୟାର ଘରେ
ଗୁଟେ ସାଇନ ବୋର୍ଡ଼
ଜୁଗିଆ ଜମ
କୁକୁର ପରତି ସାବଧାନ
ଘରପୁସିଆ କୁକୁର କେ ବି
କିଏ ସାବଧାନ ହେବା ହୋ
ପାଗଲା ଚାବଲା
କୁକୁର ରଖିଛ ଭାଏଲ
ହାତି ଚାଲି ଜାଉଥିଲେ
କୁକୁର ଭୁକୁଥିବା
ବୁଲା କୁକୁର ର ଅଭାବ ନାଇ
ଜେନ ଆଡେ ଦେଖବ
ଗେଦରଗେଣା
ଦଲ ଦଲ ହେଇ
ବୁଲୁଛନ ଗୁହୁଡା ଗୁହୁଡା
ମାଁସ ହାଡ଼କେ ଦେଖି

ISSN NO.
2582-208X

ଟୁଣେ ବହେ ଲାଲ
ଜିଭ ଲାହା ଲାହା କରି
ଚାଁଟବାକେ ଅଏଁଠା ପତର
ଥିସନ ଜୁଗିବସି
କିନ୍ଦରି କିନ୍ଦରି
କୁକୁର କେ ଛିଆ ହେସି
ମୁନୁସର ଛାଇ ମାଡ଼ଲେ
ଗାଧି ଜାଏସି
ଚାର ଗୋଡିଆ ନୁହେଁ
ଆଗ୍ୟା ଇଟା
ଦୁଇ ଗୋଡିଆ ଚରିତ୍ର
ଦେଖୁଥିବ ଉଠିବସି
ସେନହୋଥି ଗୋଡ଼ ଚାଟବାର ଜାହା
ଆର ଦଉଡେଇ ଦଉଡେଇ ଚାବବାର ତାହା
ସମାନ ଆଏ
ନି ହସୁନ
ତମକେ ନାଇ ଚାବେ
ବୋଲି କାଏ ମାନେ ଅଛେ
ଆଏଜ ମତେ ତୋ
କାଏଲ କାହାକେ
ଦିନ ବାର ଜାନି
ପାଲି ବନାଇଅଛେ
ଗୁରସପିଆ ଛୁଆ କେ
ମାଁର ନୁ ଛଡେଇ ଆନି
ଖୁଆଇ ପିଆଇ
ବଢ଼ାଇ ଅଛେ/ଭରିଛେ
ମୁଡ଼ଁ ଜାକର ବିସ ଫେନି

ISSN NO.
2582-208X

ଦଡି ପଡ଼ସି ତୁ..ତୁ ବଲି
ତୁତେଇ ଦେଲେ
ନୁହେଁସେ କୁକୁର
ମୁଇ କୁକୁର ର ମାଲିକଟା ହେଲେ
ତମସା ଦେଖନୁନ ଖୋବ
ଜାହର ତୁନ ଖାଏବୁ
ତାହାର ଗୁନ ଗାଏବୁ
ଏମାନେ ହେଉଛନ
ଦଲାଲ ଟାଉଟର
କୁଜିନେତା
ଚାମଚା କରୁଥିବା ଲୋକ ।।

ମହୁଲପଲ୍ଲୀ/ବୁଢ଼ା ବାହାଲ
ସଁଇନ୍ତଲ୍/ବଲ୍ଙ୍ଗୀର-୩୨
ମୋ-୭୯୭୮୭୮୪୧୩୦

ISSN NO.
2582-208X

# ମୋର୍ ଆଘୋର୍ ଗାଁ

ପୁରନ୍ଦର ଭେସାଗର



ମୋର ଗାଁର୍ ନଏଦ୍ ନଳିଆ ଝରନ୍
ଖେତ୍ ଖଲା ମୁଢା ଡୁଙ୍ଗୁରୀ ଡଙ୍ଗର୍ ।

ବର୍ଷା ମାସେ ସବୁ ସାଗୁଆ ହେଇ
ଦିଶୁଥିଲା କେତନିଁ କେତେ ସୁନ୍ଦର୍ ।

ଟିକ୍ରା ମାନକେ ଚାଷ୍ ହେଉଥିଲା
ମୁଗ ମଫଲି ବିର୍ହି ସାଙ୍ଗେ ଝୁନଗା ।

ଖେତ୍ ଖଲାଥି ଆଘୋ ମିଲୁଥିଲା

ISSN NO.
2582-208X

କେତେ କିସମର୍ ସାଗ୍ ଡାଲ୍ ।

ସୁନସୁନିଆଁ ସିରେଲ୍ କେନା ଗୁବି
ସାଙ୍ଗେ ମାଖନ ଗଧ ନୁନୁଁ ଚାନ୍ଟି ।

ଗାଁର୍ ଖତଗାଡେ ଆପେ ହେଉଥିଲା
ଲାଉ ଜନ୍ହି ମାଖନ୍ ସେମି ଡୁଡ୍କା ।

ସରାବନେଁ ହେଉଥିଲା କେତନିଁ ବର୍ଷା
ବନ୍ କଣ୍ଟା ଭରିଁ ଆସୁଥିଲା ନଏଦ୍ ବଢି ।

ସାତ ଦିନିଆଁ ଝକେରର୍ ବର୍ଷାର୍ ପାନିଁ
ଘର୍ ମାନକୁ ନାଇଁ ହେଉଥିଲା ବାହାରି ।

ପହ ପହ ନୁଁ ବହ ବୁହାସେନ୍ ଉଠି
ଦେଉଥିଲେ ଦୁଆରେ ଛେରା ପାନିଁ ।

ସକାଲ ପାହେଲେଁ ଘର ଚଟିଆର୍ ରଡି
ଗାଁଥି ହଉଥିଲା ନାଟ୍ ପାଲା ଆର୍ କାଠି ।

ବେଲ୍ ବୁଡିଗଲେ ସବକର୍ ଘରେଁ
ଜଳୁଥୁଲା ଲାଲଟିନ୍ ଡିବରି ବତୀ ।

ଶୁନବାର୍ କେ ମିଳୁଥୁଲା ରେଡିଓ ଥି
ଖବର ସାଙ୍ଗେ ହିନ୍ଦି ସମ୍ବଲପୁରୀ ଗୀତ୍ ।

ISSN NO.
2582-208X

ଗାଁର୍ ମଝା ଖୁଲିଁ ଭିଡିଓ ଦେଖା
ସକାଲ୍ ପୁହା ତକ୍ ପଟି ପାରିକରି ।

ରାଏତ୍ ବେଲିଆ ଶୁଭୁଥିଲା ଆଘୋ
ହୁଁଡାର କୁଲିହା ଫେକେର୍ କର ରଡି ।

ଖେତ୍ ଖଲା କେ ଲୋକ୍ ଯାଉଥିଲେ
ମହୁଲ ଚାର୍ ପତର୍ କାଠଝାଟି କରି ।

ଖେତେଁ ମିଲୁଥିଲା ଆଘୋ ବାଏଲ୍ ଛତି
ବିହିଡେନ୍ ସାଙ୍ଗେ ଭୁଦୋମହଲା ଛତି ।

ଗାଁ କେ ଆଏଲେ ବଡ୍ ମଟର୍ ଗାଡି
ଲୁକେ ଦେଖୁଥିଲେ କାବା ହେଇ ।

ବରଫ୍ ବାଲା ଗାଁକେ ଆଏଲେ ବିକି
ଛୁଆ ମାନେ ଯାଉଥିଲେ ଖେଜା ଧରି ।

ଆସୁଥିଲେ ଗାଁକେ କେତେ ସାଁପବାଲା
ଗୁଗୁନାଡିଆ ଡାଙ୍ଗଗଡା ଘୁଡକାନାଚ୍ ପାଟି ।

ଥିଲା ଛାଏନ୍ ଖପର୍ ମାଏଟ୍ ଘର୍
ଘରେଁ ଦୁଆରେଁ ଲିପୁଥିଲେ ଛୁଇ ଖଡ୍ ।

ଗାଁଥି ଥିଲେ ସବୁଘରେ ଗାଏ ଗୋରୁ
ଗାଁର ଖୁଇଲ୍ ହେଉ ଯାଉଥିଲା ପୁରନୁଁ ।

ISSN NO.
2582-208X

ଗାଁଥି ଥିଲା ହଲନଙ୍ଗଲ୍ ସଗଡ ଗାଡ଼ି
ଧାନ ମଡଉ ଥିଲେ ବୁଲେଁ ହଲଫାନିଁ ।

ଘରେ ଘରେ ଥିଲା ଧାନ୍ କୁଟା ଢେଁକି
ଖାଉଥିଲେ ଲୋକ୍ ଚଉଲ୍ ଧାନ୍ କୁଟି ।

ଡୁଲିର୍ ଆରିଁ ଝୋର୍ ନଲିଆର୍ ପାନିଁ
ମରୁଥିଲେ ଝୁରି ଚୁରିଆ ଧଉଁର୍ ଖେଲିଁ ।

ଛିଲୋଲାଇ ବାଟି କାଞ୍ଚିକୁଡି କେଲି
ଖେଲ୍ ଖେଲୁଥିଲେ ଗାଁର ମଝା ଖୁଲି ।

ସୋର୍ ପଡୁଛେ ସେ ଆଘୋର୍ ଗାଁର୍ କଥା
ସାଙ୍ଗସାଥି ସାଙ୍ଗେ ବନ୍ କଣ୍ଟାଥି ପହଁରା ।

ଏନ୍ତା ଥିଲା ମୋର୍ ଆଘୋର ଗାଁ ମାଟି
ସବୁ ଯାଉଛେ ଦିନୁଁ ଦିନକେ ମେଟିଁ ।

ବଗେଇବିର୍, ବରଗଡ଼
ମୋ: ୯୯୩୭୭୪୮୦୯୧

ISSN NO.
2582-208X

# ତୁମେ ଯେ ମୋର.....



ମମିତା ମେହେର

ଚୁଡ଼ି ବାଜୁଛି ତୋର ଛନ ଛନ ଛନ
ପାଏଝାଳ ବାଜୁଛି ତୋର ଛମ ଛମ ଛମ
ଗଣି ଗଣି ରାତି କଟୁଛି ତୋର ବିନା
ଦିନ ରାତି ତତେ ଖୁଜୁଛି ମୋର ନୟନା
ତୁ ପ୍ରଥମ ଦେଖାରେ ସାଥି
ନେଲୁ ମନକୁ ଚୋରେଇ.....
ହେଲି ତୋର ପ୍ରେମିକ ମୁଁ ଯେ
ଦୁନିଆ ରୁ ତତେ ରଖିବି ଲୁଚେଇ..
ମୋର ହାଥେ ତୋର ହାତ ଥାଉ
ଇ ବାଟ କେବେ ନେଇ ସରି ଯାଉ
ମୋର ଦିଲ ଭିତରେ ତୁଇ ଘର କଲୁ
ଯେନ ବାଟେ ଦେଖଲେ ତୁଇ ଦିଶଲୁ
ମୋର ମନର ମଇନା ନାଇଁ ଯିବୁ
ମତେ ଏକଲା କରି..
ତତେ କେଭେ ଗା ମୁଇ ନାଇଁ ପରେ ଭୁଲି
ତୋର ଲାଗି ମୁଇ ଗୋ
ମୋର ଲାଗି ତୁଇ
ଥିମା ଆମେ ଧନ ସବୁ ବେଳେ
ସାଥ ଜନମର ସାଥି ହେଇଁ

ତୁକୁଲା

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ପାଳବା ଆସ ଶିଶୁ ଦିବସ



ପ୍ରଦୀପ୍ତ କୁମାର ଦାସ

ପାଳିବା ଆସ ଶିଶୁ ଦିବସ ସଭିଏଁ ମିଳି ମିଶି
ଆମ ଖୁସିରେ ହସିବ ଧରା ହସିବେ ରବି ଶଶୀ,
ତୁଟିବ ସବୁ ବାଧା ବନ୍ଧନ ଫୁଟିବ ଖୁସି ଫୁଲ
ଭେଲକୁ ଆମେ ବିବେକ ବଳେ କରିଣ ଦେବା ଭଲ,
ଆଜି ଆମର ଚାଚାଜୀଙ୍କର ଶୁଭ ଜନମ ଦିନ
ପଡୁଛି ମନେ ତାଙ୍କରି କଥା ନାଚୁଛି ତନୁ ମନ,
ଥିଲେ ସେ ଜଣେ ମହତ ଜନ ସବୁରି ଅତି ପ୍ରିୟ
ଭାବିଲେ ଥରେ ତାଙ୍କୁ ନିଜର ଖୁସିରେ ଝରେ ଲୁହ,
ଗୋଲାପ ଫୁଲ ସରାଗେ ଯାଚି କହୁଥିଲେ ସେ ଗପ
ଗୁରୁଜୀ ସମ ଚେତାଉ ଥିଲେ ନକରିବାକୁ ପାପ,
ନଥିଲା ତାଙ୍କ ମନରେ ତିଳେ ଗରବ ଦମ୍ଭ ଘୃଣା
ହେଉ ନଥିଲେ କେବେ ହେଲେ ସେ ଧରମ ପଥୁ ବଣା,
ପ୍ରଧାମନ୍ତ୍ରୀ ଭାବରେ ସେତ ଅରଜି ଥିଲେ ଯଶ
ମମତା ବଳେ ଚଳାଉଥିଲେ ଏଇ ବିଶାଳ ଦେଶ,

ISSN NO.
2582-208X

ଆସରେ ଆସ ଭଉଣୀ ଭାଇ ଆସରେ ପ୍ରିୟ ସାଥୀ
କୋଟିଏ ସୁରେ ଗାଇବା ଆମେ ଜବାହରଙ୍କ ଗୀତି,
କରିବା ଆସ ମହତ କାମ ତାଙ୍କରି କଥା ମାନି
ହସିବ ଆମ ସାରା ଜୀବନ ନଥିବ କିଛି ଗ୍ଲାନି,
ଏତିକି ଏଇ ଶୁଭ ଦିବସେ ତାଙ୍କରି ପାଶେ ଅଳି
ଦିଅନ୍ତୁ ସିଏ ପ୍ରତି ପରାଣେ ପ୍ରୀତିର ଦୀପ ଜାଳି।

***

କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,ଯାଜପୁର
ପିନ୍ -୭୫୫୦୧୩/ ମୋ- ୮୫୯୪୮୮୫୮୯୮

ISSN NO.
2582-208X

# ଆଉ ଗୋପ ଫେରିବ କି ?



କୁମୁଦିନୀ ଘି

ପୁରୀ ସୁଆଣ୍ଡୋ ଗ୍ରାମରେ
ଭାର୍ଗବୀ ନଦୀର ତୀରେ
ପିଲାଟିଏ ଜନମିଲା;
ଦଇତାରୀ ଦାସ ବାପା
ସ୍ୱର୍ଣ୍ଣମୟୀ ଦେବୀ ମାତା
କୋଳ ମଣ୍ଡନ କଲା।

ସତସ୍ତରୀ ଅଠର ଶ
ନ' ଅକ୍ଟୋବର ମାସ
ପତିତ ପାବନ ଚାହିଁ;
ଗୋପବନ୍ଧୁ ନାମ ଦେଲେ
ଉଦ୍ଧାରିବ ପୁଅ କୂଳ
କେତେ ଆଶା ସ୍ୱପ୍ନ ନେଇ।

ବଡ ହେଲା ପୁଅ କେଡେ
ପାଠଶାଠ ପଢି ଧୀରେ
ଦେଶ ପରାଧୀନ ଥିଲା,
ବନ୍ୟା, ବାତ୍ୟା, ମହାମାରୀ

ISSN NO.
2582-208X

ରାଇଜକୁ ଗଲା  ଘେରି
ଯୁବ ଗୋପ  ସେବାକଲା।

ଲେଖିଲା କବିତା କେତେ
ଭାଷଣେ କହିଲା ସେତେ
ଦେଶକୁ କର ସ୍ୱାଧୀନ;
ପୀଡିତ ଲୋକଙ୍କ ସେବା
ପାଇଁ ମନ ପ୍ରାଣ ଦେବା
ଜୀବନ ହୋଇବ ଧନ୍ୟ।

ଲଢ଼ିଲା କେତେ ଲଢେଇ
ଅହିଂସା ଅସ୍ତ୍ରଟି ନେଇ
କାରାଗାରେ ଦିନଗଲା;
ସେବାକୁ ଜୀବନ ବ୍ରତ
କରି ଛାଡ଼ିଗଲା ପୁତ୍ର
ତା' ଜୀବନ ଜର ନେଲା।

ଜମା ପଚାଶ ବରଷ
ବଞ୍ଚି ଗୋପବନ୍ଧୁ ଦାସ
କର୍ମରେ ଅମର ଆଜି;
ଭାରତ ମାଟିର ପୁଏ
ଉତ୍କଳମଣିଟେ କିଏ
ପାଇବ କି ଆଉ ଖୋଜି।

ଊନବିଂଶ ଅଠେଇଶ
ନ ତାରିଖ ଜୁନମାସ

ISSN NO.
2582-208X

ମହାନାୟକଙ୍କ ଆଖି;
ବନ୍ଦ ହେବା ଦେଖି ଜାତି
ବାହୁନିଲା ପିଟି ଛାତି
ଆଉ ଗୋପ ଫେରିବ କି ?

ଅଷ୍ଟମ ଶ୍ରେଣୀ,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ, କଳାହାଣ୍ଡି

ISSN NO.
2582-208X

# ଏକଥା ଭୁଲିବା ନାହିଁ



ନୀଳମଣି ଗୁନ୍ଦ

ଜୁଳୁଜୁଳିଆଟି ଟର୍ଚ୍ଚ ଧରି
ଯଦି ଯାଉଛିରେ ଶିକାର କରି
ତାକୁ କରିଦିଅ ମନା
ଶିକାର କରିବା ଏବେରେ ବନ୍ଦ
ନାହିଁ କି ଏକଥା ଜଣା ?

ବଣରେ ରହନ୍ତି ପଶୁ ଓ ପକ୍ଷୀ
ଯିଏରେ କରନ୍ତି ଶିକାର ଛକି
ଦଣ୍ଡଟି ପାଉରେ ସିଏ
ଶିକାର କରିବା ହୋଇଛି ମନା
ଦିଏ ମୁଁ ଜଣେଇ ଦିଏ ।

ଶୁଣି ହସିଦେଲା ସେ ଆମ କଥା
ବୁଝିଗଲା ପରି ହଲେଇ ମଥା
କହିଲା ଆସିଲେ ରାତି
ବାଟୋଇ ଭାଇକୁ ଦେଖାଏ ବାଟ
ସତେ ହୋଇ ତା'ର ସାଥୀ ।

ISSN NO.
2582-208X

ଶିକାର ଫିକାର ଜାଣେନା ମୁହିଁ
ଆକାଶରେ ଉଡ଼େ ଛୁଏଁନା ଭୂଇଁ
ମୁଁ ଗୋଟେ ଛୋଟିଆ ଜୀବ
ଦେଇଛନ୍ତି ପ୍ରଭୁ ଆଲୋକ ଟିକେ
ମୋତେ ଦେଖି ବୁଝିଯିବ ।

ସାନ ହେଉ ପଛେ ବଡ଼ ତା କାମ
ସେମିତି ମନଟି ରହୁରେ ଆମ
କାମ କରି ଅନ୍ୟ ପାଇଁ
ଦୁନିଆରେ ରଖିଯିବାରେ ଯଶ
ଏକଥା ଭୁଲିବା ନାହିଁ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ସମୀକ୍ଷା



ଦେବଯାନୀ ସ୍ୱାଇଁ

## ବେଦାନ୍ତୀ - ଅକ୍ଟୋବର

ଗାଢ଼ ନୀଳ ଓ ବଙ୍ଗୁରିଆ ଆଭା ଯୁକ୍ତ ଛୋଟ ଛୋଟ ବ୍ଲୁବେଲ୍ (Bluebell) ଫୁଲରେ ସଜେଇ ହେଇଛି ଏଥରକ ଆମ ପ୍ରିୟ "ବେଦାନ୍ତୀ"। ରାତିର ଆଲୋକରେ ଫୁଲ ଗୁଡିକ ଏମିତି ଏକ ଅଦ୍ଭୁତ ସୌନ୍ଦର୍ଯ୍ୟ ସୃଷ୍ଟି କରିଛନ୍ତି, ମନେ ହେଉଛି ସତେ ଯେମିତି ପ୍ରକୃତି ରାଣୀ ଆକାଶରୁ ମୁଠାଏ ତୁନା ତାରା ଆଣି ବିଞ୍ଚି ଦେଇଛି ମେଘ ଝରି ସବୁଜ ଘାସର ଗାଲିଚା ଉପରେ !!

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ପବିତ୍ର ଦଶହରା ପର୍ବର ଶୁଭେଚ୍ଛା ଜଣାଇବା ସହିତ ପର୍ବପର୍ବାଣୀର ନୈତିକ ତଥା ସାମାଜିକ ମୂଲ୍ୟବୋଧ ଉପରେ ଦୃଷ୍ଟିପାତ କରିଛନ୍ତି।

ଭିତର ପୃଷ୍ଠାରେ ସବୁଥର ପରି ଅସଂଖ୍ୟ ଆଲେଖ୍ୟ। ୫୦୦ ପୃଷ୍ଠା ବିଦିତ ଆଲେଖ୍ୟ ଗୁଡିକର ସଂଖ୍ୟା ବର୍ଦ୍ଧିତ ହେଇ ଏଥରକ ୬୦୦ ପୃଷ୍ଠାରୁ ଉର୍ଦ୍ଧରେ ପହଞ୍ଚି ଯାଇଛନ୍ତି।

ISSN NO.
2582-208X

ପ୍ରଥମ ଲେଖା "ଶାକ୍ତ ଧର୍ମର ମୂଳ ଉତ୍ସ : ଦେବୀଦୁର୍ଗା"। ଧାରାବାହିକ ଗଳ୍ପ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ସୁମାତ୍ରାରୁ କିଛି ଯାତ୍ରୀ ଙ୍କ ସହିତ ଏକ ଛୋଟ ବୋଟ ଭାସି ଆସିଥିବାର ଚାଞ୍ଚଲ୍ୟ ଖେଳି ଯାଇଛି। ଅତ୍ୟନ୍ତ ସ୍ନେହୀ, ସହଯୋଗୀ ତଥା ସମାଜ ସେବୀ "ସୁଲୋଚନା ଭାଉଜ"ଙ୍କ ଶ୍ରାଦ୍ଧ ବାର୍ଷିକୀ ସମାରୋହରେ ଲେଖିକାଙ୍କ ସ୍ମୃତିପୂର୍ବକ ଶ୍ରଦ୍ଧାଞ୍ଜଳି ଆଉ "ହୋସିୟାରପୁର ଡାଇରୀ"ରେ ରହିଛି ଲେଖକଙ୍କ ଜୀବନର କିଛି ଅଭୁଲା ସ୍ମୃତି। "ଲଳିତ ନିବନ୍ଧ- ତାରୁଣ୍ୟର କୋଳାହଳ", ସୁନ୍ଦର ଉପସ୍ଥାପନା "ଦଶଭୁଜାଙ୍କ ଦଶ ଆୟୁଧ"।

ଧାରାବାହିକ "ମାଣ୍ଡବୀ"ରେ ଶିବଧନୁ ଭାଙ୍ଗିବାର ପ୍ରତିଯୋଗିତା, "ଗ୍ରହରାଜ ବୃହସ୍ପତି"ଙ୍କ ବିଷୟରେ କିଛି ଶିକ୍ଷା। ଭ୍ରମଣ କାହାଣୀ "କେବେ କେରଳ ତ କେବେ ଅରୁଣାଚଳ"ରେ ପୁମ୍ପୁହର ନଗରୀର ଅମର ଗାଥା। "ଶ୍ରୀକ୍ଷେତ୍ରରୁ ଶାବର ଶ୍ରୀକ୍ଷେତ୍ର"ର ଇତିହାସ। ଏମିତି ଏମିତି ରହିଛି ଆମ ଐତିହ୍ୟ, ସଂସ୍କୃତି, ଜନଜାତିର ଅନେକ ରହସ୍ୟ ଭରା କଥା ଏବଂ ବହୁ ବିଶିଷ୍ଟ ଲେଖକ ଲେଖିକାଙ୍କ ସୃଷ୍ଟି ସୃଜନୀର ପାଠକ ସମୀକ୍ଷା ଓ ଆଲୋଚନା। ଶେଷରେ ଭାଗବତ କଥା।

କବିତାର ପ୍ରାରମ୍ଭରେ ମଧ୍ୟ ଦୁର୍ଗତୀ ନାଶିନୀ ମା' ଦୁର୍ଗାଙ୍କର ପୂଜା ବନ୍ଦନା- "ଆସ ମା ଦଶଭୁଜା"। "ମା ଆସୁଛି"ର "ଶୁଭ ସୂଚନା", "ବିଜୟା ଦଶମୀ", "ଶାରଦୀୟ ଦୂର୍ଗା ମାଁ", "ମା କଟକ ଚଣ୍ଡୀ" ଭଳି ରହିଛି "ଶାରଦୀୟ ମହୋତ୍ସବ"ର ଅନେକ ଗୁଡିଏ କବିତା।

"ସାପକୁ କ୍ଷୀର ପିଆଇ ପାଳିଲେ...", ସର୍ବନାଶ ଯେ ହେବ ନିଶ୍ଚୟ ଦିନେ। "ମନ ମରିଯାଏ" ଦିନ ସରିଯାଏ, ମନର ଘା' ଟା ଶୁଖିବାକୁ ହେଲେ "ସାଥିଟିଏ" ପରା ଚାହୁଁଥାଏ।

କେତେବେଳେ "ସନେଟ୍...ବରଦାୟୀ ପ୍ରକୃତି" ତ କେତେବେଳେ "କାରୁବାକୀ"ର ଲୁହବୋଳା ଧଉଳି ପୁଣି "ସେଇ ବର୍ଣାଳୀ କାଇଁଚ ମାଳି....",

ISSN NO.
2582-208X

ସବୁଠି କେବଳ "ଶିଳ୍ପୀ ଓ କବି"– ଯିଏ କଳ୍ପନାର ସୌଦାଗର, ପରଶେ ଯାହାର ଗଢ଼ି ଉଠେ କେତେ ଯେ ରୂପସୀ ଲାବଣ୍ୟବତୀ।

"ଏହିତ ଭାରତ ଭୂଇଁ !"– ଅହିଂସାର ଜ୍ଞାନ ଶାନ୍ତିର ମନ୍ତ୍ରର ଜାତିଭେଦ ନାହିଁ ଯହିଁ। ମାତୃଭୂମି ଆଉ ମାତୃଭାଷ ଅଟଇ ଯେ "ସ୍ରଷ୍ଟାର ଅଭିଳାଷ", "ଭାଷା ଯୁଦ୍ଧ" କରି ଭାଷା ମାଆକୁ କରନାହିଁ ଖଣ୍ଡ ବିଖଣ୍ଡ -କଳିଙ୍ଗ, ତୋଷାଳୀ, କଙ୍ଗୋଦ, କୋଶଳ, ସଭିଏଁ ତ ଓଡ୍ର ଭୂଖଣ୍ଡ।

"ଦିବ୍ୟ ଅଳଙ୍କାର ଅଟଇ ହସ", "ସମ୍ପର୍କ ରଜ୍ଜୁରେ ବନ୍ଧା ମଣିଷ", ପରିବର୍ତ୍ତନ ହିଁ "ସୁନ୍ଦରତା ଜୀବନର....!!!"

"ପରିଚୟ" ଟିକେ ପାଇବା ପାଇଁକି ମଣିଷ ହୁଅଇ କେତେ ଯେ ସ୍ୱାଭିମାନୀ, ସେଥିଲାଗି ଏବେ ମାନବ ଜାତିକୁ ଗ୍ରାସିଛି "ଆତ୍ମହତ୍ୟାର ମହାମାରୀ"। "ଯା' ମନ ଯେପରି", ସେହି ରୂପେ ତାକୁ ମିଳଇ ହରି।

"ମୁଁ ଭଲପାଏ" ତୁମକୁ ନିସର୍ଗ, "ତୋ ଆଖିରେ ଦେଖେ ଅନେକ ଛବି", "କେବେ ତୁମେ" ମରିଚିକା ତ କେବେ ତୁମେ ପୁଣି ଫୁଲକଢ଼ି।

"ନାରୀ"– ଏକ ଶବ୍ଦ, "ଶବ୍ଦକୋଷର ଆଇନା"ରେ ମିଳେନାହିଁ ନାରୀ ପାଇଁ ବ୍ୟବହୃତ କେତୋଟି କୁତ୍ସା ରଚିତ ପୁରୁଷ ପ୍ରତିବିମ୍ବ ଶବ୍ଦ। ମୁଦମରା "ଅମୁହାଁ ଦେଉଳ" ଭିତରେ କିଏ ଜାଣେ ଅଛି କେଉଁ ଦିଅଁ, ଏଠି ତ "ସମସ୍ତେ ସ୍ୱାର୍ଥରେ ଅନ୍ଧ"।

"ଯୁଗ ଯୁଗରୁ ରହି ଆସିଥିବା ଆଦର୍ଶ "ଗୁରୁ- ଶିଷ୍ୟ ସମ୍ପର୍କ" ଆଜି ହେଲାଣି କଳୁଷିତ, ତେଣୁ "ହେ ଶିକ୍ଷକ"– ତୁମେ ସାରଥୀ ଅଟ ଆସନ୍ତା କାଲିର, ମାର୍ଜିତ କର ନିଜ ବଚନ, କର୍ମ ଓ ଆଚରଣ। "ଆସିଗଲା ଦୀପାବଳୀ" କବିତା ପଢ଼ି ଆସ ସମସ୍ତେ ଗାଇବା ଆମେ ଜୟ ଜୟ ମହାକାଳୀ।

ISSN NO.
2582-208X

ଆଞ୍ଚଳିକ ବିଭାଗରେ ଏଥରକ ଭାବର୍ ତିହାର୍ ନୂଆଖାଇ ପରବର ଲେଖା ପସରା।

ସ୍ୱାସ୍ଥ୍ୟବିଭାଗରେ ରହିଛି "ଠିକ୍ ସମୟରେ ଚାଲିବା ଓ ଦୀର୍ଘାୟୁ ଜୀବନ"।

ଶିଶୁବିଭାଗରେ "ପିମ୍ପୁଡି" ଏବଂ "ଜେଜେମା ଥିଲା ଘର ବଇଦ" ଭଳି ଶିକ୍ଷଣୀୟ କବିତା ସହିତ ଶିଶୁ ଲେଖିକାଙ୍କ "ମୋ ସ୍ୱପ୍ନର ଓଡିଶା ୨୦୩୬" ଏକ ସୁନ୍ଦର ଆଲେଖ୍ୟ।

ଶେଷରେ ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ମା ଗଜଲକ୍ଷ୍ମୀଙ୍କ ପୂଜା ତଥା ଓଡିଆ ଘର ଝିଅ ମାନଙ୍କ ଏକ ପ୍ରାମାଣିକ ପର୍ବ, କୁମାରୋତ୍ସବ ପର୍ବ ଏବଂ ଆଲୋକର ପର୍ବ ଦୀପାବଳି। ଆସନ୍ତୁ ତାହାଲେ ସମସ୍ତେ ମିଶି ଘରେ ଘରେ ଦୀପ ଜାଳି ଦିପାବଳୀ ପର୍ବକୁ ପାଳନ କରିବା। ଦୀପମାଳାର ଏହି ଆଲୋକରେ ସମସ୍ତଙ୍କ ଘର ଓ ହୃଦୟ ଖୁସିରେ ଆଲୋକିତ ହେଉ, ଅନ୍ଧକାର ରୂପି ଦୁଃଖ ଓ ଦୂର୍ଭାଗ୍ୟ ନିଃଶେଷ ହେଉ, ପ୍ରତି ଦିନ ହେଉ ଏକ ନୂଆ ଆରମ୍ଭ ଓ ନୂଆ ସଫଳତାର ଆଶା।

ଜୟ ବେଦାନ୍ତୀ, ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୧୧/୨୦୨୫ | ଦେବୋତଥାପନ (ବଡ) ଏକାଦଶୀ, ଭୀଷ୍ମ ପଞ୍ଚକ ବ୍ରତ, ରବି ନାରାୟଣ ବ୍ରତ, ଗରୁଡ ଦ୍ୱାଦଶୀ, ତୁଳସୀ ବିବାହ |
| ୦୪/୧୧/୨୦୨୫ | ବଡଓଷା |
| ୦୫/୧୧/୨୦୨୫ | ଭାସ ପୂର୍ଣ୍ଣିମା, ବାଲିଯାତ୍ରା, କାର୍ତ୍ତିକେଶ୍ୱର, କାର୍ତ୍ତିକ ବ୍ରତ ସମାପନ |
| ୦୬/୧୧/୨୦୨୫ | ଛାଡଖାଇ ମାର୍ଗଶୀର ଗୁରୁବାର |
| ୦୯/୧୧/୨୦୨୫ | ସୀତା ବିବାହ |
| ୧୨/୧୧/୨୦୨୫ | ପ୍ରଥମାଷ୍ଟମୀ |
| ୧୩/୧୧/୨୦୨୫ | କାଞ୍ଜିଅଁଳା ନବମୀ, ମାଣବସା ଗୁରୁବାର |
| ୧୪/୧୧/୨୦୨୫ | ଶିଶୁ ଦିବସ |
| ୧୬/୧୧/୨୦୨୫ | ବିଛା ସଂକ୍ରାନ୍ତି, କାର୍ତ୍ତିକେୟ ପୂଜା |
| ୨୦/୧୧/୨୦୨୫ | ମହୋଦଧି ଅମାବାସ୍ୟା |
| ୨୧/୧୧/୨୦୨୫ | ଦେବ ଦୀପାବଳି ସମାପ୍ତି |
| ୨୩/୧୧/୨୦୨୫ | ରମ୍ଭା ତୃତୀୟା |
| ୨୭/୧୧/୨୦୨୫ | ମାଣବସା ଗୁରୁବାର |
| ୨୯/୧୧/୨୦୨୫ | ଶରଣ ଶେଷ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅକ୍ଟୋବର ମାସର ବିଜେତାଙ୍କ ନାମ



ISSN NO.
2582-208X

କର ଏବେ ଗଛର ରକ୍ଷା
ସୁନିଶ୍ଚିତ କର ନିଜ ଭବିଷ୍ୟତର ରକ୍ଷା
ଗଛ ଲଗାଇଯିବା ଆଉ
ପରିବେଶକୁ ସ୍ୱସ୍ଥ୍ୟ କରିବା

ବିଜେତା
ଚନ୍ଦନ ମିଶ୍ର, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com
/editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ । ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳନ୍ତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**